ରସ ପ୍ରସଙ୍ଗ ଓ ଓଡ଼ିଆ ସାହିତ୍ୟ

କରୁଣ ରସ : ପ୍ରଥମ ଭାଗ
ଚତୁର୍ଥ ଖଣ୍ଡ

ସଂପାଦନା - ଡକ୍ଟର ଦୁର୍ଯ୍ୟୋଧନ ଦାସ
ଡକ୍ଟର ସାବିତ୍ରୀ ଦାସ

Digitized by srujanika@gmail.com

ରସ ପ୍ରସଙ୍ଗ ଓ ଓଡ଼ିଆ ସାହିତ୍ୟ

ଚତୁର୍ଥ ଖଣ୍ଡ

କରୁଣ ରସ ବିଶେଷାଙ୍କ : ପ୍ରଥମ ଭାଗ

ସଂପାଦନା - ଡକ୍ଟର ଦୁର୍ଯ୍ୟୋଧନ ଦାସ
ଡକ୍ଟର ସାବିତ୍ରୀ ଦାସ

ସ୍ୟମନ୍ତକ ପ୍ରକାଶନୀ, କଲେଜ ଛକ, ଭଦ୍ରକ

Digitized by srujanika@gmail.com

ରସ ପ୍ରସଙ୍ଗ ଓ ଓଡ଼ିଆ ସାହିତ୍ୟ : ଚତୁର୍ଥ ଖଣ୍ଡ—କରୁଣ ରସ ବିଶେଷାଙ୍କ—ପ୍ରଥମ ଭାଗ : ସମ୍ପାଦନା ଡକ୍ଟର ଦୁର୍ଯ୍ୟୋଧନ ଦାସ, ଡକ୍ଟର ସାବିତ୍ରୀ ଦାଶ, ପ୍ରକାଶିକା : ଶ୍ରୀମତୀ ସବିତା ଦାସ, ସ୍ୟମନ୍ତକ ପ୍ରକାଶନୀ, କଲେଜ ଛକ, ଭଦ୍ରକ ' ପ୍ରଚ୍ଛଦ—ଶ୍ରୀ ପ୍ରହ୍ଲାଦ ବେହେରା । ପ୍ରଥମ ପ୍ରକାଶ : ୧୯୯୫ : ମୂଲ୍ୟ—ପଞ୍ଚତିରିଶ ଟଙ୍କା

Rasa Prasanga O' Odia Sahitya Vol. IV KARUNA RASA—Part-I : Edited by Dr. Duryodhan Das and Dr. Sabitri Dash : Published by—Smt. Sabita Das, Syamantaka Prakasani, College chhak, Bhadrak, Orissa, India. Cover Design—Sri Prahallad Behera : First Edition 1995, Price : Thirty five only.

Digitized by srujanika@gmail.com

ଗବାକ୍ଷ ବଶ୍ୱାସୀ

ଚିତ୍ତରଞ୍ଜନ ଦାସଙ୍କୁ

ସ୍ୟମନ୍ତକ ପରିବାର

Digitized by srujanika@gmail.com

ସୂଚୀପତ୍ର

ମୁଖବନ୍ଧ : ଶୋକର ସହର, ଦୁଃଖ ଦରବାର — କ

ଚିତ୍ତରଞ୍ଜନ ଦାସ : କରୁଣ, କାରୁଣ୍ୟ ଓ କରୁଣା — ୧

ଡକ୍ଟର କିଶୋର ଚନ୍ଦ୍ର ମିଶ୍ର : ଭାରତୀୟ ଆଳଂକାରିକ ଅବବୋଧରେ କରୁଣରସ — ୭

ଡକ୍ଟର ହରେକୃଷ୍ଣ ମେହେର : ସଂସ୍କୃତ ସାହିତ୍ୟରେ କରୁଣ ରସ — ୧୭

ଡକ୍ଟର ଜାନକୀବଲ୍ଲଭ ମହାନ୍ତି : ପ୍ରାଚୀନ ଓଡ଼ିଆ ଗୀତି କବିତାରେ କରୁଣ ରସ — ୪୯

ଶାନ୍ତନୁ କୁମାର ସର : ପାଶ୍ଚାତ୍ୟ କାବ୍ୟ ତତ୍ତ୍ୱରେ ଟ୍ରାଜେଡ଼ି — ୫୦

ଡକ୍ଟର ଦୁର୍ଯ୍ୟୋଧନ ଦାସ : ବିଷାଦର ବୈଜ୍ଞାନିକ ବିଭବ — ୬୩

ଅନନ୍ତ କିଶୋର ଜେନା : ଓଡ଼ିଆ ଲୋକଗୀତରେ ଅଶ୍ରୁ — ୮୫

ଡକ୍ଟର ତୀର୍ଥାନନ୍ଦ ମିଶ୍ର : ଓଡ଼ିଆ କୃଷ୍ଣ କାବ୍ୟରେ ଅଦୂର ପ୍ରବାସ ଜନିତ ବିପ୍ରଲମ୍ଭ ଶୃଙ୍ଗାର — ୯୯

ଡକ୍ଟର ନିଗମାନନ୍ଦ ବେହେରା : ଆଧୁନିକ ଓଡ଼ିଆ କାବ୍ୟରେ କରୁଣରସ ପ୍ରବାହ — ୧୨୬

ଡକ୍ଟର ପୁରୁଷୋତ୍ତମ ନାୟକ : କବିତା ଓ ନୈରାଶ୍ୟବାଦ — ୧୪୧

ପୃଷ୍ଠବନ୍ଧ

ଡକ୍ଟର ଗୌରାଙ୍ଗ ଚରଣ ଦାଶ : ଶୋକ ସିନ୍ଦୂକର ସ୍ମୃତି — କ

Digitized by srujanika@gmail.com

ମୁଖବନ୍ଧ :

ଶୋକର ସହର : ଦୁଃଖ ଦରବାର

ଶୋକର ସହର—କାରୁଣ୍ୟ ଏକ ଅନୁଭବବୋଧ । ନାଡ଼ି ନାଡ଼ିର ନିଗୁଟିଆ ଅଭିଜ୍ଞତା । ସେ ଅନୁଭବବୋଧ ମନରେ କିମ୍ବା ଧନରେ । ନିଗୁଟିଆ ଗୁଣ ମାଧମକୁ, ଅଥବା ମସୁଧାକୁ ନେଇ । ଯାହା ହେଲେବି ତାହା ଲକ୍ଷେ ଅର୍ଜିଲେ ପକ୍ଷେ ନ ଗୋଡ଼େଇବାର ଦୁରବସ୍ଥା । ନଈ ନ ଦେଖୁଣୁ ଲଙ୍ଗଳା ହୋଇପଡ଼ିବାର ଉଚ୍ଛନ୍ନ-ପଣିଆଁ । ଘର ଠିଙ୍କି କୁମ୍ଭୀର ହୋଇଯିବାର ଆଶଙ୍କା । ବିଷ କୁମ୍ଭ ପୟୋମୁଖ ବିଚିତ୍ର ବିଭାବନା ।

ସାହିରେ ସାହିରେ ଶୋକର ସମାଚାର । ଘରେ ଘରେ ବିଷାଦର ବାଜାଣୁ । ମାଦଳ ହୋଇଯାଉଛି ଅବସ୍ଥିବ । ମୁଣ୍ଡା ହୋଇଯାଉଛି ମେଧା । ଦୁକୁ ଦୁକୁ ହେଉଛି ଜୀବନ । ନିର୍ବୋଧମାନେ ଧର୍ମ-ପଙ୍କ-ପଚ ପଚ ପୁଣ୍ୟ ପୋଖରୀରେ ସ୍ନାନରତ । କୂଳରେ ରାଜନୀତିର ବୁଢାବାଘ ସୁବର୍ଣ୍ଣ କଙ୍କଣ ଧରି ଅପେକ୍ଷା କରିଛି । କଙ୍କଣ ଯାଚିବା ଓ ପାଇବାରେ ପ୍ରତିଯୋଗିତା । କାଦୁଅକୁ ପଶିବାକୁ ଠେଲାପେଲା—ଉଠିବାକୁ ଭିଡା-ଓଟରା । ପଛରେ ପଡିଗଲେ କ୍ଷତି, ଆଗକୁ ବଢ଼ିଲେ କ୍ଷତ । ମୃତ୍ୟୁ ଓ ଯନ୍ତ୍ରଣାର ପିଚୁଳା ପାଲଟିଯାଉଛି ମଣିଷ ବିଷସ୍ତରେ ବିପଣୀରେ । ସମସ୍ତ ନୂଆ ନୂଆ ଫରମାସ ନେଇଆସୁଛି ବଜାରକୁ ଏବଂ ମଣିଷର ଦର କଷୁଛି ସମସ୍ୟାର ନିକିତିରେ ।

ସାମସମୟିକ ଦୁଃଖର ବହୁ ତାତ୍ତ୍ୱିକ ଓ ବ୍ୟାବହାରିକ ବିଶ୍ଳେଷଣ ହୋଇଛି । ତା'ର କାରଣ, ପ୍ରଭାବ ଓ ନିରାକରଣ ସମ୍ବନ୍ଧରେ ନାନା ତର୍କ, ତଥ୍ୟ ଓ ଉପଚାରର

Digitized by srujanika@gmail.com

ଇମାରତ ଗଢ଼ିଉଠିଛି । ତଥାପି ବିଜ୍ଞାନ ଦୁଃଖକୁ ଠିକ୍ ଚିହ୍ନି ପାରିନାହିଁ । ସମସ୍ୟାଚ୍ଛନ୍ନ ପ୍ରତ୍ୟେକ ସୋପାନରେ ପର୍ଯ୍ୟାପ୍ତ ଆଲୋକପାତ କରି ତାର ଅସଲ ଚେହେରାକୁ ଦେଖେଇ ପାରିନାହିଁ । ଯନ୍ତ୍ରଣା-ଜଙ୍ଗଲର ଯାତ୍ରା ଶେଷହେବାର ସୂଚନା ବି ମିଳୁନାହିଁ ।

ଦୁଃଖ ଏବେ ବ୍ୟକ୍ତିର ଅଧିକାର ବାହାରେ ସାର୍ବଜନୀନ ସମ୍ପତ୍ତିରେ ପରିଣତ ହୋଇଛି । ବ୍ୟକ୍ତିକ ଉଦାସୀନତାରେ ଭରିରହିଛି ଆଞ୍ଚଳିକ ଅଭିମାନ । ପାରିବାରିକ ଅବଶୋଷରେ ପ୍ରତିଫଳିତ ହେଉଛି ପ୍ରାଦେଶିକ ପ୍ରରୋଚନା । ସର୍ବୋପରି ରାଷ୍ଟ୍ରୀୟ ସନ୍ତାପରେ ମୁହ୍ୟମାନ ହୋଇପଡୁଛି ଦଳମତ, ଜନ ବିଶ୍ୱାସ, ପ୍ରଥା ଓ ଲୋକାଚାର ।

ବର୍ଣ୍ଣ ବୈଷମ୍ୟର ଶାଗୁଣା ବସିଛି ସମାଜ ଉପରେ । ଜୀବନ ଥାଉଁ ଥାଉଁ ଝୁଣିନେଉଛି ରକ୍ତ ମାଂସ । ସାମ୍ପ୍ରଦାୟିକତାର ବଳାତ୍କାରରେ—ଅପବିତ୍ର ହୋଇ-ଯାଉଛି ମାନବୀୟ ସଂହତି ଓ ପାରମ୍ପରିକ ଅନୁଶାସନ । 'ଜାତି' ସହିତ ଏବେ ମୁହାମୁହିଁ ହୋଇ ଠିଆହୋଇଛି 'ଯୋଗ୍ୟତା' । ଧର୍ମବିର ହୋଇ ଆସିଥିବା ଜାତିବାଦୀଙ୍କ ଜକ ଜକ ପୋଷାକ ଉପରେ ପ୍ରତିଭାର ଗଳିତ ଏବଂ ଜ୍ଞାନର କଙ୍କାଳ ମହ ମହ ବାସୁଛି । ସେମାନଙ୍କ ହାତରେ ସିଦ୍ଧାନ୍ତକୁ ଟେକିଦେଇ ଚନ୍ଦ୍ରଶେଖରମାନେ ନର୍ବାଚନୀ ଭୂତ-କେଳିରେ ବିଭୋର ଅଛନ୍ତି । ସିଂହାସନ ସେମାନଙ୍କର ବନ୍ଧା ପଡ଼ିଯାଇଛି 'ସଂରକ୍ଷଣ'ର ଭୋଟ୍‌ବାକ୍ସ ନିକଟରେ । ସଂସଦରେ କେବଳ ସହସ୍ର ବନସ୍ପତିର ଗହଣରେ ଏରଣ୍ଡକୁ ଦ୍ରୁମରେ ପରିଣତ କରିବାର ଖସଡ଼ା ପ୍ରସ୍ତୁତ ହେଉଛି । ଜଳୁଛି ଆତ୍ମାହୁତିର ନିଆଁ । ଭାସୁଛି ଦଧୀଚିର ଶବ । ଶୋକାର୍ତ୍ତ ସଂବିତ୍—ମଥିତ ମନୀଷା—ଉପଦ୍ରୁତ ଉତ୍ସାହ । ଶିକ୍ଷା ଓ ଯୋଗ୍ୟତାର ଉତ୍ସର୍ଗ ହାଡ଼ରୁ କେବେ କେଉଁଠି ବଜ୍ର ଜନ୍ମନେବ କହି ହେଉନାହିଁ । ହୁଏ ତ ସେତେବେଳେ ନଥିବ କ୍ଷୋଭର ପନ୍ଥାଆର, ଥିବ ଖାଲି ଶ୍ମଶାନ-ଶ୍ମଶାନ ଶୋକର ସହର; ଆଉ ଧୂଆଁ ଓ ବାରୁଦ ଗନ୍ଧରେ କ୍ଷତ ବିକ୍ଷତ ହୋଇ ସଢ଼ିପଡୁଥିବା ସାମ୍ୟବାଦର କବନ୍ଧ ।

ସମୃଦ୍ଧ ଦେଶମାନଙ୍କରେ ଯନ୍ତ୍ରଣା କିଣା ବିକାର ବଜାର ଖୋଲିଲଣି । କମ୍ ଭଡ଼ାରେ ଜରାୟୁ ମିଳୁଥିବାରୁ ଧନୀ ମହିଳାମାନେ ଗର୍ଭବେଦନା ଓ ପ୍ରସବ କଷ୍ଟ ସହିବାକୁ ଅତ୍ୟନ୍ତ ନାରାଜ । ସେମାନଙ୍କ ଦୁଃଖ ଲାଘବପାଇଁ ଗରିବ ଶ୍ରେଣୀର ସ୍ତ୍ରୀଲୋକମାନେ ବି ଭିଡ଼ ଜମେଇଲେଣି । ପ୍ରକୃତ ମା' ଭ୍ରୂଣଟିଏ ଦେଇ ମଉଜ ମଜ୍‌ଲିସରେ ମଜଗୁଲ ରହି ଦଶମାସ ପରେ ନିଖୁଣ ଶିଶୁଟିଏ ପାଉଛି । ଗର୍ଭଧାରଣୀ (Surroget mother) ବିନା ଦ୍ୱିଧାରେ ବିଶେଷଜ୍ଞଙ୍କ ପରାମର୍ଶ କ୍ରମେ ଔଷଧ, ବିଶ୍ରାମ ଓ ଯନ୍ତ୍ରଣାର ବିନିଯୋଗ-କରି ଶିଶୁଟିଏ ଜନ୍ମଦେଉଛି । ଗର୍ଭରେ ଥିବାଯାଏ ଅଜାଡ଼ି ହୋଇପଡୁଛି ବିଶ୍ୱାସ ଓ ସ୍ନେହ ନାଡ଼ କଟିଲାପରେ ଦୋଟିଆସୁଛି ସମ୍ପର୍କହୀନ ନିରସକ୍ତ ବିସ୍ମୃତି । ଏପରି ବୌଦ୍ଧିକ ସଂସ୍କାର ହିଁ ଯନ୍ତ୍ରଯୁଗର ବୈଶିଷ୍ଟ୍ୟ । ପୁଣି ଅଂଗ ଶ୍ରେଣୀର ଚହଲପଡ଼ୁଛି

Digitized by srujanika@gmail.com

ସରୁଆଡ଼େ । ଏକା ଏକା ଡାକ୍ତରଖାନା ଯିବାକୁ ଡରମାଡ଼ିଲଣି । କେବେ କାହାର ଆଖି ଉଡ଼ା ହୋଇଯିବ ତ କାହାର କିଡ୍‌ନି କଟା ହୋଇଯିବ କହି ହେବନାହିଁ । ଡାକ୍ତରଙ୍କ ପ୍ରତି ଆରୋପିତ ଏହି ଅଭିଯୋଗର କିଛି ସତ୍ୟତା ଥାଉ ବା ନଥାଉ ଏହା ନିଶ୍ଚିତ ଯେ ରୁଗ୍‌ଣ ଅଚଳ ଅଙ୍ଗ ବଦଳରେ ସୁସ୍ଥ ଅଙ୍ଗ ରୋପଣର ଗୁହିଦା ବଢି ବଢି ଗ୍ଲଲିଛି । ପୁରୁଣା ଗାଡ଼ିରେ ନୂଆ ଇଞ୍ଜିନ ପକାଇ ଗାଡ଼ିକୁ ଟିପ୍‌ଟପ୍ କରିବାର ଝୁଙ୍କ୍- ନେଇ ପଇସାବାଲାଏ ଅକାମୀ ହୋଇପଡୁଥିବା ଅଙ୍ଗ ପ୍ରତ୍ୟଙ୍ଗର ଅଦଳ ବଦଳରେ ମନୋନିବେଶ କଲେଣି । ଅଙ୍ଗ ରୋପଣ ଜନିତ ବିପଦ ଦାୟିତ୍ୱ ସାଙ୍ଗକୁ ଆନୁସଙ୍ଗିକ ଖର୍ଚ୍ଚର ପରିମାଣ ନିକିସ୍ତା ବିଜ୍ଞାନରେ ଗବେଷଣା ଯୋଗୁ ଏତେ କମିଆସୁଛି ଯେ ନିକଟ ଭବିଷ୍ୟତରେ ମଧ୍ୟବିତ୍ତ ପରିବାରର ଯେ କେହି ବ୍ୟକ୍ତି ପୁରୁଣା ଅଙ୍ଗ ବଦଳାଇବାକୁ ସମର୍ଥ ହୋଇପାରିବ । ସେତେବେଳେ ଅଲ୍ପ ବୟସ୍କମାନଙ୍କର ଅଙ୍ଗପ୍ରତି କଳାବଜାର ଲୋଲୁପ ନଜରକୁ ରୋକାଯାଇ ପାରିବନାହିଁ । ହୁଏତ ସମୟ ଆସିବ ଅଙ୍ଗଦାନ ନିମିତ୍ତ ଅସଂଖ୍ୟ ଫାର୍ମରେ ମଣିଷମାନେ ପାଳିତହେବେ ଏବଂ ଅଙ୍ଗଦାନ ପରେ ଅବଶିଷ୍ଟ ମାଂସ ସୌଖୀନ କ୍ଷୁଧାର ଡ଼ିସ୍ ହୋଇ ଦାଗଡାରକା ହୋଟେଲର ଟେବୁଲ ମଣ୍ଡନ କରିବ ।

ପ୍ରାକୃତିକ ଅଙ୍ଗ ରୋପଣରେ କିଛି ଚକ୍ଷକତା ଉଚ୍ଛୃଙ୍ଖଳ ଶୋଷଣ ପ୍ରବୃତ୍ତି ଏବଂ ଆଇନ କାନୁନର ଖିଲାପ ଥାଇପାରେ; ମାତ୍ର କୃତ୍ରିମ ଅଙ୍ଗ ଖଞ୍ଜିବାରେ ସେପରି କିଛି ବିଚ୍ୟୁତିର ସମ୍ଭାବନା ନଥାଏ । ସେଥିପାଇଁ ପ୍ରଯୁକ୍ତି ବିଦ୍ୟାର ପ୍ରୟୋଗ ଗ୍ଲଲିଛି ଏବଂ ନୂଆ ନୂଆ ଶସ୍ତା ଅଙ୍ଗ କାରଖାନାରେ ତିଆରିହେଉଛି । ହୃତପିଣ୍ଡର ବୈଦ୍ୟୁତିକ ସଂକେତର ପଥ ନଷ୍ଟହେବା ଯୋଗୁଁ ଅସହ୍ୟ ଯନ୍ତ୍ରଣାରେ ଛଟପଟ ହେଉଥିବା ରୋଗୀ ଆଗରେ ବେଟାରିଗ୍ଲଳିତ ପେସ୍‌ମେକର (Pacemaker) ରହିଛି । ବିକଳାଙ୍ଗ ହୋଇପଡ଼ିଥିବା କପାଟିକାର ସ୍ଥାନ ଅଧିକାର ପାଇଁ ପ୍ଲାଷ୍ଟିକ ନିର୍ମିତ କପାଟିକା ଗ୍ରହିଁବସିଛି । ଏପରିକି ସମ୍ପୂର୍ଣ୍ଣ ହୃତ୍‌ପିଣ୍ଡ ଜାଗାରେ ଅଧିକ କାର୍ଯ୍ୟକ୍ଷମ, ନିରୋଗ ଏବଂ ଇଚ୍ଛାମୃତ୍ୟୁର ପ୍ରତିଶ୍ରୁତି ନେଇ କୃତ୍ରିମ ହୃତ୍‌ପିଣ୍ଡଟିଏ ଦୋକାନରେ ସଜାହୋଇ ରହିଛି । ସତେ ଯେମିତି ଯନ୍ତ୍ରଣାର ମାଛିଟିଏ ବସାଇ ଦେବେନାହିଁ ମଣିଷ ମୁଣ୍ଡରେ । ଏ ପରିସ୍ଥିତିରେ ମଣିଷ ଏକାନ୍ତଭାବେ ରକ୍ତ ମାଂସରେ ଗଠିତ ଆବେଗ ବିବେକ ପରିଗ୍ଲଳିତ ବାୟୋଲଜିକାଲ ପ୍ରାଣୀ ହୋଇନାହିଁ । ସେ ହୋଇଯାଇଛି 'ମିଶ୍ର ମଣିଷ' (Cyborg)—ଯନ୍ତ୍ର ଓ ଜୀବନ୍ତ ଟିସ୍ୟୁର ସଂଗୁଢ଼ ସଂଯୋଗ । ଏବେ ସାଧାରଣ ମଣିଷ ସାଇବର୍ଗର ସୌଭାଗ୍ୟକୁ ନେଇ ଈର୍ଷାପରାୟଣ । ସେ ବାହ୍ୟରୂପ, ମାନସିକ ସଂଘାତ ଓ ଜରା ପରାଜୟର ଘନଘଟା ବାହାରେ ନିରପଦ୍ରବ ଜୀବନଲାଗି ପ୍ରତିଶ୍ରୁତିବଦ୍ଧ ସାଇବର୍ଗ ହେବ ନା ଜରା, ବ୍ୟାଧି ଓ ବିଷୁପ ଦାଉରେ ଲହୁଲୁହାଣ ସାଧାରଣ ହୋଇ ରହିବ ଏହି ଚିନ୍ତାରେ ବ୍ୟଥିତ ।

Digitized by srujanika@gmail.com

କୃତ୍ରିମ ଜିନିଷ ପ୍ରତି ଶ୍ରଦ୍ଧା, ପରିବର୍ତ୍ତନର ଅଭ୍ୟାସ ଏବଂ ଉପଭୋଗ ପାଇଁ ନୂତନତାର ସନ୍ଧାନ ସମସ୍ତଙ୍କୁ କାବୁ କରିଛି । ତେଣୁ ବସ୍ତୁ ସହିତ ମଣିଷର ସମ୍ପର୍କ ଦ୍ରୁତଭାବରେ କ୍ଷୀଣହେବାକୁ ଲାଗିଛି । କୌଣସି ଗୋଟିଏ ପଦାର୍ଥ ପାଖରେ ସେ ବେଶୀ ସମୟ ସୁଖୀ ହୋଇପାରୁନାହିଁ । 'ଆଗ୍ରହ' ମହୁମାଛି ହୋଇ ଘୁରିବୁଲୁଛି ଫୁଲରୁ ଫୁଲକୁ । ନୂଆ ସୁରଭି ଓ ସୌନ୍ଦର୍ଯ୍ୟ ତାର ଲକ୍ଷ୍ୟ । ସେଥିପାଇଁ ଭଲିକି ଭଲି ଫୁଲ ଫୁଟାଯାଉଛି ବର୍ଗିଚାରେ । କୃତ୍ରିମ ପଦାର୍ଥର ସଂଖ୍ୟା ଏତେ ବଢ଼ିଯାଇଛି ଯେ ପ୍ରାକୃତିକ ପରିବେଶ ମଣିଷକୁ ବେଶି ପ୍ରଭାବିତ କରିପାରୁନାହିଁ । ପାଠ୍ୟୋପକରଣ ଆସବାବପତ୍ର, ଯାନବାହନ, କଲକାରଖାନା ସବୁଠାରେ କୃତ୍ରିମତାର କାରସାଦି । ଖେଳକୁଦ, ବଜାର ହାଟ, ସେବା ଶୁଶ୍ରୂଷା, ସାଂସ୍କୃତିକ ଓ ଧର୍ମାନୁଷ୍ଠାନରେ ଯାନ୍ତ୍ରିକ ସମାବେଶ । ପଦାର୍ଥର ଆବଶ୍ୟକତା, କାର୍ଯ୍ୟକାରିତା ଓ ସାମର୍ଥ୍ୟ ଭିତରେ ଖାଉଟି ସହିତ ସମ୍ପର୍କ ଗଢ଼ିଉଠେ । ବାରବାର ଭିତରେ ଜିନିଷ ପ୍ରତି ମମତା ବଢ଼େ ଏବଂ କ୍ରମେ କ୍ରମେ ସେଗୁଡ଼ିକ ନିଜର ହୋଇପଡ଼ନ୍ତି । ନିଜ କଲମ, ନିଜ ଘଡ଼ି, ନିଜ ଗାଡ଼ି ଅନ୍ୟ ଆଖିରେ ଯେତେ ପୁରୁଣା, ବେଢ଼ଙ୍ଗ ଓ ଅନୁପଯୁକ୍ତ ମନେହେଉଥିଲେ ବି ନିଜ ପାଖରେ ସେଗୁଡ଼ିକର ବହୁବିଧ ସ୍ପର୍ଶକାତର ଓ ସ୍ମୃତି ବିଜଡ଼ିତ ଆକର୍ଷଣ ଥାଏ । ସମ୍ପର୍କର ନିବିଡ଼ତାକୁ ନେଇ ଯେଉଁ ମୂଲ୍ୟବୋଧ ଓ ଆତ୍ମୀୟତା ମନରେ ବସାବାନ୍ଧେ ତାକୁ କେବଳ ଅନୁଭବ କରାଯାଇପାରେ । ଦଶହରା ପରେ ଦୁର୍ଗାମେଢ଼, ବିସର୍ଜନ ବେଳେ ଯେଉଁ ବିଚ୍ଛେଦ ପ୍ରତିକ୍ରିୟା ପୁରୁଣା ସାଇକେଲଟିଏ ବିକିଦେଲା ବେଳେ ସେହି ଖାଲି ଖାଲି ଭାବ ।

ମାତ୍ର ଏ ଅନୁଭବ କ୍ରମଶଃ ଶୀତଳ ହୋଇଆସୁଛି । ବସ୍ତୁ ସହିତ ବ୍ୟକ୍ତିର ସମ୍ପର୍କ କମି କମି ଆସି Use and throw କାର୍ଯ୍ୟକ୍ରମରେ ସୀମିତ ହୋଇ-ଯାଇଛି । ଏଥିପାଇଁ ପଦାର୍ଥର ପ୍ରାବଲ୍ୟ ଏବଂ ପସନ୍ଦର ପରିବର୍ତ୍ତନକୁ ଦାୟୀ କରାଯାଇଛି । ପ୍ରାଚୀନ ଚର୍ଯ୍ୟାର ଉତ୍ତରାଧିକାରୀ ଯୋଗ୍ୟ ସମାଜ ଯେ ଏକ ନୀରବ ଧକ୍କାର ସମ୍ମୁଖୀନ ହେବାକୁ ଯାଉଛି ଏଥିରେ ସନ୍ଦେହ ନାହିଁ ।

'ପସନ୍ଦ' 'ନାପସନ୍ଦ' ଏବେ କାହାର ଓ ସ୍ୱାଭିମାନର ଚାହିଦାଠ ଭିତରେ ନାହିଁ । କେବଳ ଭୌତିକ ପଦାର୍ଥ ଚୟନ ବେଳେ ନୁହେଁ ବିବାହ ଓ ବନ୍ଧୁତ୍ୱ ସ୍ଥାପନ ଭଳି ସାମାଜିକ କ୍ରିୟାନୁଷ୍ଠାନରେ ମଣିଷ ନିଜ ପସନ୍ଦକୁ ବ୍ୟବହାର କରିପାରୁନାହିଁ । ଏକ ପକ୍ଷରେ ବିଜ୍ଞାପନର ପ୍ରାଚୁର୍ଯ୍ୟ ପ୍ରତ୍ୟେକ ବସ୍ତୁର ଗୁଣ ଓ କ୍ଷମତାକୁ ଏପରି ସ୍ଫୀତ ଚକଚକିଆ କରିଛି ଯେ, ଯେ କେହି ପ୍ରକୃତ ଜିନିଷ ପାଖରେ ପହଞ୍ଚିଲା ପୂର୍ବରୁ ବହୁଥର ଠକିହେବାକୁ ବାଧ୍ୟ ହେବ । ଅନ୍ୟ ପକ୍ଷରେ ବିଜ୍ଞାନ ସମର୍ଥିତ ମାନର କଷଟିରେ ପରୀକ୍ଷା କରି କରି ଜିନିଷ ରଖିବାର ନିଶା ମଣିଷକୁ ଏମିତି ଘାରିଛି ଯେ ନିଜର ମାନ ନଥାଇ ସବୁ ଜିନିଷରେ

Digitized by srujanika@gmail.com

ମାନ ଖୋଜିବାରେ ସେ ପାଗଳ ପ୍ରାୟ ହୋଇଯାଉଛି । ଜନପ୍ରିୟ ଖବର ବହିରେ, ଯୌନ ସମ୍ଭୋଗ ଓ ବନ୍ଧୁତା ସ୍ଥାପନରେ ମନର ମତାର୍ଣ୍ଣିଆ ବିଜ୍ଞପ୍ତି ଯେତିକି ବିବ୍ରତ ହେଉ-ନାହିଁ, ତାହାଠାରୁ ଦେଖାଣିଆ ସ୍ୱରୂପଟି ଅଧିକ ବିକଳ ହେଉଛି । ମଣିଷର ମନ ମଣ-ଯାଉଛି ଖଣ୍ଡ ଓ ଗୁଣର ସନ୍ତୁଳନ ପ୍ରକ୍ରିୟାରେ । ସେ ହୋଇଯାଉଛି ବସ୍ତୁର ଖାଉଟିଟିଏ । ତା' ଚାରିପାଖରେ ବିଛୁଡ଼ିହୋଇପଡ଼ିଛି ନିର୍ଦ୍ଦିଷ୍ଟ ମାନର ଦ୍ରବ୍ୟ, ନିର୍ଦ୍ଦିଷ୍ଟ ରୁଚିର ଶିକ୍ଷା, ନିର୍ଦ୍ଦିଷ୍ଟ ସ୍ୱାଦର ଖାଦ୍ୟ । ନିର୍ଦ୍ଦିଷ୍ଟ ଆଦର୍ଶର ଆୟୋଜନ ଏପରିକି ଅବଧାରିତ ଜୀବନଚର୍ଯ୍ୟା । ଗୋଟିଏ କୂଳରେ ଦ୍ୱନ୍ଦ୍ୱ (dilemma) ଏବଂ ଅନ୍ୟ କୂଳରେ ପର୍ଯ୍ୟାପ୍ତ ପସନ୍ଦ (over choice); ମଝିରେ ଅସମାନ ବ୍ୟକ୍ତିତ୍ୱ ଯନ୍ତ୍ରଣାର ଉତ୍‌କୂଳ ବନ୍ୟାରେ ।

ଆଜିକାଲି ପ୍ରତ୍ୟେକ ପଦାର୍ଥର ବହୁ ବିକଳ୍ପ ବାହାରିଲାଣି । ହାତ ପାହାନ୍ତାରେ ସୁଲଭ ମୂଲ୍ୟରେ ସେଗୁଡ଼ିକୁ ପାଇ ପ୍ରକୃତ ପଦାର୍ଥ ପ୍ରତି ମୋହଭଙ୍ଗ ଘଟୁଛି । ପୁଣି 'ବିକଳ୍ପ' ସ୍ଥାନ ବିଶେଷରେ 'ପ୍ରକୃତ'କୁ ଏମିତି ଫିକା ଓ ନିକୃଷ୍ଟ କରିଦେଉଛି ଯେ, ଗୋଟିଏ ପ୍ରକୃତ ପକ୍ଷରେ ସମସ୍ତ ଓ ଇଚ୍ଛାକୁ ବିବାଦ ନକରି ବହୁ ବିକଳ୍ପ ଭିତରେ ହଜିଯିବା ଶ୍ରେୟସ୍କର ମଣୁଛି । ପସନ୍ଦର ଏ ପର୍ଯ୍ୟୁସନ ପର୍ବରେ ଅବକ୍ଷୟ ମୂଲ୍ୟବୋଧର ଭୂମିକା ସୁଦୂର ପ୍ରସାରୀ । ଶିଳ୍ପ ସଭ୍ୟତା ଆଗରୁ ମୂଲ୍ୟବୋଧର ଯେଉଁ ସ୍ଥାୟୀ ମର୍ଯ୍ୟାଦା ଥିଲା ତାହା ଏବେ ଭାଙ୍ଗିଯାଇଛି । ଚରିତ୍ରବତ୍ତା, ମାନବିକତା ଓ ଆଦର୍ଶଭିତ୍ତିକ ମୂଲ୍ୟବୋଧ ଏବେ ଚିରା ଗୁଡ଼ିଭଳି ଝୁଲୁଛି ବିଜୁଳି ଖୁଣ୍ଟରେ ; ସେଠାକୁ ହାତ ବଢ଼ାଇବା ବିପଦ । ଯଦି କେହି ଦୁଃସାହସ କରି ଗୋଟେଇବାକୁ ଚେଷ୍ଟାକରେ ତେବେ ସଭ୍ୟତାର ଧକ୍‌କାରେ ଓଲଟିପଡ଼ିବ ଅଥବା ପ୍ରାଣ ହରାଇବ । ଯେତେବେଳେ କଳ୍ପନାରେ ନୈତିକତା ନଥିବ, ଘଟଣାରେ ଆନ୍ତରିକତା ନଥିବ ଏବଂ ବିକାଶରେ ସାବଲୀଳତା ନଥିବ । ଉଡ଼ିବାକୁ ଉଚ୍ଛନ୍ନ ହେଉଥିବା ପ୍ରତ୍ୟେକ ପରରେ ଲାଗିଯାଇଥିବ ଉଦ୍ଭଟତାର ଅଠା ।

ମୂଲ୍ୟାୟନ-ପଦ୍ଧତି-ନିହିତ ପ୍ରତିବାଦ (Conhra dictions) ପ୍ରତି ତାହାର ନଜର ନାହିଁ । ବୁଝିବା ଓ ବୁଝାଇବା ଦୂରର କଥା ସେ ସବୁ ଝମେଲାରେ ନ ପଡ଼ିବାପାଇଁ ଭୂଷପଣ୍ଡିତମାନେ ସମର୍ଥକ ଦୂରତାରକ୍ଷାରେ ପାରଙ୍ଗମ । ତେଣୁ ଛାତ୍ରମାନେ ଶ୍ରେଣୀରୁ ଶ୍ରେଣୀକୁ ଡେଇଁ ପଡ଼ିବାରେ ବ୍ୟସ୍ତ । ଶିକ୍ଷକମାନେ ର' ଠ' ପାଠ ପଢ଼େଇ ଅନ୍ୟ ଉପାୟରେ ତାଳଗଛୁଆ ମାର୍କସିଟ ଧରାଇଦେବାରେ ତୃପ୍ତ । ଅଭିଭାବକ-ମାନେ ପୁଅ କନ୍ୟାଙ୍କଲାଗି ନିଲାମରେ ବୈଷୟିକ ଡିଗ୍ରୀ ଖରିଦରେ ତତ୍ପର । ପ୍ରଯୁକ୍ତି ବିଦ୍ୟା ବଣ୍ଟନର ଠିକାଦାରମାନେ ରାଜନୀତିକ ଛତ୍ରଛାୟା ତଳେ ଶିକ୍ଷା ଓ ଜ୍ଞାନକୁ ତରଳ ଓ ଭେଜାଲ କରି ପରିବେଷଣରେ ନିୟୋଜିତ । ଶିଳ୍ପ ସୁଲଭ 'ଭୌତିକ ମଣିଷ' ଗଢ଼ିବାର ଇଚ୍ଛା ଏବଂ 'କରଣୀ ସ୍ୱକର୍ମ'ର ଲୋଭ ଯେତେଦିନ ଯାଏ ଦୂଷିତକର

Digitized by srujanika@gmail.com

ରହିଥିବ ଏ ବାତାବରଣ ସେତେବେଳ ଯାଏ ଆମ ରକ୍ତରେ ନଥିବ ଭଣ୍ଡଳତା । ଆଉ ଅର୍ଥ ଓ ଅନର୍ଥ ଭିତରେ "Know How"ର ନକ୍‌ସା କାଟି କାଟି ଆମେ ନିଃଶେଷ ହୋଇଯାଉଥିବା । କ'ଣ ପାଇଁ ଏମିତି ଓଲଟ ପାଲଟହୋଇଗଲା ଭାବିଲାବେଳକୁ ଆମେ ପାଳିଛିଯାଇଥିବା ଦୁଃଖ ଓ ଦରଜର ଏକ ଦସ୍ତାବିଜ—ଲାଭ କ୍ଷତିର ଏକ ହିସାବ ଫର୍ଦ୍ଦ ।

ପରିସ୍ଥିତି ପ୍ରବାହ : ଅଙ୍ଗୀକାର ଅବରୋଧ

ବହିଳେ'କରେ ଟଙ୍କା ପଡ଼ିଲେ ଅନ୍ଧଳେ'କରେ ଛେଉ ଉଠେ । ଭିତରେ ମଲୟ ବହିଲେ ବାହାରେ ପଳାଶ ଫୁଟେ । ପରିବର୍ତ୍ତନ ସହିତ ଦୁଇ ଜଗତ ଯେମିତ ଆନ୍ଦୋଳିତ ଓ ଏକାଠି ହୁଅନ୍ତି ତାହାହିଁ ହିଁ ସୃଷ୍ଟ 'ଅନୁଭୂତ' । ଆଉ ଯେତେବେଳେ ଏହି ସମନ୍ୱୟ ପ୍ରକ୍ରିୟା ସମାହିତ ହୁଏ ତାହାହିଁ ବାସ୍ତବ 'ପରିସ୍ଥିତି' । କେଣ୍ଡୁ ପରିସ୍ଥିତିର ପବନ ସମସ୍ତ ବଂଶୀରେ ପବାହିତ ହେଲେ ଅନୁଭୂତିର ସ୍ୱର ଶୁଣି, କୋମଳ ଓ ତୀବ୍ର ହୁଏ । ବସ୍ତୁତଃ 'ପରିବର୍ତ୍ତନ', 'ପରିସ୍ଥିତି' ଓ 'ଅନୁଭୂତି' ସମ୍ପର୍କରେ ଚଳିବା ପଥରେ ଭିନ୍ନ ଛକ । ଯେକୌଣସି ଯାତ୍ରୀ ଲକ୍ଷସ୍ଥଳରେ ପହଞ୍ଚିବା ଆଗରୁ ପ୍ରତ୍ୟେକ ଛକ ଅତିକ୍ରମ କରିବାକୁ ବାଧ୍ୟ !

ଏବେ ଘନ ଘନ ପରିବର୍ତ୍ତନ ପରିସ୍ଥିତିକୁ ବିପନ୍ନ କରିଦେଉଛି । ଅବସ୍ଥା ଅଥୟାଳ ଓ ଅଡ଼ୁଆ ହୋଇଯାଉଛି । ପ୍ରତ୍ୟେକ ପରିସ୍ଥିତିରେ କିଛି ନା କିଛି ମୌଳିକତା ଅଛି ଯାହା ସ୍ୱତନ୍ତ୍ର ସମାଧାନର ଅପେକ୍ଷା ରଖେ । ମାତ୍ର ପରିବର୍ତ୍ତନ ଭୂଇଁରେ ପରିସ୍ଥିତି ଅସ୍ଥିରକ ବଦଳିଯାଉଛି ଏବଂ ତାର ଦୃଢ଼ତା ମଣିଷକୁ ଅସହାୟ ଓ ନିଚେଷ୍ଟ କରିଦେଉଛି । ଅନୁଭୂତ ଖଇଚଥା ହୋଇ ଅପହଞ୍ଚ ଶିଖରରେ ଥିବା ସମ୍ମାନକୁ ଖଣ୍ଡ ଅଙ୍ଗୁର କହି ପରିତ୍ୟାଗ କରୁଛି । ହାୟରେ ପ୍ରବଞ୍ଚନା ! ହାୟରେ ଅବକ୍ଷୟ ଜୀବନ !! କଣ୍ଟାହୋଇ ରହିଥିବା ବ୍ୟକ୍ତିତ୍ୱ ଅସରାଏ ସନ୍ଦେହରେ ଧୋଇଯାଉଛି ଏବଂ ନୈରାଶ୍ୟର ଅସରାଏ ଟାଣ ଖରାରେ ଫାଟିଯାଉଛି । ଅନୁଭୂତିର ଢିଲା ଓ ପତଳା ପୋଷାକ ପରିଧାନ କରି ଗେଡ଼ା ଭୁଜା ବସ୍ତ୍ରମାନେ ଦଣ୍ଡିହନ୍ତି ବଳିଷ୍ଠ ସୁଠାମ ଭେଣ୍ଡାଭଲ । ସ୍ୱରଅଣ୍ଡେ ମାସ୍ୟାର ମହୋତ୍ସବ । ଉଧାର ଅନୁଭୂତିର ଆଖଡ଼ା । ସାରୁଗଛ ମୂଳେ ବେଙ୍ଗର ରାଜପଣ ମଝେ ମଝେ 'ପୃଥିବୀ କ୍ଷଣ କ୍ଷଣକେ ଆନ'ର ଚେତାବନୀ ।

ରାଜତ୍ୱ ରହିବ କେତେକାଳ ? ବର୍ଷାର ଟପର ଟପର ଗୁଳିଥିବା ଯାଏ ନା, ଭଙ୍ଗୁରତା ସହି ସାହସ ହେଉଥିବା ଯାଏ ? ହୁଏତ ଉଭୟ ପର୍ଯ୍ୟାୟରେ ସ୍ୱଗକୀୟ ଅନୁଭୂତ ନଜର କରିହେବ ଯେତ ବର୍ଷା । ବନ୍ଧୁସହ ସମ୍ପର୍କ ବାନ୍ଧିହୁଏ ଏବଂ କଥା ସହିତ କୌତୂହଳକୁ ଅନୁପ୍ରେରିତ କରିଯାଇପାରେ । ମାତ୍ର 'ଅଙ୍ଗୀକାର' ନ ରହିଲେ ସମ୍ପର୍କର ଶକ୍ତ ଗଣ୍ଠି ଖୋଲି ଖୋଲି ନାମକୁ ମାତ୍ର ଫାଶଟିଏ ହୋଇ ଅଟକିଯିବ । ସ୍ଥାନପ୍ରତି ଶ୍ରଦ୍ଧା ନ ରହିଲେ ସାରୁପତ୍ର ତଳ ଜନ୍ମ ଭୂମିକୁ ସିଂହାସନ ମଣି ହେବନାହିଁ । ପରିବେଶ ପ୍ରୀତି

Digitized by srujanika@gmail.com

ନ ଆସିଲେ ବର୍ଷା ସଙ୍ଗୀତର ଶିହରଣ ଉପଲବ୍ଧି ହେବନାହିଁ । ସେତେ ଭମ୍ ସମସ୍ତ ପାଇଁ ହେଲେ ବି ଦେଶ କାଳ ପାତ୍ର ସହିତ ସମ୍ବେଦନା ଓ ସଂପ୍ରୀତିର ନାଡ଼ରେ ଆମକୁ ଛନ୍ଦିହେବାକୁ ପଡ଼ିବ ।

ଆଧୁନିକ ଯୁଗରେ ଜୀବିକା, ଆବିଷ୍କାର, ଶିକ୍ଷା ଓ ରାଜନୀତି ପାଇଁ ଗାଁରୁ ସହର, ଦେଶରୁ ବିଦେଶ ଯିବା ଜରୁରୀ ହୋଇପଡ଼ିଛି । ବ୍ୟକ୍ତିରେ ସ୍ଥାନାନ୍ତର ଯୋଗ ଅତ୍ୟନ୍ତ ମାମୁଲି ଓ ଉଦ୍ଦେଶ୍ୟ ପ୍ରଣୋଦିତ ହୋଇଯାଇଛି । ବ୍ୟକ୍ତିଆଙ୍କ ହାଣ୍ଡିରେ ଭଲା ପଡ଼ୁନାହିଁ କି ଚୁଲି ଜଳୁନାହିଁ । ଭ୍ରାମ୍ୟମାଣ ମଣିଷର ଚେର ମାଟିରେ ପଶିବା ଆଗରୁ ଉପୁଡ଼ାଯିବାର ଆୟୋଜନ ହେଉଛି । ଉପୁଡ଼ା ହୋଇଥିବା ସ୍ୱସ୍ତ ବୃଆଳକି ନିର୍ଦ୍ଦିଷ୍ଟ ଘର ନାହିଁ କି ନିର୍ଦ୍ଦିଷ୍ଟ କ୍ଷେତ ନାହିଁ । କେଉଁ ମାଟିରେ କେଉଁ ଗଛ ଉଧେଇବ ତାର ସ୍ଥିର ନାହିଁ । କାରଣ ନିଯୁକ୍ତି ଓ ବଦଳି ବେଳକୁ ନିୟନ୍ତ୍ରଣ କରୁଥିବା ମନ୍ତ୍ରୀ ଓ ମହାପାତ୍ରମାନେ ଭାବନ୍ତି ଯେ ଆମ୍ବ ଗଛରେ ଆମ୍ବତା ଫଳିପାରିବ ଏବଂ କୁଆ କୋଇଲି ପରି ପଞ୍ଚମରେ ଗାଇପାରିବ । ପ୍ରତ୍ୟେକ କର୍ମଚାରୀଙ୍କର ସୀମିତ ପରିବେଶ ଓ ସାମର୍ଥ୍ୟ ଅଛି । ତାହା ବାହାରେ ସେମାନଙ୍କର ଶ୍ରମ ଓ ଜ୍ଞାନର ଅପପ୍ରୟୋଗ ସରକାରୀ ସମ୍ବଳ ଓ ସ୍ୱାର୍ଥର ଅପଚୟ ମାତ୍ର । ଏକଥା କେହି ବୁଝିବାକୁ ପ୍ରସ୍ତୁତ ନୁହନ୍ତି । ସରକାରଙ୍କର ସବୁ କଲ୍ୟାଣକର କାମ ଓ ଉନ୍ନତିମୂଳକ ଯୋଜନାର ସଫଳ ରୂପାୟନ କର୍ମଚାରୀଙ୍କ ଦ୍ୱାରା ଯେ ସମ୍ଭବପର ହେଉଛି ତାହା କାରପଟଦାରମାନେ ଭୁଲିଯାଇଛନ୍ତି । ବରଂ କର୍ମଚାରୀମାନେ କ୍ଷତିକାରକ ଆବୁ ହୋଇ ସରକାର ପ୍ରତି ବୋଝର କାରଣ ହେଉଛନ୍ତି । ବସ୍ତୁତଃ ଘଟଣାଟି ତାହା ନୁହେଁ । ନିଯୁକ୍ତି ଓ ଛଟେଇ, ବଦଳି ଓ ବାଟଲକୁ ଗୁଟିକରି ପ୍ରଶାସନ ଓ ରାଜନୀତି ଯେଉଁ ପଶାଖେଳ ଆରମ୍ଭ କରିଛନ୍ତି ସେଥିପାଇଁ ବାଜିରହୁଥିବା ଧନ ଦୌଲତ, ପଦ ପଦବୀ, ଗାଡ଼ି ସଂସାଧନ ଏବଂ ପାଞ୍ଚାଳୀମାନେ ନ ମିଳିଲାଯାଏ ଏହା ଏକ ଲାଭପ୍ରଦ ଶିଳ୍ପ ମର୍ଯ୍ୟାଦାରେ ସମୃଦ୍ଧ ହେଉଥିବା ନୀତିଚ୍ୟୁତ କାଳାନ୍ତିତ ଛିନ୍ନମୂଳ ମଣିଷମାନେ ସମାଜ ପ୍ରତି ଅନାସକ୍ତ ହୁଅନ୍ତି । କାମପ୍ରତି ବୀତସ୍ପୃହ ହୁଅନ୍ତି ଏବଂ ଯୋଜନାପ୍ରତି ଅବଶ୍ରଦ୍ଧ ହୁଅନ୍ତି କିଛି ଯାଏ ଆସେ ନାହିଁ । ବଦଳି ଶିଳ୍ପ ପ୍ରତି ଆଗ୍ରହ, ବଦାନ୍ୟତା ଓ ଅଙ୍ଗୀକାର ରହିଲେ ଅମଳତନ୍ତ୍ରାଶାସ୍ତ୍ରୀ ଗଣତନ୍ତ୍ରର ବିକାଶପାଇଁ ଯଥେଷ୍ଟ ।

ମନସ୍ତାତ୍ତ୍ୱିକ ନୀତି କଳାରେ ନିର୍ମିତ ପ୍ରମଶୀଳ ଅବାସ୍ତବର ଲକ୍ଷ୍ମୀ ହାଓ୍ୱା ଏବଂ ଅନ୍ୟାୟର ଅମ୍ଳ ବର୍ଷାରେ ବିକୃତ ବିକଳାଙ୍ଗ ହେବାକୁ ଲାଗିଛି । ତା' ପାଖରେ ଦେଶ, ଜାତି, ଐତିହ୍ୟର ମୂଲ୍ୟ କିଛି ନାହିଁ । ସାମାଜିକ ପ୍ରତିଷ୍ଠାପାଇଁ ଶୋଷଣ, ଧମକ ଓ ହାକିମାତି ନିକଟରେ ଶରଣ ନେଉଛି । ପୁଣି ନିଜ ଲକ୍ଷ୍ୟରେ ପହଞ୍ଚିବାପାଇଁ ବଙ୍କା ଅଥଚ ପ୍ରଶସ୍ତ ଓ ଖୋଲା ରାସ୍ତାଗୁଡ଼ିକୁ ସିଧାସଳଖ ଅମଡ଼ା ରାସ୍ତା ଆପଣେଇ ନେବାକୁ ତତ୍ପର ହେଉଛି । ତେଣୁ Commitments are shifting from place-related social stiucture (city, state, nation and neigh-

Digitized by srujanika@gmail.com

borhood) to these (corporation, profession, friendship network) that are themselves mobile, fluid and for all practical purposes, place-less (Alvin Toffler) ପୁଣି କ୍ଷଣସ୍ଥାୟୀ ସମ୍ପର୍କ ପ୍ରତି ଆମେ ଆସ୍ଥାବାନ ହୋଇପଡ଼ୁଥିଲାବେଳେ ଦୀର୍ଘସ୍ଥାୟୀ ବିଷୟ ପ୍ରତି ଉଦାସୀନ ହୋଇପଡ଼ୁଛୁ । ଆମେ ଅବଜେକ୍‌ଟିଭ ଧାରାରେ ଟିକ୍‌ଟିଏ ମାରି, ମୁଣ୍ଡୁଲାଟେ ବୁଲାଇ, ଶୂନ୍ୟସ୍ଥାନଟିଏ ପୂରଣକରି ଜ୍ଞାନକୁ ବ୍ୟକ୍ତକରିବା ଏବଂ ପାରଦର୍ଶିତା ପ୍ରକାଶ କରିବାରେ ସନ୍ତୁଷ୍ଟ । ଆମର ପରିଚୟ ଅତି ସଂକ୍ଷିପ୍ତ ହୋଇଯାଇଛି ଏବଂ ମଣିଷକୁ ଦେଖି ଆମେ ଚମକପଡ଼ି କହୁଛୁ :

କିଏ ତୁମେ ପାଖେ ପାଖେ ନଗ୍ନଟିଆ ଏ ବାଲି ଭିତରେ
ନାହିଁ ଗୋଟେ ପରିଚୟ ନାହିଁ ରେଖା ଆକାର ପ୍ରକାର
ନାରୀ ବା ପୁରୁଷ ଅବା ନପୁଂସକ ଅବା
ବଂଧ୍ୟା ପୃଥିବୀର ଶୋଷ
କାହାର ଆହତ ଦେହ ହତ ହୁଏ ଏ ବାଲିରେ
କିଏ ତୁମେ ପାଖେ, ପ୍ରେତାତ୍ମା ବା ମାଟିର ମଣିଷ ।

(କାଳପୁରୁଷ—ଗୁରୁ ମହାନ୍ତି)

ଦୁଃଖ ଦରବାର :

ପୃଥିବୀରେ ଏମିତି ଜଣେ କେହି ନାହିଁ ଯେ ଦୁଃଖ ନ ପାଇଛି । ମାତ୍ର ସମସ୍ତ ଦୁଃଖ ମୋଚନପାଇଁ ଦରବାରରେ ଫେରାଦହୋଇ ନାହାନ୍ତି । 'ଗଳ୍ପଟି ତ ଗଳ୍ପ କଥା' ଭିତରେ ଦୁଃଖକୁ ପାଶୋରିଦେଇଛନ୍ତି । ଯେତେବେଳେ ବ୍ୟଥା ବଳିପଡ଼ୁଛି ଖାଲି ସେତିକବେଳେ ଗୋପନରେ ପସୁରିବାକୁ ବ୍ୟାକୁଳ ହୋଇଛନ୍ତି । ଏବେ ବ୍ୟଥା ବଳିପଡ଼ିବା ଯାଏ କଥା ଯାଉନାହିଁ । କି ଗୋପନ ମୁହୂର୍ତ୍ତ ପର୍ଯ୍ୟନ୍ତ ଅପେକ୍ଷାକରି ହେଉନାହିଁ । ସବୁଠାରୁ ବଡ଼ କଥା ହେଉଛି 'ତୋତେ' ବୋଲି ମନେକରି ମଝି ନଈରେ ଯାହାକୁ ଜାବୁଡ଼ି ଧରାଯାଉଛି ଯେ କୁମ୍ଭୀରଟିଏ ହୋଇଥିଲେ ବି କୂଳର କୁମ୍ଭୀର ପାଲଟିଯାଉଛି । ବିଚରା ଦୁଃଖୀ ମଫସଲରୁ ଯାଇ କାନ୍ଥାରରେ ପଡ଼ୁଛି ଏବଂ ତା' ଆଖିରୁ ଲୁହ ଓ ଲହୁ ଶୁଖିଗଲା ପରେ ନିଆଁ ଝରୁଛି ।

ପ୍ରଶାସନିକ ସ୍ତରରେ ଦୁଃଖର ସଂଜ୍ଞା ବଦଳି 'ଅଭିଯୋଗ' ହୋଇଯାଇଛି ଏବଂ ତାର ବିଚାରପାଇଁ ସ୍ତର ସ୍ତରର ଦରବାର ବସୁଛି । ଗୁହାରି ଶୁଣିବାପାଇଁ ହାକିମମାନଙ୍କ ମର୍ଜିରେ ସମୟ ଓ ବାର ଧାର୍ଯ୍ୟ ହେଉଛି । ସାଧାରଣ ଲୋକେ ହାକିମ ଓ ମନ୍ତ୍ରୀଙ୍କୁ ଭେଟୁଥିବାବେଳେ କର୍ମଚାରୀମାନଙ୍କୁ ଉପରିସ୍ଥ ମୁରବୀଙ୍କ ସୁପାରିଶ ବଳରେ ଏ ସୁଯୋଗ ମିଳୁଛି । ଅଭିଯୋଗ ଶୁଣାଣି ପର୍ବ ବେଶ୍ ଜମୁଛି ।

ଧାଡ଼ିରେ ଧାଡ଼ିରେ ଗୁହାରିଆମାନେ । ଦିନ'ପରେ ଦିନ ବିତିଗଲାଣି । ଅଭିଯୋଗ ପତ୍ରର କଳେବର ବୃଦ୍ଧି ହେଉଛି । ପ୍ରମାଣପତ୍ର ଓ ସୁପାରିଶ ଚିଠାରେ

Digitized by srujanika@gmail.com

ଦୁଃଖର ପ୍ରକୃତ ସ୍ୱରୂପ ଜାଣିହେଉନାହିଁ । ତେଣୁ ଗୁରୁତ୍ୱପୂର୍ଣ୍ଣ କଥାଗୁଡ଼ିକୁ ବଡ଼ ବଡ଼ ଅକ୍ଷରରେ ହୃଦୟସ୍ପର୍ଶୀ ଭାବରେ ପୋଷଡ ଲେଖକଙ୍କଦ୍ୱାରା ଲେଖାଇ ଅଭିଯୋଗ ପତ୍ର ପ୍ରସ୍ତୁତ କରାଯାଉଛି ଯେପରିକି ପଠନ କ୍ରିୟାରେ ହାକିମଙ୍କର ଧୈର୍ଯ୍ୟଚ୍ୟୁତ ନ ଘଟେ । ଘରେ ପଶୁ ପଶୁ ମୁଣ୍ଡରେ ଗ୍ଭଲ ନ ବାଜିବାର ସତର୍କତା ଅବଲମ୍ବନ କରୁଁ କରୁଁ ବି ହାକିମମାନେ ଚଢ଼ନ୍ତି, ଗାଳି ଫଜିତ କରନ୍ତି । କୋର୍ଟ ଉପରେ ନଲଡ଼ାବିଡ଼ା ଭାବ ·ଦୁଃଖୀମାନେ ମଥାପାତି ·ସହିନିଅନ୍ତି । ତଥାପି କ୍ୟୁରେ ରହିବାକୁ ହୁଏ । ନିଜ ପାଳି ପଡ଼ିଯାଏ ପ୍ରତୀକ୍ଷା କରିବାକୁ ହୁଏ । ଭୋକ ଶୋଷରେ ବ୍ୟସ୍ତ ହୋଇପଡ଼ିଲେ ଅଭିଯୋଗ କେନ୍ଦ୍ର ସୌଜନ୍ୟ ବର୍ଦ୍ଧିତ ରେସ୍ତୋରାଁ ଓ ପାନ ବିଡ଼ି ଦୋକାନ ସହାୟତା କରନ୍ତି । କ୍ଳାନ୍ତି ଓ ବିରକ୍ତିରେ ଧୈର୍ଯ୍ୟହରା ହୋଇ ନିବେଦନର ମୁଖ୍ୟ ଅଂଶ ଭୁଲିଯାଉଥିଲାବେଳେ ପରାମର୍ଶଦାତାମାନେ ସେଗୁଡ଼ିକୁ ସ୍ମରଣ କରାଇଦିଅନ୍ତି । ତଥାପି ଯୁଦ୍ଧବେଳେ ଉପଯୁକ୍ତ ଅସ୍ତ୍ର ହାତକୁ ଆସେ ନାହିଁ । ସେତେବେଳେ ରଥଚକ୍ର ମେଦିନୀ ଗ୍ରାସକଲାପରି ଲାଗେ ଏବଂ ·ଅଜ୍ଞାତାଦସତ୍ୱ ହାତଛଡ଼ା ହୋଇଯାଇଥିବା ବହୁ ସୁଯୋଗ କଥା ମନେପଡ଼ି ଯନ୍ତ୍ରଣାକୁ ଗମ୍ଭୀର କରିଦିଏ । ଦେବଦେବୀ ପୂଜା, ମାନସିକ, ଶତ୍ରୁଖଣ୍ଡନ ମନ୍ତ୍ର, ଅନୁକୂଳବିଧି, ଗ୍ରହଶାନ୍ତି, କାଟପାଣି ତେଉଁରିଆ ପ୍ରତି ·ପୁଣିଥରେ ବିଶ୍ୱାସ ଓ ଭରସା ଫେରିଆସେ । ତୁଳସୀ, ସିନ୍ଦୂର, ବେଲପତ୍ର ଓ ଏକମୁଖୀ ରୁଦ୍ରାକ୍ଷ ପ୍ରତି ଦୁର୍ବଳତା ଆସେ । ଗୁରୁ, ବାବା ଓ ଫଳିତ ଶାସ୍ତ୍ରୀମାନେ ଅବିଶ୍ୱାସର ଊର୍ଦ୍ଧ୍ୱରେ ଆଶୀର୍ବାଦ ବର୍ଷାକରି ଦୈବିକ ଆଶ୍ୱାସନାର ଝଡ଼ ସୃଷ୍ଟି କରନ୍ତି ।

ବହୁ କ୍ଷେତ୍ରରେ ହାକିମ ଓ ମନ୍ତ୍ରୀଙ୍କ ଗୁହାଳରେ ବନ୍ଧା ହୋଇ ହୋଇ ଗୁହାଳିଆମାନେ ଧୈର୍ଯ୍ୟହରା ହୋଇପଡ଼ନ୍ତି । ବ୍ୟକ୍ତିଗତ ସ୍ୱାଧୀକାର ·ଭଙ୍ଗହେଉଛି ବୋଲି ବିରୋଧୀଦଳର କେହି କେହି ଶୁଭେଚ୍ଛୁ ଫୁସୁରଫାସର ହୁଅନ୍ତି । ଅମୁକ ଆଇନର ଅମୁକ ଦଫାରେ କେଶଟିଏ ଦାଏର କରିଦେଲେ ଶଳେ ନିଜ ନାଁ ଭୁଲିଯାଆନ୍ତେ । ବାପକୁ ମଉସା କହି ସବୁ ଫାଇସଲା କରିଦିଅନ୍ତେ । ନିଲମ୍ବିତ କର୍ମଶ୍ରୀ ସମ୍ମାନର ସହ ଫେରିଆସନ୍ତା ଚାକିରିକୁ । ସିଜରିଆନ ସେକ୍ସନ ପରେ ନିଶାଗ୍ରସ୍ତ ଶିଶୁକୁ ମୃତ ବୋଲି ଘୋଷଣାକରି ପଦାକୁ ଫିଙ୍ଗିଦେଇଥିବା ଡାକ୍ତରଙ୍କ ମିଳନ୍ତା ଉପଯୁକ୍ତ ସଜା ଏବଂ ପୁନର୍ବାର ଦମ୍ପତିଙ୍କ କ୍ଷତିପୂରଣ । ଯୌତୁକପାଇଁ ଶାଶୁ ନଣନ୍ଦଙ୍କ ଗଞ୍ଜଣା ଏବଂ ସ୍ୱାମୀର ବିକୃତ ଯୌନ ସଂଭୋଗରେ ଜର୍ଜରିତା କୁଳବଧୂକୁ ମିଳନ୍ତା ନିସ୍ତାର । ତାଡ଼ି ବା ମଦରେ ବିଷ ମିଶାଇ ଜନସଂହାର କରୁଥିବା ଲାଭଖୋର ନିର୍ଦ୍ଦୟ ବ୍ୟବସାୟୀଙ୍କୁ ଭୋଗିବାକୁ ପଡ଼ନ୍ତା କଠୋର ଶାସ୍ତି । ଅବକାରୀ ମନ୍ତ୍ରୀ ସଭାରେ କାନ୍ଦି କାନ୍ଦି ଶପଥ କରନ୍ତେ ଆଗାମୀ ନିର୍ବାଚନ ପୂର୍ବରୁ ପ୍ରତି ଗାଁରେ ବିଶୁଦ୍ଧ ଦେଶୀ ମଦର ସୁଲଭ ଯୋଗାଣ ଯେପରି ଦଳୀୟ ଇସ୍ତାହାରରେ ସ୍ଥାନ ପାଏ ସେଥିପାଇଁ ସେ ଚେଷ୍ଟାକରିବେ । ଦକ୍ଷ ସଚୀବ ମୃତ ମଦ୍ୟପର ·ବିଧବାଙ୍କୁ ପାଞ୍ଚ ପାଞ୍ଚ ହଜାର ଟଙ୍କା ଅନୁଦାନ ଦେଇ

Digitized by srujanika@gmail.com

ଏଣିକି ସରକାରୀ ଡ଼ିପୋ ଛଡ଼ା ଏବଂ ଗାନ୍ଧିମାର୍କା ବନ୍ଧନ ବୋତଲକୁ କେହି ଛୁଇଁବେ ନାହିଁ ବୋଲି ଉପଦେଶ ଦିଅନ୍ତେ । ଉଦ୍‌ଘାଟନ ପରଦିନ ଭୂଷୁଡ଼ିପଡ଼ିଥିବା ସେତୁର କାରଣକୁ ନେଇ ସଂସଦରେ ଚାଲିଥିବା ହଟ୍ଟଗୋଳ 'କୃତ୍ରିମ ଭୂମିକମ୍ପ' ଏବଂ ଅଦିନ ବନ୍ୟାର ପରିଣତି ବୋଲି 'ମହାମନ୍ତ୍ରୀଙ୍କର ରିପୋର୍ଟରୁ ଜାଣିଲାପରେ ନିଆଁରେ ପାଣି ପଡ଼ିଲାପରି ଥମିଯାଆନ୍ତି ।

ନିଷ୍ଫଳା ମନ୍ତ୍ରୀଙ୍କ ଦୁଆରେ ଧାରଣାଦେବା ଏବଂ ହୁରୁମା ହାକିମଙ୍କ ପାଖରେ ଅଧିଆପଡ଼ିବା ସ୍ୱାଭିମାନକୁ ଉତ୍ତେଜିତ କରେ । ମାନ ସମ୍ମାନ ସବୁ ମାଟିରେ ମିଶିଗଲା- ପରି ଲାଗେ । ମନ୍ତ୍ରୀଙ୍କୁ ଧରିବାପାଇଁ ଭିଡ଼ାରେ ଆସିଥିବା ଲୋକମାନଙ୍କର ଝର୍ଚ୍ଚବାର୍ଚ୍ଚ ଓ ଫିସାଦରେ ଛନ୍ଦହୋଇଯାଇଥିବା ଗୁହାରିଆମାନେ ଶେଷରେ ହେଲେମ୍ଭି ବି ନିଜର ଭୁଲ ବୁଝିପାରନ୍ତି । ହାକିମଙ୍କୁ ଭେଟିବାପାଇଁ ଭରସା ଦେଇଥିବା ଲାଞ୍ଚୁଆ କିରାଣୀର ଚଟାକଣା ଅଭ୍ୟାସ ପ୍ରସ୍ତୁତ କାଗଜ ବାଘର କାମୁଡ଼ା ଖାଇ ଅଭିଯୋଗକାରୀ ଏ କାମ ନ କରିବାକୁ ଟିକ୍ ମାରେ । ସେତେବେଳେ 'ମୂଳ ଦୁଃଖ' ସାଙ୍ଗକୁ ପ୍ରତାରଣାର ମନସ୍ତାପ 'ଯୋଡ଼ିହୋଇଯାଏ । ଉପଶମ ବିହୀନ ଦୁଃଖ 'ପ୍ରତିଶୋଧର'ର ମୁଖାନେଇ ଆରମ୍ଭକରେ ତାର ଅଭିନୟ ।

ଅଭିନୟର ପ୍ରଥମ ମଞ୍ଚ ହେଉଛି ବିଚାରାଳୟ ଯେଉଁଠାରେ ଯୁକ୍ତିର ଥୋପ ଗୁନ୍ଥି ନ୍ୟାୟର ବଡ଼ମାଛ ଶିକାର କରାଯାଏ । ଥୋପ କିଣିବାଲାଗି ପକେଟରେ ମାଲ ନଥିଲେ ମାଛ ଫାଟ ମିଛ କଥା ପୋଖରୀ ହୁଡ଼ା ମାଡ଼ି ହୁଏ ନାହିଁ । କୋର୍ଟ, କଚେରି, ସାକ୍ଷ୍ୟ ପ୍ରମାଣ, ଦବାଲ ସୁଆଲ ସବୁଠି ତ ପଇସାର ଖେଳ, ପଇସା ଫେଙ୍କୋ ତମସା ଦେଖୋ । ପକେଟ ଖାଲି ତ ବିଚାର ଖାଲି । ସର୍ବସ୍ୱାନ୍ତ ହୋଇଗଲା ପରେ ବି ପ୍ରାରମ୍ଭିକ ଦୁଃଖର ଲାଘବ ହୁଏ ନାହିଁ ବରଂ ଦୁଃଖ ସାନ୍ଦ୍ର ଓ ନିଦାହୋଇ ଜମିଯାଏ । ଅପର ପକ୍ଷ ପ୍ରକୃତରେ ଦୋଷୀ ହୋଇଥିଲେ ବି ଅର୍ଥ ଓ ପ୍ରତିଷ୍ଠାର ସାଂକୁ ସେମାନଙ୍କ ଦେହରେ ଆଇନର ଗୋଟିଏ ଖୋର ବି ଫୁଟିବାକୁ ଦିଏ ନାହିଁ । ତେଣୁ ବଧୂ ନିର୍ଯ୍ୟାତନା ପ୍ରତିରୋଧ ଆଇନ ପ୍ରଭାବଶାଳୀ ଶ୍ୱଶୁରଘରର ପ୍ରତ୍ୟେକଙ୍କୁ କୁକର୍ମ କରିବାର ପ୍ରୋତ୍ସାହନ ଦିଏ । 'ଖାଉଟି ସୁରକ୍ଷା ଆଇନ' ନିମ୍ନମାନର ଜିନିଷକୁ ଉଚ୍ଚମାନର ବୋଲି ସାବ୍ୟସ୍ତ 'କରିବାକୁ ବାଧ୍ୟ ହୁଏ । ସର୍ବନିମ୍ନ ଓ ସର୍ବୋଚ୍ଚ ନ୍ୟାୟର ବିଚାରର ଝଞ୍ଜଟକୁ ଠିକ୍ ଭାବରେ ଧରିବା ଆଗରୁ ସେମାନଙ୍କର ହାତକୁ ବହୁଭାବରେ ଥର ଥର କରାଯାଏ । ପ୍ରଶାସନ ନ୍ୟାୟାଧିକରଣ ଲାଲଫିତାର ଉପରକୁ ଉଠି କର୍ମଚାରୀଙ୍କୁ ସାହାଯ୍ୟ ନକରି ପାରିବାର ଆୟୋଜନ ହୁଏ । ନରହତ୍ୟା, ରାହାଜାନି, ଚୋରି ଡକାୟତି, ଧର୍ଷଣ, ନିର୍ଯ୍ୟାତନା, ଗୁଣ୍ଡାଗର୍ଦ୍ଦି, ପ୍ରଦୂଷଣ, ଶୋଷଣ ଓ ନିଶାବେପାର ଆଦି ଅପରାଧ ଗୁଣ୍ଡାଗର୍ଦ୍ଦି, ପ୍ରଦୂଷଣ, ଶୋଷଣ ଓ ନିଶାବେପାର, ଧର୍ଷଣ ଆଦି ଅପରାଧ ଯୋଡ଼ାଇବା- ଲାଗି ଆଇନକୁ ଏମିତି ଟଣା ଓଟରା କରାଯାଏ ଯେ ତାହା ବହୁ ଜାଗାରେ ଫାଟି ଫାଟି

Digitized by srujanika@gmail.com

ଚଳିଯାଏ । ଲଜ୍ଜା ନିବାରଣ ପାଇଁ ଫଟା ମଇଳା କୁଞ୍ଚମୁଞ୍ଚ ଲୁଗା ବଡକଷ୍ଟେ ତ ମିଳୁଛି, ଏହି ଯଥେଷ୍ଟ ।

ଅଧିକାର ସାବ୍ୟସ୍ତର ଅନ୍ୟ ଏକ ମଞ୍ଚ ହେଉଛି ତଥାକଥିତ ନ୍ୟାସ୍ତ ଓ ଆଦର୍ଶଙ୍କ ଭର୍ଗି କ୍ଷମତା ହାସଲକରିବା । ଯେଉଁମାନେ ସେମାନଙ୍କର ଉଦ୍ଦେଶ୍ୟ ପୂରଣର ପଥରୋଧ କରିବେ ସେମାନଙ୍କୁ ଚିରଦିନ ପଥରୁ ହଟେଇଦେବା । ସାମାଜିକ ଶୃଙ୍ଖଳା ଓ ନିୟମିତ ଜୀବନ ଯାହାଙ୍କୁ ଛିନ୍ନ ଛଡକରି ସାଧାରଣ ମଣିଷ ପ୍ରଶାସନକୁ ଭୟଭୀତ କରିବା । ଏହିପରି ପୁଞ୍ଜିଭୂତ ଜନ ଅସନ୍ତୋଷ, ଗୋଷ୍ଠୀ ବିବାଦ ଓ ହୃତ ଅଧିକାର କାଳେ କାଳେ ବିଚ୍ଛିନ୍ନତାବାଦ ଓ ସନ୍ତ୍ରାସବାଦକୁ ଜନ୍ମ ଦେଇଆସିଛି । ବହୁ ଦୁର୍ଦ୍ଧର୍ଷ ଓ ବିପ୍ଲବୀ ତରୁଣ ବିଭିନ୍ନ ଲଢ଼ୁଆ ଗୋଷ୍ଠୀ ଗଠନକରି ନିଜର ଦାବି ଓ ଅଧିକାର ପାଇଁ ସଂଗ୍ରାମ କରି ଆସିଛନ୍ତି । ନିଗ୍ରୋମାନଙ୍କୁ ଯେତେବେଳେ ଆମେରିକାରେ ନାଗରିକତ୍ୱ ପ୍ରଦାନ ପୂର୍ବକ ଗୋରାମାନଙ୍କ ସହିତ ସମକକ୍ଷ କରିବାକୁ ଚେଷ୍ଟା କରାଗଲା ସେତେବେଳେ କେତେଜଣ ଉଗ୍ର ଜାତିସ୍ୱଭାବୀ ଅତ୍ୟନ୍ତ ଦୁଃଖିତ ଓ ପ୍ରତିହିଂସାଶୀଳ ହୋଇଯାଇଥିଲେ । ସେମାନେ ଏହା ବିରୁଦ୍ଧରେ K. K. K. (Ku Klux and Klan) ସଙ୍ଗଠନ ମାଧ୍ୟମରେ ପ୍ରକାଶ୍ୟ ଯୁଦ୍ଧ ଘୋଷଣାକଲେ । ସେହିପରି Hamas ଗୋଷ୍ଠୀ ଇସ୍ରାଏଲ ଏବଂ ଆରଫତଙ୍କ ବିରୁଦ୍ଧରେ ବିଷୋଦ୍‌ଗାର କରୁଛନ୍ତି କାରଣ ସେମାନେ ଭାବୁଛନ୍ତି ସେମାନଙ୍କର ସୌଭାଗ୍ୟ ସଙ୍କୁଚିତ ହୋଇଯାଉଛି । ଏବେ ଗଦାଫି ମୁକ୍ତ କଣ୍ଠରେ ଆମେରିକା ବିରୁଦ୍ଧରେ ସାରାବିଶ୍ୱରେ ସନ୍ତ୍ରାସବାଦ ଖୋଲିଦେବାକୁ ଧମକ ଦେଉଛି । ପାକିସ୍ତାନରେ ମୁହାଜିରିନ ନିଜ ମାଟିରେ ଆଗନ୍ତୁକ ହୋଇ ରହିବାକୁ ଚାହାନ୍ତିନାହିଁ । ସେମାନଙ୍କର ଦୁର୍ଦ୍ଦଶା ବୁଝିବାକୁ ପାକିସ୍ତାନ ରାଜିନୁହେଁ । ଶ୍ରୀଲଙ୍କାରେ L T T E (Liberation Tigers of Tamil Elam) ଏବଂ ଆଇରିସ୍‌ରେ Ino (Iris revolutionary Organistion), ଭାରତରେ J. K. L. F, N L F (Naga Libration Front) M L F ଆଦି ସାମନ୍ତମାନ ଗଢ଼ିଉଠିଛି ସେହିପରି ନୈରାଶ୍ୟବାଦ ଓ ଉତ୍ପୀଡ଼ନରୁ । ମାତ୍ର ULEA ଆନ୍ଦୋଳନ ଏବଂ ନକ୍ସଲାଇଟ ଆନ୍ଦୋଳନର ଉଦ୍ଦେଶ୍ୟ ଟିକିଏ ଭିନ୍ନ । ଏମାନେ ସ୍ୱତନ୍ତ୍ରରାଷ୍ଟ୍ର ଦାବି କରୁନଥିଲେବି ବିଚ୍ଛିନ୍ନତାବାଦରେ ଅନୁପ୍ରାଣୀତ ।

ଦୁଃଖର ପରିସର ବଡ଼ ବ୍ୟାପକ । ନ ପାଇବାରେ ଦୁଃଖ, ପାଇବାରେ ଦୁଃଖ । ଦେବାରେ ଦୁଃଖ ନେବାରେ ଦୁଃଖ । ତେଣୁ ବୋଧହୁଏ ତଥାଗତ କହିଥିଲେ ଜୀବନଟା ଦୁଃଖପୂର୍ଣ୍ଣ ଏବଂ କାମନା ଦୁଃଖର କାରଣ । ଅଜ୍ଞତା ଦୁଃଖକୁ ପାଛୋଟି ଆଣିଥିଲାବେଳେ ଅଭିଜ୍ଞାନ ତାକୁ ବିଦାୟ ଜଣାଏନାହିଁ । ଭୁଲ କଲାବେଳେ ଯେଉଁ ଯନ୍ତ୍ରଣା ନିର୍ଭୁଲରହିବା ତା ଠାରୁ ବେଶୀ କଷ୍ଟଦାୟକ । ବିଶ୍ୱାସ ଏବଂ ଅବିଶ୍ୱାସର ଦୁଃଖ ମୁଦ୍ରାର ଦୁଇଗୋଟି ପାର୍ଶ୍ୱ । ମନେପକାନ୍ତୁ ପଚାଶବର୍ଷ ତଳର କଥା । ଦ୍ୱିତୀୟ ବିଶ୍ୱଯୁଦ୍ଧର ଭୟାବହ ଦୃଶ୍ୟ ।

Digitized by srujanika@gmail.com

ବୈଜ୍ଞାନିକମାନେ କେନ୍ଦ୍ରଶକ୍ତିକୁ ପରାସ୍ତ କରିବାପାଇଁ ମାରଣାସ୍ତ୍ର ଉଦ୍ଭାବନରେ ବ୍ୟସ୍ତ । ଚିନ୍ତା ପରିଶ୍ରାନ୍ତ ଓ ଅବହେଳନର ଅନ୍ତ ନାହିଁ । ଆଇନଷ୍ଟାଇନଙ୍କ ତତ୍ତ୍ୱକୁ ଭିତ୍ତିକରି ଉଦ୍'ଭାବିତ ହୋଇଗଲା ପରମାଣୁ ବୋମା' । ମୁହୂର୍ତ୍ତକ ପାଇଁ ଆନନ୍ଦରେ ସମସ୍ତେ ବିଭୋର । ଆଲମୋଗୋର୍ଡୋର ମରୁଭୂମିସ୍ଥ ଏକ ନିର୍ଜନ ସ୍ଥାନ । ୧୦୦ ଫୁଟ ଭୂଇଁତଳେ ୧୦ ଫୁଟ ମୋଟେଇ ବିଶିଷ୍ଟ ଲୌହ ଗଂଭୁଜ । ଅଙ୍କରେ ଅଟକଳ କରାଯାଇଥିବା କ୍ଷମତାର ପରୀକ୍ଷା ପାଇଁ ପରମାଣୁ ବୋମା ସୁରକ୍ଷିତ । ନିସ୍ପନ୍ଦ ମୁହୂର୍ତ୍ତରେ ଜନକ ଓପେନହେମର ସହଯୋଗୀ ବୈଜ୍ଞାନିକଙ୍କ ଗହଣରେ କଳାଚଷମା ଲଗାଇବସିଛନ୍ତି । ବିସ୍ଫୋରିତ ହୋଇଛି ଏ ଯୁଗର ସର୍ବ ଶକ୍ତିମାନ ମାରଣାସ୍ତ୍ର । ଓପେନହେମର ବିସ୍ମୟାଭୂତ ଆକାଶରେ ସହସ୍ର ସୂର୍ଯ୍ୟର ଜ୍ୟୋତି ତାଙ୍କ କଣ୍ଠରୁ ସ୍ୱତସ୍ଫୂର୍ତ୍ତି ନିର୍ଗତ ହେଉଛି ।

ଦିବି ସୂର୍ଯ୍ୟସହସ୍ରସ୍ୟ ଭବେତ୍ ଯୁଗପଦୁତ୍ଥିତା,
ଯଦିଭାଃସ ଦୃଶୀ ସା ସ୍ୟା ଦ୍ଭାସସ୍ତସ୍ୟ ମହାତ୍ମନଃ ॥

(ଶ୍ରୀମଦ୍ଭଗବତଗୀତା-ଅଧ୍ୟାୟ-୧୧-ଶ୍ଲୋକ-୧୨)

ଯେଉଁଦିନ ବୈଜ୍ଞାନିକମାନେ ରିହାରସାଲରେ ଯେଉଁ ବିଶ୍ୱରୂପ ଦର୍ଶନକଲେ ତାହା ବାସ୍ତବରେ ମଞ୍ଚସ୍ଥହେଲା ୧୯୪୫ ଅଗଷ୍ଟ ୬ ଏବଂ ୯ ତାରିଖ ଦିନ ହିରୋସିମା ଓ ନାଗାସାକିରେ । କିନ୍ତୁ ଯେଉଁ ବିଶ୍ୱଦର୍ଶନ ମହାଭାରତରେ ପୁଞ୍ଜିଭୂତ ଦୁଃଖ ଓ ନୈରାଶ୍ୟର ଅବସାନ ପାଇଁ ଉଦ୍ଦିଷ୍ଟଥିଲା ତାହା ବିଶ୍ୱବାସୀଙ୍କ ପାଇଁ ଶାଶ୍ୱତ ଦୁଃଖ ଓ ଦୁର୍ବିପାକର କାରଣ ହୋଇଯାଇଛି । କିଏ କହିବ କେଉଁ ବିଶ୍ୱ ଦରବାରରେ ଏ ଯୁଗ ଯନ୍ତ୍ରଣାର ସମୀକ୍ଷା ହେବ ?

ଯୁଦ୍ଧ ଓ ରଣକ୍ଷେତ୍ରରେ ଧ୍ୱଂସ କରିବା ଆଗରୁ ତାର ବିଷମୟ ବୀଜଟି ଅଙ୍କୁରିତ ହୁଏ ମଣିଷ ମନରେ । ଯୁଦ୍ଧ ପ୍ରବଣତା ମଣିଷକୁ ଲଢ଼ୁଆ ବିମାନ, କ୍ଷେପଣାସ୍ତ୍ର, ଉଦ୍‌ଜାନବୋମା, କୋବାଲ୍ଟ ବୋମା, ଭୂତାଣୁ ଓ ଜୀବାଣୁ ବୋମା ପ୍ରଭୃତି ବହୁ ମାରଣାସ୍ତ୍ର ପ୍ରସ୍ତୁତ କରିବାକୁ ପ୍ରରୋଚନା ଦେଉଛି । ପ୍ରଳୟ ଓ ବିନାଶକୁ ଅପେକ୍ଷାକରି ବାରୁଦ ଗାଦରେ ବସିଥିବା ଦୁଃଖୀ ମଣିଷ କାନରେ ତାର ଚେତାବନୀ ସତତ ଅନୁରଣିତ ହେଉଛି ।

ମୃତ୍ୟୁଃ ସର୍ବହରଶ୍ଚାହମ୍ ଉଦ୍ଭବଶ୍ଚ ଭବିଷ୍ୟତାମ୍ ।

(ଶ୍ରୀମଦ୍ଭଗବତଗୀତା-୧୦ ଅଧ୍ୟାୟ-୩୪)

'ସ୍ୟମନ୍ତକ' ତାର ବିଭିନ୍ନ ସଂଖ୍ୟାରେ ସାହିତ୍ୟର ଆତ୍ମା 'ରସ' ସମ୍ପର୍କରେ ଆଲୋଚନା କରିଆସୁଛି । ବିଦଗ୍ଧ ପାଠକ ଏବଂ ସାରସ୍ୱତ ସ୍ରଷ୍ଟାମାନେ ଆମକୁ ଏ ଦିଗରେ ବହୁଭାବରେ ଅନୁପ୍ରାଣୀତ ଓ ଅନୁଗୃହୀତ କରିଛନ୍ତି । ସମସ୍ତଙ୍କୁ ବିନମ୍ର କୃତଜ୍ଞତା ଜଣାଉଛୁଁ ।

ଦୁର୍ଯ୍ୟୋଧନ ଦାସ

Digitized by srujanika@gmail.com

କରୁଣ, କାରୁଣ୍ୟ ଓ କରୁଣା

ଶାନ୍ତିରଂଜନ ଦାସ

ଯିଏ ହସାଏ, ସେଇ କ'ଣ ହାସ୍ୟରସ ? ଯିଏ କନ୍ଦାଏ, ସେହି କ'ଣ କରୁଣ ରସ ? ଅର୍ଥାତ୍, ଓଲଟାଇ କହିଲେ, ହାସ୍ୟରସ କ'ଣ ସବୁବେଳେ ହସାଏ, ଅଥବା କରୁଣରସ କ'ଣ ସବୁବେଳେ କନ୍ଦାଏ ? କ୍ରୌଞ୍ଚ ପକ୍ଷୀଟିର ହତ୍ୟାକୁ ଦେଖି ଆପଣା ମଧ୍ୟରେ କାରୁଣ୍ୟର ଅନୁଭବ କରି ଏକଦା ଜଣେ ମଣିଷ ଯେତେବେଳେ ହଠାତ୍ ଆଉ କ'ଣ ଅନୁଭବକଲା ଓ ଆଉ କ'ଣଟିଏ ହୋଇଗଲା, ଆମେ କ'ଣ ତାହାକୁ କେବଳ କରୁଣରସର ଏକ ଦୃଷ୍ଟାନ୍ତ ବୋଲି କହିବା ? ଖାଲି ଚଢ଼େଇଟିଏ ସହିତ ନୁହେଁ, ବାଲ୍ମୀକି ଋଷି ଯେତେବେଳେ ହୁଏତ ସମଗ୍ର ସଂସାର ସହିତ କେଡ଼େ ଏକାତ୍ମତା ଅର୍ଥାତ୍ କେତେ ନିବିଡ଼ତା ଅନୁଭବ କରିଥିବେ ଏବଂ ନିବିଡ଼ତା ଅନୁଭବକଲାବେଳେ ଯେଉଁ ଅଶ୍ରୁ ଆପଣାଛାଏଁ ଖାଲି ଆଖିକୁ ନୁହେଁ, ସମଗ୍ର ଶରୀରକୁ ମଧ୍ୟ ଛଳ ଛଳ କରିଆଣେ, ସେହି ଅଶ୍ରୁକୁ କ'ଣ ଆମେ କେବଳ କରୁଣରସ ବୋଲି କହିବା ? ହୁଏତ ସାହିତ୍ୟର ପଣ୍ଡିତମାନେ ତାହା କହିବେ । ମାତ୍ର ଜୀବନକୁ ଆମର ଆଠପହରିଆ ଜୀବନର ଯାବତୀୟ ଉଚ୍ଚତାରେ ଝୁରୁଥିବା ଆମେ ମଣିଷମାନେ କଦାପି ସେକଥା କହି ପାରିବାନାହିଁ । ସାହିତ୍ୟର ଭୂମିରୁ ଜୀବନର ଭୂମିକୁ ଓହ୍ଲାଇ ଆସିଲେ କଥାଗୁଡ଼ାକୁ କଦାପି ଏତେ ସୁନାସୁନ୍ଦ ଟୋ' କରି କୁହାଯାଇ ପାରିବ ନାହିଁ । ସମ୍ଭବତଃ ତାହାହିଁ ଜୀବନର ଏକ ସର୍ବବିଶେଷତ୍ୱ ।

ରସ ଆଗ ଜୀବନରେ, ତା'ପରେ ଯାଇ ସାହିତ୍ୟରେ । ଆହୁରି ନିର୍ଦ୍ଦିଷ୍ଟକରି କହିଲେ, ଯେଉଁମାନେ ସାହିତ୍ୟତତ୍ତ୍ୱ କରିଛନ୍ତି, ସେହିମାନେ ହିଁ ରସକୁ ଏକ ଆଲୋଚ୍ୟ ପ୍ରକରଣର ବେଶ ଦେଇ ସାହିତ୍ୟ ଭିତରକୁ ଆଣିଛନ୍ତି । ଜଣେ କବି ତା' କବିତାଗୁଡ଼ିକୁ ଲେଖିଲାବେଳେ ଯଦି ସିଏ ଏକ ଦୁର୍ବୁଦ୍ଧିରେ ପଡ଼ି ରସଗୁଡ଼ିକ ବିଷୟରେ ସଚେତନ ହେବାକୁ ମନ କରିବ, ତେବେ ସିଏ ଗୋଟାସୁଦ୍ଧା କୁଆଡ଼େ ମନ କୁଆଡ଼େ ଭାସିଯିବ ।

Digitized by srujanika@gmail.com

ରସସଚେତନ କବଟିଏ, ସିଏ ପୁଣି କେମିତ ଏକ ଜନ୍ତୁ ? ହଁ, ଯୋଉଠି ସତ୍ତାରେ ହିଁ ଅନେକ କବିର ଓ କବିତାର ମୂଳଭଉଳ ହୁଏ, ସେଠାରେ ବିଚରା କବିଟିକୁ ରସର ଖେଳା ଭିତରେ ପଶିବାକୁ ପଡ଼େ । ଭାରତୀୟ ପ୍ରାଚୀନ୍ୟ ସାହିତ୍ୟ ଏବଂ ସଂସ୍କୃତ ସାହିତ୍ୟ ଭିତରେ ଆମେ ଏକ ନିର୍ଦ୍ଦିଷ୍ଟ ପର୍ଯ୍ୟାୟରେ ଏପରି ଅନେକ କବିଙ୍କୁ ଭେଟିବାକୁ ପାଉ, ଯେଉଁମାନେ କି ରସ ଅନୁସାରେ ପଦରଚନା କରୁଥିଲେ, ଅକ୍ଷର ଓ ଶବ୍ଦର ବିସାଣକରି ପଦ ବାନ୍ଧୁଥିଲେ । ତାହାକୁ କେଜାଣି କାହିଁକି ସ୍ୱର୍ଣ୍ଣଯୁଗ ବୋଲି ସେତେବେଳେ କୁହାଯାଉଥିଲା, ଏବେ ଆମେ ଅନେକେ ମଧ୍ୟ ତାହାକୁ ସେହି ନାମଟି ଦେଇ ଚାହୁଁଛୁ । ହଁ, ଏହା ରସ, ପ୍ରାସ, ଅନୁପ୍ରାସ, ଶବ୍ଦବନ୍ଧାଣ ଏବଂ ଅକ୍ଷରବିନ୍ୟାସର ଗଣିତ ଦୃଷ୍ଟିରୁ ବିଚାରକଲେ ଅଲବତ ଏକ ସ୍ୱର୍ଣ୍ଣ, ସ୍ୱର୍ଣ୍ଣର ସେହି ପର୍ଯ୍ୟାୟଟି ଆମ ସାହିତ୍ୟସର୍ଜନାର ସାହାଚରିଠା କାହାଣୀରେ ସମ୍ଭବତଃ ଅଧିକତର ପରିମାଣରେ ଏକ ବିପର୍ଯ୍ୟୟ ହିଁ ସୃଷ୍ଟି କରିଛି । ସାହିତ୍ୟ ଭିତରୁ ଯେତେବେଳେ ଯାବତୀୟ ପ୍ରକାରର ଅଫିମକୁ ଚାଲାଣକରି ଦିଆଯିବ, ସେତେବେଳେ ଯାଇ ଆମେ ସେହି ସତ୍ୟଟିକୁ ଠିକରୁ ସତ ବୁଝିବା ।

ତେଣୁ, ରସ ହେଉଛି ଆଗ ଜୀବନରେ, ତା'ପରେ ଯାଇ ସାହିତ୍ୟରେ । ଜୀବନର ପରିପେକ୍ଷୀରେ ମଣିଷମାନେ ବ୍ୟକ୍ତିଗତ ତଥା ସାମୂହିକ ଦୁଇଟିଯାକ ଭୂମିରେ ରସଗୁଡ଼ିକୁ ଯେପରି ଭାବରେ ଅଙ୍ଗେ ନିଭାଇଛନ୍ତି, ତାହାରି ଦର୍ପଣ ଉପରେ ଆମେ ଅଧିକ ଯଥାର୍ଥତା ସହିତ ସାହିତ୍ୟସ୍ଥ ରସର ବିଚାର କରିପାରିବା । ରସକୁ ନେଇ କୌଣସି ସାଧାରଣୀ-କରଣର ଉଗ୍ରୁକତା ଦେଖାଇଲେ ତାଦ୍ୱାରା ଆମକୁ ଅଧିକତର କ୍ଷେତ୍ରରେ ପ୍ରମାଦ ହିଁ ଭୋଗିବାକୁ ପଡ଼ିବ । ପଣ୍ଡିତମାନେ ସୂତ୍ର ଅନୁସାରେ ଜୀବନକୁ ବୁଝିବାକୁ ଏକ ଅନ୍ୟ ବୁଦ୍ଧି ନେଇ ବାହାରିଥାନ୍ତି । ସାଧାରଣୀକରଣ ବ୍ୟତୀତ ବିଚାର ପ୍ରଜାତିମାନଙ୍କର ଆଉ ଅନ୍ୟଗତି ନଥାଏ । ତେଣୁ ସେମାନେ ଆମକୁ କେତେ ସହଜରେ ରସଗୁଡ଼ାକୁ ଏତେ ନା ଏତେ ଭାଗରେ ବିଭକ୍ତକରି ଦେଖାଇଦିଅନ୍ତି ଓ ଆମକୁ ସତେଅବା ଏକ ଅରଣ୍ୟ ଭିତରେ ନେଇ ଛାଡ଼ିଦିଅନ୍ତି । ଜୀବନରୂପୀ ଅରଣ୍ୟରେ ବିଦ୍ୟାରଣ୍ୟମାନଙ୍କର ସୂତ୍ରବୁଦ୍ଧି ଖୁବ୍ ବେଶୀ କାମରେ ଲାଗେନାହିଁ । ନାୟକ ବା ନାୟିକାର ଭେଦଗୁଡ଼ିକୁ କାବ୍ୟଶାସ୍ତ୍ରରୁ ନବୁଝି ଜଣେ ପ୍ରକୃତରେ ନାୟକ ବା ନାୟିକାଟିଏ ହୋଇପାରିଲେ ଯେପରି ମଣିଷକୁ ଅଧିକ ଶ୍ରେୟର ଅନୁଭବ ମିଳିଥାଏ, ଠିକ୍ ସେହିପରି ରସନିରୂପଣ ଶାସ୍ତ୍ରର ଶୁଷ୍କ ଗଣିତ ଭିତରେ ପାରିହେବା ଅପେକ୍ଷା ଜୀବନରେ ରସର ଅଧିକରୁ ଅଧିକ ଯୋଗ୍ୟ ହେବା ଓ ରସଗୁଡ଼ିକୁ ବହିବାରେ ସମ୍ଭବତଃ ଅଧିକ ଶ୍ରେୟଃ ନିହିତ ହୋଇ ରହିଛି ।

ଆମ ସାମୂହିକ ଜୀବନରେ ବୀଭତ୍ସଟିଏ ଅତ୍ୟନ୍ତ ଗରିମା ସହିତ ରହିଛି, ତେଣୁ କରୁଣ ନାମକ ରସଟିଏ ମଧ୍ୟ ରହିଛି । ଏହି ପୃଥିବୀ ଏପରି ଅସ୍ୱାଭାବିକ ଭାବରେ ଖାଲ ଢିପ ଓ ଅସମାନ ହୋଇ ରହିଛି ଯେ ମଣିଷର ସମାଜରେ କେତେକ ମଣିଷଙ୍କୁ ବୀଭତ୍ସହୋଇ

Digitized by srujanika@gmail.com

ପଡ଼ିବାର ପୂର୍ଣ୍ଣ ପ୍ରଶ୍ରୟ ମିଳିଯାଉଛି । ମଣିଷପରି ମଣିଷଟିଏ ହୋଇ, ଅର୍ଥାତ୍ ପ୍ରୀତିରେ, ସହାନୁଭୂତି ଓ ସମଞ୍ଜସତା ସହିତ ଜୀବନ ବଞ୍ଚିବାକୁ ହେଲେ ଆମର ପୃଥିବୀରେ ଯେଉଁ ନ୍ୟୂନତମ୍ ଆବଶ୍ୟକତାଗୁଡ଼ିକର ପୂରଣ ହୋଇପାରିବା ଦରକାର, ଆମେ ସେହି ସ୍ଥିତିରୁ ହୁଏତ ଯୋଜନ ଯୋଜନ ଦୂରରେ ରହିଛୁ । ଆମର ଅଧିପତିମାନେ, ଆମର ଶାସ୍ତ୍ରମାନେ ଓ ଆମର ଧର୍ମମାନେ ଅଧିକାଂଶତଃ ଦୂରତାଗୁଡ଼ିକୁ ବଢ଼ାଇବାରେ ହିଁ ସହାୟତା କରି ଆସିଛନ୍ତି । ଭାଗ୍ୟବାଦ ଓ କର୍ମବାଦ ମନୁଷ୍ୟର ଆସ୍ପୃହା-ଆକାଂକ୍ଷାକୁ ସଚରାଚର ମୂଢ଼କରି ରଖିଛି । ତେଣୁ, ଯାହାର ଅଧିକ ଅଛି, ଅଧିକ କ୍ଷମତା ରହିଛି, ଅଧିକ ଧନ ରହିଛି, ଅଧିକ ବିଦ୍ୟା ରହିଛି, ଏପରିକି ଅଧିକ ପ୍ରତିଭା ବୃଦ୍ଧି ରହିଛି, ସିଏ ଅନ୍ୟମାନଙ୍କୁ କେତେ ସହଜରେ ଗିଳି ପକାଉଛି । ସିଏ ବୀଭତ୍ସ ହୋଇଯାଉଛି, ଭାଗ୍ୟ ଓ ଭଗବାନଙ୍କୁ ସିଏ ଇଚ୍ଛା ତାହାରି ପକ୍ଷରେ ରହିଥିବାର ଦେଖୁଛି । ତେଣୁ ବର୍ବର ହେଉଛି, ଅବଜ୍ଞା କରୁଛି; ଏବଂ ଅନ୍ୟମାନେ ନରଖର ହେଉଛନ୍ତି । ବୀଭତ୍ସ ଓ କରୁଣକୁ ସେତେଥିବା ଆପଣାର ଦୁଇ ଚକପରି ବ୍ୟବହାରକରି ମଣିଷର ସ୍ଥିତି ଉପରେ କାଳର ଶଗଡ଼ ଗଡ଼ ଗଡ଼ ଚାଲିଛି ।

ଆମ ଅତ୍ୟନ୍ତ ଅବାଗିଆ ପୃଥିବୀଟାରେ ଜଣେ ମଣିଷ ସୁଖରେ ଜୀଇଁବ ବୋଲି ଆହୁ କେତେ କେତେ ମଣିଷଙ୍କୁ ଦୁଃଖ ଭିତରେ ଯାଣ୍ଡି ହୋଇ ରହିବାକୁ ପଡ଼ୁଛି । ଏହି ଦୃଷ୍ଟିରୁ ବୀଭତ୍ସ ଓ କରୁଣକୁ ଅନ୍ତତଃ ଆମର ପୃଥିବୀରେ ପରସ୍ପରର ପରିପୂରକ କିମ୍ବା ପ୍ରତ୍ୟେକ ବୋଲି କୁହାଯାଇପାରିବ । ପୃଥିବୀରୁ ଯେତେବେଳେ ବୀଭତ୍ସର ହ୍ରାସ ଘଟିବ, ଏବଂ ସୁଖର କଥା, ବିଜ୍ଞାନ ଏବଂ ବିବେକର ବଳରେ ତାହା କ୍ରମେ ଅନ୍ତତଃ ପୃଥିବୀର କେତେକ ଭାଗରୁ ହ୍ରାସ ଲଭିବାକୁ ଆରମ୍ଭକଲଣି— ଯେତେବେଳେ ମଧ୍ୟ କରୁଣ ଅବଶ୍ୟ ରହିବ । ମାତ୍ର ତାହାକୁ ଆମ ଏବର କରୁଣ ସହିତ ଆଦୌ ସମତୁଲ କରାଯାଇ ପାରିବନାହିଁ । ବର୍ତ୍ତମାନ ତ ବୀଭତ୍ସମାନେ ଅତି ପ୍ରବଳ ହୋଇ ଉଠିଛନ୍ତି ଏବଂ କ୍ଷମତାମାନେ ପର ଲଗାଇ ଉଡ଼ି ସାରା ଆକାଶଟାକୁ ଗ୍ରାସକରି ପକାଇବେ ବୋଲି ବାହାରିଛନ୍ତି । ଏଣୁ ମନୁଷ୍ୟର ଅସହାୟତାଗୁଡ଼ାକ କରୁଣ ବିଳାପ କରିବାକୁ ଲାଗିଛି । ଆମ କାବ୍ୟମାନେ ଅଶୋକବନରେ ସୀତାଙ୍କୁ ଥାପି ପ୍ରଧାନତଃ ଆମର ସେହି ଅସହାୟତାକୁ ଆଲିକରି ସ୍ୱେଦନ କରିବାରେ ଏତେ ପୁଲକ ଲାଭ କରିଛନ୍ତି । ଭାଇ ଲକ୍ଷ୍ମଣ ଯେତେବେଳେ ସୀତାପରି ଜଣେ ଭାଉଜଙ୍କୁ କେବଳ ଭ୍ରାତୃ ଆଜ୍ଞାର କଦାପି ଉଲ୍ଲଂଘନ କରିବନାହିଁ ବୋଲି ଅରଣ୍ୟ ଭିତରେ ଏକାକୀ ଛାଡ଼ିଦେଇ ଆସୁଛି, ଆମ ସମାଜର ଅସହାୟ ମଣିଷମାନେ ସେହି କରୁଣ ସ୍ଥିତିରୁ ଚୁପୁଡ଼ା ହୋଇ କାବ୍ୟକୁ ଆର୍ଦ୍ର କରି ଦେଇଥିବା କରୁଣରସରୁ ସତେ କେତେ Kathartic ପୁଲକ ଅନୁଭବ କରି ନ ପାରୁଛନ୍ତି ! ବୀଭତ୍ସ ଦୁଃଶାସନ ହୋଇ ଗର୍ଜନ କରୁଛି, ବୀଭତ୍ସ ପିତାମହ ଓ କୁଳାଗୁର୍ଣମାନେ ଏକ ଦୃଷ୍ଟମତ ଉପେକ୍ଷାର ମୁଖାଭରଣ ପିନ୍ଧି ସଜ୍ଜନପ୍ରାପ୍ତ ବସିଛନ୍ତି; ଏବଂ ସେହି କୁରୁସଭାରେ ଦ୍ରୌପଦୀଟିଏ

Digitized by srujanika@gmail.com

ଯେତେବେଳେ ନିଜ ଲୁଗ୍ଗାଇ ପାରିବା ଭଳି ବସନଟିଏ ପାଇଁ ନରହରିଙ୍କୁ ପ୍ରାର୍ଥନା କରୁଛୁ, ସେତେବେଳେ ଆମ ରସଗ୍ରାହୀମାନେ ସାଭିପ୍ର ଉଦ୍ଦେଶ୍ୟରେ ଏକ କ୍ରିୟାଶୀଳ କ୍ରୋଧ ବ୍ୟକ୍ତ କରିବାର ତୁଳନାରେ ଦ୍ରୌପଦୀର ବିକଳ ଅବସ୍ଥାରେ ହୁଏତ ଅଧିକ ଆହା ଆହା କରୁଛନ୍ତି ଓ କରୁଣରସ ଆସ୍ୱାଦନ କରୁଛନ୍ତି ।

ଚେତନା ଅନେକ ସ୍ତରର । ସେହି ଅନୁସାରେ ମଣିଷର ଜୀବନ ମଧ୍ୟ ଅନେକ ସ୍ତରର ଓ ତେଣୁ ତା' ଜୀବନରେ ରସର ଆସ୍ୱାଦନ ମଧ୍ୟ ଅନେକ ସ୍ତରର । ସେହି ନ୍ୟାୟଟି ଅନୁସାରେ ଯେପରି ହାସ୍ୟ ଏକାଧିକ ସ୍ତରର ରହିଛି, କରୁଣ ମଧ୍ୟ ଏକାଧିକ ସ୍ତରର ରହିଛି; ଓପରିକି ଶାନ୍ତ ମଧ୍ୟ ଏକାଧିକ ସ୍ତରର ରହିଛି । ଜୀବନରେ କରୁଣ କୁଆଡ଼େ ଅଧିକ ଏବଂ ଆନନ୍ଦମୟ କମ୍ ବୋଲି ହାସ୍ୟରସର ଆଲୋଚନା କଲାବେଳେ ଅନେକ ବିଜ୍ଞ ବ୍ୟକ୍ତି କହି ପକାଇଥାନ୍ତି । ଦୁଃଖାଧିକ୍ୟରେ ଆଠପହରିଆ ଜୀବନରୁ ଦଣ୍ଡେ ଘଡ଼ିଏ ପରିତ୍ରାଣ ପାଇବାକୁ ମଣିଷ ସତେଅବା ଏକ ପୋଷାକୀ ବ୍ୟତିକ୍ରମରୂପେ ହେଁ କରି ହସି ଦେଇଥାଏ ବୋଲି ହାସ୍ୟରସର କେତେକ ବ୍ୟାଖ୍ୟାକାର କହିବାକୁ ମନ କରିଥାନ୍ତି ତେବେ ହାସ୍ୟରସକୁ କେତେକ ଅର୍ଥରେ ଏକ ପଳାୟନ-ରସ ବୋଲି କୁହାଯାଇ ପାରିବ କି ? ହାସ୍ୟରସ କ'ଣ କେବଳ ବଦ୍ରୁ ପକାସ୍ୱର, କେବଳ ଉପରେ ଦୁର୍ବଳ ଏବଂ ଭିତରେ ହିଂସ୍ର ହୋଇ ରହିଥିବା ସେହି ବିଚିତ୍ର ମଣିଷଟିର ? କେବଳ ଭୁଲିବାକୁ କ'ଣ ହାସ୍ୟରସ ? ହାସ୍ୟର କ'ଣ ଏପରି କୌଣସି ସ୍ତର ନାହିଁ, ଯେଉଁଠାରେ କି ତାହା ସତକୁ ସତ ଏକ ଅନ୍ତର୍ଦୃଷ୍ଟିମୟ, ଅନ୍ତଃ-ସଂପ୍ରତ୍ୟୟ ଏବଂ ଏକ ଅନ୍ତର୍ଗତ ଆନନ୍ଦକୁ ମଧ୍ୟ ସ୍ପର୍ଶ କରିପାରୁଥିବ ? ଠିକ୍ ସେହିପରି କରୁଣ ରସ କହିଲେ କ'ଣ ଖାଲି ନିଜର ଦୁଃଖ ଓ ଅସହାୟତାରେ ରୋଦନ କରିବାକୁ ବୁଝାଏ ? ଏପରି ଏକ ନିକୃଷ୍ଟ ସ୍ତରର କରୁଣରସ ରହିଛି, ଯାହାକି ନିଜକୁ ଅସହାୟ ଓ ସନ୍ତାପ-ଗ୍ରସ୍ତ ବୋଲି ଦେଖାଇ ଗୋଟିଏ ପ୍ରକାରର ପୁଲକ ମଧ୍ୟ ଅନୁଭବ କରିଥାଏ । ଆଉ ଗୋଟିଏ ପ୍ରକାରର କରୁଣ ରହିଛି, ଯାହା ପ୍ରାୟ ସ୍ୱଭାବତଃ ଅତ୍ୟନ୍ତ ପ୍ରଦର୍ଶନପ୍ରିୟ ଏବଂ ସେହି ପ୍ରଦର୍ଶନରେ ହିଁ ତାହାର ସର୍ବାଧିକ ଆନନ୍ଦ । ସେ କୌଣସି ପ୍ରଦର୍ଶନ-ପ୍ରବୃତ୍ତିକୁ ଆଦୌ କୌଣସି ରସ ବୋଲି କହିବା ପୂର୍ବରୁ ଯାବତୀୟ ଭିଷଣାସ୍ତ୍ରରେ ସମ୍ଭବତଃ ପ୍ରଥମେ ଏକ ବ୍ୟାଧି ବୋଲି କୁହାଯିବ ଏବଂ, ବ୍ୟାଧିତ ହୋଇ ରହିଥିବା ଜଣେ ମନୁଷ୍ୟ ଭିତରେ ବସ୍ତୁତଃ ଆଦୌ କୌଣସି ରହଲାଗି ଯୋଗ୍ୟତା ଅଛି ବୋଲି କୁହାଯାଇ ପାରିବ କି ?

ଦୁଃଖ ମଣିଷକୁ ବିଶ୍ୱ ଦୁଃଖ (Weltschmerzକୁ) ସହିତ ଗଣ୍ଠିଠାଇ ଦିଏ ବୋଲି କବିମାନେ କାଳେ କାଳେ କହି ଆସିଛନ୍ତି । ଜର୍ମାନୀର ମହାକବି ଗୁଏଟେଙ୍କର ଭାଷାରେ ଦୁଃଖ ଆମକୁ ବିଶ୍ୱପତିଙ୍କର ସନ୍ନିଧାନକୁ ନେଇଯାଏ, ଆମକୁ ତାଙ୍କର ପରମ ଇଚ୍ଛାଟି ସହିତ ପରିଚିତ କରାଇ ରଖେ । ସେତେବେଳେ ସେହି ଦୁଃଖରୁ ଯେଉଁ ରସଟିକୁ ଅଙ୍ଗେ ନିଭାଇବାର ପରମପ୍ରସାଦ ଉପଲବ୍ଧ ହୁଏ, ତାହାକୁ ବି କ'ଣ କାବ୍ୟତତ୍ତ୍ୱର

Digitized by srujanika@gmail.com

ଚକ୍ରାନ୍ତରେ ପଡ଼ି କରୁଣ ବୋଲି ବୁଝାଯିବ ? ସର୍ବସଂହା ଏହି ପୃଥିବୀରେ ଅଜସ୍ର ଦୁଃଖ;— ମାତ୍ର, ଯେଉଁ ପୃଥିବୀ ସହିତ ଏକାତ୍ମତା ଅର୍ଜନ କରି ବଞ୍ଚିବାର ଗୋଟିଏ ସ୍ତର ରହିଛି, ଯେଉଁଠାରେ କି କେବଳ ସହାନୁଭବ ରହିଥାଏ,—ତତ୍ତ୍ୱକାରମାନେ ସେହି ସ୍ତରଟିକୁ ପ୍ରକୃତରେ କେତେ ଅଳପ ଜାଣନ୍ତି ! ଯେତେବେଳେ ଦୁଃଖକୁ କେହି ଜାଣିଶୁଣି, ହସିହସି ବରଣ କରିନିଏ, ସମର୍ପିତ ମଣିଷର ସେହି ଅଙ୍ଗେ ନିଭାଇବାକୁ, ଯୀଶୁଙ୍କର ସେହି Crossକୁ ବହନ କରିବାକୁ ଆମେ କ'ଣ ଆମ ଶବ୍ଦଗତ ଅର୍ଥରେ ତଥାପି କରୁଣ ବୋଲି କହିବା ? କାର୍ଯ୍ୟତଃ ଏକ କରୁଣ ରସଦ୍ୱାରା ଅନୁପ୍ରେରିତ ହୋଇ କ' ଣ ଶ୍ରୀମସ୍ୱେଇ ଜଗତର ଉଦ୍ଧାରଲାଗି ନିଜ ଜୀବନକୁ ନର୍କରେ ପକାଇ ରଖିବାର ବାଜି ଲଗାଇବାକୁ ମନ କରିଥିଲେ ? ତେଣୁ, ସବୁ ପ୍ରକାରର କରୁଣାକୁ ଆମେ କଦାପି ଆମ ସୂତ୍ରକାରମାନ-ଙ୍କର ସେହି ଗୋଟିଏ କାଚରେ ଦେଖିବାକୁ ମନ କରିବାକୁ ମନ କରିବାନାହିଁ । ବରଂ, ଆମ ଆପଣାର ଅଙ୍ଗେ ନିଭାଉଥିବା ଓ ପାହାଚ ଉଠୁଥିବା ଅନୁସାରେ କାବ୍ୟତତ୍ତ୍ୱର ସୂତ୍ରଗୁଡ଼ାକୁ ବାରବାର ତରାଜୁରେ ପକାଇ ଦେଖୁଥିବା । ରସର ମୂଲ୍ୟାୟନ ଯଦି ଯୁଗର ଆଖି ଅନୁସାରେ ଏବଂ ଅନୁଭବୀର ଅଙ୍ଗେ ନିଭାଇବା ଅନୁସାରେ ଆପଣା ଅର୍ଥପରିଧିରେ ମଧ୍ୟ ବଦଳିବାକୁ ରାଜି ନ ହେବ, ତେବେ ସେହି ମୂଲ୍ୟାୟନ ବହିରେ ଥାଉ, ଅଧ୍ୟାପକର ଅଧ୍ୟାପନା ଭିତରେ ଗୋଡ଼ ହାତ ବାନ୍ଧି ପଡ଼ିଥାଉ, ଆମେ ନିଜର ଜୀବନରେ ତଥା ନିଜର ଯାବତୀୟ ସମ୍ବନ୍ଧରେ ରସର ନୂଆ ନୂଆ ଆବିଷ୍କାରକରି ବାହାରିଯିବା ।

କରୁଣରୁ ପାହାଚେ ଉଠିଲେ କାରୁଣ୍ୟ, ଅର୍ଥାତ୍ ସହାନୁଭବ ଓ ସମଭାଗିତା । ସମଭାଗିତାରୁ ବିମୋଚନ ଓ ଅତିକ୍ରମଣ । ସେଠାରୁ ଆଉ ପାହାଚେ ଉଠିଲେ କରୁଣା । ଆମ ଅବର୍ଦ୍ଧିଆ ସମାଜରେ କରୁଣାକୁ ଅନେକ ସମୟରେ ଦୟାର ସମତୁଲକରି ରଖା-ଯାଇଛି । ଏକଥା ପ୍ରଧାନତଃ ବୀଭତ୍ସମାନେ କରିଛନ୍ତି । ସେହିମାନଙ୍କର ଫାନ୍ଦରେ ପଡ଼ି ଧର୍ମକୁ ତୀର୍ଥାଟନ ଦ୍ୱାରା ପୁଣ୍ୟର ଅର୍ଜନ ସହିତ ବାନ୍ଧି ଦିଆଯାଇଛି । ଅସଲ କରୁଣାଟି ଆମ ଜୀବନର ପାଥେୟ ଭିତରକୁ ପ୍ରବେଶ ନକରିଥିଲା ପର୍ଯ୍ୟନ୍ତ ଆମେ ଦୟାର ଫିସାଦ ଭିତରେ ରହିଥାଉ; ଦୟାଳୁତା ଦେଖାଉ, ଭିତରର ବହୁ ନୃଶଂସତାକୁ ଏକ ମିଛ ପ୍ରବୋଧନାର ଆବରଣଦେଇ ଘୋଡ଼ାଇ ରଖିଥାଉ । ଆମ ଜୀବନରେ କରୁଣାର ସ୍ପର୍ଶ ବାଜିଲେ ଆମେ ନିଜର ଶ୍ରେଷ୍ଠ ପୁଞ୍ଜିଗୁଡ଼ିକୁ ଏକତ୍ରକରି ଯନ୍ତ୍ରଟିଏ ହୋଇ ବାହାରୁ, ଖୁସିରେ ଯନ୍ତ୍ରଟିଏ ହେଉ । ତେଣିକି ଜୀବନର ପୁରୁଣା ବଣିଜ ସବୁ ପଛରେ ପଡ଼ିରହନ୍ତି,— ପୁରୁଣା ଗଣିତଗୁଡ଼ାକ ଅନୁଯାୟୀରେ ହୁଏତ ଆମେ ହାରି ହାରି ଯାଉଥାଉ, ମାତ୍ର ଅନ୍ତରର ଅସଲ ମଣିଷଟିକୁ ସାଙ୍ଗରେନେଇ ବାଟ ଚାଲିବାର ଅଭିକ୍ରମରେ ଆମେ ଶୃଙ୍ଗରୁ ଶୃଙ୍ଗ (ସାନୋଃ ସାନୁଂ) ଅତିକ୍ରମକରିବାରେ ଲାଗିଥାଉ । କାବ୍ୟରେ ରସନିଷ୍ପତ୍ତିର ଯାବତୀୟ ସରଳ ଓ ବକ୍ରଗୁଡ଼ିକୁ କଣ୍ଠସ୍ଥକରି ରଖିଲେ ମଣିଷକୁ ସେହି ଅଧିକାର କଦାପି ମିଳେନାହିଁ, ମଣିଷ ସତକୁ ସତ ମନକଲେ

Digitized by srujanika@gmail.com

ଯାଇ ତାହା ସମ୍ଭବହୁଏ । ଜଣେ କବି କିମ୍ବା କାବ୍ୟକାର ସେହି ଉଚ୍ଚତାଟିରେ ଯାଇ ପହଞ୍ଚିଛି କି ନାହିଁ, ସେତେବେଳେ କେବଳ ତା' କାବ୍ୟକୃତିରୁ ନୁହେଁ, ସିଏ ବଞ୍ଚିଥିବା ଜୀବନଟିରୁ ମଧ୍ୟ ତାର ପରିଚୟ ଉପଲବ୍ଧ ହୋଇଯାଏ । ତା' କାବ୍ୟ ତା ଜୀବନଠାରୁ ଅଲଗା ଗୋଟାଏ ସ୍ୱତନ୍ତ୍ର କସରତ ହୋଇ ରହେନାହିଁ, ତାର ସମଗ୍ର ଜୀବନ ହିଁ ଏକ କାବ୍ୟରେ ଓ ଏକ ଯୋଗରେ ପରିଣତ ହୋଇଯାଏ ।

□□□

Digitized by srujanika@gmail.com

ଭାରତୀୟ ଆଳଂକାରିକଙ୍କ ଅବବୋଧରେ କରୁଣରସ

ଡକ୍ଟର କିଶୋର ଚନ୍ଦ୍ର ମିଶ୍ର

ଭାଷା ସୃଷ୍ଟି ପରେ ବ୍ୟାକରଣ ସୃଷ୍ଟି ପରି କାବ୍ୟ-ସାହିତ୍ୟ ସୃଷ୍ଟି ପରେ କାବ୍ୟ-ତତ୍ତ୍ୱର ସୃଷ୍ଟି । ବ୍ୟାକରଣ ଯେପରି ଭାଷାକୁ ସଂଯତ ଶୃଂଖଳିତ ଓ ମାଧୁର୍ଯ୍ୟମଣ୍ଡିତ କରିବାରେ ସହାୟକହୁଏ, କାବ୍ୟତତ୍ତ୍ୱ ବିବେଚନା ମଧ୍ୟ ସାହିତ୍ୟର ସ୍ୱରୂପ-ଲକ୍ଷ୍ୟ ନିର୍ଣ୍ଣୟ କରି ସୌନ୍ଦର୍ଯ୍ୟ ସୃଷ୍ଟିର ମାର୍ଗପ୍ରଦର୍ଶନକରେ । କିନ୍ତୁ ଯୁଗେ ଯୁଗେ ଭାଷା ଓ ଭାଷାର ନିର୍ଯ୍ୟାସ ସାହିତ୍ୟ ବ୍ୟାକରଣ ଓ କାବ୍ୟତତ୍ତ୍ୱର ଶୃଂଖଳକୁ ଭାଙ୍ଗି ନୈସର୍ଗିକଗତିରେ ବର୍ଷା ଦିନର ଜଳଧାରା ପରି ମାଡ଼ିଚାଲେ । ପୁଣି ଜନତାକୁ ସମ୍ମାନଦେଇ ବ୍ୟାକରଣର ଅର୍ଗଳ ଢିଆରିହୁଏ । ସେହିପରି ପ୍ରତିଭାକୁ ମର୍ଯ୍ୟାଦିତକରି କାବ୍ୟତତ୍ତ୍ୱ ନୂତନ ମୂଲ୍ୟାୟନ ପଥ ଆବିଷ୍କାରକରେ । ଏହା ଏକ ଅପରିବର୍ତ୍ତନୀୟ ଗତି ।

ଏହି ପରିପ୍ରେକ୍ଷୀରେ ସଂସ୍କୃତ ଭାଷା-ସାହିତ୍ୟକୁ ଅନୁଧ୍ୟାନ କରାଯାଇପାରେ । ବୈଦିକଭାଷାର ବିବର୍ତ୍ତିତ ରୂପ ଲୋକମୁଖରେ ଉଚ୍ଚାରିତ ହେବାପରେ ପାଣିନିଙ୍କ ବ୍ୟାକରଣ ସେହି ଭାଷାକୁ ଏକ ନିର୍ଦ୍ଦିଷ୍ଟ ରୂପ ପ୍ରଦାନକଲା ଓ ଭାଷାର ନାମ ହେଲା ସଂସ୍କୃତ । ପୁଣି ଭାଷାର ସ୍ୱାଭାବିକ ଗତିକୁ ପରବର୍ତ୍ତୀ ପର୍ଯ୍ୟାୟରେ ନିୟନ୍ତ୍ରଣକଲା ବରରୁଚିଙ୍କ ବାର୍ତ୍ତିକ ଓ ପତଞ୍ଜଳିଙ୍କ ମହାଭାଷ୍ୟ । ସେହି ଗତିରେ ସଂସ୍କୃତ ସାହିତ୍ୟରେ ବାଲ୍ମୀକି ବ୍ୟାସ ଆଦିଙ୍କ ସୃଷ୍ଟିସମ୍ଭାରକୁ ଅନୁଶୀଳନକରି କାବ୍ୟତତ୍ତ୍ୱ ପର୍ଯ୍ୟାଲୋଚନା ଆରମ୍ଭହେଲା ଓ ଯୁଗେ ଯୁଗେ ଭାସ-କାଳିଦାସ-ଭବଭୂତି-ଶ୍ରୀହର୍ଷ ଆଦିଙ୍କ ସୃଷ୍ଟି ସହିତ ତାଳଦେଇ କାବ୍ୟତତ୍ତ୍ୱ ବିଷୟର କ୍ରମବିବର୍ତ୍ତନ ଆଗେଇ ଚାଲିଲା । ସଂସ୍କୃତ ସାହିତ୍ୟରେ ଏହି କାବ୍ୟତତ୍ତ୍ୱ ବିଷୟର ପରମ୍ପରା ଖ୍ରୀ ପୂ. ଦ୍ୱିତୀୟ ଶତାବ୍ଦୀର ଭରତଙ୍କଠାରୁ ଆରମ୍ଭହୋଇ ଭାମହ-ବାମନ-ଆନନ୍ଦବର୍ଦ୍ଧନ ମମ୍ମଟ-ବିଶ୍ୱନାଥ ପ୍ରଭୃତି ବିଶିଷ୍ଟ ଆଲୋଚକଙ୍କ ମଧ୍ୟଦେଇ ସପ୍ତଦଶ ଖ୍ରୀଷ୍ଟାବ୍ଦର ଅପ୍ପୟ

Digitized by srujanika@gmail.com

ଦୀକ୍ଷିତଙ୍କ ପର୍ଯ୍ୟନ୍ତ ଦୀର୍ଘ ଦୁଇହଜାର ବର୍ଷବ୍ୟାପୀ ଅବ୍ୟାହତ । ଏହି ଆଲୋଚକଙ୍କୁ କୁହାଗଲା ଆଲଂକାରିକ ଆଚାର୍ଯ୍ୟ ଓ ସେମାନଙ୍କ ଗ୍ରନ୍ଥକୁ ଅଳଂକାର ଶାସ୍ତ୍ର । ସେମାନଙ୍କ ବିଚାରର ନିର୍ଯ୍ୟାସ କାବ୍ୟସୌନ୍ଦର୍ଯ୍ୟ ଅବଲୋକନ । ସଂକ୍ଷେପରେ ସୌନ୍ଦର୍ଯ୍ୟମ୍ ଅଳଂକାରଃ । କିନ୍ତୁ ବିବେଚନ ଶୃଂଖଳାରେ ସୌନ୍ଦର୍ଯ୍ୟ ଦୃଷ୍ଟି ବିବର୍ତ୍ତିତ ହୋଇଛି ଓ କାବ୍ୟ ସୌନ୍ଦର୍ଯ୍ୟ ବା କାବ୍ୟାତ୍ମାର ନିର୍ଣ୍ଣୟ ନେଇ ସଂଖ୍ୟାଧିକ ଆଲଂକାରିକଙ୍କୁ ଛଅଗୋଟି ଗୋଷ୍ଠୀ ବା ସଂପ୍ରଦାୟରେ ବିଭକ୍ତ କରାଯାଇଛି । ସେଗୁଡ଼ିକ ହେଲ—ରସ, ଅଳଂକାର, ରୀତି, ଧ୍ୱନି, ବକ୍ରୋକ୍ତି ଓ ଔଚିତ୍ୟ । ଆଲଂକାରିକ ଆଚାର୍ଯ୍ୟ ଭାମହଙ୍କ "କାବ୍ୟାଳଂକାରଃ" ବାମନଙ୍କ "ରୀତିରାତ୍ମା କାବ୍ୟସ୍ୟ" ଆନନ୍ଦବର୍ଦ୍ଧନଙ୍କ 'କାବ୍ୟସ୍ୟାତ୍ମା ଧ୍ୱନିଃ" ବିଶ୍ୱନାଥଙ୍କ "ବାକ୍ୟଂ ରସାତ୍ମକଂ କାବ୍ୟମ୍" କୁନ୍ତକଙ୍କ "ବକ୍ରୋକ୍ତିଃ କାବ୍ୟଜୀବିତମ୍" କ୍ଷେମେନ୍ଦ୍ରଙ୍କ "ରସସ୍ୟ ଜୀବନଭୂତଃ ପ୍ରାଣଃ ଔଚିତ୍ୟମେବ" ଆଲୋଚନାର କ୍ରମବିକାଶରେ ଏକ ଏକ ଶଙ୍କୁ । ସୁଖର କଥା ଏ ସମସ୍ତ ବିଚାରର ଊର୍ଦ୍ଧ୍ୱରେ ପ୍ରତିଷ୍ଠିତ କାବ୍ୟାତ୍ମା ରୂପ ଆନନ୍ଦମୟ ରସର ଲକ୍ଷଣ ପ୍ରଥମେ ଭରତମୁନି "ନାଟ୍ୟଶାସ୍ତ୍ର"ରେ ପ୍ରଦାନକରିଛନ୍ତି ଓ ପରିବର୍ତ୍ତୀ କାଳରେ ବହୁବାଦ-ବିସମ୍ବାଦ ମଧ୍ୟରେ ତାହା ସର୍ବମାନ୍ୟ ଭାବେ ଗୃହୀତହୋଇଛି ।

ରସ ଏକ ଓ ଅଖଣ୍ଡ । ଏହି ରସ ସ୍ୱପ୍ରକାଶ, ଆନନ୍ଦଚିନ୍ମୟ, ବ୍ରହ୍ମାସ୍ୱାଦ ସହୋଦର ଲୋକୋତ୍ତର ଚମତ୍କାର ଚିତ୍ତ ବିକାଶ ରୂପ । ସତ୍ତ୍ୱ ଗୁଣାଧିଷ୍ଠିତ ସାମାଜିକ ହୃଦୟସ୍ଥ ବାସନାଲୋକ ବା ସ୍ଥାୟିଭାବ କାବ୍ୟ-ନାଟକାଦି ପଠନ, ଶ୍ରବଣ, ଦର୍ଶନ କାଳରେ ଆସ୍ୱାଦ ଯୋଗ୍ୟତାକୁ ପ୍ରଦାନକରୁଥିବା ବିଭାବ, ଅନୁଭବ ବିଷୟୀକୃତ ଅନୁଭାବ ଓ ସର୍ବାଙ୍ଗବ୍ୟାପୀ ଶରୀରରେ ବାରମ୍ବାର ଅଭିବ୍ୟଂଜିତ ବ୍ୟଭିଚାରୀଦ୍ୱାରା ରସରୂପରେ ପରିଣତହୁଏ ।

ସ୍ଥାୟିଭାବ ଭେଦରେ ରସ ଶୃଂଗାର-ବୀର-କରୁଣ-ଅଦ୍ଭୁତ-ହାସ୍ୟ-ଭୟାନକ-ବୀଭତ୍ସ-ରୌଦ୍ର-ଶାନ୍ତ-ବାତ୍ସଲ୍ୟ ଆଦି ବହୁନାମରେ ନାମିତ ହେଲେସୁଦ୍ଧା ସମସ୍ତ ରସ ଆନନ୍ଦମୟ ଓ ଚମତ୍କାର ସାରଭୂତ ଅଦ୍ଭୁତ ଅନୁଭବ ବିଶେଷମାତ୍ର ।

ଏହି ଦୃଷ୍ଟିରୁ କରୁଣ ରସର ସ୍ୱରୂପ-ପ୍ରକାରଭେଦ ଆଦି ବିଷୟରେ ଆଲୋକପାତ କରାଯାଇପାରେ ।

ଆଲଂକାରିକ ଆଚାର୍ଯ୍ୟ ଭରତ ନାଟ୍ୟଶାସ୍ତ୍ରରେ ରସର ସ୍ୱରୂପ ପ୍ରକାରଭେଦ ଆଦି ସମ୍ବନ୍ଧରେ ଯେଉଁ ମତ ପ୍ରଦାନକରିଛନ୍ତି, ତାହାକୁ ହିଁ ପରବର୍ତ୍ତୀକାଳରେ ଅନ୍ୟାନ୍ୟ ଆଲଂକାରିକ ଆଚାର୍ଯ୍ୟ ନିଜ ନିଜ ଭାଷାରେ ବ୍ୟକ୍ତ କରିଛନ୍ତି । ସେ ଶୃଂଗାରରୌଦ୍ର-ବୀର ଏବଂ ବୀଭତ୍ସକୁ ମୁଖ୍ୟ ଏବଂ ଯଥାକ୍ରମେ ହାସ୍ୟ-କରୁଣ-ଅଦ୍ଭୁତ ଓ ଭୟାନକକୁ ଗୌଣରସ ଭାବେ ଉଲ୍ଲେଖ କରିଛନ୍ତି ।୧। ଏଥିରୁ ସ୍ପଷ୍ଟହୁଏ କରୁଣ ରସର ସୃଷ୍ଟି ରୌଦ୍ରରୁ । ସେ

---

୧ । ଶୃଂଗାରାଦ୍ଧି ଭବେଦ୍ଧାସ୍ୟୋ ରୌଦ୍ରାଚ୍ଚ କରୁଣୋ ରସଃ ।
ବୀରାଚ୍ଚୈବାଦ୍ଭୁତୋତ୍ପତ୍ତି ର୍ବୀଭତ୍ସାଚ୍ଚ ଭୟାନକଃ ।

Digitized by srujanika@gmail.com

କହନ୍ତି ' ହାସ୍ୟ ଶୃଂଗାରର ଅନୁକୃତ ଓ କରୁଣ ରୌଦ୍ରର ପରିଣତ ।୨। ଏହି କରୁଣ-ରସର ବର୍ଣ୍ଣ କପୋତ ଓ ଦେବତା ଯମ । ମୁଖ୍ୟତଃ ଅନିଷ୍ଟପ୍ରାପ୍ତି ଓ ଇଷ୍ଟହାନି ଫଳରେ କରୁଣରସର ଉଦ୍‌ଭବ ଘଟେ ଓ ଏହି ରସର ସ୍ଥାୟିଭାବ-ଶୋକ ।୩।

ସହୃଦୟ ସାମାଜିକ ହୃଦୟରେ ଥିବା ସଂସ୍କାର ରୂପ ଶୋକ ସ୍ଥାୟିଭାବ, ଶାପ, କ୍ଲେଶ, ଇଷ୍ଟଜନ ବିପ୍ରୟୋଗ, ବିଭବନାଶ, ବ୍ୟସନ ଆଦି ବିଭାବ, ଦୈବନିନ୍ଦା, ବିଳାପ, ଉରସ୍ତାଡ଼ନ, ଅଶ୍ରୁପାତ, ମୁଖଶୋଷଣ, ସ୍ତୃତଲେପ, ନିଃଶ୍ୱାସ ଆଦି ଅନୁଭାବ, ନିର୍ବେଦ-ଗ୍ଲାନି-ଔତ୍ସୁକ୍ୟ, ଭ୍ରମ-ମୋହ-ଶ୍ରମ ଭୟ-ଦୈନ୍ୟ-ଉନ୍ମାଦ ଆଦି ବ୍ୟଭିଚାରୀ ଭାବ, ଅଶ୍ରୁ-ସ୍ୱରଭେଦ ଆଦି ସାତ୍ତ୍ୱିକଭାବର ସଂଯୋଗରେ କରୁଣ ରସ ରୂପରେ ପରିଣତହୁଏ ।୪।

ସଂକ୍ଷେପରେ କହିଲେ ଶୋକ ସ୍ଥାୟିଭାବକ, ମୃତାଦି ଆଲମ୍ବନକ, ତଦ୍‌ଗୁଣ ଉଦ୍ଦୀପକ, ରୋଦନାଦି ଅନୁଭାବକ, ଦୈନ୍ୟାଦି ସଞ୍ଚାରିଭାବକ କରୁଣରସ ।

କରୁଣ ରସର କେବଳ ନୁହେଁ; ଯେକୌଣସି ରସର ଅଭିବ୍ୟକ୍ତି ପାଇଁ ସକଳ ବିଭାବ-ଅନୁଭାବ ଓ ବ୍ୟଭିଚାରୀଭାବର ସାମଗ୍ରିକ ଉପସ୍ଥିତି ଅନିବାର୍ଯ୍ୟ ନୁହେଁ; ବରଂ ଗୋଟିଏ ବା ଦୁଇଟିର ଉପସ୍ଥିତି ମଧ୍ୟ ଅନ୍ୟକୁ ଆକର୍ଷଣକରି ରସିକ ହୃଦୟକୁ ରସାପ୍ଲୁତ କରିପାରେ ।

ଆଲମ୍ବନ ବିଭାବ ପ୍ରଧାନ କରୁଣ ରସ—

ତ୍ୱାଂ ପଶ୍ୟତୋ ଭୁଜଗପାଶନିବଦ୍ଧ ଦେହମଦ୍ୟାପି ମେ ଯଦସବୋ
ନ ବହିଃ ପ୍ରୟାନ୍ତି ।
ନେତେ ନିମୀଳୟସି ପଶ୍ୟସି ନୈବତାବଦାସ୍ୟଂ ମଦାସ୍ୟମିତ
ଲକ୍ଷ୍ମଣ ଯୁକ୍ତମେତତ୍ ।

---

୨ । ଶୃଂଗାରାନୁକୃତର୍ଯାତୁ ସ ହାସ୍ୟସ୍ତୁ ପ୍ରକୀର୍ତ୍ତିତଃ ।
ରୌଦ୍ରସ୍ୟୈବ ଚ ଯତ୍କର୍ମ ସ ଜ୍ଞେୟୋ କରୁଣୋ ରସଃ । (ନାଟ୍ୟଶାସ୍ତ୍ର)

୩ । ଅନିଷ୍ଟାପ୍ତେରିଷ୍ଟହାନେଃ କରୁଣାଖ୍ୟୋ ରସୋ ଭବେତ୍ ।
କର୍ବୁରବର୍ଣ୍ଣଃ କଥିତୋ ଯମଦୈବତ ଏବ ସଃ
ଶୋକୋଽତ୍ର ସ୍ଥାୟିଭାବଃ ସ୍ୟାଦତ୍ୟାହୁ ରସ କୋବିଦାଃ । (ରସକଳ୍ପଦ୍ରୁମ)

୪ । ଅଥ କରୁଣୋରସ ନାମ ଶୋକସ୍ଥାୟିଭାବଃ ସ ଚ ଶାପ-କ୍ଲେଶ-ବିନିପତିତେଷ୍ଟ-ଜନବିପ୍ରୟୋଗ ବିଭବନାଶ ବଧବନ୍ଧବିଦ୍ରବୋପଘାତବ୍ୟସନସଂଯୋଗାଦିଭିର୍ବିଭାବୈଃ ସମୁପଜାୟତେ । ତସ୍ୟ ଅଶ୍ରୁପାତ ପରିଦେବନବୈବର୍ଣ୍ଣ୍ୟ ସମ୍ଭଗାତ୍ରତାନିଃଶ୍ୱାସ ସ୍ମୃତଲୋପାଦିଭିରନୁଭାବୈରଭିନୟଃ ପ୍ରୟୋକ୍ତବ୍ୟଃ । ବ୍ୟଭିଚାରିଣଶ୍ଚାସ୍ୟ ନିର୍ବେଦ ଗ୍ଲାନିଚିନ୍ତାଔତ୍ସୁକ୍ୟଆବେଗଭ୍ରମମୋହଭୟବିଷାଦଦୈନ୍ୟବ୍ୟାଧିଜଡ଼ତାଉନ୍ମାଦ ଅପସ୍ମାର ତ୍ରାସ ଆଲସ୍ୟ ମରଣସ୍ତମ୍ଭବେପଥୁ ଅଶ୍ରୁ ସ୍ୱରଭେଦାଦୟଃ । (ନାଟ୍ୟଶାସ୍ତ୍ର)

Digitized by srujanika@gmail.com

(ରାମ-ରାବଣ ଯୁଦ୍ଧରେ ମେଘନାଦଦ୍ୱାରା ନାଗପାଶ ବନ୍ଧନରେ ପଡ଼ି ଲକ୍ଷ୍ମଣ ଅଚେତ ହେବା ଦେଖି ରାମ କହନ୍ତି—ହେ ଲକ୍ଷ୍ମଣ ! ତୁମକୁ ଏପରି ଦସ୍ୟୁଗ୍ରସ୍ତ ଅବସ୍ଥାରେ ଦେଖି ସୁଦ୍ଧା ମୋର ପ୍ରାଣ ଯାଉନାହିଁ । ତେଣୁ ମନେକରେ—ତୁମେ ନେତ୍ରକୁ ଅର୍ଦ୍ଧମୁଦ୍ରିତ କରି ମୋର ମୁଖ ଅବଲୋକନ ନ କରିବା ଯୁକ୍ତିଯୁକ୍ତ ହୋଇଛି ।)

ଏଠାରେ ରାମଙ୍କ ଦୁଃଖର ଆଲମ୍ବନ ଲକ୍ଷ୍ମଣ । ସହୃଦୟ ପାଠକ ବା ଶ୍ରୋତା ରାମଙ୍କ ସହିତ ଏକୀଭୂତହୋଇ କରୁଣରସ ଆସ୍ୱାଦନକରେ ।

ଦୈବନିନ୍ଦା ରୂପକ ଅନୁଭାବ ପ୍ରଧାନ—

ଗୃହିଣୀ ସଚିବଃ ସଖୀ ମିଥଃ ପ୍ରିୟଶିଷ୍ୟା ଲଲିତେ କଳାବିଧୌ

କରୁଣା ବିମୁଖେନ ମୃତ୍ୟୁନା ହରତାଂ ତ୍ୱାଂ ବଦ କିଂ ନ ମେ ହୃତମ୍ । (ରଘୁବଂଶ)

(ଇନ୍ଦୁମତୀଙ୍କ ମୃତ୍ୟୁରେ ଅଜଙ୍କ ବିଳାପ—

ହେ ଇନ୍ଦୁମତି ! ତୁମେ ଥିଲ ମୋର ଯଥାର୍ଥ ଗୃହିଣୀ । ରାଜକାର୍ଯ୍ୟରେ ସଚିବ ପରି ମନ୍ତ୍ରଦାତ୍ରୀ । ବ୍ୟବହାରରେ ସଖୀ ଓ ଲଳିତକଳା ଶିକ୍ଷାରେ ପ୍ରିୟଶିଷ୍ୟା । ଆଜି ନିର୍ଦ୍ଦୟ ମୃତ୍ୟୁ ତୁମକୁ ମୋଠାରୁ ଦୂରେଇନେଇ ମୋର କ'ଣ ବା ନେଇନାହିଁ !)

ଏଠାରେ ବିଧିର ବାମାଚରଣ ହିଁ କରୁଣ ରସାଭିବ୍ୟକ୍ତିର ହେତୁ ।

ଉରସ୍ତାଡ଼ନ-ଅନୁଭାବ—

ତମବେକ୍ଷ ରୁରୋଦ ସା ଭୃଶଂ ସ୍ତନସମ୍ବାଧମୁରୋ ଜଘାନ ଚ

ସ୍ୱଜନସ୍ୟ ହି ଦୁଃଖମଗ୍ରତୋ ବିବୃତ ଦ୍ୱାରମିବୋପଜାୟତେ । (କୁମାରସମ୍ଭବ)

(ଶିବଙ୍କ କ୍ରୋଧାଗ୍ନିରେ ଭସ୍ମୀଭୂତ କନ୍ଦର୍ପର ସହାୟକବନ୍ଧୁ ବସନ୍ତ ଉପସ୍ଥିତ ହେବାପରେ ରତିର ବିଳାପ ଅଧିକ ବର୍ଦ୍ଧିତହୋଇଛି । ସେ ସ୍ତନକୁ ପିଟି ଭୂଲୁଣ୍ଠିତା ହୋଇ ବିକଳକ୍ରନ୍ଦନରେ ବନଭୂମିକୁ ଶୋକାପ୍ଳୁତ କରିଦେଇଛି । ବାସ୍ତବରେ ଦୁଃଖଦ ଅବସ୍ଥାରେ ଆତ୍ମୀୟସ୍ୱଜନଙ୍କ ଉପସ୍ଥିତି ବେଦନାରଦ୍ୱାର ଉନ୍ମୁକ୍ତ କରିଦିଏ ।)

ଏଠାରେ ରତିର ଉରସ୍ତାଡ଼ନ ରୂପକ ଅନୁଭାବ ବିଶେଷ କରୁଣ ରସରେ ସହୃଦୟଙ୍କୁ ଆପ୍ଲୁତକରିଦିଏ ।

ଔତ୍ସୁକ୍ୟ ରୂପ ବ୍ୟଭିଚାରୀଭାବ ପ୍ରଧାନ—

ମଦନେନ ବିନା କୃତା ରତିଃ କ୍ଷଣମାତ୍ରଂ କିଲ ଜୀବିତେତି ମେ

ବଚନୀୟ-ମିଦଂ ବ୍ୟବସ୍ଥିତଂ ରମଣତ୍ୱାମନୁଯାମି ଯଦ୍ୟପି । (କୁମାର ସମ୍ଭବ)

Digitized by srujanika@gmail.com

(ମଦନ ମୃତ୍ୟୁରେ ରତି ବିଳାପ—

ହେ ପ୍ରିୟ ! ମୁଁ ଶୀଘ୍ର ତୁମର ଅନୁଗାମିନୀ ହେବାକୁ ଚାହେଁ । ତଥାପି ଲୋକେ କହିବେ— କନ୍ଦର୍ପ ବ୍ୟତୀତ ରତି କିଛି ସମୟ ତ ବଞ୍ଚିଥିଲା । ଏ କଳଙ୍କ ଟୀକା ମୋ ମୁଣ୍ଡରୁ କେବେ ଲିଭିବନାହିଁ ।)

ଏଥିରେ ଉତ୍ସୁକତା ରୂପ ବ୍ୟଭିଚାରୀଭାବ ସଂଯୋଗରେ କରୁଣ ରସାଭିବ୍ୟକ୍ତି ସଂଘଟିତ ହୋଇଛି ।

ନିର୍ବେଦ ରୂପ ବ୍ୟଭିଚାରୀଭାବ ପ୍ରଧାନ—

ନ୍ୟକ୍କାରୋହ୍ୟୟମେବ ମେ ଯଦରୟସ୍ତତ୍ରାପ୍ୟସୌ ତାପସଃ ।
ସୋଽପ୍ୟତ୍ରୈବ ନିହନ୍ତି ରାକ୍ଷସକୁଳଂ ଜୀବତ୍ୟହୋ ରାବଣଃ ।
ଧିକ୍‌ଧିଗଶକ୍ରଜିତଂ ପ୍ରବୋଧିତବତା କିଂ କୁମ୍ଭକର୍ଣ୍ଣେନ ବା
ସ୍ୱର୍ଗଗ୍ରାମଟିକା-ବିଲୁଣ୍ଠନ ବୃଥୋଚ୍ଛୂନୈଃ କିମେଭିର୍ଭୁଜୈଃ । (ମହାନାଟକ)

(ଲଙ୍କାରେ ପ୍ରବେଶକରି ରାମ ବହୁରାକ୍ଷସଙ୍କୁ ବିନାଶ କରିବା ପରେ ରାବଣର ନିର୍ବେଦପୂର୍ଣ୍ଣ ଉକ୍ତି—ତ୍ରିଭୁବନ ବିଜୟୀ ରାବଣର ଶତ୍ରୁ ! ସେ ପୁଣି ଜଣେ ତପସ୍ୱୀ ! ସେ ପୁଣି ମୋ ଘରେ ପଶି ମୋର ଆତ୍ମୀୟ ସ୍ୱଜନଙ୍କୁ ମୋ ଆଖି ଆଗରେ ହତ୍ୟାକରୁଛି । ତଥାପି ରାବଣ ବଞ୍ଚିଛି ! ପୁତ୍ର ଇନ୍ଦ୍ରଜିତକୁ ଧିକ୍ । ନିଦ୍ରୋତ୍ଥିତ ଭାଇ କୁମ୍ଭକର୍ଣ୍ଣକୁ ମଧ ଧିକ୍‌କାର । ସର୍ବୋପରି କ୍ଷୁଦ୍ରଗ୍ରାମରୂପ ସ୍ୱର୍ଗକୁ ବାରମ୍ବାର ଲୁଣ୍ଠନ କରିଥିବା ମୋର ଏହି ବିଂଶତି ଭୁଜକୁ ଧିକ୍ ।)

ଏଠାରେ ରାବଣର ଆତ୍ମନିନ୍ଦା ମଧ୍ୟରେ ନିର୍ବେଦ ବ୍ୟଭିଚାରୀଭାବ କରୁଣରସ ପୋଷକ ହୋଇଛି ।

ସାତ୍ତ୍ୱିକଭାବ ଅଶ୍ରୁ ପ୍ରଧାନ କରୁଣରସ—

ସଦ୍ୟଃ ପୁରୀ ପରିସରେ ଚ ଶିରୀଷମୃଦ୍ୱୀ
ସୀତା ଜବାତ୍ ତ୍ରିଚତୁରାଣି ପଦାନି ଗତ୍ୱା ।
ଗନ୍ତବ୍ୟ ମଦ୍ୟ କିୟଦିତ୍ୟସକୃଦ୍‌ବ୍ରୁବାଣା
ରାମାଶ୍ରୁଣଃ କୃତବତୀ ପ୍ରଥମାବତାରମ୍ । (ଚମ୍ପୂରାମାୟଣ)

(ରାମ ପିତାଙ୍କଆଜ୍ଞାରେ ଚଉଦବର୍ଷପାଇଁ ବନବାସକୁ ଅଯୋଧ୍ୟାରୁ ବାହାରିବାବେଳେ ସହଗାମିନୀ ଶିରୀଷକୋମଳା ସୀତା ବଡ଼ ଉତ୍ସାହରେ ନଗରରୁ ତିନି-ଚାରି ପାଦ ଆଗେଇ ଯାଇ ରାମଙ୍କୁ ପ୍ରଶ୍ନକଲେ—ଆଉ କେତେବାଟ ଯିବାକୁ ପଡ଼ିବ ! ଆମେ ଆଉ କେତେଦୂର ଯିବା !" ଏହପରି ସୀତାଙ୍କଠାରୁ ବାରମ୍ବାର ପ୍ରଶ୍ନ ଶୁଣି ରାମଙ୍କ ନେତ୍ର ଅଶ୍ରୁଳ ହୋଇଉଠିଲା । କି ଉତ୍ତର ଦେବେ ! ବୋଧହୁଏ ତାହାହିଁ ଥିଲା ରାମଙ୍କ ଜୀବନର ପ୍ରଥମ କାରୁଣ୍ୟ ।)

Digitized by srujanika@gmail.com

ଏହିପରି ବହୁ ଉଦାହରଣ ସଂସ୍କୃତ ସାହିତ୍ୟରୁ ଉଦ୍ଧାର କରିଯାଇପାରେ ।

ଏହି କରୁଣରସ ମୁଖ୍ୟତଃ ସ୍ୱନିଷ୍ଠ ପରନିଷ୍ଠ ଭେଦରେ ଦ୍ୱିବିଧ । ସ୍ୱ ଶାପ ନିବନ୍ଧନ ସ୍ୱ କ୍ଲେଶନିଷ୍ଠ ବିଶ୍ରବାଦଦ୍ୱାରା ପ୍ରକାଶିତ କରୁଣରସ ସ୍ୱ ନିଷ୍ଠ ଏବଂ ପରଶାପ ନିବନ୍ଧନ ପରକ୍ଲେଶାଦି ଦର୍ଶନ-ଶ୍ରବଣ-ସ୍ମରଣନିଷ୍ଠ ବିଷାଦଦ୍ୱାରା ଅଭିବ୍ୟକ୍ତ କରୁଣରସ ପରନିଷ୍ଠ ।*।

ସ୍ୱନିଷ୍ଠ —

ମମୈବ ଯୋଷା ଯଦି ଦୈବଦୋଷା-ଦେଷା ବନେ ସୀଦତି ଦୀନବେଶା
କେ ନାମ ଦାସ୍ୟନ୍ତି ନିଜାଂ ତନୂଜାମତଃପରଂ ଭାନୁକୁଲୋଦ୍‌ଭବାୟ ।

(ବନବାସୀ ରାମଙ୍କ ଖେଦୋକ୍ତି । ମୋର ଧର୍ମପତ୍ନୀ ସୀତା ଯଦି ବିଧିର ବିଡ଼ମ୍ବନାରେ ବନରେ ଦୀନହୀନ ବେଶରେ ରହେ, ଏହି ଘଟଣା ସହିତ ପରିଚିତ ହେବା ପରେ କିଏ ବା ସୂର୍ଯ୍ୟବଂଶୀଙ୍କୁ ନିଜ କନ୍ୟା ଅର୍ପଣକରିବ ।)

ଏଠାରେ ରାମଙ୍କ ନିଜସ୍ୱ ବେଦନା ରୂପାୟିତ ।

ଅଥବା

ଗତ ଏବ ନ ତେ ନିବର୍ତ୍ତତେ ସ ସଖା ଦୀପଇବା ନିଳାହତଃ ।
ଅହମସ୍ୟ ଦଶେବ ପଶ୍ୟ ମାମବିଷହ୍ୟ ବ୍ୟସନେନ ଧୂମିତାମ୍ । (କୁମାରସମ୍ଭବ)

(କନ୍ଦର୍ପର ମୃତ୍ୟୁପରେ ବିଳାପରତା ରତି ନିକଟରେ ସଖା ବସନ୍ତ ଉପସ୍ଥିତ ହେବା ଦେଖି ରତିର ଉକ୍ତି – ହେ ବସନ୍ତ ! ତୁମର ସେହି ସଖା ମଦନପବନାହତ ଦୀପଶିଖା ପରି ସବୁଦିନପାଇଁ ଲିଭିଗଲେ । ମୁଁ ସେହି ଦୀପର ବତୀ ପରି ପଡ଼ିରହିଛି ଏବଂ ପ୍ରତିଗନ୍ଧ-ମୟ ଧୂମରେ ବନଭୂମିକୁ ଭରିଦେଇଛି ।)

ଏଥିରେ ରତିର ସ୍ୱକୀୟ ବିଷାଦ ରୂପ ଲାଭକରିଛି ।

ପରନିଷ୍ଠ—

ଅଥେଦଂ ରକ୍ଷୋଭିଃ କନକହରିଣଚ୍ଛଦ୍ମବିଧିନା
ତଥାବୃତ୍ତଂ ପାପୈର୍ବ୍ୟଥୟତି ଯଥା କ୍ଷାଳିତମପି ।
ଜନସ୍ଥାନେ ଶୂନ୍ୟେ ବିକଳକରଣୈରାର୍ଯ୍ୟ ଚରିତୈ-
ରପି ଗ୍ରାବାରୋଦିତ୍ୟପି ଦଳତି ବଜ୍ରସ୍ୟ ହୃଦୟମ୍ । (ଉତ୍ତର ରାମଚରିତ)

---

* । ଅଥୈତୈରଭିବ୍ୟକ୍ତ କରୁଣରସ ସ୍ୱରୂପୋ ନିରୂପ୍ୟତେ । ସ ସ୍ୱ ନିଷ୍ଠ ପରନିଷ୍ଠ ଇତି ଦ୍ୱିବିଧଃ । ତତ୍ର ସ୍ୱଶାପ ନିବନ୍ଧନ ସ୍ୱକ୍ଲେଶ ନିଷ୍ଠୈର୍ବିଷାଦୈଃ ସ୍ୱନିଷ୍ଠଃ ପରଶାପ ନିବନ୍ଧନ ପରକ୍ଲେଶାଦୀନାଂଦର୍ଶନ-ଶ୍ରବଣ-ସ୍ମରଣନିଷ୍ଠୈର୍ବିଷାଦୈଃ ପରନିଷ୍ଠଃ । (ରସକଳଦ୍ରୁମ)

Digitized by srujanika@gmail.com

(ଲଙ୍କାରୁ ଅଯୋଧ୍ୟା ପ୍ରତ୍ୟାବର୍ତ୍ତନପରେ ଲକ୍ଷ୍ମଣଙ୍କ ପୂର୍ବ ସ୍ମୃତିଚାରଣ—

ବନବାସ ସମୟରେ ସ୍ୱର୍ଣ୍ଣମୃଗର ଛଳନାରେ ଜ୍ଞାନମତି ରାକ୍ଷସବୃନ୍ଦ ଯେଉଁ ସୀତା-ହରଣାଦି ଅବ୍ୟବସ୍ଥା ସୃଷ୍ଟି କରିଗଲେ, ସେହି କଳଙ୍କ ଧୋଇହୋଇଯିବାପରେ ମଧ୍ୟ ବ୍ୟଥା ମନରୁ ଦୂର ହେଉନାହିଁ । ନିର୍ଜନ ଜନସ୍ଥାନ ଅରଣ୍ୟରେ ଆର୍ଯ୍ୟ ରାମଙ୍କ ସୀତା ଅନୁସନ୍ଧାନ ଜନିତ କରୁଣ ଅବସ୍ଥା ମନେପଡ଼ିଲେ ହୃଦୟ ବିଦାରି ହୋଇଯାଉଛି । ସତେ ଯେପରି ସେହି କାରୁଣ୍ୟ ପାଷାଣକୁ କନ୍ଦାଇ ଦେଉଥିଲା ଏବଂ ବଜ୍ରର ହୃଦୟକୁ ତରଳାଇ ଦେଉଥିଲା ।)

ଏଠାରେ ରାମାଦିଙ୍କ ଅବସ୍ଥା ସ୍ମରଣରେ ଲକ୍ଷ୍ମଣଙ୍କ ଖେଦ ଅଭିବ୍ୟକ୍ତ ।

ସାମଗ୍ରିକ ଭାବେ ସଂସ୍କୃତ ସାହିତ୍ୟକୁ ଅନୁଧ୍ୟାନକଲେ, ଶୃଂଗାରର ଅଭିବ୍ୟଞ୍ଜନା ମାତ୍ରାଧିକ ହେଲେ ମଧ୍ୟ କରୁଣରସର ସ୍ଥିତି ନିତାନ୍ତ ଗୌଣ ନୁହେଁ । ଆଦିକବି ବାଲ୍ମୀକିଙ୍କ ମହାକାବ୍ୟ ରାମାୟଣ ସଂସ୍କୃତ ସାହିତ୍ୟର କରୁଣରସାତ୍ମକ ପ୍ରଥମ ସୃଷ୍ଟି । ଧ୍ୱନ୍ୟାଲୋକକାର ଆନନ୍ଦବର୍ଦ୍ଧନାଚାର୍ଯ୍ୟ ଏବଂ ମହାକବି କାଳିଦାସଙ୍କ ଭାଷାରେ—

"ନିଷାଦ ଶରବିଦ୍ଧ ସହଚର ବକର ବିରହରେ ସହଚରୀର କ୍ରନ୍ଦନଜନିତ ଶୋକ ଆଦିକବି ବାଲ୍ମୀକିଙ୍କ ମୁଖରୁ ଶ୍ଳୋକ ରୂପରେ ନିର୍ଗତ ହୋଇଥିଲା ।୭।

ମା ନିଷାଦ ପ୍ରତିଷ୍ଠାଂ ତ୍ୱମଗମଃ ଶାଶ୍ୱତୀଃ ସମାଃ
ଯତ୍ କ୍ରୌଞ୍ଚମିଥୁନାଦେକମବଧୀଃ କାମମୋହିତମ୍ । (ରାମାୟଣ)

ଆଦର୍ଶ ଚରିତ୍ର ରାମଙ୍କ ଘଟଣା ବହୁଳ ଜୀବନର ଆଲେଖ୍ୟ ରାମାୟଣ ମହାକାବ୍ୟ । ଏ ଗ୍ରନ୍ଥର ସ୍ଥଳ ବିଶେଷରେ ଶୃଂଗାର-ବୀର ଭୟାନକ-ବୀଭତ୍ସ ଶାନ୍ତ ରୌଦ୍ର-ବାତ୍ସଲ୍ୟ ଆଦି ରସର ପରିପାକସତ୍ତ୍ୱ କୈକେୟୀଙ୍କ ବରପ୍ରାର୍ଥନାରେ ଦଶରଥଙ୍କ ମୃତ୍ୟୁ, ରାମଗତପ୍ରାଣା କୌଶଲ୍ୟାଙ୍କ ବିଳାପ-ଭ୍ରାତୃଭକ୍ତ ଭରତଙ୍କ ବିଷାଦ, ସୀତା ହରଣରେ ଭାବବିହ୍ୱଳ ରାମଙ୍କ କାତର କ୍ରନ୍ଦନ, ବାଳୀ ମୃତ୍ୟୁରେ ଶୋକବିହ୍ୱଳା ତାରାର ହୃଦୟ ବିଦାରକ ରୋଦନ, ରାବଣର ମୃତ୍ୟୁରେ ମନ୍ଦୋଦରୀର ବିକଳ କ୍ରନ୍ଦନ ଆଦି କାରୁଣ୍ୟ ମ୍ଳାନ କରିଦେଇଛି । ମୁଖ୍ୟ-ସ୍ୱର ହୋଇଉଠିଛି କରୁଣ । ବୋଧହୁଏ ସେହି ରାମାୟଣର ଉତ୍ତର ଚରିତକୁ ଅବଲମ୍ବନ କରି ଭବଭୂତି ଯେଉଁ 'ଉତ୍ତରରାମଚରିତ' ନାଟକ ରଚନାକରିଛନ୍ତି, ସେଥିରେ ମଧ୍ୟ ଘଟିଛି କରୁଣରସର ମହତ୍ତ୍ୱ ଅଭିବ୍ୟକ୍ତ । ତେଣୁ ଭାବପ୍ରବଣ କବି ଗାଇଛନ୍ତି—

---

୭ । ତଥା ଚ ଆଦିକବେର୍ବାଲ୍ମୀକେର୍ନିହତ ସହଚରୀ ବିରହକାତର କ୍ରୌଞ୍ଚାକ୍ରନ୍ଦଜନିତଃ ଶୋକ ଏବ ଶ୍ଳୋକତୟା ପରିଣତଃ ।
କ୍ରୌଞ୍ଚଦ୍ୱନ୍ଦ୍ୱ ବିୟୋଗୋତ୍ଥ ଶୋକଃ ଶ୍ଳୋକତ୍ୱମାଗତଃ । (ଧ୍ୱନ୍ୟାଲୋକ)
—କବିଃ କୁଶେଧ୍ମାହରଣାୟ ଯାତଃ
ନିଷାଦବିଦ୍ଧାଣ୍ଡଜଦର୍ଶନୋତ୍ଥ ଶ୍ଳୋକତ୍ୱମାପଦ୍ୟତ ଯସ୍ୟ ଶୋକଃ । ରଘୁବଂଶ)

Digitized by srujanika@gmail.com

ଏକୋରସଃ କରୁଣ ଏବ ନମିତ୍ତ ଭେଦାତ୍
ଭିନ୍ନଃ ପୃଥକ୍ ପୃଥଗିବାଶ୍ରୟତେ ବିବର୍ତ୍ତାନ୍ ।
ଆବର୍ତ୍ତ ବୁଦ୍‌ବୁଦ ତରଙ୍ଗମୟାନ୍ ବିକାରାନ୍
ଅମ୍ଭୋ ଯଥା ସଲିଳମେବ ତୁ ତତ୍ ସମଗ୍ରମ୍ ।

(ଯେପରି ଜଳଭଉଁରି, ବୁଦ୍‌ବୁଦ, ତରଙ୍ଗ, ଶୀକର, ବାଷ୍ପ ଆଦି ଜଳର ବିକାର ମାତ୍ର, ସେହିପରି ଏକମାତ୍ର କରୁଣରସ ଉପାଦାନ ଭେଦରେ ଶୃଙ୍ଗାର-ବୀର ଆଦି ଭିନ୍ନ ଭିନ୍ନ ରସ ରୂପରେ ଅନୁଭୂତହୁଏ ।)

କରୁଣ, ବିପ୍ରଲମ୍ଭ ଓ କରୁଣରସ ମଧ୍ୟରେ ପ୍ରଭେଦ—

ଆଦିରସ ଶୃଙ୍ଗାର ସମ୍ଭୋଗ ଓ ବିପ୍ରଲମ୍ଭ ଭେଦରେ ଦ୍ୱିବିଧ । ସେ ମଧ୍ୟରେ ବିପ୍ରଲମ୍ଭ ପୂର୍ବରାଗ-ମାନ-ପ୍ରବାସ ଓ କରୁଣ ଭେଦରେ ଚତୁର୍ବିଧ ।୭। କରୁଣ ବିପ୍ରଳମ୍ଭ ଓ କରୁଣ ମଧ୍ୟରେ ସୂକ୍ଷ୍ମ ପ୍ରଭେଦ ରହିଛି । ପ୍ରଥମତଃ କରୁଣ ରସର ସ୍ଥାୟିଭାବ ଶୋକ ଓ ବିପ୍ରଲମ୍ଭର ସ୍ଥାୟିଭାବ ରତି ।୮। ପୁନର୍ମିଳନ ଆଶା ରହିତ ବିଯୁକ୍ତିରେ ଶୋକହୁଏ ସ୍ଥାୟିଭାବ ଓ ରସ ହୁଏ କରୁଣ । କିନ୍ତୁ ଯେଉଁଠି ବିଚ୍ଛେଦ ପରେ ମଧ୍ୟ ପୁନଃ ସଂଯୋଗ ଆଶା ରହିଥାଏ, ସେଠାରେ କରୁଣ ବିପ୍ରଲମ୍ଭ ଶୃଙ୍ଗାର ରସର ପରିପାକହୁଏ ।

ମନରେ ପ୍ରଶ୍ନ ଉଠିପାରେ, ଶୋକ ସ୍ଥାୟିଭାବକ କରୁଣରସ ଆନନ୍ଦମୟ ହୋଇ-ପାରେ କି ? ଏପରି ପ୍ରଶ୍ନର ଉତ୍ତର ମଧ୍ୟ ଆଲଙ୍କାରିକ ଆଚାର୍ଯ୍ୟ ପ୍ରଦାନ କରିଯାଇଛନ୍ତି । ବାସ୍ତବରେ କରୁଣରସାତ୍ମକ କାବ୍ୟ ବା ନାଟକ ଯଦି ବ୍ୟକ୍ତି ବିଶେଷଙ୍କୁ ଦୁଃଖାଭିଭୂତ କରୁଥାନ୍ତା, ତେବେ ସେ ଧରଣର କାବ୍ୟ ପଠନପାଇଁ ବା ନାଟକ ଦର୍ଶନ ପାଇଁ ମନୁଷ୍ୟ କଦାପି ଆଗ୍ରହପ୍ରକାଶ କରନ୍ତାନାହିଁ । କାରଣ ଦୁଃଖପ୍ରତି ମନୁଷ୍ୟର ଏକ ବିକର୍ଷଣ ଭାବ ରହିଛି ।୯।

କିନ୍ତୁ ଅନୁଭବର କଥା କରୁଣରସାତ୍ମକ ଦୃଶ୍ୟ ବା ଶ୍ରବ୍ୟକାବ୍ୟ ଆମକୁ ବିଚିତ୍ରଭାବରେ ଅଭିଭୂତକରେ ଓ ବାରମ୍ବାର ପଠନ, ଶ୍ରବଣ ବା ଦର୍ଶନପାଇଁ ଆମେ ବ୍ୟାକୁଳ ହେଉ ।୧୦

୭ । ଯତ୍ର ତୁ ରତିଃ ପ୍ରକୃଷ୍ଟା ନାଭୀଷ୍ଟମୁପୈତି ବିପ୍ରଲମ୍ଭୋଽସୌ
ସ ଚ ପୂର୍ବରାଗ-ମାନ-ପ୍ରବାସ କରୁଣାତ୍ମକଶ୍ଚତୁର୍ଦ୍ଧାସ୍ୟାତ୍ । (ସାହିତ୍ୟଦର୍ପଣ)

୮ । ଶୋକ ସ୍ଥାୟିଭାବତୟା ଭିନ୍ନୋ ବିପ୍ରଲମ୍ଭାଦୟଂ ରସଃ ।
ବିପ୍ରଲମ୍ଭେ ରତିସ୍ଥାୟୀ ପୁନଃ ସମ୍ଭୋଗ ହେତୁକଃ । (ସା. ଦ)
ପ୍ରାଣ ବିଯୋଗାନନ୍ତରଂ ପୁନର୍ଲଭ୍ୟାବିଷୟକ ଶୋକ ମିଳିତରତିଃ କରୁଣବିପ୍ରଲମ୍ଭ
ଇତିଭାବଃ (ଲକ୍ଷ୍ମୀଟୀକା)

୯ । ନ ହି କଶ୍ଚିତ୍ ସଚେତନ ଆତ୍ମନୋ ଦୁଃଖାୟ ପ୍ରବର୍ତ୍ତତେ । (ରସକଳ୍ପଦ୍ରୁମ)

୧୦ । କରୁଣାଦୌ ଅପିରସେଜାୟତେ ଯତ୍ ପରଂ ସୁଖଂ,
ସଚେତସାମନୁଭବଃ ପ୍ରମାଣଂ ତତ୍ର କେବଳମ୍ ।
କିଂ ଚ ତେଷୁ ଯଦା ଦୁଃଖଂ ନ କୋଽପି ସ୍ୟାତଦୁନ୍ମୁଖଃ । (ସାହିତ୍ୟଦର୍ପଣ)

Digitized by srujanika@gmail.com

ଉଦାହରଣ ସ୍ୱରୂପ— ରାମାୟଣ ଗ୍ରନ୍ଥରୁ ଗ୍ରହଣ କରାଯାଇପାରେ । ପୂର୍ବରୁ ସୂଚିତ ଯେ ବାଲ୍ମୀକିଙ୍କ ରାମାୟଣ କରୁଣରସପ୍ରଧାନ । ସେହି ରାମାୟଣ ବହୁ ଭାଷାରେ ଗଦ୍ୟ-ପଦ୍ୟ-ଚମ୍ପୂ-ନାଟକ ଆଦି ରୂପରେ ପ୍ରକାଶିତ ଓ ଜନସାଧାରଣଙ୍କଦ୍ୱାରା ଆଦୃତ । ଅବଶ୍ୟ କରୁଣ ରସାତ୍ମକ ଗ୍ରନ୍ଥ ପଠନ-ଦର୍ଶନ ଓ ଶ୍ରବଣରେ ନେତ୍ର ଅଶ୍ରୁଳ ହୋଇ ଉଠେ, କିନ୍ତୁ ସେ ଅଶ୍ରୁ ଦୁଃଖାନୁଭୂତିର ନିର୍ଯ୍ୟାସ ନୁହେଁ; ବରଂ ଭାବାବେଗ ଜନିତ ଦୁଃଖ-ସୁଖରୁ ପର ଏକ ଅନିର୍ବଚନୀୟ ସମ୍ବେଦନଶୀଳ ହୃଦୟର ବହିଃପ୍ରକାଶ ମାତ୍ର ।

ଆଲଙ୍କାରିକ ଆଚାର୍ଯ୍ୟବୃନ୍ଦ କେଉଁ ରସର କେଉଁରସ ବିରୋଧୀ ବା ଅବିରୋଧୀ ସେ ବିଷୟରେ ବିସ୍ତୃତ ଆଲୋଚନାକରି କହନ୍ତି—

କରୁଣରସର ବିରୋଧୀ ହାସ୍ୟ ଓ ଶୃଙ୍ଗାର ।୧୧।

ଏ ବିରୋଧ ଭିନ୍ନ ଅବଲମ୍ବନ ଐକ୍ୟ, ଆଶ୍ରୟ ଐକ୍ୟ ଓ ଅବ୍ୟବଧାନ ଐକ୍ୟରୁ ସମ୍ଭବହୁଏ; କିନ୍ତୁ ଏହି ଐକ୍ୟ ଅଭାବରେ ବିରୋଧୀ ରସ ରୂପେ ଉକ୍ତ ରସ ମଧ୍ୟ ପରି-ପୋଷକ ବା ଗୁଣ ରୂପେ ବିବେଚିତ ହୋଇଥାଏ । ଉଦାହରଣ ସ୍ୱରୂପ—

ଅୟଂ ସ ରଶନୋତ୍କର୍ଷୀ ପୀନସ୍ତନ ବିମର୍ଦ୍ଦନଃ
ନାଭ୍ୟୂରୁଜଘନସ୍ପର୍ଶୀ ନୀବୀବିସ୍ରଂସନଃ କରଃ (ମହାଭାରତ)

(ମହାଭାରତ ଯୁଦ୍ଧରେ ଭୂରିଶ୍ରବା ଛିନ୍ନହସ୍ତ ହୋଇ ମୃତ୍ୟୁବରଣ କରିବା ପରେ ତାଙ୍କ ପତ୍ନୀ ଯୁଦ୍ଧଭୂମିରେ ଉପସ୍ଥିତହୋଇ ସେହି ଖଣ୍ଡିତ ହସ୍ତକୁ ଧରି କ୍ରନ୍ଦନକରି କହନ୍ତି—

ଏହି ହସ୍ତ ମୋର କଟିଦେଶରୁ କାଞ୍ଚିଦାମ ଉତ୍ତୋଳନ କରୁଥିଲା । ପୀନସ୍ତନକୁ ମର୍ଦ୍ଦନ କରିବାରେ ଆଗ୍ରହୀଥିଲା । ନାଭି-ଉରୁ-ଜଘନ ସ୍ପର୍ଶ ଓ ନୀବୀ ଉନ୍ମୋଚନ ପାଇଁ ଆତୁର ହେଉଥିଲା ।)

ଏହି ଉକ୍ତିରେ କରୁଣରସ ବିରୋଧୀ ଶୃଙ୍ଗାର ସ୍ମୃତି ବିଷୟ ହେବାରୁ ତାହା ଦୋଷ ନ ହୋଇ ଶୋକର ଉଦ୍ଦୀପକ ହୋଇପାରିଛି ।

ସଂସ୍କୃତ ସାହିତ୍ୟରେ ଶୃଙ୍ଗାର-ବୀର-ଶାନ୍ତ ଓ କରୁଣକୁ ଅଙ୍ଗୀରସ ଭାବେ ଗ୍ରହଣ କରାଯାଇଥିବାରୁ କରୁଣରସାତ୍ମକ କାବ୍ୟ ବା ନାଟକର ସଂଖ୍ୟା ନ୍ୟୁନ ନୁହେଁ । ପରିମାଣ ଦୃଷ୍ଟିରୁ ଶୃଙ୍ଗାର ଓ ଶାନ୍ତ ପରେ କରୁଣରସର ସ୍ଥାନ ସଂସ୍କୃତ ସାହିତ୍ୟରେ ନିର୍ଦ୍ଧିଷ୍ଟ କରାଯାଇପାରେ । ମାନବ ଜୀବନ ଦୁଃଖ ଓ ସୁଖର ସମାହାର ମାତ୍ର । ସେ ମଧ୍ୟରେ ଦୁଃଖ ଏକ ଅମ୍ଳାନ ସ୍ମୃତି ମନରେ ଅଙ୍କନ କରିଦିଏ । ସେହି ଶୋକ ସ୍ଥାୟିଭାବକ କରୁଣରସର ହୃଦୟଦ୍ରାବକତା ସର୍ବୋପରି ।

---

୧୧ । କରୁଣୋ ହାସ୍ୟଶୃଂଗାରରସାଭ୍ୟାମପି ତାଦୃଶଃ । (ସା-ଦ)

୧୨ । ଅତ୍ର ଆଲମ୍ବନବିଚ୍ଛେଦେ ରତେରସାମ୍ପ୍ରତତ୍ୱା ସ୍ମର୍ଯ୍ୟମାଣାନାଂ ତଦଙ୍ଗାନାଂ ଶୋକୋଦ୍ଦୀପକତ୍ୱା କରୁଣାନୁକୂଳତା । (ସା-ଦ)

□□□

Digitized by srujanika@gmail.com

ସଂସ୍କୃତ ସାହିତ୍ୟରେ କରୁଣରସ

ଡକ୍ଟର ହରେକୃଷ୍ଣ ମେହେର

।। ଏକ ।।

ସାହିତ୍ୟ ଓ ଜୀବନ ପରସ୍ପର ଅଭିନ୍ନ ଭାବରେ ସମ୍ପୃକ୍ତ । ସାଂସାରିକ ବ୍ୟବହାରରେ ମାନବର ବିଭିନ୍ନ ଅନୁଭୂତିକୁ ଲକ୍ଷ୍ୟରଖି ସାହିତ୍ୟ ଶାସ୍ତ୍ରରେ ବିଭିନ୍ନ 'ସ୍ଥାୟୀଭାବ' ଓ 'ରସ'ର ନିରୂପଣ କରାଯାଇଛି । 'ରସ୍ୟତେ (ଆସ୍ୱାଦ୍ୟତେ) ଇତି ରସଃ'; ଯାହା ଆସ୍ୱାଦିତ ହୋଇଥାଏ, ତାହା 'ରସ' ବୋଲି କଥିତ । ଆସ୍ୱାଦିତ ହେଉଥିବା ଦୃଷ୍ଟିରୁ ରସ, ଭାବ, ରସାଭାସ ଓ ଭାବାଭାସ ପ୍ରଭୃତି ମଧ୍ୟ 'ରସ' ରୂପରେ ବିବେଚିତ ହୋଇଥାନ୍ତି । କାବ୍ୟ-ନାଟକଗୁଡ଼ିକରେ ରସାନୁଭୂତି ହେଉଛି ସାହିତ୍ୟର ପ୍ରଧାନ ବିଷୟ । ସୁପ୍ରସିଦ୍ଧ 'ନାଟ୍ୟ-ଶାସ୍ତ୍ର'ର ପ୍ରଣେତା ଭରତ ମୁନିଙ୍କ ମତରେ ବିଭାବ, ଅନୁଭାବ ଓ ବ୍ୟଭିଚାରୀ ଭାବର ଏକତ୍ର ସଂଯୋଗରେ ରସନିଷ୍ପତ୍ତି ହୋଇଥାଏ (୧) । ଏହି ରସ ନିଷ୍ପତ୍ତିକୁ ଟୀକାକାରବୃନ୍ଦ ବିଭିନ୍ନ-ପ୍ରକାର ବ୍ୟାଖ୍ୟା କରିଯାଇଛନ୍ତି । ଭଟ୍ଟଲୋଲ୍ଲଟ, ଶଙ୍କୁକ, ଭଟ୍ଟନାୟକ ଓ ଅଭିନବଗୁପ୍ତ ନାଟ୍ୟଶାସ୍ତ୍ରୋକ୍ତ ରସସୂତ୍ରର ମୁଖ୍ୟ ବ୍ୟାଖ୍ୟାକାର । ରସନିଷ୍ପତ୍ତି-ବିବେଚନାରେ ଭଟ୍ଟଲୋଲ୍ଲଟଙ୍କ 'ଉତ୍ପତ୍ତିବାଦ',ଶଙ୍କୁକଙ୍କ 'ଅନୁମିତିବାଦ', ଭଟ୍ଟନାୟକଙ୍କ 'ଭୁକ୍ତିବାଦ' ଓ ଅଭିନବଗୁପ୍ତଙ୍କ 'ଅଭିବ୍ୟକ୍ତିବାଦ' ସଂସ୍କୃତ-ସାହିତ୍ୟ ଶାସ୍ତ୍ରରେ ସୁଚର୍ଚ୍ଚିତ । ଅଭିନବଗୁପ୍ତ ରସର ନିଷ୍ପତ୍ତିକୁ ରସର 'ଅଭିବ୍ୟକ୍ତି' ବୋଲି ପ୍ରତିପାଦନକରି ସାମାଜିକଙ୍କ ଆଦରଣୀୟ ହୋଇପାରିଛନ୍ତି ।

---

(୧) ବିଭାବାନୁଭାବ-ବ୍ୟଭିଚାରି-ସଂଯୋଗାଦ୍ ରସନିଷ୍ପତ୍ତିଃ ।

(ନାଟ୍ୟଶାସ୍ତ୍ର, ଷଷ୍ଠଅଧ୍ୟାୟ)

Digitized by srujanika@gmail.com

ନାଟ୍ୟଶାସ୍ତ୍ରରେ ବର୍ଣ୍ଣିତ ଅଷ୍ଟରସ ହେଉଛି ଶୃଙ୍ଗାର, ହାସ୍ୟ, କରୁଣ, ରୌଦ୍ର, ବୀର, ଭୟାନକ, ବୀଭତ୍ସ ଓ ଅଦ୍‌ଭୁତ (୨) । ଅଭିନବଗୁପ୍ତ ପ୍ରମୁଖ ଆଚାର୍ଯ୍ୟବୃନ୍ଦ କାବ୍ୟ ପ୍ରକାଶର ମମ୍ମଟ ଓ ସାହିତ୍ୟଦର୍ପଣକାର ବିଶ୍ୱନାଥ କବିରାଜ ପ୍ରଭୃତି ଆଲଙ୍କାରିକମାନଙ୍କ ମତରେ ଶାନ୍ତରସ ହେଉଛି ନବମ ରସ (୩) । ବିଶ୍ୱନାଥ କବିରାଜ ବାତ୍ସଲ୍ୟରସକୁ ସ୍ୱତନ୍ତ୍ର ରୂପରେ ରସବୋଲି ପରିଗଣନା କରିଛନ୍ତି (୪) । ଗୌଡ଼ୀୟ ବୈଷ୍ଣବମାନେ ଭକ୍ତିରସକୁ ସ୍ୱତନ୍ତ୍ର ଓ ଶ୍ରେଷ୍ଠ ରସ ରୂପରେ ପ୍ରତିଷ୍ଠିତ କରିଛନ୍ତି ଧାର୍ମିକ କ୍ଷେତ୍ରରେ । ରୂପ ଗୋସ୍ୱାମୀଙ୍କ 'ଉଜ୍ଜ୍ୱଳ ନୀଳମଣି' ଓ 'ଭକ୍ତିରସାମୃତସିନ୍ଧୁ' ଗ୍ରନ୍ଥରେ ଭକ୍ତିରସର ବିସ୍ତୃତ ପ୍ରତିପାଦନ ଉପଲବ୍‌ଧ ହୋଇଥାଏ । କିନ୍ତୁ ସାହିତ୍ୟ-କ୍ଷେତ୍ରରେ ଦେବ-ବିଷୟକ ରତି 'ଭାବ' ବୋଲି ବିବେଚିତ । ପୂର୍ବୋକ୍ତ ଅଷ୍ଟରସର ସ୍ଥାୟୀଭାବ ସ୍ୱତନ୍ତ୍ର ରୂପରେ ବିଦ୍ୟମାନ । ଶୃଙ୍ଗାର ରସର ସ୍ଥାୟିଭାବ ହେଉଛି ରତି, ହାସ୍ୟର ହାସ, କରୁଣର ଶୋକ, ରୌଦ୍ରର କ୍ରୋଧ, ବୀରର ଉତ୍ସାହ, ଭୟାନକର ଭୟ, ବୀଭତ୍ସର-ଜୁଗୁପ୍‌ସା ଏବଂ ଅଦ୍‌ଭୁତର ସ୍ଥାୟିଭାବ, ବିସ୍ମୟ । ଶାନ୍ତରସର ସ୍ଥାୟିଭାବ 'ଶମ' ବା 'ନିର୍ବେଦ' । ସାଧାରଣତଃ କାବ୍ୟାଦିରେ ନବରସ ସର୍ବସମ୍ମତ । ସେଥିପାଇଁ ସମ୍ରାଟାଚାର୍ଯ୍ୟ କବି କୃତିକୁ 'ନବରସ-ରୁଚିରା' ବୋଲି ବର୍ଣ୍ଣନାକରିଛନ୍ତି (୫) ।

।। ଦୁଇ ।।

କରୁଣ-ରସର ବିଶେଷ ଆଲୋଚନା ପୂର୍ବରୁ ରସ ସଂପର୍କରେ ସାମାନ୍ୟ ଧାରଣା ପ୍ରାସଙ୍ଗିକ ମନେହୁଏ । ସ୍ଥାୟୀଭାବ ହେଉଛି ହୃଦୟ ଭିତରେ ସ୍ଥାୟୀ ବା ସ୍ଥିରହୋଇ ରହିଥିବା ଏକ ପ୍ରସୁପ୍ତ ସଂସ୍କାର । ସାଧାରଣତଃ ଏହା ଅବ୍ୟକ୍ତାବସ୍ଥାରେ ଥାଏ । ଅନୁକୂଳ ବିଭାବ ପ୍ରଭୃତିର ସଂଯୋଗରେ ଏହି ସ୍ଥାୟୀଭାବ ଅବ୍ୟକ୍ତାବସ୍ଥାରୁ ବ୍ୟକ୍ତାବସ୍ଥାକୁ ପ୍ରାପ୍ତହୁଏ ଏବଂ ଆସ୍ୱାଦ୍ୟମାନ ହେବାରୁ ରସ ରୂପରେ ପରିଣତହୋଇଥାଏ ।

---

(୨) ଶୃଙ୍ଗାର-ହାସ୍ୟ-କରୁଣ-ରୌଦ୍ର-ବୀର-ଭୟାନକାଃ '
ବୀଭତ୍ସାଦ୍‌ଭୁତ-ସଂଜ୍ଞୌ ଚେତ୍ୟଷ୍ଟୌ ନାଟ୍ୟେ ରସାଃ ସ୍ମୃତାଃ "
(ନାଟ୍ୟଶାସ୍ତ୍ର ୬/୧୭; କାବ୍ୟପ୍ରକାଶ ୪/୨୯ରେ ଅବିକଳ ଉଦ୍ଧୃତ)

(୩) ନିର୍ବେଦ-ସ୍ଥାୟିଭାବୋଽସ୍ତି ଶାନ୍ତୋଽପି ନବମୋ ରସଃ ।
(କାବ୍ୟ ପ୍ରକାଶ ୪/୩୫;
ସାହିତ୍ୟଦର୍ପଣ ୩/୧୮୨ ଓ ୩/୨୪୫ ଦ୍ରଷ୍ଟବ୍ୟ)

(୪) ସାହିତ୍ୟଦର୍ପଣ ୩/୨୫୧ ।

(୫) କାବ୍ୟପ୍ରକାଶ ୧/୧ ।

Digitized by srujanika@gmail.com

ରତି ପ୍ରଭୃତି ସ୍ଥାୟୀଭାବର କାରଣ ହେଉଛି 'ବିଭାବ'। ଏହା ଦ୍ୱିବିଧ : ଆଲମ୍ବନ ବିଭାବ ଓ ଉଦ୍ଦୀପନ ବିଭାବ। ଉଦାହରଣ ସ୍ୱରୂପ, ନାୟିକାକୁ ଦେଖି ନାୟକର ମନରେ ଓ ନାୟକକୁ ଦେଖି ନାୟିକାର ମନରେ ରତିଭାବ ଜାଗ୍ରତ ହେଲେ ଉଭୟ ନାୟକ ଓ ନାୟିକା ହେଉଛନ୍ତି ଶୃଙ୍ଗାର ରସର ଆଲମ୍ବନ ବିଭାବ। ଦୁହେଁ ପରସ୍ପର ରତି-ଉତ୍ପତ୍ତିର କାରଣ। ଏହି ରତି ପ୍ରଭୃତି ସ୍ଥାୟୀଭାବରେ ଉଦ୍ଦୀପନ-କାରକ ବା ଉଦ୍‌ବୋଧକ ହେଉଛି ଉଦ୍ଦୀପନ ବିଭାବ। ଯଥା, ପୂର୍ବୋକ୍ତ ରତିର ଉଦ୍ଦୀପନ ବିଭାବ ହେଉଛି ଚନ୍ଦ୍ରିକା, ରମ୍ୟ ଉଦ୍ୟାନ, ଏକାନ୍ତ ସ୍ଥାନ, ପୁଷ୍ପସୌରଭ ପ୍ରଭୃତି ଚିତ୍ତାକର୍ଷକ ବସ୍ତୁ। ଏସବୁ ଦ୍ୱାରା ପୂର୍ବୋତ୍ପନ୍ନ ରତି ଉଦ୍ଦୀପିତ ହୋଇଥାଏ। ଆଲମ୍ବନ ଓ ଉଦ୍ଦୀପନ ବିଭାବ ମିଳିତ ରୂପରେ ସ୍ଥାୟୀଭାବକୁ ବ୍ୟକ୍ତ କରିଥାନ୍ତି। ପ୍ରତ୍ୟେକ ରସରେ ଆଲମ୍ବନ ଓ ଉଦ୍ଦୀପନ ବିଭାବ ସ୍ୱତନ୍ତ୍ର ରହିଥାଏ। ଏହି ବିଭାବଦ୍ୱୟ ରସାନୁଭୂତିର ବାହ୍ୟକାରଣ ଏବଂ ରତି ଆଦି ସ୍ଥାୟୀଭାବ ହେଉଛି ରସାନୁଭୂତିର ମୁଖ୍ୟ ଆଭ୍ୟନ୍ତର କାରଣ। ହୃଦୟର ଆଭ୍ୟନ୍ତରରେ ଥିବା ସ୍ଥାୟୀଭାବ ଆଲମ୍ବନ ଓ ଉଦ୍ଦୀପନରୂପ ଉଦ୍‌ବୋଧକ ଉପାଦାନଦ୍ୱୟ ଦ୍ୱାରା ଅଭିବ୍ୟକ୍ତ ହୋଇଥାଏ। ଏହି ସ୍ଥାୟୀଭାବର ଅଭିବ୍ୟକ୍ତି ହିଁ 'ରସ' ବୋଲି ଅଭିହିତ।

ଆଲମ୍ବନ ଅଥବା ଉଦ୍ଦୀପନ ବିଭାବଦ୍ୱାରା ନାୟକ-ନାୟିକାଙ୍କ ହୃଦୟରେ ଉଦ୍‌ବୁଦ୍ଧ ରତି ଆଦି ସ୍ଥାୟୀ ଭାବକୁ ଯାହା ବାହ୍ୟରୂପରେ ପ୍ରକାଶିତକରେ, ତାହା ଅନୁଭାବ। ଏହା ରତି ଆଦି ସ୍ଥାୟୀଭାବର 'କାର୍ଯ୍ୟ'। ଭରତ ମୁନିଙ୍କ ମତରେ, ବାଚିକ ଅଥବା ଆଙ୍ଗିକ ଅଭିନୟଦ୍ୱାରା ରତି ଆଦି ସ୍ଥାୟୀଭାବର ଆଭ୍ୟନ୍ତର ଅଭିବ୍ୟକ୍ତିକୁ ଯାହା ବାହ୍ୟରୂପରେ ଅନୁଭବ କରାଏ, ତାହା ଅନୁଭାବ ବୋଲି କଥିତ (୬)। ନାଟ୍ୟରେ ଅନୁଭାବର ବିଶେଷ ଓ ମହତ୍ତ୍ୱପୂର୍ଣ୍ଣ ପ୍ରୟୋଗ ରହିଛି। କୌଣସି ରସର ବାହ୍ୟ ଅଭିବ୍ୟକ୍ତି ନିମନ୍ତେ ସ୍ୱତନ୍ତ୍ର ଅଭିନୟ ଶୈଳୀ ଗ୍ରହଣକରାଯାଇଥାଏ। ସେହି କାରଣରୁ ରସର ପ୍ରକାଶକ ବାହ୍ୟ ବ୍ୟାପାର ହେଉଛି ଅନୁଭାବ। ପ୍ରତ୍ୟେକ ରସର ପୃଥକ୍ ପୃଥକ୍ ଅନୁଭାବ ରହିଛି। ଯଥା, ପୂର୍ବୋତ୍ପନ୍ନ ରତି ଆଦି ସ୍ଥାୟୀ ଭାବର ଅନୁଭାବ ହେଉଛି ସ୍ମିତ, କଟାକ୍ଷ, ଭ୍ରୂଚାଳନା, ବକ୍ରଭଙ୍ଗୀ ପ୍ରଭୃତି ଆଙ୍ଗିକ ଅଭିନୟ ଏବଂ ସଲଜ୍ଜ ମଧୁର କଥାଳାପ ପ୍ରଭୃତି ବାଚିକ ଅଭିନୟ।

ଉଦ୍‌ବୁଦ୍ଧ ସ୍ଥାୟୀଭାବର ପରିପୁଷ୍ଟି ସକାଶେ ଯାହା ସହକାରୀ, ତାହା ହେଉଛି ବ୍ୟଭିଚାରୀଭାବ ବା ସଞ୍ଚାରୀଭାବ। ଏହା ରସରେ ନାନାରୂପରେ ବିଚରଣ ବା ସଞ୍ଚାର କରିଥାଏ ଏବଂ ରସକୁ ପୁଷ୍ଟିସାଧନ ପୂର୍ବକ ଆସ୍ୱାଦନଯୋଗ୍ୟ କରାଇଥାଏ। ଏହି ସଞ୍ଚାରୀ ଭାବ ତେତିଶ ପ୍ରକାର। ଏ ସବୁ ହେଉଛି : ନିର୍ବେଦ, ଆବେଗ, ଦୈନ୍ୟ, ଶ୍ରମ, ମଦ, ଜଡ଼ତା, ଉଗ୍ରତା, ମୋହ, ବିବୋଧ, ସ୍ୱପ୍ନ, ଅପସ୍ମାର, ଗର୍ବ, ମରଣ, ଅଳସତା, ଅମର୍ଷ,

(୬) କାବ୍ୟଶାସ୍ତ୍ର (ଷଷ୍ଠ ଅଧ୍ୟାୟ)।

Digitized by srujanika@gmail.com

ନିଦ୍ରା, ଅବହିତ୍ଥା, ଔତ୍ସୁକ୍ୟ, ଉନ୍ମାଦ, ଶଂକା, ସ୍ମୃତି, ମତି, ବ୍ୟାଧି, ସନ୍ତ୍ରାସ, ଲଜ୍ଜା, ହର୍ଷ, ଅସୂୟା, ବିଷାଦ, ଧୃତି, ଚପଳତା, ଗ୍ଲାନି ଚିନ୍ତା ଓ ବିତର୍କ (୭) ସ୍ୱତନ୍ତ୍ର ରସମାନଙ୍କ ଗଣନାଦୃଷ୍ଟିରୁ ଏହି ସଞ୍ଚାରୀଭାବର ବର୍ଗୀକରଣ ହୋଇନାହିଁ । ସମସ୍ତ ରସରେ ମିଳିତ ଭାବରେ ଏହାର ସଂଖ୍ୟା ତେତିଶ ।

।। ତିନି ।।

ରସାସ୍ୱାଦନ ବେଳାରେ ଚିତ୍ତର ଭିନ୍ନ ଭିନ୍ନ ଅବସ୍ଥା ଅନୁଭୂତ ହୋଇଥାଏ । ରସାନୁଭୂତି-କାଳୀନ ଚତୁର୍ବିଧ ଚିତ୍ତବୃତ୍ତି ହେବାରୁ ଶୃଙ୍ଗାର, ରୌଦ୍ର, ବୀର ଓ ବୀଭତ୍ସ- ଏହି ରସ-ଚତୁଷ୍ଟୟ ମୌଳିକ ରସ ରୂପରେ କଥିତ । ଅବଶିଷ୍ଟ ଚାରିରସ (ହାସ୍ୟ, କରୁଣ, ଅଦ୍‌ଭୁତ ଓ ଭୟାନକ) ଏମାନଙ୍କ ଉପରେ ଆଶ୍ରିତ । ହାସ୍ୟରସରେ ଶୃଙ୍ଗାର ପରି ଚିତ୍ତ-ବିକାଶ; ଅଦ୍‌ଭୁତ ରସରେ ବୀରପରି ଚିତ୍ତ-ବିସ୍ତାର, ଭୟାନକରେ ବୀଭତ୍ସ ପରି ଚିତ୍ତ-ବିକ୍ଷୋଭ ଏବଂ କରୁଣରେ ରୌଦ୍ରପରି ଚିତ୍ତ-ବିକ୍ଷେପର ପ୍ରାଧାନ୍ୟ ରହିଥାଏ । ତେଣୁ ଶୃଙ୍ଗାରରୁ ହାସ୍ୟର. ରୌଦ୍ରରୁ କରୁଣର, ବୀରରୁ ଅଦ୍‌ଭୁତର ଓ ବୀଭତ୍ସରୁ ଭୟାନକର ଉତ୍ପତ୍ତି ବୋଲି ଭରତ ମୁନିଙ୍କ ମତ (୮) । ଦଶରୂପକର ପ୍ରଣେତା ଧନଞ୍ଜୟ ମଧ୍ୟ ରସାନୁଭୂତି କାଳରେ ଚିତ୍ତର ଚତୁର୍ବିଧ ବୃତ୍ତି ଦର୍ଶାଇ ମୌଳିକ ରସ-ଚତୁଷ୍ଟୟ (ଶୃଙ୍ଗାର, ରୌଦ୍ର, ବୀର ଓ ବୀଭତ୍ସ)ର ବୈଶିଷ୍ଟ୍ୟ ପ୍ରତିପାଦନ କରିଛନ୍ତି (୯) । ଚତୁର୍ବିଧ ମୌଳିକ ରସରୁ ଅନ୍ୟତମ ରୌଦ୍ରରସର କର୍ମ ଅର୍ଥାତ୍ ବଧାଦି ରୂପ ଫଳ ହେଉଛି କରୁଣରସ (୧୦) । ଇଷ୍ଟନାଶ ଓ ଅନିଷ୍ଟପ୍ରାପ୍ତିରେ କରୁଣ ରସ ଅଭିବ୍ୟକ୍ତ ହୋଇଥାଏ ।

---

(୭) ସାହିତ୍ୟଦର୍ପଣ (୩/୧୪୦-୧୪୧),
କାବ୍ୟପ୍ରକାଶ (୪/୩୧-୩୪) ଓ
ଦଶରୂପକ (୪/୭-୮) ।

(୮) ଶୃଙ୍ଗାରାଦ୍ଧି ଭବେଦ୍‌ହାସ୍ୟୋ ରୌଦ୍ରାଚ୍ଚ କରୁଣୋରସଃ ।
ବୀରାଚ୍ଚୈବାଦ୍‌ଭୁତୋତ୍ପତ୍ତି-ର୍ବୀଭତ୍ସାଚ୍ଚ ଭୟାନକଃ ।।
(ନାଟ୍ୟଶାସ୍ତ୍ର ୬/୪୦)

(୯) ସ୍ୱାଦଃ କାବ୍ୟାର୍ଥ-ସମ୍ଭେଦାଦାତ୍ମାନନ୍ଦ-ସମୁଦ୍‌ଭବଃ ।
ବିକାଶ-ବିସ୍ତର-କ୍ଷୋଭ-ବିକ୍ଷେପୈଃ ସ ଚତୁର୍ବିଧଃ ।।
ଶୃଙ୍ଗାର-ବୀର-ବୀଭତ୍ସ-ରୌଦ୍ରେଷୁ ମନସଃ କ୍ରମାତ୍ ।
ହାସ୍ୟାଦ୍‌ଭୁତ-ଭୟୋତ୍କର୍ଷ-କରୁଣାନାଂ ତ ଏବ ହି ।।
(ଦଶରୂପକ ୪/୪୩-୪୪)

(୧୦) ରୌଦ୍ରସ୍ୟୈବ ଚ ଯତ୍‌କର୍ମ ସ ଜ୍ଞେୟଃ କରୁଣୋରସଃ ।।
(ନାଟ୍ୟଶାସ୍ତ୍ର ୬/୪୧)

Digitized by srujanika@gmail.com

॥ ଚାରି ॥

ନାଟ୍ୟଶାସ୍ତ୍ରରେ ଯେଉଁ ଅଷ୍ଟରସର ବିଶେଷ କ୍ରମ କଥିତ, ତାର ପ୍ରୟୋଜନ ନିର୍ଣ୍ଣିତ ରୂପରେ ରହିଛି । ନାଟ୍ୟଶାସ୍ତ୍ରର ପ୍ରଖ୍ୟାତ ବ୍ୟାଖ୍ୟାକାର ଅଭିନବଗୁପ୍ତ ଏହି କ୍ରମ-ନିର୍ଦ୍ଦେଶର ପ୍ରୟୋଜନ ସମ୍ପର୍କରେ ସ୍ପଷ୍ଟ ଦର୍ଶାଇଛନ୍ତି (୧୧) । ରତି ହେଉଛି ସମସ୍ତ ପ୍ରାଣିଜାତିର ମୁଖ୍ୟ ପ୍ରବୃତ୍ତି ଏବଂ ଏହାପ୍ରତି ସମସ୍ତଙ୍କର ଆକର୍ଷଣ ରହିଛି । ସେଥିପାଇଁ ସର୍ବପ୍ରଥମେ ଶୃଙ୍ଗାରରସ ପ୍ରତିଷ୍ଠିତ । ଏହା ଆଦିରସ ଓ ରସରାଜ ନାମରେ ମଧ୍ୟ ସୁବିଦିତ । ହାସ୍ୟ ହେଉଛି ଶୃଙ୍ଗାରର ଅନୁଗାମୀ । ତେଣୁ ଶୃଙ୍ଗାରର ଠିକ୍ ପରେ ହାସ୍ୟର ସ୍ଥାନ ରହିଛି । ସମ୍ଭୋଗ ଶୃଙ୍ଗାରରେ ନାୟକ-ନାୟିକାଙ୍କ ମିଳନଘଟେ ଏବଂ ଏହି ମିଳନ ହେତୁ ଦୁହେଁ ପରସ୍ପର ସାପେକ୍ଷ ରହନ୍ତି । ବିପ୍ରଲମ୍ଭ ଶୃଙ୍ଗାରରେ ନାୟକ-ନାୟିକାଙ୍କ ପ୍ରଥମେ ପରସ୍ପରଠାରୁ ବିଚ୍ଛେଦ ଘଟିଲେ ମଧ୍ୟ ପରେ ମିଳାମିଶା ରହେ । ସେଥିଯୋଗୁଁ ଏହି ଦ୍ୱିବିଧ ଶୃଙ୍ଗାର ହେଉଛି ସାପେକ୍ଷ ଓ ଆଶାଯୁକ୍ତ ।

ହାସ୍ୟର ଠିକ୍ ପରେ କରୁଣରସ ସ୍ଥାନ ପାଇଛି । କାରଣ, ହାସ୍ୟର ବିପରୀତ ହେଉଛି କରୁଣ । ଆତ୍ମୀୟ କିମ୍ବା ବନ୍ଧୁଜନଙ୍କ ବାସ୍ତବ ବିନାଶ ଅଥବା ଭ୍ରମବଶତଃ ବିନାଶର ନିଶ୍ଚୟ ହେଲେ କରୁଣ ରସର ଅଭିବ୍ୟକ୍ତ ଘଟିଥାଏ । କରୁଣରେ ମିଳନର ଆଶା ନ ଥିବାରୁ ଏହା ନୈରାଶ୍ୟମୟ ଓ ନିରପେକ୍ଷ ରସ । ସେଥିପାଇଁ ଶୃଙ୍ଗାର ଓ ତଦନୁଗାମୀ ହାସ୍ୟର ଅବ୍ୟବହିତ ପରେ କରୁଣ ରସର ସ୍ଥାନ ନିରୂପିତ । ମରଣ ପରେ କରୁଣ ରସର ଅବଧି ଆରମ୍ଭ ହୋଇଥାଏ । ଏହି କାରଣରୁ କରୁଣ ରସକୁ ନିମିତ୍ତ ରୂପରେ ରଖି କରୁଣ ପରେ କରୁଣ ସହିତ ସମ୍ବନ୍ଧ ରୌଦ୍ର ରସ ସ୍ଥାନ ଲାଭକରିଛି ।

॥ ପାଞ୍ଚ ॥

ପ୍ରତ୍ୟେକ ରସର ସ୍ୱତନ୍ତ୍ର ରୂପରେ ହେତୁ, ବର୍ଣ୍ଣ, ଦେବତା, ସ୍ଥାୟୀଭାବ, ଆଲମ୍ବନ ତଥା ଉଦ୍ଦୀପନ ବିଭାବ, ଅନୁଭାବ ଓ ବ୍ୟଭିଚାରୀଭାବ ନିରୂପିତ ହୋଇଛି । ଇଷ୍ଟଜନଙ୍କ ବିନାଶ ଓ ଅନିଷ୍ଟ ଲାଭରେ କରୁଣରସ ଅନୁଭୂତ ହୋଇଥାଏ । ଏହି ରସ କପୋତବର୍ଣ୍ଣ ଏବଂ ଏହାର ଅଧିଦେବତା ହେଉଛନ୍ତି ଯମରାଜ (୧୨) । ଇଷ୍ଟନାଶ ଓ ଅନିଷ୍ଟପ୍ରାପ୍ତି କରୁଣରସର ହେତୁ ବୋଲି ପ୍ରଦର୍ଶିତ । ଇଷ୍ଟନାଶରେ ନାୟକ-ନାୟିକାଙ୍କ ଭିତରୁ

---

(୧୧) ଅଭିନବଭାରତୀ ୬/୧୬ ।

(୧୨) ଇଷ୍ଟନାଶାଦନିଷ୍ଟାପ୍ତେଃ କରୁଣାଖ୍ୟୋ ରସୋ ଭବେତ୍ ।
ଧୀରୈଃ କପୋତ-ବର୍ଣ୍ଣୋଽୟଂ କଥିତୋ ଯମଦୈବତଃ ॥
(ସାହିତ୍ୟଦର୍ପଣ ୩/୨୨୨)

Digitized by srujanika@gmail.com

ଜଣଙ୍କର ନାଶ ଏବଂ ଅନିଷ୍ଟପ୍ରାପ୍ତିରେ ଅନ୍ୟ ପିତା-ପୁତ୍ର ପ୍ରଭୃତି ଆତ୍ମୀୟ ସ୍ୱ-ଜନଙ୍କ ମରଣ, ବଧ, ବନ୍ଧନ ବା ବିଭବ-ନାଶ ଆଦି ଅନ୍ତର୍ଗତ ।

କରୁଣ ରସର ସ୍ଥାୟୀଭାବ ହେଉଛି ଶୋକ । ବିନଷ୍ଟ ବନ୍ଧୁ ପ୍ରଭୃତି ଶୋଚନୀୟ ବ୍ୟକ୍ତି ହେଉଛି ଆଲମ୍ବନ ବିଭାବ ଏବଂ ତାର ଦାହକର୍ମାଦି ଉଦ୍ଦୀପନ ବିଭାବ (୧୩) । ଦୈବନିନ୍ଦା, ଭୂପତନ, ରୋଦନ, ବିବର୍ଣ୍ଣତା, ଉଚ୍ଛ୍ୱାସ, ନିଶ୍ୱାସ, ସ୍ତମ୍ଭ ଓ ଆଲାପ ପ୍ରଭୃତି ଏ ରସର ଅନୁଭାବ (୧୪) । ନାଟ୍ୟରେ ଅଶ୍ରୁପାତ, ପରିଦେବନା, ବିଳାପ, ବିବର୍ଣ୍ଣତା, ସ୍ୱରଭେଦ, ସ୍ରସ୍ତଗାତ୍ରତା, ଭୂମିପତନ, ରୁଦିତ, ଆକ୍ରନ୍ଦିତ, ଦୀର୍ଘଶ୍ୱାସ, ଜଡ଼ତା, ଉନ୍ମାଦ, ମୋହ, ମରଣାଦି ଅନୁଭବଦ୍ୱାରା କରୁଣ ଅଭିନୟ କରାଯାଇପାରେ (୧୫) । ନିର୍ବେଦ, ମୋହ, ଅପସ୍ମାର, ବ୍ୟାଧି, ଗ୍ଲାନି, ସ୍ମୃତି, ଶ୍ରମ, ବିଷାଦ, ଜଡ଼ତା, ଉନ୍ମାଦ, ଚିନ୍ତା ପ୍ରଭୃତି ଏହାର ବ୍ୟଭିଚାରୀ ଭାବ (୧୬) ।

ବିଶ୍ୱନାଥ କବିରାଜ 'ସାହିତ୍ୟଦର୍ପଣ'ରେ ସ୍ୱରଚିତ 'ରାଘବବିଳାସ' କାବ୍ୟରୁ କରୁଣରସର ଏକ ଉଦାହରଣ ପ୍ରଦାନକରିଛନ୍ତି । ଶ୍ଳୋକଟି ହେଉଛି—

"ବିପିନେ କ୍ୱ ଜଟା-ନିବନ୍ଧନଂ
ତବ ଚେଦଂ କ୍ୱ ମନୋହରଂ ବପୁଃ ?
ଅନୟୋର୍ଘଟନା ବିଧେଃ ସ୍ଫୁଟଂ
ନନୁ ଖଡ୍‌ଗେନ ଶିରୀଷ-କର୍ତ୍ତନମ୍ ॥"

ଅର୍ଥାତ୍ "କାହିଁ ଅରଣ୍ୟରେ ଜଟାବନ୍ଧନ ? କାହିଁ ପୁଣି ତୁମର ଏ ସୁକୁମାର ସୁନ୍ଦର ଶରୀର ? ଦୈବଦ୍ୱାରା ଏହି ଦୁଇ ବିଷୟକୁ ଏକତ୍ର ସମ୍ମିଳିତ କରିବା ହେଉଛି ତରବାରି ସାହାଯ୍ୟରେ କୋମଳ ଶିରୀଷ କୁସୁମକୁ ଛେଦନକରିବା ।" ଉକ୍ତ ପଦ୍ୟରେ ରାମ-ବନବାସ-ଜନିତ ଶୋକାକୁଳ ରାଜା ଦଶରଥଙ୍କ ମୁଖରେ 'ଦୈବନିନ୍ଦା' ପ୍ରଦର୍ଶିତ ।

---

(୧୩) ଶୋକୋଽତ୍ର ସ୍ଥାୟିଭାବଃ ସ୍ୟାଚ୍ଛୋଚ୍ୟମାଲମ୍ବନଂ ମତମ୍ ।
ତସ୍ୟ ଦାହାଦିକାବସ୍ଥା ଭବେଦୁଦ୍ଦୀପନଂ ପୁନଃ ॥
(ସା. ଦ. ୩/୨୨୩)

(୧୪) ଅନୁଭାବା ଦୈବନିନ୍ଦା-ଭୂପାତ-କ୍ରନ୍ଦିତାଦୟଃ ।
ବୈବର୍ଣ୍ଣ୍ୟୋଚ୍ଛ୍ୱାସ-ନିଃଶ୍ୱାସ-ସ୍ତମ୍ଭ-ପ୍ରଲପନାନି ଚ ॥
(ସା. ଦ. ୩/୨୨୪)

(୧୫) ନାଟ୍ୟଶାସ୍ତ୍ର (ଷଷ୍ଠ-ସପ୍ତମ ଅଧ୍ୟାୟ) ।

(୧୬) ନିର୍ବେଦ-ମୋହାପସ୍ମାର-ବ୍ୟାଧି-ଗ୍ଲାନି-ସ୍ମୃତି-ଶ୍ରମାଃ ।
ବିଷାଦ-ଜଡ଼ତୋନ୍ମାଦ-ଚିନ୍ତାଦ୍ୟା ବ୍ୟଭିଚାରିଣଃ ॥
(ସା. ଦ. ୩/୨୨୫)

Digitized by srujanika@gmail.com

ସୁପ୍ରସିଦ୍ଧ 'କାବ୍ୟପ୍ରକାଶ'ର ଚତୁର୍ଥ ଉଲ୍ଲାସରେ ମମ୍ମଟଙ୍କ ପ୍ରଦତ୍ତ କରୁଣରସର ଉଦାହରଣ ହେଉଛି—

"ହା ମାତସ୍ତ୍ୱରିତାସି କୁତ୍ର କିମିଦଂ ହା ଦେବତାଃ କ୍ୱାଶିଷଃ ଧିକ୍ ପ୍ରାଣାନ୍ ପତିତୋଽଶନି ହୁତବହସ୍ତେଽଙ୍ଗେଷୁ ଦଗ୍ଧେ ଦୃଶୌ । ଇତ୍ଥଂ ଘର୍ଘର-ମଧ୍ୟ-ରୁଦ୍ଧ-କରୁଣାଃ ପୌରାଙ୍ଗନାନାଂ ଗିରଶ୍ଚିତ୍ରସ୍ଥାନପି ରୋଦୟନ୍ତି ଶତଧା କୁର୍ବନ୍ତି ଭିତ୍ତୀରପି ॥"

ଶ୍ଳୋକଟିର ଭାବ ହେଉଛି—

"ହା ମାତ ! ତୁମେ ଏତେ ଶୀଘ୍ର କୁଆଡ଼େ ଚାଲିଗଲ ? ଏହା କ'ଣ ହୋଇଗଲା ? ହା ଦେବଗଣ ! (ତୁମ ପ୍ରତି ପୂଜାରତା ରାଜମାତାଙ୍କ ଭକ୍ତି ସବୁ ବ୍ୟର୍ଥ ହେଲା, ତୁମେମାନେ ତାଙ୍କୁ ବଞ୍ଚାଇ ପାରିଲନାହିଁ) । ଗୁରୁଜନଙ୍କ ଆଶୀର୍ବାଦ ସବୁ ଗଲା କୁଆଡ଼େ ? ଆମର ପ୍ରାଣକୁ ଧିକ୍ । ଅଗ୍ନି ବଜ୍ରହୋଇ ତୁମର ଶରୀରରେ ପତିତହେଲା; ତୁମର ସୁନ୍ଦର ନେତ୍ରଦ୍ୱୟ ଦଗ୍ଧ ହୋଇଗଲା । ଏହିପରି ଉଚ୍ଚସ୍ୱରରେ କ୍ରନ୍ଦନ ଯୋଗୁଁ ମଧ୍ୟେ ମଧ୍ୟେ ଗଦ୍‌ଗଦ-କଣ୍ଠଯୁକ୍ତା ପୌର-ରମଣୀମାନଙ୍କ କରୁଣବିଳାପ ଚିତ୍ରାଙ୍କିତ ନର-ନାରୀ-ପ୍ରତିକୃତିଙ୍କୁ ମଧ୍ୟ କନ୍ଦାଉଛି ଏବଂ କାନ୍ଥମାନଙ୍କୁ ମଧ୍ୟ ଖଣ୍ଡ ଖଣ୍ଡ କରିଦେଉଛି ।"

ଉକ୍ତ ପଦ୍ୟରେ ରାଜମାତା ଆଲମ୍ବନ ବିଭାବ, ତାଙ୍କ ଦାହାଦି କର୍ମ ଉଦ୍ଦୀପନ ବିଭାବ, ପୌରାଂଗନାମାନଙ୍କ କ୍ରନ୍ଦନ ଅନୁଭାବ ଏବଂ ଦୈନ୍ୟ, ଗ୍ଳାନି, ମୂର୍ଚ୍ଛା ଇତ୍ୟାଦି ହେଉଛି ସଂଚାରୀଭାବ । ଏ ସମସ୍ତ ଉପାଦାନଦ୍ୱାରା କରୁଣରସ ଅଭିବ୍ୟକ୍ତ ହେଉଛି ।

॥ ଛଅ ॥

ସାହିତ୍ୟ ଦର୍ପଣକାର ବିଶ୍ୱନାଥ କବିରାଜ "କରୁଣ-ବିପ୍ରଲମ୍ଭ"ର ସ୍ୱତନ୍ତ୍ର ପ୍ରତିପାଦନ କରିଛନ୍ତି । ତାଙ୍କ ମତରେ କରୁଣରସ କରୁଣ ବିପ୍ରଲମ୍ଭ ସହ ସମାନ ନୁହେଁ । ଏ ଉଭୟ ପରସ୍ପରଠାରୁ ଭିନ୍ନ ନିଜ ନିଜ ବିଶେଷତ୍ୱ ଦୃଷ୍ଟିରୁ । ନାୟକ-ନାୟିକାଙ୍କ ମଧ୍ୟରୁ କୌଣସି ଜଣକର ମରଣ ଘଟିଲେ ଅନ୍ୟର ଦୁଃଖାବସ୍ଥା ହେଉଛି କରୁଣ-ବିପ୍ରଲମ୍ଭ । କିନ୍ତୁ ଏଥିର ବିଶେଷତ୍ୱ ହେଉଛି ପରଲୋକଗତ ବ୍ୟକ୍ତିର ଏ ଜନ୍ମରେ ଏ ଦେହରେ ପୁନର୍ବାର ମିଳନର ଆଶାଥାଏ (୧୭) । ଉଦାହରଣସ୍ୱରୂପ, ବାଣଭଟ୍ଟ-କୃତ 'କାଦମ୍ବରୀ' ଉପନ୍ୟାସରେ ପୁଣ୍ଡରୀକ-ମହାଶ୍ୱେତା-ବୃତ୍ତାନ୍ତ । ପୁଣ୍ଡରୀକର ମୃତ୍ୟୁପରେ ମହାଶ୍ୱେତା ଓ କପିଞ୍ଜଳ ପ୍ରଭୃତି ବିଳାପ କରନ୍ତି । ଇତିମଧ୍ୟରେ କୌଣସି ଦିବ୍ୟଜ୍ୟୋତି ଆସି ପୁଣ୍ଡରୀକର ମୃତ ଶରୀରକୁ ଉଠାଇ ଆକାଶକୁ ନେଇଯାଏ ଏବଂ ମହାଶ୍ୱେତାକୁ ଆଶ୍ୱାସନାଦେଇ

(୧୭) ଯୂନୋରେକତରସ୍ମିନ୍ ଗତବତି ଲୋକାନ୍ତରଂ ପୁନର୍ଲଭ୍ୟେ ।
ବିମନାୟତେ ଯଦୈକସ୍ତଦା ଭବେତ୍ କରୁଣ-ବିପ୍ରଲମ୍ଭାଖ୍ୟଃ ॥
(ସା. ଦ. ୩/୨୦୯)

Digitized by srujanika@gmail.com

କହେ ଯେ ପୁଣ୍ଡରୀକ ସହିତ ତା'ର ପୁନର୍ମିଳନ ଘଟିବ । ଉକ୍ତ ବର୍ଣ୍ଣନାରେ ଆକାଶ-ବଚନର ପୂର୍ବରୁ ମହାଶ୍ୱେତା-କଥିତ୍ତଳ ପ୍ରକୃତିଙ୍କ ବିଳାପ ହେଉଛି କରୁଣରସ । ଆକାଶ-ବଚନ ପରେ ପୁନର୍ମିଳନର ଆଶା ରହିଥିବାରୁ ବିପ୍ରଲମ୍ଭ ସୂଚିତହେଉଛି । ବିଶେଷତଃ ଏ ଦୃଷ୍ଟାନ୍ତକୁ ଲକ୍ଷ୍ୟରଖି ବିଶ୍ୱନାଥ କବିରାଜ କରୁଣ-ବିପ୍ରଲମ୍ଭର ପୃଥକ୍ ନିରୂପଣ କରିଛନ୍ତି ।

ଉକ୍ତ ଦୃଷ୍ଟିରୁ ଅନୁଧ୍ୟାନକଲେ ମହାକବି ଭାସଙ୍କ ରଚିତ 'ସ୍ୱପ୍ନବାସବଦତ୍ତ' ନାଟକର ପଞ୍ଚମ ଅଙ୍କରେ କରୁଣ-ବିପ୍ରଲମ୍ଭର ଅବସ୍ଥା ଅନୁଭବ କରାଯାଇପାରେ । ବତ୍ସଦେଶର ରାଜା ଉଦୟନଙ୍କ ରାଣୀ ବାସବଦତ୍ତା ଯଦ୍ୟପି ଜୀବିତା ଓ ଛଦ୍ମବେଶଧାରିଣୀ, ତଥାପି ସ୍ୱାମୀଙ୍କ ପତନଙ୍କ ପ୍ରତିଷ୍ଠା ନିମନ୍ତେ ସେ ଅଗ୍ନିଦାହରେ ମୃତା ବୋଲି ଲୋକମୁଖରେ ପରିଚିତା ହୋଇଛନ୍ତି । ରାଜା ଉଦୟନ ରାଣୀଙ୍କ ବିରହରେ ଉଦ୍‌ବିଗ୍ନ ଓ ଶୋକାକୁଳ । କିନ୍ତୁ ପରିସ୍ଥିତି ବଶରୁ ମଗଧ-ରାଜକୁମାରୀ ପଦ୍ମାବତୀଙ୍କ ସହ ଦ୍ୱିତୀୟ ବିବାହ କରିଛନ୍ତି । ଅସୁସ୍ଥା ପଦ୍ମାବତୀଙ୍କ ସମୁଦ୍ରଗୃହରେ ବିଶ୍ରାମ କରିଥିବାର ଖବର ଶୁଣି ରାଜା ଉଦୟନ ବିଦୂଷକଙ୍କ ସହିତ ସେଠାକୁ ଯାଇଛନ୍ତି; କିନ୍ତୁ ସେଠାରେ ପଦ୍ମାବତୀଙ୍କୁ ନ ପାଇ ଅପେକ୍ଷା କରିଛନ୍ତି ! ନିଦ୍ରାଭିଭୂତ ରାଜା ପଲଙ୍କରେ ଶୟନ କଲାପରେ ବିଦୂଷକ ସେଠାରୁ ପ୍ରସ୍ଥାନ କରିଛନ୍ତି । ଇତିମଧ୍ୟରେ ଛଦ୍ମବେଶଧାରିଣୀ ବାସବଦତ୍ତା ସେହି ଭବନରେ ପହଞ୍ଚିଛନ୍ତି ପଦ୍ମାବତୀଙ୍କୁ ସାକ୍ଷାତକରିବାପାଇଁ । ରାତିରେ ଦୀପଜ୍ୟୋତିରେ କ୍ଷୀଣ ଆଲୋକିତ ପ୍ରକୋଷ୍ଠରେ ବାସବଦତ୍ତା ରାଜାଙ୍କୁ ଚିହ୍ନି ନ ପାରି ତାଙ୍କୁ ପଦ୍ମାବତୀ ବୋଲି ଭାବି ତାଙ୍କ ପାର୍ଶ୍ୱରେ ପଲଙ୍କରେ ବସିଛନ୍ତି ଓ ଶୟନର ଉପକ୍ରମ କରିଛନ୍ତି । ଏତିକିବେଳେ ରାଜା ସ୍ୱପ୍ନରେ ବାସବଦତ୍ତାଙ୍କୁ ଦେଖି "ହା ବାସବଦତ୍ତେ ! ହା ପ୍ରିୟେ ! ପ୍ରଭୃତି କହି ପ୍ରଳାପ କରିଛନ୍ତି । ବାସବଦତ୍ତା ଚମକିପଡ଼ିଛନ୍ତି ଓ ଉଠି ଦେଖିଛନ୍ତି । ନିଦ୍ରିତ ଓ ପ୍ରଳାପରତ ସ୍ୱାମୀଙ୍କ ବିରହ-ସମ୍ବନ୍ଧୀୟ ପ୍ରଶ୍ନର ଉତ୍ତରଦେଇ ତାଙ୍କ (ରାଜାଙ୍କ) ପ୍ରସାରିତ ହସ୍ତକୁ ଧୋଇ ଅବଲମ୍ବେ ସେଠାରୁ ପ୍ରସ୍ଥାନକରିଛନ୍ତି ନିଜର ଛଦ୍ମବେଶ ପ୍ରକଟହେବା ଭୟରେ । ରାଜା ହଠାତ୍ ନିଦ୍ରାରୁ ଉଠିପଡ଼ି ବାସବଦତ୍ତାଙ୍କୁ ସମ୍ବୋଧନକରି ପ୍ରକୋଷ୍ଠଦ୍ୱାର ପର୍ଯ୍ୟନ୍ତ ଧାଇଁ-ଆସିଛନ୍ତି । ଏତିକିବେଳେ ବିଦୂଷକ ସେଠାରେ ପ୍ରବେଶକରିଛନ୍ତି । ରାଜାଙ୍କ ଦୃଢ଼ଧାରଣା, ବାସବଦତ୍ତା ମରିନାହାନ୍ତି । ସେ ଅଦ୍ୟାପି ଜୀବିତା । ତେବେ ରାଜାଙ୍କ ଏହି ଦଶା କରୁଣ-ବିପ୍ରଲମ୍ଭର ସୂଚନା ଦେଉଥାଏ । ଏ ଜନ୍ମରେ ଏ ଦେହରେ ପୁନର୍ବାର ମିଳନର ଆଶା ରହିଛି ଓ ପରେ ମିଳନ ଘଟିଛି ମଧ୍ୟ ।

ଯଦି ପୁନର୍ମିଳନର ଆଶା ସମାପ୍ତ ହୁଏ ଅଥବା ଜନ୍ମାନ୍ତରରେ ମିଳନର ଆଶା ରହେ, ତେବେ ତାହା କରୁଣ-ବିପ୍ରଲମ୍ଭ ନ ହୋଇ କେବଳ କରୁଣରସ ହୋଇଥାଏ । କରୁଣରସରେ ସ୍ଥାୟୀଭାବ ଶୋକ; କିନ୍ତୁ କରୁଣ-ବିପ୍ରଲମ୍ଭରେ ପୁନର୍ମିଳନର ଆଶାଥିବାରୁ

Digitized by srujanika@gmail.com

ଏହାର ସ୍ଥାୟୀଭାବ ହେଉଛି ରତି (୧୮) । ବିପ୍ରଲମ୍ଭ ଶୃଙ୍ଗାର ହେଉଛି ସାପେକ୍ଷ ଓ ଆଶାମୟ; ମାତ୍ର କରୁଣ ରସ ନିରପେକ୍ଷ ଓ ନୈରାଶ୍ୟମୟ । ଭରତମୁନି ନାଟ୍ୟଶାସ୍ତ୍ରରେ କରୁଣର ନିରପେକ୍ଷଭାବ ଓ ବିପ୍ରଲମ୍ଭର ସାପେକ୍ଷ ଭାବ ସମ୍ପର୍କରେ ସ୍ପଷ୍ଟ ପ୍ରତିପାଦନ କରିଛନ୍ତି (୧୯) । ବିପ୍ରଲମ୍ଭ ହେଉଛି ସମ୍ଭୋଗ ଶୃଙ୍ଗାରର ବିଶିଷ୍ଟ ପୋଷକ । କାବ୍ୟ-ପ୍ରକାଶକାର ମମ୍ମଟାଚାର୍ଯ୍ୟ କରୁଣ-ବିପ୍ରଲମ୍ଭକୁ ଶୃଙ୍ଗାରର ଭେଦ ସ୍ୱୀକାର କରିନାହାନ୍ତି । ତାଙ୍କ ମତରେ ଏହା କରୁଣରସର ଅନ୍ତର୍ଭୁକ୍ତ ।

କରୁଣ ଓ ବିପ୍ରଲମ୍ଭ ଶୃଙ୍ଗାରର ସୀମା ପୃଥକ୍ ପୃଥକ୍ ହୋଇଥିବାରୁ ବେଳେ-ବେଳେ ଭ୍ରମ ସୃଷ୍ଟି ହୋଇଥାଏ । ଉଭୟ ପ୍ରେମିକ ପ୍ରେମିକାଙ୍କ ବିଚ୍ଛେଦ ଦୁଇ ପ୍ରକାରର । ସ୍ଥାୟୀ ବିଚ୍ଛେଦ ଓ ଅସ୍ଥାୟୀ ବିଚ୍ଛେଦ । କୌଣସି କାରଣରୁ ଉଭୟଙ୍କ ଜୀବନକାଳ ମଧ୍ୟରେ ଯେଉଁ ବିଚ୍ଛେଦ ଘଟେ, ତାହା ଅସ୍ଥାୟୀ ଏବଂ ପୁନର୍ମିଳନର ଆଶା ଥିବାରୁ ବିପ୍ରଲମ୍ଭ ଶୃଙ୍ଗାରରେ ସୀମିତ । କିନ୍ତୁ ଉଭୟଙ୍କ ମଧ୍ୟରୁ ଜଣକର ମୃତ୍ୟୁଯୋଗୁଁ ଯେଉଁ ବିଚ୍ଛେଦ ଘଟେ, ସେଥିରେ ପୁନର୍ମିଳନର କୌଣସି ସମ୍ଭାବନା ବା ଆଶା ନ ଥିବାରୁ ତାହା ସ୍ଥାୟୀ ବିଚ୍ଛେଦ ଏବଂ କରୁଣ ରସରେ ସୀମିତ । ବିଚ୍ଛେଦ ପ୍ରସଙ୍ଗରେ ମରଣ ପୂର୍ବରୁ ବିପ୍ରଲମ୍ଭ ଶୃଙ୍ଗାରର କ୍ଷେତ୍ର ଓ ମରଣ ପରେ କରୁଣରସର କ୍ଷେତ୍ର ଉପଲବ୍ଧ ହୋଇଥାଏ ।

ବାସ୍ତବରେ ମରଣ ଘଟି ନାହିଁ, କିନ୍ତୁ ମରଣ ଘଟିଛିବୋଲି ଧାରଣା ସୃଷ୍ଟିହୁଏ । ଏପରି ଅବସ୍ଥାର ଦୃଷ୍ଟାନ୍ତ ମଧ୍ୟ ସଂସ୍କୃତ ସାହିତ୍ୟରେ ଦେଖିବାକୁ ମିଳେ । ନାଟ୍ୟକାର 'ଭବଭୂତିଙ୍କ' ଉତ୍ତର-ରାମ-ଚରିତ' ଏକ କରୁଣରସପ୍ରଧାନ ନାଟକ । ରାମାୟଣୀୟ— କଥାବସ୍ତୁ ଭିତ୍ତିକ ଏହି ନାଟକରେ ଶ୍ରୀରାମଚନ୍ଦ୍ରଙ୍କ ରାଣୀ ସୀତାଙ୍କର ନିର୍ବାସନୋତ୍ତର ଘଟଣାବଳୀ ବର୍ଣ୍ଣିତ । ରାଜା ରାମଚନ୍ଦ୍ରଙ୍କ ଆଦେଶରେ ଅନୁଜ ଲକ୍ଷ୍ମଣ ଅନ୍ତଃସତ୍ତ୍ୱା ସୀତାଙ୍କୁ ବାଲ୍ମୀକି ମୁନିଙ୍କ ଆଶ୍ରମ-ସମୀପସ୍ଥ ଅରଣ୍ୟରେ ତ୍ୟାଗକରିଆସନ୍ତି । ପରେ ରାମଚନ୍ଦ୍ରଙ୍କ ମାନସପଟରେ ଧାରଣା ଉଦ୍ରିକ୍ତ ହୁଏ ଯେ ଅସହାୟା ନିରାଶ୍ରୟା ସୀତାଦେବୀଙ୍କୁ ହିଂସ୍ର-ଜନ୍ତୁମାନେ ଭକ୍ଷଣ କରିବେଣି । ଏ ପ୍ରସଙ୍ଗରେ ରାମଚନ୍ଦ୍ରଙ୍କ ବିଳାପ ହେଉଛି କରୁଣରସର ପ୍ରକୃଷ୍ଟ ନିଦର୍ଶନ ।

---

(୧୮) ଶୋକ-ସ୍ଥାୟିତୟା ଭିନ୍ନୋ ବିପ୍ରଲମ୍ଭାଦୟଂ ରସଃ ।
ବିପ୍ରଲମ୍ଭେ ରତିଃ ସ୍ଥାୟୀ ପୁନଃ ସମ୍ଭୋଗ-ହେତୁକଃ ॥

(ସା. ଦ. ୩/୨୨୬)

(୧୯) କରୁଣସ୍ତୁ ଶାପ-କ୍ଲେଶ-ବିନିପତିତେଷ୍ଟ-ଜନ-ବିଭବ-ନାଶ-ବଧ-ବନ୍ଧ-ସମୁତ୍‌ଥୋ ନିରପେକ୍ଷଭାବଃ । ଔତ୍ସୁକ୍ୟ-ଚିନ୍ତା-ସମୁତ୍‌ଥଃ ସାପେକ୍ଷଭାବୋ ବିପ୍ରଲମ୍ଭ-କୃତଃ । ଏବମନ୍ୟଃ କରୁଣୋଽନ୍ୟଶ୍ଚ ବିପ୍ରଲମ୍ଭ ଇତି ।

(ନାଟ୍ୟଶାସ୍ତ୍ର ୬/୪୫)

Digitized by srujanika@gmail.com

ରାବଣ-କୃତ ସୀତାହରଣ ପରେ ସୀତା ଓ ରାମଚନ୍ଦ୍ର ଉଭୟଙ୍କ ପରସ୍ପର ବିଚ୍ଛେଦ ଘଟିଛି । ଜୀବନକାଳ ମଧ୍ୟରେ ରାମଚନ୍ଦ୍ର ଓ ସୀତାଙ୍କର ପୁନର୍ମିଳନର ଆଶା ରହିଥିବାରୁ ଏ ବିଚ୍ଛେଦ କରୁଣ କ୍ଷେତ୍ରର ଅନ୍ତର୍ଗତ ନୁହେଁ; ଏହା କେବଳ ବିପ୍ରଲମ୍ଭ ଶୃଙ୍ଗାରର ଦୃଷ୍ଟାନ୍ତମାତ୍ର । କିନ୍ତୁ ନିର୍ବାସନ ପରେ ବିଚ୍ଛେଦ ସ୍ଥାୟୀ ହୋଇଥିବାରୁ କରୁଣରସ-ପରିସରରେ ସୀମିତ । ଭବଭୂତିଙ୍କ ଭାଷାରେ—

" ଉପାୟାନାଂ ଭାବାଦବିରଳ-ବିନୋଦ-ବ୍ୟତିକରୈଃ
ବିମର୍ଦ୍ଦୈ-ର୍ବୀରାଣାଂ ଜନିତ-ଜଗଦତ୍ୟଦ୍ଭୁତ-ରସଃ ।
ବିୟୋଗୋ ମୁଗ୍ଧାକ୍ଷ୍ୟାଃ ସ ଖଳୁ ରିପୁ-ଘାତାବଧିରଭୂତ୍
କଟୁସ୍ତୂଷ୍ଣୀଂସହ୍ୟୋ ନିରବଧିରୟଂ ତୁ ପ୍ରବଳୟଃ ॥"
(ଉତ୍ତରରାମଚରିତ ୩/୪୪)

ଲଙ୍କାର ଅଶୋକବନରେ ବନ୍ଦିନୀ ସୀତାଙ୍କ ମୁକ୍ତିପାଇଁ ବୀର ରାବଣ ପ୍ରଭୃତିଙ୍କୁ ନିହତ କରିବାପରେ ରାମଚନ୍ଦ୍ରଙ୍କର ସୀତା ସହିତ ମିଳନଘଟିଛି । ପ୍ରଥମଥର ସୀତା-ହରଣ-ଜନିତ ଅସ୍ଥାୟୀ ବିଚ୍ଛେଦ ରାବଣାଦି-ଶତ୍ରୁ-ବଧପର୍ଯ୍ୟନ୍ତ ସୀମିତ ଥିଲା; କିନ୍ତୁ ବର୍ତ୍ତମାନ ଅନ୍ତଃସତ୍ତ୍ୱା ସୀତାଙ୍କୁ ଚିର-ନିର୍ବାସନ ପ୍ରଦାନ କରିଥିବାରୁ ଏହି ଦ୍ୱିତୀୟ ବିଚ୍ଛେଦ ଅତ୍ୟନ୍ତ ଦୁଃଖଦାୟୀ, ନୀରବରେ ସହନୀୟ ଓ ସୀମାହୀନ ହୋଇପଡ଼ିଛି । ପୁନର୍ମିଳନର ସମ୍ଭାବନା ନ ଥିବାରୁ ଏହି ଚିର ବିଚ୍ଛେଦ ହେଉଛି କରୁଣରସର ଦୃଷ୍ଟାନ୍ତ ।

॥ ସାତ ॥

ମହର୍ଷି ବାଲ୍ମୀକି ହେଉଛନ୍ତି ଆଦିକବି ଓ ବାଲ୍ମୀକୀୟ ରାମାୟଣ ହେଉଛି ଆଦିକାବ୍ୟ । ଏହି ମହାକାବ୍ୟର ରସାମୃତ ସମଗ୍ର ବିଶ୍ୱରେ ସାମାଜିକଙ୍କ ହୃଦୟକୁ ସିକ୍ତକରି ପାରିଛି । କ୍ରୌଞ୍ଚଦମ୍ପତି ମଧ୍ୟରୁ ପ୍ରଣୟ-ମୋହିତ କ୍ରୌଞ୍ଚପକ୍ଷୀ ନିଷାଦ-ଶର-ବିଦ୍ଧ ଓ ମରଣାପନ୍ନ ହେବାରୁ କ୍ରୌଞ୍ଚୀର କ୍ରନ୍ଦନ ଯୋଗୁଁ ମହର୍ଷି ବାଲ୍ମୀକିଙ୍କ ହୃଦୟରେ ଶୋକ ଜାତହୋଇଥିଲା ଏବଂ ଅକସ୍ମାତ୍ ତାଙ୍କ ମୁଖରୁ ସ୍ୱତଃସ୍ଫୂର୍ତ୍ତି ଛନ୍ଦୋମୟୀ ବାଣୀ ଥିଲା ।

"ମା ନିଷାଦ ପ୍ରତିଷ୍ଠାଂ ତ୍ୱମଗମଃ ଶାଶ୍ୱତୀଃ ସମାଃ ।
ଯତ୍ କ୍ରୌଞ୍ଚ-ମିଥୁନାଦେକମବଧୀଃ କାମମୋହିତମ୍ ॥ (୨୦)

ଶ୍ଳୋକଟିର ଭାବ ହେଉଛି, "ରେ ବ୍ୟାଧ ! ଅନନ୍ତକାଳ ପର୍ଯ୍ୟନ୍ତ ତୁ ଯଶୋଲାଭ କରିନାହିଁ । କାରଣ, ତୁ କ୍ରୌଞ୍ଚଦମ୍ପତି ମଧ୍ୟରୁ ପ୍ରଣୟାସକ୍ତ କ୍ରୌଞ୍ଚପକ୍ଷୀକୁ ବଧ କଲୁ ।' କରୁଣା-ପରାୟଣ ମହର୍ଷି ବାଲ୍ମୀକିଙ୍କ ହୃଦ୍‌ଗତ ଶୋକରୁ ସମାକ୍ଷର-ଯୁକ୍ତ ଚତୁଷ୍ପାଦ-ବିଭୂଷିତ

(୨୦) ବାଲ୍ମୀକି ରାମାୟଣ ୧/୨/୧୫ ।

Digitized by srujanika@gmail.com

ଶ୍ଳୋକର ଆବିର୍ଭାବ ଘଟିଲା । ଶୋକ ଶ୍ଳୋକ ରୂପରେ ପରିଣତହେବା ବିଷୟ ଆଦିକବିଙ୍କ ନିଜ ରଚନାରେ ସୂଚିତହୋଇଛି,

"ସମାକ୍ଷରୈ-ଶ୍ଚତୁର୍ଭି-ର୍ୟଃ ପାଦୈ-ର୍ଗୀତୋ ମହର୍ଷିଣା ।
ସୋଽନୁବ୍ୟାହରଣାଦ୍ ଭୂୟଃ ଶୋକଃ ଶ୍ଳୋକତ୍ୱମାଗତଃ ॥" (୨୧)

ମହାମୁନି ବାଲ୍ମୀକିଙ୍କ ମୁଖ-ନିଃସୃତ 'ମା ନିଷାଦ' ଶ୍ଳୋକଟି କରୁଣରସର ଜନ୍ମଦାତା ଭାରତୀୟ କାବ୍ୟପରମ୍ପରାରେ । ଧ୍ୱନିକାର ଆନନ୍ଦବର୍ଦ୍ଧନ ପ୍ରମୁଖ ଆଲଙ୍କାରିକମାନଙ୍କ ମତରେ ପ୍ରତୀୟମାନ ରସ ହିଁ କାବ୍ୟର ସାରଭୂତ ଆତ୍ମା । ଏ ବିଷୟ ପ୍ରତିପାଦନ କରିବାଲାଗି ଧ୍ୱନିକାର ଆଦିକବି ବାଲ୍ମୀକିଙ୍କ ହୃଦୟରେ ବ୍ୟାଧ-କୃତ-କ୍ରୌଞ୍ଚ-ନିଧନ-ଜନିତ ଶୋକର ଉଦ୍ରେକ ଦର୍ଶାଇଛନ୍ତି ଓ ଶୋକ ଶ୍ଳୋକରୂପରେ ପରିଣତ ହେବାର ତଥ୍ୟ ଉଲ୍ଲେଖକରିଛନ୍ତି (୨୨) । ଆନନ୍ଦବର୍ଦ୍ଧନ କରୁଣ ରସକୁ ହିଁ ରାମାୟଣର ମୁଖ୍ୟରସ ରୂପରେ ବିବେଚନାକରିଛନ୍ତି । ସ୍ୱୟଂ ଆଦିକବି "ଶୋକଃ ଶ୍ଳୋକତ୍ୱମାଗତଃ" ଶ୍ଳୋକ ମାଧ୍ୟମରେ ଏ ବିଷୟର ସୂଚନାଦେଇଛନ୍ତି । ରାମାୟଣର ଆରମ୍ଭ 'କରୁଣ'ରୁ ଓ ସମାପ୍ତି ମଧ୍ୟ 'କରୁଣ'ରେ । ବାଲ୍ମୀକି ନିଜେ କରୁଣରସର ବର୍ଣ୍ଣନାରେ ନିଜ ଆଦିକାବ୍ୟର ସମାପ୍ତି ଘଟାଇଛନ୍ତି, ଯେତେବେଳେ ଶ୍ରୀରାମଙ୍କ ସମ୍ମୁଖରେ ସୀତା ସ୍ୱଜନନୀ-ପୃଥିବୀ ଗର୍ଭରେ ପ୍ରବେଶକରି ଅନ୍ତର୍ହିତ ହୋଇଯାଇଛନ୍ତି (୨୩) । ରାମାୟଣର ଶେଷ ପର୍ଯ୍ୟାୟରେ ସ୍ୱାମୀ ରାମଚନ୍ଦ୍ରଙ୍କଠାରୁ ସୀତାଙ୍କର ଏହି ଚିର-ବିଚ୍ଛେଦ ଯୋଗୁଁ ସମଗ୍ର ରାମାୟଣ କରୁଣରସରେ ହିଁ ପରିବ୍ୟାପ୍ତ ।

ବାଲ୍ମୀକିଙ୍କ ମୁଖରୁ ସ୍ୱତଃସ୍ଫୂର୍ତ୍ତ ଶ୍ଳୋକ ସମ୍ପର୍କରେ ପ୍ରସିଦ୍ଧ ମହାକବିମାନଙ୍କ ଲେଖନୀ ମୁଖରିତ ହୋଇଛି । ମହାକବି କାଳିଦାସ 'ରଘୁବଂଶ' କାବ୍ୟରେ ସୀତାଙ୍କ ବନବାସକାଳୀନ ଘଟଣାର ବର୍ଣ୍ଣନା ପରିପ୍ରେକ୍ଷୀରେ ଅରଣ୍ୟରେ ପରିତ୍ୟକ୍ତା ଏକାକିନୀ ନିରାଶ୍ରୟା ସୀତାଙ୍କ ବିଳାପାନୁସାରୀ ମହର୍ଷି ବାଲ୍ମୀକିଙ୍କ ବିଷୟ ସୂଚାଇଛନ୍ତି । ବ୍ୟାଧ-ଶର-ବିଦ୍ଧ କ୍ରୌଞ୍ଚ-ପକ୍ଷୀ-

---

(୨୧) ବାଲ୍ମୀକି ରାମାୟଣ ୧/୨/୪୦ ।

(୨୨) କାବ୍ୟସ୍ୟାତ୍ମା ସ ଏବାର୍ଥସ୍ତଥା ଚାଦିକବେଃ ପୁରା ।
କ୍ରୌଞ୍ଚ-ଦ୍ୱନ୍ଦ୍ୱ-ବିୟୋଗୋତ୍ଥଃ ଶୋକଃ ଶ୍ଳୋକତ୍ୱମାଗତଃ ॥
(ଧ୍ୱନ୍ୟାଲୋକ ୧/୫)

(୨୩) ରାମାୟଣେ ହି କରୁଣୋ ରସଃ ସ୍ୱୟମାଦିକବିନା ସୂଚିତଃ
"ଶୋକଃ ଶ୍ଳୋକତ୍ୱମାଗତଃ" ଇତି ଏବଂବାଦିନା । ନିର୍ବ୍ୟୂଢ଼ଶ୍ଚ ସ
ଏବ ସୀତାତ୍ୟନ୍ତ-ବିୟୋଗ-ପର୍ଯ୍ୟନ୍ତମେବ ସ୍ୱ ପ୍ରବନ୍ଧମୁପରଚୟିତା ।
(ଧ୍ୱନ୍ୟାଲୋକ ୪/୫ର ବୃତ୍ତି)

Digitized by srujanika@gmail.com

ଦର୍ଶନରେ ଆବିର୍ଭୂତ ଶୋକ ଯେହ୍ନ ଆଦିକବିଙ୍କ ମୁଖରୁ ଶ୍ଲୋକରୂପରେ ପ୍ରକାଶିତହୋଇ-ଥିଲ ବୋଲି କାଳିଦାସ ଉଲ୍ଲେଖକରିଛନ୍ତି (୧୪) ।

ନୈଷଧ-ମହାକାବ୍ୟର ରଚୟିତା ଶ୍ରୀହର୍ଷ ମଧ୍ୟ ବାଲ୍ମୀକିଙ୍କ ଉକ୍ତ ଶ୍ଲୋକ-ସମ୍ବନ୍ଧରେ ସୂଚନାଦେଇଛନ୍ତି ରାଜା ନଳଙ୍କ ରାମାବତାର-ସ୍ତୁତି ପ୍ରସଙ୍ଗରେ । ଭଗବାନ୍ ରାମଚନ୍ଦ୍ରଙ୍କୁ ସ୍ତବକରି ନଳ କହିଛନ୍ତି : "ହେ ପ୍ରଭୋ ! ସାମାନ୍ୟ କ୍ରୌଞ୍ଚପକ୍ଷୀର ଦୁଃଖ ଦେଖି ଶୋକାକୁଳ ବାଲ୍ମୀକି ମୁନିଙ୍କ ମୁଖରୁ କେବଳ ଏକ ଶ୍ଲୋକ ନିଃସୃତହୋଇଥିଲା । କିନ୍ତୁ ସୀତା-ବିରହରେ ଅଭିଭୂତ ରାମଚନ୍ଦ୍ର-ମୂର୍ତ୍ତି ଆପଣଙ୍କର ଶୋକ ଦେଖି ସେହି ଆଦିକବି ଶ୍ଲୋକ-ସାଗରରୂପ ରାମାୟଣ କାବ୍ୟ ପ୍ରଣୟନକଲେ (୧୫) ।" କ୍ଷୁଦ୍ର ପକ୍ଷୀପାଇଁ ବାଲ୍ମୀକିଙ୍କ ଏକମାତ୍ର ଶ୍ଲୋକ ରଚନା ଦୃଷ୍ଟିରୁ ମହାମହିମ ମର୍ଯ୍ୟାଦା-ପୁରୁଷୋତ୍ତମ ଶ୍ରୀରାମଚନ୍ଦ୍ରଙ୍କ ଉଦ୍ଦେଶ୍ୟରେ ଚତୁର୍ବିଂଶତି-ସହସ୍ର-ଶ୍ଲୋକ-ନିବଦ୍ଧ ବିଶାଳ ରାମାୟଣ ମହାକାବ୍ୟ ପ୍ରଣୟନ ନିଶ୍ଚିତରୂପରେ ଯଥାର୍ଥ ।

ପରମ-କାରୁଣିକ ମହାମୁନି ବାଲ୍ମୀକିଙ୍କ ରାମାୟଣ ଭାରତୀୟ ସାହିତ୍ୟରେ ପ୍ରଥମ ଉପଜୀବ୍ୟ କାବ୍ୟ ଭାବରେ ସ୍ୱୀକୃତ । କରୁଣରସ-ପ୍ରଧାନ ଏହି ଆଦିକାବ୍ୟ ପରବର୍ତ୍ତୀ କବି, ଭାବୁକ, ଲେଖକ ଓ ଆଲୋଚକମାନଙ୍କୁ ବହୁ ପ୍ରେରଣା ତଥା ଉତ୍ସାହପ୍ରଦାନ କରିଆସିଛି । ନିଜର ସରଳତା ଓ ହୃଦୟସ୍ପର୍ଶିତା ଯୋଗୁଁ ଏହା ଯୁଗେ ଯୁଗେ ବିଶ୍ୱ-ଜନ-ସମାଜର ସୁପରିଚିତ ହୋଇଯାଇଛି । କରୁଣ-ରସର ପ୍ରତିଷ୍ଠାପକ ଭାବରେ ବାଲ୍ମୀକିଙ୍କ କୃତି ଅଳଙ୍କାର-ଶାସ୍ତ୍ର-ଚର୍ଚ୍ଚାରେ ମଧ୍ୟ ମୁଖ୍ୟ ସ୍ଥାନ ଗ୍ରହଣକରିଛି ।

॥ ଅଠ ॥

ପରମାତ୍ମା ରସମୟ ଓ ଆନନ୍ଦମୟ ବୋଲି ଉପନିଷଦ୍‌ର ଉକ୍ତି "ରସୋ ବୈ ସଃ" ପାଠକମାନଙ୍କ ଦୃଷ୍ଟି ଆକର୍ଷଣ କରିଥାଏ । ପ୍ରତ୍ୟେକ ରସ ଆନନ୍ଦମୟ । ତେଣୁ ବିଶ୍ୱନାଥ

---

(୧୪) ତାମଭ୍ୟଗଚ୍ଛଦ୍ ରୁଦିତାନୁସାରୀ
କବିଃ କୁଶେଧ୍ମାହରଣାୟ ଯାତଃ ।
ନିଷାଦ-ବିଦ୍ଧାଣ୍ଡଜ-ଦର୍ଶନୋତ୍ଥଃ
ଶ୍ଲୋକତ୍ୱମାପଦ୍ୟତ ଯସ୍ୟ ଶୋକଃ ॥
(ରଘୁବଂଶ ୧୪/୭୦)

(୧୫) କ୍ରୌଞ୍ଚ-ଦୁଃଖମପି ବୀକ୍ଷ୍ୟ ଶୁଚ୍ୟ ଯଃ
ଶ୍ଲୋକମେକମସୃଜତ୍ତ କବିରାଦ୍ୟଃ ।
ସ ତ୍ୱଦୁତ୍ଥ-କରୁଣଃ ଖଳୁ କାବ୍ୟଂ
ଶ୍ଲୋକ-ସିନ୍ଧୁମୁଚିତଂ ପ୍ରବବନ୍ଧ ॥ (ନୈଷଧଚରିତ ୨୧/୭୭)

Digitized by srujanika@gmail.com

କବିରାଜ ରସକୁ ବ୍ରହ୍ମାନନ୍ଦ ସହୋଦର ଭାବରେ ପ୍ରତିପାଦନ କରିଛନ୍ତି । ଶୃଙ୍ଗାରାଦି ରସରୁ ସିନା ଅନୁଭବୀ ଆନନ୍ଦଲାଭ କରିପାରେ, କିନ୍ତୁ କରୁଣରସରୁ ଆନନ୍ଦପ୍ରାପ୍ତି ସମ୍ଭବ କି ବୋଲି ପ୍ରଶ୍ନ ଉତ୍ଥାପନ କରାଯାଇପାରେ । ବିଶ୍ୱନାଥ କବିରାଜ ରସ-ନିରୂପଣ ପ୍ରସଙ୍ଗରେ କରୁଣ ରସର ମଧ୍ୟ ଆନନ୍ଦମୟତା ଦର୍ଶାଇଛନ୍ତି । ଯେକୌଣସି ରସର ଆସ୍ୱାଦନରେ ଏକ ଅପୂର୍ବ ଆନନ୍ଦ ଅନୁଭୂତ ହୋଇଥାଏ । ଏଣୁକରି ଶୋକ-ସ୍ଥାୟିଭାବ-ଯୁକ୍ତ କରୁଣରସରୁ ମଧ୍ୟ ଆନନ୍ଦ ଜାତ ହୋଇଥାଏ ଏବଂ ସହୃଦୟମାନଙ୍କ ଅନୁଭବ ହିଁ ଏହାର ପ୍ରମାଣ । ସାହିତ୍ୟଦର୍ପଣକାର ଏ ପ୍ରସଙ୍ଗରେ କରୁଣ-ରସ-ପ୍ରଧାନ ରାମାୟଣ ମହାକାବ୍ୟର ଦୃଷ୍ଟାନ୍ତ ଉପସ୍ଥାପନ କରିଛନ୍ତି । ଯଦି କରୁଣରସରେ କେବଳ ଦୁଃଖ ରହିଥାନ୍ତା ଏବଂ ଆନନ୍ଦ ଆଦୌ ନ ଥାଆନ୍ତା, ତେବେ ଏ ରସପ୍ରତି କାହାରି ପ୍ରବୃତ୍ତି ହୁଅନ୍ତାନାହିଁ (୧୭) । ଦୁଃଖ ଭିତରେ ହିଁ ସୁଖ ବିଦ୍ୟମାନ । ରସଗ୍ରାହୀ ସହୃଦୟବ୍ୟକ୍ତିଗଣ ଏହାର ଅନୁଭବୀ । ଯଦି କରୁଣରସ କେବଳ ଦୁଃଖମୟ ହୋଇଥାନ୍ତା, ତେବେ ନିଜ ହୃଦୟକୁ ଦୁଃଖିତକରି କେହି ରାମାୟଣାଦି କରୁଣ-ରସ-ପ୍ରଧାନ କାବ୍ୟରେ ମନୋନିବେଶ କରନ୍ତେନାହିଁ ଏବଂ ଏପରି କାବ୍ୟ କେବଳ ଦୁଃଖର କାରଣ ହୋଇ ରହିଯାନ୍ତା ।

ସାଂସାରିକ ସ୍ୱଭାବ ଯୋଗୁଁ ଶୋକ- ହର୍ଷ ପ୍ରଭୃତି କାରଣରୁ ଲୌକିକ ଶୋକ-ହର୍ଷାଦି ଜାତ ହୋଇଥାଏ କିନ୍ତୁ କାବ୍ୟ-ନାଟକାଦିରେ ନିବଦ୍ଧ ହେଲେ ସେହି କାରଣ ସବୁ "ଅଲୌକିକ ବିଭାବ" ରୂପରେ କଥିତ ହୁଅନ୍ତି । କଳହ-ଦ୍ୱନ୍ଦ୍ୱ ପ୍ରଭୃତିରେ ଦନ୍ତାଘାତ, ନଖକ୍ଷତ ପ୍ରଭୃତି ଦୁଃଖର କାରଣ ବୋଲି ପରିଚିତ, କିନ୍ତୁ ଶୃଙ୍ଗାର-କ୍ରୀଡ଼ାଦିରେ ସେହି ଦନ୍ତାଘାତାଦି ସୁଖର କାରଣ ହୋଇଥାଏ । ସେହିପରି ବନବାସ ପ୍ରଭୃତି ଯଦ୍ୟପି ଲୌକିକ ରୂପରେ ଦୁଃଖଜନକ, ତଥାପି କାବ୍ୟ-ନାଟକାଦିରେ ଅଲୌକିକ-ରୂପରେ ସୁଖ-ଜନକ ହୋଇଥାଏ । ଦୁଃଖର କାରଣରୁ ଦୁଃଖଜାତ ହୁଏ ଓ ସୁଖର କାରଣରୁ ସୁଖ ଜାତ ହୁଏ—ଏହି ନିୟମ କେବଳ ଲୌକିକ କ୍ଷେତ୍ରରେ ସୀମିତ । ଅଲୌକିକ ବିଭାବରେ ଏହାର ବ୍ୟତିକ୍ରମ ରହିଛି । କାବ୍ୟନାଟକାଦିରେ ଉପନ୍ୟସ୍ତ ହେଲେ ଲୌକିକ-ଦୁଃଖର କାରଣ ହେଉ ବା ଲୌକିକ-ସୁଖର କାରଣ ହେଉ, ସବୁଥିରୁ କେବଳ ସୁଖ ହିଁ ଜାତ ହୋଇଥାଏ ବୋଲି ବିଶ୍ୱନାଥ କବିରାଜ ମତପୋଷଣକରିଛନ୍ତି (୧୭) ।

---

(୧୭) କରୁଣାଦାବପି ରସେ ଜାୟତେ ଯତ୍ ପରଂ ସୁଖମ୍ ।
ସଚେତସାମନୁଭବଃ ପ୍ରମାଣଂ ତତ୍ର କେବଳମ୍ ॥
କିଂ ଚ ତେଷୁ ଯଦା ଦୁଃଖଂ ନ କୋଽପି ସ୍ୟାତ୍ ନଦୁନ୍ମୁଖଃ ।
ତଥା ରାମାୟଣାଦୀନାଂ ଭବିତା ଦୁଃଖ-ହେତୁତା ॥
(ସାହିତ୍ୟଦର୍ପଣ ୩/୪-୫)

(୧୭) ସାହିତ୍ୟଦର୍ପଣ ୩/୭-୭ ଓ ବୃତ୍ତି ।

Digitized by srujanika@gmail.com

ରାଜା ହରିଶ୍ଚନ୍ଦ୍ର ପ୍ରଭୃତିଙ୍କ କରୁଣରସମୟ ଚରିତକୁ କାବ୍ୟ-ନାଟକାଦିରେ ଶ୍ରବଣ-ଦର୍ଶନ କଲେ ଅଶ୍ରୁପାତାଦି ଘଟିଥାଏ । ସେତେବେଳେ ଚିତ୍ତର ଦ୍ରୁତତ୍ୱ ଯୋଗୁଁ ଲୋତକ ଝରିଆସେ (୨୮) । ଚିତ୍ତ-ଦ୍ରୁତିର କାରଣ କେବଳ ଦୁଃଖର ଉଦ୍ରେକ ନୁହେଁ, ଆନନ୍ଦରେ ମଧ୍ୟ ଅଶ୍ରୁପାତ ଦୃଷ୍ଟିଗୋଚର ହୋଇଥାଏ । ଏ ପ୍ରସଙ୍ଗରେ ଧ୍ୱନିକାରଙ୍କ ମତ ସ୍ମରଣୀୟ । ବିପ୍ରଲମ୍ଭ-ଶୃଙ୍ଗାର ଓ କରୁଣ ଏ ଉଭୟରେ ମନ ଅଧିକ ଆର୍ଦ୍ରତା ଲାଭ କରିଥାଏ । ସେଥିପାଇଁ ମାଧୁର୍ଯ୍ୟ ଏ ଉଭୟ ରସରେ ପ୍ରକର୍ଷଯୁକ୍ତ ହୋଇଥାଏ । ଏହି ମାଧୁର୍ଯ୍ୟ ହେଉଛି ସହୃଦୟବ୍ୟକ୍ତିର ହୃଦୟ ଆକର୍ଷଣ କରିବାରେ ଉତ୍କୃଷ୍ଟ ହେତୁ (୨୯) । ଏ ସବୁ ଦୃଷ୍ଟିକୋଣରୁ ବିଚାରକଲେ, ଦୁଃଖ ଭିତରେ ମଧ୍ୟ ସୁଖର ଜ୍ୟୋତି ଉଦ୍‌ଭାସିତ ।

ରାମାୟଣକାର ବାଲ୍ମୀକିମୁନିଙ୍କ ଶୋକାନୁଭୂତି-ଜନିତ ଶ୍ଳୋକାଭିବ୍ୟକ୍ତି ବିଷୟ ଏଠାରେ ଉଲ୍ଲେଖଯୋଗ୍ୟ । 'ଧ୍ୱନ୍ୟାଲୋକର' ଲୋଚନ-ଟୀକାକାର ଅଭିନବଗୁପ୍ତଙ୍କ ମତରେ, କ୍ରୌଞ୍ଚଯୁଗ୍ମ ଆଲମ୍ବନରେ ସଂଜାତ ଶୋକ କ୍ରନ୍ଦନାଦି ଅନୁଭାବର ଚର୍ବଣାଦ୍ୱାରା ଅଲୌକିକ ଅବସ୍ଥାରେ ଉପନୀତହେଲା ହୃଦୟ-ସଂବାଦ ଓ ତନ୍ମୟୀଭବନ କ୍ରମରେ । ମହର୍ଷି ବାଲ୍ମୀକି ଚିତ୍ତ ଦ୍ରୁତିଯୋଗୁଁ ଏପରି ଅଲୌକିକ ଶୋକର ଆସ୍ୱାଦନ କଲେ । ଏହି ଆସ୍ୱାଦନ ହିଁ ଉକ୍ତ ଶୋକର ପରିବର୍ତ୍ତିତ ରୂପ କରୁଣରସ । ବାଲ୍ମୀକି କରୁଣରସ-ସ୍ୱାଦନ କରିବାମାତ୍ରେ ତାଙ୍କ ମୁଖରୁ ଛନ୍ଦୋମୟୀ ବାଣୀ ସ୍ୱତଃ ନିର୍ଗତହେଲା, ଯେପରି କୌଣସି ଜଳ-ପରିପୂର୍ଣ୍ଣ ଘଟ ଆନ୍ଦୋଳିତ ହେଲେ ଉଚ୍ଛୁଳିପଡ଼େ ଅଥବା ଚିତ୍ତବୃତ୍ତିର ପ୍ରବାହଯୋଗୁଁ ଅନାୟାସରେ ମୁଖରୁ ଶବ୍ଦ ସ୍ଫୁରିତ ହୋଇଥାଏ । ଏହିପରି କରୁଣ ରସର ସ୍ଥିତିରେ ପହଞ୍ଚି ବାଲ୍ମୀକିଙ୍କ ଶୋକ ଶ୍ଳୋକରୂପ ଧାରଣ କରିଥିବା ବିଷୟ ପ୍ରତିପାଦିତ (୩୦) । ଅଭିନବଗୁପ୍ତଙ୍କ ମତରେ ପୁନଶ୍ଚ, ଶୋକଟି ବାଲ୍ମୀକିଙ୍କର ଥିଲାବୋଲି ଗୃହୀତ ହେବା

---

(୨୮) ଅଶ୍ରୁପାତାଦୟସ୍ତଦ୍ବଦ୍ ଦ୍ରୁତତ୍ୱାଚ୍ଚେତସୋ ମତାଃ ॥

(ସାହିତ୍ୟଦର୍ପଣ ୩/୮)

(୨୯) ଶୃଙ୍ଗାରେ ବିପ୍ରଲମ୍ଭାଖ୍ୟେ କରୁଣେ ଚ ପ୍ରକର୍ଷବତ୍ ।
ମାଧୁର୍ଯ୍ୟମାର୍ଦ୍ରତାଂ ଯାତି ଯତସ୍ତତ୍ରାଧିକଂ ମନଃ ॥

(ଧ୍ୱନ୍ୟାଲୋକ ୨/୮)

(୩୦) ସ ଏବ ତଥାଭୂତ-ବିଭାବ-ତଦୁତ୍ଥ-ଆକ୍ରନ୍ଦାଦ୍ୟନୁଭାବ-ଚର୍ବଣୟା ହୃଦୟସଂବାଦ-ତନ୍ମୟୀଭବନ-କ୍ରମାଦ୍ ଆସ୍ୱାଦ୍ୟମାନତାଂ ପ୍ରତିପନ୍ନଃ କରୁଣ-ରସ-ରୂପତାଂ ଲୌକିକ-ଶୋକ-ବ୍ୟତିରିକ୍ତାଂ ସ୍ୱଚିତ୍ତଦ୍ରୁତି-ସମାସ୍ୱାଦ୍ୟ-ସାରାଂ ପ୍ରତିପନ୍ନୋ ରସ-ପରିପୂର୍ଣ୍ଣ-କୁମ୍ଭୋଚ୍ଛଲନବତ୍ ଚିତ୍ତ-ବୃତ୍ତି-ନିଃଷ୍ୟନ୍ଦ-ସ୍ୱଭାବ—ବାଗ୍‌ବିଲାପାଦିବତ୍ ।

(ଧ୍ୱନ୍ୟାଲୋକ ୧/୫ ର 'ଲୋଚନ' ଟୀକା)

Digitized by srujanika@gmail.com

ଉଚିତ ନୁହେଁ । କ୍ରୌଞ୍ଚ-ଦୁଃଖରେ ଯଦି ସେ ଦୁଃଖିତ ହୋଇଥାଆନ୍ତେ, ତେବେ ରସାତ୍ମକତା ସିଦ୍ଧ ହୋଇପାରନ୍ତାନାହିଁ । ଦୁଃଖ-ସନ୍ତପ୍ତ ପ୍ରାଣୀର ମୁଖରେ ଅନ୍ୟକୁ ଶାପ ଦେବା ନିମନ୍ତେ ଶ୍ଳୋକ ରଚନାକରିବାଭଳି ଅବସ୍ଥା ସମ୍ଭବନୁହେଁ । କ୍ରୌଞ୍ଚ-ଶୋକରେ ଯଦି ମହର୍ଷି ଶୋକ-ସନ୍ତପ୍ତ ହୋଇଥାନ୍ତେ, ତେବେ 'ମା ନିଷାଦ' ଶ୍ଳୋକ ଛନ୍ଦୋବଦ୍ଧ ଓ ସ୍ଵାଭାବିକ ଭାବରେ ତାଙ୍କ ମୁଖରୁ ଅଭିବ୍ୟକ୍ତ ହୋଇ ନଥାନ୍ତା । ତେଣୁ କ୍ରୌଞ୍ଚ-ଗତ ଶୋକ, ଯାହା ଲୌକିକଥିଲା, ବାଲ୍ମୀକିଙ୍କ ଦ୍ଵାରା ଆସ୍ଵାଦ୍ୟମାନ ହେବାଯୋଗୁଁ ଅଲୌକିକ ରୂପ ଲାଭକଲା ଓ ଚିତ୍ତଦ୍ରୁତି ଫଳରେ ମହର୍ଷି ସେହି ଅଲୌକିକ ଶୋକକୁ କରୁଣରସର ସ୍ଥିତିରେ ଅନୁଭବକଲେ (୩୧) । ଅଭିନବଗୁପ୍ତଙ୍କ ଉକ୍ତି ବିଶଦ-ପ୍ରତିପାଦନରୁ ଜଣାଯାଏ, ଯେ ଅଲୌକିକ ରୂପରେ ଶୋକ ମଧ୍ୟ ଆନନ୍ଦ-ଜନକ ହୋଇଥାଏ ସହୃଦୟର ହୃଦୟରେ ଆସ୍ଵାଦିତ ହେବାଫଳରେ । ବାଲ୍ମୀକିଙ୍କର କରୁଣରସା-ନୁଭୂତି ଆନନ୍ଦମୟ ଥିଲା ଓ ତାଙ୍କ ହୃଦୟର ଉଦ୍‌ବୋଦ୍‌ଗାର ଶ୍ଳୋକରୂପରେ ମୁଖରୁ ସ୍ଵତଃ ସ୍ଫୁରିତ ହୋଇଥିଲା ।

ଏ ସବୁ ଦୃଷ୍ଟିରୁ ବିଚାରକଲେ କରୁଣରସ ମଧ୍ୟ ଆନନ୍ଦମୟ । ବାସ୍ତବରେ ବିଶ୍ଵନାଥ କବିରାଜ ପ୍ରତ୍ୟେକ ରସର ସୁଖମୟତା ପ୍ରତିପାଦନ ପ୍ରସଙ୍ଗରେ କରୁଣରସ ପ୍ରଧାନ ରାମାୟଣାଦିର ସୁଖମୟତା ବର୍ଣ୍ଣନାକରିଛନ୍ତି ଓ ରସାତ୍ମକ ବାକ୍ୟକୁ କାବ୍ୟର ଆତ୍ମା ବୋଲି ସିଦ୍ଧ କରିଛନ୍ତି । ପ୍ରସିଦ୍ଧ ଇଂରାଜୀ କବି (P. B. Shelley) ପି. ବି. ଶେଲୀଙ୍କ 'To A skylark'କବିତାରେ ପ୍ରତିପାଦିତ କରୁଣରସର ମଧୁରତମତ୍ଵ ଏ ପରିପ୍ରେକ୍ଷୀରେ ସ୍ମରଣୀୟ । ଶେଲୀଙ୍କ ଭାଷାରେ—"Our sweetest songs are those that tell of saddest thought" (୩୨) ଅର୍ଥାତ୍ ତାହା ହେଉଛି ଆମର ମଧୁରତମ ଗୀତ, ଯାହା କରୁଣତମ ଭାବକୁ ପ୍ରକାଶକରିଥାଏ ।

ହିନ୍ଦୀ ସାହିତ୍ୟର ପ୍ରଖ୍ୟାତଯଶା କବି ସୁମିତ୍ରାନନ୍ଦନ ପନ୍ତଙ୍କ ଉକ୍ତି ମଧ୍ୟ ପ୍ରଣିଧାନ-ଯୋଗ୍ୟ । 'ଆଁସୂ' କବିତାର ରଚୟିତା ପନ୍ତଜୀ ବିୟୋଗୀ କବିର ନୀରବ ଅଶ୍ରୁଳ କରୁଣରସାନୁଭୂତିରୁ ସ୍ଵତଃସ୍ଫୂର୍ତ୍ତି କବିତା-ପ୍ରବାହର ମାର୍ମିକ ଚିତ୍ରଣକରିଅଛନ୍ତି :

---

(୩୧) ନ ତୁ ମୁନେଃ ଶୋକ ଇତି ମନ୍ତବ୍ୟମ୍ । ଏବଂ ହି ସତି ତଦ୍‌ଦୁଃଖେନ ସୋଽପି ଦୁଃଖିତ ଇତି କୃତ୍ଵା ରସସ୍ୟାତ୍ମତେତି ନିରବକାଶଂ ଭବେତ୍ । ନ ଚ ଦୁଃଖ ସନ୍ତପ୍ତସ୍ୟ ଏଷା ଦଶା ଇତି । ଏବଂ ଚର୍ବଣୋଚିତ-ଶୋକ ସ୍ଥାୟିଭାବାତ୍ମକ-କରୁଣରସ-ସମୁଚ୍ଛଳନ-ସ୍ଵଭାବତ୍ଵାତ୍ ସ ଏବ କାବ୍ୟସ୍ୟାତ୍ମା (ତତ୍ରୈବ)

(୩୨) Palgrave's Golden Tressury, Page 245, Oxford University Press, 1979.

Digitized by srujanika@gmail.com

"ବିୟୋଗୀ ହୋଗା ପହଲା କବି
ଆହ୍‌ସେ ଉପ୍‌ଜା ହୋଗା ଗାନ୍ ।
ଉମଡ଼କର ଆଖୋଁସେ ଚୁପ୍‌ଚାପ୍
ବହୀ ହୋଗୀ କବିତା ଅନ୍‌ଜାନ୍ ।।"

ବାସ୍ତବରେ କରୁଣ-ରସ ବାହ୍ୟ-ରୂପରେ ଦୁଃଖମୟଗୋଚର ହେଲେହେଁ ପରିଣାମରେ ଆନନ୍ଦମୟ ଅନୁଭୂତ ହୋଇଥାଏ ଏବଂ ଅନ୍ୟ ରସମାନଙ୍କ ଅପେକ୍ଷା ସହଜରେ ସାମାଜିକଙ୍କ ଅନ୍ତରକୁ ସ୍ପର୍ଶ କରିଥାଏ । ରସଗ୍ରାହୀ ସହୃଦୟ ଅନୁଭୂତି-ବେଳାରେ ଲୌକିକ-ସ୍ମରଣ ମାଧ୍ୟମରେ ହେଉ ବା ଅନ୍ୟରୂପରେ ହେଉ, ଆନନ୍ଦ ହିଁ ଅନୁଭବକରିଥାଏ ।

।। ନଅ ।

କରୁଣ-ରସ-ଚିତ୍ରଣରେ ପରମ ସିଦ୍ଧ ଆଚାର୍ଯ୍ୟ ହେଉଛନ୍ତି ଭବଭୂତି । ତାଙ୍କ ପ୍ରଣୀତ 'ଉତ୍ତରରାମଚରିତ' ନାଟକରେ ନାଟ୍ୟକଳାର ତଥା କରୁଣ ରସର ଚରମୋତ୍କର୍ଷ ପରିଲକ୍ଷିତ ହୋଇଥାଏ । ମହାକବି ଭବଭୂତିଙ୍କ ବହିର୍ଦୃଷ୍ଟି ସହ ସମ୍ମିଳିତ ସୂକ୍ଷ୍ମ ଅନ୍ତର୍ଦୃଷ୍ଟି ଜୀବନାନୁଭୂତିର ସୁପରିପ୍ରକାଶ ଘଟାଇପାରିଛି । ହୃଦ୍‌ଗତ ଭାବରାଶିର ମନୋବୈଜ୍ଞାନିକ ବିଶ୍ଳେଷଣ ତାଙ୍କ ରଚନାରେ ଜୀବନ୍ତ ହୋଇ ଉଠିଛି । ତାଙ୍କ ଲେଖନୀରେ କଳାପକ୍ଷ ଅପେକ୍ଷା ଭାବପକ୍ଷ ଅଧିକ ହୃଦୟାକର୍ଷକ ଓ ପ୍ରଭାବଶାଳୀ । ତାଙ୍କ କବି-ପ୍ରତିଭାର ଶ୍ରେଷ୍ଠ ନିଦର୍ଶନ ହେଉଛି 'ଉତ୍ତରରାମଚରିତ' ନାଟକ । ତେଣୁ ସଂସ୍କୃତ ବାଙ୍ମୟରେ ଆଲୋଚକମାନଙ୍କ ଦ୍ୱାରା ସେ ସୁପ୍ରଶଂସିତ "ଉତ୍ତରେ ରାମଚରିତେ ଭବଭୂତିର୍ବିଶିଷ୍ୟତେ ।"

କବି-ନାଟ୍ୟକାର ଭବଭୂତିଙ୍କ ମତରେ କରୁଣରସ ହେଉଛି ଏକମାତ୍ର ମୂଳଭୂତ ରସ ଏବଂ ବିଭିନ୍ନ କାରଣ ଭେଦରେ ଏହି କରୁଣରୁ ଅନ୍ୟ ସମସ୍ତ ରସର ବିବର୍ତ୍ତ ରୂପରେ ବା ପରିଣାମରୂପରେ ଉଦ୍ରେକ ହୋଇଥାଏ । ଏ ବିଷୟରେ ଭବଭୂତି ଜଳର ଉଦାହରଣ ଉପସ୍ଥାପନ କରିଛନ୍ତି । ଆବର୍ତ୍ତ, ବୁଦ୍‌ବୁଦ୍, ତରଙ୍ଗ ପ୍ରଭୃତି ସମସ୍ତ ଜଳୀୟ ବିକାରର ମୂଳ ହେଉଛି ଏକମାତ୍ର ଜଳ । ବାସ୍ତବରେ ଏ ସମସ୍ତ ଜଳ; କିନ୍ତୁ ନିମିତ୍ତ-ଭେଦରେ ଏମାନେ ଜଳର ବିକୃତ ରୂପ ଧାରଣ କରିଥାନ୍ତି (୩୩) । ଏ ଦୃଷ୍ଟାନ୍ତ ମାଧ୍ୟମରେ ଏକରସବାଦୀ

---

(୩୩) ଏକୋ ରସଃ କରୁଣ ଏବ ନିମିତ୍ତ-ଭେଦାଦ୍
ଭିନ୍ନଃ ପୃଥକ୍ ପୃଥଗିବାଶ୍ରୟତେ ବିବର୍ତ୍ତାନ୍ ।
ଆବର୍ତ୍ତ-ବୁଦ୍‌ବୁଦ୍-ତରଙ୍ଗମୟାନ୍ ବିକାରାନ୍ ।
ଅମ୍ଭୋ ଯଥା ସଲିଳମେବ ହି ତତ୍ ସମସ୍ତମ୍ ।।
(ଉତ୍ତରରାମଚରିତ ୩/୪୭)

Digitized by srujanika@gmail.com

ନାଟ୍ୟକାର ଭବଭୂତି କରୁଣ ରସକୁ ସକଳ ରସର ଉତ୍ସ ବୋଲି ଦର୍ଶାଇ କରୁଣ-ରସ ମୂଳକ ବିବିଧ ରସର ଉଦାହରଣ ମାଧ୍ୟମରେ ନିଜ କରୁଣ-ରସ-ସିଦ୍ଧାନ୍ତ ପୁଷ୍ଟିସାଧନ କରିଛନ୍ତି ।

କରୁଣ-ରସ ହିଁ ପ୍ରକୃତି ଓ ଅନ୍ୟ ସମସ୍ତ ରସ ଏହାର ବିକୃତି । ଉତ୍ତରରାମଚରିତରେ ହାସ୍ୟ, ବାତ୍ସଲ୍ୟ, ବୀଭତ୍ସ ରସ ମାନଙ୍କର କରୁଣ-ରସରେ ହିଁ ପର୍ଯ୍ୟବସାନ ଘଟିଛି । ଉଦାହରଣ ସ୍ୱରୂପ, ଚିତ୍ରଦର୍ଶନ ପ୍ରସଙ୍ଗରେ "ବତ୍ସ ! ଇୟମପରା କା ?" (ବତ୍ସ ଏ ଅପରା କିଏ ?) ବୋଲି ଲକ୍ଷ୍ମଣଙ୍କ ପ୍ରତି ସୀତାଙ୍କ କଥନରୁ ଅଭିବ୍ୟଞ୍ଜିତ ହାସ୍ୟ କରୁଣରେ ହିଁ ପରିଣମିତ ହୋଇଛି । ଚିତ୍ର ଦର୍ଶନରେ ପ୍ରଦର୍ଶିତ ସୀତା ରାମଙ୍କ ପରସ୍ପର ଅଟଳ ପ୍ରେମ ଭବିଷ୍ୟତରେ ଶୋକର ବୃଦ୍ଧି ଘଟାଉଛି । ନାଟକର ଦ୍ୱିତୀୟ-ତୃତୀୟ ଅଙ୍କରେ ଦଣ୍ଡକାରଣ୍ୟ ଓ ପଞ୍ଚବଟୀର ପୂର୍ବପରିଚିତ ଦୃଶ୍ୟାବଳୀର ଦର୍ଶନରେ ରାମ ପୂର୍ବାନୁଭୂତ ସୁଖ ସ୍ମରଣକରିଛନ୍ତି । ତାଙ୍କ ଅନ୍ତର୍ବ୍ୟଥା ତୀବ୍ର ହୋଇଉଠିଛି । ତୃତୀୟ ଅଙ୍କରେ ଦାରୁଣ କରୁଣର ଅତଳ ସାଗର ପାରିହେବା ପରେ ସହୃଦୟ ସାମାଜିକର ମାନସ ଚତୁର୍ଥ ଅଙ୍କରେ ଶୋକାଭିଭୂତ ହୋଇପଡ଼େ, ଯେତେବେଳେ ସୀତା ମୃତାବୋଲି ବିଳାପରତ ଜନକଙ୍କର ବିହ୍ୱଳଦଶା ଲୋଚନ-ଗୋଚର ହୋଇଥାଏ । ପଞ୍ଚମ ଅଙ୍କରେ ଲକ୍ଷ୍ମଣ ପୁତ୍ର ଚନ୍ଦ୍ରକେତୁ ଓ ତାଙ୍କ ସାରଥି ସୁମନ୍ତ୍ର ଶ୍ୟାମଳ-ସହୋଦର କୁଶଲବଙ୍କୁ ଦେଖି ରଘୁବଂଶଜ ବୋଲି ଭାବନା କରିଛନ୍ତି ଏବଂ ସଙ୍ଗେ ସଙ୍ଗେ ସୀତାଙ୍କ ଦୁର୍ଦ୍ଦଶା ସ୍ମରଣକରି ଦୁଃଖରେ ମଜ୍ଜିଯାଇଛନ୍ତି । ଲକ୍ଷ୍ମଣପୁତ୍ର ଚନ୍ଦ୍ରକେତୁ ଓ ରାମପୁତ୍ର ଲବଙ୍କ ପରସ୍ପର ସଂଗ୍ରାମ ବୀରରସର ସୂଚକ ହେଲେହେଁ ସାମାଜିକ-ହୃଦୟରେ କରୁଣ-ଭାବର ଉଦ୍ରେକ ଘଟାଇଥାଏ । ଷଷ୍ଠ ଅଙ୍କରେ କୁଶ-ଲବଙ୍କ ସହ ମିଳିତ ଶ୍ରୀରାମ ବାତ୍ସଲ୍ୟ ସୁଖ ଅନୁଭବ କରିଛନ୍ତି, କିନ୍ତୁ ଉଭୟଙ୍କ ଆକୃତିରେ ସୀତାଙ୍କ ସୌନ୍ଦର୍ଯ୍ୟର ଅନୁକୃତି ଲକ୍ଷ୍ୟପୂର୍ବକ ସୀତା-ନିର୍ବାସନ-ଦଶାକୁ ସ୍ମରଣକରି ଶୋକାବିଷ୍ଟ ହୋଇଛନ୍ତି । ନାଟକର ଅନ୍ତିମ ସପ୍ତମ ଅଙ୍କରେ ସୀତା-ରାମଙ୍କ ପୁନର୍ମିଳନ ସଂଘଟିତ ହେଲେ ମଧ୍ୟ ସୀତା ନିର୍ବାସନ ଦର୍ଶନକରି ରାମଚନ୍ଦ୍ର ବାରମ୍ବାର ଶୋକ-ବିହ୍ୱଳ ଓ ମୂର୍ଚ୍ଛିତ ହୋଇପଡ଼ିଛନ୍ତି । ଏହିପରି ନାଟକର ଆରମ୍ଭରୁ ଶେଷ ପର୍ଯ୍ୟନ୍ତ କରୁଣରସର ପ୍ରାଧାନ୍ୟ ଅନୁଭୂତ ହୋଇଥାଏ । କରୁଣ ରସ ହିଁ ଏକମାତ୍ର ରସ—ଏ ବିଷୟ ଉତ୍ତରରାମଚରିତ ନାଟକରୁ ହୃଦୟଙ୍ଗମ କରାଯାଇପାରେ ।

ଭବଭୂତିଙ୍କ ପ୍ରତିପାଦିତ କରୁଣ ରସର ବୈଶିଷ୍ଟ୍ୟ ନିମ୍ନ କେତେକ ଦୃଷ୍ଟାନ୍ତରୁ ଅନୁଭବ କରାଯାଇପାରେ । ସ୍ୱର୍ଣ୍ଣ ମୃଗ-ଛଳରେ ରାବଣ ସୀତାଙ୍କୁ ହରଣକରିବା ଫଳରେ ସୀତା-ବିରହିତ ରାମଙ୍କ କାରୁଣ୍ୟ ବିଳାପରେ ପାଷାଣ ମଧ୍ୟ କାନ୍ଦିଉଠିଛି; ବଜ୍ରର ହୃଦୟ ମଧ୍ୟ ତରଳିଯାଇଛି । କବିଙ୍କ ଭାଷାରେ—

Digitized by srujanika@gmail.com

"ଅଥେଦଂ ରକ୍ଷୋଭିଃ କନକ-ହରିଣଚ୍ଛଦ୍ମ-ବିଧିନା
ତଥା ବୃତ୍ତଂ ପାପୈ-ର୍ବ୍ୟଥୟତି ଯଥା କ୍ଷାଳିତମପି ।
ଜନସ୍ଥାନେ ଶୂନ୍ୟେ ବିକଳ-କରଣୈରାର୍ଯ୍ୟ-ଚରିତୈ-
ରପି ଗ୍ରାବା ରୋଦିତ୍ୟପି ଦଳତି ବଜ୍ରସ୍ୟ ହୃଦୟମ୍ ॥"

(ଉ.ରା.ଚ. ୧/୨୮)

ଦଣ୍ଡକାରଣ୍ୟ ଓ ପଞ୍ଚବଟୀରେ ଜାନକୀଙ୍କ ସହ ପୂର୍ବବାସ ବାରମ୍ବାର ରାମଚନ୍ଦ୍ରଙ୍କ ସ୍ମୃତି-ପଟଳରେ ଉପନୀତ ହୋଇଛି । ଫଳରେ ରାମଚନ୍ଦ୍ର ଅତ୍ୟନ୍ତ ଦୁଃଖରେ ମ୍ରିୟମାଣ ହୋଇପଡୁଛନ୍ତି । ଶୁଷ୍କ କ୍ଷତଗ୍ରନ୍ଥି ଭେଦକରି ପୁନର୍ବାର ସ୍ଫୁଟିତହୋଇ ଯେପରି ମର୍ମନ୍ତୁଦ କଷ୍ଟ ଦେଇଥାଏ, ରାମଚନ୍ଦ୍ରଙ୍କ ପୂର୍ବଶୋକ ସେହିପରି ନବୀକୃତ ରୂପରେ ଅସହ୍ୟ ହୋଇଉଠିଛି । ଭବଭୂତିଙ୍କ ଅଭିବ୍ୟକ୍ତିରେ—

"ବ୍ରଣୋ ରୂଢ-ଗ୍ରନ୍ଥିଃ ସ୍ଫୁଟିତ ଇବ ହୃନ୍ମର୍ମଣି ପୁନଃ
ପୁରାଭୂତୋ ଶୋକୋ ବିକଳୟତି ମାଂ ନୂତନ ଇବ ॥"

(ଉ. ରା. ଚ ୨/୨୬)

ପଞ୍ଚବଟୀ-ଦର୍ଶନରେ ରାମଙ୍କ ଦୁଃଖ ଅତିଶୟ ଗାଢ଼ ରୂପ ଧାରଣକରିଛି । ରାମଙ୍କ ଶୋକ-ସ୍ଥିତି କବିଙ୍କ ଲେଖନୀରେ ଜୀବନ୍ତ ରୂପରେ ଚିତ୍ରିତ :

"ଦଳତି ହୃଦୟଂ ଶୋକୋଦ୍‌ବେଗାଦ୍ ଦ୍ୱିଧା ତୁ ନ ଭିଦ୍ୟତେ
ବହତି ବିକଲଂ କାୟୋ ମୋହଂ ନ ମୁଞ୍ଚତି ଚେତନାମ୍ ।
ଜ୍ୱଳୟତି ତନୂମନ୍ତର୍ଦାହଃ କରୋତି ନ ଭସ୍ମସାତ୍
ପ୍ରହରତି ବିଧି-ର୍ମର୍ମଚ୍ଛେଦୀ ନ କୃନ୍ତତି ଜୀବିତମ୍ ॥"

(ଉ.ରା.ଚ. ୩/୩୧)

ଶୋକ ଓ ଉଦ୍‌ବେଗ ଯୋଗୁଁ ଶ୍ରୀରାମଙ୍କ ହୃଦୟ ବିଦୀର୍ଣ୍ଣ ହୋଇଯାଉଛି, କିନ୍ତୁ ଦ୍ୱିଖଣ୍ଡିତ ହେଉନାହିଁ । ବିକଳ ଅଙ୍ଗ ମୋହାଚ୍ଛନ୍ନ ହୋଇଯାଉଛି, କିନ୍ତୁ ଚେତନାକୁ ତ୍ୟାଗ କରୁନାହିଁ । ଅନ୍ତର୍ଦାହ ଶରୀରକୁ ଦଗ୍ଧ କରୁଛି, କିନ୍ତୁ ଭସ୍ମସାତ୍ କରୁନାହିଁ । ଦାରୁଣ ଦୈବ ଶ୍ରୀରାମଙ୍କୁ ମର୍ମଚ୍ଛେଦନ ପୂର୍ବକ ପ୍ରହାର କରୁଛି,କିନ୍ତୁ ପ୍ରାଣନାଶ କରୁନାହିଁ । ଶ୍ରୀରାମ-ହୃଦୟର କରୁଣ-ବର୍ଣ୍ଣନା ବାସ୍ତବରେ ଉକ୍ତ ପଦ୍ୟରେ ପ୍ରଣିଧାନ-ଯୋଗ୍ୟ ।

ସୀତା-ବିଯୁକ୍ତ ରାମଙ୍କର ମର୍ମଭେଦୀ ବିଳାପର ଅନ୍ୟ ଏକ ଉଦାହରଣ କବିଙ୍କ ଲେଖନୀରୁ,

Digitized by srujanika@gmail.com

"ହା ହା ଦେବି ! ସ୍ଫୁଟତି ହୃଦୟଂ ସ୍ରଂସତେ ଦେହ-ବନ୍ଧଃ
ଶୂନ୍ୟଂ ମନ୍ୟେ ଜଗଦବିରଳ-ଜ୍ୱାଳମନ୍ତର୍ଜ୍ୱଳାମି ।
ସୀଦନ୍ନନ୍ଧେ ତମସି ବିଧୁରୋ ମଜ୍ଜତୀବାନ୍ତରାତ୍ମା
ବିଷ୍ୱଙ୍ ମୋହଃ ସ୍ଥଗୟତି କଥଂ ମନ୍ଦଭାଗ୍ୟଃ କରୋମି ॥"
(ଉ.ରା ଚ. ୩/୩୮)

ଶ୍ଲୋକର ଭାବାର୍ଥ—'ହା ଦେବୀ ସୀତେ ! ତୁମର ବିଚ୍ଛେଦରେ ମୋର ହୃଦୟ ଫାଟିଯାଉଛି; ଦେହ ଶିଥିଳ ହୋଇଯାଉଛି, ସାରା ଜଗତ ମୋତେ ଶୂନ୍ୟ ପ୍ରତୀତହେଉଛି; ହୃଦୟ-ଅଭ୍ୟନ୍ତରରେ ଅବିରତ ଜ୍ୱାଳାଯୋଗୁଁ ମୁଁ ଜଳିଯାଉଛି । ମୋର ଶୋକାକୁଳ ଅନ୍ତରାତ୍ମା ଘନ ଅନ୍ଧକାରରେ ବୁଡ଼ିଯାଉଛି । ଚାରିପାର୍ଶ୍ୱରେ ମୋହ ଘେରିରହିଛି । ମନ୍ଦଭାଗ୍ୟ ମୁଁ କିପରି ବା କ'ଣ କରିବି ?'

ପୁଟପାକ ଔଷଧ ପ୍ରସ୍ତୁତିର ଏକ ଆୟୁର୍ବେଦିକ ରନ୍ଧନ-ପ୍ରକ୍ରିୟା, ଯଦ୍ୱାରା ପଦାର୍ଥଟି ଉପରେ ପଙ୍କଲିପ୍ତ ହେବା ଯୋଗୁଁ ଶାନ୍ତ ଓ ନିର୍ବିକାର, କିନ୍ତୁ ଅଭ୍ୟନ୍ତରରେ ତୀବ୍ରଜ୍ୱାଳା ଯୋଗୁଁ ଉତ୍ତପ୍ତ ହୋଇଥାଏ । ପ୍ରିୟା-ବିରହିତ ଶ୍ରୀରାମଚନ୍ଦ୍ରଙ୍କ ଗଭୀର ଗୂଢ଼ ଘନ ଅନ୍ତର୍ବେଦନା ହେତୁ କରୁଣରସ ପୁଟପାକ ସଦୃଶ ହୋଇଛି । କବି କହିଛନ୍ତି—

"ଅନିର୍ଭିନ୍ନୋ ଗଭୀରତ୍ୱାଦନ୍ତର୍ଗୂଢ଼-ଘନ-ବ୍ୟଥଃ ।
ପୁଟପାକ-ପ୍ରତୀକାଶୋ ରାମସ୍ୟ କରୁଣୋ ରସଃ ।"
(ଉ.ରା.ଚ. ୩/୧)

ଶୋକ, ବିଳାପ, ଅଶ୍ରୁପାତ ପ୍ରଭୃତି ମର୍ତ୍ତ୍ୟପ୍ରାଣୀଙ୍କ ଜୀବନ-ରକ୍ଷାର ଏକ ଏକ ସାଧନା । ଦୁଃଖରେ ଭାରାକ୍ରାନ୍ତ ହୃଦୟ ଲୋତକ ମୋଚନାଦି ଦ୍ୱାରା ଉଶ୍ୱାସ ହୋଇଯାଏ ଓ ଭାରଯାମ୍ୟ ·ବିହନକରିଥାଏ, ଯେପରି ଜଳପ୍ଲାବିତ ପୁଷ୍କରିଣୀର ସୁରକ୍ଷା ଆବଶ୍ୟକ ଜଳ-ନିଷ୍କାସନଦ୍ୱାରା କରାଯାଇଥାଏ । କବି ଯଥାର୍ଥରେ କହିଛନ୍ତି,

"ପୂରୋତ୍ପୀଡ଼େ ତଟାକସ୍ୟ ପରୀବାହଃ ପ୍ରତିକ୍ରିୟା ।
ଶୋକ-କ୍ଷୋଭେ ଚ ହୃଦୟଂ ପ୍ରଳାପୈରେବ ଧାର୍ଯ୍ୟତେ ॥"
(ଉ.ରା.ଚ. ୩/୨୯)

ଭବଭୂତିଙ୍କ କରୁଣ ରସର ଧାରା ଅପ୍ରତିହତ ବେଗରେ ଯେପରି ବଢ଼ିଚାଲେ, ଯେପରି ବର୍ଷାଋତୁରେ ପ୍ରଖର ଜଳପ୍ରବାହ । ବାଲିବନ୍ଧକୁ ରୋକିବା ନିମନ୍ତେ ଯେତେ ଯେତେ ଯତ୍ନକଲେ ମଧ୍ୟ ପ୍ରବଳ ଜଳଧାରା ସମସ୍ତ ପ୍ରତିବନ୍ଧକକୁ ବ୍ୟର୍ଥକରିଦିଏ । କବି ବାସ୍ତବରେ ଅନିବରୁଦ୍ଧ ଆବେଗଭରା କରୁଣୋଚ୍ଛ୍ୱାସର ଉଦ୍‌ଗାର ବର୍ଣ୍ଣନାକରି କହିଛନ୍ତି—

Digitized by srujanika@gmail.com

"ବେଲୋଲ୍ଲୋଲ-କ୍ଷୁଭିତ-କରୁଣୋଜ୍ଜୃମ୍ଭଣ-ସ୍ତମ୍ଭନାର୍ଥଂ
ଯୋ ଯୋ ଯତ୍ନଃ କଥମପି ସମାଧୀୟତେ ତଂ ତମନ୍ତଃ ।
ଭିତ୍ତ୍ୱା ଭିତ୍ତ୍ୱା ପ୍ରସରତି ବଲାତ୍ କୋଽପି ଚେତୋବିକାର—
ସ୍ତୋୟସ୍ୟେବା ପ୍ରତିହତ-ରୟଃ ସୈକତଂ ସେତୁମୋଘଃ ॥"

(ଉ.ରା.ଚ. ୩/୩୬)

କବି ଭବଭୂତି କେବଳ ଶ୍ରୀରାମଙ୍କ ଦୁଃଖ-ଦୁର୍ଦ୍ଦଶାର ଚିତ୍ରଣ କରିନାହାନ୍ତି, ସୀତାଦେବୀଙ୍କ ଶୋକାବସ୍ଥାର ମଧ୍ୟ ଜୀବନ୍ତ ଚିତ୍ରଣ କରିବାରେ ସିଦ୍ଧହସ୍ତତାର ପରିଚୟ ଦେଇଛନ୍ତି ନିଜର ମୌଳିକ ଉପମା ମାଧ୍ୟମରେ । ପରିତ୍ୟକ୍ତା ସୀତାଙ୍କ ଦୀନହୀନ ଅବସ୍ଥା ଅତ୍ୟନ୍ତ ଶୋଚନୀୟ ହୋଇଛି । ତାଙ୍କ କପୋଳ ପାଣ୍ଡୁର ଓ କୃଶ ହୋଇଯାଇଛି । ମୁଖର କେଶପାଶ ବିପର୍ଯ୍ୟସ୍ତ ହୋଇଛି । ଏପରି ମଳିନ ଅଥଚ ସୁନ୍ଦର ମୁଖ ଧାରଣ କରିଥିବା ସୀତାଦେବୀ ବନଗ୍ଭରଣୀ ହୋଇଛନ୍ତି । ବିରହ-ବଧୂର ସେ ସାକ୍ଷାତ୍ କରୁଣର ମୂର୍ତ୍ତି ଅଥବା ଶରୀରଧାରିଣୀ ବିରହ-ବ୍ୟଥାପରି ପ୍ରତୀତ ହୋଇଛନ୍ତି । ଭବଭୂତିଙ୍କ ଭାଷାରେ,

"ପରିପାଣ୍ଡୁ-ଦୁର୍ବଳ-କପୋଳ-ସୁନ୍ଦରଂ
ଦଧତୀ ବିଲୋଲ-କବରୀକମାନନମ୍ ।
କରୁଣସ୍ୟ ମୂର୍ତ୍ତିରଥବା ଶରୀରିଣୀ
ବିରହ-ବ୍ୟଥେବ ବନମେତି ଜାନକୀ ॥"

(ଉ.ରା.ଚ. ୩/୪)

ଭବଭୂତିଙ୍କ କରୁଣ-ରସର ଅବତାରଣା ତାଙ୍କ ସ୍ୱାନୁଭୂତିରୁ ଘଟିଥିବାର ପ୍ରତୀତହୁଏ । କବିଙ୍କ ବେଦନାମୟ ହୃଦୟର ଅଭିବ୍ୟକ୍ତି ବିଶେଷତଃ ଅନ୍ତଃପ୍ରକୃତି ସହ ସୂକ୍ଷ୍ମରୂପରେ ସଂବଦ୍ଧ । ବାହ୍ୟପ୍ରକୃତି ଓ ଅନ୍ତଃପ୍ରକୃତି ଉଭୟର ଚିତ୍ରଣରେ କବି ଭବଭୂତି କଳା ନୈପୁଣ୍ୟ ପ୍ରଦର୍ଶନକରିଛନ୍ତି । କରୁଣ-ରସ-ବର୍ଣ୍ଣନାରେ ତାଙ୍କ ଭାବାନୁକୂଳ ଉପଯୁକ୍ତ-ଶବ୍ଦ ସଂଯୋଜନା ସଂସ୍କୃତ-ନାଟ୍ୟ-ସାହିତ୍ୟରେ ଏକ ନୂତନ ଦିଗ୍‌ଦର୍ଶକ ହୋଇପାରିଛି ।

ମହାକବି କାଳିଦାସ ପ୍ରକୃତି-କବି ରୂପରେ ପ୍ରସିଦ୍ଧ । କିନ୍ତୁ ତାଙ୍କ କରୁଣ-ରସ ଚିତ୍ରଣ ଏକପକ୍ଷୀୟ । ତାଙ୍କ 'ରଘୁବଂଶ' ଅଷ୍ଟମ ସର୍ଗର 'ଅଜବିଳାପ'ରେ ପତ୍ନୀପାଇଁ ପତିର ବିଳାପ ଓ 'କୁମାର ସମ୍ଭବ' ଚତୁର୍ଥ ସର୍ଗ 'ରତିବିଳାପ'ରେ ପତିପାଇଁ ପତ୍ନୀର ବିଳାପ କରୁଣ ରସର ଆସ୍ୱାଦନ କରାଇଥାଏ ସାମାଜିକ ହୃଦୟରେ । କିନ୍ତୁ କବି ନାଟ୍ୟକାର ଭବଭୂତିଙ୍କ 'ଉତ୍ତର ରାମଚରିତ' ନାଟକରେ ସୀତାରାମଙ୍କ ପରସ୍ପର ବିୟୋଗରେ ଏକତ୍ର ପରସ୍ପରର ବିଳାପ କରୁଣରସର ଉଭୟ ପକ୍ଷକୁ ସ୍ପର୍ଶ କରିଛି । ଉଭୟ ନାରୀ ହୃଦୟର ଓ ପୁରୁଷ ହୃଦୟର ଭାବ ବ୍ୟକ୍ତ କରିବାରେ ତାଙ୍କର ଲେଖନୀ

Digitized by srujanika@gmail.com

ଅଲୌକିକତାର ପ୍ରଦ୍ୟୋତନା ହୋଇପାରିଛି । ତାଙ୍କ କାରୁଣ୍ୟ ରସାପ୍ଲୁତ ବର୍ଣ୍ଣନା ସାମାଜିକ—ହୃଦୟକୁ ବିଦ୍ରବିତ କରିବାରେ ଅବ୍ୟର୍ଥ ।

କରୁଣ ରସର ଶ୍ରେଷ୍ଠ ପୁରୋଧା ମହାକବି ଭବଭୂତିଙ୍କ ମୃଦୁଳ ଓ ହୃଦୟସ୍ପର୍ଶୀ ବର୍ଣ୍ଣନା ନୀରସ ପାଠକର ଅନ୍ତରରେ ମଧ୍ୟ କରୁଣର ସଞ୍ଚାର କରାଇଥାଏ । ପାର୍ଥିବ ନଶ୍ୱରତା ଓ କ୍ଷଣଭଙ୍ଗୁରତା ଅନୁଧ୍ୟାନରେ କବିଙ୍କ ଲେଖନୀରୁ କରୁଣ ରସର ନିଷ୍ୟନ୍ଦ ଅବାରିତ ଗତିରେ ପ୍ରବହମାନ । କବିଙ୍କ ବାଣୀରେ ସମ୍ବେଦନଶୀଳତା ଓ ତାଦାତ୍ମ୍ୟାନୁଭୂତି ମୂର୍ତ୍ତି ରୂପରେ ଚିତ୍ରିତ । ତାଙ୍କ କାରୁଣ୍ୟାପ୍ଲୁତ ବର୍ଣ୍ଣନାରେ ମୁଗ୍ଧ ଶ୍ରୀ ଗୋବର୍ଦ୍ଧନାଚାର୍ଯ୍ୟ ସ୍ୱୀୟ 'ଆର୍ଯ୍ୟାସପ୍ତଶତୀ'ରେ କବିଙ୍କ ପ୍ରଶଂସାଗାନକରି କହିଛନ୍ତି,

"ଭବଭୂତେଃ ସଂବନ୍ଧାଦ୍ ଭୂଧର-ଭୂରେବ ଭାରତୀ ଭାତି ।
ଏତତ୍-କୃତ-କାରୁଣ୍ୟେ କିମନ୍ୟଥା ରୋଦିତି ଗ୍ରାବା ॥"

(ଆର୍ଯ୍ୟାସପ୍ତଶତୀ ୧/୩୬)

ଭବଭୂତିଙ୍କ ରଚନାରେ କଠୋର ପାଷାଣ ମଧ୍ୟ କାନ୍ଦିଉଠିଛି, ବଜ୍ରର ହୃଦୟ ମଧ୍ୟ ଦ୍ରବୀଭୂତ ହୋଇଛି । ଏହାକୁ ଦୃଷ୍ଟିରେ ରଖି ଆର୍ଯ୍ୟାସପ୍ତଶତୀକାର ମତପୋଷଣକରିଛନ୍ତି : ଭବଭୂତିଙ୍କ ସବନ୍ଧ ଲାଭକରି ଭାରତୀ ଦିନେ ଶୈଳସୁତା ପାର୍ବତୀ ହୋଇଯାଇଛନ୍ତି । ସେଥିପାଇଁ କନ୍ୟା (ପାର୍ବତୀ)ର କରୁଣ କ୍ରନ୍ଦନରେ ଶିଳା ମଧ୍ୟ ରୋଦନକରିଛି । ପ୍ରିୟ କନ୍ୟାର ରୋଦନ ଶୁଣି କେଉଁ ପିତାର ହୃଦୟ ନ ତରଳିବ ଓ ଅଶ୍ରୁ ନ ଝରିବ ?

କବି-ନାଟ୍ୟକାର ଭବଭୂତିଙ୍କ ଏକରସବାଦ-ସିଦ୍ଧାନ୍ତ କେବଳ 'ଉତ୍ତର ରାମଚରିତ' ନାଟକରେ ହିଁ ସୀମିତ । ଏ ସିଦ୍ଧାନ୍ତ ଯେ ସର୍ବ-ସ୍ୱୀକୃତ ଓ ସର୍ବତ୍ର ପ୍ରଯୋଜ୍ୟ, ଏହା କୁହାଯାଇ ନ ପାରେ । କାରଣ, ତାଙ୍କ ରଚିତ 'ମହାବୀର ଚରିତ' ନାଟକରେ ବୀରରସର ପ୍ରାଧାନ୍ୟ ଓ 'ମାଳତୀମାଧବ' ନାଟକରେ ଶୃଙ୍ଗାର ରସର ପ୍ରାଧାନ୍ୟ ଥିବାରୁ ସର୍ବତ୍ର କରୁଣ-ରସ-ସିଦ୍ଧାନ୍ତ ପ୍ରତିଷ୍ଠିତ ହୋଇ ନ ପାରେ । ଭୋଜରାଜଙ୍କ ମତରେ ଶୃଙ୍ଗାର ଏକମାତ୍ର ରସ । ଅନ୍ୟପକ୍ଷେ, ବିଶ୍ୱନାଥ କବିରାଜଙ୍କ ପ୍ରପିତାମହ ନାରାୟଣ ପଣ୍ଡିତଙ୍କ ମତରେ ଅଦ୍ଭୁତ ରସ ଓ ଶୈବାଗମସିଦ୍ଧାନ୍ତାନୁସାରୀ କାଶ୍ମୀର କବିମାନଙ୍କ ମତରେ ଶାନ୍ତରସ ହେଉଛି ଏକମାତ୍ର ରସ । ରୂପଗୋସ୍ୱାମୀ ଭକ୍ତିରସକୁ ଶ୍ରେଷ୍ଠରସ ବୋଲି ପ୍ରତିପାଦନ କରିବାରେ ପ୍ରୟାସୀ । ଏହିପରି ନାନା ମୁନିଙ୍କ ନାନା ମତଯୋଗୁଁ ପ୍ରସଙ୍ଗାନୁଯାୟୀ ରସର ମହତ୍ତ୍ୱ ଉପଲବ୍ଧି କରାଯାଇପାରେ । ତେବେ ସର୍ବୋପରି କରୁଣ ରସର ଚିତ୍ରଣରେ ଭବଭୂତି ଯେ ଅପୂର୍ବ ଅପ୍ରତିଦ୍ୱନ୍ଦ୍ୱୀ ଅଦ୍ୱିତୀୟ ମହାକବି ଓ ନାଟ୍ୟକାର, ଏଥିରେ କୌଣସି ଦ୍ୱିମତର ଅବକାଶ ନାହିଁ ।

Digitized by srujanika@gmail.com

॥ ଦଶ ॥

ଆଲୋଚନା ପ୍ରସଙ୍ଗରେ ପୂର୍ବୋକ୍ତ ସାହିତ୍ୟଦର୍ପଣ, କାବ୍ୟପ୍ରକାଶ ଓ ଉତ୍ତର ରାମଚରିତରୁ ପ୍ରଦତ୍ତ ଉଦାହରଣ ବ୍ୟତୀତ ଆଉ କେତୋଟି ଉଦାହରଣ ଉପସ୍ଥାପନ କରାଯାଉଛି । ମହାମୁନି ବ୍ୟାସଙ୍କ ମହାଭାରତରେ ଶାନ୍ତରସ ହେଉଛି ମୁଖ୍ୟ ରସ । କୌରବ-ପାଣ୍ଡବମାନଙ୍କ ପରସ୍ପର ଯୁଦ୍ଧ ଏ ମହାକାବ୍ୟର ପ୍ରଧାନ ବିଷୟ । ଯୁଦ୍ଧ ସଂପୃକ୍ତ ବୀର ରସର ବର୍ଣ୍ଣନା ଥିଲେହେଁ ପରିଣାମରେ ଶାନ୍ତରସର ବୈଶିଷ୍ଟ୍ୟ ପ୍ରତିପାଦିତ ହୋଇଛି । ଯୁଦ୍ଧରେ ମୃତ ଯୋଦ୍ଧାମାନଙ୍କର ବିଧବା ପତ୍ନୀ ଓ ଆତ୍ମୀୟ ସ୍ୱଜନମାନଙ୍କର ବିଳାପ ବିଶେଷରୂପରେ କରୁଣ ରସର ଦ୍ୟୋତକ । ମହାଭାରତର 'ସ୍ତ୍ରୀ-ପର୍ବ' ଏ ଦୃଷ୍ଟିରୁ କରୁଣ ରସର ପ୍ରକୃଷ୍ଟ ପରିସ୍ଫୁଟକ । ଏପରିକି କରୁଣରସର ବର୍ଣ୍ଣନାରେ ଶୃଙ୍ଗାର ରସର ଉଚିତ ସମନ୍ୱୟ ପାଠକମାନଙ୍କ ଦୃଷ୍ଟିଗୋଚର ହୋଇଥାଏ ।

ଆଳଂକାରିକ ଆନନ୍ଦବର୍ଦ୍ଧନଙ୍କ ମତ ଏଠାରେ ଉଲ୍ଲେଖଯୋଗ୍ୟ । ବାକ୍ୟାର୍ଥୀଭୂତ କୌଣସି କରୁଣରସ ବିଷୟର ଭଙ୍ଗିବିଶେଷାଶ୍ରିତ ଶୃଙ୍ଗାର-ବସ୍ତୁ ସହ ସଂଯୋଜନ ରସର ପୁଷ୍ଟିସାଧନ କରିଥାଏ । କାରଣ, ପ୍ରକୃତ-ମଧୁର ପଦାର୍ଥମାନ ଶୋଚନୀୟତାକୁ ପ୍ରାପ୍ତହୋଇ ପୂର୍ବାନୁଭୂତ ବିଳାସାଦିର ସ୍ମରଣଯୋଗୁଁ ଅଧିକତର ଶୋକାବେଶ ଜାତ କରାଇଥାନ୍ତି (୩୪) । ଏ ପ୍ରସଙ୍ଗରେ ଧ୍ୱନିକାର ଆନନ୍ଦବର୍ଦ୍ଧନ ମହାଭାରତୀୟ ସ୍ତ୍ରୀ-ପର୍ବର ଉଦାହରଣ ପ୍ରସ୍ତୁତ କରିଛନ୍ତି ।

ଉଦାହରଣଟି ହେଉଛି ଯୁଦ୍ଧଭୂମିରେ ମୃତଯୋଦ୍ଧା ଭୂରିଶ୍ରବାଙ୍କ ଛିନ୍ନ ହସ୍ତ-ଦର୍ଶନରେ ତାଙ୍କ ପତ୍ନୀଙ୍କ ବିଳାପ । ସଂପୃକ୍ତ ଶ୍ଳୋକ (୩୫)ରେ ମୃତ ବୀର ଭୂରିଶ୍ରବାଂଙ୍କ ଛିନ୍ନ ହସ୍ତର ବର୍ଣ୍ଣନାରହିଛି, ଯେଉଁ ହସ୍ତ ପୂର୍ବେ ଶୃଙ୍ଗାର-କ୍ରୀଡ଼ା ସମୟରେ ପତ୍ନୀଂକର କଟିସୂତ୍ର-ଆକର୍ଷଣ, ସ୍ତନ-ମର୍ଦ୍ଦନ, ନାଭି-ଊରୁ-ଜଘନ-ସ୍ପର୍ଶ ଓ ବସ୍ତ୍ର ଗ୍ରନ୍ଥିମୋଚନରେ

---

(୩୪) ବାକ୍ୟାର୍ଥୀଭୂତସ୍ୟାପି କସ୍ୟଚିତ୍ କରୁଣ ରସ ବିଷୟସ୍ୟ ତାଦୃଶେନ ଶୃଙ୍ଗାର ବସ୍ତୁନା ଭଙ୍ଗି-ବିଶେଷାଶ୍ରୟେଣ ସଂଯୋଜନଂ ରସ ପରିପୋଷାୟ ଏବ ଜାୟତେ । ଯତଃ ପ୍ରକୃତ-ମଧୁରାଃ ପଦାର୍ଥାଃ ଶୋଚନୀୟତାଂ ପ୍ରାପ୍ତାଃ ପ୍ରାଗବସ୍ଥାଭାବିଭିଃ ସଂସ୍ମର୍ଯ୍ୟମାଣୈ-ର୍ବିଳାସୈରଧିକତରଂ ଶୋକାବେଶମୁପ-ଜନୟନ୍ତି । (ଧ୍ୱନ୍ୟାଲୋକ ୩/୨୦ର ବୃତ୍ତି)

(୩୫) ଅୟଂ ସ ରଶନୋତ୍କର୍ଷୀ ପୀନ-ସ୍ତନ-ବିମର୍ଦ୍ଦନଃ ।
ନାଭ୍ୟୂରୁ-ଜଘନ-ସ୍ପର୍ଶୀ ନୀବୀ-ବିସ୍ରଂସନଃ କରଃ ॥
(ମହାଭାରତ ସ୍ତ୍ରୀ ପର୍ବ ୨୪/୧୯)

Digitized by srujanika@gmail.com

ପ୍ରବୃତ୍ତଥିଲ । ଉକ୍ତ ଉଦାହରଣରେ ସ୍ମର୍ଯ୍ୟମାଣ ଶୃଙ୍ଗାରରସ ସହ ଅନୁଭୂୟମାନ କରୁଣ ରସର ସମାବେଶ ଘଟିଛି । ଫଳରେ କରୁଣ ରସର ପୁଷ୍ଟି ସାଧିତ ହୋଇଛି ।

ମହାକବି କାଳିଦାସଙ୍କ 'ରଘୁବଂଶ' ମହାକାବ୍ୟର ଅଷ୍ଟମ ସର୍ଗରେ ବର୍ଣ୍ଣିତ 'ଅଜବିଳାପ' କରୁଣ ରସର ଜୀବନ୍ତ ପ୍ରତୀକ । ପ୍ରିୟା ରାଣୀ ଇନ୍ଦୁମତୀଙ୍କ ବିଚ୍ଛେଦଯୋଗୁଁ ଧୈର୍ଯ୍ୟହୀନ ରାଜା ଅଜଙ୍କର ବାଷ୍ପ ଗଦ୍‌ଗଦ ବିଳାପ ବର୍ଣ୍ଣନାରେ କରୁଣ ରସର ପରିପ୍ରକାଶ ଅନୁଭୂତ ହୋଇଥାଏ । ଉଦାହରଣ ସ୍ୱରୂପ,

"ଗୃହିଣୀ ସଚିବଃ ସଖୀ ମିଥଃ
ପ୍ରିୟଶିଷ୍ୟା ଲଳିତେ କଳାବିଧୌ ।
କରୁଣା-ବିମୁଖେନ ମୃତ୍ୟୁନା
ହରତା ତ୍ୱାଂ ବଦ କିଂ ନ ମେ ହୃତମ୍ ॥"

(ରଘୁବଂଶ ୮/୬୭)

ଶ୍ଲୋକଟି ମୃତ ଇନ୍ଦୁମତୀଙ୍କୁ ସମ୍ବୋଧନ ପୂର୍ବକ ଅଜଙ୍କ ଉକ୍ତି । ଏହାର ଭାବ ହେଉଛି—ପ୍ରିୟେ ! ଗୃହସ୍ଥ ବ୍ୟାପାରରେ ତୁମେ ମୋର ଗୃହିଣୀ ଥିଲ; ରାଜକାର୍ଯ୍ୟ ପରିଚାଳନା କ୍ଷେତ୍ରରେ ସତ୍‌ପରାମର୍ଶ ଦେବାରେ ତୁମେ ମୋର ଅମାତ୍ୟ ଥିଲ; ପରସ୍ପର ବ୍ୟବହାରରେ ମୋର ସଖୀ ଥିଲ, ସଙ୍ଗୀତ ଲଳିତ କଳାକ୍ଷେତ୍ରରେ ମୋର ପ୍ରିୟ ଶିଷ୍ୟା ଥିଲ । ନିର୍ଦ୍ଦୟ ମରଣ ତୁମକୁ ହରଣ କରିନେବା ଫଳରେ କୁହ, ସେ ମୋର କ'ଣ ହରଣ କରିନାହିଁ ? ଅର୍ଥାତ୍ ସର୍ବସ୍ୱ ହରଣକରିଛି ।

ଉକ୍ତ ଶ୍ଲୋକରେ ରାଜା ଅଜକୃତ ଦେବନିନ୍ଦା ବର୍ଣ୍ଣିତହୋଇଛି । କବି କାଳିଦାସ ସ୍ମର୍ଯ୍ୟମାଣ ଶୃଙ୍ଗାର ସହ ଅନୁଭୂୟମାନ କରୁଣର ମଧ୍ୟ ଦୃଷ୍ଟାନ୍ତ ପ୍ରଦାନକରିଛନ୍ତି । ଯଥା,

"ମଦିରାକ୍ଷି ! ମଦାନନାର୍ପିତଂ
ମଧୁ ପୀତ୍ୱା ରସବତ୍ କଥଂ ନୁ ମେ ।
ଅନୁପାସ୍ୟସି ବାଷ୍ପ ଦୂଷିତଂ
ପରଲୋକୋପନତଂ ଜଳାଞ୍ଜଳିମ୍ ॥"

(ରଘୁବଂଶ ୮/୬୮)

"ହେ ମଦିର ନେତ୍ରି ! ମୋ' ମୁଖରୁ ଅର୍ପିତ ରସମୟ ମଧୁପାନକଲା ପରେ ତୁମେ କିପରି ଏହାପରେ ମୋର ଲୋତକ କଳୁଷିତ ଓ ପରଲୋକ ଉଦ୍ଦେଶ୍ୟରେ ଅର୍ପିତ (ଜଳାଂଜଳି) ଜଳ ପାନକରିବ ?

Digitized by srujanika@gmail.com

ପୁନଶ୍ଚ,

"ଧୃତିରସ୍ତମିତା ରତିଶ୍ଚ୍ୟୁତା
ବିରତଂ ଗେୟମୃତୁ-ର୍ନିରୁତ୍ସବଃ ।
ଗତମାଭରଣ-ପ୍ରୟୋଜନଂ
ପରିଶୂନ୍ୟଂ ଶୟନୀୟମଦ୍ୟ ମେ ॥"

(ରଘୁବଂଶ ୮/୬୬)

"ହେ ପ୍ରିୟେ ! ଧୈର୍ଯ୍ୟ ତୁଟିଯାଇଛି । ପ୍ରୀତି ସ୍ଖଳିଯାଇଛି । ଗାୟନର ଅବସାନ ଘଟିଛି, ଋତୁ ଉତ୍ସବହୀନ ହୋଇଯାଇଛି, ଅଳଂକାରର ପ୍ରୟୋଜନ ଆଉ ନାହିଁ; ଆଜି ମୋର ଶୟନ ଶୂନ୍ୟ ହୋଇଯାଇଛି ॥" ଉକ୍ତ ଶ୍ଳୋକଦ୍ୱୟରେ ବର୍ଣ୍ଣିତ ଅଜ-ବିଳାପରେ ସ୍ମର୍ଯ୍ୟମାଣ ଶୃଙ୍ଗାର ଅଙ୍ଗ ରୂପରେ ଓ ଅନୁଭୂୟମାନ କରୁଣ ଅଙ୍ଗୀରସ ରୂପରେ ପ୍ରତିପାଦିତ ହୋଇଛି ।

'ରଘୁବଂଶ'ର ଚତୁର୍ଦ୍ଦଶ ସର୍ଗରେ ସୀତା ବନବାସ ପ୍ରସଙ୍ଗରେ କରୁଣରସାତ୍ମକ ବର୍ଣ୍ଣନା ପାଠକ ଓ ଶ୍ରୋତାମାନଙ୍କ ହୃଦୟକୁ କରୁଣରସାପ୍ଳୁତ କରିଥାଏ । ଶ୍ରୀରାମଚନ୍ଦ୍ରଙ୍କ ଆଦେଶରେ ବାଲ୍ମୀକି-ଆଶ୍ରମ ନିକଟସ୍ଥ ବନରେ ଲକ୍ଷ୍ମଣଦ୍ୱାରା ପରିତ୍ୟକ୍ତା ସୀତାଦେବୀ ନିଜର ଚିରନିର୍ବାସନ ଦୁର୍ଦ୍ଦଶା ଜାଣି ବିଳାପକରୁଛନ୍ତି । ଏ ପ୍ରସଙ୍ଗରେ ତାଂକ ପ୍ରକୃତି-କୃତ କରୁଣ-ସମବେଦନାର ଉଦାହରଣ ସ୍ୱରୂପ,

"ନୃତ୍ୟଂ ମୟୂରାଃ କୁସୁମାନି ବୃକ୍ଷାଃ
ଦର୍ଭାନୁପାତ୍ତାନ୍ ବିଜହୁ-ର୍ହରିଣ୍ୟଃ ।
ତସ୍ୟାଃ ପ୍ରପନ୍ନେ ସମଦୁଃଖ-ଭାବମ୍
ଅତ୍ୟନ୍ତମାସୀଦ୍ ରୁଦିତଂ ବନେଽପି ॥"

(ରଘୁବଂଶ ୧୪/୬୯)

ସୀତାଙ୍କର କରୁଣ ବିଳାପରେ ପ୍ରକୃତି ସମଦୁଃଖଭାଗିନୀ ହୋଇଛି । ତାଙ୍କ ବିଳାପ ଯୋଗୁଁ ମୟୂରମାନେ ନିଜର ନୃତ୍ୟ ତ୍ୟାଗ କରିଛନ୍ତି, ତରୁଗଣ ପୁଷ୍ପମୋଚନ କରିଛନ୍ତି; ହରିଣୀମାନେ ମୁଖରେ ଗ୍ରହଣ କରିଥିବା ତୃଣଗ୍ରାସକୁ ମଧ୍ୟ ତ୍ୟାଗକରିଛନ୍ତି । ସୀତାଂକ କରୁଣ ଧ୍ୱନିରେ ସମ୍ପୃକ୍ତ ବନ ମଧ୍ୟ ରୋଦନରତ ହୋଇଉଠିଛି ।

କାଳିଦାସଂକ 'କୁମାର ସମ୍ଭବ' ମହାକାବ୍ୟର ଚତୁର୍ଥ ସର୍ଗରେ ବର୍ଣ୍ଣିତ 'ରତି-ବିଳାପ' ସହୃଦୟ ପାଠକର ହୃଦୟସ୍ପର୍ଶୀ ହୋଇପାରିଛି । ଶିବଂକ ତୃତୀୟ ନେତ୍ର ଜନିତ ଅଗ୍ନିରେ ଭସ୍ମୀଭୂତ କାମଦେବଂକ ମୃତ୍ୟୁରେ ବିରହିଣୀ ପତ୍ନୀ ରତିଦେବୀ ଶୋକାଭିଭୂତ ହୋଇପଡ଼ିଛନ୍ତି ।

Digitized by srujanika@gmail.com

କବିଂକଭାଷାରେ—

"ଅଥ ସା ପୁନରେବ ବିହ୍ୱଳା
ବସୁଧାଲିଙ୍ଗନ-ଧୂସର-ସ୍ତନୀ ।
ବିଲଲାପ ବିକୀର୍ଣ୍ଣ-ମୂର୍ଦ୍ଧଜା
ସମଦୁଃଖାମିବ କୁର୍ବତୀ ସ୍ଥଳୀମ୍ ॥"
(କୁମାର. ୪/୪)

ପ୍ରିୟତମ ପତି କାମଦେବଙ୍କ ଭସ୍ମୀଭୂତ ଶରୀର ଦର୍ଶନ କରି ରତିଦେବୀ ପୁନରାୟ ଅତ୍ୟନ୍ତ ଦୁଃଖ-ବିହ୍ୱଳ ହୋଇପଡ଼ିଛନ୍ତି । ଭୂମିରେ ଲେଟିବା ଯୋଗୁଁ ତାଙ୍କ ବକ୍ଷସ୍ଥଳ ଧୂଳି-ଧୂସରିତ ହୋଇଯାଇଛି; କେଶ ବିପର୍ଯ୍ୟସ୍ତ ହୋଇପଡ଼ିଛି । ସେ ସମ୍ପୃକ୍ତ ବନସ୍ଥଳୀକୁ ଦତେକ ସମଦୁଃଖଭାଗିନୀ କରି କରୁଣ ବିଳାପ ଆରମ୍ଭକରିଛନ୍ତି । ଉକ୍ତ ଶ୍ଳୋକରେ ଭୂପତନ ରୋଦନ ପ୍ରଭୃତି ଅନୁଭାବ ହେତୁ କରୁଣରସ ଅନୁଭୂତହେଉଛି ।

ଅନ୍ୟ ଏକ ଉଦାହରଣ, ପ୍ରିୟ-ବିରହିଣୀ ରତିଦେବୀଂକ କରୁଣ ଉକ୍ତି ମିତ୍ର ବସନ୍ତଂକ ପ୍ରତି । କବିଂକ ଲେଖନୀରେ—

"ଗତ ଏବ ନ ତେ ନିବର୍ତ୍ତତେ
ସ ସଖା ଦୀପ ଇବାନିଲାହତଃ ।
ଅହମସ୍ୟ ଦଶେବ ପଶ୍ୟ ମାମ୍
ଅବିଷହ୍ୟ ବ୍ୟସନେନ ଧୂମିତାମ୍ ॥"
(କୁମାର. ୪/୩୦)

ଏହାର ଭାବ ହେଉଛି—

"ହେ ବସନ୍ତ ! ଦୀପ ପବନର ଆଘାତରେ ନିର୍ବାପିତ ହେଲପରି ତୁମର ପ୍ରିୟ ସଖା କାମଦେବ ଚିରଦିନପାଇଁ ଚାଲିଗଲେ ; ଆଉ ଫେରିବେ ନାହିଁ । ମୁଁ ହେଉଛି ସେହି ଦୀପର ଦଶା । ଦେଖ, ଅସହନୀୟ ବେଦନାରେ ମୁଁ ଏବେ ଧୂମାବୃତା ହୋଇଯାଇଛି ।" ଉକ୍ତ ଉଦାହରଣରେ କରୁଣରସାଭିବ୍ୟକ୍ତି ସହୃଦୟଜନର ହୃଦୟ-ସଂବେଦ୍ୟ ।

କାଳିଦାସଂକ "ଅଭିଜ୍ଞାନ ଶାକୁନ୍ତଳ" ନାଟକର ଚତୁର୍ଥ ଅଂକରେ ପ୍ରକୃତିପ୍ରେମ ସହ କରୁଣରସର ମର୍ମସ୍ପର୍ଶୀ ଦୃଶ୍ୟ ଅନୁଭୂତ ହୋଇଥାଏ । ଉଦାହରଣ ସ୍ୱରୂପ, ରାଜା ଦୁଷ୍ମନ୍ତଂକ ନିକଟକୁ ନିଜର ପାଳିତା କନ୍ୟା ଶକୁନ୍ତଳାକୁ ପ୍ରେରଣକରିବା ବେଳାରେ ସାଂସାରିକ ବିଷୟ-ବିମୁଖ ତପସ୍ୱୀ କଣ୍ୱ ମୁନିଂକ ଦଶା କରୁଣରସର ପରିପୋଷିକା ହୋଇଛି ।

Digitized by srujanika@gmail.com

କବିଙ୍କ ଉକ୍ତିରେ,

"ଯାସ୍ୟତ୍ୟଦ୍ୟ ଶକୁନ୍ତଳେତି ହୃଦୟଂ ସଂସ୍ପୃଷ୍ଟମୁତ୍କଣ୍ଠୟା
କଣ୍ଠଃ ସ୍ତମ୍ଭିତ-ବାଷ୍ପ-ବୃତ୍ତି-କଳୁଷଶ୍ଚିନ୍ତା-ଜଡ଼ଂ ଦର୍ଶନମ୍ ।
ବୈକ୍ଳବ୍ୟଂ ମମ ତାବଦୀଦୃଶମହୋ ସ୍ନେହାଦରଣ୍ୟୌକସଃ
ପୀଡ୍ୟନ୍ତେ ଗୃହିଣଃ କଥଂ ନୁ ତନୟା-ବିଶ୍ଳେଷ-ଦୁଃଖୈ-ର୍ନବୈଃ ॥"

(ଶାକୁନ୍ତଳ, ୪/୬)

ଶ୍ଳୋକଟି କଣ୍ୱମୁନିଙ୍କ ଉକ୍ତି । ଆଜି ଶକୁନ୍ତଳା ପତି ଗୃହକୁ ପ୍ରସ୍ଥାନ କରିବ—ଏହି ଘଟଣାରେ ଉତ୍କଣ୍ଠା ଯୋଗୁଁ ମୋର ହୃଦୟ ଉଚ୍ଛ୍ୱସିତ ହୋଇଯାଉଛି, ଲୋତକର ଅବରୋଧ ହେତୁ କଣ୍ଠ ଗଦ୍‌ଗଦ୍ ହୋଇଯାଉଛି; ଚିନ୍ତାଯୋଗୁଁ ଦୃଷ୍ଟି ଶିଥିଳ ହୋଇଯାଉଛି, ଯାହାଫଳରେ ନିକଟବର୍ତ୍ତୀ ପଦାର୍ଥ ମଧ୍ୟ ଠିକ୍‌ଭାବରେ ଦେଖାଯାଉ ନାହିଁ । ମୁଁ ନିଜେ ବନବାସୀ; ଗୃହସ୍ଥ ନୁହେଁ । ତଥାପି (କନ୍ୟାର ପାଳକ ପିତା ହୋଇ ମଧ୍ୟ) ସ୍ନେହବଶତଃ ମୋର ଏପରି ବିହ୍ୱଳତା ଅନୁଭବ ହେଉଛି । ଯେଉଁମାନେ ସାଂସାରିକ ଜଞ୍ଜାଳରେ ବ୍ୟସ୍ତ, ସେମାନେ 'ନିଜେ ଜନକ ପିତା ହୋଇ) ନିଜ (ପ୍ରଥମ) କନ୍ୟାକୁ ପ୍ରଥମ ଥର ପାଇଁ ପତି ଗୃହକୁ ପ୍ରେରଣ କରିବାବେଳେ କନ୍ୟାଠାରୁ ବିଚ୍ଛେଦ ଲାଭହେତୁ କେତେ ଦୁଃଖ ଅନୁଭବ କରୁ ନ ଥିବେ ?" ଆଶ୍ରମସ୍ଥ କଣ୍ୱମୁନିଙ୍କ କରୁଣାନୁଭୂତି ଉକ୍ତ ଉଦାହରଣରେ ଅଭିବ୍ୟକ୍ତ ।

ଶ୍ରୀହର୍ଷ-କୃତ ନୈଷଧ-ମହାକାବ୍ୟର ପ୍ରଥମ ସର୍ଗରୁ କରୁଣରସର ଏକ ଉଦାହରଣ ହେଉଛି ରାଜା ନଳଙ୍କ ହସ୍ତ-ପଞ୍ଜରରେ ବଳପୂର୍ବକ ଧୃତ ହଂସର ବିଳାପ । ହଂସ ନିଜ ବୃଦ୍ଧା ମାତା ଓ ନବପ୍ରସବବତୀ ଜାୟାର ଚିନ୍ତାକରି କରୁଣସ୍ୱରରେ କହୁଛି ।

"ମଦେକ ପୁତ୍ରା ଜନନୀ ଜରାତୁରା
ନବ-ପ୍ରସୂତି-ର୍ବରଟା ତପସ୍ୱିନୀ ।
ଗତିସ୍ତୟୋରେଷ ଜନସ୍ତମର୍ଦ୍ଦୟନ୍
ଅହୋ ବିଧେ ! ତ୍ୱାଂ କରୁଣା ରୁଣଦ୍ଧି ନୋ ॥"

(ନୈଷଧ ୧/୧୩୫)

ଶ୍ଳୋକଟିର ଭାବ ହେଉଛି : "ଡେଣେ ବୃଦ୍ଧା ଜରାଗ୍ରସ୍ତା ଜନନୀ ରହିଛି, ଯାହାର ଏକମାତ୍ର ପୁତ୍ର ମୁଁ । ବିଚରା ଅସହାୟା ଭାର୍ଯ୍ୟା ହଂସୀ ନବ-ପ୍ରସବିନୀ ହୋଇଛି । ଏ ଦୁହିଁଙ୍କର ଗତି ହେଉଛି ଏକା ମୁଁ । ହେ ବିଧାତା ! (ଏପରି ମାତା, ପତ୍ନୀ ଓ ପୁତ୍ରଙ୍କ ଏକମାତ୍ର ସନ୍ତାନ) ମୋତେ ମାରିବାକୁ ବସିଛୁ । ଆହା ! ତୋତେ କରୁଣା କେମିତି ଏ କାର୍ଯ୍ୟରୁ ରୋଧ କରୁନାହିଁ ।" ଏ ଉଦାହରଣରେ ହଂସକୃତ ବୈବକ୍ଷ୍ଣା ବର୍ଣ୍ଣିତ ।

Digitized by srujanika@gmail.com

ଅନ୍ୟ ଏକ ଉଦାହରଣ ଦମୟନ୍ତୀ-ବିଳାପ-ପ୍ରସଙ୍ଗରେ ନବମ ସର୍ଗରୁ । ଛଦ୍ମବେଶୀ ଦେବଦୂତ ନଳଙ୍କ ମୁଖରୁ ଇନ୍ଦ୍ରାଦି ଦିଗପାଳଙ୍କ ସନ୍ଦେଶ ଓ ପ୍ରଣୟ-ପ୍ରାର୍ଥନା ଶ୍ରବଣକରି ବିଦର୍ଭ ରାଜକନ୍ୟା ଦମୟନ୍ତୀ ଅତ୍ୟନ୍ତ ଦୁଃଖାଭିଭୂତ ହୋଇପଡ଼ିଛନ୍ତି ।

କବି ଶ୍ରୀହର୍ଷଙ୍କ ଉକ୍ତିରେ,

"ଅଥୋଦ୍‌ଭ୍ରମନ୍ତୀ ଚ୍ୟୁତଧୈର୍ଯ୍ୟ ଗତ-କ୍ଷମା
ସସଂଭ୍ରମା'ଲୁ ପ୍ତରତଃ ସ୍ଖଳନ୍ମତଃ ।
ବ୍ୟଧାତ୍ତୁ ପ୍ରିୟ-ପ୍ରାପ୍ତି-ବିଘାତ-ବିଶ୍ବସ୍ତାନ୍
ମୃଦୂନି ଦୂନା ପରିଦେବିତାନି ସା ॥"

(ନୈଷଧ ୯/୮୭)

ଶ୍ଲୋକଟିର ଭାବ : 'ଦମୟନ୍ତୀଙ୍କ ଧୈର୍ଯ୍ୟଚ୍ୟୁତ ଘଟିଛି, ହୃଦୟ ଭାଙ୍ଗିପଡ଼ିଛି, ଦୁଃଖ ଘୋଟି ଆସିଛି, ବୁଦ୍ଧି ହଜିଯାଇଛି, ଉନ୍ମାଦ ଜାଗିଉଠିଛି । ପ୍ରିୟତମ ନଳ ରାଜାଙ୍କୁ ପତିରୂପରେ ପାଇବା ସର୍ବଥା ଅସମ୍ଭବ ବୋଲି ନିଶ୍ଚିତରୂପେ ବୁଝିପାରି ସେ କାନ୍ଦି କାନ୍ଦି କୋମଳ ସ୍ୱରରେ ବିଳାପ କରିବାକୁ ଲାଗିଲେ ।'

ପ୍ରିୟତମ ନିଷଧରାଜ ନଳଙ୍କ ପ୍ରତି ତଦ୍‌ଗତପ୍ରାଣା ଦମୟନ୍ତୀ ଶୋକ-ବିହ୍ୱଳ ହୋଇ କହୁଛନ୍ତି—

"ହରସ୍ୱ ପଞ୍ଚେଷୁ-ହୁତାଶନାସ୍ତନ—
ସ୍ତନୁଶ୍ଚ ମଦ୍‌ଭସ୍ମମସ୍ତଂ ଯଶସ୍ତ୍ୱୟମ୍ ।
ବିଧେ ! ପରେଚ୍ଛା-ଫଳ-ଭକ୍ଷଣ-ବ୍ରତ
ସତାତ୍ୟ ତୃପ୍ୟନ୍ତୁଭି-ର୍ମମାଫଳୈଃ ॥"

(ନୈଷଧ ୯/୮୮)

ଶ୍ଲୋକର ତାତ୍ପର୍ଯ୍ୟ ହେଉଛି : "ହେ କାମାନଳ ! ଶୀଘ୍ର ପ୍ରଚଣ୍ଡ ମୂର୍ତ୍ତି ସାଜି ଜଳି ଉଠ ଏବଂ ମୋର ଭସ୍ମମୟ କୀର୍ତ୍ତିରାଶିକୁ ବିସ୍ତାରକର । ହେ ଦୈବ ! ପରର ଇଷ୍ଟଫଳ ଭକ୍ଷଣକରିବା ହେଉଛି ତୋର ବ୍ରତ । ଆଜି ମୋର ବ୍ୟର୍ଥ ପ୍ରାଣନେଇ ତୋର ସ୍ୱାର୍ଥ ପୂରଣକର ଓ (ନରକରେ) ପତିତହୁଅ ।" ଏ ଉଦାହରଣରେ ଦମୟନ୍ତୀଙ୍କ ଆତ୍ମଗ୍ଲାନି ସହ ଦୈବନିନ୍ଦାଦି ପ୍ରତିପାଦିତ ।

ଉପଯୁକ୍ତ ଉଦାହରଣମାନ କରୁଣରସ ବର୍ଣ୍ଣନାରେ ଦିଗ୍‌ଦର୍ଶନ ମାତ୍ର । ଅନ୍ୟ ଛନ୍ଦମାନଙ୍କରୁ ସହୃଦୟ-ଭାବ୍ୟ ଉଦାହରଣ ଦ୍ରଷ୍ଟବ୍ୟ ।

Digitized by srujanika@gmail.com

॥ ଏଗାର ॥

ପାର୍ଥିବ ଜୀବନ ବାଧାବହୁଳ ଓ ଦୁଃଖପୂର୍ଣ୍ଣହୋଇଥିବାରୁ ମାନବ ପକ୍ଷେ ଅଖଣ୍ଡ ସୁଖର ଅନୁଭୂତି ସମ୍ଭବ ନୁହେଁ । ବ୍ରହ୍ମଧ୍ୟାନ-ମଗ୍ନ ସଂସାର-ଜଞ୍ଜାଳମୁକ୍ତ ଯୋଗୀ ମୁନି-ଋଷିମାନଙ୍କ ହୃଦୟ ଅଖଣ୍ଡାନନ୍ଦ-ଜ୍ୟୋତିରେ ଉଦ୍ଭାସିତ ହେବା ସମ୍ଭବପର । ତେବେ କରୁଣରସାପ୍ଳୁତ ମନର ସରସତ୍ୱ ଓ ସୁକୁମାରତ୍ୱ କେବେହେଲେ ଅସ୍ୱୀକାର୍ଯ୍ୟ ନୁହେଁ । କରୁଣରସର ଚିତ୍ତଦ୍ରବୀଭାବ ସହଜରେ ଅନୁଭୂତିଗୋଚର ହେବାରୁ ଏହା ବିଶେଷରୂପେ ହୃଦୟସ୍ପର୍ଶୀ ।

ସାଧାରଣତଃ ଦୈନନ୍ଦିନ ଜୀବନରେ ଆନନ୍ଦଦାୟୀ ବିଷୟ ସେବନଦ୍ୱାରା ହୃଦୟରେ ଯେଉଁ ଆନନ୍ଦ ଜନ୍ମେ, କରୁଣ ଭାବନା ତା'ଠାରୁ ଅଧିକ ଆଲୋଡ଼ନ ସୃଷ୍ଟି କରିଥାଏ । କୌଣସି ଶୃଙ୍ଗାରମୟ ଗୀତ ଓ କରୁଣମୟ ଗୀତ ମଧ୍ୟରେ ସାମାଜିକ-ହୃଦୟରେ କରୁଣର ଶୀଘ୍ର ପ୍ରଭାବ ଅନୁଭୂତ ହୋଇଥାଏ । ହୃଦୟର ଗଭୀରତମ ପ୍ରଦେଶକୁ ଅନାୟାସରେ ସ୍ପର୍ଶ କରିପାରୁଥିବାରୁ କରୁଣରସର ମହତ୍ତ୍ୱ ସୁପ୍ରତିଷ୍ଠିତ ।

□□

Digitized by srujanika@gmail.com

ଡକ୍‌ଟର ଜାନକୀ ବଲ୍ଲଭ ମହାନ୍ତି
(ଭରଦ୍ୱାଜ)

ପ୍ରାଚୀନ ଓଡ଼ିଆ ଗୀତି କବିତାରେ କରୁଣରସ

ଦିନ ପଛେ ପଛେ ରାତି, ବା ଆଲୋକ ପଛେ ପଛେ ଅନ୍ଧାର ଭଳି ଜୀବନକୁ ଘେରି ରହିଛି କାରୁଣ୍ୟ । ପ୍ରିୟ ବ୍ୟକ୍ତିର ବିୟୋଗ, ବିଚ୍ଛେଦ, ଭାଗ୍ୟବିପର୍ଯ୍ୟୟ, ବିଫଳତା, ଆଶାଭଙ୍ଗ, ନିର୍ଯ୍ୟାତନା, ଅଭାବ, ଦୈନ୍ୟ ଶାରୀରିକ ପୀଡ଼ା ପ୍ରଭୃତିରେ କିଏ ବା ବିକଳ, ବିପନ୍ନ ନ ହୋଇଛି ? ଏହି ବେଦନାବୋଧକୁ ଲାଘବ କରିବାଲାଗି ବା ଭୁଲିବାଲାଗି ମଣିଷର ଅନ୍ତହୀନ ପ୍ରୟାସ । ସମ୍ଭବତଃ ସେ ଏଥିପାଇଁ କଳା ସାହିତ୍ୟ ସଙ୍ଗୀତରେ ଅଥବା ଧର୍ମାଚରଣରେ ହୁଏ ଅନୁରକ୍ତ ଏଇ ପ୍ରୟାସ ଫଳରେ ସେ କେତେକ ପରିମାଣରେ ଆଶ୍ୱସ୍ତ ହୋଇଥାଏ ।

ସଂସ୍କୃତ ଆଳଂକାରିକ ଗଣ କାବ୍ୟରେ ଏହାର ବର୍ଣ୍ଣନାକୁ କରୁଣରସ ନାମରେ ଅଭିହିତ କରିଛନ୍ତି । ଏହାର ପରିଣାମ ହେଉଛି ଶୋକ, କ୍ରନ୍ଦନ ବା ବିଳାପ । ଭରତଙ୍କ ମତାନୁଯାୟୀ ଇଷ୍ଟ ବ୍ୟକ୍ତିଙ୍କ ବିୟୋଗ, ବିଭବନାଶ, ପ୍ରିୟ ବ୍ୟକ୍ତିର ବଧ, ବନ୍ଧନ (କାରାବାସ) ପ୍ରଭୃତି କାରଣରୁ ଶୋକ ଉତ୍ପନ୍ନହୋଇଥାଏ (୧) । ସାହିତ୍ୟଦର୍ପଣକାର ବିଶ୍ୱନାଥ କବିରାଜଙ୍କ ମତାନୁଯାୟୀ ପ୍ରିୟ ବସ୍ତୁର ନାଶ ଇତ୍ୟାଦି କାରଣରୁ ସଂଜାତ ଚିତ୍ତର ବିକଳତାରୁ କରୁଣରସ ସୃଷ୍ଟି ହୁଏ (୨) । ମାତ୍ର ପ୍ରଣୟୀ ପ୍ରଣୟିନୀଙ୍କ ମଧ୍ୟରେ ସୃଷ୍ଟି ହୋଇଥିବା ବିଚ୍ଛେଦ ଜନିତ କାରୁଣ୍ୟକୁ ସଂସ୍କୃତ ଆଳଂକାରିକଗଣ କରୁଣରସ ଭାବେ ଗ୍ରହଣ କରିନାହାନ୍ତି । ସେମାନଙ୍କ ମତରେ ବିଚ୍ଛେଦ ସମୟରେ ପ୍ରଣୟୀ ପ୍ରଣୟିନୀ ଜୀବିତଥିବା ବିଷୟରେ ନିଶ୍ଚିତଥାନ୍ତି ଓ ଏହି ବିରହ ପ୍ରେମାନୁଭୂତିକୁ ଗଭୀରତର କରି-

(୧) ଶୋକୋନାମ ଇଷ୍ଟଜନ ବିୟୋଗ ବିଭବନାଶ, ବଧ ବନ୍ଧନ ଦୁଃଖାନୁ ଭବନାଦିଭିର୍ବିଭାବୈ ରୁତ୍ପଦ୍ୟତେ—ନାଟ୍ୟଶାସ୍ତ୍ରମ (୭/୧୧)—ଭରତ

(୨) ଇଷ୍ଟନାଶାଦନିଷ୍ଟାପ୍ତେଃ କରୁଣାଖ୍ୟୋ ରସୋ ଭବେତ ସାହିତ୍ୟଦର୍ପଣ— (୩/୨୨୩)

Digitized by srujanika@gmail.com

ଥାଏ । ଏଣୁ ଏହି ସମସ୍ତର ମାନସିକ ବିକଳତାକୁ ଯେମାନେ ଅନ୍ତରନ୍ତ ଶୃଙ୍ଗାରର ବ୍ୟଙ୍ଗସୂଷ୍ଟ ସ୍ୱବରୂପେ ଗ୍ରହଣକରିଥାନ୍ତି ।

ପଣ୍ଡିତମାନେ କରୁଣରସ ଉତ୍ପତ୍ତି ସମ୍ପର୍କରେ ଯାହାକହୁ ସିଦ୍ଧାନ୍ତ କରୁନ୍ତୁନା କାହିଁକ ଜୀବନରେ କାରୁଣ୍ୟ ଏକ ମହାନ ସତ୍ୟ । ଜନଜୀବନ ଯେ ଏହା ପ୍ରଶ୍ଚବରେ ସମ୍ପୃକ୍ତ ଏ ବିଷୟରେ ସନ୍ଦେହର ଅବକାଶ ନାହିଁ । ଲୋକବାଣୀରେ ଏହାର ମାର୍ମିକ ଅଭିବ୍ୟକ୍ତ ଦେଖିବାକୁ ମିଳେ । ଓଡ଼ିଆ ଲୋକସାହିତ୍ୟ ଏହି ରସରେ ବେଶ୍ ସମୃଦ୍ଧ । ଓଡ଼ିଆ ଲୋକ-ସାହିତ୍ୟର ଗୋଟିଏ ବିଭବ ହେଉଛି 'କାନ୍ଦଣା' । ଏହା ଥିଲା ଓଡ଼ିଶାର ଏକ ପ୍ରାଚୀନ ଚଳଣୀ । ବିବାହପରେ କନ୍ୟାକୁ ଆପଣାର ପିତା ମାତା, ପରିବାର, ବନ୍ଧୁ ବାନ୍ଧବ ପ୍ରଭୃତଙ୍କୁ ପରିତ୍ୟାଗକରି ଶ୍ୱଶୁରାଳୟକୁ ଯିବାକୁ ପଡ଼େ । ଏଇ ଅବକାଶରେ ଏକ ଅପରିଚିତ, ନୂତନ ପରିବେଶରେ ଅପରିଚିତ ବ୍ୟକ୍ତିଙ୍କ ସହ ଜୀବନ ଅତିବାହିତ କରିବାର ଆଶଙ୍କା ତାକୁ ମୁହ୍ୟମାନ କରିବା ସ୍ୱଭାବିକ । ତତ୍କାଳୀନ ଯୋଗାଯୋଗ ଅନୁନ୍ନତ ସାମାଜିକ ପରିବେଶରେ କନ୍ୟା ପକ୍ଷେ ଆପଣା ଜନ୍ମସ୍ଥାନକୁ ଫେରିବାର ସମ୍ଭାବନା ମଧ୍ୟ କମ୍‌ଥିଲା । ଏଣୁ ପିତାଳୟ ପରିତ୍ୟାଗକରି ଯିବାବେଳେ କନ୍ୟାର ମନ ଗଭୀର ଦୁଃଖରେ ଜର୍ଜରିତ ହେବା ସ୍ୱଭାବିକ । ଏହି ଉପଲକ୍ଷେ 'କାନ୍ଦଣା' ଗୁଡ଼ିକର ସୃଷ୍ଟି । ପରମ୍ପରା କ୍ରମେ ମୌଖିକ ସ୍ତରରେ ଏଗୁଡ଼ିକ ଚଳିଆସୁଥିଲା । ଜନଜୀବନରେ ପ୍ରଚଳିତ ଏହି ଗୀତିକାମାନଙ୍କରୁ ସମ୍ଭବତଃ ପ୍ରେରଣା ଲାଭକରି ପରବର୍ତ୍ତୀ କାଳରେ ବହୁ ଲୋକକବି 'ନୂଆବୋହୂ କାନ୍ଦ' 'କେମାଦେଇ କାନ୍ଦ' ପ୍ରଭୃତି ଗୀତିକା ରଚନାକରି ଯାଇଛନ୍ତି ।

ନବବଧୂ ଜୀବନରେ ନିର୍ଯ୍ୟାତନା ବି କମ ନଥିଲା । ଗୋଟିଏ ପଲ୍ଲୀ ଗୀତରୁ ଏହା ଅନୁମେୟ—

ବସିଲେ ବୋଲୁଥାନ୍ତି ଠେକା ପଥର
କହିଲେ କହନ୍ତି ବୋହୂ ଚୁଣ୍ଡିଆ ଖର
ଶୋଇଲେ କହୁଥାନ୍ତି ବଡ ଅଳସୀ
କାନ୍ଦିଲେ କହୁଥାନ୍ତି କଏ ମରିଛି ?
କେତେ କହିବି ବୋଉ ସେ ଘରଠାଣି
ଗାଧିଲା ତୁଠରେ ମିଶାନ୍ତି ପାଣି ।

× × ×

ସବୁଲେ ସହି ବୋଉ ବାନ୍ଧିଛି ଦମ୍ଭ
ସ୍ଥିତ କରିଛି ମୋର ପଥରଖମ୍ଭ ।'

Digitized by srujanika@gmail.com

ଉକ୍ତ ପ୍ରାଚୀନ ଓଡ଼ିଆ ଗୀତ ସାହିତ୍ୟର ଯେଉଁ ସମସ୍ତ ଉପାଦାନ ଏଯାବତ ଉପଲବ୍ଧ ହୋଇଛି ସେ ସବୁ ମୁଖ୍ୟତଃ ଭକ୍ତିମୂଳକ ଅଥବା ମାନବୀକ ପ୍ରୀତିମୂଳକ । ତନ୍ମଧ୍ୟରୁ କେତେକ ରଚନା ପୌରାଣିକ ଚରିତ୍ରାଶ୍ରୟୀ । କୋଇଲି ଓ ଚଉତିଶା ପ୍ରଭୃତି କାବ୍ୟରୂପ ମାଧ୍ୟମରେ ମୁଖ୍ୟତଃ ଏହା ସେ ଯୁଗରେ ଅଭିବ୍ୟକ୍ତ ଲାଭକରିଥିଲା । କୃଷ୍ଣଙ୍କ ବିଚ୍ଛେଦରେ ଯଶୋଦା, ଶ୍ରୀରାମଙ୍କ ବିଚ୍ଛେଦରେ କୌଶଲ୍ୟା ଓ ସୀତା, ସୀତାଙ୍କ ବିଚ୍ଛେଦରେ ଶ୍ରୀରାମ, ରାବଣଙ୍କ ବିୟୋଗରେ ମନ୍ଦୋଦରୀ ପ୍ରଭୃତିଙ୍କ ଶୋକକୁ ଉପଜୀବ୍ୟ କରି ବହୁ କବି କୋଇଲି ଓ ଚଉତିଶା ପ୍ରଭୃତି ରଚନା କରିଯାଇଅଛନ୍ତି । ଏତାଦୃଶ ରଚନା ଭାବରେ ମାର୍କଣ୍ଡ ଦାସଙ୍କ କେଶବ କୋଇଲି, ଗୋପାଳକୃଷ୍ଣଙ୍କ ଯଶୋଦା କୋଇଲି, କୃଷ୍ଣ ଦାସଙ୍କ କୌଶଲ୍ୟା ରୋଦନ ଚଉତିଶା, କିଶୋରି ଦାସଙ୍କ ବୈଦେହୀ ଖେଦ ଚଉତିଶା, ସଦାନନ୍ଦଙ୍କ ରାମବିଳାପ ଚଉତିଶା, ବଣି (ବିଶ୍ୱନାଥ ଖୁଣ୍ଟିଆ)ଙ୍କ ମନ୍ଦୋଦରୀ ଚଉତିଶା, ପରମାନନ୍ଦଙ୍କ ସୀତା ବିଚ୍ଛେଦ ଚଉତିଶା ପ୍ରଭୃତି ରଚନାଗୁଡ଼ିକ ଉଲ୍ଲେଖଯୋଗ୍ୟ । ଏହି ସବୁ କବିତାର ଭାଷା ଯେପରି ସରଳ ସେହିପରି ଏଥିରେ ବିନ୍ୟୁକ୍ତ ଛନ୍ଦ କାରୁଣ୍ୟ ଉଦ୍ଦୀପକ । ବିଶେଷତଃ କୋଇଲି ସମ୍ବୋଧିତ ଗୀତ ଗୁଡ଼ିକର ସ୍ୱରରେ ଯେ ଏକ ଧୀର, ବିଲମ୍ବିତ କାରୁଣ୍ୟର ମୂର୍ଚ୍ଛନା ନିହିତ ଏହା ଗୀତ ହେବାବେଳେ ଅନୁଭୂତହୁଏ ।

"କୋଇଲିଲୋ, କେଶବ ଯେ ମଥୁରାକୁ ଗଲା
କାହା ବୋଲେ ଗଲା ପୁଅ, ବାହୁଡ଼ି ନଇଲା ଲୋ କୋଇଲି ।
କୋଇଲି ଲୋ, ଦଣ୍ଡ କ୍ଷୀର ଦେବ ମୁଁ କାହାକୁ
ଖାଇବାର ପୁଅ ଗଲା ମଥୁରା ପୁରକୁ ଲୋ... ।
କୋଇଲି ଲୋ, ଗଲାପୁଅ ବାହୁଡ଼ି ନଇଲା"

ବଳରାମ ଦାସଙ୍କ କାନ୍ତ କୋଇଲିରେ ସୀତାଙ୍କ କାରୁଣ୍ୟ ଯେହିପରି ଅଭିବ୍ୟକ୍ତ—

କୋଇଲିଲୋ, କାନ୍ତ ମୋର ଗଲେ ମୃଗ ମାରି
କପଟେ ରାବଣ ମୋତେ ନେଉଅଛି ଧରି ଲୋ"...

ପଞ୍ଚସଖାଙ୍କ ମଧ୍ୟରୁ ଅନ୍ୟତମ ଭକ୍ତକବି ଯଶୋବନ୍ତ ଦାସଙ୍କ ଗୋବିନ୍ଦଚନ୍ଦ୍ର ଗୀତା ଆପାତତଃ ଏକ କରୁଣ ଭାବ ଉଦ୍ଦୀପକ ରଚନାଭାବେ ଗ୍ରହଣ କରାଯାଉଥିଲେ ହେଁ ବୈରାଗ୍ୟ ଓ ମୁକ୍ତିଲାଭ ଏହି ରଚନାର ମୁଖ୍ୟ ଲକ୍ଷ୍ୟ । ରାଜମାତାଙ୍କର ରାଜକୁମାରକୁ ସନ୍ୟାସଗ୍ରହଣ ଲାଗି ପରାମର୍ଶଦେବା ପ୍ରସଙ୍ଗ ଏହି ରଚନାରେ ବର୍ଣ୍ଣିତ ।

ଷୋଡ଼ଶ ଶତାବ୍ଦୀର ଉତ୍ତରାର୍ଦ୍ଧରୁ ଆରମ୍ଭ ହୋଇଥିଲା ଓଡ଼ିଶାର ରାଜନୈତିକ ବିପର୍ଯ୍ୟୟ । ଏହି ସମୟରୁ ଓଡ଼ିଶାର ଜନଜୀବନରୁ ଯେପରି ଆଶା ଓ ଆନନ୍ଦାନୁଭୂତି

Digitized by srujanika@gmail.com

ମଳିନ ହୋଇଯାଇଥିଲା । ଓଡ଼ିଆର ସୃଜନ ଧର୍ମୀତା ଅଗ୍ରଗତିରେ ପ୍ରସ୍ତରରେ, ମନ୍ଦିର ଗାତ୍ରରେ ଯେଉଁ ଉଦ୍ଦାମ ଆବେଗ, ଜୀବନ ଉପଭୋଗର ସଙ୍ଗୀତ ରୂପରେ ଫୁଟି ଉଠିଥିଲା ଏହି ସମସ୍ତରୁ ତାହାର ଅବସାନ ହୋଇଗଲା; ଅବଲୁପ୍ତ ହୋଇଯାଇଥିଲା ନୈବାଣିଜ୍ୟ । ଏ କ ସମର ସମର୍ଥ, କଳାନିପୁଣ ଜାତି ଏଇ ସମୟରେ ସମ୍ଭବତଃ ତାହାର ଦୁଃଖକୁ ଭୁଲିବାଲାଗି ଧର୍ମର ଆଶ୍ରୟ ନେଇଥିଲା । ସମ୍ଭବତଃ ସେଇଥିପାଇଁ ଏଇ ଯୁଗରେ ରଚିତ ହୋଇଥିଲା ବହୁ ଭକ୍ତି ସାହିତ୍ୟ । ଏହାର ନେତୃତ୍ୱ ନେଇଥିଲେ ବଳରାମ ଦାସ, ଜଗନ୍ନାଥ ଦାସ, ଅଚ୍ୟୁତାନନ୍ଦ ଦାସ, ଅନନ୍ତ ଓ ଯଶୋବନ୍ତ ଦାସ ପ୍ରଭୃତି ପଞ୍ଚସଖା । ଗୀତି ସାହିତ୍ୟ ରୂପେ ସେମାନଙ୍କ ଲେଖନୀରୁ ଝରିଥିଲା ବହୁ ଜଣାଣ, ଭଜନ, ମାଳିକା, ସ୍ତବ ସ୍ତୁତିମୂଳକ ରଚନା ।

ଏହି ଜଣାଣ, ଭଜନ ପ୍ରଭୃତି ଭକ୍ତିମୂଳକ ଗୀତ ଗୁଡ଼ିକରେ ଉପାସ୍ୟ ଦେବତାଙ୍କ ମହିମା କେବଳ ପ୍ରକାଶ ପାଇନାହିଁ, ଏଥିରେ ମୁଖ୍ୟତଃ ପ୍ରକାଶପାଇଛି ସକରୁଣ ଆର୍ତ୍ତି ଆକୁତି ବିପତ୍ତିରୁ ଉଦ୍ଧାରଲାଗି, ଅସହାୟର ବିକଳ ପ୍ରାର୍ଥନା । ରକ୍ଷାକରିବାକୁ, ଦୟା କରିବାକୁ ଦେବତାଙ୍କଠାରେ କରୁଣ ମିନତି । ଉପାସ୍ୟ ଦେବତାଙ୍କ ମନ୍ଦିରକୁ ଅଥବା ପବିତ୍ର ବିବେଚିତ ତାହାଙ୍କ ବିଗ୍ରହକୁ ଓଡ଼ିଶାର ରାଜା ଅଥବା ଦୁର୍ବଳ ଜନସାଧାରଣ ରକ୍ଷା କରି ପାରିନାହାନ୍ତି । ଦେବ ବିଗ୍ରହକୁ ଗୋପନରେ ମନ୍ଦିରରୁ ସ୍ଥାନାନ୍ତରିତ କଲାବେଳେ କରୁଣ ସ୍ୱରରେ ଏଣୁ କେହି କେହି ଉଚ୍ଚାରଣ କରିଛନ୍ତି —

"କେଣେ ଯେବ ଯାଉଛ ଜଗନ୍ନାଥଙ୍କୁ
ଆମ୍ଭେ ଦର୍ଶନକରିବୁ କାହାକୁ ? "

(ସାଲବେଗ)

କୌଣସି ଗୋଟିଏ ହେଲେ ଭକ୍ତି ସଙ୍ଗୀତରେ ଶକ୍ତିମାନ, ବଳବାନ ହେବା ଲାଗି, ନିର୍ଭୀକ ହେବାଲାଗି ପ୍ରାର୍ଥନାର ବାଣୀ କବିକଣ୍ଠରୁ ଉଚ୍ଚାରିତ ହୋଇନାହିଁ । ଅଧିକାଂଶ ଭକ୍ତିସଙ୍ଗୀତ କେବଳ ଦେବତାଙ୍କ ଅଲୌକିକ ମହିମାର ବର୍ଣ୍ଣନାରେ ସୀମିତ—ଭଗବାନ ଦ୍ରୌପଦୀର ଲଜ୍ଜାନିବାରଣ କରିଛନ୍ତି, କୁମ୍ଭୀର କବଳରୁ ଗଜକୁ, ଭାରତ ଯୁଦ୍ଧରେ ଭରଦ୍ୱାଜ ପକ୍ଷୀକୁ, ବ୍ୟାଧ କବଳରୁ ମୃଗିଣୀକୁ ଉଦ୍ଧାର କରିଛନ୍ତି । ଏଣୁ ମୋତେ ଦୟାକରନ୍ତୁ । ଏଇ ପ୍ରାର୍ଥନା ଦୁର୍ବଳ ଭୀରୁର ପ୍ରାର୍ଥନା । ଏଇ ପ୍ରାର୍ଥନାରେ ପ୍ରକାଶ ପାଇନାହିଁ ପୌରୁଷ, ସବଳତା । ଏ ସମ୍ପର୍କରେ ସ୍ମରଣ କରାଯାଇ ପାରେ ରବିନ୍ଦ୍ରନାଥଙ୍କ କବିତାର କେତୋଟି ପଙ୍‌କ୍ତିକୁ—

'ବିପଦେ ମୋରେ ରକ୍ଷାକର ଏ ନହେ ମୋର ପ୍ରାର୍ଥନା
ବିପଦେ ଯ୍ୟାନ କରିତେ ପାରି ଜୟ'

Digitized by srujanika@gmail.com

ପ୍ରାଚୀନ ଓ ମଧ୍ୟକାଳୀନ ଓଡ଼ିଆ ସାହିତ୍ୟରେ କେତେକ ତତ୍ତ୍ୱାଶ୍ରୟୀ ଓ ଆତ୍ମାନୁଶୀଳନ ଧର୍ମୀ ଚଉତିଶା ରଚିତ ହୋଇଥିଲା । ଏଥିରେ ଜୀବନର ନଶ୍ୱରତା, ସାଂସାରିକ ଆସକ୍ତିର ନିଷ୍ଫଳତା ବର୍ଣ୍ଣାଇ ଦିଆଯାଇଅଛି । ପ୍ରାଚୀନ ଓଡ଼ିଆ ଚଉତିଶାମାନଙ୍କ ମଧ୍ୟରେ ଭକ୍ତ ଚରଣ ଦାସଙ୍କ 'ମନବୋଧ ଚଉତିଶା' ସୁପ୍ରସିଦ୍ଧ । ଏଥିରେ ମନୁଷ୍ୟ ଜୀବନର ଅନ୍ତିମ ପରିଣତି, ନଶ୍ୱରତାର ଯେପରି ଚିତ୍ରଣ କରାଯାଇଅଛି ତାହା ଅତୀବ କରୁଣତା ବ୍ୟଞ୍ଜକ ।

> "ଙ୍କଣ୍ଡି ଯେ ଙ୍କଣ୍ଡି ତୋର ପିଞ୍ଜରା କାଠି
> ଖାଇଣ ଥିବେ ଶ୍ୱାନ ଶୃଗାଳ ବାଣ୍ଟି ଯେ ।
> ଖଟ ପଲଙ୍କେ ମନ ଶେଯାଇ ଶୋଉ
> ଖର ଦୁର୍ଗନ୍ଧ ହେବ ଏ ତୋର ଦେହୁ ଯେ ।"

କବି ଦୀନକୃଷ୍ଣ ତାହାଙ୍କ ଅର୍ତ୍ତିତ୍ରାଣ ଚଉତିଶାରେ ଗରୁଡ଼ସ୍ତମ୍ଭ ସନ୍ନିଧାନରେ କେଉଁ କରିମସ୍ଥାନ ଜନ' ପ୍ରତି କରୁଣା କରିବାଲାଗି 'କରୁଣା ସରିତ ପତି'ଙ୍କୁ ବ୍ୟାକୁଳିତର ହୋଇ ପ୍ରାର୍ଥନା ବିଷୟ ବର୍ଣ୍ଣନାକରିଛନ୍ତି । ଏହିପରି କରିମସ୍ଥାନ ଜନ କେବଳ ସେ ଯୁଗରେ ନୁହନ୍ତି ସବୁ ଯୁଗରେ ଦେବତାଙ୍କ ନିକଟରେ ଏହିପରି ଗୁହାରିକରିଛନ୍ତି ।

ପଞ୍ଚସଖା ଯୁଗର ଭକ୍ତକବିମାନଙ୍କ ମଧ୍ୟରୁ କେହି କେହି ତତ୍କାଳୀନ ରାଜା ଓ ଶ୍ରୀଜଗନ୍ନାଥଙ୍କ ସେବକଙ୍କଦ୍ୱାରା ନିଗୃହୀତ ହୋଇଥିବା ବିଷୟ ମଧ୍ୟ ଜଣାଯାଏ । ବଳରାମ ଦାସ ଶ୍ରୀଜଗନ୍ନାଥଙ୍କ ରଥଯାତ୍ରା ଅବକାଶରେ 'ଉପାସ୍ୟ' ବିଗ୍ରହ ନିକଟବର୍ତ୍ତୀ ହେବାକୁ ଚାହିଁଥିଲେ, ମାତ୍ର ତାଙ୍କୁ ସେବକମାନେ ନିପୀଡ଼ିତ, ଅପମାନିତ କରିଥିଲେ । ଏହା ତାହାଙ୍କ 'ଭାବ ସମୁଦ୍ର' ଗୀତ ରଚନାରୁ ଜଣାଯାଏ । ଏହି କାରଣରୁ ତାହାଙ୍କ ହୃଦୟରେ ନାନା ଭାବ ଜାତ ହୋଇଥିଲେ ହେଁ ଏଥିରେ କାରୁଣ୍ୟର ପ୍ରକାଶ ମଧ୍ୟ ହୋଇଅଛି । ଯଥା—

> "ହରି ହୋ, ଯେତେବେଳେ ରାଜା ବାନ୍ଧିଲା ମୋତେ
> ତୋହର ଦେହ ସହିଲା କେମନ୍ତେ ।
> ନାଥ ତୁ ଭୃତ୍ୟଙ୍କ ଠାରେ ଅଭିନ୍ନ
> ତୋହର ମୋହର ନାହିଁ ଭିନ୍ନାଭିନ୍ନ ।
> ହରି ହୋ, ଯେତେବେଳେ ମୋତେ ମାରେ ହାବୋଳ
> ବଳିଆ ଦାସକୁ ନୋହିଲୁ ସାକ୍ଷୀ ।" (୭୨୮ପଦ)

ରୀତି ଯୁଗର କବିମାନଙ୍କ ରଚିତ ଶୃଙ୍ଗାରପଦ ବା ସଙ୍ଗୀତ ସମୂହ ଆଦିରସର ଉଚ୍ଛ୍ୱସିତ ଅଭିବ୍ୟକ୍ତିରେ ସୀମିତ । କବିଙ୍କ ବ୍ୟକ୍ତିଜୀବନର କାରୁଣ୍ୟ ଅନୁଭବର ଅଭିବ୍ୟକ୍ତି ତନ୍ମଧ୍ୟରେ ବିରଳ । ତଥାପି ଏହି ଯୁଗର କେତେକ କବିଙ୍କ ରଚିତ ଜଣାଣ ଭଜନ ପ୍ରଭୃତିର ଅନ୍ତରାଳରୁ କାରୁଣ୍ୟର ମୂର୍ଚ୍ଛନା ଉପଲବ୍ଧ ହୋଇଥାଏ । କବି ବନମାଳୀ ଦାସ ଅନ୍ଧ

Digitized by srujanika@gmail.com

ନସ୍ତର ଦାରୁଣ ଅଭାବ ଅନୁଭବ କରୁଥିବା ବିଷୟ ତାହାଙ୍କ ଗୋଟିଏ ରଚନାରେ ଏହିପରି ଅଭିବ୍ୟକ୍ତ—

"ମହାବାହୁ ମୋ ସମ ନାହିଁ କେ ଦୁଃଖୀ
ଉଦର ଚିନ୍ତାରେ ଝିନ୍ତାଇ ନସ୍ତନ ଦନୁଦନ ଗଲି ଶୁଖି ॥"

ଆପଣାର ଅନ୍ନ ଓ ବସ୍ତ୍ରାଭାବ ଦୂରକରିବାପାଇଁ କବିଙ୍କୁ ଅନ୍ୟମାନଙ୍କ ନିକଟରେ ଉପଯାଚକ ହେବାକୁ ପଡ଼ୁଥିଲା । ଏଣୁ କବି ଖେଦୋକ୍ତି ପ୍ରକାଶକରି ଲେଖିଥିଲେ—

'ଛାର ଏ ଉଦର ପାଇଁ
କେତେ ଜଣଙ୍କୁ ବୋଲିବି ମହିମା, ଗୋସାଇଁ ।'

ଏଥିପାଇଁ କବି ଅନ୍ତରେ ଲଜ୍ଜା ଅନୁଭବକରି ଅନ୍ୟ ଏକ କବିତାରେ ଲେଖିଥିଲେ—
'ଇତର-ଜନର ଯାଚକ ହେବାକୁ ବିଶେଷ ମାଡ଼ଇ ଲାଜ ।'

ଆପଣାର ଦୁଃଖ ଦୁର୍ଦ୍ଦଶା ଉପସ୍ଥାପିତ କରିବାରେ ପ୍ରାଚୀନ କବିମାନଙ୍କ ମଧ୍ୟରୁ ବ୍ରଜନାଥ ବଡ଼ଜେନା ଅଧିକ ସ୍ପଷ୍ଟବାଦୀଥିବା ଜଣାଯାଏ । ତାହାଙ୍କ 'ରାଜନଙ୍କୁ ଛନ୍ଦୋକ୍ତି'ର ନାମ ଏହି ଦୃଷ୍ଟିରୁ ଉଲ୍ଲେଖଯୋଗ୍ୟ । କବି ଆପଣାକୁ କାବ୍ୟ ଚର୍ଚ୍ଚାରେ ନିୟୋଜିତ ରଖିବା ଫଳରେ କପରି ଦୁର୍ବଳ, ଜରାଜୀର୍ଣ୍ଣ ହୋଇପଡ଼ିଥିଲେ ତାହା ଉଲ୍ଲେଖକରି ଲେଖିଥିଲେ —

"ଷାଠିଏ ବରଷ   କାଳରେ ମୋହର
    ଉଠିବାକୁ ନାହିଁ ବଳ
ପିଠି ଅଣ୍ଟା ବେକ   ଲାଗିଗଲଣି ମୋ
    ପୋଥି ଲେଖାରୁ କେବଳ ।"

ଏତଦ୍ ସତ୍ତ୍ୱେ ରାଜାଙ୍କଠାରୁ ପୃଷ୍ଠପୋଷକତା ପାଇବା ପରିବର୍ତ୍ତେ ସେ ହୋଇଛନ୍ତି ଉପେକ୍ଷିତ, ଲାଞ୍ଛିତ ଓ ମର୍ମାହତ । ଏହାର ମର୍ମସ୍ପର୍ଶୀ ବର୍ଣ୍ଣନା ଏହିପରି—

ବିସ୍ମର ଉପାସେ   ଆହାନ୍ତେ ନିରାଶେ
    ନବର ଠାକୁ ଆସଇ
ଜଣାଇବି କିଛି   ହଜୁରେ ମଣୋହି
    ସମସ୍ତ ଜଗି ବସଇ ।

ଦୂରୁ ଦରଶନ   କରି କୁରୁ ନିସ୍-
    କରି ଶ୍ରୀମୁଖକୁ ଚାହିଁ
ଶ୍ରୀ ପାଲଙ୍କି କରେ   ଜଣାଇବି ମନେ
    ବିସ୍ମର ଆସନ୍ତେ ଧାଇଁ ।

Digitized by srujanika@gmail.com

ତେଡ଼େ ପ୍ରସନ୍ନ ବଦନ ଯେ ଶରଦ
ପୂର୍ଣ୍ଣଚନ୍ଦ୍ର ନିନ୍ଦୁଥାଏ
ମୋ ଭେଟ କଟାକ୍ଷ ପଡ଼ିଲା ମାତ୍ରେ ସେ
ଅରୁଣ ଛବିକି ପାଏ ।

ଉଠାଣି ମାଛ ମୁହେଁ ବାଡ଼ି ପଡ଼ିଏ
ଭୁଞ୍ଜି ରହଇ ଭସ୍ମରେ
କି ଦୁଃଖ କିତ କରିବି ମନ ଦୁଃଖେ
କିନ ନଥାଏ ଦେହରେ ।"
(ରାଜନଙ୍କ ଛନ୍ଦୋକ୍ତି-୨୭-୩୦ପ)

ଗୋଟିଏ ଭକ୍ତ କବିତାରୁ କବି ବାର୍ଦ୍ଧକ୍ୟରେ ବ୍ୟାଧିଗ୍ରସ୍ତ ଓ ଚଳତ୍‌ଶକ୍ତିହୀନହୋଇ ଅନ୍ୟର ସହାୟତାରେ ଚଳୁଥିବା ବିଷୟ ଜଣାଯାଏ ।

"ଘରେ ବସିଥାଇ ମୁଖେ ଦେଲେ ଖାଇ
ଚତୁର୍ମାସ୍ୟା ବକ ପରି
ଅଜଗର ଜନ୍ତୁ ଅଜାଣେ ଧାତା ବା
ଗଢ଼ିଲି ମନୁଷ୍ୟକରି ।"

ରୀତି ଯୁଗର ଅନ୍ତିମ ପର୍ଯ୍ୟାୟର କବି ଯଦୁମଣି ମହାପାତ୍ର ମଧ୍ୟ ଆପଣାର ଦୁଃଖ ଦୁର୍ଦ୍ଦଶା ଲାଗି ତତ୍‌କାଳୀନ ବହୁ ଅନୁଦାର ରାଜାଙ୍କ କଟାକ୍ଷ କରିବାରେ ପଶ୍ଚାତ୍‌ପଦ ହୋଇନାହାନ୍ତି । ବ୍ରଜନାଥ ଏକ ଅପ୍ରଶସ୍ତ କୁଟୀରରେ ('ଛହାତ ବାସ') ବାସ କରୁଥିବା ଭଳି ଯଦୁମଣିଙ୍କର ମଧ୍ୟ ଚଳିବାଯୋଗ୍ୟ ଭଲ ଘରଟିଏ ନଥିଲା; ବେଳେବେଳେ ତାଙ୍କୁ ଉପବାସରେ ଚଳିବାକୁ ପଡୁଥିଲା ! ତାହାଙ୍କ ରଚିତ ଗୋଟିଏ ପଦରେ ଏହା ଏହିପରି ସୂଚିତ —

'ବାସ ନଥିବାରୁ ଉପବାସରେ
ଦିନ କାଳଯାଏ ଉପବାସରେ ।'

ଲେଖାଲେଖି କରୁଥିବା ସତ୍ତ୍ୱେ ଅଭାବ ଯୋଗୁ କବିଙ୍କୁ ଅନ୍ୟ ନିକଟରେ ହାତ-ପାତିବାକୁ ପଡ଼ୁଥିଲା —ଏଣୁ କବି ଦୁଃଖରେ ରାଜାଙ୍କ ନିକଟରେ ଗାଇଥିଲେ—
"ମହିମା ମୋହର କଲମ ଗାରେ
ସ୍ନେହ ନ ଗୁଡ଼ିଲା କର ମଗାରେ ।"

ଜଣେ ପ୍ରତିଭାବାନ କବି ସେ ଯୁଗରେ ରାଜାଙ୍କୁ ଯାହା ମାଗିଛନ୍ତି ତହିଁରୁ ତାହାଙ୍କ ଅବସ୍ଥା କିପରି ଦୟନୀୟ ଥିଲା ତାହା ସହଜରେ ଅନୁମେୟ । ସେ ମାଗିଛନ୍ତି ଶୀତଦିନେ

Digitized by srujanika@gmail.com

ଘୋଡ଼ାଇ ହେବାଲାଗି ମୃଦଙ୍ଗ, ଶ୍ରାଦ୍ଧ ଖର୍ଚ୍ଚ, ଚାଷପାଇଁ ବଳଦ, ମାଈ ଘୋଡ଼ା, ବନ୍ଧା ପଡ଼ିଥିବା ଜମି ମୁକୁଳେଇବା ଲାଗି କିଛି ଟଙ୍କା ଇତ୍ୟାଦି । କେଉଁ ରାଜଦରବାରରୁ ସେ ଆଦରପାଇବା ପରିବର୍ତ୍ତେ ପାଇଛନ୍ତି ପ୍ରଚଣ୍ଡ ଉପେକ୍ଷା । ନମସ୍କାରକଲେ ବି ଘଣ୍ଟିଏ ଭୋଜନ ମଧ୍ୟ ତାଙ୍କୁ ରାଜ ଦ୍ୱାରରେ ମିଳିନାହିଁ । କବି ଏଇ ଅବଜ୍ଞା ଓ ଦୁଃଖକୁ ବ୍ୟଙ୍ଗୋକ୍ତି ମାଧ୍ୟମରେ ଏହିପରି ପ୍ରକାଶ କରିଥିଲେ—

"ପାଶରେ ବସିଣ   ବଚନ ଭାଷିଲି
କିଣା ମୁଁ ଆପଣଙ୍କର
ମୁଣ୍ଡ ମାରିଥିଲି   ଭୁଣ୍ଡରେ ନଧର
କିଣ ମୁଆଁ ପଣକର ।"

ବ୍ୟକ୍ତିବିଶେଷଙ୍କ ବିୟୋଗ ଉପଲକ୍ଷେ ଶୋକ ଗୀତ ରଚନା ପାଶ୍ଚାତ୍ୟ ସାହିତ୍ୟରେ 'ଏଲିଜି' ନାମରେ ପରିଚିତ । ଇଂରାଜୀ ସାହିତ୍ୟର ଶୋକ ଗୀତ ରଚନାରୁ ପ୍ରେରଣା ଲାଭକରି ଊନବିଂଶ ଶତକର ଶେଷ ପାଦରେ ଓଡ଼ିଆରେ ଶୋକଗୀତ ରଚନାର ସୂତ୍ରପାତ ହୋଇଥିଲା । ମାତ୍ର ଇଂରାଜୀ ସାହିତ୍ୟର ପ୍ରଭାବ ନିରପେକ୍ଷ ଭାବେ ଓଡ଼ିଆରେ ଅଳ୍ପ କେତୋଟି ଶୋକ ଗୀତ ମଧ୍ୟ ରଚିତ ହୋଇଥିବା ଜଣାଯାଏ । ସେଥିରୁ ଗୋଟିଏ ହେଉଛି, ନାରୀକବି ସୁଲକ୍ଷଣାଙ୍କ (୧୮୬୯-୧୯୦୧) ରଚିତ ଦୀନବନ୍ଧୁ କୋଇଲି । ଏହା ଢେଙ୍କାନାଳର ତତ୍କାଳୀନ ରାଜା ଦୀନବନ୍ଧୁ ମହୀନ୍ଦ୍ରଙ୍କ ବିୟୋଗ ଉପଲକ୍ଷେ ରଚିତ । ସେହିପରି ରାଜା ଦିବ୍ୟସିଂହ ଦେବଙ୍କ ଦ୍ୱୀପାନ୍ତର ଦଣ୍ଡାଦେଶକୁ ଭିତ୍ତିକରି କେଉଁ ଅଜ୍ଞାତ ରଚନା କରିଥିଲେ ମହାରାଜାଙ୍କ ଚଉତିଶା । ଗୁରୁ ମହିମା ଗୋସାଇଁଙ୍କ ବିୟୋଗ ଉପଲକ୍ଷେ ଭକ୍ତକବି ଭୀମଭୋଇଙ୍କ ରଚିତ ଗୋଟିଏ ଗୀତକୁ ଏକ ଶୋକ ଗୀତ ପର୍ଯ୍ୟାୟଭୁକ୍ତ କରାଯାଇପାରେ । କବି ଆପଣାର ଶୋକାନୁଭୂତି ପ୍ରକାଶକରି ଲେଖିଛନ୍ତି—

"ଭ୍ରମର ଛନ୍ଦ ତରସ କାହାକୁ ଲାଗିବ
ଖଞ୍ଜଣି, ଗିନି, ମର୍ଦ୍ଦଳ କା ଆଗେ ବାଜିବ ।

× ×

କାହାକୁ ଘେନ ବଚନ କହିବୁ ସିଦ୍ଧାନ୍ତ
କାହା ଆଜ୍ଞା ଘେନ ଶିରେକରି କବି କୃତ୍ୟ ଯେ
କାହା ଦରଶନେ ଯିବ
କାହାକୁ ବନ୍ଦନାକରି ଭଜନ ବାନ୍ଧିବ ।"

(ଶ୍ରୁତି ନିଷେଧ ଗୀତା—ଭୀମଭୋଇ)

Digitized by srujanika@gmail.com

କେଉଁ ଅଜ୍ଞାତ କବିଙ୍କ 'ଜୀବନ ଧନ ଗୀତ' ମଧ୍ୟ ଏକ କାରୁଣ୍ୟଗର୍ବିତ ଗୀତ ରଚନା । ତରୁଣ ପୁତ୍ରର ଅକାଳ ମୃତ୍ୟୁରେ ମାତୃସମା ଏକ ନାରୀ ହୃଦୟର ମର୍ମବ୍ୟଥା ଏଥିରେ ରୂପାୟିତ ।

"ପଡ଼ିଥାନ୍ତୁ ଦନାକେତେ, ଡାକନ୍ତେ ବଇଦ ଦେଖାନ୍ତେ ତୋତେରେ
ମନ ବୁଝି ଥାନ୍ତା କେତେ ମୋ ଧନରେ
ନୟନ ପିତୁଳି ତୁହି, ତୋହପର ଧନ ନ ଦଶେ କେହିରେ
ଗଲୁ ଅନ୍ଧକରି ଦେଇ, ମୋ ଧନରେ ।" (୨୨ପଦ)

ପରିଶେଷରେ ଏତିକି କୁହାଯାଇପାରେ ଯେ ଅତୀତରେ ବ୍ୟକ୍ତି ତଥା ସମାଜ ଜୀବନରେ କରୁଣରସାତ୍ମକ ବହୁ ଉପାଦାନ ଥିଲେ ହେଁ ଓଡ଼ିଶାର ପ୍ରାଚୀନ ତଥା ମଧ୍ୟ ଯୁଗର କବିମାନଙ୍କ ରଚନାରୁ ତାହାର ପୂର୍ଣ୍ଣ ପରିଚୟ ମିଳେନାହିଁ । ଏହି ରସର ରୂପାୟନ ବିଷୟରେ ସେମାନେ ଉଦାସୀନଥିବା ପ୍ରତୀୟମାନ ହୁଏ । କରୁଣରସାତ୍ମକ କେତେକ ଗୀତିକା ଉପଲବ୍ଧ ହେଉଥିଲେ ହେଁ ଏହା ପର୍ଯ୍ୟାପ୍ତ ମନେହୁଏ'ନାହିଁ ।

***

Digitized by srujanika@gmail.com

● ଶାନ୍ତନୁ କୁମାର ସର

ପାଶ୍ଚାତ୍ୟ କାବ୍ୟତତ୍ତ୍ୱରେ ଟ୍ରାଜେଡ଼ି

ପାଶ୍ଚାତ୍ୟ ବିୟୋଗାତ୍ମକ ନାଟକରେ ବା ଟ୍ରାଜେଡ଼ିର ଯେକୌଣସି ତାତ୍ତ୍ୱିକ ଆଲୋଚନା, ଆରିଷ୍ଟୋଟଲ୍‌ଙ୍କ ପାଠ୍ୟରୁ ହିଁ ଆରମ୍ଭ କରିବାକୁ ହେବ । କାରଣ ଅନେକ ଗ୍ରୀକ ନାଟକର ତର୍ଜମା ଓ ବିଶ୍ଳେଷଣ ପରେ "ପୋଏଟିକ୍‌ସ" ଗ୍ରନ୍ଥରେ ସେ କେତେକ ନିର୍ଦ୍ଦିଷ୍ଟ ସୂତ୍ର, ନୀତି ଓ ସିଦ୍ଧାନ୍ତର ଅବତାରଣା କରିଛନ୍ତି । ଉକ୍ତ ମହାଗ୍ରନ୍ଥରେ ସମାଧାନ ଅପେକ୍ଷା, ତାଙ୍କର ଅନୁସନ୍ଧିତ୍ସୁ ମନ ଅନେକ ପ୍ରଶ୍ନ ପଚାରିଛି ଏବଂ ଅନେକ ବର୍ଷପରେ ବି ସେହି ପ୍ରଶ୍ନସବୁ ଅସମାହିତ ବା କୁହେଳିକାର ଆବରଣ ଭିତରେ ଅସ୍ପଷ୍ଟ ହୋଇ ରହିଛନ୍ତି । ଦାର୍ଶନିକ ଆରିଷ୍ଟୋଟଲ୍‌ଙ୍କର ଜିଜ୍ଞାସାସବୁ ଆମକୁ ଉଦ୍‌ବେଳିତ କରୁଛନ୍ତି, ଆମ ଚେତନାର ପଥପ୍ରାନ୍ତରେ ପାଷାଣୀ ଅହଲ୍ୟା ପରି ମୋକ୍ଷ ଅପେକ୍ଷାରେ ଏବେ ବି ପଡ଼ିରହିଛନ୍ତି ।

ସଂସାରରେ ଘଟିଯାଉଥିବା ଦୁର୍ଘଟଣା, ପ୍ରାକୃତିକ ଦୁର୍ବିପାକ ଯେତେ କରୁଣ ଓ ହୃଦୟବିଦାରକ ହେଲେ ବି ବିୟୋଗାତ୍ମକ ନାଟକର ପରିସରଭୁକ୍ତ ହୋଇପାରନ୍ତି ନାହିଁ । ଆରିଷ୍ଟୋଟଲଙ୍କ ମତରେ ବିୟୋଗାତ୍ମକ ନାଟକ ଜୀବନ ନୁହେଁ, ଜୀବନର ଅନୁକରଣ ଓ ଓ ଜୀବନଚର୍ଯ୍ୟାର କଳାତ୍ମକ ପରିପ୍ରକାଶ । ପ୍ଲାଟୋଙ୍କର ଅନୁକରଣ ତତ୍ତ୍ୱ (Theory of mimesis) ଅନୁଯାୟୀ କବି ଯେଉଁ ପାର୍ଥିବ ଜଗତକୁ ଅନୁକରଣ କରେ ତାହା ବାସ୍ତବରେ ଏକ ଅନାପେକ୍ଷିକ ବାସ୍ତବତା ବା ପରମାର୍ଥିକ ସତ୍ୟର ପ୍ରତିଫଳନ ମାତ୍ର । ସେହି ଦୃଷ୍ଟିରୁ କବି ମିଥ୍ୟାଶ୍ରୟୀ, ବିଭ୍ରାନ୍ତିକାରୀ ଓ ଜନସାଧାରଣଙ୍କୁ ଭାବପ୍ରବଣ କରୁଥିବା ଆଦି ବହୁ ତ୍ରୁଟିର ଦୋଷରେ ଅଭିଯୁକ୍ତ । ଏହି ଅହିତକାରୀ କବିମାନଙ୍କୁ ସେ ନିଜର ଆଦର୍ଶ ରାଷ୍ଟ୍ରରୁ ଅତି ନିର୍ଦ୍ଦୟଭାବରେ ନିର୍ବାସିତ କରିଛନ୍ତି । ପରବର୍ତ୍ତୀ ସମୟରେ ଆରିଷ୍ଟୋଟଲ ଏହି ଯୁକ୍ତିକୁ ଗ୍ରହଣ କରିନାହାନ୍ତି । ବରଂ ତାଙ୍କ ବିଚାରରେ କବିର କଳ୍ପନା ବାସ୍ତବତାକୁ ଅଧିକ ଶ୍ରୀମନ୍ତ କରିଥାଏ । ବିପର୍ଯ୍ୟୟ-ସାହିତ୍ୟ (Literature of disaster)ରେ ବର୍ଣ୍ଣିତ ହୋଇଥିବା ବନ୍ୟା, ବାତ୍ୟା, ସଡ଼କ ଦୁର୍ଘଟଣା ଆଦି ମର୍ମନ୍ତୁଦ ଘଟଣାସବୁ ବ୍ୟକ୍ତିସତ୍ତା ଓ ସୀମା ବାହାରେ ଥିବା ବାହ୍ୟଶକ୍ତି ଦ୍ୱାରା ସଂଘଟିତ ହୋଇଥାଏ । ଅନ୍ୟପକ୍ଷରେ ବିୟୋଗାତ୍ମକ ନାଟକପାଇଁ ବ୍ୟକ୍ତିର ଚରିତ୍ର, ବ୍ୟକ୍ତିତ୍ୱ ଓ ଅବଚେତନର ଅନ୍ତଃପ୍ରବାହ ହିଁ ଅନେକାଂଶରେ ଦାୟୀ । ପୁନଶ୍ଚ ବିୟୋଗାତ୍ମକ

Digitized by srujanika@gmail.com

ନାଟକରେ ଯେଉଁ ନୈତିକ ମୂଲ୍ୟବୋଧ ଓ ସୂକ୍ଷ୍ମ ଅନୁଭୂତିଗୁଡ଼ିକର ବିଶ୍ଳେଷଣ କରାଯାଇ-ଥାଏ, ତାହା ଦୁର୍ଘଟଣା ବା ପ୍ରାକୃତିକ ବିପର୍ଯ୍ୟୟରେ ଆଦୌ ନଥାଏ । ମହାକାବ୍ୟ (epic) ବର୍ଣ୍ଣନାତ୍ମକ ହୋଇଥିଲାବେଳେ ବିୟୋଗାନ୍ତକ ନାଟକ ମଞ୍ଚ ଉପଯୋଗୀ ହେବାର ବାଧ୍ୟ ହୋଇଥାଏ । ଆରିଷ୍ଟୋଟଲ୍ "ପୋଏଟିକ୍ସ" ଗ୍ରନ୍ଥର ପଞ୍ଚମ ଅନୁଚ୍ଛେଦରେ ସ୍ପଷ୍ଟଭାବରେ କହିଛନ୍ତି ଯେ, ମହାକାବ୍ୟ ଓ ବିୟୋଗାନ୍ତକ ନାଟକ ଅନୁକରଣ ଓ ବିଷୟବସ୍ତୁ ଦୃଷ୍ଟିରୁ ସମାନ ହେଲେହେଁ, ଉପସ୍ଥାପନ କୌଶଳ ଓ ଶୈଳୀ ଦୃଷ୍ଟିରୁ ଭିନ୍ନ । ଅବଶ୍ୟ ପ୍ରାଚୀନ ଗ୍ରୀସ୍‌ରେ ରଚିତ ଅନେକ ଅଣ-ନାଟକୀୟ କବିତା ଆବୃତ୍ତି କରାଯାଉଥିଲା ଓ ଅନେକ ବିୟୋଗାନ୍ତକ ନାଟକ ଗ୍ରୀକ୍ ରଙ୍ଗମଞ୍ଚରେ ଅଭିନୀତ ହେବା ଉପଯୋଗୀ ନଥିଲେ । ହୋମର୍‌ଙ୍କ "ଦି ଇଲିଆଡ୍"ରେ ହେକ୍ଟରଙ୍କ ମୃତ୍ୟୁ ନିଜପୁତ୍ରର ଶେଷକୃତ୍ୟ ସଂପାଦନପାଇଁ ପ୍ରାଏମ୍‌ଙ୍କ ଅନୁମତି ଭିକ୍ଷା ଆଦି କେତେକ ମର୍ମସ୍ପର୍ଶୀ କରୁଣ ବର୍ଣ୍ଣନା ରହିଛି । କିନ୍ତୁ ବିୟୋଗାନ୍ତକ ନାଟକରେ ଥିବା ଆବେଗ ଓ ଅନୁଭବର ସାନ୍ଦ୍ରତା ଏଥିରେ ନାହିଁ, ପରନ୍ତୁ ଏଇ ହୃଦୟସ୍ପର୍ଶୀ ମୁହୂର୍ତ୍ତଗୁଡ଼ିକର ଅନୁଭୂତି ବିବିଧ ଓ ବିକ୍ଷିପ୍ତ ।

ସାଧାରଣତଃ ସାମାଜିକ ସ୍ଥିତି, ସାଂସ୍କୃତିକ ଅବକ୍ଷୟ ଓ ବ୍ୟକ୍ତି ଚରିତ୍ରର ତ୍ରୁଟି, ବିଚ୍ୟୁତି, ଅସଙ୍ଗତି ଓ ବିଳକ୍ଷଣଗୁଡ଼ିକୁ ନେଇ ହାସ୍ୟରସାତ୍ମକ ନାଟକ ରଚିତ ହୋଇ-ଥାଏ, କିନ୍ତୁ ବିୟୋଗାନ୍ତକ ନାଟକ ଜୀବନର ବୃହତ୍ତର ଆବେଗ, ଆହ୍ୱାନ ଓ ଜିଜ୍ଞାସା ସବୁର ପୁନଃ ସମୀକ୍ଷା ଓ ବିଶ୍ଳେଷଣ କରିଥାଏ । ସେହି ଦୃଷ୍ଟିକୋଣରୁ ଉଭୟ ପ୍ରାଚ୍ୟ ଓ ପାଶ୍ଚାତ୍ୟ ମିଳନ ତତ୍ତ୍ୱରେ ବିୟୋଗାନ୍ତକ ନାଟକକୁ ଅଧିକ ମର୍ଯ୍ୟାଦା ଓ ଗୁରୁତ୍ୱ ଦିଆ-ଯାଇଥାଏ । ସାଫକ୍ଲିସ୍‌ଙ୍କ ଶ୍ରେଷ୍ଠକୃତି ବୋଲି ବିବେଚିତ ହେଉଥିବା 'ଇଡ଼ିପସ୍ ଦି କିଙ୍ଗ୍" ନାଟକରେ ସର୍ବଶେଷ "କୋରସ" କହୁଛି ଯେ "we must call no man happy who is of mortal race, until he hath crossed life's border, free from pain" (ଜୀବନର ସୀମାରେଖା ପାର ନହେବା ପର୍ଯ୍ୟନ୍ତ କୌଣସି ବ୍ୟକ୍ତି ଯନ୍ତ୍ରଣାମୁକ୍ତ ହୋଇପାରିବେ ନାହିଁ ଓ ସେପର୍ଯ୍ୟନ୍ତ ଆମେ କୌଣସି ମରଣଶୀଳ ବ୍ୟକ୍ତିକୁ ସୁଖିବୋଲି କହିପାରିବା ନାହିଁ ।) ଜୀବନର ଏହିଭଳି ତର୍ଜମା ଶୁଣିଲାପରେ ଆତ୍ମତୃପ୍ତ ମଣିଷ ମୁହୂର୍ତ୍ତିକପାଇଁ ପ୍ରକୃତିସ୍ଥ ହୁଏ ଓ ସୃଷ୍ଟିର ଅନ୍ତସ୍ଥିତ ରହସ୍ୟ ଓ ବିଷାଦବୋଧ ନିକଟରେ ନିଜର ଅସହାୟ ଆତ୍ମସ୍ୱୀକୃତିକୁ ଅତି କରୁଣ ଭାବରେ ଗ୍ରହଣ କରିନିଏ । ଲିଅର୍‌ଙ୍କ ଭାଷାରେ—

As flies to wanton Boys, one we to the Gods—
They kill us for their sport.

ଆରିଷ୍ଟୋଟଲ୍, ବିୟୋଗାନ୍ତକ ନାଟକର ନାୟକର ଚରିତ୍ର ଓ ବ୍ୟକ୍ତିତ୍ୱ ବିଷୟରେ ସବିଶେଷ ଆଲୋଚନା କରିଛନ୍ତି । ସାଧାରଣତଃ ସେ ରାଜବଂଶଜ, ସମ୍ଭ୍ରାନ୍ତ,

Digitized by srujanika@gmail.com

ଉଦାର ଓ ଅନେକ ମାନବବାଞ୍ଛା ଗୁଣର ଅଧିକାରୀ । ନାୟକ ଓ ଅନ୍ୟ ଚରିତ୍ରମାନଙ୍କ ମଧ୍ୟରେ ସାମାଜିକ, ସାଂସ୍କୃତିକ ଓ ବୌଦ୍ଧିକ ·ତାରତମ୍ୟକୁ ଅତି ନାଟକୀୟ ଭାବରେ ପରିବେଷଣ କରିବାପାଇଁ, ଗ୍ରୀକ୍ ନାଟକରେ ନାୟକମାନଙ୍କୁ ଅନ୍ୟମାନଙ୍କ ଅପେକ୍ଷା କୃତ୍ରିମ ଉପାୟରେ ଉଚ୍ଚତର କରି ଦେଖାଯାଉଥିଲା । ଏହି ଉଚ୍ଚତାର ଆଧିକ୍ୟ ନାୟକର ଗୁଣାତ୍ମକ ଉତ୍କର୍ଷକୁ ପ୍ରତୀକାତ୍ମକ ଭାବରେ ପ୍ରକାଶିତ କରୁଥିଲା । ଯଦି ନାୟକ ଜଣେ ଚରିତ୍ରହୀନ ଓ ଖଳ ସ୍ୱଭାବର ହୋଇଥାନ୍ତି, ତେବେ ତାଙ୍କର ଯନ୍ତ୍ରଣା ବା ମୃତ୍ୟୁ ପାପର ପ୍ରାୟଶ୍ଚିତ୍ତ ଓ ଶାସ୍ତିବିଧାନ ଅର୍ଥରେ ଗୃହୀତହେବ, ଫଳରେ ଏହା ଦୁଃଖାନ୍ତକ ହୋଇ-ପାରିବନାହିଁ । ଅନ୍ୟପକ୍ଷରେ ନାୟକ ଯଦି ଦୋଷରହିତ ଆଦର୍ଶ ଚରିତ୍ର ହୋଇଥାନ୍ତି, ତେବେ ତାଙ୍କର ଯନ୍ତ୍ରଣା, ସାଧାରଣ ନ୍ୟାୟ-ପ୍ରାପ୍ତିର ଉଳଣ୍ଠା ଓ ଔଚିତ୍ୟବୋଧଦ୍ୱାରା ଗ୍ରହଣୀୟ ହୋଇପାରିବନାହିଁ । "ବୁକ୍ ଅଫ୍ ଜୋବ୍" ଗ୍ରନ୍ଥରେ ଜୋବ୍ ଚରିତ୍ର ନିର୍ଦ୍ଦୋଷ ଓ ନିଷ୍ପାପ ହେଲେ ହେଁ, ଅହେତୁକ ଯନ୍ତ୍ରଣାଭୋଗ ହେତୁ ଏହା ଦୁଃଖାନ୍ତକ ନାଟକର ପରିଗଣିତ ହୁଏନାହିଁ । ଅବଶ୍ୟ ଜୀବନ ନୈରାଶ୍ୟମୟ ଓ ବିଷାଦପୂର୍ଣ୍ଣ ବୋଲି ଖ୍ରୀଷ୍ଟଧର୍ମ ସ୍ୱୀକାର କରେନାହିଁ । ସବୁ ସଦ୍‌ଗୁଣ ଓ ନ୍ୟାୟୋଚିତ ବ୍ୟବହାର ସତ୍ତ୍ୱେ, ନାୟକର ଏକ ମାରାତ୍ମକ ସ୍ୱଭାବିକ ତ୍ରୁଟି (hamartia) ଥାଏ । ମିଳନାତ୍ମକ ନାଟକରେ ଚରିତ୍ର-ମାନଙ୍କର ଦୋଷ ନିଗ୍ରହ, ନିଷ୍ପାପ ଓ ଅଭିସନ୍ଧିରହିତ ହୋଇଥିବା ଯୋଗୁଁ ମିଳନ ଓ ସୁଖପ୍ରାପ୍ତିରେ ସହାୟକ ହୋଇଥାଏ । ଅନ୍ୟପକ୍ଷରେ ବିୟୋଗାନ୍ତକ ନାଟକର ନାୟକ ଚରିତ୍ରରେ ପ୍ରବଳ ସ୍ୱାଭିମାନ ଓ ଅହଂକାର (hubris) ଥାଏ । ସଫୋକ୍ଲିସ୍‌ଙ୍କର ଇଡ଼ିପସ୍ ଚରିତ୍ର ପ୍ରବଳ ପରାକ୍ରମୀ ଓ ଅସଂଭବ ମେଧାର ଅଧିକାରୀ ଥିଲେ । ନାଟକର ସର୍ବଶେଷ କୋରସ ତାଙ୍କ ଚରିତ୍ରର ସବୁ ସୂକ୍ଷ୍ମ ଓ ମହନୀୟଦିଗଗୁଡ଼ିକୁ ଅତି ସୁନ୍ଦର ଭାବରେ ବ୍ୟକ୍ତ କରୁଛି—

"Dwellers in our native thebes, behold, this is Oedipus, who knew the famed riddle and was a man most mighty; on whose fortunes what citizen did not gaze with envy ?

ସ୍ଫିନ୍‌କସ୍‌ର ରହସ୍ୟାବୃତ ପ୍ରଶ୍ନର ସମାଧାନ ପାଇଥିବା ଅମିତ ବଳଶାଳୀ ଇଡ଼ିପସ୍ ଥିଲେ ଏକ ଦେଶଦର୍ଶୀ ଓ ପ୍ରଚଣ୍ଡ କ୍ରୋଧୀ । ନିର୍ଦ୍ଦିଷ୍ଟ ସମସ୍ୟାଟିର ବନ୍ଧନ୍ଧ ଦିଗପ୍ରତି ସେ ସଚେତନ ହୋଇପାରୁ ନଥିଲେ, ତାଙ୍କର ଅବବୋଧ ଓ ଅନୁଧ୍ୟାନ ଥିଲା ତ୍ରୁଟିପୂର୍ଣ୍ଣ । ତାଙ୍କ ବ୍ୟକ୍ତିତ୍ୱର ସୌନ୍ଦର୍ଯ୍ୟ ଭିତରେ, ଲୁଚିରହିଥିବା ସ୍ୱଭାବିକ ଘୁଣପୋକଟି ତାଙ୍କର ବ୍ୟକ୍ତିଗତ ଓ ସାମାଜିକ ବିପର୍ଯ୍ୟୟର କାରଣ ହେଲା । "ଅଥେଲୋ" ଚରିତ୍ରରେ ଈର୍ଷା, "ମାକ୍‌ବେଥ୍" ଚରିତ୍ରରେ ପ୍ରବଳ ମହତ୍ତ୍ୱ ଆକାଂକ୍ଷା, ହ୍ୟାମଲେଟ୍ ଚରିତ୍ରରେ ସମସ୍ୟୋ-

Digitized by srujanika@gmail.com

ସଯୋଗୀ ନିଷ୍ପତ୍ତି ନେଇପାରିବାର ଅକ୍ଷମତା ଆଦି ହେଉଛି ଏହି ସାଂଘାତିକ ତ୍ରୁଟିର ପ୍ରକୃତିର ନମୁନା । ଏହାର ବଶବର୍ତ୍ତୀ ହୋଇ, ନାୟକ ଏକ ଜଘନ୍ୟ ତ୍ରୁଟି କରିଥାନ୍ତି ଓ ଧୀରେ ଧୀରେ ଅପକର୍ମ ଓ ଦୁଷ୍କୃତର ଆବର୍ତ୍ତ ଭିତରକୁ ଆକୃଷ୍ଟ ହୋଇଯାଆନ୍ତି । ପଛକୁ ଫେରିବା ତ ଦୂରର କଥା, ପଛକୁ ଫେରିଚାହିଁବାର ଅବକାଶ ନଥାଏ । ସବୁ ସ୍ଥିତି ଓ ମୂଲ୍ୟବୋଧ ବିପର୍ଯ୍ୟସ୍ତ ହୋଇଥାଏ । ଇଡ଼ିପସ୍ ଜନ୍ମଦାତ୍ରୀ ମା'ଙ୍କୁ ପତ୍ନୀରୂପରେ ଗ୍ରହଣ କରିବା ଦ୍ୱାରା, ଅଥେଲୋ ଡେସ୍‌ଡ଼ିମୋନାଙ୍କୁ ହତ୍ୟା କରିବାଦ୍ୱାରା, ରାଜ୍ୟ ପ୍ରାପ୍ତିର ଅଭିଳାଷ ପୂରଣକରିବାପାଇଁ ମାକ୍‌ବେଥ୍ ଡନ୍‌କାନ୍‌ଙ୍କୁ ହତ୍ୟାକରିବା ଦ୍ୱାରା ଏଭଳି ଗୁରୁତର ଅବସ୍ଥା ସୃଷ୍ଟି ହୋଇଥିଲା । ବିୟୋଗାନ୍ତକ ନାଟକ କାହିଁକି ଆମୋଦିତକରେ ଓ ଏତେ ହୃଦୟବିଦାରକ ଦୃଶ୍ୟସବୁ ଦେଖିବାପାଇଁ ଦର୍ଶକ ଯେ କାହିଁକି ଆକୃଷ୍ଟହୁଏ, ସେ ବିଷୟରେ ମନୀଷୀ ଆରିଷ୍ଟୋଟଲ୍ ସୁନ୍ଦର ତତ୍ତ୍ୱର ଅବତାରଣା କରିଛନ୍ତି । ବିରେଚନ ବା Catharsis ବୋଲି ଏକ ମନସ୍ତାତ୍ତ୍ୱିକ-ଭେଷଜ ଶବ୍ଦ ସେ ଏହି ପରିପ୍ରେକ୍ଷୀରେ ବ୍ୟବହାର କରିଛନ୍ତି । ତାଙ୍କ ମତରେ ପୁରାତନ ଜୀବ ରସାୟନ ବିଜ୍ଞାନ ଅନୁଯାୟୀ ମଣିଷ ଦେହରେ ଥିବା ଆବେଗମାନଙ୍କ ଭିତରୁ "ଦୟା" ଓ "ଭୟ" (pity of fear) ସବୁଠାରୁ କ୍ଷତିକାରକ । ଏହି ଆବେଗଦ୍ୱୟ ଯଦି ଶରୀରର ଆବଶ୍ୟକତାଠାରୁ ଅଧିକମାତ୍ରାରେ ରହନ୍ତି ତେବେ ଶାରୀରିକ ଓ ମନୋସ୍ତାତ୍ତ୍ୱିକ ବିଭ୍ରାଟ ସୃଷ୍ଟିକରିଥାନ୍ତି । ବିୟୋଗାନ୍ତକ ନାଟକଟିଏ ଦେଖିଲେ ଏହି ପରସ୍ପର ବିରୋଧି ଆବେଗଦ୍ୱୟ ଆପେ ଆପେ କ୍ରିୟାଶୀଳ ହୋଇଉଠନ୍ତି । ଭୟ ଆମକୁ ନାୟକଠାରୁ ଦୂରକୁ ନେଇଯାଉଥିଲାବେଳେ, ଦୟା ବା ଅନୁକଂପା ଆମକୁ ମାନସିକସ୍ତରରେ ନାୟକର ନିକଟବର୍ତ୍ତୀ କରିଥାଏ । ଯେହେତୁ ନାୟକ ଜଣେ ମର୍ଯ୍ୟାଦାବନ୍ତ ସୁପୁରୁଷ ତାଙ୍କର ଯନ୍ତ୍ରଣା ଓ ଦୟନୀୟ ସ୍ଥିତି ପାଇଁ ଦର୍ଶକ ହୃଦୟରେ ସ୍ୱତଃ ଅନୁକଂପା ଜାତହୁଏ । ଇଂଲଣ୍ଡର ରାଜା ଲିଅର୍, ସବୁ ଆତ୍ମୀୟ, ବନ୍ଧୁ ପରିତ୍ୟକ୍ତ ହୋଇ ଝଡ଼ରାତିରେ (ନିଜ ମାନସିକ ଦ୍ୱନ୍ଦ୍ୱକୁ ପ୍ରତୀକାତ୍ମକ ଭାବରେ ଉପସ୍ଥାପିତ କରୁଥିବା) ନିଃସଙ୍ଗଯାତ୍ରା କରୁଥିବାବେଳେ ସ୍ୱତଃ ଦର୍ଶକର ହୃଦୟ ଦୟାର୍ଦ୍ର ହୋଇଯାଏ । ଅନୁତପ୍ତ ଇଡ଼ିପସ୍ ଅତି ସାଧାରଣ ମଣିଷଟିଏ ଭଳି ଯେତେବେଳେ କହନ୍ତି—So had I not come to shed my father's blood, nor been calleda mong men the spouse of her from whom I sprang but now am I foreshaken of the Gods, son of a defited mother, successor to his bed who gave me my wretched being : and of there be yet a woe surpassing woes; It hath become the portion of Oedipus. ଏହି ମହାନ୍ ଚରିତ୍ରପ୍ରତି ଅନୁକଂପା ଜାତ ହେବା ସ୍ୱାଭାବିକ । ଜଣେ ବୀର, ଚରିତ୍ରବାନ ବା ପ୍ରତିଷ୍ଠିତ ବ୍ୟକ୍ତି ଯନ୍ତ୍ରଣା ଭୋଗକଲାବେଳେ ସ୍ୱତଃ ଦୟା ଜାତହୁଏ । ଠିକ୍ ସେହି ସମୟରେ

Digitized by srujanika@gmail.com

ସ୍ପର୍ଶକାତର ସମ୍ବେଦନଶୀଳ ଦର୍ଶକ ନାୟକ ଦେହରେ ନିଜକୁ ଆବିଷ୍କାର କରେ ଓ କ୍ରମଶଃ ନାୟକର ଦୈନ୍ୟ ଓ ଯନ୍ତ୍ରଣା ଭିତରେ ନିଜକୁ ହଜାଇଦିଏ । ଯଦି ବିଶ୍ୱବନ୍ଦ୍ୟ ସୁପୁରୁଷମାନଙ୍କ କ୍ଷେତ୍ରରେ ଏଭଳି ବିପର୍ଯ୍ୟୟ ସମ୍ଭବହେଲା, ନିଜ ଜୀବନରେ ତାହା କାହିଁକି ବା ନ ଘଟିବ ଚିନ୍ତାକରି ଅଧିକ ସଂତ୍ରସ୍ତ ହୁଏ । ଦର୍ଶକ ନାୟକର ନିକଟବର୍ତ୍ତୀ ହେଉ ହେଉ କ୍ରମଶଃ ନିଜର ବ୍ୟକ୍ତିସତ୍ତା ହରାଇବସେ ଓ ନାୟକ ସହିତ ଏକାତ୍ମିତ ହୋଇ-ଯାଏ—ଏହି ଜଟିଳ ମନସ୍ତାତ୍ତ୍ୱିକ ପ୍ରକ୍ରିୟାରୁ "ଭୟ" ଜାତ ହୁଏ । ଏହି ପରିପ୍ରେକ୍ଷୀରେ "ଦୟା" ଓ "ଭୟ" ଗତିଶୀଳ ହୁଅନ୍ତି ଓ ଆବଶ୍ୟକତାଠାରୁ ଅଧିକ ଥିବା ଏହି କ୍ଷତିକାରକ ଆବେଗଦ୍ୱୟ ନିଷ୍କାସିତ ହୋଇଯାଆନ୍ତି । ଫଳତଃ ଦର୍ଶକ ଆନନ୍ଦିତ ହୁଏ ଓ ନାଟକର ଦୃଶ୍ୟ ଯେତେ କରୁଣ ଓ ଭୟପ୍ରଦ ହେଲେ ବି ଅଧିକ ଉପଭୋଗ କରେ ।

ସାଧାରଣତଃ ପାପ-ପୁଣ୍ୟ, ଆଲୋକ-ଅନ୍ଧକାର ଓ ଦେବତା-ମାନବ ଭିତରେ ଚାଲିଥିବା ଚିରନ୍ତନ ସଂଘର୍ଷ ହେଉଛି ବିୟୋଗାନ୍ତକ ନାଟକର ବିଷୟବସ୍ତୁ । କିନ୍ତୁ ଦାର୍ଶନିକ ହେଗେଲଙ୍କ ମତରେ ଦୁଇଟି ଚରିତ୍ର ସ୍ୱୀକାର କରିନେଇଥିବା ସିଦ୍ଧାନ୍ତ ଓ ଆପେକ୍ଷିକ ମୂଲ୍ୟବୋଧଗୁଡ଼ିକୁ ସର୍ବଶେଷ ସତ୍ୟ ବୋଲି ଗ୍ରହଣକରି ନେବାରେ ଯେଉଁ ଦ୍ୱନ୍ଦ୍ୱ ସୃଷ୍ଟି ହୁଏ, ସେଥିରୁ ସୃଷ୍ଟି ହୁଏ କାରୁଣ୍ୟ । ତାଙ୍କ ମତରେ ସଫୋକ୍ଲିସଙ୍କର "ଆଣ୍ଟିଗନି" ସର୍ବଶ୍ରେଷ୍ଠ ବିୟୋଗାନ୍ତକ ନାଟକ କାରଣ ଦୁଇ ଔଚିତ୍ୟବୋଧ ଭିତରେ ସୃଷ୍ଟିହୋଇଥିବା ସଂଘର୍ଷରୁ ହୃଦୟସ୍ପର୍ଶୀ କରୁଣରସ ସୃଷ୍ଟି ହୋଇପାରିଛି । ଏହି ନାଟକରେ, ରାଜା ଇଡ଼ିପସ୍‌ଙ୍କର ଦୁଇପୁତ୍ର ଯୁଦ୍ଧ କ୍ଷେତ୍ରରେ ପରସ୍ପରକୁ ହତ୍ୟାକରିବା ପରେ, ପିତୃ ଅଭିଶାପ ସାକାର ହୋଇଛି ଓ କ୍ରିଅନ୍ ସିଂହାସନରେ ଅଭିଷିକ୍ତ ହୋଇଛନ୍ତି । ଜଣେ ମୃତ ପୁତ୍ରର ଶେଷକୃତ୍ୟ ସମ୍ପନ୍ନ ହୋଇପାରିବ ନାହିଁ ଓ ତା'ର ମୃତ ଦେହକୁ କବର ଦିଆଯାଇ ପାରିବନାହିଁ ବୋଲି ରାଜା କ୍ରିଅନ୍ ନିର୍ଦ୍ଦେଶ ଦେଇଛନ୍ତି, କିନ୍ତୁ ଏକମାତ୍ର ଭଉଣୀ ଆଣ୍ଟିଗନି (Antigone) ଏହାର ପ୍ରବଳ ବିରୋଧ କରିଛନ୍ତି । ଏକପକ୍ଷରେ ରାଷ୍ଟ୍ରୀୟ ମର୍ଯ୍ୟାଦାରକ୍ଷା ଓ ଶାସନଗତ ନିୟମପାଳନ ପାଇଁ ରାଜାଙ୍କର ଐକାନ୍ତିକ ଅନୁରକ୍ତି ଓ ଅନ୍ୟପକ୍ଷରେ ଆଣ୍ଟିଗନିଙ୍କର ବିବେକର ଆହ୍ୱାନ ଓ ଚେତନାର ଉତ୍ପୀଡ଼ନ । ଉଭୟେ ନିଜର ଆଦର୍ଶଗୁଡ଼ିକୁ ଏକମାତ୍ର ଅନାପେକ୍ଷିକ ବାସ୍ତବତା ବୋଲି ଗ୍ରହଣ କରିନେବା ଦ୍ୱାରା ଉଭୟଙ୍କର ଦ୍ୱନ୍ଦ୍ୱ ସୃଷ୍ଟିହୋଇଛି ଓ ଏହି ସଂଘର୍ଷ ହିଁ କାରୁଣ୍ୟର ହେତୁ ।

ବିୟୋଗାନ୍ତକ ନାଟକର ନାୟକ, ସ୍ୱୀକୃତ ମୂଲ୍ୟବୋଧ, ଶୃଙ୍ଖଳା ଓ ମର୍ଯ୍ୟାଦାର ଉଲ୍ଲଂଘନ କରିଥାଏ । ମାକ୍‌ବେଥ୍ ନିଜ ପଦ ଓ ଉପାଧିରେ ସନ୍ତୁଷ୍ଟ ନ ହୋଇ ରାଜ୍ୟ ପ୍ରାପ୍ତିର ମହତ୍ତ୍ୱ ଆକାଂକ୍ଷା ଦ୍ୱାରା ଅଭିପ୍ରେତହୋଇ ରାଜାଙ୍କୁ ହତ୍ୟାକରିବା ଦ୍ୱାରା ସର୍ବଜନ ସମର୍ଥିତ ଶୃଙ୍ଖଳା ବିପର୍ଯ୍ୟସ୍ତ ହେଲା । ସେହିପରି ରାଜା ଲିଅର ପ୍ରେମ ଭଳି ଏକ ଅତିଭୌତିକ ଅଭିଜ୍ଞତାକୁ ରାଜ୍ୟସଂପତ୍ତି ପରି ଭୌତିକ ଆହରଣ ସହିତ ଏକ ଅହେତୁକ

Digitized by srujanika@gmail.com

ବୀଜଗାଣିତ୍ୟକ ସମୀକରଣ କରିବାଦ୍ୱାରା ଗୁରୁତ୍ୱର ସାମାଜିକ ଓ ନୈତିକ ସଙ୍କଟର
ସୂତ୍ରପାତ ହୋଇଥିଲା । ପ୍ରାଚୀନ ଗ୍ରୀସ୍‌ର ସ୍କେପଗୋଟ ଉପଚ୍ୟର ଅନୁଯାୟୀ, ଯେହେତୁ
ନାୟକ ଏଭଳି ଏକ ନୈତିକ ଅରାଜକତା ଓ ସାମାଜିକ ଅବକ୍ଷୟ ପାଇଁ ଦାୟୀ, ସେ
ନ ମରିବା ପର୍ଯ୍ୟନ୍ତ ଶୃଙ୍ଖଳା ଓ ସମନ୍ୱୟ ଫେରିଆସେ ନାହିଁ । ଏହି ପରିପ୍ରେକ୍ଷୀରେ
ଆରିଷ୍ଟୋଟଲ୍ ପୋଏଟିକ୍ସ୍ ମହାଗ୍ରନ୍ଥର ଏକାଦଶ ଅଧ୍ୟାୟରେ ପେରିପେଟି ଓ ଆନାଗ୍ନୋ-
ରେସିସ୍ ନାମକ ଦୁଇଟି ଗୁରୁତ୍ୱପୂର୍ଣ୍ଣ ଶବ୍ଦ ବ୍ୟବହାର କରିଛନ୍ତି । ନାୟକର ଚାରିତ୍ରିକ
ତ୍ରୁଟି ହେତୁ ସେ ଯେଉଁ ମାରାତ୍ମକ ଭୁଲ କରିବସେ, ତା'ର ଭାଗ୍ୟ ଓ ଅବସ୍ଥାରେ ଏକ
ନାଟକୀୟ ପରିବର୍ତ୍ତନ ଦେଖାଦିଏ ଓ ବିପର୍ଯ୍ୟୟ ଆଡ଼କୁ ସେ ଅଧିକରୁ ଅଧିକ ଆକୃଷ୍ଟ
ହୁଏ-ଏହା ହେଉଛି ପେରିପେଟି । ସେ ଯନ୍ତ୍ରଣା ଜର୍ଜରିତ ହୁଏ ଓ ଏହି ଉତ୍କଟ ମାନସିକ ଓ
ଦୈହିକ ଉତ୍ପୀଡ଼ନ ହେତୁ ତା'ର ସବୁ ଚାରିତ୍ରିକ ତ୍ରୁଟି, ବିକାର ଓ ବିଚାର ବିଭ୍ରାଟ
ଦୂରୀଭୂତ ହୁଏ । ଏହି ଯନ୍ତ୍ରଣା ଯେତିକି ତୀବ୍ର ହୁଏ, ତା'ର ଚେତନା ସେତିକି ଶୁଦ୍ଧ ଓ
ଅବବୋଧ ସେତିକି ଶାଣିତ ହୁଏ । ବାସ୍ତବତାର ନୂତନ ଦିଗନ୍ତ ସେ ଆବିଷ୍କାର କରେ ଓ
ଏହି ପ୍ରକ୍ରିୟାକୁ "ଆନାଗ୍ନୋରିସିସ୍" ବୋଲି ନାମିତ କରାଯାଇଛି । ସେଥିପାଇଁ, ଯନ୍ତ୍ରଣା-
ବୋଧ ଓ ଏହି ସତ୍ୟ-ଉଦ୍‌ଘାଟନ ପ୍ରକ୍ରିୟା ପରସ୍ପରର ପରିପୂରକ । ଇଡ଼ିପସ୍ ଆବିଷ୍କାର
କଲେ ଯେ ସେ ପିତୃହନ୍ତା ଓ ପତ୍ନୀରୂପରେ ଗ୍ରହଣ କରିଥିବା ନାରୀ ହେଉଛନ୍ତି ତା'ର
ଜନନୀ, ସ୍ନେହକାଙ୍ଗାଳ କିଙ୍ଗ୍ ଲିଅର୍ ଉପେକ୍ଷିତ କର୍ଡ଼େଲିଆ ଆଡ଼କୁ ସ୍ୱତଃ ଚାଲିଆସେ ଓ
ମାକ୍‌ବେଥ୍ ଅନୁଭବକଲେ ଯେ ସେ ଅସୁରର ପୋଷାକ ପିନ୍ଧିଥିବା ଖର୍ବକାୟ ପୁରୁଷଟିଏ
ଏବଂ ରାଜକୀୟ ମର୍ଯ୍ୟାଦା ବିହୀନ ଶୂନ୍ୟଗର୍ଭା ଅହମିକାର ସିଂହାସନରେ ଉପବେଶନ
କରିଛି । କ୍ରମଶଃ ମୃତ୍ୟୁ ତା'ର ନିକଟବର୍ତ୍ତୀ ହୁଏ ଓ ଏକ ନୂତନ ଆଲୋକର ଅଫୁରନ୍ତ
ଦୀପ୍ତିରେ ତା'ର ସମଗ୍ର ସତ୍ତା ଉଦ୍‌ଭାସିତ ହୁଏ । ଏହି ଆଲୋକିତ ମୁହୂର୍ତ୍ତରେ ସେ ସତ୍ୟ
ଦର୍ଶନକରେ ଓ ସୃଷ୍ଟିର ରହସ୍ୟ ଆପେ ଆପେ ଉଦ୍‌ଘାଟିତ ହୋଇଯାଏ । ଜୀବନର
ବିବିଧ ଅନୁଭୂତି ପୂଷ୍ଟତାର ଶୁଦ୍ଧ ଚେତନାରୁ ଆପେ ଆପେ ସ୍ୱତଃସିଦ୍ଧ ବାକ୍ୟର ସ୍ଫୁରଣ
ହୁଏ :—

Life is a tale told by an idiot
Full of sound & fury, signifying nothing.

ଆମେରିକାର ପ୍ରସିଦ୍ଧ ଆଧୁନିକ ନାଟ୍ୟକାର ଓନିଲ୍‌ଙ୍କର "The flaing Ape"
ଛିନ୍ନମୂଳ ମଣିଷର ଇତିବୃତ୍ତ ହେଲେ ହେଁ, ପ୍ରାଚୀନ ଗ୍ରୀକ୍ ନାଟ୍ୟପରମ୍ପରା ଦ୍ୱାରା ଗଭୀର
ଭାବରେ ପ୍ରଭାବିତ ହୋଇଛି । ଅବଶ୍ୟ ଏଠି ୟାଙ୍କ୍ ଚରିତ୍ରରେ "ପରିବର୍ତ୍ତନ" ଓ
"ଆବିଷ୍କାର" ପ୍ରାୟ ଏକ ସମୟରେ ସଂଘଟିତ ହେଉଛି । ନିଜେ ଲୁହା, ଜାହାଜ ଓ
ଆଧୁନିକ ସଭ୍ୟତା ବୋଲି ଗର୍ବରେ ଫାଟିପଡୁଥିବା ୟାଙ୍କ୍ ଏ ସବୁର ଅସତ୍ୟତା
ଉପଲବ୍ଧି କରୁଛି ଓ ତା'ର ଚେତନାର ପ୍ରତ୍ୟେକ ମୋଡରେ ଘଟିଯାଉଥିବା

Digitized by srujanika@gmail.com

ଆକସ୍ମିକତା, ଜୀବନର ବାସ୍ତବତାର ସ୍ୱରୂପ ଉଦ୍‌ଘାଟନ କରିବାରେ ସାହାଯ୍ୟ କରୁଛି । ନାଟକ ଆରମ୍ଭରେ ନାୟକପ୍ରତି ଥିବା ଗଭୀର ଅନୁରାଗ ଓ ସମ୍ମାନ, କିଛି ବ୍ୟବଧାନ ପରେ ପୁଣି ନାଟକର ଅନ୍ତିମ ପର୍ଯ୍ୟାୟରେ ଅଧିକ ନିବିଡ଼ହୋଇ ଫେରିଆସେ ।

ଗ୍ରୀକ୍ ନାଟକ ପରଂପରାରେ ଉଭୟ ଆଂଶିକ ବିନ୍ୟାସ ଓ ଆତ୍ମିକ ପରିକଳ୍ପନାରେ ବୈପ୍ଳବିକ ପରିବର୍ତ୍ତନ ଆଣିଥିଲେ ଷୋଡ଼ଶ ଶତାବ୍ଦୀର ନାଟ୍ୟକାର ସେକ୍‌ସ୍‌ପିଅର୍ । ଗ୍ରୀକ୍ ବିୟୋଗାନ୍ତକ ନାଟକରେ "ଭାଗ୍ୟ"କୁ ଏକ ଚରିତ୍ର ବୋଲି ଗ୍ରହଣ କରାଯାଉଥିଲା, କାରଣ ନାଟକର ପ୍ରତ୍ୟେକ ମୁହୂର୍ତ୍ତରେ ସମ୍ପର୍ଣରେ "ଭାଗ୍ୟ" ସକ୍ରିୟ ଅଂଶଗ୍ରହଣ କରୁଥିଲା । କିନ୍ତୁ ସେକ୍‌ସ୍‌ପିଅର ଏହାର ପ୍ରାଧାନ୍ୟ ଅନେକାଂଶରେ ସଂକୁଚିତ କଲେ ଓ ବ୍ୟକ୍ତି ନିଜ ଭାଗ୍ୟର ନିର୍ମାତା ବୋଲି ଉପସ୍ଥାପିତ କଲେ । ଚରିତ୍ର ଅଦୃଷ୍ଟ ନିୟତି ଦ୍ୱାରା ନିୟନ୍ତ୍ରିତ ହେବା ଅପେକ୍ଷା ନିଜ କାର୍ଯ୍ୟ ଓ ସିଦ୍ଧାନ୍ତ ଦ୍ୱାରା ଅଧିକ ମାତ୍ରାରେ ପ୍ରଭାବିତହୁଏ ବୋଲି ବିୟୋଗାନ୍ତକ ନାଟକଗୁଡ଼ିକରେ ସେକ୍‌ସ୍‌ପିଅର ଉପସ୍ଥାପନାକଲେ । ପ୍ରାଚୀନ ଓଡ଼ିଆ ଯାତ୍ରା-ସାହିତ୍ୟରେ ଥିବା ନିୟତପରି ଗ୍ରୀକ୍ ନାଟକରେ "କୋରସ୍" ଏକ ଆଂଶିକ ଅପରିହାର୍ଯ୍ୟତା ଥିଲା ଓ ମୁଖ୍ୟତଃ ଏହା ଦୁଇଟି ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ସଂପାଦନ କରୁଥିଲା । ପ୍ରଥମତଃ ମହତ୍ତ୍ୱାଧିକ ବ୍ୟକ୍ତିଙ୍କର ମୃତ୍ୟୁ, ହତ୍ୟା, ଯୁଦ୍ଧ ଆଦି ଘଟଣାକୁ ମଞ୍ଚରେ ଉପସ୍ଥାପନକରିବା ସମ୍ଭବ ହୋଇ ନ ଥିବାରୁ "କୋରସ୍" ଦର୍ଶକମାନଙ୍କୁ ଏହାର ବିବରଣୀ ପ୍ରଦାନ କରୁଥିଲା । ଦ୍ୱିତୀୟତଃ ମୁଖ୍ୟଘଟଣା ଓ ଗୌଣ-ଘଟଣା ପ୍ରବାହ ମଧ୍ୟରେ ଏହାଥିଲା ଯୋଗସୂତ୍ରକାରୀ । ତୃତୀୟତଃ ଘଟଣାଗୁଡ଼ିକ ଉପରେ କ୍ରମାଗତ ଧାରା-ବିବରଣୀ ପ୍ରଦାନକରି ଦର୍ଶକମାନଙ୍କୁ ନାଟକ ସମ୍ପର୍କରେ ସଜାଗ ଓ ଉତ୍କଣ୍ଠିତକରି ରଖୁଥିଲା । ସେକ୍‌ସ୍‌ପିଅର ନିଜର ନାଟକଗୁଡ଼ିକରେ "କୋରସ୍"କୁ ପ୍ରତ୍ୟାଖ୍ୟାନକଲେ ଓ ଏହା ବଦଳରେ 'ବିଦୂଷକ' (Fool) ଚରିତ୍ର ସୃଷ୍ଟିକଲେ । ଆପାତତଃ ନିର୍ବୋଧ ବୋଲି ଜଣାପଡ଼ୁଥିବା ଏହି ଚରିତ୍ର, ନାଟକର ସବୁଠାରୁ ବିଚାରବନ୍ତ ଓ ସୂକ୍ଷ୍ମଦୃଷ୍ଟି-ସଂପନ୍ନ ବ୍ୟକ୍ତିତ୍ୱ । ସେଥିପାଇଁ ସବୁ ଚରିତ୍ରଙ୍କର ବ୍ୟବହାର, ସିଦ୍ଧାନ୍ତ ଓ ଦୃଷ୍ଟିଭଂଗୀ ଉପରେ ସେ ସତର୍କଦୃଷ୍ଟି ରଖିଥାଏ ଓ ମନ୍ତବ୍ୟ ପ୍ରଦାନ କରିବାପାଇଁ ଅନୁମତି ପାଇଥାଏ । ଗ୍ରୀକ୍ ନାଟକରେ 'କୋରସ୍' ଯେଉଁସବୁ ନାଟକୀୟ ଆବଶ୍ୟକତା ପୂରଣ କରୁଥିଲା, ତାହା ବିଦୂଷକ ଚରିତ୍ର ଦ୍ୱାରା ସଂପାଦିତ ହେଲା । ଗ୍ରୀକ୍ ନାଟ୍ୟସାହିତ୍ୟରେ ବିଶୁଦ୍ଧ ହାସ୍ୟରସ କିମ୍ବା କରୁଣରସ ପରିବେଷିତ ହେଉଥିଲା, କିନ୍ତୁ ସେକ୍‌ସ୍‌ପିଅର ଏ ଦୁଇ ରସର ଚମତ୍କାର ମିଶ୍ରଣ ନିଜ ନାଟକଗୁଡ଼ିକରେ ଉପସ୍ଥାପିତ କଲେ । ଜୀବନକୁ ସାମଗ୍ରିକ ଭାବରେ ଦେଖୁଥିବା କବି ଅନୁଭବକଲେ ଯେ ଏକ ପୂର୍ଣ୍ଣାଙ୍ଗ ଜୀବନର ମାନଚିତ୍ରରେ ଉଭୟ ରସ ସ୍ଥାନପାଇବା ଉଚିତ । ତାଙ୍କ ହାସ୍ୟରସାତ୍ମକ ନାଟକଗୁଡ଼ିକରେ କରୁଣରସ ଉଦ୍ଦୀପକ ଘଟଣା ସ୍ଥାନ ପାଉଥିଲାବେଳେ, ବିୟୋଗାନ୍ତକ ନାଟକରେ ହାସ୍ୟରସ ସୃଷ୍ଟିକରୁଥିବା ଦୃଶ୍ୟ ବା ଘଟଣା ସଂଯୋଜିତ ହେଲା । ଏହି ସାମୟିକ ହାସ୍ୟରସ,

Digitized by srujanika@gmail.com

କରୁଣରସ ଉପଲବ୍‌ଧିକୁ ଅଧିକ ସାଂଘ୍ରି ଓ ତୀବ୍ର କରିବାରେ ସହାୟକ ହେଲା । ଉପେକ୍ଷିତ ଲିଅର୍‌ ପକ୍ଷରେ ଗ୍ଲସ୍ଟାଭଲ ଯାତ୍ରାକରୁଥିବା ବିଦୂଷକ ଦ୍ୱାରା ଆପାତତଃ ଲଘୁ ଓ ପରିହାସବ୍ୟଞ୍ଜକ ମନ୍ତବ୍ୟ ଛଳରେ ବାତାବରଣକୁ ଅଧିକ କରୁଣ କରୁଥିଲା ଓ ଦର୍ଶକଙ୍କୁ ଚେତନାର ଭିନ୍ନ ଏକ ସୋପାନକୁ ନେଇଯାଉଥିଲା । ମାକ୍‌ବେଥ୍‌ ନାଟକରେ ସନ୍ନିବେଶିତ ହୋଇଥିବା 'porter scene' ନାଟକରେ ପ୍ରକ୍ଷିପ୍ତ ବୋଲି ଅନେକ ଯୁକ୍ତି ବାଢ଼ିଥାନ୍ତି କିନ୍ତୁ ତାଙ୍କର ନାଟକ ପ୍ରତି ସାମଗ୍ରୀକ ଆଭିମୁଖ୍ୟ ଓ ଉକ୍ତ ନାଟକର ଘଟଣାପ୍ରବାହର ପ୍ରାସଙ୍ଗିକତା ଦୃଷ୍ଟିରୁ ବିଗ୍ଧରକଲେ, ଏହା ଯେ ସେକ୍‌ସ୍‌ପିଅରଙ୍କର ଲେଖନୀପ୍ରସୂତ ଏଥିରେ ସନ୍ଦେହ ରହେନାହିଁ । ରାଜା ଡନ୍‌କନ୍‌ଙ୍କୁ ମାକ୍‌ବେଥ୍‌ ହତ୍ୟା କରିବାର କରୁଣ ଅନୁଭୂତି ପରେ ଏପରି ଏକ ଲଘୁ ବାତାବରଣର ଆବଶ୍ୟକତା ଥିଲା ଓ ପରବର୍ତ୍ତୀ କରୁଣରସ ଅଧିକ ଜୀବନ୍ତ ଭାବରେ ଉପଲବ୍‌ଧି କରିବାପାଇଁ ଏହା ସହାୟକ ହୋଇ-ଥାଏ । ନାଟ୍ୟ ସମୀକ୍ଷକମାନଙ୍କ ବିଗ୍ଧରରେ କରୁଣ ଓ ହାସ୍ୟରସ ମିଶ୍ରିତ ଏହି ବିବିଧ ନାଟକଗୁଡ଼ିକୁ Tragi-comedy ବା Dark comedy । କିନ୍ତୁ ଆଧୁନିକ ନାଟ୍ୟ-ସାହିତ୍ୟରେ ଦେଖାଦେଇଥିବା ନୂତନ ନାଟକଗୁଡ଼ିକୁ ଏଇ ସୀମିତ ପରିଭାଷା ମାଧ୍ୟମରେ ସୂଚେଇଦେବା ସମ୍ଭବ ହେଉନାହିଁ । ବିଶେଷତଃ ଉଦ୍ଭଟ ନାଟ୍ୟକାରମାନଙ୍କ କଳାତ୍ମକ ପରିକଳ୍ପନାରେ ହାସ୍ୟ ଓ କରୁଣ ରସାତ୍ମକ ନାଟକ ଭିତରେ ଗତାନୁଗତିକ ପ୍ରଭେଦ ରହିଲା-ନାହିଁ । ସଫଳ ଉଦ୍ଭଟ ନାଟ୍ୟଶିଳ୍ପୀ ଆଇନେସ୍କୋ "personally, I have never understood the distinctions that are made between the comic and tragic. Since the comic is the intuition of the absurd, it seems to me more hopeless then the tragic····· the comic offers no escape······the comical is tragic and the tragedy of man, derisory." ବୋଲି ପ୍ରକାଶକଲେ । ଲଘୁ ଓ ଆପାତତଃ ହାସ୍ୟରସ ସୃଷ୍ଟିକାରୀ ଏହି ନାଟକଗୁଡ଼ିକର ମଞ୍ଚସଜ୍ଜା ଓ ବିଚିତ୍ର ଚରିତ୍ରମାନେ ପରିହାସ ଛଳରେ ମଣିଷର ସ୍ଥିତି, ଲକ୍ଷ୍ୟ ଓ ପ୍ରକୃତ ପରିଚୟ ସମ୍ପର୍କରେ, ବିସ୍ଫୋରଣାତ୍ମକ ନାଟକ ପରି କ୍ରମାଗତ ଭାବରେ ଜିଜ୍ଞାସା କରିଚାଲି ଥାନ୍ତି । ମଣିଷ ଜୀବନରେ ଲୁକ୍କାୟିତ ହାସ୍ୟରସ ଏମାନେ ଆବିଷ୍କାର କରନ୍ତି ଏବଂ ଏହାର ସାଧନାରେ ମଣିଷର ଅସହାୟବୋଧ ଓ ହତାଶାକୁ ଅଧିକ ଉତ୍କଟ ଓ ଭୟପ୍ରଦ କରି ପରିବେଷିତ କରିଥାନ୍ତି । ଆଇନେସ୍କୋଙ୍କ ମତରେ, ଏହି ନାଟକ ଗୁଡ଼ିକରେ ନାଟ୍ୟକାରମାନେ ଆବେଗଧର୍ମୀ ଓ ମନସ୍ତାତ୍ତ୍ୱିକ ପରିବେଶ ସୃଷ୍ଟି ଉପରେ ଗୁରୁତ୍ୱ ଦେଇଥାନ୍ତି। "In a space without space, all seems to be Volatilized, all is menaced .... by an imminent silent engulfment, in I know not what abyss, beyond day

Digitized by srujanika@gmail.com

and beyond night." ବେକେଟ୍‌ଙ୍କର "Waiting for Godot" ନାଟକରେ ଚରିତ୍ରଦ୍ୱୟ ଜୀବନର ଅର୍ଥ, ତାତ୍ପର୍ଯ୍ୟ ଓ ଆତ୍ମହତ୍ୟାର ଆବଶ୍ୟକତା ଆଦି ଗୁରୁତ୍ୱପୂର୍ଣ୍ଣ ବିଷୟରେ ପ୍ରଶ୍ନକରି ଚାଲିଛନ୍ତି ଓ ସେହି ମୌଳିକ ପ୍ରଶ୍ନ ସବୁ ବିସ୍ଫୋରଣାନ୍ତକ ନାଟକରେ ପରିବେଷିତ ହୁଏ, ସେଗୁଡ଼ିକ ବାରମ୍ବାର ଦର୍ଶକମାନଙ୍କ ଆଗରେ ଭିନ୍ନ ଭାଷା ଓ ପ୍ରତୀକ ମାଧ୍ୟମରେ ବ୍ୟକ୍ତକରୁଛନ୍ତି । କାମ୍ୟୁଙ୍କର "The myth of sisyphus" ପୁସ୍ତକରେ ଯେଉଁସବୁ ତାତ୍ତ୍ୱିକ ଆଲୋଚନା କରାଯାଇଛି, ଏହି ଚରିତ୍ରଦ୍ୱୟ ତା'ର ନିକଟବର୍ତ୍ତୀ ହୋଇଛନ୍ତି—ବଞ୍ଚିବା ବା ବିରୋଧ କରିବାର ଶକ୍ତି ନକରିଥିଲେ ମଧ୍ୟ, ଅପେକ୍ଷା କରିବାର ଦୃଢ଼ ସଂକଳ୍ପ ହେତୁ ସେମାନେ ଏକ ପ୍ରକାରର ବିରୋଧ କରୁଛନ୍ତି । "We are all humanity" ବୋଲି ସେମାନେ ବାରମ୍ବାର କହିବାଦ୍ୱାରା ଦର୍ଶକର ସେମାନଙ୍କ ସହିତ ଭାବଗତ ଐକ୍ୟ ସ୍ଥାପିତ ହେଉଛି, "ଭୟ" ଓ "ଦୟା" ଜାଗ୍ରତ ହେବା ସଙ୍ଗେ ସଙ୍ଗେ ଦର୍ଶକ—ଅନ୍ଧକାର ଭିତରେ ସେ ନିଜ ବ୍ୟକ୍ତିସତ୍ତାକୁ ଖୋଜିବାର ପ୍ରୟାସକରୁଛି । ଆଇନେସ୍କୋଙ୍କର "The chairs" ନାଟକରେ ଆହୁରି ମୌଳିକ ପ୍ରଶ୍ନ ସବୁର ଅବତାରଣା କରାଯାଇଛି—ଜନବର୍ଜିତ ଷ୍ଟେଜ୍, ମୂକ ବକ୍ତାର ଅସ୍ପଷ୍ଟ ବକ୍ତବ୍ୟ ଓ ହାସ୍ୟରସ ମାଧ୍ୟମରେ ନାଟ୍ୟକାର ଅତି ମର୍ମସ୍ପର୍ଶୀ କରୁଣରସ ସୃଷ୍ଟି କରିଛନ୍ତି ।

ପାରମ୍ପରିକ ବିସ୍ଫୋରଣାନ୍ତକ ନାଟକର ନାୟକ ରାଜବଂଶଜ, ସମ୍ଭ୍ରାନ୍ତ ଓ ସୁପୁରୁଷ କିନ୍ତୁ ଆଧୁନିକ ନାଟକଗୁଡ଼ିକର ନାୟକ ସମାଜର ସାଧାରଣ ମଣିଷ ଓ ଅଧିକାଂଶ ସମୟରେ ସମାଜର ନିମ୍ନ ମଧ୍ୟବିତ୍ତ ବା ନିମ୍ନବର୍ଗର । ଆରଥର ମିଲର୍‌ଙ୍କର "The death of a salesman" ନାଟକର ନାୟକ Willy Lowman ଜଣେ ଅକୃତକାର୍ଯ୍ୟ ବିକେତା, ନିଜର ବ୍ୟକ୍ତିତ୍ୱକୁ ପୁଞ୍ଜିକରି କୋଟିପତି ହୋଇଯିବାର "ଆମେରିକୀୟ ସ୍ୱପ୍ନ"ରେ ବିଭୋର । ଲୋମାନ୍‌କୁ ଏକ ବିସ୍ଫୋରଣାନ୍ତକ ନାଟକର ନାୟକ କରିବାର ସମୀଚୀନତା ନେଇ ସମାଲୋଚକମାନେ ପ୍ରଶ୍ନ କରିବାରେ ନିଜେ ମିଲର "Tragedy of the common man" ପ୍ରବନ୍ଧରେ "The common man is apt a subject for tragedy in its highest sense as kings were" ବୋଲି ଉଲ୍ଲେଖକରିଛନ୍ତି । ପୁଣି ଅଧିକ ଚାରିତ୍ରିକ ଦୋଷଯୁକ୍ତ ଓ ଖଳ ପ୍ରକୃତିର ଚରିତ୍ର-ମାନଙ୍କୁ ନାୟକ ଭାବରେ ଗ୍ରହଣକରାଗଲା, ଫଳରେ anti-hero ବା ପ୍ରତି-ନାୟକ ପରି ଏକ ନୂତନ ପରିଭାଷା ସୃଷ୍ଟିହେଲା । ମିଲର୍‌ଙ୍କ "All my sons" ନାଟକର ନାୟକ ଜୋ କେଲର୍ ଏଭଳି ଏକ ଚରିତ୍ର—ତ୍ରୁଟିପୂର୍ଣ୍ଣ ସିଲିଣ୍ଡର ଯୋଗେଇଦେଇଥିବା ହେତୁ ଅନେକ ସୈନ୍ୟଙ୍କର ଆକସ୍ମିକ ମୃତ୍ୟୁପାଇଁ ଦାୟୀ । ସାଧାରଣତଃ ଗତାନୁଗତିକ ନାଟକ ଗୁଡ଼ିକରେ ଘଟଣାପ୍ରବାହ ଥିଲା ସରଳରୈଖିକ (Linear)— ଗୋଟିଏ ଘଟଣା ପରେ

Digitized by srujanika@gmail.com

ଅନ୍ୟ ଏକ ଘଟଣାକୁ ସମୟର ପୃଷ୍ଠଭୂମିରେ ପରିକ୍ଷେପିତ କରିଯାଉଥିଲା । କିନ୍ତୁ ବ୍ୟକ୍ତିର ଅବଚେତନର ଗୁରୁତ୍ୱ ଓ ଜଟିଳ ମନସ୍ତାତ୍ତ୍ୱିକ ପ୍ରକ୍ରିୟାର ଉଦ୍ଭାବନ ପରେ ପରେ, ଚରିତ୍ରର ବାହ୍ୟ ବର୍ଣ୍ଣନା ଅପେକ୍ଷା ମନର ରହସ୍ୟ ଉଦ୍‌ଘାଟନ ଅଧିକ ଜରୁରୀ ହୋଇ-ପଡ଼ିଲା । ମଣିଷର ଭାବନାରେ ଅତୀତ ବର୍ତ୍ତମାନ ଓ ଭବିଷ୍ୟତର କୌଣସି କ୍ରମ ନଥିଲାପରି ନାଟକରେ "ସମୟ" (Time)ର କୌଣସି ଗୁରୁତ୍ୱ ରହିଲା ନାହିଁ । ବିପ୍ଳୋଗାତ୍ମକ ନାଟ୍ୟକାରମାନେ ଏହାଦ୍ୱାରା ପ୍ରଭାବିତହେଲେ । ଲୋମାନ୍ କର୍ଡିଷ୍ଟ ସମୟରେ ମୃତଲୋକ ବେନ୍‌ଙ୍କ ସହିତ ଆଳାପରେ ବ୍ୟସ୍ତ ତ, ପୁଣି ଭବିଷ୍ୟତର ସ୍ୱପ୍ନରେ ବିଭୋର ।

ସ୍ଥିତିବାଦୀ ଦାର୍ଶନିକ ସାର୍ତ୍ରଙ୍କ ମତରେ ଏକ ଈଶ୍ୱର ବିହୀନ ଓ ନୀତିବିହୀନ ଦୁନିଆରେ ସ୍ୱାଧୀନ ମଣିଷ ତା'ର ପ୍ରତ୍ୟେକ କୃତକର୍ମ ଓ ସିଦ୍ଧାନ୍ତପାଇଁ ଦାୟୀ । ସେଥିପାଇଁ ସେ କହିଛନ୍ତି "Man is condemned to be free" ଗ୍ରୀକ୍ ମିଥକୁ ବ୍ୟବହାର-କରି "The Flies" ନାମକ ଏକ କାଳଜୟୀ ନାଟକ ସେ ରଚନାକରିଛନ୍ତି । ଓରେଷ୍ଟିସ୍ ପିତୃହତ୍ୟାର ପ୍ରତିଶୋଧ ନେବାପାଇଁ ଆସିଲାବେଳେ ଜିଅସ୍‌ଙ୍କ ସୂଚନା ଓ ସଙ୍କେତକୁ ଅବଜ୍ଞା ପ୍ରଦର୍ଶନକରିଛି ଓ ନିଜ କୃତକର୍ମରେ ଅଟଳ ରହିଛି । ଭଗବାନ ମଣିଷକୁ ପୋକମାଛିପରି ମାରିପାରନ୍ତି, କିନ୍ତୁ ସ୍ୱାଧୀନ ଭାବରେ ବଞ୍ଚିବାର ଅଧିକାରରୁ ତାକୁ କେହି ବଞ୍ଚିତ କରିପାରିବେ ନାହିଁ । "ବିଧାତାର ବିଧାନକୁ ସ୍ୱୀକାର ନକରି ନିଜ କୃତକର୍ମରେ ଆଗେଇଯିବାରେ ଅଛି ମର୍ଯ୍ୟାଦା ଓ ଗୌରବ"—ସାର୍ତ୍ରଂକ କୃତି ଗୁଡ଼ିକରେ ଉପର୍ଯ୍ୟୁକ୍ତ ଭାବ ଅଭିବ୍ୟଂଜିତହୋଇଛି ।

ଅତଏବ ପ୍ରାଚୀନ, ମଧ୍ୟଯୁଗୀୟ ବା ଆଧୁନିକ ବିପ୍ଳୋଗାତ୍ମକ ନାଟକଗୁଡ଼ିକରେ ନାୟକ ଯେଉଁଭଳି ଭାବରେ ସଂଗ୍ରାମକରେ, ସେଥିରେ ଥାଏ ବିଜୟରେ ପରାଜୟ ଓ ପରାଜୟରେ ବିଜୟ ଏବଂ ସେ ପ୍ରମାଣକରିଦିଏ ଯେ ବ୍ୟକ୍ତିର ଅନ୍ତରାତ୍ମା ଯେକୌଣସି ପ୍ରତିକୂଳ ପରିସ୍ଥିତି ବା ପ୍ରତିପକ୍ଷଠାରୁ ମହନୀୟ ।

———

Digitized by srujanika@gmail.com

● ଡକ୍ଟର ଦୁର୍ଯ୍ୟୋଧନ ଦାସ

ବିଷାଦର ବୈଜ୍ଞାନିକ ବିଭବ

ବିଷାଦ ଏକ ଜଟିଳ ଅନୁଭବ । ଏହା ଅର୍ଦ୍ଧେକ ଭୌତିକ ଓ ଅର୍ଦ୍ଧେକ ମାନସିକ । ପ୍ରତ୍ୟେକ ଅନୁଭବୀ ଏହି ଉଭୟ ଅନୁଭବର ନୂଆର ଝଙ୍କାରେ ଉଦ୍ବୁଦ୍ଧ । ଭୌତିକ ପ୍ରକ୍ରିୟା ଗୋଡ଼କୁ ତଳକୁ ଖସାଇ ନେଇ ହନ୍ତସନ୍ତ କରି ଦେଉଥିଲା ବେଳେ, ମାନସିକ ପ୍ରକ୍ରିୟା ଖୋଲା ହାଓ୍ୱାକୁ ଟାଣି ଆଣେ । ସହିବାର ହିମ୍ମତ ଯୁଟାଏ । ଜଳୁଥିବା ନିଆଁ ଲିଭି ଆସେ । ଶୀତଳ ବିଷାଦ ଅଙ୍ଗାରରେ ପରିଣତ ହୁଏ । ଜୀବନ, 'ସ୍ମୃତି' ଭିତରେ ପୋତିହୋଇଯାଏ । ବିଷାଦର ଯେଉଁ ବିଭବର ଦେହକୁ କଲବଲ କରେ ତାହା 'ଯନ୍ତ୍ରଣା' ବା 'କଷ୍ଟ' ଏବଂ ଯେଉଁ ଅଂଶଟି ମନକୁ ହନ୍ତସନ୍ତ କରେ ତାହା 'ବୈକଲ୍ୟ' ବା 'କାରୁଣ୍ୟ' । ବେଳେବେଳେ ଭୌତିକ ଉତ୍ତେଜନା ସାମାନ୍ୟ ଥାଇ ଯନ୍ତ୍ରଣାର ଅନୁଭବ ପ୍ରବଳ ହୁଏ । ସେଠି 'ଉହୁ', 'ଆହା' ଅପେକ୍ଷା 'ଚୁଚୁ', 'ଆହା ଆହା' ତୀବ୍ର ହୁଏ । ମଣିଷ ମର୍ମେ ମର୍ମେ ଦହେ । କେବେ କେବେ ମନ କାବୁଅରେ ନଷ୍ଟକାଳ ହେଉଥିଲାବେଳେ ଦେହରେ ଟିକିଏ ବି ଛୁଞ୍ଚିକା ପଡ଼େନାହିଁ । ଭିତର ସତ୍ତ୍ୱଟି ରବେଇ ଖବେଇ ହେଉଥିଲା ବେଳେ ବାହାର ରୂପଟି ଚହଟ ଚକ୍‌କଣ ଥାଏ । କିନ୍ତୁ ବହୁ କ୍ଷେତ୍ରରେ ଯନ୍ତ୍ରଣାର ଧାସ ପୋଡ଼ିଦିଏ ଦୈହିକ ସୌଷ୍ଠବ ଏବଂ ଝାଉଁଳାଇଦିଏ ସତେଜ ସବୁଜ । ଧୈର୍ଯ୍ୟ ଓ ସହିଷ୍ଣୁତା ନେଇ ଦେହ ମୁକାବିଲା କରେ ଯନ୍ତ୍ରଣାକୁ । ଯୁକ୍ତି ଓ ଜ୍ଞାନ ଭିତରେ ମନ ଚହ୍ଲିବାକୁ ଚେଷ୍ଟାକରେ ଦୁଃଖକୁ । ଜୀବନ ଏହି ଛକାପଞ୍ଝା ଓ ସମଝୋତା ଭାବ ଭିତରେ ପାର ହୁଏ ।

ଯନ୍ତ୍ରଣାକୁ ଧମକେଇ ବାଙ୍କ ଶିଆଳି ଦେଇ ବୁଲନ୍ତି । ତା'ହାତରୁ ରକ୍ଷା ମିଳିଗଲେ ଜଣ ଫୁଲନ୍ତି । ମାତ୍ର ଯନ୍ତ୍ରଣା ସବୁବେଳେ ମଣିଷକୁ ପାଲରେ ପକାଇବାକୁ ମସୁଧା କରୁଥାଏ । ଅଚାନକ ଯନ୍ତ୍ରଣା ସହିତ ଭେଟ ହୋଇଗଲେ, ମୁହଁ ଅମ୍ଳିଳା ମାରିଯାଏ । ମସ୍ତିଷ୍କରେ ବ୍ୟସ୍ତଥିବା ହୃଦୟରେ ଭଣଭଣ ମାଛିଉଡ଼ା ଚହଲପଡ଼େ । ନିଜ ନାଡ଼ି ନିଜକୁ ଘାଇଲା କରେ । ବହୁ ସମୟ ଧରି ଭିତରେ ଢମଢମ ଭାବ ଓ କାହିଁ କାହିଁ ଛନକା ଲାଗିରହେ । ଜକେଇ ଆସୁଥିବା ଆଖିରେ ବାରମ୍ବାର ପଲକ ପଡ଼େ । ଅନ୍ତରମଖା କେଶ ଫୁରୁ ଫୁରୁ ଉଡ଼େ । ଯନ୍ତ୍ରଣାକୁ ବୈଜ୍ଞାନିକମାନେ ଭ୍ରୂଣ ଭାବର ପହିଲି ସଂସ୍କାର ବୋଲି କହନ୍ତି । ଏହା ଉପସର୍ଗ ରୂପରେ ଏକ ପ୍ରାକୃତିକ ଅବଦାନ, ଯାହାଭିତରେ ମଣିଷ ଆସନ୍ନ ବିପଦ ସମ୍ପର୍କରେ ସୂଚନାପାଏ । ପାଣିପାଗର ପୂର୍ବାନୁମାନ ପରି ଏହା ଏକ ପ୍ରାକୃତିକ ସତର୍କ ସମ୍ବାଦ । ବସ୍ତୁତଃ ଏମିତି ରୋଗ ନାହିଁ, ଯାହା ମୂଳରେ ଯନ୍ତ୍ରଣାର ଟିପା ନ ବାଜିଛି ।

Digitized by srujanika@gmail.com

ସଂସାରରେ ଏମିତ ଯନ୍ତ୍ରଣାର ତୁଳ ଜଳ ନାହିଁ. ଯହିଁରେ ଦୃଷ୍ଟିଗ୍ରାର ଧୂଆଁ ନ ଉଠିଛି । ଯନ୍ତ୍ରଣା ଲୁଚ ଛପି ଆସିବାକୁ ମୋଟେ ପସନ୍ଦ କରେ ନାହିଁ । ବରଂ ଟଅବରରେ ଆଗେ ବାଜା ବଜାଇ, ବାଣ ଫୁଟାଇ । ଅବଶ୍ୟ ବକ୍ରୁ ବକ୍ରପଥରେ ।

ଯନ୍ତ୍ରଣାର ପରପଥ :—

ଦୃଶ୍ୟ, ସ୍ପର୍ଶ ଓ ଶ୍ରବଣ ଭଳି ଯନ୍ତ୍ରଣା ଏକ ଉଦ୍ଦୀପନା ସଂଭୂତ ଭୌତିକ ଅନୁଭୂତ । ଏହା ଗୋଟିଏ ମାନ୍ସିକ କଳା-ଜୈବିକ ଅଭିବୃଦ୍ଧି ଲବ୍ଧ ନୈପୁଣ୍ୟ । ବିଦ୍ୟୁତ, ଶକ୍ତି ପରିବହନ ପାଇଁ ଯେମିତ ଏକ ମୁଦ୍ରିତ ମାର୍ଗ ଦରକାରହୁଏ, ସେମିତ ଯନ୍ତ୍ରଣା ଯାତ୍ରା ପାଇଁ ପଣପଥ ଆବଶ୍ୟକ ପଡ଼େ । ଏହି ପଣପଥକୁ ନ୍ୟୁରନ କୁହାଯାଏ ଏବଂ ଏହାର ମୁଖ୍ୟ କୋଷଟି ସୁଷୁମ୍ନା କାଣ୍ଡ ନିକଟରେ ଅବସ୍ଥିତ । ଏହାର ବିସ୍ତୃତ ଗୋଟିଏ ପ୍ରାନ୍ତରେ ଚର୍ମ ପର୍ଯ୍ୟନ୍ତ ଏବଂ ଅପର ପ୍ରାନ୍ତରେ ଥାଲମସ (Thalamus) ଏବଂ ବୃହତ୍ ମସ୍ତିଷ୍କ (Cerebral Hemisphere) ପର୍ଯ୍ୟନ୍ତ । ଭିନ୍ନ ଭିନ୍ନ ଇଲାକାରେ ଚର୍ମ ଉପରେ ବଛେଇହୋଇ ପଡ଼ିଥିବା ପ୍ରତ୍ୟେକ ନ୍ୟୁରନର ଶେଷାଗ୍ର ଯନ୍ତ୍ରଣା ଗ୍ରହଣର ପ୍ରଥମ ଯନ୍ତ୍ର । ଅନେକ ନ୍ୟୁରନ ମିଶି ଗୋଟିଏ ସ୍ନାୟୁ ଏବଂ ଏଇମିତ ତିରିଶ ଯୋଡ଼ା ସ୍ନାୟୁକୁ ନେଇ ସଂଜ୍ଞା-ଗ୍ରାହୀ ସ୍ନାୟୁସଂସ୍ଥା ଗଠିତ । ସ୍ନାୟୁ ଯୁଗଳ ମେରୁମଜ୍ଜାରୁ ବାହାରିଥିବାରୁ ମେରୁଦଣ୍ଡର ସ୍ଥିତ ଅନୁସାରେ ସେମାନଙ୍କର ନାମକରଣ ହୋଇଛି । ଆଠ ଯୋଡ଼ା ଗଳା ସ୍ନାୟୁ (Cervical Nerve) ଦ୍ୱାରା ମୁଣ୍ଡ ଓ ବେକରୁ, ବାରଯୋଡ଼ା ବକ୍ଷସ୍ନାୟୁ (Thoracic Nerve) ଦ୍ୱାରା ଗ୍ରୀବ ଓ ହାତରୁ, ପାଞ୍ଚ ଯୋଡ଼ା ପୃଷ୍ଠ ସ୍ନାୟୁ (Lumbar Nerve) ଦ୍ୱାରା ପେଟ ଓ ପିଠି ଏବଂ ପାଞ୍ଚ ଯୋଡ଼ା ଅଣ୍ଟା ସ୍ନାୟୁ (Sacral Nerve) ଯୋଗେ ଗୋଡ଼ ଓ ଲିଙ୍ଗରୁ ସ୍ପର୍ଶ ଓ ଯନ୍ତ୍ରଣା ସଂଗୃହୀତ ହୁଏ । ମାତ୍ର କଣ୍ଠି, ନାଶାରନ୍ଧ୍ର, ଜିହ୍ୱା ଓ ପାଟିରୁ ସପ୍ତମ କରୋଟି ସ୍ନାୟୁ ଦ୍ୱାରା ଏବଂ ସ୍ୱରପେଟିକା ଓ ଗଳା ଗହ୍ୱରରୁ ନବମ କରୋଟି ସ୍ନାୟୁଦ୍ୱାରା ଯନ୍ତ୍ରଣା ସିଧାସଳଖ ମସ୍ତିଷ୍କକୁ ପ୍ରେରିତହୁଏ । ପାକସ୍ଥଳି ଓ ହୃତ୍‌ପିଣ୍ଡର ଯନ୍ତ୍ରଣା ଦଶମ କରୋଟି ସ୍ନାୟୁ ଦେଇ ମସ୍ତିଷ୍କକୁ ଯାଏ । ବକ୍ରୁ ସମସ୍ତରେ ନ୍ୟୁରନର ଶେଷାଗ୍ର 'କ୍ରିଜ୍ ଏଣ୍ଡ ବଲ୍‌ବସ', 'ରୁଫିଆନ ପ୍ଲମସ', 'ପେସିନିଆନ କରପ୍‌ସ୍‌ଲସ' ପରି ଆଉ କେତେକ ସଂଜ୍ଞା-ଗ୍ରାହକ (ଯେଉଁମାନେ ଉଷ୍ଣତାର ତାରତମ୍ୟ ଓ ସୂକ୍ଷ୍ମ ସ୍ପର୍ଶ ବାରିପାରନ୍ତି)ମାନଙ୍କ ସହିତ ସଂଯୁକ୍ତ ହୋଇଥାଏ । ସେଥିପାଇଁ ଅତ୍ୟଧିକ ଶୀତ ଓ ଗ୍ରୀଷ୍ମ ଯନ୍ତ୍ରଣାଦାୟକ ହୋଇଥାଏ । ମାତ୍ର ଚକ୍ଷୁର କନୀନିକା ଉପରେ ଥିବା ନ୍ୟୁରନର ଶେଷାଗ୍ର ଥଣ୍ଡା, ଗରମ, ସ୍ପର୍ଶ ଓ ଯନ୍ତ୍ରଣାକୁ ଗ୍ରହଣ କରିଥାଏ ।

ଯନ୍ତ୍ରଣା ଗୃହୀତ ହେଲା ପରେ ତାହା ସାଂକେତିକ ତାରରେ ସୁଷୁମ୍ନାକାଣ୍ଡକୁ ପ୍ରେରିତହୁଏ । ପ୍ରେରଣର ବେଗ ସ୍ନାୟୁର ମୋଟେଇ ଉପରେ ନିର୍ଭରକରେ । ସ୍ନାୟୁ

Digitized by srujanika@gmail.com

ଯେତେ ମୋଟା ହୁଏ ଯନ୍ତ୍ରଣା ସେତେ ଷ୍ଟରାନ୍ୱିତ ହୁଏ । ସବୁଠାରୁ ମୋଟା ସ୍ନାୟୁର ପ୍ରସ୍ଥଚ୍ଛେଦ ହେଉଛି ୭-୮ ମ୍ୟୁ ମିଲିମିଟର ଏବଂ ଏହାକୁ ଡେଲଟା ଫାଇବର କୁହାଯାଏ । ସବନିମ୍ନ ସରୁ ସ୍ନାୟୁର ପ୍ରସ୍ଥଚ୍ଛେଦ ୨-୪ ମ୍ୟୁ ମିଲିମିଟର ଏବଂ ଏହାକୁ ସି ଫାଇବର କୁହାଯାଏ ।

ଯନ୍ତ୍ରଣା ତାଙ୍କୁ ମସ୍ତିଷ୍କ ପର୍ଯ୍ୟନ୍ତ ପହଞ୍ଚାଇବା ପାଇଁ ତିନ ଦଳ ନ୍ୟୁରନ ନିୟୋଜିତ ହୁଅନ୍ତି । ପ୍ରଥମ ଦଳ ଚର୍ମରୁ ସୁଷୁମ୍ନାକାଣ୍ଡ ପର୍ଯ୍ୟନ୍ତ ଯନ୍ତ୍ରଣା ପହଞ୍ଚା ଦାୟିତ୍ୱରେ ରହନ୍ତି । ଦ୍ୱିତୀୟ ଦଳ ସୁଷୁମ୍ନାକାଣ୍ଡର ଉଭୟ ବାମ ଓ ଡାହାଣ ପାର୍ଶ୍ୱରେ କିଛି ବାଟ ଉପରକୁ ଉଠି ପାର୍ଶ୍ୱପରିବର୍ତ୍ତନ କରନ୍ତି ଏବଂ ମସ୍ତିଷ୍କର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ Thalamus ଠାରେ ଶେଷ ହୁଅନ୍ତି । ଦ୍ୱିତୀୟ ଦଳଟି ଯେଉଁ ପରିପଥ ସୃଷ୍ଟିକରନ୍ତି ତାହାକୁ Lateral Spinothalamic Tract କୁହାଯାଏ । ଏହି ପଥଟି ନଷ୍ଟ ହେଲେ ବିପରୀତ ପାର୍ଶ୍ୱର ଯନ୍ତ୍ରଣା ଅନୁଭୂତ ହୁଏନାହିଁ । ଥାଲମସ୍ ହେଉଛି ଯନ୍ତ୍ରଣା ବିଶ୍ଳେଷଣର ମୁଖ୍ୟ ପୀଠ । ଏଠାରୁ ତୃତୀୟ ଦଳ ବାହାରି ବୃହତ୍ ମସ୍ତିଷ୍କସ୍ଥ Pest central gyrusରେ ପହଞ୍ଚନ୍ତି । ଏଠାରେ ଯନ୍ତ୍ରଣାର କେତେକ ସୂକ୍ଷ୍ମ ବିଚାର ଓ ଆବେଗିକ ଭଙ୍ଗିମା ହୁଏ । ଏହି ବିଶ୍ଳେଷଣ ପାଇଁ ପ୍ରେମିକର ଦନ୍ତଦାଗ ମଧୁର ଲାଗେ ଏବଂ ଜିତାପଟ ପାଇଁ ଖେଳ ବେଳର ଜଖମ ଜଣାପଡ଼େନାହିଁ ।

ଯନ୍ତ୍ରଣାର କୈବିକ କଣ୍ଟାଳ :

ଦଳା, ମକଚ୍, ପୋଡ଼ା, କଟା ପ୍ରଭୃତି ଉଦ୍ଦୀପନା ଚର୍ମ ବା ଉପଚର୍ମରେ କ୍ଷତ ସୃଷ୍ଟିକଲେ ଯନ୍ତ୍ରଣା ଆରମ୍ଭହୁଏ । ମାତ୍ର ସବୁ ଅଙ୍ଗରେ ଏକ ପ୍ରକାର ଉଦ୍ଦୀପନା କାମ କରେନାହିଁ । ଗଠନ କୌଶଳ ଓ ତନ୍ତୁର ବୈଶିଷ୍ଟ୍ୟକୁ ନେଇ ଯନ୍ତ୍ରଣାଦାୟକ ଉଦ୍ଦୀପନା ଭିନ୍ନ ଭିନ୍ନ । ତେଣୁ ଅନ୍ତନଳୀର ଝିଲ୍ଲି ଆବରଣ ଫୁଲିଗଲେ ଅଥବା ପାକସ୍ଥଳୀରେ ଲବଣାମ୍ଳ ଓ ପାଚକ ରସ ଖାଇ ଖାଇ ଘା' ସୃଷ୍ଟିକଲେ ଯନ୍ତ୍ରଣା ଜନ୍ମନିଏ । ଗଣ୍ଠିମାନଙ୍କର ଘର୍ଷଣସୃଷ୍ଟ ଆବୁଡ଼ା ଖାବୁଡ଼ା ହୋଇଗଲେ ଗଣ୍ଠି ବିନ୍ଧେ । ଅତ୍ୟଧିକ ଚର୍ବି ଓ ତେଲିଆ ଖାଦ୍ୟରୁ ଉପୁଜିଥିବା ଲିପିଡ଼ ରକ୍ତ ନଳୀରେ ବସିଯାଇ ରନ୍ଧ୍ରକୁ ଅପ୍ରଶସ୍ତ କରିଦେଲେ, ରକ୍ତପ୍ରବାହ ବେଳେବେଳେ ବନ୍ଦହୋଇଯାଏ ବା ମନ୍ଥର ହୋଇଯାଏ । ସେତେବେଳେ ଅଙ୍ଗୁଳିମାନଙ୍କରେ ଅକଥନୀୟ ଯନ୍ତ୍ରଣାହୁଏ । ରକ୍ତ ସଞ୍ଚାଳନ କମ୍ ହେବାରୁ ଅଙ୍ଗୁଳି ଓ ଟିପ ମରିଯାଇ ଝଡ଼ିପଡ଼େ । ଏଇମିତି ଏକ ମାରାତ୍ମକ ଅବସ୍ଥାକୁ ହୃଦ୍‌ପୀଡ଼ା (Angina Pectoris ଏବଂ Myocardial Interction)ର ଉତ୍ପତ୍ତି । କରୋନାରି ଧମନୀ ସାହାଯ୍ୟରେ ହୃତ୍‌ପିଣ୍ଡର ମାଂସପେଶୀକୁ ରକ୍ତସଂଚାଳିତ ହୁଏ । କୌଣସି କାରଣରୁ ମାଂସ ପେଶୀର ବୃଦ୍ଧି ଘଟିଲେ ବା କରୋନାରି ଧମନୀର ପ୍ରସ୍ଥଚ୍ଛେଦ ସରୁ ହୋଇଗଲେ ସ୍ଥାନେ

Digitized by srujanika@gmail.com

ସ୍ଥାନେ ହୃଦ ମାଂସପେଶୀ ରକ୍ତ ଶୂନ୍ୟହୋଇ ମରିଯାଏ । ସେତେବେଳେ ଛାତିରେ ଅସହ୍ୟ ଯନ୍ତ୍ରଣା ହୁଏ । ଶ୍ୱାସ ରୁଦ୍ଧ ହୋଇଯାଏ । ସର୍ବାଂଶ ଘର୍ମାକ୍ତ ହୋଇଯାଏ । ବେଳେବେଳେ ରୋଗୀ ଚେତାଶୂନ୍ୟହୋଇ ମୃତ୍ୟୁବରଣ କରେ ।

ଫମ୍ପା ନଳୀ ସଦୃଶ କେତେକ ଯନ୍ତ୍ରର ମାଂସପେଶୀ ବାରମ୍ବାର ଅକୁଂଚନ ପ୍ରସାରଣ ଶୂଳ୍ବା କଲିକ ଯନ୍ତ୍ରଣାର କାରଣ । ପାକସ୍ଥଳୀ, କ୍ଷୁଦ୍ରାନ୍ତ୍ର, ବୃହଦାନ୍ତ୍ର, ପିତ୍ତନଳୀ, ମୂତ୍ରଧାରଣୀ ପ୍ରଭୃତିରେ ଏହା ଦେଖାଯାଏ । ପଥର ବା ଅର୍ବୁଦ୍ୱାରା ସେମାନଙ୍କର ରନ୍ଧ୍ର କମିଗଲେ ବା ବନ୍ଦ ହୋଇଗଲେ ମଧ୍ୟ ଶୂଳ ହୁଏ । ମାତ୍ର ମସ୍ତିଷ୍କର ଧମନୀ ଓ ଶିରାରେ କ୍ରମାଗତ ପ୍ରସାରଣ ଯୋଗୁଁ ଅଧକପାଳୀ ଓ ମୁଣ୍ଡବିନ୍ଧା ଲାଗିରହେ ।

ଯନ୍ତ୍ରଣାର ବାହ୍ୟ କାରକ ଭିନ୍ନ ଭିନ୍ନ ହୋଇପାରେ; ମାତ୍ର ସେମାନଙ୍କର ରାସାୟନିକ ପୃଷ୍ଠଭୂମି ଏବଂ ସଂଚରଣ ପଥ ଗୋଟିଏ । ଅରେ ଶରୀରରେ କ୍ଷତ ସୃଷ୍ଟି କରିପାରିଲା ପରେ ବାହ୍ୟକାରକର ମୌଳିକତା ନଷ୍ଟ ହୋଇଯାଏ । କ୍ଷତ କୋଷମାନଙ୍କରୁ ପାଞ୍ଚଟି ଜୈବିକ ରସ କ୍ଷରିତହୋଇ ସେହି ସ୍ଥାନର ରାସାୟନିକ ପୃଷ୍ଠଭୂମିକୁ ପ୍ରଦୂଷିତ କରିଦିଅନ୍ତି । ଏସିଡ୍ ଢଳା ହେଉକି ନିଆଁ ପୋଡ଼ା ହେଉ, ଛୁରୀକଟା ହେଉ କି କଣ୍ଟା ଆଁଚୁଡ଼ା ହେଉ ସେଇ ପାଞ୍ଚଟି ଅପଦ୍ରବ୍ୟ (Acetyl Cholene, 5-HT, Histamin, Brady—kinine, SRA) ଉପଦ୍ରବକରନ୍ତି ସେମାନେ ମଧ୍ୟ ହୃଦ୍‌ପୀଡ଼ା ଓ ଅଧକପାଳୀର ଆବାହକ ସାଜନ୍ତି । ଏହାର ସତ୍ୟତା ପ୍ରତିପାଦନ କରିବାପାଇଁ ଚିକିତ୍ସକମାନେ ଉକ୍ତ ପଦାର୍ଥକୁ ସୁସ୍ଥ ଲୋକ ଦେହରେ ପ୍ରବେଶକରାଇ କୃତ୍ରିମ ଯନ୍ତ୍ରଣା ସୃଷ୍ଟି କରିପାରିଛନ୍ତି । ଏହି ଅପଦ୍ରବ୍ୟର ସାନ୍ଦ୍ରତା ସହିତ ଯନ୍ତ୍ରଣାର ପ୍ରଖରତା ସମାନୁପାତୀ । ତେଣୁ ଉଦ୍ଦୀପନା କ୍ଷତ ସୃଷ୍ଟି କରି ପରିମିତ ପରିମାଣର ଅପଦ୍ରବ୍ୟ ସୃଷ୍ଟି ନ କଲେଯାଏ ଯନ୍ତ୍ରଣା ପ୍ରକୃତ ରୂପ ଗ୍ରହଣ କରେନାହିଁ—ସେତେବେଳ ପର୍ଯ୍ୟନ୍ତ ତାହା ସ୍ପର୍ଶ ବା ତାପ ସ୍ତରରେ ହିଁ ସୀମିତ ଥାଏ ।

ଅନୁଭୂତିର ଆତସବାଜି :

ବାରୁଦକୁ ନେଇ ଆତସବାଜି । କେଉଁଠି ଚନ୍ଦ୍ରଉଦଆ ଝଲସେ ତ, କେଉଁଠି ତୋପ ଗରଜେ । ସେମିତି ଯନ୍ତ୍ରଣାକୁ ନେଇ ହଟ ଚମକ । କେବେ ଫୁସ୍‌ଫୁସ୍ ତ କେବେ ଠୋ ଠା । ଚିକିତ୍ସା ବିଜ୍ଞାନରେ ଯନ୍ତ୍ରଣାର ପ୍ରକାଶ ଓ ପ୍ରକୋପକୁ ତିନୋଟି ପର୍ଯ୍ୟାୟରେ ବର୍ଣ୍ଣନା କରାଯାଇଛି । ଉପଯୁକ୍ତ ଉଦ୍ଦୀପନା ଓ ରାସାୟନିକ ଅପଦ୍ରବ୍ୟ ସତ୍ତ୍ୱେ ଯଦି ଯନ୍ତ୍ରଣା ଅନୁଭୂତ ହୁଏ ନାହିଁ ତାହା 'ଏନାଲଜେସିଆ' । ଆଂଶିକ ପରିମାଣରେ ଯନ୍ତ୍ରଣା ଅନୁଭୂତ ନ ହେଲେ 'ହାଇପୋଏଲଜେସିଆ' ଏବଂ ତିଳକୁ ତାଳଭଳି ମଣିଲେ 'ହାଇପରଏଲ୍‌ଜେସିଆ' କୁହାଯାଏ । ଶେଷୋକ୍ତ ଧରଣର ଯନ୍ତ୍ରଣା ସୁଷୁମ୍ନାକାଣ୍ଡ ଜନିତ ଓ ଉପଦଂଶରେ

Digitized by srujanika@gmail.com

ଦେଖାଯାଏ । ମାତ୍ର ଅନ୍ୟ ବୃକ୍କପ୍ରକାର ଯନ୍ତ୍ରଣା ମଧୁମେହର ଏକ ଲକ୍ଷଣ । ଯନ୍ତ୍ରଣାର ଏ ଯେଉଁ ବୈଷମ୍ୟ ମନ୍ଦ୍ରୋତ୍ସବ ତାହା ନିର୍ଭରକରେ ବ୍ୟକ୍ତି ବିଶେଷର 'ଯନ୍ତ୍ରଣା ଜଣା ଯୋଗ୍ୟତା' ସହିତ ଯେଉଁ ସ୍ୱଳ୍ପ ଛିଦ୍ରୀପଣା ପ୍ରତ୍ୟୋଗକର ଯନ୍ତ୍ରଣାକୁ ଚାହିଁ ହୁଏ ତାହାହିଁ ଥ୍ରେସହୋଲ୍ଡ ଅଫ ପେନ୍ ପର୍ସେପସନ । ସମସ୍ତେ ଏହା ସହିତ ପରିଚିତ । ପୁଣି ସମସ୍ତେ ଯନ୍ତ୍ରଣାକୁ ଯୋଗ୍ୟ ମାନ୍ୟତା ଦେବାରେ ଅଭ୍ୟସ୍ତ ।

ଯନ୍ତ୍ରଣାକୁ ଆତିଥ୍ୟ ଦେବାରେ କେହି କେବେ ମନ ବଳାନ୍ତି ନାହିଁ । ଦେଖା-ହୋଇଗଲେ ବି ପାଶୋରି ଆଣନ୍ତିନାହିଁ । ଠିଆ ଠିଆ ଫାଟକ ବାହାରୁ ବିଦାକରି ଦେବାକୁ ଚେଷ୍ଟାକରନ୍ତି । କେବେ କେବେ ବାଧ୍ୟ ବାଧକତାରେ ଦାଣ୍ଡ ପିଣ୍ଡାରେ ଆସନ-ଟିଏ ଥାପି ଦେବାକୁ ପଡ଼େ । ମାମୁଲି ଚର୍ଚ୍ଚାରେ କିଛି ସମୟ ଧାର୍ଯ୍ୟ ହୋଇ ଅତିଥିଙ୍କୁ ବିଦାୟ ଦିଆଯାଏ । ବେଳେବେଳେ ଅନିଚ୍ଛା ସତ୍ତ୍ୱେ ବୈଠକ ଖାନା ଖୋଲିବାକୁ ପଡ଼େ । ଅତିଥିସତ୍କାର ଲାଗି ଫଳ ମୂଳ ମିଷ୍ଟାନ୍ନର ଯୋଗାଡ଼ କରିବାକୁ ହୁଏ । ଅତିଥିଠାରୁ ଆତିଥ୍ୟର ଉପଚାର ଅଧିକ କରିବାକୁ ହୁଏ । ହାକିମଙ୍କ ମଦପିଆ ମୁଣ୍ଡବିଥା ପାଇଁ ଅଧ୍ୟୁତନର ଏ ମୁଣ୍ଡବିଥା ଷଣ୍ଢମାର୍କା ପ୍ରୟୋଗ ହୋଇ ଚରିତ୍ରପତ୍ରର ପୃଷ୍ଠା ମଣ୍ଡନକରେ ।

ମାତ୍ର ଯନ୍ତ୍ରଣାର ପ୍ରକୃତିଙ୍କ ଚିତ୍ର କେହି କେବେ ଦେଇପାରିନାହିଁ । ଭାଷା ଭିତରେ ସବୁ ବ୍ୟଥା ପ୍ରକାଶିତ ହେବା ଅସମ୍ଭବ । ମୁଦ୍ରାରେ ବି ଅନୁକରଣ କରିବା ସମ୍ଭବ ନୁହେଁ, ଜେଜୁ ଘା'ର ଧକ୍‌ଧକ୍ ପୀଡ଼ାରୁ ଘା'କୁ ଚିହ୍ନିବା ଯେମିତି କଷ୍ଟ, ଦଇସିକ ଭିତରୁ ମୁଣ୍ଡ ବଥାର ଗୁରୁତ୍ୱ ମାପିବା ସେମିତି ଅସମ୍ଭବ । ରକ୍ତ' ଭିତରେ ମାଂସପେଶୀର, 'ଝଣକା' କାନର 'ହାଲୁହାଲୁ' ଦାନ୍ତର ଏବଂ 'ପେଟମରୁ' ଟଣା ଓଟରୁ ଭିତରେ ଅବସ୍ଥାର ଅଟକଳ କାଠିକର ପାଠ । ପ୍ରଚଳିତ ଶବ୍ଦରେ ଯନ୍ତ୍ରଣାର ସୂଚନା ମିଳେ; ମାତ୍ର ଗମ୍ଭୀରତା ମପା-ଯାଇ ପାରେନା । କିନ୍ତୁ Angina, Renal Colic କହିଲେ ଏକ ନିର୍ଦ୍ଦିଷ୍ଟ ବିପତ୍ତିର ଚିତ୍ର ଆଖି ଆଗକୁ ଆସିଯାଏ । ଏହାର ଗୁରୁତ୍ୱ ଡାକ୍ତର ଏବଂ ସାଧାରଣ ଲୋକଙ୍କ ପାଖରେ ଏକା କଥା ନୁହେଁ ।

ବିଷାଦର ମାନସିକ ଭିତ୍ତି :

ଦୁଃଖ ସହିତ ମଣିଷର ଗଢ଼ିଉଠିଥିବା ସବୁ ସଂପର୍କର ସାକ୍ଷୀ ହେଉଛି ମନ— ଜୀବନର ପ୍ରତ୍ୟେକ ଝାଞ୍ଜୁଆ ଓ ମଳୟର ଝିଲିମିଲି ଶୋକର ସ୍ପର୍ଶରେ କେମିତି ମଉଳା ହୋଇଯାଏ ତାହା ସେ ଦେଖେ । ଜୀବନର ପ୍ରତ୍ୟେକ ଗଳିରେ କ୍ଳେଶର ଆତଙ୍କ କିମିତି ଲୁଚି ବୁଲୁଛିଏ, ତାହା ସେ ଜାଣେ । ବୈଜ୍ଞାନିକମାନେ ବିଶ୍ୱାସ କରନ୍ତି—ମନ ମଗଜରେ ବସା ବାନ୍ଧିଲାପରେ ସ୍ମୃତିର ଖାତାଟିଏ ଖୋଲି ସୁଖଦୁଃଖର ହିସାବ ଲେଖେ । ମାତ୍ର କେଉଁ ପୃଷ୍ଠାରେ କେଉଁ ତଥ୍ୟ ଲେଖାଯିବ, ତାହା ତା'ର ଇଚ୍ଛାଧୀନ ।

Digitized by srujanika@gmail.com

କେତେବେଳେ ସେ ଇଢ଼୍ ବିସ୍ତୃତ କଳା କାଗଜରେ ଆବୃରୁ ଜାବୃରୁ ଅସଂଖ୍ୟ ବାକ୍ୟରେ, କେତେବେଳେ ଇଗୋର ରଙ୍ଗିନ ପୃଷ୍ଠାରେ କିଛି ଶୃଙ୍ଖଳିତ ଧାଡ଼ିରେ ଅଥବା କେବେକେବେ ସୁପର ଇଗୋର ସଫେଦ ମଲଟରେ ମସାଚୁପା ଅନୁଶାସନ ଲିପିରେ ଅନୁଭବକୁ ପରିବେଷଣକରେ । ଫଏଡ୍‌ଙ୍କ ମତରେ ଆଠ ନଅ ମାସର ଗର୍ଭସ୍ଥ ଶିଶୁ କିଛିପରିମାଣରେ ଦୁଃଖ କଷ୍ଟ ବୁଝିପାରେ । ପ୍ରସବକାଳୀନ ଯନ୍ତ୍ରଣା ଓ ପ୍ରସବୋତ୍ତର ସମୟର ବିସ୍ମୟ ଅନୁଭୂତିକୁ ମନେ ରଖିପାରେ । ମାତ୍ର ପୂର୍ଣ୍ଣ ବିକଶିତ ମସ୍ତିଷ୍କରେ ମନର ସହଜ ଝଲକ ଷ୍ଟରପାଞ୍ଚ ମାସର ଶିଶୁଠାରେ ଦେଖାଦିଏ । ସେ ମଧୁର କଥା ଓ ସଙ୍ଗୀତକୁ ଆଦରକରେ । ମମତାମୟ ସ୍ପର୍ଶକୁ ମୂରୁକ ହସି ସମର୍ଥନ ଜଣାଏ । କିନ୍ତୁ 'ସମୟ' ଓ 'କ୍ରମ' ବିଷୟରେ ଧାରଣା ନ ଆସିଲା ପର୍ଯ୍ୟନ୍ତ ମନ ଦୁଃଖକୁ ଦୋ ଦୋ ଚିନ୍ତା କରୁଥାଏ ।

ପାଞ୍ଚ ଛଅ ବର୍ଷ ବୟସରେ ପିଲମାନେ 'ସମୟ' ଓ 'କ୍ରମରକ୍ଷା' ସଂପର୍କରେ ଅବହିତ ହୋଇ 'ଆଜି-କାଲି', 'ଆଗ-ପଛ' ପ୍ରଭୃତିର ଅର୍ଥ ବୁଝିପାରନ୍ତି । ଯଦି କାଳସହ ଘଟଣା କ୍ରମର ସମନ୍ୱୟ ରକ୍ଷାକରିବାରେ ଶିଶୁ ଅସମର୍ଥ ହୁଏ, ତେବେ ସେ ବିସ୍ମୃତି ଓ ମେଧା-ଭାରଲ୍ୟର ଶିକାରହୁଏ । କିଛି ବୁଝି ହେଉନାହିଁ, ମୁଣ୍ଡ କାମ୍ ହୋଇଯାଉଛି ଭଳି ଉପସର୍ଗ ପ୍ରକାଶକରି ପାଠକୁ ଭୟକରେ ପିତାମାତାଙ୍କୁ ପରିଶ୍ରାନ୍ତକରେ ଏବଂ ନିଜେ ବିଷର୍ଣ୍ଣ ହୁଏ । ସମୟ ଓ କ୍ରମ ସଂଯୋଜନାର ଭାର ବାମପାର୍ଶ୍ୱ ବୃହତ୍ ମସ୍ତିଷ୍କକୁ ସଅଁପା ଯାଇଥିଲେ ବି ଦକ୍ଷିଣପାର୍ଶ୍ୱ ମସ୍ତିଷ୍କ ତର୍ଜମା କରିବାରେ ସାହାଯ୍ୟକରେ । ଏ ଅସାମର୍ଥ୍ୟ ଦୃଷ୍ଟିଜନିତ, ସ୍ମୃତିଜନିତ, ଶ୍ରୁତିଜନିତ ବା ମୋଟର ଜନିତ ହୋଇପାରେ । ମାତ୍ର ମାନସିକ କ୍ଲେଶ ସହିଥେ ଯେତେବେଳେ ମନର ଅରମାନ ନ ମେଣ୍ଟେ ବା ମନକୁ ତା'ର ଯଥାଯଥ କାମ କରିବାର ସୁଯୋଗ ନ ମିଳେ ଅଥବା କୌଣସି କାରଣରୁ ତାହା ବିକଳାଙ୍ଗହୋଇ କାମ କରି ନ ପାରିଲେ । ମନର କେତେକ ଗୁରୁତ୍ୱପୂର୍ଣ୍ଣ କାମ ସହିତ ବିଷାଦ ହିଁ ଓତଃପ୍ରୋତ ଭାବରେ ବିଜଡ଼ିତ ।

ପ୍ରତ୍ୟେକ ଘଟଣା ଓ ଖବର ମସ୍ତିଷ୍କରେ ଡାଟା ବା ପ୍ରତୀକ ଭାବରେ ସଞ୍ଚିତ ହୋଇରହିନ୍ତି । ମନ ସେଗୁଡ଼ିକୁ ଆବଶ୍ୟକ ସ୍ଥଳେ ବାହାରକରି ଇନ୍ଦ୍ରିୟ ଭିତରକୁ ଆଣେ । ଏହି ସଞ୍ଚିତ ଅନୁଭବ ହିଁ ସ୍ମୃତି—ଯାହାର ପରିମାଣ ବ୍ୟକ୍ତିର ଏକାଗ୍ରତା, ସଂସର୍ଗ ଏବଂ ରୂପାନ୍ତର ପ୍ରକ୍ରିୟା ଉପରେ ନିର୍ଭରଶୀଳ । ମସ୍ତିଷ୍କରେ କୌଣସି ଅଂଶରେ ସ୍ମୃତି ଠୁଳ ନ ହୋଇ ଏଣେତେଣେ ବିକ୍ଷିପ୍ତହୋଇ ପଡ଼ିଥାଏ । ଗୁପ୍ତଧନକୁ ଏକତ୍ରିତକରି ପ୍ରକାଶ କରିବା ସ୍ମୃତିର ଏକ ବଡ଼ କାମ । ଲାଇବ୍ରେରୀରେ ମୂଲ୍ୟବାନ ବହି ସଜେଇ ରଖିଲେ ଜ୍ଞାନ ନ ବଢ଼ିଲା ଭଳି ବହୁ ତତ୍ତ୍ୱ ବହୁ ଓତଥ୍ୟକୁ ମସ୍ତିଷ୍କରେ ଥୋଇଦେଲେ ସ୍ମୃତିର ପରିସର ବଢ଼େ ନାହିଁ । ବହି ପଢ଼ାଭଳି ତଥ୍ୟାବଳୀର ପୁନଃପ୍ରକାଶ ଏକାନ୍ତ ଆବଶ୍ୟକ । ତେଣୁ କେବଳ

Digitized by srujanika@gmail.com

ତଥ୍ୟକୁ ଆତ୍ମୀକରଣ କରୁଥିବା ସାମର୍ଥ୍ୟକୁ 'କ୍ଷଣସ୍ମୃତି' ଏବଂ ଉଭୟ ପ୍ରକ୍ରିୟା ନିପୁଣତାକୁ 'ଦୀର୍ଘସ୍ମୃତି' କୁହାଯାଏ । ମନ ଦୁଇଟି ଉପାୟରେ ସ୍ମୃତିଶକ୍ତିକୁ ଗଠନ କରେ ଯଥା : ଅନୁମୋଦନ ପ୍ରକ୍ରିୟା ଏବଂ ପ୍ରତ୍ୟେଦନ ପ୍ରକ୍ରିୟା ଅନୁମୋଦନ କ୍ରିୟାରେ ତ୍ରୁଟି ରହିଲେ ଆହରିତ ଜ୍ଞାନ ସ୍ମୃତିକୁ ସମୃଦ୍ଧ କରିପାରେନାହିଁ । ପ୍ରଚଳିତ ବିଜ୍ଞାନ, କଳା, ସଂସ୍କୃତି, ଆଚାର ବ୍ୟବହାର, ଆଇନ ଓ ସମ୍ପର୍କ ନିଜର ଓଜନ ହରାଇବସନ୍ତି । ବ୍ୟକ୍ତି ସମାଜରୁ ଓ ଶୃଙ୍ଖଳାରୁ ବାହାରକୁ ଚାଲିଯାଏ । ଏଠାରୁ ଆରମ୍ଭହୁଏ ସନ୍ଦେହ—ଅବିଶ୍ୱାସ । ସବୁ ପରମ୍ପରା ଓ ନୀତିବୋଧ ମନେହୁଏ ଅସାର । ବହିର୍ଜଗତ ମନେହୁଏ ଛଳନାମୟ—ଅଂକବାନ୍ତ ଗଛଭଳି କଣ୍ଟା କଣ୍ଟା । ସନ୍ତାନ ତୃଷ୍ଣା ଏଠି ଅପୂର୍ଣ୍ଣ ରହିଯାଏ । ମାତ୍ର ପ୍ରତ୍ୟେଦନ କ୍ରିୟାରେ ବ୍ୟତିକ୍ରମ ମଣିଷକୁ କରିଦିଏ ଆତ୍ମକୈନ୍ଦ୍ରିକ । ନିଜକଥା ଅନ୍ୟଦ୍ୱାରା ପ୍ରତ୍ୟାଖ୍ୟାତ ହେବାର ଆଶଂକାରେ ସେ ସର୍ବଦା ବ୍ୟତିବ୍ୟସ୍ତ । ନିଜ ଅଭିଷ୍ଟକୁ ଅନ୍ୟ ଜଣକର ମାଲିକାନାରେ ଦେଖିବାକୁ ସେ ଆଦୌ ଇଚ୍ଛା କରେନାହିଁ । ଖଣ୍ଡିତ ସ୍ୱାର୍ଥକୁ ଦେଖି ସେ ବିବ୍ରତ ହୁଏ । ଇର୍ଷାରେ ହସେ । କ୍ରୋଧରେ କାନ୍ଦେ । ଏ ଅବସ୍ଥାରେ ମନରେ ଫାଟ ସୃଷ୍ଟି ହୁଏ । ବୟସ ବଢ଼ିବା ସଙ୍ଗେ ସଙ୍ଗେ ଏ ଫାଟ ବଢିଯାଏ ।

ସ୍ମୃତି ଜଗତରେ ଏଭଳିକି ଆଲୋଡନ ଚାଲିଥିଲାବେଳେ ଶିଶୁ ଏବଂ ଯୁବକଙ୍କ ମନରେ ଯୌନଚିନ୍ତା, ଭବିଷ୍ୟତ ସ୍ୱପ୍ନ ଏବଂ ମୃତ୍ୟୁ ସଚେତନତାର ବିକାଶ ଘଟେ ବୋଲି ପିଏଗେଟ୍ କହନ୍ତି । ଷ୍ଟାଇଲ, ଆଭିମୁଖ୍ୟ ଓ ବ୍ୟବହାର ଭିତରେ ନିଜକୁ ପ୍ରତିଷ୍ଠିତ କରିବାର ଇଚ୍ଛା ନୂତନ ମୂଲ୍ୟବୋଧ ବା ଅନନ୍ୟ ଇମାରତ ତିଆରିକରେ । ଏଥିପାଇଁ ମୁଖ୍ୟତଃ ସୁପର ଇଗୋ ଦାୟୀବୋଲି ପିଏଗେଟଙ୍କ ମତ । ବସ୍ତୁତଃ ସୁପର ଇଗୋ ମନର ଉଦ୍ଦାମତାକୁ ନିୟନ୍ତ୍ରଣକରି ଭଲମନ୍ଦର ଧାରଣା ଦେଉଥିବାରୁ ଏହା ବିବେକର କାର୍ଯ୍ୟକରେ । ଇଗୋ ସମସ୍ତ ଅସ୍ତିବାଦ କରିଆରେ ମଣିଷକୁ ଲକ୍ଷ୍ୟାଭିମୁଖୀ କରେ । ମାତ୍ର ସୁପର ଇଗୋର ଶୃଙ୍ଖଳା ଅବିଶ୍ୱବିକଶିତରେ ମଣିଷ ଅପରାଧପ୍ରବଣ ହୋଇଯାଏ । ଏ ଅବସ୍ଥା ଇଡ଼ିପସ୍ କଂପ୍ଲେକ୍ସର ପୁନରାବୃତ୍ତି । ଇଡ଼ିପସ କଂପ୍ଲେକ୍ସ ଉପରେ ସମାଜ ଓ ସଂସ୍କୃତିର ବହୁ ପ୍ରଭାବ ପରିଲକ୍ଷିତହୁଏ । ଏରିକସନଙ୍କ ମତରେ ଶିଶୁ ଏ ପ୍ରଭାବକୁ ତାର ପର୍ଯ୍ୟବେକ୍ଷଣ ଓ ଅନୁକରଣ ମାଧ୍ୟମରେ ଲାଭକରିଥାଏ । ମାତ୍ର ଛଅ ସାତବର୍ଷ ବୟସରେ ଇଡ଼ିପସ୍ କମ୍ପ୍ଲେକ୍ସକୁ ଶମିତ କରିବାର ସାମର୍ଥ୍ୟ ଆସିଯିବାର କଥା । ଯଦି ଏହା ନ ହୁଏ ନୀତି ନିୟମକୁ ଫାଙ୍କିଦେବାର ପ୍ରବୃତ୍ତି ଏକ ପ୍ରତିରକ୍ଷା ମନୋବୃତ୍ତିକୁ ଜନ୍ମଦିଏ । ଫଳରେ ଅପରାଧ ପ୍ରତି ଉନ୍ମାସିକତା ବଦଳରେ ଉଲ୍ଲାସ ଆସିଯାଏ । ଏହି ପ୍ରକ୍ରିୟା ସାଧାରଣତଃ ଦମନ, ନିରୋଧ, ବିସ୍ଥାପନ ଓ ଅଂରୋପଣ ମାଧ୍ୟମରେ ପର୍ଯ୍ୟବସିତ ହୁଏ । ମାତ୍ର କୋଲବର୍ଗ ବିବେକ ଗଠନରେ ତିନୋଟି ପର୍ଯ୍ୟାୟ ବିଷୟରେ ସୂଚନା ଦେଇ କହନ୍ତି : ଏହି ପର୍ଯ୍ୟାୟଗୁଡ଼ିକ ଯଥାଯଥ ଭାବରେ ବିକଶିତ ନ ହେଲେ ବ୍ୟକ୍ତି ଅବିବେକୀ ହୋଇପଡେ । ଏହି ପର୍ଯ୍ୟାୟ ତିନୋଟି ହେଉଛି 'ପ୍ରାକ୍-ଗତାନୁଗତିକ', 'ଗତାନୁ-

Digitized by srujanika@gmail.com

ଗଢକ' ଏବଂ 'ପର-ଗତାନୁଗଢକ' ଏବଂ ପ୍ରତ୍ୟେକରେ ଦୁଇଟିକରି ଉପପର୍ଯ୍ୟାୟ ରହିଛି । ଦୁଇ ତଳବର୍ଗର ଶିଶୁ ଯନ୍ତ୍ରଣାକୁ ଏଡ଼ାଇଦେଇ ଆନନ୍ଦକୁ ଆଦର କରିବାକୁ ଶିଖେ । ପ୍ରଥମ ଓ ଦ୍ୱିତୀୟ ପର୍ଯ୍ୟାୟର ବିବେକ ସଂସ୍କୃତିରହିଛି ପ୍ରାଥମିକ ଶିକ୍ଷାର୍ଥୀଙ୍କ ମଧ୍ୟରେ । ତୃତୀୟ ଓ ଚତୁର୍ଥ ପର୍ଯ୍ୟାୟର ବିକାଶଘଟେ ଶୈଶବ ଓ ଯୁବାବସ୍ଥାରେ । ପଞ୍ଚମ ପର୍ଯ୍ୟାୟ କେତେକ ପ୍ରୌଢ଼ଙ୍କ ଜୀବନରେ ହିଁ ଆସେ । ମାତ୍ର ଷଷ୍ଠ ପର୍ଯ୍ୟାୟ ସାମାନ୍ୟ କେତେଜଣଙ୍କ ଭାଗ୍ୟରେ ଯୁଟେ ।

ବିବେକର ବୈଜ୍ଞାନିକ ପରିଭାଷା ହେଉଛି ସାମର୍ଥ୍ୟ, ପ୍ରାପ୍ତି ଓ ପରିସ୍ଥିତିର ସନ୍ତୁଳନ ଅବସ୍ଥା । ବାମନ ହୋଇ ଚାନ୍ଦକୁ ହାତ ବଢ଼ାଇଲେ ହତାଶା ମିଳେ । ବିନା ଅଧ୍ୟବସାୟରେ ଅଧିକ ଅର୍ଥ ମିଳିଗଲେ ଗର୍ବ ଆସେ । ଦେଶ, କାଳ, ପାତ୍ର ବିବେଚନା ନକରି କାମକଲେ ଲୋକହସା ହେବାକୁ ପଡ଼େ । ନୈରାଶ୍ୟ, ଅହଂକାର ଓ ଉପହାସ ମଣିଷକୁ ପ୍ରତିହିଂସାପରାୟଣ କରେ । ବିବେକର ଅଂକୁଶ ଯଥେଷ୍ଟ ନ ହେଲେ ମଣିଷ ଅନ୍ୟାୟ କରେ । ଉପଭୋଗର ମଧୁର ଝଙ୍କାରରେ ଅପାରଗତା ତେଙ୍ଗା ଦିଶୁଥିବା ନିଜର ଗୁଣକୁ ମଣିଷ ବ୍ୟକ୍ତିତ୍ୱ ଭାବି ଖୁସିହୁଏ । ମାତ୍ର ମଧ୍ୟାହ୍ନର ପ୍ରଖର ଖରାରେ ଯେତେବେଳେ ବ୍ୟକ୍ତିତ୍ୱ ସଂକୁଚିତ ହୋଇଯାଏ, ତାକୁ ବିଶ୍ୱାସ କରି ନ ପାରି ସେ ଦୁଃଖରେ ଭାଙ୍ଗିପଡ଼େ ।

ଦୁଃଖର ଦରବାର ଓ ବିସ୍ମୃତିର କୁହୁକ :

ସବୁଦିନେ ଦୁଃଖର ଦରବାର ବସେ । ମିଆଦା ସରେ ତାର ଡାକରାହୁଏ । ତାକୁ ଫାଙ୍କିଦେବାର ଯୁକ୍ତି କାହାର ନଥାଏ । ତା' ଡାକ କାନରେ ପଡ଼ିଲେ ହୃଦୟ ଶୁଖିଯାଏ । ଦେହ ଶୀତେଇଉଠେ । ଗମ୍‌ଗମ୍ ଝାଳ ବହିଯାଏ । ଅସ୍ଥିର ମନ ଖାଇ ପାରେନା କି ଶୋଇ ପାରେନା । ହସି ପାରେନା କି ରସି ପାରେନା । ଗୁପ୍ତଦୂତ ପଥ ଓଗାଳେ । ତମତମ ତକରାର କରେ । ଦୁଃଖର ଦରବାରରେ କ୍ଷୟକ୍ଷତିର ହିସାବ ହୁଏ । ମାନ ଅପମାନର ବିଚାରହୁଏ । ଯାହାର କ୍ଷତି ଯେତେ ତାହାର ଦୁଃଖ ସେତେ । ଦୁଃଖ ଦରବାରରେ ମଣିଷ ଅଣନିଃଶ୍ୱାସୀ ହୋଇପଡ଼ୁଥିଲାବେଳେ "ବିସ୍ମୃତି" ତାର ମାୟା ରଚନାକରେ । ଅବସାଦର ଅବଧାରି ପାଞ୍ଚଣ ପାହାରଟେ ଖାଇ ନ ଖାଉଣୁ ତାହା ଭାଙ୍ଗିଯାଏ । ହେଟାଗୁଡ଼ି ପଡ଼ିଥିବା ବାଘ ଗୁଡ଼ିକ ଶାନ୍ତିରେ ମୁଣ୍ଡଟେକେ । ନିତିଦିନର ଘଟଣାପ୍ରବାହ ଭିତରେ ଦୁଃଖ ମିଳେଇଯାଏ ।

'ବିସ୍ମୃତି' ଘା' ଉପରେ ବଉଳା ବନ୍ଧା କାମକରି ଏକ ଭରଣା ପ୍ରକ୍ରିୟା । ଗଛର କ୍ଷତରେ ତନ୍ତୁ ବଢ଼ି ସମତୁଲ କଲାପରେ ଚର୍ମମାଢ଼େ ଓ କ୍ଷତ ଦେହରେ ମିଶିଯାଏ । ଠିକ୍ ସେମିତି ମାନସିକ ଖାତରେ ବରଦାସ୍ତର ମାଟିପଡ଼େ । କୃଷ୍ଣାମଣାର ବାଲି ଚରେ । ସାଂସାରିକ ଆବର୍ଜନାରେ ତା' ଚେତନା ଭରିଯାଏ । ଶେଷରେ ଧୈର୍ଯ୍ୟର ଛନ ଛନ

Digitized by srujanika@gmail.com

ଦୁବଘାସ ସବୁଜ କରିଦିଏ । କ୍ଷତିର ସ୍ମୃତି ସାମାନ୍ୟ ଧଳା ଚିହ୍ନକୁ ରୂପାନ୍ତରିତ ହେଲାପରେ ପ୍ରଶମିତ ଦୁଃଖ ଦାଗ ଭିତରେ ସୀମିତ ହୋଇଯାଏ । ମାତ୍ର ଏ ବିସ୍ମୃତି ନିଷ୍କୃତି କେଉଁ ସ୍ତରରେ କିପରି କାମକରେ କହିହେବନାହିଁ । ସେଥିପାଇଁ ଏହାକୁ କୁହୁକବିଦ୍ୟା କହିଲେ ଅଧିକ ଯୁକ୍ତିଯୁକ୍ତ ହେବ । ବିସ୍ମୃତି ତତ୍ତ୍ୱକୁ ପଢ଼େଇ ହେବନାହିଁ, ଶିଖେଇ ହେବ-ନାହିଁ । ଏହା ଏକ ସ୍ୱୟଂଭୂ ସାଧନା—ବିଭୂତିର ଭୂତି ।

ମାତ୍ର ସମସ୍ତଙ୍କ ଭିତରେ କିଛି ନା କିଛି ଦୁଃଖ ଅବା ଅବଶୋଷ ଥାଏ । ଅପୂର୍ତ୍ତି ରହିଲେ ହିଁ ପୂର୍ତ୍ତି ଆଡ଼କୁ ମନବଳେ । ତ୍ରୁଟି ରହିଲେ ହିଁ ଆଦର୍ଶ ପ୍ରତି ଶ୍ରଦ୍ଧା ଆସେ । ଏହିପରି ନୈରାଶ୍ୟ ଭିତରୁ ଉଚ୍ଚାଙ୍ଗ ସାହିତ୍ୟ, କଳା ଓ ଦର୍ଶନର ସୃଷ୍ଟି । ତୀବ୍ର ଅଭାବ ବୋଧ ଭିତରୁ ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା ଜନ୍ମନେଇଛି । ଅବସାଦର ଏକ ସ୍ପର୍ଶକାତର ଗୁଣ ଅଛି । ନିମ୍ନ ଭୋଲଟର ବିଦ୍ୟୁତ୍ ସ୍ରୋତ ଉତ୍ତେଜନା ସୃଷ୍ଟି କଲାଭଳି ମଧୁର ଦୁଃଖ ଶିହରଣ ସୃଷ୍ଟି କରେ । ଏହି ଉଦ୍‌ବେଳନ ଭିତରୁ ଅମୃତ ବାହାରେ । ମଣିଷର ସର୍ବଶ୍ରେଷ୍ଠ କୃତି ଓ ସାଧନା ଜୀବନ୍ୟାସ ପାଏ । 'ନ କାଂକ୍ଷେ ବିଜୟଂ କୃଷ୍ଣ' ବିଷାଦର ସବୁ କଥା ନୁହେଁ ଏହା ଏକ ମୋହାଚ୍ଛନ୍ନ ଦଶାମାତ୍ର । ନିବିଡ଼ ଆତ୍ମସମୀକ୍ଷା ଓ ଅନୁଧ୍ୟାନ ପରେ ବିଷାଦର ଉଜ୍ଜ୍ୱଳ ଦିଗଟି ତୋଫା ଦିଶେ । ସେତେବେଳେ ବ୍ୟକ୍ତି ସ୍ଥିତପ୍ରଜ୍ଞ ହୋଇଯାଏ । ଇନ୍ଦ୍ରିୟର ଉପଦ୍ରବ ନ ଥାଏ । ମନରେ ସଂଶୟ ନଥାଏ । ଆତ୍ମା ଊର୍ଦ୍ଧ୍ୱମୁଖୀ ହୋଇଯାଇଥାଏ । 'ବିରହ' ଓ ବିସ୍ମୃତି' ଭିତରେ ଥିବା ସଂପର୍କ ବୁଝିବାକୁ ହେଲେ ସେମାନଙ୍କର ଭୌତିକ ଓ ରସାତ୍ମକ ବୈଚିତ୍ର୍ୟକୁ ଅନୁଧ୍ୟାନ କରିବାକୁ ପଡ଼େ ।

ପ୍ରତିକ୍ରିୟାଶୀଳ ପରିଶ୍ରାନ୍ତି :

କ୍ଷତିର ପ୍ରତିକ୍ରିୟା ସ୍ୱରୂପ ପରିଶ୍ରାନ୍ତି ଆସେ, ଯେପରି ଆତ୍ମୀୟସ୍ୱଜନର ମୃତ୍ୟୁ, ଅର୍ଥହାନି, ଚାକିରିରୁ ବରଖାସ୍ତ । କ୍ଷତି ବି କାଳ୍ପନିକ ହୋଇପାରେ ; ଯେପରି ଜଣେ ପୁଅ ମା' ପାଖରେ ଅନାଦର କରୁଛି ବୋଲି ଭାବିବା, କନିଷ୍ଠ କିରାଣୀଙ୍କୁ ଅଫିସରେ ପଚାରିଲେ ବଡ଼ବାବୁଙ୍କର ଗାତ୍ରଦାହ ହେବା, ଇତ୍ୟାଦି । ଅନ୍ୟର ସମ୍ମାନ ହାନୀ, ପ୍ରତିପତ୍ତି ହ୍ରାସ ଏବଂ ଅନାସ୍ଥାଭାବକୁ ଲକ୍ଷ୍ୟକରି ବ୍ୟକ୍ତି ମଧ୍ୟ ପ୍ରଚ୍ଛନ୍ନ କ୍ଷତିର ଶିକାରହୁଏ । ମାତ୍ର ପ୍ରତ୍ୟେକ କ୍ଷେତ୍ରରେ ଚାରି ପାଞ୍ଚଟି ଉପସର୍ଗ ପ୍ରକାଶିତହୁଏ । ବ୍ୟକ୍ତି ମାନସିକ ଯନ୍ତ୍ରଣାରେ ଅବଶ ଓ ନିସ୍ତେଜ ହେବାପରେ ମୃତବ୍ୟକ୍ତିର ଛବିକୁ ଆଖିଆଗରେ ଆଙ୍କି ଝୁରିହୁଏ, କ୍ଷୟକ୍ଷତି ପାଇଁ ନିଜକୁ ଦାୟୀକରି ଆତ୍ମଗ୍ଲାନିରେ ମୁହ୍ୟମାନ ହୁଏ, ବନ୍ଧୁ ଓ ପରିଜନଙ୍କ ପ୍ରତି ରାଗ, ଘୃଣା ବା ଅଭିମାନ ପ୍ରକାଶରେ କିମ୍ବା ତାର ଚାଲି ଚଳଣ, କଥା ବାର୍ତ୍ତା, ଆଚାର ବ୍ୟବହାରରେ ପରିବର୍ତ୍ତନ ଦେଖାଦିଏ । ସାଧାରଣତଃ ମାସେ ଦେଢ଼ମାସ ଭିତରେ ଉପସର୍ଗଗୁଡ଼ିକ ଆସ୍ତେ ଆସ୍ତେ ଅପସରିଯାଏ ଏବଂ ଆଘାତପ୍ରାପ୍ତ ବ୍ୟକ୍ତି ସ୍ୱାଭାବିକ

Digitized by srujanika@gmail.com

କାର୍ଯ୍ୟକ୍ଷମହୁଏ । ମାତ୍ର ବେଳେବେଳେ ତନ୍ଦ୍ରା ସ୍ତର ମାତ୍ର ଅତିକ୍ରମ ପରେ ବି ଉପସର୍ଗ ଉଣା ହୁଏନାହିଁ । ଦୁଃଖ ପ୍ରଶମନ କ୍ରିୟାର ଏ ବିକୃତିକୁ 'ପାଥୋଲୋଜିକ ଗ୍ରିଫ୍' କୁହାଯାଏ । ଭାବନାରେ ହେଉ କି ପ୍ରେରଣାରେ ହେଉ ଦୁଃଖ ଶୀତଳ ହୋଇ ଆସେ । ବାହାରେ ଦୁଃଖର ଚିହ୍ନ ବର୍ତ୍ତି ଦିଶେନାହିଁ । କିନ୍ତୁ ସେହିପରି ଦୁଃଖର ଅନ୍ୟକିଏ ଶିକାର ହେବା ଦେଖିଲେ ସରବାନ୍ଧ ଯାଇଥିବା ଟିକମକ କାରୁଣ୍ୟ ପୁଣି ଉଛୁଳିପଡ଼େ । ଦୁଃଖର ଏହା ହେଉଛି 'ପୁନଃ ଜାଗରଣ ପ୍ରକ୍ରିୟା' । କେତେକ କ୍ଷେତ୍ରରେ ଦୁଃଖକୁ ଘୋଡାଇପକାଇବାର ଅଭିନୟକରି ବିଚାରି ଦୁଃଖୀଟି ହରସ, ପ୍ରଫୁଲ୍ଲ ଓ ବେପରୁଆ ଢଙ୍ଗ ଦେଖାଏ । ଉତ୍କଣ୍ଠାର ପରିବର୍ତ୍ତନ ସଙ୍ଗେ ସଙ୍ଗେ ଏ 'ଆବେଗିକ ଛଳନା' ଚରମାର ହୋଇଯାଏ । ପୁଣି ଦୁଃଖର 'ବିକଳ ପ୍ରକାଶ' ଘଟେ ଧୂମପାନ, ଜୁଆ ଖେଳ, ଯୌନାସକ୍ତି ଓ ନିଶାସେବନ ଜରିଆରେ । ଦୁଃଖର ଆଉ ଏକ ରହସ୍ୟମୟ ପରିଣତି ଘଟେ ଯେତେବେଳେ ଆକ୍ରାନ୍ତ ବ୍ୟକ୍ତିଟି ମୃତବ୍ୟକ୍ତିର ଦୁରାରୋଗ୍ୟ ରୋଗ ଭୋଗକରୁଛି ବୋଲି ବଦ୍ଧମୂଳ ଧାରଣାର ଶିକାରହୁଏ । ପ୍ରକୃତ ରୋଗ ନ ଥାଇ କଳ୍ପନା ଭିତରେ ଦୁଃଖ ଏ ଯେଉଁ ବ୍ୟାଧିଗ୍ରସ୍ତର ସୃଷ୍ଟିକରେ ତାହା ହାଇପୋ କଣ୍ଡ୍ରିୟାସିସ୍ (Hypo chondriasis) ।

ଫିନୋଥିଅଜିନ୍, ରେସର୍ପିନ, ଷ୍ଟିରଏଡ୍ ପ୍ରଭୃତି କେତେକ ଔଷଧ ସେବନରେ ସୁସ୍ଥମନରେ ଉଦ୍‌ବେଳନ ଆସେ । ଔଷଧ-ପୀଡ଼ିତ ମନରେ ସନ୍ଦେହ, ଅସ୍ଥିରତା ଓ କାରୁଣ୍ୟ ସୃଷ୍ଟିକରେ । ଯକ୍ଷ୍ମା, ହୃଦରୋଗ, କର୍କଟ, ପକ୍ଷାଘାତ, ରକ୍ତଚାପ, ମଧୁମେହ ପ୍ରଭୃତି ରୋଗରେ ଦୈହିକ ଯନ୍ତ୍ରଣା ସାଙ୍ଗକୁ ମାନସିକ ଦୁଶ୍ଚିନ୍ତା ବୃଦ୍ଧିପାଏ ।

ବିଷଣ୍ଣ ଉଦ୍‌ବେଗ (Mania and Involutional Psychosin)

ବିଷଣ୍ଣତା ଓ ଉଦ୍‌ବେଗ ଦୁଇଟି ବିପରୀତ କ୍ରିୟା । ଚିକିତ୍ସା ବିଜ୍ଞାନରେ 'ଉଦ୍‌ବେଗ' (Mania) ଏକ ବଶିଷ୍ଟ ଭୂମିକା ଗ୍ରହଣକରିଛି । ଚିତ୍ତାହରଣ, ଉଲ୍ଲସିତ ଆବେଗ ଏବଂ ଅତିମାନସିକ ଭୌତିକ ବ୍ୟବହାରରୁ ଏହାକୁ ଚିହ୍ନିହୁଏ । ରୋଗୀମାନେ ସାମାନ୍ୟ ଘଟଣାରେ ବିଭୋର ହୋଇପଡନ୍ତି । ଯନ୍ତ୍ରଣାର ପ୍ରକାଶପାଇଁ ଉପଯୁକ୍ତ ଶବ୍ଦଚୟନର ଅସାମର୍ଥ୍ୟ ପ୍ରକାଶକରି ହାସ୍ୟାସ୍ପଦ ହୁଅନ୍ତି । ଯୌନ ସ୍ୱାଭାବିକତା, ଧ୍ୱଜଭଙ୍ଗ ବା ରତି-ମାଧ୍ୟମରେ ଛଟପଟ ହେଉଥିଲାବେଳେ ହତ୍ୟା ଓ ଆତ୍ମହତ୍ୟାର ଯୋଜନା ବି କରନ୍ତି । ଉଦ୍‌ବେଗ ଭିତରେ 'ବିଷଣ୍ଣତା'ର ମିଶ୍ରଣ ଘଟିଲେ ନାନାବିଧ ରୁଗ୍ଣ ମାନସିକତା ପ୍ରକାଶିତହୁଏ । ବିଭ୍ରମ ବିଶ୍ୱାସ ବା ଡେଲିଉସନ୍ସ ସମସ୍ତଙ୍କର ଏକ ଉଜ୍ଜ୍ୱଳ ଦୃଷ୍ଟାନ୍ତ । ଏଥିରେ ବ୍ୟକ୍ତି ନିଜକୁ ରାଜା କମ୍ବା ରଙ୍କ ଭାବିପାରେ । ସେ ସମସ୍ତଙ୍କ ଈର୍ଷାର ପାତ୍ର ବୋଲି ମନେକରିପାରେ । ତା ବିରୋଧରେ ଷଡ଼ଯନ୍ତ୍ର ଚାଲିଛି ବୋଲି ପ୍ରତିବାଦ କରି-ପାରେ । ଶିକ୍ଷାଦୀକ୍ଷା, ବୁଝା ଶୁଝା, ଯୁକ୍ତି ତର୍କ କିଛି ତାକୁ ତୁଷ୍ଟ କରିପାରେନାହିଁ । ସମଧର୍ମୀ ଆଉ ଗୋଟିଏ ରୁଗ୍ଣ ମାନସିକତା ହେଉଛି 'ଅଳୀକ ଅନୁଭବ' । ଯେଉଁଥିରେ

Digitized by srujanika@gmail.com

ବାହ୍ୟକାରଣ ନ ଥାଇ ସବୁପ୍ରକାର ଅସମ୍ଭବ କଥା ଅନୁଭବ କରନ୍ତି । ମୂଷା ନ ଥାଇ ମୂଷା କାମୁଡ଼ୁଥିଲା ପରି ଲାଗେ, ଲୋକ ନ ଥାଇ କାନରେ ଫୁସ୍ ଫୁସ୍ ହେଉଛନ୍ତି ବୋଲି ମନେହୁଏ, ମନ୍ଦିର ନ ଯାଇ ବି ଦେବଦେବୀଙ୍କର ସାକ୍ଷାତ ଦର୍ଶନ ହୁଏ । 'ମିଥ୍ୟା ପ୍ରକରଣ' ଯେଉଁ ରୁଗ୍ଣ ମାନସିକତାର ପରିଚୟ ଦିଏ, ତାହା ପାଗଳାମୀର ଏକ ଲକ୍ଷଣ ରୂପେ ସ୍ୱୀକୃତ ହୁଏ । ଏଥିରେ ମଶାଣିରେ ଝୁଲୁଥିବା ଦଉଡ଼ି ସାପଭଳି ଭୟ ସଂଚାର କରେ । ଶ୍ମଶାନର ଭଙ୍ଗା 'ବରଡାଳ ଅସ୍ଥିରୁଗ୍ଣୀର ହାତ ପରି ଭୟଙ୍କର ଦିଶେ । ଏ ସବୁ ପରିସ୍ଥିତି ଯେ ବିଷାଦର ସନ୍ତାପର କହିବା ଅନାବଶ୍ୟକ । ଚିକିତ୍ସା ଶାସ୍ତ୍ରରେ ମାନିଆ 'ହାଇପୋ ମାନିଆ', 'ଏକ୍ୟୁଟ ମାନିଆ', ଡେଲିରିଅସ୍ ମାନିଆ' ଏବଂ 'କ୍ରନିକ ମାନିଆ' ଆଦି ବହୁ ସ୍ତରରେ ବିଭକ୍ତ ।

ପ୍ରାରବ୍ଧ ବିଷାଦ :

ଫ୍ରଏଡ଼ଙ୍କ ମତରେ ବିଷାଦ ଏକ ମୂର୍ତ୍ତି । କୁଟା, କାଠି, ମାଟି ଓ ରଙ୍ଗ ଆଦି ଉପାଦାନରେ ମୂର୍ତ୍ତିର ଗଠନ ଭଳି ଜନ୍ମକାଳୀନ ଗୁଣ ଓ ସ୍ୱଭାବକୁ ନେଇ ବିଷାଦର ମୂର୍ତ୍ତି । ପିତା ମାତାଙ୍କଠାରୁ ବିଷାଦ ଉତ୍ତରାଧିକାର ସୂତ୍ରରେ ପୁଅ ଝିଅ ପାଇବାକୁ ବାଧ୍ୟ । ମାତ୍ର ଏଡ଼୍‌ଓ୍ୱାର୍ଡ଼୍ ବାଇବ୍ରିଂ ବିଶ୍ୱାସ କରନ୍ତି ଯେ, ଶୈଶବ ଓ ଯୌବନ କାଳରେ ସଂଘଟିତ ନୈତିକ ନୈରାଶ୍ୟବୋଧ, ହୀନମନ୍ୟ ଭାବ ଓ ସାମାଜିକ ଅବହେଳାରୁ ବିଷାଦର ଉତ୍ପତ୍ତି । ବୟସ ବଢ଼ିବା ସଙ୍ଗେ ସଙ୍ଗେ ବିଷାଦର ବହୁ ବିବର୍ତ୍ତନ ଘଟେ । ଦୁଃଖରେ ଭାଙ୍ଗି ପଡ଼ୁଥିଲେ ବି ବ୍ୟକ୍ତି ସ୍ଥିର ହୋଇ ବସିପାରେ ନାହିଁ । କଥା ଭାଷା ଅସଂଲଗ୍ନ ଓ ଏକାଭଳି ହେଉଥିଲେ ବି କହିବାରୁ କେବେ ବିରତ ହୁଏନାହିଁ । ଜନ୍ମଠାରୁ ସଂଚିତ ଉତ୍କଣ୍ଠା (anxiety)ର ଏହା ପ୍ରସ୍ୱଭୂତ ପରିଣତି ବୋଲି କେହି କେହି କହନ୍ତି ।

ଭୟର ଭୂଗୋଳ ଓ ବିଷାଦର ମାନଚିତ୍ର :

ଭୟର ବିସ୍ତୃତ ରଙ୍ଗ ବେରଙ୍ଗ ପରିବେଶରୁ କାଣିଚାଏ ନେଇ ବିଷାଦର ମାନଚିତ୍ର । ଭୟର ସବୁ ଇଲାକା ବିଷାଦଦ୍ୱାରା ଉପଦ୍ରୁତ ନୁହେ । ତଥାପି ଘରୁ ପାଦ କାଢ଼ିଲେ ଭୟର ଧସା ବାଲିରେ ଚାଲିବାକୁ ହୁଏ । ଜାତିଆଣିବାଦର ପଙ୍କ ଗନ୍ଧରେ ନାକ ଫାଟିପଡ଼େ । ଛକରେ ଛକରେ ଫୁଟେ ସନ୍ତ୍ରାସବାଦର କମାଣ । ଅଫିସରେ ହାକିମଙ୍କୁ ଭୟ, ବଦଳିକୁ ଭୟ, ଜନତାକୁ ଭୟ । ବାହାରେ କଥାକୁ ଭୟ, ଭିତରେ ପ୍ରଥାକୁ ଭୟ । ମନ୍ଦିରରେ ଠାକୁରଙ୍କୁ ଭୟ, ପୂଜକଙ୍କୁ ଭୟ । ମାତ୍ର ଏ ଭୟର ସଂସ୍କାର ଘଟେ ନ୍ୟୂନତା ଅବବୋଧରୁ । ବ୍ୟକ୍ତିର ସାମର୍ଥ୍ୟ ଯେତେବେଳେ ବିପଦକୁ ମୁକାବିଲା କରିବାକୁ ଅକ୍ଷମ ହୁଏ ସେତେବେଳେ ଭୟର ଅଭ୍ୟୁଦୟ ଘଟେ । କେହି କେହି ମନସ୍ତାତ୍ତ୍ୱିକ କହନ୍ତି—ଏହା ଏକ ପ୍ରତିରୋଧ ପ୍ରକ୍ରିୟା । ନିଜକୁ ବଞ୍ଚାଇ ରଖିବାର ପ୍ରଚେଷ୍ଟା, ଭୟର

Digitized by srujanika@gmail.com

ସ୍ୱର ପୋଷାହୁଏ । ଶୈଶବରେ, ମାତ୍ର ତାହା ତାଳ ପତ୍ର ମେଲିବା ଆଗରୁ ବୟସର ପାକୁଳରେ ନଷ୍ଟହୋଇଯାଏ । ପ୍ରୌଢ଼ର ପୃଷ୍ଠଭୂମି ବେଶ୍ ପରିଚ୍ଛନ୍ନ ଦିଶେ । ଭୟ କାରାରେ ଦୃଢ଼ତା ବୁଦା ମାଡେ ।

ପାପୀ-ମନ ସତତଃ ଶଂକାକୁଳ । ପାପ ପୂଣ୍ୟର ବସ୍ତୁର ଆପେକ୍ଷିକ ହେଲେ ବି ଯେଉଁ କାମ ଅନ୍ୟ ଜଣେ କଲେ ଆମେ ଅନୁଚିତ ବୋଲି ଭାବୁ ସେଥିରେ ଲିପ୍ତ ହେବାର ଅନ୍ୟନାମ ପାପ । କିନ୍ତୁ ଭୟର ପ୍ରତ୍ୟକ୍ଷ କାରଣ ଯେ ଆତ୍ମାନୁରାଗ ଏବଂ ପରୋକ୍ଷ କାରଣ ପରଶ୍ରୀକାତରତା ଏଥିରେ ସନ୍ଦେହନାହିଁ । ନିଜର ପ୍ରତିପତ୍ତି ଅଧୁଣ୍ଣରହୁ । ସଂଭୋଗ ଓ ପ୍ରଜନ୍ମ ଅମ୍ଳାନରହୁ । ଅନ୍ୟ କେହି ତାକୁ ଅତିକ୍ରମିବା ତ ଦୂରରକଥା ତା' ସ୍ତରର ନ ମାଡୁ । ଏଇମିତ ଯେତେ ପ୍ରତିଷ୍ଠା ଓ ସମ୍ମାନକୁ ଲୁଟ୍ ହୋଇଯିବାକୁ କେହି ଦିଏନାହିଁ । ମୃତ୍ୟୁ ପରେ ବି ପୁତ୍ର ପୌତ୍ରାଦି କ୍ରମେ ତାହା ନିଜର ଭୁକ୍ତ ହେଉ, ଏହାହିଁ ପ୍ରତ୍ୟେକ କାମନାକରନ୍ତି । ସେଥିପାଇଁ ପରପକ୍ଷ ଖୋଦାଯାଏ—ଦ୍ୱିତୀୟ ପକ୍ଷର ଯୋଗାଡ଼ ହୁଏ—ପୋଷ୍ୟପୁତ୍ର ଗ୍ରହଣ କରାଯାଏ । ନିଜର ଅସ୍ତିତ୍ୱ ଲୋପ ଭୟରେ ଅତିଷ୍ଠ ମଣିଷ ଅସହାୟ ହୋଇପଡେ । ଧର୍ମ ଉପରେ ଉପବୀତ ପନ୍ଦେ, ମୁଣ୍ଡିତ ହୁଏ, ବଳି ଦିଏ, କରମା ଓ କୃପାଣକୁ ପୂଜାକରେ । କାକୁସ୍ଥ ହୋଇ ଅଧିଆପଡେ ଭଗବାନଙ୍କ ପାଖରେ । କରପଟ ଯୋଡ଼ି କରୁଣା ମାଗେ ।

ଭୟ ହେତୁ ଦୁର୍ବିନିତ ମଣିଷ ସଂଯମୀ ହେଇଛୁ, ବିନୟୀ ହୋଇଛୁ ଓ କାମ କରିବାର ଉତ୍ସାହ ପାଇଛୁ । ମାତ୍ର ବୟସର ପାକୁଳରେ ଯେତେବେଳେ ଭୟ ବଢ଼ି ଯାଇଛୁ ସେତେବେଳେ ତାର ବିବର୍ତ୍ତନ ଘଟିଛୁ ଆଶଂକା ଏବଂ ଅସ୍ୱସ୍ତିରେ । ଆଧୁନିକ ଜୀବନରେ ପ୍ରକୃତ ଭୟଠାରୁ ଏ ଦୁର୍ଦ୍ଦିନର ଭୂମିକା ଗୁରୁତ୍ୱପୂର୍ଣ୍ଣ ।

କେତେକ ଯୁକ୍ତିହୀନ ଅବାସ୍ତବ ଚିନ୍ତାକୁ ନେଇ ଆଶଂକା ପରିପୁଷ୍ଟ । ସାଧାରଣ ଛଅ ଆଠ ବର୍ଷର ଶିଶୁଠାରେ ମଧ୍ୟ ଏ ଆଶଂକା ଦେଖାଦିଏ । ବନ୍ଦ କୋଠରୀରେ ରହିବାକୁ, ଲିଫ୍ଟରେ ଯିବା, ଗତିଶୀଳ ଯାନ ବାହାନ ବା ଚଳକରେ ବସିବା, କୀଟ ପତଂଗ ଓ କଣ୍ଢା ଲୁଣ୍ଠିକୁ ଦେଖି ସେ ଭୟକରେ । ସାତ ଆଠ ବର୍ଷର ଶିଶୁସୁଲଭ ଆଶଂକା ଯଦି ବୟସ୍କ ଲୋକ ପାଖରେ ଦେଖାଯାଏ ତେବେ ତାହା ଏକ ଅବଦମିତ ମାନସିକ ଅନ୍ତଃଦ୍ୱନ୍ଦ୍ୱର ସାଂକେତିକ ସ୍ୱୀକାର ବୋଲି ଅଭିହିତହୁଏ । ତ୍ୱରାନ୍ୱିତ ସ୍ପନ୍ଦନ, ରୁଦ୍ଧଶ୍ୱାସ, ମୂତ୍ରବୃଦ୍ଧି, ଅନିଦ୍ରା, ଶୁଷ୍କ ଜିହ୍ୱା ଏବଂ ସ୍ୱେଦସ୍ନାନ ଦ୍ୱାରା ଆକ୍ରାନ୍ତ ବ୍ୟକ୍ତି ଆଶଂକାକୁ ଅଭିନନ୍ଦନ ଜଣାଏ ।

ଅତୃପ୍ତି ଏବଂ ଉତ୍କଣ୍ଠା ବହୁ ସମୟରେ ମାନସିକ ଅଶାନ୍ତିର କାରଣ ହୁଅନ୍ତି । ଆପାତତଃ ବାହ୍ୟକାରଣ ନ ଥାଇ ଗ୍ଲୁଏଁ ଗ୍ଲୁଏଁ ଦୁଃଖୀ ହେବା, ମନମାରି ବସିଯିବା,

Digitized by srujanika@gmail.com

କାମରୁ ଆଗ୍ରହ ତୁଟାଇଦେବା ଅପ୍ରସ୍ତିର ସଂଜ୍ଞା ହେଉଥିଲାବେଳେ, ଟିକଏ ବାହ୍ୟ କାରଣର ଉତ୍ତେଜନାରେ ବାତବ୍ୟସ୍ତ ହେବା, କୌଣସି କାମରେ ସନ୍ତୁଷ୍ଟ ନ ହେବା, ନଗଣ୍ୟ କଥା ଉପରେ ଯୋରଦେଇ ବୃଥାରେ ଧନ୍ଦହେବା ଉତ୍କଣ୍ଠାର ଲକ୍ଷଣ ।

ଉପରର ଭୂଗୋଳରେ ଅପ୍ରସ୍ତିକୁ 'ପ୍ରଶାନ୍ତ ବାତାବର୍ତ୍ତ' ଏବଂ ଉତ୍କଣ୍ଠାକୁ 'ବାତାବର୍ତ୍ତ' କହିବା ଅଧିକ ଯୁକ୍ତିଯୁକ୍ତ । ଉତ୍ତେଜନା ସାନ୍ଦ୍ରହୋଇ ମନରେ କେନ୍ଦ୍ରୀଭୂତ ହେଲେ ଘୂର୍ଣ୍ଣିରୂପ ସୃଷ୍ଟିହୁଏ ଏବଂ ମନର ପରିଧି ଚପି ବ୍ୟକ୍ତି ଯାହା ଇଚ୍ଛା ତାହା କରିଯାଏ । ଅପ୍ରସ୍ତିର ଏ ଘୂର୍ଣ୍ଣିବାତ୍ୟା କାରୁଣ୍ୟ ବର୍ଷା କରେ । କିଂକର୍ତ୍ତବ୍ୟବିମୂଢ଼ ଅବସ୍ଥାରେ ମନରେ ଏକ ଶୂନ୍ୟଭାବ ସୃଷ୍ଟିହୁଏ । ଏହି ଚାପ୍ରାଧାନ ଲଘୁସ୍ଥିତିରେ ବାହ୍ୟସ୍ୱରୂପ ବ୍ୟକ୍ତିତ୍ୱକୁ ଅଧିକାର କରେ । ତାହାହିଁ ଉତ୍କଣ୍ଠାର ଉତ୍କୀର୍ଣ୍ଣ ଧୂଳିଝଡ଼ ।

ବୟୋବୃଦ୍ଧି ଓ ମୃତ୍ୟୁକୁ ନେଇ ସମସ୍ତେ ବ୍ୟସ୍ତ । ଆମେ କହୁଁ 'ମରିତେ ଚାହିନା ଆମି ସୁନ୍ଦର ଭୁବନେ' ଏବଂ 'ବୃଦ୍ଧ ନୁହେ ସେହି ଜନ ଶୁକ୍ଳଯାର କେଶ' । ଏଥିରୁ ଉଦ୍‌ବେଗ ଓ ମୁହଁମୋଡ଼ା ଭାବର ସୂଚକ । ଶର ବୟସକୁ ଉପଭୋଗ କରିବାର ପ୍ରବୃତ୍ତି ପ୍ରମାଣିତ । ସେଥିପାଇଁ ବୋଧହୁଏ ଡାଗର ଝିଅଙ୍କ 'ଅଙ୍କଲ' ଡାକ ବିରକ୍ତ ଲାଗେ । ବଜାରରେ 'ବୁଢ଼ାବାବୁ ଟିକଏ ପାଖେଇଯାଅ' ଚିତ୍କାର କରୁଥିବା ଗଜୁରୁ ନଣିଆ ଟୋକା ମୁହଁକୁ ଛେପ ପକାଇବାକୁ ଇଚ୍ଛାହୁଏ । ବସ୍‌ରେ ଅନୁକମ୍ପାଦତ୍ତ ବୃଦ୍ଧାଙ୍କ ସିଟରେ ବସିବା ଅପେକ୍ଷା ଠିଆ ଠିଆ ଯିବାକୁ ଭଲଲାଗେ । ବୟସ ଖସିଲେ ବହୁ ସୁଯୋଗ୍ୟ ହାତଛଡ଼ା ହେବାର ଭୟ ଘାରେ । ମଣିଷ କେବେ ଶୂନ୍ୟହସ୍ତ ହେବାକୁ ପସନ୍ଦ କରେନାହିଁ ।

ବୟସକୁ ବୁଝିବାପାଇଁ ଆମ ଲୋକକଥାରେ ଥିବା ଗଳ୍ପଟି ପ୍ରଣିଧାନଯୋଗ୍ୟ । ଭଗବାନ ମଣିଷର ପ୍ରାର୍ଥନାରେ ପ୍ରୀତହୋଇ କୁଆଡ଼େ ଗଧ, କୁକୁର ଓ ପେଚାର ଆୟୁରୁ କୋଡ଼ିଏ ବର୍ଷ କରି କାଟି ମଣିଷ ଆୟୁରେ ଯୋଗକରି ଦେଇଛନ୍ତି ! ତେଣୁ ମଣିଷ ତାର ପ୍ରକୃତ ଚାଳିଶ ବର୍ଷ ବଂଚସାରିଲା ପରେ ଚାଳିଶରୁ ଷାଠିଏ ବର୍ଷ ଯାଏ ଗଧ ଭଳି ଖଟେ, ଷାଠିଏରୁ ଅଶୀ କୁକୁର ଭଳି ଭୋ ଭୋ କରି ଲାଙ୍ଗୁଡ଼ ନାଡ଼େ, ଏବଂ ଅଶୀ ପରେ କୋଟର-ଗତ ଆଖି ଗଳିତ ନଖଦନ୍ତ ପେଚାଟିଏ ହୋଇ ଜଳ ଜଳ ଅନେଇଥାଏ । ଗ୍ରୀକ୍ ପୁରାଣରେ ସିଂହମୁଖା ମଣିଷ ଦେହା ସ୍ଫିଙ୍କସ୍ ଏକ ବିଚିତ୍ର ଜୀବ ସମ୍ପର୍କରେ ପଥିକମାନଙ୍କୁ ପ୍ରଶ୍ନ ପଚାରୁଥିଲା : କେଉଁ ଜୀବ ଜନ୍ମବେଳେ ଚାରିଗୋଡ଼ିଆ, ତା'ପରେ ଦି'ଗୋଡ଼ିଆ ଏବଂ ଶେଷରେ ତିନି ଗୋଡ଼ିଆ ହୋଇ ଜୀବନ ବିତାଏ ? ବିଜ୍ଞ ବ୍ୟକ୍ତିଙ୍କଠାରୁ ଏହାର ଉତ୍ତର 'ମଣିଷ' (ବାଲ୍ୟକାଳରେ ଗୁରୁଣ୍ଡିବା, ପ୍ରାପ୍ତ ବୟସରେ ଚାଲିବା ଏବଂ ବାର୍ଦ୍ଧକ୍ୟରେ ଯଷ୍ଟିର ସାହାଯ୍ୟନେବା) ଜାଣି ସ୍ଫିଙ୍କସ୍ ସର୍ତ୍ତ ଅନୁସାରେ ପ୍ରାଣ ହରାଏ । ତେବେ ସବୁ ଦେଶରେ ଓ ସବୁ କାଳରେ ମଣିଷ ବୟସକୁ ଡରି ବିଳାପ କରିଛି । ବୟସର ଗତି ଓ ପ୍ରକୃତିର ରହସ୍ୟ ଜାଣିବାକୁ ଚେଷ୍ଟାକରିଛି । ବିଜ୍ଞାନବଳରେ ବୟସକୁ ସ୍ଥିର ରଖିବାର ଉପାୟ

Digitized by srujanika@gmail.com

ଲେଲ୍ଭିଛି । ମଣିଷର ଏ ଅନୁସନ୍ଧିତ୍ସା ଫଳବତୀ ହେଲେ, ମଣିଷ ଚିର ଯୌବନର ଅଧିକାରୀ ହେବ ଏହା ନିଃସନ୍ଦେହ ।

ଭାରତୀୟ ପରଂପରାରେ ବୟସକୁ କଣ୍ଢେଇ କରି ଧରେଇ ଦିଆଯାଇଛି ମଣିଷ ହାତରେ । ଏ କଣ୍ଢେଇ ବହୁଥର ପଡ଼ିବ—ସେଥିରୁ ରଙ୍ଗ ଛାଡ଼ିବ ବହୁଥର ଭାଙ୍ଗିବ ଏବଂ ପୁଣି ନୂଆ ନୂଆ ଶୈଳୀରେ ତାର ତିଆରି ହେବ । ତେଣୁ ଆମେ ସ୍ୱୀକାର କରନ୍ତି "ଦେହିନୋଽସ୍ମିନ୍ୟଥା ଦେହେ କୌମାରଂ ଯୌବନଂ ଜରା । ତଥା ଦେହାନ୍ତର-ପ୍ରାପ୍ତିର୍ଧୀରସ୍ତତ୍ର ନ ମୁହ୍ୟତି ॥" ଏହା ସତ୍ତ୍ୱେ ବୟସ ପ୍ରତି ଆମର ଭାବ ବଦଳିନାହିଁ ।

ମୃତ୍ୟୁ-ଅପମୃତ୍ୟୁ, ହତ୍ୟା-ଆତ୍ମହତ୍ୟା ଯୁଗେ ଯୁଗେ ମଣିଷକୁ ଅତିଷ୍ଠକରିଛି । Death is as necessary for man's growth on life itself (M Gandhi) ଉକ୍ତି ଆମକୁ ସନ୍ତୁଷ୍ଟ କରିପାରିନାହିଁ । ଢ୍ୱାଲ୍ସନ ଭଳି ଆମେ It thou expect death as a friend, prepare to entertain him : if as an enemy, prepare to over come him—Death has no advantage except when he comes an a shanger—କହି ମୃତ୍ୟୁକୁ ସ୍ୱାଗତ କରିପାରିନାହୁଁ । ବହୁ ତତ୍ତ୍ୱ ଓ ଆଧ୍ୟାତ୍ମିକ ଯୁକ୍ତିପୁଷ୍ଟ "ଜାତସ୍ୟ ହି ଧ୍ରୁବୋ ମୃତ୍ୟୁର୍ଧ୍ରୁବଂ ଜନ୍ମ ମୃତସ୍ୟ ଚ" କଥାରେ ଆମେ ସମ୍ପୂର୍ଣ୍ଣ ରାଜିହୋଇ ମୃତ୍ୟୁକୁ ଶ୍ୟାମ ଭଳି ପ୍ରେମ କରିପାରିନାହୁଁ । ଆମ ପାଇଁ ମୃତ୍ୟୁ ହିଁ ବିଷାଦ ଯୋଗ ।

ପ୍ରାୟୋପବେଶନ, କରୁଣା :

ସଂହାର, ଅସ୍ୱାଭିତ : ଝଟକମକ ଫୁଟୁଥିବା ଜୀବନକୁ ଆହୁରି ଗରମ କରିବାପାଇଁ ଇନ୍ଧନ ଖୋଜା ଚାଲିଛି । ଯାବତୀୟ ମଜାକୁ ନିଜ ଭିତରେ ମିଳାଇ ଦେବାର ଯୋଜନା ପ୍ରସ୍ତୁତ ହେଉଛି । ସଂଭୋଗର ପରିପୂର୍ତ୍ତି ପାଇଁ ଜ୍ଞାନ, ବିଜ୍ଞାନକୁ ନିୟୋଜନ କରାଯାଉଛି । ବୟୋବୃଦ୍ଧିକୁ ରୋକିବାର ଚେଷ୍ଟା ଚାଲିଛି । ମୃତ୍ୟୁକୁ ଜିତିବାର ମସୁଧା ହେଉଛି । ମାତ୍ର ସବୁକୁ ଫାଙ୍କିଦେଇ ବୟସ ବଢ଼ୁଛି—ଜୀବନ ଉପରେ ପଡ଼ୁଛି ମୃତ୍ୟୁର ଚଳକ । ଦମ୍ଭ ଓ ଅଭିମାନ ଭୁସୁଡ଼ି ପଡ଼ୁଛି । ଶୋକର ଗ୍ଲାନିରେ ଜୀଇବାର ଅଗ ମୋଡ଼ି ହୋଇଯାଉଛି । ବିଷାଦ ପାଣିରେ ବଞ୍ଚିବାର ଚେର ପଚି ପଚି ଯାଉଛି । ଏଇମିତି ଦୁଃସ୍ଥିତିକୁ ଅତିକ୍ରମ କରିବାର ମାର୍ଗ ଧର୍ମଶାସ୍ତ୍ରମାନଙ୍କରେ ବତାଯାଇଛି । ବୈଦିକ ପରଂପରାରେ ମୃତ୍ୟୁକୁ ନିମନ୍ତ୍ରିତ କରିଦିଆଯାଇଛି ଜୀବନ ପାଖରେ । ଜୀବନର ମୁଖ୍ୟ ଅଂଶ ଦେହ, ପ୍ରାଣ, ମନ ଓ ଆତ୍ମା ଭିତରୁ ମୃତ୍ୟୁ କେବଳ ଦେହ, ପ୍ରାଣ ଓ ମନକୁ କବଳିତ କରିପାରେ । ଆତ୍ମା ତ ଅବିନାଶୀ । ଏହି ଆତ୍ମାର ସ୍ଥିତିକୁ ଜାଣିବାପାଇଁ ୧୯୮୫ ମସିହାରେ ବିଶ୍ୱସ୍ୱାସ୍ଥ୍ୟ ସଂଗଠନ (W H O) ଅନୁକୂଲ୍ୟରେ ବାଙ୍ଗାଲୋର ସ୍ଥିତ

Digitized by srujanika@gmail.com

NIHAMS ଠାରେ ଚିକିତ୍ସାବିଜ୍ଞାନୀ, ମନୋବିଜ୍ଞାନୀ ଓ ଅଧ୍ୟାତ୍ମବାଦୀମାନଙ୍କର ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା । ସେମାନେ ଏହି ସିଦ୍ଧାନ୍ତରେ ଉପନୀତ ହେଲେ ଯେ—ଦେହ, ପ୍ରାଣ ଓ ମନ ଊର୍ଦ୍ଧ୍ୱରେ ଜୀବନ ସହିତ ଆଉ ଏକ ବୃହତ୍ତରର ସତ୍ତା ସଂପର୍କିତ । ସେମାନେ ଗତାନୁଗତିକ ଓ ପାରମ୍ପରିକ ହେବାର ଲଜରୁ ହେଉ କି ଭୟରୁ ହେଉ ଏହାକୁ 'ଆତ୍ମା' ନ କହି କହିଲେ Factor × । କିନ୍ତୁ ଭାରତୀୟ ମୁନି ଋଷିଙ୍କ ଉପଦ୍ୟାଲବ୍‌ଧ ଅନୁଭବ 'ଅଜୋନିତ୍ୟଃ ଶାଶ୍ୱତୋଽୟଂ ପୁରାଣୋ / ନ ହନ୍ୟତେ ହନ୍ୟମାନେ ଶରୀରେ' ଉତ୍ତର ଏହା ଯେ ଏକ ବୈଜ୍ଞାନିକ ପରୀକ୍ଷା, ଏଥିରେ ଦ୍ୱିରୁକ୍ତି ନାହିଁ । ଏ କଥା ଜାଣିପାରିଲା ପରେ ମୃତ୍ୟୁ ପ୍ରତି ଭୟ ତୁଟିଯିବା ସ୍ୱାଭାବିକ । ମାତ୍ର କେତେଜଣ ଏ ଗୂଢ଼ ତତ୍ତ୍ୱକୁ ହୃଦୟଙ୍ଗମ କରିଛନ୍ତି ? କେତେଜଣ ଏ ନଶ୍ୱର ଦେହକୁ ହେୟ ମଣି ତାର ବିନାଶରେ ମ୍ରିୟମାଣ ହୋଇ ନାହାନ୍ତି ?

ସ୍ୱେଚ୍ଛାପ୍ରଣୋଦିତ ଜୀବନାବସାନ ବା କରୁଣା :

ସଂହାର ଉପରେ ବିଶ୍ୱାସ କରୁଥିବା ଲୋକେ ଆତ୍ମା ପ୍ରତି ଆସ୍ଥା ସ୍ଥାପନ କରନ୍ତି ନାହିଁ । ସେହି ବର୍ତ୍ତମାନସର୍ବସ୍ୱ ମାନଙ୍କର ଯୁକ୍ତି ହେଉଛି— ଦୁରାରୋଗ୍ୟ ରୋଗୀକୁ ଅମ୍ଳଜାନ-ମୁଖା, କୃତ୍ରିମ ଶ୍ୱାସଯନ୍ତ୍ର ଏବଂ ହୃଦ୍‌ସଂଚାଳକ ମଧ୍ୟରେ ନ ରଖି ମୃତ୍ୟୁ ହାତରେ ସମର୍ପଣ କରିଦେବା ଉଚିତ । ରୋଗ ଯେଉଁଠି ନିୟନ୍ତ୍ରଣର ବାହାରେ ସେଠି ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟାର ପ୍ରାଚୀର ଛିଡ଼ାକରାଇ କେତେଦିନ ମୃତ୍ୟୁର ଠକ୍‌ଠକ୍‌କୁ ଟାଳିଦେଇ ହେବ ? ବୃଥା ଖର୍ଚ୍ଚ, ସ୍ୱାସ୍ଥ୍ୟସେବା ଏବଂ ବୈଜ୍ଞାନିକ ସାମର୍ଥ୍ୟର ଅପଚୟ ହେବସିନା ଏଥିରେ କେହି ଲାଭବାନ ହେବେ ନାହିଁ । ବରଂ ବିଳମ୍ବିତ ମୃତ୍ୟୁପାଇଁ ରୋଗୀ ଯନ୍ତ୍ରଣାରେ ଛଟପଟ ହେଉଥିବ ଅଥବା ପରିବାରର ଗଳଗ୍ରହ ରୂପେ ହତାଶାର କାରଣ ହେଉଥିବ । ପ୍ରତ୍ୟେକଙ୍କର ଯେତେବେଳେ ଜୀବନ ପ୍ରତି ଅଧିକାର ଅଛି, ମୃତ୍ୟୁ ପ୍ରତି ମଧ୍ୟ ତାହା ରହିବା ଉଚିତ । ଯଦି ରୋଗୀ ବା ତାର ଆତ୍ମୀୟ 'ଇଚ୍ଛାମୃତ୍ୟୁ'ପାଇଁ ରାଜି ତେବେ ଦେଶ ଏଥିପାଇଁ ସୁବିଧା ସୁଯୋଗର ବ୍ୟବସ୍ଥା କରିବା ଉଚିତ । ସୁରୁଖୁରୁରେ ମୃତ୍ୟୁବରଣ କରିବାର ସହଜ ଉପାୟ ସମ୍ବଳିତ ପୁସ୍ତକ 'ଶେଷ ବିଦାୟ' (Final Exit) ଆମେରିକାରେ ବେଶ୍ ଆଦୃତହୋଇଛି । ତାର ରଚୟିତା ହେମଲୋକ ସୋସାଇଟର ସଭାପତି ଡେରେକ ହାମ୍ଫ୍ରୀ ବହୁ କୃତଜ୍ଞତା ଓ ଆଦରର ଅଧିକାରୀ ହୋଇଛନ୍ତି । ଏବେ ମଣିଷମରା ସୁଲଭ ଔଷଧ ତିଆରି ଲାଗି ବହୁ ବଡ଼ ବଡ଼ ଫାର୍ମାସ୍ୟୁଟିକାଲ ସଂସ୍ଥା ତତ୍ପରତା ପ୍ରକାଶକରିଛନ୍ତି । ହୁଏତ ସମୟ ଆସିବ ଯେତେବେଳେ କୀଟନାଶକ ଦ୍ରବ୍ୟ ମଣିଷମରା ଔଷଧ ସହ ପ୍ରତିଯୋଗିତାକରି ତାକୁ କୀଟ ପତଙ୍ଗଠାରୁ ବହୁ ନିମ୍ନକୁ ଖସାଇଆଣିବ । ଅତିର ଭଲ ମନ୍ଦମନ୍ଦ ହେଉଥିବା ବୃନ୍ଦାଏ

Digitized by srujanika@gmail.com

ଔଷଧକୁ ତ୍ରାଣକେଶ ତାହା କ'ଣ ଜାଣିବା ଆଗରୁ ପ୍ରାଣବାୟୁ ଉଡ଼ିଯାଇଥିବ । ପୁନଶ୍ଚ ନରସଂହାର ଧର୍ତ୍ତବ୍ୟ ଅପରାଧରେ ଗଣ୍ୟ ନ ହେବାପାଇଁ ଆଇନପ୍ରଣୟନ କରାଯିବ ।

କିନ୍ତୁ କେଉଁ ଇଚ୍ଛାକୁ ନେଇ ଏତେ ନାଟ ? ରୋଗୀର ଇଚ୍ଛା କ'ଣ ନିର୍ଭରଯୋଗ୍ୟ ? ଉତ୍ତରାଧିକାରୀଙ୍କର ଅଭିମତ କଣ ନିରପେକ୍ଷ ? ବିଷାଦ-ବିକଳ ଯନ୍ତ୍ରଣା-ଅଧୀର ରୋଗୀ ଅତିଷ୍ଠ ବେଳେ ଦେଇଥିବା ସ୍ୱୀକୃତିକୁ ହୁଏତ ଟିକଏ ଭଲବେଳେ ପ୍ରତ୍ୟାହାର କରିପାରିଥାନ୍ତା । ତା ମତକୁ ଉପେକ୍ଷା ନ କଲେ ଏକଥା ଜାଣିହେବ କି ? ଆତ୍ମୀୟସ୍ୱଜନଙ୍କର କେଉଁ ଉଦ୍ଦେଶ୍ୟ ଏ ଇଚ୍ଛାମୃତ୍ୟୁ ଭିତରେ ଚରିତାର୍ଥ ହେଉଛି ତାହା କିଏ କହିପାରିବ ? ପୁଣି ଡାକ୍ତରଙ୍କୁ ଯମ ଭୂମିକାରେ ଅଭିନୟ କରିବାକୁ କିଏ ପ୍ରବର୍ତ୍ତାଇବ ? କେଉଁ ଚିକିତ୍ସକ ମୃତ୍ୟୁ ସହ ସାଲିସ୍ଥାନ ପୁଷ୍ଟିକର ଲାଭକରିଥିବା ଯଶ ଓ ସମ୍ମାନକୁ ପାଦରେ ଦଳିଦେଇ ତା' ଅଭିହିତ ହାତ ମିଳାଇବ ? ସବୁଠାରୁ ବଡ଼କଥା ହେଉଛି ଯେଉଁ ଯନ୍ତ୍ରପାତି ଓ ରାସାୟନିକ ପରୀକ୍ଷା ଉପରେ ନିର୍ଭରକରି ରୋଗର ଉପଶମହୀନତାକୁ ନିରୂପଣ କରାଯାଇଥାଏ ତାହା କ'ଣ ଅବସମ୍ବାଦର ଊର୍ଦ୍ଧ୍ୱରେ ? ଯାନ୍ତ୍ରିକ ତ୍ରୁଟିକୁ ଏଡ଼ାଇ ପରୀକ୍ଷାର ପରିଧିକୁ ଟପି ଏମିତି କ'ଣ କିଛି ଅଘଟଣ ଘଟି ନପାରେ, ଯାହାପାଇଁ ଚିକିତ୍ସକ ଏବଂ ରୋଗୀକୁ ଅନୁତପ୍ତ ହେବାକୁ ପଡ଼ିପାରେ ?

ଏବେ ଏଇମିତି ଅଡୁଆ କଥାକୁ ନେଇ ଇଂଲଣ୍ଡର ନ୍ୟାୟାଳୟ ଓ ହାଉସ ଅଫ୍ ଲର୍ଡ଼ସ ଭିତରେ ଝଡ଼ ଉଠିଛି । ୧୯୮୯ ମସିହାରେ ଫୁଟବଲ ଖେଳ ଗୁରୁତର ଭାବରେ ଆହତହୋଇ ଟନିବ୍ଲାଣ୍ଡ ଅଥର୍ବ ହୋଇଗଲେ । ଏବେ ତାଙ୍କୁ ନାଜୋଗେଷ୍ଟ୍ରିକ ଟ୍ୟୁବ ସାହାଯ୍ୟରେ ଖାଦ୍ୟ-ପାନୀୟ ଦିଆଯାଉଛି । କୃତ୍ରିମ ଉପାୟରେ ଶ୍ୱାସକ୍ରିୟା କରାଯାଉଛି । ବହୁ ଶ୍ରମ ଓ ଅର୍ଥ ବିନିମୟରେ ତାଙ୍କୁ ନା'କୁ ମାତ୍ର ବଞ୍ଚାଇ ରଖାଯାଇଛି । ଟନିଙ୍କ ଉତ୍ତରାଧିକାରୀମାନେ କୋର୍ଟରେ ନିବେଦନ କଲେ କି ଡାକ୍ତରୀ ସେବା ପ୍ରତ୍ୟାହାର କରାଯାଉ ଏବଂ ବିଷ ଇଞ୍ଜେକସନ ଦେଇ ତାଙ୍କର ମୃତ୍ୟୁକୁ ତ୍ୱରାନ୍ୱିତ କରାଯାଉ । କୋର୍ଟ ଏହାକୁ ଗ୍ରହଣକଲା ଏବଂ ଇଚ୍ଛାମୃତ୍ୟୁ ପାଇଁ ସ୍ୱୀକୃତିଦେଲା । ହାଉସ ଅଫ୍ ଲର୍ଡ଼ସ ସମର୍ଥନ ଜଣାଇଲା । ଏଥିପାଇଁ ସେମାନେ ବ୍ରିଟିଶ ମେଡ଼ିକାଲ ଏସୋସିଏସନର ପରାମର୍ଶ ନେଇଥିଲେ । ଏହି ମର୍ମରେ ବି. ଏମ. ଏର ପ୍ରଥମ ସୁପାରିଶ ହେଉଛି: (୧) ଆହତ ହେବାର ଛଅମାସ ପର୍ଯ୍ୟନ୍ତ ରୋଗୀକୁ ଚିକିତ୍ସା-ସେବା ଯୋଗାଇଦେଇ ସୁସ୍ଥ କରିବାର ପ୍ରଯତ୍ନ କରିବା, (୨) ଏକବର୍ଷ ଚିକିତ୍ସା ନ ପୂରିଲାଯାଏଁ ରୋଗୀର ମାନସିକ ସୁସ୍ଥତା ଓ ସ୍ନାୟବିକ ସଚେତନତାକୁ ନେଇ କୌଣସି ଚୂଡ଼ାନ୍ତ ନିଷ୍ପତ୍ତି ନ ନେବା, (୩) ଚିକିତ୍ସାଧି-କାରୀଙ୍କ ବ୍ୟତୀତ ଅନ୍ୟ ଦୁଇଜଣ ଡାକ୍ତରଙ୍କ ନିର୍ଣ୍ଣୟ ନେଇ ରୋଗୀର ଅବସ୍ଥା ତଦାରଖ କରିବା, (୪) ରୋଗୀ ଓ ତା' ପରିବାରର ଇଚ୍ଛାକୁ ଗୁରୁତ୍ୱର ସହ ଗ୍ରହଣକରିବା ।

Digitized by srujanika@gmail.com

ଯେତେବେଳେ ଡାକ୍ତରମାନେ ଏକମତ ହୋଇପାରିବେ ନାହିଁ କୋର୍ଟର ସ୍ୱପ୍ନ ଲେଡ଼ାଯିବ ବୋଲି ବ୍ରିଟିଶ ପାର୍ଲାମେଣ୍ଟ ଉଲ୍ଲେଖ କରିଛନ୍ତି । ପୁନଶ୍ଚ ନୈତିକ ଓ ବୃହତ୍ତର ସ୍ୱାର୍ଥ ଦୃଷ୍ଟିରୁ 'ଇଚ୍ଛା ମୃତ୍ୟୁ' ବିଷୟଟିର ଆଇନଗତ ତର୍କମାପାଇଁ ସବୁପ୍ରକାର ଦ୍ୱାର ଉନ୍ମୁକ୍ତ ରହିଛି । କୌଣସି କ୍ଷେତ୍ରରେ ତରତରହୋଇ ବା ଅପରିପକ୍ୱ ସମୀକ୍ଷା ଭିତରେ କରୁଣା-ସଂହାରକୁ ଉତ୍ସାହିତ କରିଯାଇପାରିବ ନାହିଁ । ତଥାପି ଧନାଢ୍ୟ ଦେଶମାନଙ୍କରେ ଅର୍ଥନୈତିକ ସଙ୍କଟରେ ମାନବିକତାକୁ ବଳି ଦିଆଯାଉଛି ବୋଲି ଆମଭଳି ଦେଶର ଆଦର୍ଶ-ବାଦୀମାନେ ସମାଲୋଚନା କରୁଛନ୍ତି । ଆମଦେଶରେ ମୃତ୍ୟୁକୁ ଦ୍ୱିଧାଗ୍ରସ୍ତହୋଇ ବାହାରେ ଅପେକ୍ଷା କରିବାକୁ ପଡ଼େନାହିଁ । ମୁକାବିଲା କରିବାପାଇଁ ଆମ ପାଖରେ ସମ୍ବଳ ବା କୌଶଳ ନ ଥିବାରୁ ବରଂ ଆମେ ତାକୁ ପାଛୋଟି ଆଣୁ । ଏହି ପାଛୋଟି ଅଣା କାମଟି କେବଳ ଡାକ୍ତରମାନେ ନିଜର ଅବହେଳା ଓ ଅଜ୍ଞତାରୁ କରିଥାନ୍ତି ବୋଲି ରାଜନୀତିକ ବଡ଼ପଣ୍ଡାମାନେ ସ୍ଲୋଗାନ ଦିଅନ୍ତି । ଚିକିତ୍ସା ପ୍ରଣାଳୀର ଢଳ ମାତ୍ର ତ୍ରୁଟିକୁ ତାଲର ଗୁରୁତ୍ୱ ଦେବାରେ ଅଭ୍ୟସ୍ତ ପ୍ରଶାସକମାନେ ଜନମତକୁ ବିଭ୍ରାନ୍ତ କରନ୍ତି । ଯେଉଁଠି ଖାଦ୍ୟାଭାବ, କୁସଂସ୍କାର ଓ ଅନ୍ଧ ବିଶ୍ୱାସର ପିଠିରେ ବସି ଜୀବନଚକ ବୈତରଣୀ ପାରି ହେବାକୁ ପଡ଼େ ସେଠାରେ ନୂଆ ନୂଆ ରୋଗ ଭେକର ଆମଦାନି ଏକ ସାମ୍ବିଧାନିକ କର୍ତ୍ତବ୍ୟ ହୋଇପଡ଼େ । ପ୍ରୟୋଗବନ୍ତମାନଙ୍କ ଜଲକାକରି ସବ୍‌ଜାନତା ମହାପାତ୍ର-ମାନଙ୍କର ଯେଉଁଠି ଅଭ୍ୟୁତ୍ଥାନ ଘଟେ ସେଠାରେ ସ୍ୱାସ୍ଥ୍ୟ କାହିଁକି ଯେ କୌଣସି ବୈଷୟିକ ବିଦ୍ୟା ଉଦେଇ ପାରିବନାହିଁ । ତେଣୁ ବିଷାଦର ଚକ୍ରବ୍ୟୂହ ଭିତରେ ଆମେ ସମସ୍ତେ ଧନ୍ଦ ହେବାକୁ ଯେପରି ବାଧ୍ୟ । ଭାରତୀୟ ଓ ତୃତୀୟ ବିଶ୍ୱରେ ମଣିଷମାନଙ୍କର ତାହା ବୋଧହୁଏ ଭାଗ୍ୟ ଓ ଭବିତବ୍ୟ ।

ଅବସାଦର ରସାୟନିକ ଆଧାର :

ଅବସାଦ କେତେକ ରସାୟନିକ ପଦାର୍ଥଦ୍ୱାରା ନିୟନ୍ତ୍ରିତ । ସେହି ପଦାର୍ଥଗୁଡ଼ିକୁ ବାୟୋ ଏମାଇନସ୍ କୁହାଯାଏ । ସେମାନଙ୍କ ଭିତରୁ ନର ଏପିନେଫ୍ରିନ୍, ସିରୋଟୋନିନ୍ ଏବଂ ଡୋପାମିନ୍ ପ୍ରଧାନ । ଏମାନେ ସାଧାରଣତଃ ମସ୍ତିଷ୍କର ଥାଲମସ୍ ଏବଂ ଲିମ୍ବିକ ସିଷ୍ଟେମରେ ଥାନ୍ତି । ଦୁଇଟି ନ୍ୟୁରନର ସଂଗମ ପୀଠ ଏଡ୍ରିନର୍‌ଜିକ୍ ରିସେପ୍‌ଟରଠାରେ ଏମାନେ କ୍ଷରିତହୁଅନ୍ତି । ନ୍ୟୁରନରୁ ନ୍ୟୁରନକୁ ଘଟଣା ହସ୍ତାନ୍ତର କରୁଥିବାରୁ ଏମାନଙ୍କୁ ମଧ୍ୟ ନ୍ୟୁରୋଟ୍ରାନ୍‌ସମିଟର କୁହାଯାଏ । ଯେତେବେଳେ ଶୋକ କି ଦୁଃଖ ଆସେ ସେତେବେଳେ ଏହି ତିନୋଟି ପଦାର୍ଥର ପରିମାଣ ଖୁବ୍ କମିଯାଏ । ଶୋକର ଘନତା ସହିତ ଏହାର ପରିମାଣ ପ୍ରତିଲୋମାନୁପାତୀ । ମାନସିକ ନିର୍ଯାତନା ବେଳେ ନ୍ୟୁର-ଟ୍ରାନ୍‌ସମିଟରମାନଙ୍କୁ MAO ନାମକ ଏକ ଏନ୍‌ଜାଇମ୍ ଖାଇଦିଏ ବୋଲି

Digitized by srujanika@gmail.com

ଜଣାଯାଇଛୁ । ତେବେ MAOର ପରିମାଣ ବୃଦ୍ଧି ବା କ୍ଷମତା ବୃଦ୍ଧିରେ ବା ଉଭୟ ବୃଦ୍ଧିରେ ଏହା ସଂଗଠିତ ହୁଏ, ତାର ଠିକ୍ ଉତ୍ତର ମିଳିନାହିଁ । ପୁଣି MAO ଯେ ଏମିତି ସବଂକିଆ ପ୍ରକୃତି ଧାରଣକରେ ତାର ଯଥାଯଥ କାରଣ ନିରୂପିତ ହୋଇ ନାହିଁ । ଲିଥିୟମ ଲବଣର ହ୍ରାସ ବୃଦ୍ଧିକୁ ଏଥିପାଇଁ ଦାୟୀ କରାଯାଇ ଥିଲେ ବି ଏହା ସଂପୂର୍ଣ୍ଣ ଠିକ୍ ନୁହେଁ ।

ରିସରପିନ୍ ନାମକ ଏକ ରକ୍ତଚାପ ନିୟନ୍ତ୍ରକ ଔଷଧ ସେବନରେ ନ୍ୟୁରୋଟ୍ରାନସ୍ମିଟରଗୁଡ଼ିକ ବିଘଟିତ ହୋଇ ଅକାମୀ ହୋଇଯାନ୍ତି । ଏଥିପାଇଁ ରକ୍ତଚାପ ରୋଗୀ ବିଷଣ୍ଣ ହୋଇପଡ଼ନ୍ତି । ଗବେଷଣାକରି ଦେଖାଯାଇଛୁ କୋକେନ ଓ ଏମ୍ଫିଟାମିନ ଔଷଧର ମାତ୍ରାଧିକ ପ୍ରୟୋଗ ସିଧାସଳଖ ବାୟୋ ଏମାଇନ ଗୁଡ଼ିକୁ ନଷ୍ଟକରି ଅବସାଦର କାରଣ ହୁଅନ୍ତି ।

ଜିଗୀଷା ଓ ଜିଜୀବିଷା :

ଜୀବନର ଉଦ୍ଦେଶ୍ୟ ହେଉଛୁ ବଂଚିବା ଏବଂ ଯୁଦ୍ଧର ଲକ୍ଷ୍ୟ ହେଉଛୁ ବିଜୟ । ସୁଖମୟ ଜୀବନ ପାଇଁ ଆଧି ଓ ବ୍ୟାଧି ଉପରେ ବିଜୟ ପାଇବା ଏକାନ୍ତ ପ୍ରୟୋଜନ । ମଣିଷ ଏଥିପାଇଁ ଆବହମାନକାଳରୁ ଚେଷ୍ଟା ଚଳାଇଆସିଛୁ । ଉଦ୍ଭିଦଜ ଜଡ଼ିବୁଟିଠାରୁ ଆରମ୍ଭକରି ରାସାୟନିକ ଓ ଆଣବିକ ଔଷଧ ଉଦ୍ଭାବନ କରିଛୁ । ରୋଗ କାରଣ ଭିତରକୁ ଦେବଦେବୀଙ୍କୁ ଟାଣିଛୁ ତ ବଡ଼ବଡ଼ୁଆଙ୍କ ଅଭିଶାପକୁ ସାମିଲ କରିଛୁ । ବାତ, କଫ, ପିତ୍ତ, ଜ୍ୱରକୁ ଉପସ୍ଥରକରି ଆୟୁର୍ବେଦ ସୃଷ୍ଟିକରିଛୁ । ସୋର ସିଫିଲିସ ଏବଂ ସାଇକୋସିସ୍କୁ ମୂଳତତ୍ତ୍ୱ କରି ସିମିଲିଆ, ସିମିଲିବସ୍ ମାଧ୍ୟମରେ ହୋମିଓପାଥି ପ୍ରଚଳନ କରିଛୁ । କବକ, ଭୂତାଣୁ, ଜୀବାଣୁ, ତେଜସ୍କ୍ରୀୟ ରଶ୍ମି ପ୍ରଭାବକୁ ବିଷ୍ଲେରକୁ ନେଇ ଏଲୋପାଥିର ବିକାଶ ଘଟାଇଛୁ । ପୁଣି ୟୁନାନି, ବାୟୋକେମିକ୍, ଏକ୍ୟୁପଙ୍କ୍ଚର ଆଦି ବହୁ ମତ ଓ ଚିକିତ୍ସା ଧାରାର ପ୍ରଚଳନକରିଛୁ । ମାନସିକ କ୍ଲେଶରୁ ମୁକ୍ତିପାଇଁ ଝଡ଼ାଫୁଙ୍କା କରିଛୁ । ଅଧିଆ ପଡ଼ିଛୁ, ମାନସିକ ରଖିଛୁ । କାଳେଣୀକୁ ମାଳଣା ଯାଇଛୁ, ଦେବ-ପ୍ରସନ୍ନ-ଆସ୍ଥାଠାରୁ ହୁକୁମ ନେଇଛୁ । ଗ୍ରହ ନକ୍ଷତ୍ରର ଫଳିତ ପ୍ରଭାବ ନିକଟରେ ମୁଣ୍ଡ ନୁଆଇଛୁ । ବୈଦ୍ୟ-ନାରାୟଣ-ହରି କବି ଚିକିତ୍ସକଙ୍କୁ ସମ୍ମାନକରିଛୁ । ଆଧୁନିକ ଉପାୟରେ ଗୁପ୍ତାଂଗର ନିଦାନ ଜାଣିବାକୁ ସ୍କେନିଙ୍ଗ ଓ ଆଇସୋଟୋପ—ଅନୁସଂଧାନ କରିଛୁ । ମସ୍ତିଷ୍କର କାମକୁ ଆଲଫା, ବିଟା, ଗାମା ତରଙ୍ଗରେ ମାପିଛୁ । ହୃଦ୍‌ଯନ୍ତ୍ରର ସାମର୍ଥ୍ୟ ପି, କ୍ୟୁ, ଆର, ଏସ ତରଙ୍ଗରେ ତଉଲିଛୁ । ମନୋବିଜ୍ଞାନ ଓ ବିଦ୍ୟୁତ-କଂପନ-ଚିକିତ୍ସା ସାହାଯ୍ୟରେ ଅସଜଡ଼ା ମନକୁ ସଜାଡ଼ିଛୁ । ବିଷାଦ-ଚକ୍ର-ବଳୟରେ ଆନନ୍ଦର ସୂର୍ଯ୍ୟୋଦୟ ଦେଖିଛୁ ।

Digitized by srujanika@gmail.com

ଚିକିତ୍ସା ଦୃଷ୍ଟିକୋଣରୁ ଯନ୍ତ୍ରଣାକୁ ଚାରୋଟି ଭାଗରେ ବିଭକ୍ତ କରାଯାଇପାରେ ଯଥା : ସାଧାରଣ ଯନ୍ତ୍ରଣା, ମାନସିକ ଯନ୍ତ୍ରଣା, ସ୍ନାୟବିକ ଯନ୍ତ୍ରଣା ଓ ଅନିର୍ଣ୍ଣେୟ ଯନ୍ତ୍ରଣା ।

ସାଧାରଣତଃ ଜ୍ୱର, ମୁଣ୍ଡ ବ୍ୟଥା, ଘା, ଏପରି କି କର୍କଟ ଯନ୍ତ୍ରଣାକୁ ସାଧାରଣ ଯନ୍ତ୍ରଣା ଭିତରେ ନିଆଯାଏ । ଏହାର ମୁଖ୍ୟ ଔଷଧ ହେଉଛି ଏନାଲଜେସିକ, ଏହା ଗୋଟିଏ ଔଷଧ ନୁହେଁ ବହୁତଗୁଡ଼ିଏ ଔଷଧର ବର୍ଗ ନାମ । ଏମାନଂକ ପ୍ରଧାନ କାର୍ଯ୍ୟ ହେଉଛି ଥାଲମସ୍ ଏବଂ ମସ୍ତିଷ୍କର ଯନ୍ତ୍ରଣା ସଂଜ୍ଞା ଗ୍ରହଣକାରୀ ସ୍ଥଳୀକୁ ସାମୟିକ ରୀତି କରିବା । ଯେତେ ସମୟ ପର୍ଯ୍ୟନ୍ତ ଏମାନେ ମସ୍ତିଷ୍କକୁ କବଳିତ କରିଥିବେ ସେତେବେଳେ ପର୍ଯ୍ୟନ୍ତ ଯନ୍ତ୍ରଣା ଅନୁଭୂତ ହେବନାହିଁ । ବଡ଼ ବଡ଼ ଅସ୍ତ୍ରୋପଚାରର ସମୟରେ ସମଗ୍ର ମସ୍ତିଷ୍କକୁ ନିଶ୍ଚେତକ ଔଷଧ ସାହାଯ୍ୟରେ ଶୁଆଇ ପକାଯାଏ । ଚର୍ମ ଉପରେ ଲୋକାଲ ଏନାସ୍ଥେସିଆ ପ୍ରୟୋଗକରି ଯନ୍ତ୍ରଣାଗ୍ରାହୀ ସ୍ନାୟୁ ଅଗ୍ରକୁ କାଲୁଆ କରିଦିଆଯାଏ । ହୃଦ୍ ଯନ୍ତ୍ରଣାକୁ କମାଇବାପାଇଁ କରୋନାରି ଧମନୀର ପ୍ରସ୍ଥଚ୍ଛେଦକୁ ପ୍ରସାରିତକରିବା ଦରକାର ପଡ଼ୁଥିବାରୁ 'କରୋନାରୀ ଡାଇଲେଟର' ଦିଆଯାଏ । ମୁଣ୍ଡବ୍ୟଥା ଦୂରପାଇଁ କରୋଟୀ ଶିର ଓ ଧମନୀର ସଙ୍କୁଚନ ଦରକାର ପଡ଼ୁଥିବାରୁ "ଏର୍‌ଗୋମେଟ୍ରିନ"ର ସହାୟତା ନିଆଯାଏ । କଲିକର ନିରାକରଣପାଇଁ ନଳୀ ସଦୃଶ ଅଙ୍ଗଗୁଡ଼ିକର ପ୍ରସାରଣ ଜରୁରି ଥିବାରୁ ଏଟ୍ରୋପିନ୍ ଏବଂ ଡାଇସାକ୍ଲୋମିନ୍ ପ୍ରଭୃତିର ପ୍ରୟୋଗ କରାଯାଏ ।

(Tenson) ଅସ୍ୱସ୍ତି, (Anxiety) ଉତ୍କଣ୍ଠା, ପରିତାପ (Depression) ଏବଂ(Agitation) ଉତ୍ତେଜନା ହେଉଛି ମାନସିକ ଯନ୍ତ୍ରଣାର କେତୋଟି ବିଶିଷ୍ଟ ଅଂଶ । ଉତ୍ତେଜନା ଓ ନିଦ୍ରାହୀନତାର ଦୂରପାଇଁ ବ୍ୟବହୃତ ଔଷଧକୁ ସିଡ଼େଟିଭ ବା ହିପ୍‌ନୋଟିକ କୁହାଯାଏ । ଏଥିରେ ନିଦ୍ରା ଆସେ । ମାତ୍ର ଅସ୍ୱସ୍ତିପାଇଁ ଟ୍ରାଙ୍କୁଲାଇଜରର ଦରକାର ପଡ଼େ । ଡିପ୍ରେସନ ବା ପରିତାପର ଚିକିତ୍ସାପାଇଁ ଦୁଇଟି ପନ୍ଥା ଗ୍ରହଣକରାଯାଏ । ପ୍ରଥମଟି ନରଏପିନେଫ୍ରିନ୍, ସିରୋଟୋନିନ୍ ଏବଂ ଡୋପାମିନ୍‌ର ପରିମାଣ ବୃଦ୍ଧିକରିବା ପାଇଁ ଏମାନଙ୍କୁ ନଷ୍ଟକରୁଥିବା MAO କୁ ମନ୍ଥର କରିବାକୁ ଔଷଧ ଦିଆଯାଏ । MAO inhibitor କୁହାଯାଏ । ଅନ୍ୟ ଗ୍ରୁପ୍‌ଟି ହେଉଛି ଟ୍ରାଇସାଇକ୍ଲିକ ଏଣ୍ଟି-ଡିପ୍ରେସେଣ୍ଟ । ଏହା ବ୍ୟତୀତ ମାନସିକ ଯନ୍ତ୍ରଣା ନିୟନ୍ତ୍ରଣପାଇଁ ମନୋଚିକିତ୍ସା ଏବଂ କୃତ୍ରିମ ବିଦ୍ୟୁତ କଂପନ ଦିଆଯାଏ ।

'ନସାଲଜିଆ', 'ସୁଷୁମ୍ନା କାଣ୍ଡ କ୍ଷତ', 'ଥାଲମିକପେନ ସିଣ୍ଡ୍ରୋମ' ଏବଂ 'ସ୍ପାଇନାଲ ରୁଟ୍ ରୋଗ'ରେ ଏକ ବିଶେଷ ଧରଣର ଯନ୍ତ୍ରଣାହୁଏ । ଏହାର ନିରାକରଣ ସାଧାରଣତଃ ସମ୍ଭବ ନୁହେଁ । ଏଥିପାଇଁ କେତେକ ଅସ୍ତ୍ରୋପଚାର କରାଯାଏ ଏବଂ ବିଶେଷ ଧରଣର ଚିକିତ୍ସା କରାଯାଏ । ଉପରୋକ୍ତ ତିନି ପ୍ରକାର ଯନ୍ତ୍ରଣା । ବାହାରେ ଏକପ୍ରକାର ଯନ୍ତ୍ରଣା ରହିଛି ଯେଉଁ ଯନ୍ତ୍ରଣାରେ ଲୋକମାନେ ଶିକାର ହୁଅନ୍ତି । ବସ୍ତୁତଃ ଏହା ଏକ କଳ୍ପନା

Digitized by srujanika@gmail.com

ସମ୍ଭୂତ ବିବ୍ରତତା । ଏଥିପାଇଁ କିଛି ଔଷଧ ନ ଥିଲେ ବି ଚିକିତ୍ସକମାନେ ଔଷଧ ଦେବାକୁ ବାଧ୍ୟ ହୁଅନ୍ତି ।

ଚିନ୍‌ରେ ଯନ୍ତ୍ରଣା ଜୟପାଇଁ ଯେଉଁ ଅଭିନବପନ୍ଥା ପୃଥିବୀପ୍ରସିଦ୍ଧି ଲାଭକରିଛି ତାହା ହେଉଛି "ଏକୁପଙ୍କଚର" । ଏହି ମତ ଅନୁସାରେ ସମଗ୍ର ଶରୀରକୁ କେତୋଟି ମେରିଡିଆନରେ ବିଭକ୍ତ କରାଯାଇଛି । ପ୍ରତ୍ୟେକ ମେରିଡ଼ିଆନ କେତେକ ବାହ୍ୟ ଅଂଗ ଏବଂ ଭିତର ଅଂଗର ପ୍ରତିନିଧିତ୍ବ କରନ୍ତି । ପ୍ରତି ମେରିଡ଼ିଆନ ବାହ୍ୟ ଓ ଅନ୍ତଃ ଅଙ୍ଗର ଜନ୍ମଗତ ସମ୍ପର୍କକୁ ଯୋଡ଼ିଥାଏ ବୋଲି ବିଶ୍ୱାସକରାଯାଏ । ତେଣୁ ମେରିଡ଼ିଆନ ଅନ୍ତର୍ଗତ କୌଣସି ଏକ ବିନ୍ଦୁ ବିନ୍ଦୁରେ ବିଦ୍ୟୁତ୍ ଛୁଞ୍ଚି ସାହାଯ୍ୟରେ ସାମାନ୍ୟ ଯନ୍ତ୍ରଣା ସୃଷ୍ଟି କଲେ ଅନ୍ତଃଅଙ୍ଗରେ ହେଉଥିବା ଅସହ୍ୟ ଯନ୍ତ୍ରଣା କମିଯାଏ । ଏଲୋପାଥିକ୍‌ରେ ପ୍ରଚଳିତ "କାଉଣ୍ଟର ଇରିଟେସନ୍" ତତ୍ତ୍ୱ କେତେକାଂଶରେ ଏହା ସହିତ ସମାନ । ଚିନ୍‌ରେ ଉଦ୍ଭାବିତ ଏକ୍ୟୁପଙ୍କଚର୍ ଆମେରିକାରେ ଅତି ଚମକପ୍ରଦ କାମ କରିପାରୁଛି ବୋଲି ପ୍ରକାଶିତ ହୋଇଛି । ବିନା ଇନ୍‌ଜେକ୍‌ସନରେ ଏହା ସାହାଯ୍ୟରେ ଓପନ୍ ହାର୍ଟ ସର୍ଜରି, ବୃକ୍କ ରୋପଣ, ପ୍ରଭୃତି କାର୍ଯ୍ୟ ହୋଇପାରୁଛି । ରୋଗୀ ହସି ହସି କଥାକହୁଛି ଏବଂ "ଯନ୍ତ୍ରଣା ଜୟର ସାମର୍ଥ୍ୟ" ଭିତରେ ଏଣେ ଅସ୍ତ୍ରୋପଚାର ହେଉଛି—ଏହା କ'ଣ କମ୍ ବଡ଼ କଥା ?

ମାତ୍ର ଯନ୍ତ୍ରଣା ଜୟର ଯାତ୍ରା ସେଇଠି ସରିଯାଉନାହିଁ । କେତେକ ବୈଜ୍ଞାନିକ ମତଦେଉଛନ୍ତି ରକ୍ତ ମାଂସରେ ଗଢ଼ା ଏ ଶରୀର ଯିନା ଯନ୍ତ୍ରଣାରେ ଭାଙ୍ଗିପଡ଼ୁଛି ଯଦି ଏହାକୁ ସିନ୍ଥେଟିକ ପଦାର୍ଥରେ ତିଆରି କରିଦିଆଯାଏ ତାହାହେଲେ କଥା ସରିଲା । ନା ଥିବ ଜୈବିକ ସତ୍ତ୍ୱା ନା ଥିବ ଯନ୍ତ୍ରଣା ! ସବୁ ଅଙ୍ଗକୁ କୃତ୍ରିମ କରିହେବ କି ନାହିଁ ତାହା ଯୁକ୍ତି ସାପେକ୍ଷ ମାତ୍ର ଏବେ ଗୋଟିଏ ପ୍ରଧାନ ଅଙ୍ଗ ହୃତ୍‌ପିଣ୍ଡକୁ ଗବେଷଣାଗାରରେ ତିଆରିକରି ଅଲସୁଆ ଅକାମୀ ଖିଦପ୍ରବଣ ରକ୍ତ ମାଂସ ତିଆରି ହୃଦଯନ୍ତ୍ର ଯାଗାରେ ବଦଳା ଯାଇପାରୁଛି । ହୃତ୍‌ପିଣ୍ଡ ରୋପଣ କଥା ମୁଁ କହୁନାହିଁ; ଯେଉଁଥିରେ ଜଣେ ମଣିଷର ହୃତ୍‌ପିଣ୍ଡକୁ ଅନ୍ୟ ଜଣଙ୍କର ଦେହରେ ଖଞ୍ଜାଯାଏ ଏବଂ ଏହା ଏକ ପୁରୁଣା ବୈଜ୍ଞାନିକ ଖବର । ଡା: ଉଇଲିୟମ ଡ଼ି ଭେରିଜ୍ ୧୯୮୫ ମସିହାରେ ପ୍ରଥମକରି 'Jarvik-7' ନାମକ ଏକ ପ୍ଲାଷ୍ଟିକ ଏବଂ ଏକ ଧାତୁ ନିର୍ମିତ କୃତ୍ରିମ ହୃଦ୍ ଯନ୍ତ୍ରକୁ ଅବସରପ୍ରାପ୍ତ ଦନ୍ତ ଚିକିତ୍ସକ ଡା: ବର୍ଣ୍ଣେ କ୍ଲର୍କଂକ ଦେହରେ ରୋପଣକରି ଚହଲ ପକାଇ ଦେଇଥିଲେ । ତାଙ୍କ ପରେ କାଲିଫର୍ନିଆର ଏକ କମ୍ପାନୀ ବ୍ୟାଟେରି ନିୟନ୍ତ୍ରିତ ଟିକିଏ ଉନ୍ନତ ଧରଣର ହୃଦଯନ୍ତ୍ର 'L V A D' ବାହାରକଲେ । ଏବେ ସେମାନଙ୍କର ତୃତୀୟ ବଂଶ ଉଦ୍ଭାବିତ ହୋଇଛି ସେହି ଆମେରିକାରେ ଡା: ଉଇଲିୟମ୍ ପି ଅର୍ସିଙ୍କ ଦ୍ୱାରା । ସେ ଏହାକୁ Bionic Heart କହୁଛନ୍ତି ।

Digitized by srujanika@gmail.com

ଅସ୍ତ୍ରୋପଚାରର ବିନା କଷ୍ଟରେ ହେଉଥିଲେ ବି ଅସ୍ତ୍ରୋପଚାର ନାଁକୁ ଲୋକେ ଭୟ କରନ୍ତି । ରୋଗ ଯନ୍ତ୍ରଣା ଅପେକ୍ଷା ରୋଗର ଚିନ୍ତା ମଣିଷକୁ ଘାରେ । ପୁଣି ଅପରେସନ୍ ପରେ କେତେଦିନ ବିଛଣାରେ କଷ୍ଟ ଭୋଗିବାକୁ ପଡ଼ିବ ତାର ଠିକଣା ନଥାଏ । ଫୁସ୍‌ଫୁସ୍‌ରେ ପହଞ୍ଚିବାକୁ ହେଲେ ପିଞ୍ଜରା ହାଡ଼ କାଟିବାକୁ ହୁଏ, ବୃକକ୍ ଖୋଜିବାକୁ ହେଲେ ଅନ୍ତନାଡ଼ି ଆଡେଇ ବହୁ ଗଭୀରକୁ ଯିବାକୁ ହୁଏ, ଏଥିରେ ଚର୍ମ ଉପରେ ବଡ଼ ଘାଆ କରିବାକୁ ପଡ଼ିଥାଏ । ୧୯୯୦-୯୧ ବେଳକୁ ଏକ ନୂଆ ପ୍ରଣାଳୀ ଜନ୍ମଲାଭ କଲା । ତାହା ହେଉଛି Videoscopy Surgery । ଉକ୍ତ ପ୍ରଣାଳୀରେ ମାତ୍ର ଏକ ମିଲି-ମିଟର ଛିଦ୍ରଟିଏ କରି ଏକ ଯନ୍ତ୍ର ନଳୀ ଦେହ ଭିତରକୁ ପ୍ରବେଶକରାଯାଏ । ଏହାକୁ ବିଭିନ୍ନ ଦିଗରେ ଟିଭି ମନିଟର ଦ୍ୱାରା ସ୍ଥିରକରି ଅକାମୀ ଓ ଯନ୍ତ୍ରଣାଦାୟକ ଅଙ୍ଗକୁ ଠାବ କରାଯାଏ । ପରେ ସେହି ନଳୀ ସଂଯୁକ୍ତ ଛୋଟ କଇଁଚି, ଚପାଯନ୍ତ୍ର, ଗୁଣ୍ଡଯନ୍ତ୍ର ଭିତରକୁ ପଠାଯାଏ ଏବଂ ଅକାମୀ ଅଂଗକୁ କାଟି, ଗୁଣ୍ଡକରି ବାହାରକୁ ଅଣାଯାଏ । ଡା. ଲିଲ୍‌ଫ୍ କ୍ଲୋମେନ୍ (ଓ୍ୱାସିଙ୍ଗଟନ ବିଶ୍ୱବିଦ୍ୟାଳୟ) ଉପରୋକ୍ତ ମେଣ୍ଟଲୁଇସ୍ ପ୍ରଣାଳୀଠାରୁ ଏକ ଉନ୍ନତ ପ୍ରଣାଳୀ ବାହାର କରିବାରେ ସକ୍ଷମ ହୋଇଛନ୍ତି । ଏହି ପ୍ରଣାଳୀରେ ରୋଗଗ୍ରସ୍ତ ବୃକକ୍‌କୁ କାଟିସାରିଲା ପରେ ପେଟ ଭିତରେ ଗୋଟିଏ ଥଳିରେ ରଖାଯାଏ । ଥଳି ଭିତରେ Marullator ଚଳାଇ ତାକୁ ଅର୍ଦ୍ଧତରଳ କରାଯାଏ ଏବଂ ଟିଉବ୍ ଦ୍ୱାରା ବାହାରକୁ ଅଣାଯାଏ ।

କିନ୍ତୁ ଭାରତୀୟ ସଂସ୍କୃତିରେ ଯନ୍ତ୍ରଣା ଜୟର ଅଭିଯାନ ଭିନ୍ନଧରଣର । ଯନ୍ତ୍ରଣାର ପ୍ରକୋପ ତ୍ରିବିଧ—ତାକୁ ତ୍ରିତାପ ଆଧିଭୌତିକ, ଆଧିଦୈବିକ ଓ ଆଧ୍ୟାତ୍ମିକ । ଭୌତିକ ଯନ୍ତ୍ରଣାର ବିନାଶପାଇଁ ଅଷ୍ଟାଂଗ ଯୋଗ, ଆସନ ପ୍ରାଣାୟମର ବ୍ୟବସ୍ଥା ରହିଛି । ଆଧି ଦୈବିକ ତାପ ମୁକ୍ତି ପାଇଁ ସ୍ୱାଧ୍ୟାୟ, ଜପ, ତପ, ପ୍ରାଣାୟମର ସୃଷ୍ଟି । ଆଧ୍ୟାତ୍ମିକ ତାପର ଅବସାନହୁଏ ତନ୍ମୟ ଭାବରେ ବା ସବିକଳ୍ପ ଓ ନିର୍ବିକଳ୍ପ ସମାଧିରେ । ଏଥିପାଇଁ ମଣିଷକୁ ଅନ୍ନମୟ ଜ୍ଞାନମୟ ବିଜ୍ଞାନମୟ କୋଷର ବାହାରକୁ ଯିବାକୁ ପଡ଼ିବ । ଇଡ଼ା ପିଙ୍ଗଳା ଦେଇ କୁଣ୍ଡଳିନୀ ଜାଗ୍ରତ କରିବାକୁ ହେବ । ମୂଳାଧାର, ଅଧିଷ୍ଠାନ, ମଣିପୁର ଚକ୍ରରୁ ଆଗକୁ ଆଗକୁ ଯାଇ ସହସ୍ରାର ଚକ୍ରରେ ନିମଜ୍ଜିତ ହେବାକୁ ହେବ ।

●

Digitized by srujanika@gmail.com

ଓଡ଼ିଆ ଲୋକଗୀତରେ ଅଶ୍ରୁ

ଅନନ୍ତ ଚରଣ ଜେନା

'ଲୋକ' କହିଲେ ଆମେ ସାଧାରଣତଃ ଗ୍ରାମ ଓ ସହରର ବସ୍ତି ଅଞ୍ଚଳରେ ବସବାସ କରୁଥିବା ମଣିଷମାନଙ୍କୁ ହିଁ ବୁଝିଥାଉ । ମାତ୍ର ସାହିତ୍ୟ ଓ ଦର୍ଶନ ଶାସ୍ତ୍ରରେ ଏହାର ଅର୍ଥ ଭାବଗର୍ଭକ ଓ ବ୍ୟାପକ । ଅଷ୍ଟାଦଶ ଶତାବ୍ଦୀର ଚତୁର୍ଥ ଦଶକରେ ପାଶ୍ଚାତ୍ୟ ଜଗତରେ 'ଫୋକ' ବା ଲୋକର ଯେଉଁ ସଂଜ୍ଞା ନିରୂପଣ କରାଯାଇଥିଲା, ସମ୍ପ୍ରତି ତାହା ସମ୍ପୂର୍ଣ୍ଣ ଭାବରେ ବଦଳିଯାଇଛି । ଦାର୍ଶନିକ, ମନସ୍ତାତ୍ତ୍ୱିକ, ସାମାଜିକ, ନୃତାତ୍ତ୍ୱିକ, ରାଜନୀତିକ ଦୃଷ୍ଟିକୋଣରୁ ଶବ୍ଦର ବିଜ୍ଞାନ-ସମ୍ମତ ବ୍ୟାଖ୍ୟା କରାଯାଇଛି । ଲୋକ କହିଲେ କେବଳ ଗ୍ରାମ୍ୟ ଜନତା ପରିବର୍ତ୍ତେ ସାମଗ୍ରିକ ଭାବେ 'ମଣିଷ'କୁ ଗ୍ରହଣ କରାଯାଉଛି । 'ହିଉ ଆର୍ ଫୋକ୍' ବୋଲି କୁହାଯାଉଛି । ମଣିଷ ଯେତିକି ଉନ୍ନତ ନା କାହିଁକି, ଆପଣା 'ଲୋକତ୍ୱ' ରୁ ସେ ବିମୁକ୍ତ ହୋଇପାରିବନାହିଁ ବୋଲି ମତପ୍ରକାଶ ପାଇଛି । ତେଣୁ 'ଲୋକଗୀତରେ ଅଶ୍ରୁ'ର ଆଲୋଚନା କାଳରେ ଐତିହାସିକ, ସାମାଜିକ ଓ ମନସ୍ତାତ୍ତ୍ୱିକ ପୃଷ୍ଠଭୂମିର ଆଧାରରେ ପ୍ରସଙ୍ଗର ଆଲୋକନ କରା-ଯାଇପାରେ ।

ନାରୀମାନେ ପୁରୁଷମାନଙ୍କଠାରୁ ଅଧିକ ଭାବପ୍ରବଣା ଓ ଅନ୍ତର୍ମୁଖୀ ବୋଲି ମନୋବିଜ୍ଞାନୀ ଓ ଶରୀରବିଜ୍ଞାନୀମାନେ ମତପ୍ରଦାନ କରିଥା'ନ୍ତି । ପୁରୁଷପ୍ରଧାନ ଓ ରକ୍ଷଣଶୀଳ ସାମାଜିକ ଓ ସାଂସ୍କୃତିକ ବ୍ୟବସ୍ଥା ଭିତରେ ବଢ଼ିଥିବା ନାରୀମାନେ ଆପାତତଃ ଅନ୍ତର୍ମୁଖୀ ହେବାପାଇଁ ବାଧ୍ୟ । ଯଦିଓ ନାରୀ ଏକାଧାରରେ ଜନନୀ, ଜାୟା, ଭଗିନୀ ଓ କନ୍ୟା ଭାବରେ ସ୍ୱୀକୃତା, ତଥାପି ପୁରୁଷ ନିକଟରେ ସେ ସେବାଦାସୀ । ସେ ପରାଧୀନା । ସୁଖବଂଚିତା ଓ ବିଡ଼ମ୍ବିତା । ଇଚ୍ଛା ଅନୁସାରେ ବଞ୍ଚିବାପାଇଁ ସେ ଯେପରି ଅଯୋଗ୍ୟ । ସମାଜରେ ସେ ଯେପରି ପଣ୍ୟର ସାମଗ୍ରୀ । ପୁରୁଷ ପାଖରେ ତାର କିଣାବିକା କରାଯାଇପାରେ । ବିଂଶଶତକର ସମାଜପତିମାନେ ମଧ୍ୟ ତାର ସ୍ୱପ୍ନ ଓ ସ୍ୱାଧୀନତାକୁ ବ୍ୟବସାୟ କରିବାର ମାନସିକତା ପରିହାର କରିପାରିନାହାନ୍ତି । ପ୍ରଚ୍ଛର ମାଧ୍ୟମରେ ଯାହାକୁ ନାରୀମୁକ୍ତି ବୋଲି କୁହାଯାଉଛି, ତାହା ସେମାନଙ୍କ ପ୍ରତି ଅହେତୁକ

Digitized by srujanika@gmail.com

କରୁଣା ପ୍ରଦର୍ଶନର ବ୍ୟଞ୍ଜନା ବ୍ୟତୀତ ଅନ୍ୟ କିଛି ହୋଇ ନପାରେ । ପୁନଶ୍ଚ ମୌଳବାଦୀମାନଙ୍କର ସଙ୍କୀର୍ଣ୍ଣ ମାନସିକତା "ବାମାମୁକ୍ତିର ସ୍ୱପ୍ନ"କୁ ଯେ ଅଧିକ ସଙ୍କୁଚିତ କରିଦେଇଛି । ଆଧୁନିକ ସମାଜଶାସ୍ତ୍ରୀମାନେ ଏକଥା ସ୍ୱୀକାର କରିଛନ୍ତି । ତେଣୁ ଆଜି ମଧ୍ୟ ନାରୀକୁ ନିଆଁରେ ପୋଡ଼ାଯାଉଛି । ସତୀ ହେବାକୁ ବାଧ୍ୟ କରାଯାଉଛି । ପୁରୁଷର ସୁଖ ସଙ୍ଗ ତାକୁ 'ମେଧ' ହେବାକୁ ପଡୁଛି । ପୁରୁଷର ଦାରିଦ୍ର୍ୟ, ନାରୀ ଅନୁସଙ୍ଗ, ଭଗ୍ନସ୍ୱାସ୍ଥ୍ୟ ଓ ଯାବତୀୟ ବିପର୍ଯ୍ୟସ୍ତର ହେତୁ ଭାବରେ ତାକୁ ହିଁ ଦୋଷଦୁଷ୍ଟ କରାଯାଉଛି । ପ୍ରତିବାଦ କଲେ ତାକୁ କୁହାଯାଉଛି କଳହକାରୀ, ହତଲକ୍ଷ୍ମୀ । ତା ଚରିତ୍ରରେ କଳା ବୋଲାଯାଉଛି । ତେଣୁ ନାରୀଟିଏ ନିଜର ଶ୍ୱଶୁରଘରକୁ ଆଜି ମଧ୍ୟ ଯମାଳୟ ବୋଲି ମନେକରୁଛି । ଯଦିଓ ନବବଧୂ ସାଜିଥିବା ନାରୀଟିଏ ଶାଶୂ ହେବାର ଗୌରବଲାଭ କଲାପରେ ମଧ୍ୟ ଦୁଃଖପୂର୍ଣ୍ଣ ଅତୀତର ଓଲମାନା ମେଣ୍ଟାଇବା ଲାଗି ନବବଧୂ ଉପରେ ଦାଉ ସାଧୁଛି । ମୁକ୍ତି ପ୍ରୟାସୀ ନାରୀଟି ଆପଣା ଲୁହ ଭିତରେ ଏକ କରୁଣ ଓ ନିର୍ମମ ବର୍ତ୍ତମାନକୁ ଭାଗ୍ୟ ଭାବରେ ଗ୍ରହଣକରୁଛି । ଫଳତଃ ତାର ସାଂସାରିକ ଜୀବନର ସକଳ ସୁଖ ଓ ସ୍ୱପ୍ନ ତୁଟିଯାଉଛି । ସେ ଉଚ୍ଚଶିକ୍ଷିତା, ତା ବୃତ୍ତିଜୀବୀ ଅଥବା ଗ୍ରାମିଣୀ ହେଉ, ସମାଜର ରୋଷ ନିଆଁରୁ ମୁକ୍ତିପାଇବା ତା ପକ୍ଷେ ସମ୍ଭବ ହେଉନାହିଁ । ସ୍ୱାମୀ ପାଖରେ "ଘରଯା ଅଟଇ ସିନା ପାଦର ପାଣ୍ଡୋଇ" ନ୍ୟାୟରେ ତାକୁ ବଞ୍ଚିବାକୁ ପଡୁଛି । ପରିବାରର ସଦସ୍ୟମାନଙ୍କୁ ଆପଣାର ସୁଖ ଓ ସ୍ୱପ୍ନକୁ ବାଣ୍ଟି ବାଣ୍ଟି ସେ ନିଃସ୍ୱ ହେଉଛି । ଶୋକାତୁର ନୂଆ ବୋହୂଟି ବାପଘରର ହସଖୁସିର କଥା ମନେପକାଇ ଗାଇଛି—

ପୋଡ଼ୁ ପୋଡ଼ୁ ପ୍ରାଣ ବୋଉ ଜନ୍ମ କରିନାହିଁ
ଜହର ନ ଦେଇ ମୋତେ ରଖିଲୁ କମ୍ପାଇଁ ଲୋ, କୋଇଲି ।
ହୁଅନ୍ତି ମୁଁ କାକପକ୍ଷୀ, ଜନନୀ ଅରେ ଆସନ୍ତି ଦେଖିରେ
ସଫଳ ହୁଅନ୍ତା ଆଖି ସଜନୀରେ ।
ଭାତ୍ତିକି ବସିଲେ ଆହାର, ମନେପଡୁଥିବ ମୁହିଁ ତାହାର
ନେଇଁ ଗଡୁଥିବ ନୀର, ଲୋ କୋଇଲି ।

ମାତାର ଅକପଟ ସ୍ନେହ, ଆକଟ, ଶ୍ୱଶୁରଘରେ ସାତ ସପନ । ସ୍ୱାମୀଗୃହରେ କେବଳ ଶାଶୁ, ଶ୍ୱଶୁର, ନଣନ୍ଦ, ଯାଆ ଓ ଦେଢ଼ଶୁରଙ୍କ ଅନାତ୍ମୀୟତା ନଥାଏ । ସେଠାରେ ଦେଢ଼ଶୁରଙ୍କ ପୁଅ କନ୍ୟାମାନଙ୍କର ଶ୍ଲେଷ ମଧ୍ୟ ନବବଧୂଟିକୁ ସହିବାକୁ ପଡ଼େ । ସେ ଯେମିତି ସମସ୍ତଙ୍କ ହାତରେ ଗୋଟିଏ କ୍ରୀଡ଼ନକ ; ଭିନ୍ନ ଏକ ପରିବେଶର ମଣିଷ । ତା ପାଇଁ ଆହା ପଦେ କହିବାକୁ କେହି ନାହିଁ । ପୁଅ କନ୍ୟା ତୁଳ୍ୟ ପୁତୁରା-ଝିଆରୀମାନଙ୍କ ଟେଲି ମାରିଲା ପରି କଥାରେ ବ୍ୟଥିତା ହୋଇ ନବବଧୂଟି କହେ—

Digitized by srujanika@gmail.com

ହସିଲେ ବୋଲନ୍ତି ଖୁଡ଼ି ଦାନ୍ତ ହେଲଣି, କାନ୍ଦିଲେ ବୋଲନ୍ତି ଖୁଡ଼ିର କଏ ମଲଣି ।
ପେଜ କଂସାଏ ଲୋ ଦିଅନ୍ତି ବାଢ଼ି, ବୋଲନ୍ତି ଦେଉଳ ପ୍ରାୟେ ଖୁଡ଼ୀ ବସିଲା ମାଡ଼ି ॥

ଗରିବ ଘରର ଝିଅଟିଏ ଧନୀ ଘରକୁ ବୋହୂ ହୋଇ ଯିବାରେ ଅନେକ ଯନ୍ତ୍ରଣା । ବୋହୂର ବାପଘରୁ ପୂନିଅଁ ପରବରେ ଯେତେ ଭଲ ଦରବ ଗଲେ ବି ତାହା ବୋହୂର ଶାଶୁଘରର ଲୋକଙ୍କୁ ପସନ୍ଦ ହୁଏନି । ବେଳେ ବେଳେ ବୋହୂର ବାପଘର ଉପରେ ମାନମାରି ତାକୁ ଗଞ୍ଜଣା ଦିଆଯାଏ । ବୋହୂଟି ଯେତେବେଳେ ବାପଘରକୁ ଆସେ, ସେତେବେଳେ ମାଆ ଆଗରେ ସେହି କଥା କହି ବାହୁନେ—

ଶାଗ କାଟିବି ବୋଲି ପନିକି ଥୋଇ
ମନ ବିକଳ ହେଲା ପଡ଼ିଲି ଶୋଇ ଲୋ ।
ହାଟରୁ ଖଜା ମୁଆଁ ଆଣନ୍ତି କିଣି
ବୋଲନ୍ତି ତୋର ଭାଇ ଆସିଛି ଆଣିଲୋ ।

ତା'ର ଏ କାରୁଣ୍ୟ ପଥର ତରଳାଇଦିଏ । ଆକାଶ, ପାତାଳ ଓ ପ୍ରକୃତି ହତଚକିତ ହୋଇଯାଆନ୍ତି । ମାତ୍ର ପୁଞ୍ଜୀଭୂତ କାରୁଣ୍ୟର ଭାର ବହନକରି ନାରୀତ୍ୱ ନାରୀଟି ବିଚଳିତ ହୁଏନାହିଁ । ସେ ଜାଣେ ତା'ର ଜନ୍ମ ଏଇଥିପାଇଁ । ନିଜେ ଶତ-ଦୁଃଖର ଦରିଆ ଭିତରେ ଉବୁଟୁବୁ ହୋଇ ଅନ୍ୟକୁ ସ୍ନେହ, ମମତା ପ୍ରଦାନ କରିବାରେ ତା'ର ନାରୀଧର୍ମ ସାର୍ଥକହୁଏ । ସେ ସର୍ବଂସହା । ଏତେବେଳେ କୂଳବଧୂଟି ନିଜ ମନକୁ ବୁଝାଇ, ସବୁ ଲଜ୍ଜା ଅପମାନକୁ ପଛରେ ପକାଇ ଶାଶୁ-ଶ୍ୱଶୁରଙ୍କ ସେବାରେ ମନପ୍ରାଣ ଢାଳିଦିଏ । ତଥାପି ସେମାନଙ୍କ ହୃଦୟରେ ତା' ପ୍ରତି ଦୟା ସୃଷ୍ଟି ହୁଏନି । ବୋହୂଟି ଗୋଡ଼ ଘଷିଦେବାକୁ ଗଲେ ତାକୁ ବେଳେ ବେଳେ ସେମାନଙ୍କର ଗୋଇଠା ମାଡ଼ ସହିବାକୁ ପଡ଼େ ।

ଘଷିଦେବାକୁ ଗଲେ ସେ ଲଗାନ୍ତି ଗୋଇ
ଅରକ୍ଷିତ ଝୋଙ୍କା ମୋର ଛୁଅନ୍ତା ଗୋ ଗୋଡ଼ ଯେ ।
ଫିଙ୍ଗି ଯେ ଫୋପାଡ଼ି ଦ୍ୟନ୍ତି ପାହୁଣ୍ଡ ତଳେ
କବାଟ ଯେ କଲି ଦ୍ୟନ୍ତି ଅନ୍ଧାର ଘର ଯେ ।
ପାହୁଣ୍ଡରେ ଠିଆହୋଇ ବୁହାଏ ଲୁହ
ବୋଉ ନନା କଲେ ଇଆ ସହନ୍ତା ଦିହ ଯେ ।

ଓଡ଼ିଆ କାନ୍ଦଣା ଗୀତରେ ବୋହୂ ଉପରେ ଶାଶୁର ଏତଛତବାଦ ଶାସନର ଚିତ୍ର ସ୍ପଷ୍ଟ ପ୍ରତୀୟମାନ । ବୋହୂ ଦଉଡ଼ି ଦେଇ ମରୁ ବୋଲି ଶାଶୁ ଗଞ୍ଜଣା ଦେଇ-ସାରିବା ପରେ ବୋହୂର ମୁଣ୍ଡ ପାଖରେ ଦଉଡ଼ି ରଖିଦିଏ । ବୋହୂକୁ ସମସ୍ତଙ୍କଠାରୁ ଗାଳି ମାଡ଼ ଖୁଆଇବା ଉଦ୍ଦେଶ୍ୟରେ ଶାଶୁ ରାନ୍ଧିଲା ଡାଲିରେ ଲୁଣ, ଭାତରେ ଚାଉଳ-

Digitized by srujanika@gmail.com

ମିଶେଇଦିଏ । ସମସ୍ତ ଦୁଃଖ-ଯାତନାକୁ ଅଶ୍ରୁରେ ଲଘୁ କରିବାର ଅଧିକାର ମଧ୍ୟ ବୋହୂର ନାହିଁ । କାନ୍ଦିଲେ ଶାଶୁ କହେ—"ହଇଲୋ ବାପଘରୁ କାହାର ମଲା ଖବର ପାଇଲୁ କି ? ଶାଶୁର ଏତାଦୃଶ ମାନସିକତାର କାହାଣୀ ବଡ଼ ମର୍ମସ୍ପର୍ଶୀ ଭାଷାରେ ଏଠାରେ ବର୍ଣ୍ଣିତ ।

ଶାଶୁଙ୍କ ସ୍ନେହଭାବ କହିବି କେତେ, କାଳସର୍ପୀ ବୋଲି ଲୋ ଡାକନ୍ତି ମୋତେ ।

\+ + + + + +

ନଖରେ ଗାଲ ମାଂସ ପିଞ୍ଚନ୍ତି ମୋର, ଦାନ୍ତ ରେଗଡ଼ା ଦେଖି ମାଡ଼ଇ ଡର ।
ମାଡ଼ ଲୋ ଖାଇ ମୁହିଁ ଗୁହେଁ ନ କରେଷି, ନଆଁ ମୁଣ୍ଡାପର ଶାଶୁଙ୍କ ଆଖି ।

ଓଡ଼ିଆ ଘରେ ଝିଅ ବାହାହୋଇ ଗଲାବେଳେ ସାଥିରେ ନଣନ୍ଦପେଢ଼ି ନେବା ଏକ ପରମ୍ପରା । ଏହା ଆମ ସଂସ୍କୃତିର ଏକ ଅଙ୍ଗ । ଅଭାବବଶତଃ କନ୍ୟାପିତା ଝିଅ-ସାଥିରେ ନଣନ୍ଦପେଢ଼ି ପଠାଇବାକୁ ଅକ୍ଷମ ହେଲେ, ବିବାହିତା ନବବଧୂଟିର ଯନ୍ତ୍ରଣା ଶତଗୁଣିତ ହୋଇଯାଏ । ସ୍ଥଳବିଶେଷରେ କଠୋରହୃଦୟା ନଣନ୍ଦଟି ଭାଉଜର ସମସ୍ତ ନୂଆ ଲୁଗାକୁ ଛଡ଼େଇ ନେଇଯିବାରେ ମଧ୍ୟ କୁଣ୍ଠିତା ହୁଏନାହିଁ ।

ଚଉତା ଉପରେ ନାହିଁ ନଣନ୍ଦ ଶାଢ଼ୀ, ତା' ଦେଖି ବୋଉ ମତେ ପକାନ୍ତି ଝାଡ଼ି ।
ପେଢ଼ିରେ ରଙ୍ଗଲୁଗା ଖଣ୍ଡିଏ ନାହିଁ, ପିନ୍ଧିଲା ଲୁଗାଖଣ୍ଡି ନେଲେ ଛଡ଼ାଇ ॥

କନ୍ୟାଶୁଳ୍କ ପ୍ରଦାନ ମଧ୍ୟ ଥିଲା ଆମ ସାମାଜିକ ପରମ୍ପରାର ଅନ୍ୟ ଏକ ନିନ୍ଦିତ ପ୍ରଥା । କନ୍ୟାମାନେ ହାଟ ବଜାରରେ ପଶୁମାନଙ୍କ ଭଳି ମୂଲଚାଲ ହେଉଥିଲେ । ବେଳେ ବେଳେ ଧନଲୋଭୀ ପିତା କନ୍ୟାକୁ ବୃଦ୍ଧ ଓ ଅଯୋଗ୍ୟ ବରପାତ୍ର ହାତରେ ଟେକିଦେବାକୁ ମଧ୍ୟ କୁଣ୍ଠାବୋଧ କରୁନଥିଲେ । ତେଣୁ ରାକ୍ଷସ ପିତାର ଅବିଚାରରେ ବ୍ୟଥିତା ସରଳା ଗ୍ରାମ୍ୟଲଳନା ସାରାଜୀବନ ଲୁହ ଝରେଇ ଅବିବେକୀ ପିତା ପ୍ରତି ଅଭିଶାପ ବର୍ଷଣ କରୁଥିଲେ ।

ବାପା ବସିଥିଲେ ଗମ୍ଭୀରୀ ଘରେ, ଟଙ୍କା ପହଞ୍ଚିଲା ଦ'ପହରେ ଲୋ ବୋଉ
ମୋହର ଯେମନ୍ତ ନିଃଶ୍ୱାସ ଥିବ, ଟଙ୍କା ବାରକୋଡ଼ି ଅଙ୍ଗାର ହେବ ଲୋ ବୋଉ ॥

କେବଳ ସେତିକି ନୁହେଁ, ପଲ୍ଲୀ ଜେମାର ସରଳ ଅନାବିଲ ପ୍ରାଣରେ ଶ୍ୱଶୁରଘର ପ୍ରତି ଭୟ ଥିଲେ ହେଁ, ବିବାହ ପ୍ରତି ଥାଏ ଏକ ମଧୁର ଆକର୍ଷଣ । ସୁନ୍ଦର ଯୁବକ ସ୍ୱାମୀର ହସ ହସ କଥା, ପ୍ରେମର ସ୍ପର୍ଶ, ଛନ ଛନ ଗୃହାଣୀ ଆକର୍ଷଣରେ ସେ ଭୁଲିଯାଏ ଶାଶୁ ନଣନ୍ଦଙ୍କର ସମସ୍ତ ଯାତନା । ମାତ୍ର ଯେଉଁଠି ଟଙ୍କା ଲୋଭରେ ବାପା ଗୋଟିଏ ବୋଡେଇ ବୁଢ଼ାବର ସହିତ ତାକୁ ଛନ୍ଦିଦିଏ; ସେଇଠି ରୂପବତୀ ଜେମାର ଦୁଃଖ କହିଲେ ନସରେ । ଯୌବନର ସ୍ୱପ୍ନିଳ ଆଶାର ମୀନାର ଭାଙ୍ଗି ଚୁନା ହୋଇଯାଏ ।

Digitized by srujanika@gmail.com

ବେଳେ ବେଳେ ବୈଧବ୍ୟ ଯନ୍ତ୍ରଣାରେ ଛଟପଟ ହୋଇ ଜୀବନସାରା ଆପଣା ଭାଗ୍ୟକୁ ନିନ୍ଦାକରେ । ଭାଗ୍ୟର ଏ ବିଡ଼ମ୍ବନାକୁ କାହା ଉପରେ ଲଦିବ ସିଏ ? କାହାକୁ ଦୋଷ ଦେବ ? ଜନ୍ମିତ ପିତାମାତା କନ୍ୟାର ମନକଥା ବୁଝିପାରି ନଥିବାରୁ ସେ କେବଳ ତାଙ୍କୁ ହିଁ ଦୋଷୀ ସାବ୍ୟସ୍ତକରି ଆତ୍ମୀୟସ୍ୱଜନଙ୍କ ନିକଟରେ ନିଜର ମର୍ମ ବେଦନା ପ୍ରକାଶକରେ ।

ବାପ ପଛଆଡ଼େ ଗଣ୍ଠେଇପୁଅ ମୋହ ମାମୁଁ ।
କ୍ୱାହିଁ କରିଅଛ ମାଙ୍କଡ଼ଛୁଆ ମୋହ ମାମୁଁ ॥

\+ \+ \+ \+ \+ \+

ବାପ ପଛଆଡ଼େ ଡେଙ୍ଗା ଗଣ୍ଠେଇ ମୋ ଖୁଡ଼ୀ
ବୁଢ଼ାବର ସଙ୍ଗେ ଦେଲ ଖଣ୍ଡେଇ ମୋ ଖୁଡ଼ୀ ॥

କୋମଳପ୍ରାଣା ବଧୂପ୍ରତି ଅତ୍ୟାଚାରର ଇତି ନାହିଁ ସମାଜର ସବୁ ସ୍ଥାନରେ ସେ ନିର୍ଯ୍ୟାତିତା । ବଧୂମାନଙ୍କ ପ୍ରତି ଶ୍ୱଶୁରଘରର ସଦସ୍ୟମାନଙ୍କର ଯେଉଁ ଅକଥନୀୟ ଅତ୍ୟାଚାର ହୁଏ ; ତାହାକୁ ସରଳା ନିରୀହା ବଧୂମାନେ ନିଜସ୍ୱ ଭାବନାରେ, ଅନୁପମ ସହଜ ନିରଳଙ୍କାର ଭାଷାରେ ପ୍ରକାଶକରି ହୃଦୟସ୍ଥ ବେଦନା ଲାଘବ କରିଥା'ନ୍ତି ।

ଅପର ପକ୍ଷରେ, ଆମ ସମାଜରେ କେବେ କେବେ ବିପରୀତ ଘଟଣା ଘଟିବାର ନଜିର ମଧ୍ୟ ରହିଛି । ଶାଶୁ ନଣନ୍ଦଙ୍କ ଦ୍ୱାରା ଅତ୍ୟାଚାରିତା ବଧୂମାନଙ୍କ ଭିତରୁ ବୋହୂଟିଏ ସମାଜର ସବୁ ନାଲିଆଖିକୁ ବେଖାତିର କରି ଅଗ୍ରଣୀ ନାରୀଟିଏ ପରି ସବୁ ଅତ୍ୟାଚାର ବିରୋଧରେ ଅଣ୍ଟାଭିଡ଼ି ଠିଆହୁଏ । ସ୍ୱାମୀସୁହାଗିନୀ ରୂପସୀ ବଧୂଟି ଯଦି ଯଦି ଶାଶୁ ନଣନ୍ଦଙ୍କଠାରୁ ଶୁଣଛୁଏ ; ତେବେ ସେ କ୍ଷେତ୍ରରେ ପରାସ୍ତ ହେବାକୁ ଗୋଡ଼-ଟେକିଥିବା ନଣନ୍ଦଠାରୁ ଶାଶୁଙ୍କ ବଞ୍ଚିବା କଷ୍ଟକର ହୋଇଯାଏ । "ଯେବେ ଶାଶୁ ମରିବାର ସତ, ଦେଉଳେ ବାନ୍ଧିବ ନେତ" ପ୍ରବଚନକୁ ପଛରେ ପକାଇ ରୂପଗର୍ବିଣୀ ବଧୂ ନିଜର ସ୍ୱାମୀକୁ ଆପଣେଇ ନେଇ, ପରମ୍ପରାର ଅତ୍ୟାଚାରରୁ ରକ୍ଷାପାଏ ଏବଂ ଶାଶୁର ପଦେକୁ ବୋହୂର ପଦେ ନ୍ୟାୟରେ ଶାଶୁ ଉପରେ ଓଲଟା ଆକ୍ରମଣ କରିବାକୁ ପଛାଏ ନାହିଁ । ସେତେବେଳେ ବୋହୂ ଅତ୍ୟାଚାରରେ କାତରହୋଇ ଶାଶୁ-ବୁଢ଼ୀଟି କହେ—

"ମୁଣ୍ଡେ ହାତଦେଇ ବୋଲେ ବୁଢ଼ୀ
ମୋତେ ମରଣ ନାହିଁ ।
ବନ୍ଧୁ କୁଟୁମ୍ବ ମୋ ଜାଉଁ ଜାଉଁ ମଲେ
ପଳେଇ ପଶିବି କାହିଁ ॥"

ଲୋକଗୀତରେ ସନ୍ତାନବଧୂରା ଜନନୀର ଶୋକ ଅତ୍ୟନ୍ତ ମର୍ମସ୍ପର୍ଶୀ । ମାଆଟିଏ ତାର ସନ୍ତାନକୁ ଦଶମାସ ଗର୍ଭରେ ଧରି, ସମସ୍ତ କଷ୍ଟ ସହ୍ୟକରି ତାକୁ ଜନ୍ମଦିଏ ।

Digitized by srujanika@gmail.com

ଅତି ସ୍ନେହ ଆଦରରେ ତାକୁ ବଢ଼ାଏ । ନିଜ ପେଟରୁ କାଟି ଖୁଆଇ ପିଆଇ ମଣିଷ କରେ । ଝିଅଟି ଦିନେ ବୋହୂ ସାଜି ପରଘର ଯାଏ । ମା'ଆ ହୃଦୟ ସବୁ ଜାଣି ମଧ୍ଯ ଏହାକୁ ସ୍ୱାଭାବିକ ଭାବରେ ଗ୍ରହଣ କରିପାରେନା । ବିବାହ ଦିନ ଝିଅ ମା' ହାତରୁ ଚାଉଳ ଅଞ୍ଜୁଳି ନେଇସାରିବା ପରେ, ପରିବାର ମଧ୍ୟରୁ ସେ ଚିରଦିନ ପାଇଁ ବିଦାୟ ନେଇଯାଏ । ମାଆର ମନ ଏକଥା ବୁଝେନି । ସାଂସାରିକ ବାସ୍ତବତା ଓ ସତ୍ୟ ସତ୍ତ୍ୱେ ତାକୁ ଅଶ୍ରୁମୁଖୀ କରେ—

ଶ୍ରୀ ଅଙ୍ଗ ଆଉଁସି ମାଏ ଦ୍ୟନ୍ତି ଚୁମ୍ବନ
କେମନ୍ତେ ମୂର୍ଚ୍ଛିବି କହ ଜୀବର ଜୀବନ ।
ପାଞ୍ଚ ବରଷଠାରୁ କରିଥାଇ ଚନ୍ଦ୍ରା
ରାତି ନିଦ୍ରା ନ ମାଡ଼ଇ ଅନ୍ନ ବିଷପିତା ।
ବାର ବରଷ କରି ନୋହିଲାଂଲେ କିଛୁ
କୁଣରେ ବିଟାଳ ରାମ ଘେନି ଯାଉଅଛୁ ।

ମାଆଟିଏ ନିଜ ସନ୍ତାନକୁ ନେଇ ଅନେକ ସ୍ୱପ୍ନ ଦେଖିଥାଏ । ତାକୁ ନିଜ ହାତରେ ସଜେଇ ରାଜକୁମାର-ରାଜକୁମାରୀ ପରି ରୂପରେ ଦେଖିବାକୁ ତା'ର ଆଖି ହାଁଉଯାଉ ହେଉଥାଏ । ବିବାହବ୍ରତ ଆଦି ଅନେକ ସାମାଜିକ ଉତ୍ସବ ଓ ଶୁଭଦିନରେ ମାଆର ଆନନ୍ଦ ଶତଗୁଣିତ ହୋଇଯାଏ । ସବୁ ଅଭାବ, ସବୁ ଦୁଃଖ ଭିତରେ ତା'ର ଏକମାତ୍ର ଗର୍ବ "ମୋର ପୁଅ ବାହାହେଉଛି ; ଝିଅ ବାହାହେଉଛି; ମୋର ପୁଅ ବ୍ରତ ହେଉଛି" । ଏଇଠି ତାର ସାରା ଜୀବନର ସୁଫଳ, ସୌଭାଗ୍ୟ ରୂପରେ ଅଜାଡ଼ି ହୋଇପଡ଼ୁଛି ବୋଲି ସେ ମନେକରେ । ମାତ୍ର ଯେଉଁଠି ସନ୍ତାନ ପିତୃହୀନ, ସେଇଠି ବିଧବା ଜନନୀର ଦୁଃଖ ପର୍ବତ ପ୍ରମାଣେ ତା' ଉପରେ ଅଜାଡ଼ି ହୋଇପଡ଼େ । ଭାରତୀୟ ସାମାଜିକ ବ୍ୟବସ୍ଥାରେ ବିଧବାମାନେ ଯେପରି ପରିତ୍ୟକ୍ତା, ଉପେକ୍ଷିତା । ଶୁଭକର୍ମରେ ଅଂଶ ଗ୍ରହଣକରି ଆନନ୍ଦିତ ହେବା ସେମାନଙ୍କ ଭାଗ୍ୟରେ ନଥାଏ । ବିବାହ ବ୍ରତରେ ଅନ୍ୟ ସଧବା ନାରୀମାନଙ୍କ ପରି ସେମାନେ ସକ୍ରିୟ ଭୂମିକା ଗ୍ରହଣ କରିପାରନ୍ତିନି । ମାଙ୍ଗଳିକ କର୍ମରେ ତାଙ୍କ ହାତ ବାଜିଲେ ସବୁ ମାଟି ହୋଇଯାଏ । ତେଣୁ ସେମାନେ ଆଡ଼ହୋଇ ରହନ୍ତି । ଝିଅଟିଏ ବାହାହୋଇ ଗଲାବେଳେ ବିଧବା ମାତା ତା'ପାଇଁ କିଛି କରିପାରେନା । ଏତେଦିନ କୋଳେଇ କାଖେଇ ମଣିଷ କଲାପରେ ମାଆ ଝିଅର ବାହାବେଦୀ, ଫୁଲନୋଳି ଦେଖିପାରେନା । ତା'ର ଦୃଷ୍ଟି ପଡ଼ିଲେ, କାଳେ ଝିଅର ଅମଙ୍ଗଳ ହେବ, ଏହିକଥା ଭାବି ସେ ଘରକୋଣରେ ଲୁଚିରହେ । ମାଉସୀ, ପିଉସୀ, ଖୁଡ଼ୀ, ମାଇଁ ଓ ଭାଉଜମାନେ ଯେତେବେଳେ କନ୍ୟାକୁ ନାନାଦି ଅଳଙ୍କାର ପିନ୍ଧେଇ, ବଧୂବେଶରେ ସଜେଇ ବିଦାୟ ଦିଅନ୍ତି; ସେତେବେଳେ ନିରିମାଖୀ ମାଆଟି ଘରକୋଣରୁ ଲୁଚେଇ ଲୁଚେଇ କାନ୍ଦୁଥାଏ ।

Digitized by srujanika@gmail.com

ନିସ୍ତନେ କଳଙ୍କ ଦେଇ
ଅଷ୍ଟ ଅଳଙ୍କାର ଖଣ୍ଡିଲେ ନେଇ ଲୋ ମୋ ଜୀବନ
ତୋହର ତ ବାବୁ ନାହିଁ ।

ବ୍ରାହ୍ମଣ ପରିବାରର ପ୍ରଥା ମଧ୍ୟ ଅଧିକ ଯନ୍ତ୍ରଣାଦାୟକ । ଅନେକ ଗୀତ ନିଦ୍ରମରେ ହରଡ଼ଘଣା ଭିତରେ ବିଧବା ନାରୀଟିଏ ଅତ୍ୟନ୍ତ ଦୁଃଖରେ ପେଶି ହେଉଥାଏ । ଏପରିକି ଆପଣା ପୁଅର ବ୍ରତଘରରେ ଭଲମନ୍ଦ •କିନିଷ ଗୁନ୍ଧବାଢ଼ି ପୁଅକୁ ଖୁଆଇବାରେ ମଧ୍ୟ ବିଧବା ଜନନୀର ସ୍ୱାଧୀନତା ନଥାଏ । ତେଣୁ ମାଆଟିଏ ଅତି ଦୟନୀୟ ସ୍ୱରରେ ପୁତ୍ରକୁ ସମ୍ବୋଧନ କରି କୁହେ—

"ଘୃତ ଛଅଣ ସ୍ୱାତ କିଏ ଘନ୍ଧଇରେ
ବଳା ତୋ ଜ୍ୟେଷ୍ଠ ଭଉଣୀ
ଘୃତ ଛଅଣ ସ୍ୱାତ କିଏ ସେ ପରସଇରେ
ବଳା ତୋ ଜ୍ୟେଷ୍ଠ ମଉଲାଣୀ ।"

ଓଡ଼ିଆ ଲୋକଗୀତର ଅନ୍ୟ ଏକ ବିଭାଗ ହେଉଛି ହଳିଆଗୀତ । ଭାରତବର୍ଷ ଏକ କୃଷିପ୍ରଧାନ ଦେଶ ହୋଇଥିବାରୁ ଏହାର ଅଧିକାଂଶ ଅଧିବାସୀ କୃଷିଜୀବୀ । ବର୍ଷସାରା ହାଡ଼ଭଙ୍ଗା ପରିଶ୍ରମ କରି କୃଷକ ମଣିଷପାଇଁ ଅନ୍ନ ସଂସ୍ଥାନ କରେ । କିନ୍ତୁ, କୃଷକର ପେଟ ବର୍ଷସାରା ଅପୂର୍ଣ୍ଣ ରହେ । ଅଭାବ ଅନଟନରେ ଆଉଟୁ ପାଉଟୁ ହେଉଥିବା ତା'ର ସଂଗ୍ରାମୀ ଜୀବନର ସାଥୀ ମାତ୍ର ଦୁଇଟି ବଳଦ । ଖରା ବର୍ଷା, ଶୀତ କାକରକୁ ଖାତିର ନକରି ସେ କ୍ଷେତରେ କାମକରୁଥିବା ସମୟରେ ତା'ର ଅତି ପରିଚିତ ବଳଦ ଦୁଇଟି ସବଦା ପାଖରେ ଥାଆନ୍ତି । ହଳିଆ ଯେତେବେଳେ ନିଜ ଅନ୍ତରର ଉଦ୍‌ବେଳନକୁ ପ୍ରକାଶକରେ, ତାକୁ ବୁଝିବାକୁ ମାଟି ଓ ଆକାଶ ବ୍ୟତୀତ ଥାଆନ୍ତି କେବଳ ଦୁଇଟି ବଳଦ । ହଳିଆ ଶାସ୍ତ୍ର କ'ଣ ଜାଣେନି । ସଙ୍ଗୀତର ଗୂଢ଼ତତ୍ତ୍ୱ ବୁଝେନି । ସେ କେବଳ ଚିହ୍ନେ ତାର କାଳିଆ କପିଳା ବଳଦଙ୍କୁ ; ତାର ଲଙ୍ଗଳ ଓ ସୁନା ଫଳାଉଥିବା ମାଟି ମା'କୁ । ତଥାପି ଜଗତ ତାକୁ ମୂର୍ଖ, ମଳମୁଣ୍ଡିଆ, ଚଷାଭୂଷା ବୋଲି ଘୃଣାକରେ । କିନ୍ତୁ, ସେଥିଲାଗି ତାର ଛଳ ନାହିଁ । କପଟ ନାହିଁ । ଲଙ୍ଗଳ ତାର ଆରାଧ୍ୟ ଦେବତା । କର୍ମ ହିଁ ତାର ଧର୍ମ । ବଳଦ ଦୁଇଟି ତାର ବଡ଼ପଣ୍ଡା । ସେ ସେମାନଙ୍କ ଦୁଃଖ ବୁଝେ । କେତେ କଷ୍ଟ ସହି ବଳଦ ଦୁଇଟି ଜୀବନମୂର୍ଚ୍ଛା କାମ କରନ୍ତି । କାମ ନ କଲେ ପେଟକୁ ଦାନା ମିଳିବନି । ତେଣୁ, ସେ ବଳଦମାନଙ୍କ ଦୁଃଖରେ ଦରଦୀ ହୋଇ ସମବେଦନାଭରା କଣ୍ଠରେ କହେ—

Digitized by srujanika@gmail.com

ଗ୍ଳଳ ଗ୍ଳଳ ବଉଳେ ନଜର ଗ୍ଳଳେଣି
ଖାଇବ କଣ୍ଠା ଘାସ ପିଇବ କୁଣ୍ଡାପାଣି
ଉତ୍ତୁର ନ କର ଭାଇରେ ବଉଳ କର୍ମର ମାଗୁଣିରେ ।

—ପଲ୍ଲୀପୁଷ୍ପ ।। ପୃଷ୍ଠା-୭୬ ।।

ହଳିଆପର ବଳଦ ଦୁଇଟି ମଧ୍ୟ ଭାଗ୍ୟ ହାତରେ କ୍ରୀଡ଼ନକ । ଭାଗ୍ୟର ଅଭିଶାପ ହେତୁ ଉଭୟଙ୍କୁ ସ୍ୱେ ଜୀବନରେ ଏତେ ଖଟିବାକୁ ପଡ଼ୁଛି । ଏତେ ଖଟଣିକ ପେଟପୁରା ଆହାର ନାହିଁ । ସେ ଅର୍ଦ୍ଧନଗ୍ନ, ଅର୍ଦ୍ଧ ଉପବାସୀ । କଠୋର ଶ୍ରମଜନୀତ କ୍ଷୁଧାଗ୍ନି ତାକୁ ଡାହାଡ଼ି ଦଏ । ପ୍ରବଳ କ୍ଷୁଧାରେ କ୍ଷେତ ଚଷିବାକୁ ଯେତେବେଳେ ଶକ୍ତି ଅଭାବରୁ ତାର ଅଣ୍ଟା ନହୁଁକପଡ଼େ; ସେତେବେଳେ ସେ ବ୍ୟାକୁଳହୋଇ ଗାଏ—

"ହଡ଼ା ପେଲ ପେଲ ମୋ ଦେହରେ ଜ୍ଞାନ ନାହିଁ"
"ଲଙ୍ଗୁଡ଼ ମୋଡ଼ିବାକୁ ଦେହେ ମୋ ବଳ ନାହିଁ ।।"

— ।। ପଲ୍ଲୀଗୀତ ସଂଚୟନ ।। ପୃ:-୩୫୭

ହଳିଆ ଦୁଃଖର ଗୋଟିଏ ବଡ଼ କାରଣ ଏଇ ହଡ଼ା ବଳଦ । ବଞ୍ଚିଥିବା ଯାକେ ତାକୁ ଫୁରସତ ନାହିଁ । ମୃତ୍ୟୁ ହିଁ ତାର ବିଶ୍ରାମ । ହଡ଼ା ବଳଦରେ ହଳ କରିବାକୁ ତା'ର ଆଦୌ ଇଚ୍ଛା ନାହିଁ । କାରଣ ହଡ଼ା ପେଲ ପେଲ ଯୁଆନ ହଳିଆ ବି ବୁଢ଼ା ହେବାକୁ ବସିଲାଣି ।

ବୁଢ଼ା ବଳଦକୁ ହଳିଆ ମଙ୍ଗେ ନାହିଁ
ହଡ଼ା ପେଲ ପେଲ ମୋ ଦେହରେ ଜ୍ଞାନ ନାହିଁ
କି ଗୀତ ଗାଇବି ବୁଢ଼ା ବଳଦରେ
ମୋ ଦେହରେ ବଳ ନାହିଁ ।।

—ପଲ୍ଲୀଗୀତ ସଂଚୟନ ।। ପୃ:-୩୧୭

ହଳିଆର ଅବସ୍ଥା ସବୁଦିନେ ସମସ୍ୟା ପୀଡ଼ିତ । ସେ ଗୃହିଁଲେ ବି ବୁଢ଼ା ବଳଦ ବଦଳରେ ଦୁଇଟି ଯୁଆନ ବଳଦ କିଣି ପାରେନ । ଫଳରେ ତା'ର ଗୃଷକାମରେ ବାଧା ଉପୁଜେ । ଅଭାବ ଅନଟନ ଯୋଗୁଁ ରୋଗବ୍ୟାଧିରୁ ଉପଶମ ପାଇଁ ପାଖରେ ପଇସା କଉଡ଼ି ନଥାଏ । ସେତେବେଳେ ନୂଆନ ବଳଦ କିଣିବାକୁ ଟଙ୍କା କାହୁଁ ଆଣିବ । ତା' ଉପରେ ପୁଣି ପରିବାର ଚିନ୍ତା । ସେ ନିଜପାଇଁ ଯେତେ ବ୍ୟସ୍ତ ହୁଏ ନ; ସେତେ ବ୍ୟଥିତ ହୁଏ ତା'ର ପୁତ୍ର କନ୍ୟାଙ୍କର ଦୁଃଖ ଦେଖି । ସେ ଆପଣା ପୁତ୍ରଙ୍କର ଭବିଷ୍ୟତ ଚିନ୍ତାକରି ସମସ୍ତ ସମୟରେ ଅତ୍ୟନ୍ତ ଅସହାୟ ଭାବରେ କାତର ହୋଇପଡ଼ୁଛି ।

Digitized by srujanika@gmail.com

ଘରଘାଟି ନାହିଁ ନାହିଁ ରହିବେ ପୁଅ ମୋର
ଅନ୍ନ ବସ୍ତ୍ରନେ ଆଇଷ ହାନି ହୋଇବ ତାଙ୍କର ॥
—ପଲ୍ଲୀଗୀତ ସଂଚୟନ ॥ ପୃ:-୩୭୮

ହଳିଆର ବଡ଼ ଦୁଃଖର କାରଣ ମଧ୍ୟ ତା'ର ଘରଣୀ । ହଳିଆ ସ୍ତ୍ରୀ, ହଳିଆର ଶ୍ରମ, ଦୁଃଖ, ଯାତନା କିଛି ବୁଝେନି । ସିଏ ପହରେ ଥାଉଁ ହଳିଆ କ୍ଷେତରେ ହଳନେଇ ଯୋଚେ । ସକାଳ ପଖାଳ ଖାଇବାକୁ ବେଳ ନଥାଏ । ସୂରୁଜ ମୁଣ୍ଡ ଉପରକୁ ଉଠେ । ଖରାରେ ହଂସା ଉଡ଼ିଯାଏ । ସେ ମନେ ମନେ ଭାବୁଥାଏ, "ଖରା ଦାହକରେ ତା'ର ଆତ୍ମା ଯୋଳବଣ୍ଣା ହେଲାଣି, ନେଥେଇଫୁଲ୍ ସ୍ତ୍ରୀ ଛୁଟ ଉପରେ ପାଟ ଉପୁରାଣ ଦେଇ ଗ୍ରାଇଁଠଲେ ଟହଳ ମାରୁଛନ୍ତି । ବଉଳଫୁଲ ଗୋଟେଇ ମୁଣ୍ଡରେ ଖୋସୁଛନ୍ତି ।" ତେଣୁ ବେଳେ ବେଳେ ରାଗିଯାଇ ପରିବାର ଭିତରେ କଳିକଜିଆ କରି ସ୍ତ୍ରୀ ଉପରକୁ ହାତ ଉଠାଏ । ପୁଣି କ୍ଷଣକୋପୀ ଅନ୍ତଃ ଛଳ ଛଳ କରୁଣଦୃଷ୍ଟିରେ ନରମ ହୋଇ ମନକୁ ମନ ଧିକ୍କାର କରି କହେ—"ଛି, ଛି, କି ଅପକର୍ମ କଲି । ଗୃହଲକ୍ଷ୍ମୀ ଦେହରେ ହାତ ଲଗାଇଲି ।" ଗୃହୀ ଘରେ ଏ କଳହ ଦିନଦିନିଆ ଘଟଣା । ଏସବୁ ଭାଗ୍ୟର ଚକ୍ରାନ୍ତ । ବିମୁଖ ହେବାର କାରଣ ସେ ଖୋଜେନି । ଦୁଃଖ ବି କରେନି । କେବଳ ଏତିକି ସେ ଜାଣେ—"କର୍ମ ଆଦରି ସହି ଦୁଃଖ, କେବେହେଁ ନୋହିବ ବିମୁଖ ।"

ହଳିଆ ପରି ଶଗଡ଼ିଆର ଜୀବନ ମଧ୍ୟ ଦୁଃଖ ଜଞ୍ଜାଳରେ ପରିପୂର୍ଣ୍ଣ । ବଳଦଗାଡ଼ି ଆଡ଼େଇ ସେ ଯେତେବେଳେ ସଙ୍ଗୀତର ଲହରି ଗ୍ରାଡ଼ି ଗାଁର ମାଟି ରାସ୍ତାରେ ଯାଉଥାଏ, ସେତେବେଳେ ମନେହୁଏ, ସତେ ଯେପରି ଶଗଡ଼ିଆ କାଳ କାଳର ଦୁଃଖର ଭାର ଶଗଡ଼ରେ ବୋହିନେଇ ଯାଉଛି । ବିଶ୍ରାମ ନାହିଁ । ରୋଗବ୍ୟାଧିର ବାଧକ ପଡ଼ିଥିଲେ ହେଁ ଚକ ନ ଗଡ଼ିଲେ ଖାଇବାକୁ ମିଳିବନି । ତେଣୁ ସେ ସଦାେ କର୍ମତତ୍ପର । ଶଗଡ଼ିଆ ଜୀବନର ଦୁଃଖ ସୁଖ ଓ ଅଭାବ ଅନଟନର ଚିତ୍ର ଶଗଡ଼ିଆ ନିଜେ ପ୍ରଦାନକରି କହେ—

ଏ······ଶଗଡ଼ିଆ ଭାଇ ତୁରେ ଶଗଡ଼ରେ ଯାଉ
କାଠିମରା ଭାତକୁ ଯେ ଲୁଣ ଦେନି ଖାଉ ହେ—ହି, ହି ॥

ଶଗଡ଼ିଆ, ଏ ଗାଁରୁ ସେ ଗାଁକୁ—ଏମିତି ଅନେକ ଗାଁକୁ ଶଗଡ଼ ଚଳେଇ ଥାଏ । ସେ ପ୍ରତି ଗାଁରେ ପରିଚିତ । ସମସ୍ତେ ତାକୁ ଶଗଡ଼ିଆଭାଇ ବୋଲି ଡାକନ୍ତି । ସେ ସମସ୍ତଙ୍କର ଗମ୍ଭୀରଘରର କଥା ଜାଣେ । ତେଣୁ ତା' ଗୀତରେ ନିଜ ଜୀବନ-ଦର୍ଶନ ଅପେକ୍ଷା ସେ ଅନୁଭବ କରିଥିବା ସମାଜର ଚିତ୍ର ବେଶି ପରିମାଣରେ ପ୍ରକାଶ ପାଇଥାଏ । ସେକାଳରେ ସମାଜରେ କେତେକ ଜାତିରେ ସ୍ୱାମୀର ମୃତ୍ୟୁ ପରେ ଦିଅରକୁ

Digitized by srujanika@gmail.com

ବିଭାହେବାର ସାମାଜିକ ବ୍ୟବସ୍ଥା ପ୍ରଚଳିତ ଅଛି । ତେଣୁ ସ୍ୱାମୀର ମୃତ୍ୟୁ ପରେ ବିଧବା ରମଣୀର ଜୀବନଯାପନ ଓ ଭରଣପୋଷଣ ଜନିତ ଚିନ୍ତା ପ୍ରାସ୍ତୁତ ନଥାଏ । ମାତ୍ର ଯେଉଁଠି ଦିଅର ଭାଉଜକୁ ସ୍ତ୍ରୀ ରୂପେ ଗ୍ରହଣ କରେନାହିଁ ; ସେଇଠି ବିଧବା ରମଣୀର ଦୁଃଖ ଦ୍ୱିଗୁଣିତ ହୋଇଥାଏ । ଏହାର ଏକ ମାର୍ମିକ କରୁଣ ଚିତ୍ର ଶଗଡ଼ିଆ ଗୀତରେ ପ୍ରକାଶ ପାଇଛି ।

ଏ·········କାହିଁକି କାନ୍ଦୁ ଗୋଷ୍ଠି ତୋହର କିଏ ମଲା
ବାର ବରଷର ଟୋକା ହୋ ଦିଅର
ଯୋଗୀ ତ ହୋଇଗଲା ॥

ଓଡ଼ିଆରେ ଢଗଟିଏ ଅଛି—"ସାତ ପୁଅରେ ସୁନାନାକୀ ଝିଅ । ଅର୍ଥାତ୍ ଯେଉଁ ଝିଅର ସାତୋଟି ଭାଇ ସେ ଅତି ଗେଲବସରରେ ଜୀବନ କଟାଇଥାଏ । ମାତ୍ର ସାତ ଭାଇର ଭଉଣୀ ଯଦି ବାପଘର ମଉସୋଇ କର୍ମ ନେଇ ଜନ୍ମିଥାଏ ; ତେବେ ଦୁଃଖ କହିଲେ ନସରେ । ସୁଖ ଅପେକ୍ଷା ଦୁଃଖ ଭାରରେ ତା' ଜୀବନ ହା-ହୁତାଶମୟ ହୋଇଯାଏ । ଏଠାରେ ଶଗଡ଼ିଆ ଗୀତରେ ଅନୁରୂପ ଭାବରେ ଏକ ଜୀବନଚିତ୍ର ଫୁଟିଉଠିଛି । ସମ୍ଭବତଃ ଉଅପୋଇର ଦୁଃଖରେ ଶଗଡ଼ିଆ ଅଭିଭୂତ ହୋଇ ଗାଏ—

ଏ·········ତେଙ୍ଗା ତାଳଗଛ ତ ଖାଇଲେ ବାଦୁଡ଼ି
ବୋଇଲୁଁ ସାତଭାଇ ନଇଲେ ବାହୁଡ଼ି
ବାପଘରେ ଝିଅ ହୋ ରହିଲା କରମ ଆଦର ହେ, ହ ହ ।

ଅଶିକ୍ଷିତ ଶଗଡ଼ିଆ ବେଳେ ବେଳେ ପ୍ରୟୋଜନୀୟ କଥାମାନ କହିବସେ । ସେ ସୁନ୍ଦର ଅସୁନ୍ଦର କ'ଣ ଜାଣେନି ; କିନ୍ତୁ ଅଙ୍ଗେ ଲିଭେଇଥିବା କଥାକୁ ଗୀତର ରୂପ ଦିଏ ।

ସଭାକୁ ସୁନ୍ଦର ତ ପଧାନ ସାନଭାଇ
ଗୋଠକୁ ସୁନ୍ଦର ତ ଦୁହାଁଳିଆ ଗାଈ
ଘରକୁ ସୁନ୍ଦର ଯେବେ ଲୋ ଘରଣୀ ନ ଯିବୁ ବାପଘର ଲୋ ।

ସଭାରେ ଗାଁର ପଧାନ ସମସ୍ତଙ୍କୁ ନ୍ୟାୟ ସମାନ ଭାବରେ ପ୍ରଦାନ କରନ୍ତିନାହିଁ । ସ୍ୱାର୍ଥବଶତଃ ସେମାନେ ସମୟ ସମୟରେ ପାତରଅନ୍ତର କରି ନ୍ୟାୟ ପ୍ରଦାନକରନ୍ତି । ତେଣୁ ସେହି ପକ୍ଷପାତ ନ୍ୟାୟରେ ପୀଡ଼ିତ ଶଗଡ଼ିଆ ଦୁଃଖରେ ଚିନ୍ତା କରିଛି ; ପଧାନଙ୍କ ସାନଭାଇ ଗଙ୍ଗାଜଳ ପରି ପବିତ୍ର ଓ ସେ ଠିକ୍ ନ୍ୟାୟ ପ୍ରଦାନକରନ୍ତି । ଅନ୍ୟପକ୍ଷରେ ଶଗଡ଼ିଆର ପତ୍ନୀ ତା'ପାଇଁ ଦୁଃଖର କାରଣ । ସେ କଳହୁଡ଼ୀ । ଶଗଡ଼ିଆର ପରିଶ୍ରମ କଥା ସେ ବୁଝେନି । ତା'ର ଅଭାବଗ୍ରସ୍ତ ସଂଗ୍ରାମୀ ସଂସାରରେ ଶଗଡ଼ିଆଣୀ ସ୍ତ୍ରୀ ଭାଗିଦାର ହୁଏନାହିଁ । ସର୍ବଦା ବାପଘରକୁ ଯିବାପାଇଁ ଗୋଡ଼ଟେକି ବସିଥାଏ । କିନ୍ତୁ ଯେଉଁ ସ୍ତ୍ରୀ ବାପଘର ଯାଏନାହିଁ ; ସ୍ୱାମୀର ଦୁଃଖର ସଂସାର ଭିତରେ ସୁଖର ସାଥୀଟିଏ ହୋଇ

Digitized by srujanika@gmail.com

ପାଦକୁ ପାଦ ମିଳାଇ ବାଟଚାଲେ ସେପରି ଘରଣୀ ଘରକୁ ସୁନ୍ଦର ବୋଲି ଶଗଡ଼ିଆ ଦାର୍ଶନିକ ପରି ଗୀତରେ ବଖାଣେ ।

ଉତ୍କଳୀୟ ଧର୍ମ ଦର୍ଶନ ଓ ପୂଜାପାଠ ପରମ୍ପରାର ପାଟୁଆ ଯାତ୍ରା ଏକ ଅବିଚ୍ଛିନ୍ନ ଅଙ୍ଗ । ପାଟୁଆ ଯାତ୍ରା ସମସ୍ତ ହିନ୍ଦୁଜାତିର ହୋଇଥିଲେ ହେଁ ସାଧାରଣତଃ ବାଉରି କଣ୍ଡରା ପ୍ରଭୃତି ନିମ୍ନଶ୍ରେଣୀର ଲୋକେ ପାଟୁଆଯାତ୍ରା କରନ୍ତି । ସେମାନେ ମୁଖ୍ୟତଃ ଗରିବ । ଆର୍ଥିକ ଦୃଷ୍ଟିରୁ ସେମାନଙ୍କୁ ସ୍ୱଚ୍ଛନ୍ଦରେ ଚଳିବାକୁ ଅନୁକୂଳ ବାତାବରଣ ଯୋଗାଇପାରିନାହିଁ । ସେମାନେ ମୂଲଲାଗି ପେଟ ପୋଷନ୍ତି । ଦିନେ କାମକୁ ନ ଗଲେ ନିଶ୍ଚିତ ଉପବାସ ଯୋଗ ପଡ଼େ । ତେଣୁ ଜୀବନକୁ ସରସ ସୁନ୍ଦର କରିବାକୁ ସେମାନଙ୍କୁ ଅବସର ମିଳେନାହିଁ । ଧର୍ମୀୟ ପରମ୍ପରା ମଣିଷ ବ୍ୟକ୍ତିଙ୍କ ଦୁଃଖର ଲଘବ ଗୀତ ଗାଏ । ଗୀତରେ ରୂପପାଏ ତାର ଦୁରବସ୍ଥା ଓ ଦୁଃସ୍ଥିତି—

"କପାଗଛ ତୁଆ ତୁଆ
କି ଗୀତ ଗାଇବ ବାଳୁତ ତୁଆ ମୁଁ ଦିନରାତିନ ଉପାସିଆ"

ପୁନଶ୍ଚ— "କାଳଗାଈ ଛୁଟାଇଲି
ରେମୁଣା ବାଟରେ ଝୁଲମାଇଲି, ପାଣିପିଇ ବଞ୍ଚାଇଲି ।।"

ପାଟୁଆ ଗରିବ । କିନ୍ତୁ ମନରେ ଦୈନ୍ୟ ଦେଖାଏ ନାହିଁ । ମାନ ବିନିମୟରେ ଧନ ଚାହେଁ ନାହିଁ । ସେ କେବଳ ଦେବୀଙ୍କ ଭକ୍ତ ଭାବରେ ଜୀବନକୁ ଉତ୍ସର୍ଗ କରିଛି । ଭକ୍ତି ହିଁ ତା'ର ଧର୍ମ । ପାଟୁଆଗୀତରେ କଳ୍ପନାର ଚମତ୍କାରିତା ନାହିଁ; କିନ୍ତୁ ବାସ୍ତବ ଜୀବନର ଦୁଃଖଦ ଚିତ୍ର ରହିଅଛି ।

ଆମ ସମାଜର ସାଧାରଣ ମଣିଷ ସବୁକାଳରେ ଶାସନଚକ୍ରର ବୋ'ଲକରା, ଗୋଲାମ । ତାହା ରାଜତନ୍ତ୍ର ଅଥବା ଗଣତନ୍ତ୍ର ହେଉ, ପ୍ରଶାସକମାନଙ୍କ ଇଚ୍ଛା, ବଚନ ଓ ଆଦେଶକୁ ପାଳନ କରିବାକୁ ସେମାନେ ବାଧ୍ୟ । ସେମାନେ ମାନସିକ ଓ ଶାରୀରିକ ଶ୍ରମ ଦାନକରନ୍ତି । ପ୍ରଶାସକର ମହତ୍ତ୍ୱ ଇଚ୍ଛା ପୂରଣ ପାଇଁ ଜୀବନକୁ ପାଣିଛଡ଼େଇ ଦିଅନ୍ତି । ବେଠି ଖଟନ୍ତି । ପ୍ରାପ୍ୟ କିଛି ପାଆନ୍ତିନି । ବେଳେ ବେଳେ ଯାହା ପା'ନ୍ତି, ତାହା ସେମାନଙ୍କ ଉଚ୍ଛିଷ୍ଟ ପରି ଖାଲି ଅଣ୍ଡିରେ ପଡ଼େ । ପେଟ କି ମନ କିଛି ପୂରେନା । ଅନ୍ତରରେ ସପନ ଓଦା'ହୁଏ । ପ୍ରତିବାଦ କରିବାର ସାମାନ୍ୟ ଶକ୍ତି ସେମାନଙ୍କ ଭିତରେ ନଥାଏ । ତୁଣ୍ଡ ଖୋଲିବାର ଦୁଃସାହସ କଲେ ଜୀବନ ଯିବାର ସମ୍ଭାବନା ଥାଏ । ପ୍ରଶାସକର ଖିଆଲ ପୂରଣପାଇଁ ସେମାନେ ପ୍ରାସାଦ, ରାସ୍ତା, ପୁଷ୍କରଣୀ ତିଆରି କରନ୍ତି । ସେମାନଙ୍କ ବିଳାସ ବିଳାସ, ପୁଲକ ଓ ସୁଖପାଇଁ ଆପଣା ଆପଣାର ଭବିଷ୍ୟତକୁ ସମର୍ପଣ କରିଦିଅନ୍ତି । ବେଠିରେ ରାସ୍ତା ତିଆରି କରୁଥିବା କାଳରେ ଜଣେ ଗାଇଥାଏ—

Digitized by srujanika@gmail.com

ମନେ ପଡ଼େରେ ଭାଇ ସଡ଼କ ବେଠି
ଗଣ୍ଡି ଖଣ୍ଡି ମୁଣ୍ଡ ହୋଇଗଲା ବେଣ୍ଟି
ସେ ସଡ଼କକୁ ବୋହି ବୋହି ମାଟି ॥
ଉଞ୍ଚା ନୀଚୁ ସମାନ କର, (ବେ) ସଲଖେ ଚାଲିବ ମଟର
ଆପତ୍ତି କଲେ ଶୁଣାଯିବ ନାହିଁ ବିଳମ୍ବ ହୋଇଲେ ବାଜିବ ଚଟି ॥

୧୮୬୬ ମସିହାରେ ଓଡ଼ିଶାରେ ପଡ଼ିଥିବା ନଅଙ୍କ ଦୁର୍ଭିକ୍ଷ ଓଡ଼ିଆ ଜନ ଜୀବନର ସ୍ୱାଭାବିକ ଗତିକୁ ବଦଳେଇ ଦେଇଥିଲା । କ୍ଷୁଧାର ଜ୍ୱାଳା ସହି ନପାରି ଲୋକେ ଅଖାଦ୍ୟ ଭକ୍ଷଣକଲେ । କାଖର ପିଲାକୁ ମାଆ ରାସ୍ତାରେ ଫୋପାଡ଼ିଦେଇ ଆପଣା ଜୀବନ ବଞ୍ଚେଇବା ପାଇଁ ଖାଦ୍ୟାନ୍ୱେଷଣରେ ଅନ୍ୟତ୍ର ଚାଲିଗଲା । କ୍ଷୁଧାତୁର ଅନାଥ ଶିଶୁମାନେ ପୋକ ମାଛି ପରି ପ୍ରାଣ ହରାଇଲେ । ଏହି ଦୁର୍ଭିକ୍ଷର କରାଳ ଗର୍ଭରୁ କୌଣସିମତେ ବଞ୍ଚିଯାଇଥିବା ଏକ ଅନାଥ ଶିଶୁ 'ବାହିପାଣ' । ବାହିପାଣ ଟୋକା ତା'ର ଅଙ୍ଗେ ନିଭା କଥାକୁ ଗୀତରେ ପ୍ରକାଶକରି ଧନୀ ଘରମାନଙ୍କ ପିଣ୍ଡା ତଳରେ ଯେତେବେଳେ ଖାଇବାକୁ ମାଗେ; ସେତେବେଳେ ଧନାଢ୍ୟମାନେ ବାଲିରେ ପିଠା, ଭାତ, ତରକାରୀ, ପଣା ଓ ଜାଉ ଇତ୍ୟାଦି ତିଆରିକରି ଗାର କାଟିଦେଉଥିଲେ । କ୍ଷୁଧାତୁର ଅନାଥ ଶିଶୁ ଜିଅଲଗାଇ ସତ୍ୟ ବୋଲି ଭାବି ଚାଟିଦିଏ । ଧନବନ୍ତ ଗୃହରେ ହାସ୍ୟରୋଳ ଫୁଟିଉଠେ । "ବାଟିପାଣ" କବିତାରେ ଅନାଥ ଶିଶୁଟିଏ ନିଜେ ରଚନା କରିଥିବା ତା'ର ଦୁଃଖର କାହାଣୀ ପ୍ରକାଶକରିଛି—

ଏ ବୋପା ମଲା ମାଆ ପଇତା ଘିଚି ଗଲା
ଭାତ ଗୁଣ୍ଡିଏ ଦିଅ ହେ ସାଆନ୍ତାଣିଏଁ ।

× × ×

ଯାଇଥିଲି ମାମୁଁ ଘର ଢୋଲଖଣ୍ଡି ନେଲା ଚୋର
ସାଆନ୍ତେ ହେ—ଚାରିଦାନ ଉପାସିଆ
କାହିଁକି ଡାକର ମୋତେ, ସାଆନ୍ତେ ହେ ॥

ଅନୁରୂପ ଭାବରେ 'ନଈବଢ଼ି ଗୀତ' ଓ ଚକୁଳିଆପଣ୍ଡା ଗୀତରେ ଜନ ଜୀବନର କାରୁଣ୍ୟ ପୂରିରହିଛି । ଚକୁଳିଆପଣ୍ଡା ସାଧାରଣତଃ ଭିକାରୀ । ଭିକ୍ଷା ଉପରେ ନିର୍ଭରକରି ସେ ଜୀବନଧାରଣ କରେ । ଗାଁ ଦାଣ୍ଡରେ ଗୀତ ଗାଇ ସେ ଭିକ୍ଷା ମାଗେ । ମାତ୍ର କାହାର ଦ୍ୱାରସ୍ଥ ହୁଏନାହିଁ । ଅନେକ ଦୁଃଖପ୍ରଦ ଘଟଣାକୁ ନିଜ ଜୀବନରେ ପାଥେୟକରି "ଦେଇଥିଲେ ପାଇ, ନ ଦେଇଥିଲେ ପଡ଼ିଆ ବଳରେ ଗୋଧନ ଚରାଇ" ଗୀତ ଗାଇ ଗୃହସ୍ଥଠାରୁ ଭିକ୍ଷା ଗ୍ରହଣକରେ । ଯେ ଯାହା ଦିଏ ତାହାକୁ ସେ ଆନନ୍ଦରେ ଗ୍ରହଣକରେ ।

Digitized by srujanika@gmail.com

ଓଡ଼ିଆ ଲୋକଗୀତର ଅନ୍ୟଏକ ବିଭାଗ 'ମଙ୍ଗଳ ବୋଲ୍' । ଏହି ଗୀତର ଗାୟକ ଏକ ସ୍ୱତନ୍ତ୍ର ଶ୍ରେଣୀର । 'ମଙ୍ଗଳ ବୋଲ୍' ଗାୟନ କରୁଥିବା ନାରୀମାନେ ସାଧାରଣତଃ ରୂପସୀ ବେଶ୍ୟା । ଇତିହାସର ରଥଚକ ତଳେ ପେଷିହୋଇ ଏ ଜାତିର ନାରୀମାନଙ୍କ କଣ୍ଠର ମଧୁର ସଙ୍ଗୀତ ଶେଷରେ ବେଶ୍ୟାମାନଙ୍କର 'ମଙ୍ଗଳ ବୋଲ୍'ରେ ପରିଣତ ହୋଇଛି । ଅଭିଜାତ ବଂଶଜ ଧନାଢ୍ୟ ବ୍ୟକ୍ତିମାନଙ୍କର ପୁତ୍ର କନ୍ୟାଙ୍କ ଶୁଭାନୁଷ୍ଠାନମାନଙ୍କରେ 'ଗାଆଣୀ' ମାନେ ନିମନ୍ତ୍ରିତା ହୋଇ ଆସନ୍ତି । ସୁରମ୍ୟ ଝାଡ଼ୁଆ ତଳେ ମାଦଳ ହସ୍ତ ଖଞ୍ଜୁଆମାନଙ୍କ ସହିତ ଏହି ଗାଆଣିମାନେ ମିଳିତ ସ୍ୱରରେ 'ମଙ୍ଗଳ ବୋଲ୍' ଗାନ କରନ୍ତି । ଗାଆଣିମାନଙ୍କର ଜୀବନ ବଡ଼ ବିଚିତ୍ର ଓ ଦୁଃଖଦ । ସ୍ୱାଧୀନତା ପୂର୍ବବର୍ତ୍ତୀ କାଳରେ ରାଜାମାନଙ୍କ ପ୍ରଣୟ ଲାଗି ବିଭିନ୍ନ ଜାତି ବର୍ଣ୍ଣରୁ ଶତ ଶତ ସୁନ୍ଦରୀ କନ୍ୟା ଦାନ-ଦଣ୍ଡ ଭେଦ ମାଧ୍ୟରେ ଅନ୍ତଃପୁରକୁ ଆସୁଥିଲେ । ଜଣେ ରାଜାପାଇଁ ପାଞ୍ଚଶହ ସାତ ଶହ ଯୁବତୀ । ଏମାନଙ୍କ ମଧ୍ୟରୁ କେହି କେହି ଦିନେ ଅଧେ ପାଇଁ ପ୍ରଣୟ ସୁଖପାଇ ବାକି ଜୀବନ ଉପେକ୍ଷିତା ହେଉଥିଲେ । କେହି କେହି ଭଲ ମନ୍ଦ ବିଗ୍ରହରେ ଶେଷକୁ ପ୍ରଣୟବଞ୍ଚିତା ହୋଇ ଗାଆଣି ନାମରେ ଅଭିହିତା ହେଲେ । ଏମାନଙ୍କ ଜୀବନ କାରୁଣ୍ୟରେ ପରିପୂର୍ଣ୍ଣ । କେହି କେହି ରାଜଗୃହର ପ୍ରାଚୀର ମଧ୍ୟରେ ମୃତ୍ୟୁବରଣ କରିଥିଲେ କିମ୍ବା ଅନ୍ୟକେହି ରାଜଉଆସର ପ୍ରାଚୀର ଭେଦକରି ଗଣଭୋଗ୍ୟା ହେଉଥିଲେ । ସ୍ୱାଧୀନତା ପ୍ରାପ୍ତିପରେ ମଙ୍ଗଳବୋଲର ଗାୟିକାମାନେ ରାଜା ଓ ସାମନ୍ତ ଉଆସରୁ ମୁକ୍ତି ପାଇଛନ୍ତି ସତ, ମାତ୍ର ଆଧୁନିକ ସମାଜିକ ବ୍ୟବସ୍ଥା ଭିତରେ ସେମାନେ ଯେ, ଭିନ୍ନ ବେଶରେ, ସ୍ୱତନ୍ତ୍ର ସ୍ଥାନମାନଙ୍କରେ ଆପଣାର ସୁଖ ଓ ସପନକୁ ନବ ସାମନ୍ତ ଓ ଉଷୁକମାନଙ୍କ ହାତରେ ଟେକି ଦେଉଛନ୍ତି । ସେମାନଙ୍କ ବେଶ, ଆଚରଣ, ନୃତ୍ୟ ଓ ଗୀତ ଭିତରେ ଯେ କାରୁଣ୍ୟ ପରିପୂର୍ଣ୍ଣ ଭାବରେ ରହିଛି ଏହାକୁ ଅସ୍ୱୀକାର କରାଯାଇ ନପାରେ ।

ସମାଜ ବଦଳୁଛି । ସମସ୍ୟାମାନ ନୂଆ ନୂଆ ଭାବ ଓ ରୂପରେ ଆସୁଛନ୍ତି । ମଣିଷମାନଙ୍କ ଜୀବନକୁ କେତେ ବାଗରେ ନିୟନ୍ତ୍ରଣ କରୁଛନ୍ତି । ରାଜତନ୍ତ୍ର ଯାଇଛି । ଗଣତନ୍ତ୍ର ଆସିଛି । ବିଦେଶୀମାନେ ଆପଣା ଭୂମିକୁ ବାହୁଡ଼ି ଯାଇଛନ୍ତି । ସେଦିନର ରାଜା ଓ ସାମନ୍ତମାନେ ନୂଆ ନୂଆ ବେଶ ପିନ୍ଧି ନୂଆ ନୂଆ ଯାନରେ ଚଢ଼ି ସାଧାରଣ-ମାନଙ୍କ ମେଳଣରେ ବଡ଼େ ହେଉଛନ୍ତି । ସାଧାରଣମାନେ ବି ସମୟର ସ୍ରୋତରେ ବଦଳିଛନ୍ତି । ମାତ୍ର ସ୍ରୋତ ଭିତରେ ଭାବକଗତରେ କିଛି ପରିବର୍ତ୍ତନ ଆସିଛି ବୋଲି ବୁଝିହାଯାଇ ନପାରେ । ବରଂ ସମସ୍ୟା ଅଧିକ ଉତ୍କଟ ହୋଇଛି । ନାରୀ ସଂସାର ବଜାରରେ ସେମିତି ପଣ୍ୟ ସାମଗ୍ରୀ ହୋଇ ରହିଛି । ଶୋଷଣ, ବେଠି, ବେଗାରି ଭିନ୍ନ ରୂପରେ ଆସିଛି । ଶାସନତନ୍ତ୍ର ତା ବାଟରେ । ସାଧାରଣ ଜନତା ଉପରେ କାଲ

Digitized by srujanika@gmail.com

ଫିଙ୍ଗୁଛି । ସଂସାରରେ ସେଦିନ ପରି ରାଜା ପୋଷିତ କବିମାନେ ଆଜି ବି ଅଛନ୍ତି । ପୁରସ୍କାର, ପାଟ, କୁଣ୍ଡଳ ପିନ୍ଧି ହୁଂକାର ଛାଡ଼ୁଛନ୍ତି ଏବଂ ସାଧାରଣମାନେ ମଧ୍ୟ ଆପଣାର ସୁଖ ଦୁଃଖର କଥା ଆପଣା ଭାଷାରେ, ବାଗରେ କହୁଛନ୍ତି । ଶୋଷଣ, ପୀଡ଼ନ ହତ୍ୟା, ପ୍ରତାରଣା, ପ୍ରତ୍ୟାଖ୍ୟାନ, ଧର୍ଷଣକୁ ଆଧାରକରି କବିତା ଲେଖାଯାଉଛି । ଗାନ କରାଯାଉଛି । ଏବେ ବି ମଣିଷର 'ଚେତନାକୁ ଅନୁସନ୍ଧାନ କରୁଛି । ତାକୁ ଜୀବନ ବଞ୍ଚିବାପାଇଁ କେତେ ପ୍ରେରଣା ଯୋଗାଉଛି । ମଣିଷ ଯେମିତି ଅନୁଭବ କରୁଛି—ତା' ହୃଦୟ ଯେପରି ଅନ୍ତୁର ଚିରନ୍ତନ ଉତ୍ସ । ତା' ଉତ୍ସରିତ ନ ହେଲେ ଅସନ୍ତୋଷ ପ୍ରସମିତ ହେବନି । ସୁଖ ଆସିବନି । ଚେତନାରେ ହସର ଫୁଲ ଫୁଟିବ ତ । ତେଣୁ ଶବ୍ଦ ଓ ସ୍ୱର ଭିତରେ ଅସନ୍ତୋଷ ଓ ଯନ୍ତ୍ରଣାମାନେ ଆପଣାଛାଏଁ ପ୍ରକାଶିତ ହୁଅନ୍ତି । ଆପଣା ଛାଏଁ ଶୁଖିଯା'ନ୍ତି । ଚହ୍ଲ ରହିଯାଏ ଭିତରେ ଓ ବାହାରେ । ତାହାହିଁ ଜୀବନ । ତାହାହିଁ ଆନନ୍ଦ । ଅନ୍ତୁ ରୂପରେ ହିଁ ତାହାର ସଙ୍କ୍ରମଣ ।

●

ସହାୟକ ଆକର ସୂଚୀ :

ଚକ୍ରଧର ମହାପାତ୍ର : ଉତ୍କଳ ଗାଉଁଲି ଗୀତ—କଟକ ପବ୍ଲିସିଂ ହାଉସ, କଟକ-୧୯୫୯

କୁଞ୍ଜ ବିହାରୀ ଦାଶ : ପଲ୍ଲୀଗୀତ ସଂଚୟନ, ୧ମ, ୨ୟ, ୩ୟ ଭାଗ—ଓଡ଼ିଶା ସାହିତ୍ୟ ଏକାଡ଼େମୀ ।
: ଓଡ଼ିଆ ଲୋକଗୀତ ଓ କାହାଣୀ, ବିଶ୍ୱଭାରତୀ-୧୯୬୪

ଶ୍ୟାମ ସୁନ୍ଦର ମହାପାତ୍ର : ସ. ଓଡ଼ିଆ ଲୋକ ସାହିତ୍ୟ, ଗ୍ରନ୍ଥମନ୍ଦିର

ଗୌରାଙ୍ଗ ଚରଣ ଦାଶ ଲୋକନାଟ୍ୟ ପରମ୍ପରା ଓ କଣ୍ଢେଇ ନାଟ, ଫ୍ରେଣ୍ଡସ୍ ପବ୍ଲିସର୍ସ, କଟକ-୧୯୯୬

Digitized by srujanika@gmail.com

ଓଡ଼ିଆ କୃଷ୍ଣ କାବ୍ୟରେ ଅକ୍ରୂର ପ୍ରବାସ ଜନିତ ବିପ୍ରଲମ୍ଭ ଶୃଂଗାର

ଡକ୍ଟର ତୀର୍ଥାନନ୍ଦ ମିଶ୍ର

୧:୦—କୃଷ୍ଣଙ୍କର ଲୀଳା ବିଳାସକୁ ଆଶ୍ରୟକରି ରଚିତ ହୋଇଥିବା କାବ୍ୟଗୁଡ଼ିକ ମଧ୍ୟଯୁଗୀୟ ଓଡ଼ିଆ ସାହିତ୍ୟର ଅନୁପମ ବିଭବ । ଧନଞ୍ଜୟଙ୍କ କୃଷ୍ଣକ୍ରୀଡ଼ାଠାରୁ ଆରମ୍ଭକରି ବ୍ରଜନାଥଙ୍କର ଶ୍ୟାମରସୋତ୍ସବ ପର୍ଯ୍ୟନ୍ତ ଦୀର୍ଘ ତିନିଶହ ବର୍ଷର ଅବଧି ମଧ୍ୟରେ ପ୍ରାୟ ଶତାଧିକ କୃଷ୍ଣ କାବ୍ୟ ଓଡ଼ିଆରେ ରଚିତ ହୋଇଛି । ଏ ସମସ୍ତ କାବ୍ୟମାନଙ୍କର ମୁଖ୍ୟ ସ୍ୱର କୃଷ୍ଣଙ୍କର ବାଲ୍ୟ ଓ କୈଶୋର ଲୀଳା । ଏହି ଲୀଳାର ମୁଖ୍ୟ ପ୍ରତିପାଦ୍ୟ ରସ ହେଉଛି ଶୃଙ୍ଗାର । ଯଦିଓ କାବ୍ୟମାନଙ୍କରେ ଅନ୍ୟ ରସମାନଙ୍କର ପ୍ରସଙ୍ଗ କ୍ରମେ ବର୍ଣ୍ଣନା କରାଯାଇଛି ତଥାପି ଏମାନଙ୍କ ମଧ୍ୟରେ ଶୃଙ୍ଗାର ହିଁ ମୁଖ୍ୟ । ଶ୍ରୀକୃଷ୍ଣଙ୍କ ବାଲ୍ୟଲୀଳା ଏହି ଶୃଙ୍ଗାର ରସର ପୃଷ୍ଠପୀଠିକା ହୋଇଛି ଏବଂ ତାଙ୍କର ମଥୁରା ଲୀଳା ହୋଇଛି ଏହାର ସମାପ୍ତି ବିନ୍ଦୁ । ସମ୍ଭୋଗ ଏବଂ ବିପ୍ରଲମ୍ଭ ଉଭୟବିଧ ଶୃଙ୍ଗାରର ଯଥୋଚିତ ଚିତ୍ରଣରେ ଏହି କୃଷ୍ଣ କାବ୍ୟମାନଙ୍କର ରଚୟିତାଗଣ ସାଧ୍ୟମତେ ଆପଣାର ପାରଦର୍ଶିତା ପ୍ରଦର୍ଶନ କରିଛନ୍ତି । ଅବଶ୍ୟ କଥାବସ୍ତୁ ଦୃଷ୍ଟିରୁ ଅଧିକାଂଶ କାବ୍ୟ ଗତାନୁଗତିକ ଏବଂ ପାରମ୍ପରିକ ହୋଇଥିଲେ ମଧ୍ୟ ପ୍ରକାଶଭଙ୍ଗୀ, ରସ ସୃଷ୍ଟି ଏବଂ ଆଖ୍ୟାନ ବର୍ଣ୍ଣନାର ଚମତ୍କାରିତା କେତେକ କବିଙ୍କୁ ସ୍ୱତନ୍ତ୍ର କଳାତ୍ମକ ମର୍ଯ୍ୟାଦା ପ୍ରଦାନକରିଛି । ଏହି କୃଷ୍ଣ କାବ୍ୟମାନଙ୍କରେ ଉଭୟ ସମ୍ଭୋଗ ଏବଂ ବିପ୍ରଲମ୍ଭ ଶୃଙ୍ଗାରର ବର୍ଣ୍ଣନା ଦୃଷ୍ଟିଗୋଚର ହେଲେ ମଧ୍ୟ ବିପ୍ରଲମ୍ଭ ଶୃଙ୍ଗାର ଅଧିକ କଳାବନ୍ତ ଏବଂ ବିଦଗ୍ଧ ବର୍ଣ୍ଣନାରେ ପରିପୁଷ୍ଟ ହୋଇପାରିଛି ।

୧:୧—ମଧ୍ୟଯୁଗୀୟ ଓଡ଼ିଆ କୃଷ୍ଣ କାବ୍ୟଗୁଡ଼ିକ ସମଗ୍ର ଭାରତର ସାମାଜିକ, ରାଜନୈତିକ ଏବଂ ସାଂସ୍କୃତିକ ବାତାବରଣ ଏକ ସଂକଟଜନକ ସ୍ଥିତିରେ ଗତି କରୁଥିଲାବେଳେ ରଚିତ ହୋଇଥିଲା । ସେତେବେଳେ ଭାରତର ବୈଦେଶିକ ଆକ୍ରମଣ ପ୍ରାୟ ସବୁ ସମୟରେ ଲାଗିରହିଥିଲା । ବିଦେଶୀମାନେ ସେତେବେଳେ ଗୋଟିଏ ହାତରେ ଶାଣିତ ଅସ୍ତ୍ର ଏବଂ ଅପର ହାତରେ ସେମାନଙ୍କର ଧର୍ମବିଶ୍ୱାସ ସହ ଭାରତ

Digitized by srujanika@gmail.com

ଭୂମିରେ ପ୍ରବେଶ କରୁଥିଲେ । ଏମାନଙ୍କୁ ପ୍ରତିହତ କରିବାପାଇଁ ଭାରତୀୟମାନଙ୍କ ପାଖରେ ଯେ ଶକ୍ତି ନଥିଲା ନୁହେଁ, ମାତ୍ର ପାରସ୍ପରିକ ଏକତା ଏବଂ କର୍ତ୍ତବ୍ୟ ପ୍ରତି ଏକନିଷ୍ଠତାର ଅଭାବ ହିଁ ସେମାନଙ୍କୁ ଦୁର୍ବଳ କରିଦେଉଥିଲା । ଫଳରେ ଅନାୟାସରେ ଏହି ମୁଷ୍ଟିମେୟ ବିଦେଶୀମାନେ ଭାରତର ଅଧିକାଂଶ ଅଞ୍ଚଳ କବଳିତ କରିଦେବାକୁ ଲାଗିଲେ । ରାଜା ମହାରାଜା ଏବଂ ଅଭିଜାତ ସାମନ୍ତଗୋଷ୍ଠୀଙ୍କ କାମ ହେଲା କୌଣସି ନା କୌଣସି ଉପାୟରେ ଏହି ବୈଦେଶିକ ଆକ୍ରମଣକାରୀଙ୍କୁ ସନ୍ତୁଷ୍ଟରଖିବା ଏବଂ ଆପଣାର ଏହି ହୀନକାର୍ଯ୍ୟ ପରାଧୀନତାର କ୍ଷତିପୂରଣ ସ୍ୱରୂପ ନାନାବିଧ ବିଳାସ ବ୍ୟସନରେ ନିଜ ଅହମିକାକୁ ନିମଜ୍ଜିତ କରି ରଖିବା ତେଣୁ ମାନବିକତା ସ୍ଥାନରେ ତୋଷାମଦ ପ୍ରବଣତା, ଚରିତ୍ର ସଂଯମନ ସ୍ଥାନରେ କାମିନୀ ଲୋଲୁପତା ଏବଂ ମଦାସକ୍ତି, ନିଷ୍ଠା ତଥା କର୍ତ୍ତବ୍ୟ ସଚେତନତା ସ୍ଥାନରେ ବିଳାସ ବ୍ୟସନ ବ୍ୟଭିଚାର ତଥା ପ୍ରଜାପୀଡ଼ନ ଏମାନଙ୍କ ଜୀବନଚର୍ଯ୍ୟାରେ ପରିଣତ ହୋଇଗଲା । ରାଜଅନ୍ତଃପୁର ଓ ହାରେମ କେଳି କଳାନିଧିମାନଙ୍କ ଇଙ୍ଗିତାତ୍ମ ନାଦରେ ଉଦ୍ଭ୍ରାନ୍ତ ହୋଇଉଠିଲା । ଦେଶୀୟ ରାଜାମାନେ ନିଜ ନିଜର କ୍ଷୁଦ୍ର ରାଜଧାନୀକୁ ଆଗ୍ରାର ସମକକ୍ଷ କରିବାକୁ ଚେଷ୍ଟା କରୁଥିଲେ । ଇନ୍ଦ୍ରିୟ ସୁଖରେ ସେମାନେ ମାତିରହିଲେ । ସାଧାରଣ ପ୍ରଜାପାଟକଙ୍କ ସୁଖ ସହିତ ସେମାନଙ୍କ ସମ୍ପର୍କ ପ୍ରାୟ ତୁଟିଯାଇଥିଲା । ସେଉଁ କବି କୋବିଦମାନେ ସେତେବେଳେ ରାଜପୃଷ୍ଠପୋଷକତା ପାଇଲେ, ସେମାନଙ୍କ ମୁଖ୍ୟ କର୍ମ ହେଲା ରାଜାନୁଗ୍ରହ ପାଇଁ ଇନ୍ଦ୍ରିୟ ଗ୍ରାହ୍ୟ ଶୃଙ୍ଗାରସର୍ବସ୍ୱ କାବ୍ୟ ଓ ସଙ୍ଗୀତମାନ ରଚନାକରିବା । ସେମାନେ ଆପଣାର କାବ୍ୟସମ୍ବନ୍ଧୀ ବିଜ୍ଞାପନରେ ଘୋଷଣା କରିବାକୁ ଭୁଲିଲେ ନାହିଁ ଯେ, 'ରସସାର ଶୃଙ୍ଗାର' ଏଥିରେ ଖ୍ୟାତ ହେବ । ଏବଂ ନମଶଃ ରୂପ ବାତୁଳହୃଦ ସାମନ୍ତମାନଙ୍କୁ ତୁଷ୍ଟକରିବା ପାଇଁ ଏହି ଚତୁର କବିମାନେ ଆରମ୍ଭକଲେ ଶବ୍ଦକ୍ରୀଡ଼ା, ବିଭିନ୍ନ ଅର୍ଥଦ୍ୟୋତକ ଶବ୍ଦମାନଙ୍କର ହଟଚମତ୍କାରୀ ପ୍ରୟୋଗ ଏବଂ ପହଳିଯୁକ୍ତ ବନ୍ଧ ବଚନ । ବିଳାସର କେତୋଟିମାତ୍ର ଉପକରଣରେ ପରିପୁଷ୍ଟ କାବ୍ୟଗୁଡ଼ିକ ପ୍ରକୃତରେ ଥିଲେ ପୁରାଣ ଯୁଗର ମାୟାମୃଗ ଭଳି । ରୂପସୀ ରୂପଜୀବା ପରି ଏହି କାବ୍ୟମାନେ ସାହିତ୍ୟ ବିପଣୀରେ ଆପଣାର ଅଙ୍ଗ ପ୍ରଦର୍ଶନକରି ସରଳମନା ସହୃଦୟମାନଙ୍କୁ ଆପଣା ଜାଲରେ ବାନ୍ଧି ଦେଉଥିଲେ । ତେଣୁ ମଧ୍ୟକାଳୀନ ଓଡ଼ିଆ ଶୃଙ୍ଗାରଭିତ୍ତିକ କୃଷ୍ଣକାବ୍ୟମାନେ ରସ ବଦଳରେ 'ଚମତ୍କାର' ଏବଂ ପ୍ରେମ ନାମରେ ଏକ ବିକାରଗ୍ରସ୍ତ ମାଦକ ଭାବକୁ ହିଁ ପରିବେଷଣ କରିଚାଲିଥିଲା । ଯାହା ଭାରତୀୟ ସାହିତ୍ୟ ଶାସ୍ତ୍ରର ଆଦର୍ଶ ନଥିଲା । କାରଣ ପ୍ରେମ ଭାରତୀୟ ଦୃଷ୍ଟିକୋଣରେ ରୂପରୁ ସୃଷ୍ଟି ହେଲେ ମଧ୍ୟ ହୃଦୟର ପ୍ରସାରଣଶୀଳତା ଏବଂ ସମର୍ପଣର ଭାବରେ ପରିପୂର୍ଣ୍ଣତା ଲଭିଥାଏ । ମାତ୍ର ଏହି ଯୁଗର ପ୍ରେମ କେବଳ ରୂପରୁ ସୃଷ୍ଟିହୋଇ ରୂପରେ ହିଁ ବିଲୀନ ହୋଇଯାଉଥିଲା । ଏହାର କୌଣସି ଉଚ୍ଚାଙ୍ଗ ଆବେଦନ ନଥିଲା, ବରଂ ଏକ

Digitized by srujanika@gmail.com

ବାସନା'ତ୍ମକ ମୋହ ଏହାକୁ ବିକାରଗ୍ରସ୍ତ ଏବଂ କଳୁଷିତ କରିଦେଇଥିଲା । ଏଣୁ କାବ୍ୟମାନେ ପ୍ରବନ୍ଧ କାବ୍ୟର ପର୍ଯ୍ୟାୟଭୁକ୍ତ ନ ହୋଇ କେବଳ ମୁକ୍ତକ କାବ୍ୟ ଶ୍ରେଣୀର ହୋଇ ରହିଗଲେ । "ପ୍ରବନ୍ଧ" ସୃଷ୍ଟିପାଇଁ କବି ସୃଷ୍ଟିରେ ଯେଉଁ ଗଭୀର ସାରସ୍ୱତ ପ୍ରଚ୍ଛେଦନାର ଆବଶ୍ୟକତା ଥିଲା । ତାହା ଇନ୍ଦ୍ରିୟ ପରତନ୍ତ୍ରତାର ଅନ୍ଧ ଏବଂ ପଙ୍କିଳ ମନୋଭୂମିରେ ଆଦୌ ସମ୍ଭବ ନଥିଲା । ମଧ୍ୟକାଳୀନ ଓଡ଼ିଆ କୃଷ୍ଣକାବ୍ୟମାନଙ୍କରେ ବିପ୍ରଲମ୍ଭ ପ୍ରସଙ୍ଗକୁ ଆଲୋଚନାକରି ବସିବାବେଳେ ଏହି ବିଶେଷ ଦିଗକୁ ବିସ୍ମୃତହୋଇ ବସିବା ଉଚିତ ନୁହେଁ ।

୧:୨—ମନର ଏକ ବିଶେଷ ଶୁଦ୍ଧ ବିକାର ହିଁ 'ପ୍ରେମ' । ଆକାଙ୍କ୍ଷିତ ବସ୍ତୁପ୍ରତି ଅନ୍ତହୀନ ଅନୁରାଗ ହିଁ ଏହାର ସ୍ୱରୂପ । ପ୍ରିୟତମ ବ୍ୟକ୍ତି ପ୍ରତି ଅତ୍ୟଧିକ ଉତ୍ସୁକତା, ଦର୍ଶନ ନିମିତ୍ତ ଉତ୍କଣ୍ଠା, ପ୍ରାପ୍ତିପାଇଁ ବ୍ୟାକୁଳତା ମଧ୍ୟରେ ଏହା କ୍ରମଶଃ ପରିପକ୍ୱ ହୋଇଥାଏ । ଏହା ମାନବ ମନର ସବୁଠାରୁ ସୁନ୍ଦରତମ ଦୁର୍ବଳତା ଯେ ଇପ୍ସିତର ଗୁଣ, ଉପାଧି ଏବଂ ସୌନ୍ଦର୍ଯ୍ୟ ସମସ୍ତଙ୍କୁ ବହୁଗୁଣିତ କରିଦିଏ । ରୂପଗୋସ୍ୱାମୀ ସ୍ୱୀୟ ଉଜ୍ଜ୍ୱଳ ନୀଳମଣି ଗ୍ରନ୍ଥରେ ପ୍ରେମର ସଂଜ୍ଞା ଦେବାକୁଯାଇ କହିଛନ୍ତି, ଯାହା ହୃଦୟକୁ ଅତ୍ୟନ୍ତ କୋମଳ କରିଦିଏ ଏବଂ ହୃଦୟରେ ଏକ ଅନ୍ତହୀନ ମମତ୍ୱର ଭାବନା ଉଦ୍ରେକ କରିଦିଏ, ତାହାହିଁ ପ୍ରେମ ନାମରେ ନାମିତ (ରୂପ ଗୋସ୍ୱାମୀ ! ଉଜ୍ଜ୍ୱଳନୀଳମଣି : ଦକ୍ଷିଣ ଲହରୀ : ଶ୍ଳୋକ-୧୭) । ଓଡ଼ିଆ କୃଷ୍ଣକାବ୍ୟମାନଙ୍କରେ ଏହି ପ୍ରେମର ବିଶ୍ଳେଷଣ ଅତି କଳାତ୍ମକ ଭାବେ କରାଯାଇଛି । ପ୍ରେମପଞ୍ଚାମୃତକାର ଭୂପତି ପଣ୍ଡିତ ପ୍ରେମର ଦ୍ୱିବିଧ ରୂପର ଚିହ୍ନଦେଇ ତାହାକୁ ପ୍ରୟୋଜନ ଏବଂ ଅପ୍ରୟୋଜନ ଭେଦରେ ଦୁଇଭାଗରେ ବିଭକ୍ତ କରିଛନ୍ତି ଏବଂ 'ଅପ୍ରୟୋଜନ ପ୍ରେମ'କୁ ଶ୍ରେଷ୍ଠ ବୋଲି ସ୍ୱୀକାର କରିଛନ୍ତି (ଭୂପତି ପଣ୍ଡିତ : ପ୍ରେମ ପଞ୍ଚାମୃତ ୩।୪୮-୫୧) । ଏହି ପ୍ରେମର ଦୈହିକସର୍ବସ୍ୱ ଆବେଦନ ହିଁ 'ଶୃଙ୍ଗାର' । ଶୃଙ୍ଗାର ସଦାସର୍ବଦା 'କାମ' ଦ୍ୱାରା ନିୟନ୍ତ୍ରିତ । କାମ ବା ମଦନ ମହିମାର ଚିତ୍ର ଓଡ଼ିଆ କୃଷ୍ଣକାବ୍ୟମାନଙ୍କରେ ଅନେକଥର ଅଙ୍କିତ । ଦୀନକୃଷ୍ଣ ସ୍ପଷ୍ଟଭାବେ ସ୍ୱୀୟ 'ରସକଲ୍ଲୋଳ' ରେ ସ୍ୱୀକାର କରିଛନ୍ତି କୀଟଠାରୁ ବ୍ରହ୍ମପର୍ଯ୍ୟନ୍ତ ସର୍ବତ୍ର 'କନ୍ଦର୍ପ କଇତୁକ' ହିଁ ବିଦ୍ୟମାନ । ପୃଥିବୀର ପ୍ରତ୍ୟେକ ପ୍ରାଣୀଙ୍କୁ ଏହି କାମ ଦସ୍ୟୁ ନିସ୍ୟ ଅବସ୍ଥାରେ ନ ପକାଇ ଛାଡ଼ିନାହିଁ (୧୧।୭୫-୭୭) । ସର୍ପଙ୍କଠାରୁ ଆରମ୍ଭକରି ଶିବଙ୍କ ପର୍ଯ୍ୟନ୍ତ କେହି ତାର କବଳରୁ ମୁକ୍ତି ପାଇପାରିନାହାନ୍ତି । (୧୨।୭-୮) । ସୁରତ କଳାହିଁ ପ୍ରତ୍ୟେକ ପ୍ରାଣୀର ଇପ୍ସିତତମ ଅନୁଭବ । ଅଭିମନ୍ୟୁଙ୍କ ଦୃଷ୍ଟିରେ ସୁରତକଳା 'ଭବ ପର ପରମାର୍ଥ' ବି. ଚ. ୫୧।୨୧) । ଚୈତନ୍ୟ ଚରିତାମୃତକାର କୃଷ୍ଣଦାସ କବିରାଜ କାମ ଏବଂ ପ୍ରେମ ମଧ୍ୟରେ ପାର୍ଥକ୍ୟ ନିରୂପଣ କରିବାକୁ ଯାଇ କାମକୁ 'ଅନ୍ଧତମ' ଏବଂ ପ୍ରେମକୁ 'ନିର୍ମଳ ଭାସ୍କର' ବୋଲି କହିଛନ୍ତି । ଏହାର କାରଣ ରୂପେ ସେ ମନ୍ତବ୍ୟ ରଖିଛନ୍ତି ଯେ—ପ୍ରେମ କୃଷ୍ଣେନ୍ଦ୍ରିୟ ପ୍ରୀତିସର୍ବସ୍ୱ ହୋଇଥିଲାବେଳେ କାମ

Digitized by srujanika@gmail.com

ଅଂହେନ୍ଦ୍ରସ୍ୱ ପ୍ରୀତ ସଂସ୍ପ ହୋଇଥାଏ । ମାତ୍ର ଏକଥା ସତ୍ୟ ଯେ କାମ ଏବଂ ପ୍ରେମ ଉଭୟ ମଧ୍ୟରେ ମିଳନାନୁଭବ ଏବଂ ତଜ୍ଜନିତ ଆକାଙ୍କ୍ଷା ବିଦ୍ୟମାନ ଥାଏ । କୃଷ୍ଣ-କଥାକୁ ଆହ୍ରସ୍ୱକରି ରଚିତ ହୋଇଥିବା ଭାରତୀୟ କାବ୍ୟ ଏବଂ ସଙ୍ଗୀତମାନଙ୍କରେ ଏହି ଶୃଙ୍ଗାରତତ୍ତ୍ୱଟି ବୈଶିଷ୍ଟ୍ୟ ପ୍ରମୁଖ ରୂପ ଗ୍ରହଣକରିଛି । ଶ୍ରୀମଦ୍ ଭାଗବତ ଏହି ତତ୍ତ୍ୱଟିକୁ ପ୍ରଥମେ ଉଭୟ ଦାର୍ଶନିକ ଏବଂ ସାହିତ୍ୟିକ ମର୍ଯ୍ୟାଦା ପ୍ରଦାନକରିଛି । ପ୍ରାଥମିକ ପର୍ଯ୍ୟାୟରେ ଏହା ଯଦିଚ ପ୍ରାକୃତ ଗ୍ରନ୍ଥମାନଙ୍କରେ ବର୍ଣ୍ଣିତହୋଇ ଏକ ନୈସିକ ଭାବ-ଭୂମିରେ ଅବସ୍ଥାପିତ ଥିଲା, ମାତ୍ର ଭାଗବତକାର ଦାର୍ଶନିକ ବ୍ୟାଖ୍ୟାକରି ଆଧ୍ୟାତ୍ମିକ ମାର୍ଗରେ ଏହାକୁ ସୈଦ୍ଧାନ୍ତିକ ମାନ୍ୟତା ଦେଇଛନ୍ତି, ଯାହା ପରବର୍ତ୍ତୀ କାଳରେ ବିଭିନ୍ନ କୃଷ୍ଣକାବ୍ୟକୁ ବହୁଭାବରେ ପ୍ରଭାବିତ କରିଛି । ଯା ନାମ ସ୍ମରଣକଲେ ମୁକ୍ତି ମିଳେ ସେ ପରଦାରାଭିମର୍ଷଣ କଲେ କାହିଁକି, ପରୀକ୍ଷିତଙ୍କର ଏହି ସରଳ ଅଥଚ ଯଥାର୍ଥ ପ୍ରଶ୍ନରେ ମହାତ୍ମା ଶୁକ ଶ୍ରୀକୃଷ୍ଣଙ୍କ ସହ ଗୋପୀମାନଙ୍କର ଶୃଙ୍ଗାର ବିନୋଦର ଏକ ତାତ୍ତ୍ୱିକ ବ୍ୟାଖ୍ୟା ଦେବାକୁ ଭୁଲିନାହାନ୍ତି । 'ରେମେ ରମେଶୋ ବ୍ରଜ ସୁନ୍ଦରୀଭି ର୍ଯଥାର୍ଭକଃ ସ୍ୱ ପ୍ରତିବିମ୍ବ ବିଭ୍ରମଃ' ଏହି ପଦଟିରେ ସେ ଶ୍ରୀକୃଷ୍ଣ ଓ ଗୋପୀମାନଙ୍କର ସମସ୍ତ ଅନୁଚିତ ଲୀଳାବିଳାସକୁ ଉଚିତ ଏବଂ ଲୋକୋତ୍ତର କରିଦେଇଛନ୍ତି । ବିଶେଷ-କରି ଚୈତନ୍ୟଙ୍କ ପରବର୍ତ୍ତୀକାଳରେ ତାଙ୍କର ଅନୁଗାମୀ ବୈଷ୍ଣବ ଗୋସ୍ୱାମୀମାନେ ଶୃଙ୍ଗାର ତତ୍ତ୍ୱରେ ଭାଗର ପ୍ରତିଷ୍ଠା ଏବଂ ରସ ନିଷ୍ପତ୍ତିରେ ଏହାର କଳାନୁକ୍ରମିକ ଉତ୍ତରଣ ପ୍ରକ୍ରିୟାକୁ ପ୍ରାଧାନ୍ୟଦେଇ ଏହାକୁ ବୈଷ୍ଣବ କାବ୍ୟ ଦର୍ଶନରେ ଏକ ମହତ୍ତର କୋଟିକୁ ଉନ୍ନୀତ କରାଇଛନ୍ତି ।

୧:୩—ସମ୍ଭୋଗ ଓ ବିପ୍ରଲମ୍ଭ ଭେଦରେ ଶୃଙ୍ଗାର ଦୁଇଭାଗରେ ବିଭକ୍ତ । ମିଳନ ବା ସଂଯୋଗ ଅବସ୍ଥା ସମ୍ଭୋଗ ଶୃଙ୍ଗାର ଏବଂ ବିଚ୍ଛେଦ ବା ବିଯୋଗ ଅବସ୍ଥାକୁ ବିପ୍ରୋଗ ବା ବିପ୍ରଲମ୍ଭ ଶୃଙ୍ଗାର । କାବ୍ୟାଚାର୍ଯ୍ୟମାନଙ୍କ ମତରେ ବିପ୍ରଲମ୍ଭ ବ୍ୟତୀତ ସମ୍ଭୋଗ ଶୃଙ୍ଗାର ପରିପୁଷ୍ଟ ହୋଇପାରେନାହିଁ । 'ନାରଦ ଭକ୍ତି ସୂତ୍ର' (୧।୧୯) ରେ ଏହାର ଏକ ଚମତ୍କାର ବ୍ୟାଖ୍ୟାମିଳେ । ଭକ୍ତିର ମୂଳଭୂମି ନିରୂପଣକରି ନାରଦ କହିଛନ୍ତି—ଏହା ସମର୍ପଣ ଏବଂ ପରମ ବ୍ୟାକୁଳତା ଉପରେ ପ୍ରତିଷ୍ଠିତ । ପ୍ରିୟତମଙ୍କ ପ୍ରତି ପରମ ବ୍ୟାକୁଳତା ହିଁ ବିପ୍ରଲମ୍ଭ ଶୃଙ୍ଗାରର ପ୍ରଥମ ଏବଂ ପ୍ରଧାନ ଦଶା । ଏହାର ଉଦାହରଣ-ଦେଇ ନାରଦ 'ଯଥା ବ୍ରଜ ଗୋପିକାନାଂ' (୧।୨୧) ବୋଲି ଉଲ୍ଲେଖ କରିଛନ୍ତି । ବିରହଭାବନା ଭାରତୀୟ ସାହିତ୍ୟରେ ଯେ କୃଷ୍ଣକାବ୍ୟମାନଙ୍କରୁ ଆରମ୍ଭ ହୋଇଥିଲା ତାହା ନୁହେଁ, ବହୁ ପୂର୍ବରୁ ପୁରାଣଯୁଗରୁ ଏହା ପ୍ରତିଷ୍ଠିତ ହୋଇସାରିଥିଲା । ଏହାର ମୁଖ୍ୟତଃ ଦୁଇଟି ଭୂମିକା ଥିଲା । ପ୍ରଥମଟି ପ୍ରେମର ତୀବ୍ରତାର ଅଭିବ୍ୟକ୍ତି ଏବଂ ଦ୍ୱିତୀୟଟି ପ୍ରେମର ଶୁଦ୍ଧତାର ପରୀକ୍ଷା । ବିରହ ସମୟରେ ହିଁ ନାୟକ ନାୟିକା ନିଜ ପ୍ରେମର ଶୁଦ୍ଧତା, ସାନ୍ଦ୍ରତା ଏବଂ ନିବିଡ଼ତାକୁ ପରୀକ୍ଷା କରିଥାଆନ୍ତି । ଶୁଦ୍ଧ ପ୍ରେମଭାବନା ପ୍ରଥମ

Digitized by srujanika@gmail.com

ପର୍ଯ୍ୟାୟରେ ଶ୍ରଦ୍ଧା, ପରେ ପ୍ରେମ ଭାବନା ଦେଇ ଭକ୍ତ ପର୍ଯ୍ୟାୟକୁ ଉନ୍ନୀତ ହୋଇଥାଏ । ବିପ୍ରଲମ୍ଭ ବା ବିରହ ମାନବ ମନରୁ ସୃଷ୍ଟହୋଇଥିବା ଏପରି ଏକ ଅନ୍ତର୍ବିପୀଡ଼ିତ ବେଦନାତ୍ମକ ଭାବନା ଯାହା ତାର ସମଗ୍ର ଶରୀରକୁ କୌଣସି ନା କୌଣସି ରୂପରେ ସ୍ପର୍ଶ କରିଥାଏ । ପ୍ରିୟଜନଙ୍କଠାରୁ ଅଲଗା ହେବାର ଭାବରୁ ଏହାର ସୃଷ୍ଟିହୁଏ ଏବଂ ତାଙ୍କ ସହ ମିଳିବା ପର୍ଯ୍ୟନ୍ତ ହୃଦୟ ତଥା ଶରୀରର ପୂର୍ଣ୍ଣ ବିକଳ ଦଶାରେ ଏହାର କ୍ରମ ପରିପୁଷ୍ଟ ହୁଏ । ମଧ୍ୟକାଳୀନ ଓଡ଼ିଆ କୃଷ୍ଣକାବ୍ୟମାନଙ୍କରେ ଏହି ବିରହର ନିଜ ଅତ୍ୟନ୍ତ କଳାତ୍ମକ ଭାବରେ ଉତ୍କୀର୍ଣ୍ଣ ଗୋପୀ ଏବଂ ଯଶୋଦାଙ୍କର ଶ୍ରୀକୃଷ୍ଣଙ୍କ ପ୍ରତି ପରମ ଆକୁଳତା ହିଁ ଏହି ଅବସରରେ ବର୍ଣ୍ଣିତ ହୋଇଅଛି । ଅଦୂର ଏବଂ ସୁଦୂର ପ୍ରବାସ ଭେଦରେ ଏହା ପୁଣି ଦୁଇଭାଗରେ ବିଭକ୍ତ ।

୬ : ୦—ଶ୍ରୀକୃଷ୍ଣ ଅଥବା ଗୋପୀ କେହି ହେଲେ ମର୍ତ୍ତ୍ୟରେ ସାଧାରଣ ମାନବ ବା ମାନବୀ ନୁହନ୍ତି । ଶ୍ରୀକୃଷ୍ଣ ସ୍ୱୟଂ ପରଂବ୍ରହ୍ମ ଏବଂ ଗୋପୀମାନେ ଶ୍ରୀକୃଷ୍ଣଙ୍କୁ ପତି ରୂପରେ ପାଇବାପାଇଁ ଯୁଗ ଯୁଗ ଧରି ତପସ୍ୟାକରି ଶେଷରେ ଗୋପୀଭାବ ଏବଂ କୃଷ୍ଣବଲ୍ଲଭୀ ହେବାପାଇଁ ସିଦ୍ଧ ଦେହ ଲାଭକରିଛନ୍ତି । ଏଣୁ ସେମାନଙ୍କ ପ୍ରେମ ସାଧାରଣ ମାନବ ପ୍ରେମ ନୁହେଁ ବୋଲି କୃଷ୍ଣ କାବ୍ୟକାରଗଣ ଏବଂ ସେମାନଙ୍କ ଆଦର୍ଶ ଭାଗବତାକାର ଆମକୁ ସଚେତନ କରିଦେଇଛନ୍ତି । ସେମାନଙ୍କୁ 'ବଡ଼ଲୋକ' ବୋଲି ଆଖ୍ୟାୟିତ କରି 'ଅଳପ ଲୋକ' ମାନଙ୍କଦ୍ୱାରା ଏହି ଲୀଳା ଉଚ୍ଚାରିତହେଲେ ତାହା ଯେ 'ବିପରୀତ' ଫଳ ଦେବ ଏଥିପାଇଁ ସେମାନେ କମ୍ ସଚେତନ ମଧ୍ୟ କରିନାହାନ୍ତି । ତଥାପି ଏ ସମସ୍ତ ଆଧ୍ୟାତ୍ମିକ ବିଧିନିଷେଧ ସତ୍ତ୍ୱେ ପ୍ରେମ, ମିଳନ ଓ ବିରହ ପ୍ରତି ମାନବର ସ୍ୱାଭାବିକ ଆବେଦନ ହିଁ ଏହି କାବ୍ୟମାନଙ୍କରେ ପ୍ରମୂର୍ତ୍ତ ହୋଇଛି । ଗୋପୀମାନେ ଶ୍ରୀକୃଷ୍ଣଙ୍କୁ ଭଲପାଇଆସିଛନ୍ତି ତାଙ୍କ ଜନ୍ମବେଳୁ । କର୍ଣ୍ଣରେ 'ନନ୍ଦସୁତ' ହେବାକଥା ଶୁଣି 'କଳାକର' ଗୋପୀ' ମାନେ ଆପଣା ସନ୍ତତିକୁ କରିନପାରି କୃଷ୍ଣ ଦର୍ଶନପାଇଁ ଧାଇଁ-ଯାଇଛନ୍ତି । କୃଷ୍ଣଙ୍କର ଅଙ୍ଗଶୋଭାରେ ବିସ୍ମିତା ତଥା ଚକିତା ଗୋପୀମାନେ ସେତେ-ବେଳୁ ହିଁ ତାଙ୍କପ୍ରତି ଆକର୍ଷିତ ହୋଇପଡ଼ିଛନ୍ତି । କ୍ରମେ ବଡ଼ ହୋଇଉଠୁଥିବା କୃଷ୍ଣଙ୍କ ଲଳିତ ଲୀଳା, ବିନୋଦଭଙ୍ଗୀରେ ଏମାନେ ବିହ୍ୱଳିତା ହୋଇଯାଇଛନ୍ତି । ଲହୁଣୀ ଚୋରିଠାରୁ ଆରମ୍ଭକରି ଦହିହାଣ୍ଡି ଭାଙ୍ଗିବା ପର୍ଯ୍ୟନ୍ତ ସବୁ ଲୀଳାରେ ଶ୍ରୀକୃଷ୍ଣଙ୍କ ବାଳକଗଣ ଭିତରେ ଏମାନେ ଏକ ମୁଗ୍ଧ ପ୍ରେମିକ—ପ୍ରବଣ ନାଗର ସତ୍ତାକୁ ଉପଲବ୍ଧ କରିଛନ୍ତି । ସୁବିଧା ଥିଲେ ଲହୁଣୀ ଲୋଭଦେଇ କରତାଳି ଦେଇ ଶ୍ରୀକୃଷ୍ଣଙ୍କୁ ତଳତଳ ନଚାଇବାକୁ ଏମାନେ ମଧ୍ୟ ଭୁଲିନାହାନ୍ତି । ଶ୍ରୀକୃଷ୍ଣଙ୍କ ମୁହୂର୍ତ୍ତେ ବିଚ୍ଛେଦକୁ ଏମାନେ ସେତିକବେଳୁ ସହିପାରିନାହାନ୍ତି । କୌଣସି ନା କୌଣସି ଛଳରେ ଯଶୋଦାଙ୍କ ଘରକୁ ଆସି କୃଷ୍ଣଙ୍କୁ ଆଖିପୂରାଇ ଦେଖିଯାଇଛନ୍ତି । ଗୋପୀମାନଙ୍କର ଏହି ବିହ୍ୱଳ ଭାବ ଦୁଃଖ ଏବଂ ବେଦନାର ରୂପ ନେଇଛି ଯେତେବେଳେ ଶ୍ରୀକୃଷ୍ଣଙ୍କ ଉପରେ

Digitized by srujanika@gmail.com

କୌଣସି ନା କୌଣସି ବିପତ୍ତି ଦେଖାଦେଉଛି । ଅନନ୍ତର ଅସୁରମାନଙ୍କ ଆକ୍ରମଣରେ କୃଷ୍ଣଙ୍କ ଦୁଃଖକଥା ଚିନ୍ତାକରି ଏମାନେ ତ ଦୁଃଖରେ କାତର ହୋଇଯାଇଛନ୍ତି । ବିଶେଷକରି କାଳୀୟଦଳନ ପ୍ରସଙ୍ଗରେ କାଳୀୟ ନାଗର ବିଷ ଭାରରେ ମୁହୂର୍ତ୍ତକ ପାଇଁ ମୂର୍ଚ୍ଛା ଯାଇଥିବା କୃଷ୍ଣଙ୍କର ଦଶା ଦେଖି ଗୋପୀମାନେ ଅଶ୍ରୁସମ୍ବରଣ ନକରି ରହିପାରି-ନାହାନ୍ତି । ଦୀନକୃଷ୍ଣ ଏବଂ ଅଭିମନ୍ୟୁଙ୍କ ଗୋପୀମାନେ ତ ଏଥିପାଇଁ କଂସ ବିରୋଧରେ ଲଢ଼ିବାକୁ ବି ପ୍ରସ୍ତୁତ ହୋଇଯାନ୍ତି । କୃଷ୍ଣ ଗୋଚାରଣକୁ ଗଲାବେଳେ ମଧ୍ୟ ଗୋପୀଙ୍କ ମନରେ ଅହେତୁକ ଦୁଃଖ ଚୋଟିଆସେ । ସେମାନେ ଚିନ୍ତାକରିବସନ୍ତି କେଉଁ ସୁଖ ନନ୍ଦଘରେ ନାହିଁ ଯେ, ସେ ପୁଅକୁ ଗାଈ ଜଗିବାପାଇଁ ପଠାଉଛି (ଦୀନକୃଷ୍ଣ : ର.କ) ଯଦି କୌଣସି କାରଣରୁ ଶ୍ରୀକୃଷ୍ଣଙ୍କର ବନରୁ ଆସିବାରେ ବିଳମ୍ବ ଘଟେ ତେବେ ଏମାନଙ୍କର ବ୍ୟାକୁଳ ମନ ଶ୍ରୀକୃଷ୍ଣଙ୍କ ପ୍ରତି ଆଶୁ ବିପତ୍ତି ଆଶଙ୍କାରେ ବଳମିଉଠେ । ଏହି ସମସ୍ତ ପ୍ରସଙ୍ଗ ଅଦୂର ପ୍ରବାସଜନିତ ବିପ୍ରଲମ୍ଭ ଶୃଙ୍ଗାରର ଏକ ଏକ ଉଦାହରଣ ମାତ୍ର ।

. : ୧ : ୧—ଓଡ଼ିଆ କୃଷ୍ଣକାବ୍ୟରେ ପ୍ରକୃତ ଅଦୂର ପ୍ରବାସଜନିତ ବିପ୍ରଲମ୍ଭ ଶୃଙ୍ଗାର ଆରମ୍ଭହୁଏ ଗୋପୀମାନଙ୍କ ସହ ଶ୍ରୀକୃଷ୍ଣଙ୍କର ରାସକ୍ରୀଡ଼ା ପ୍ରସଙ୍ଗରୁ । ଗୋପୀ ଏବଂ ଗୋପୀମାନଙ୍କ ମଧ୍ୟମଣି ରାଧା ଅଥବା ବୃନ୍ଦାକାର ଶ୍ରୀକୃଷ୍ଣଙ୍କ ପ୍ରତି ପ୍ରେମାଧିକ୍ୟ ଏହି ରାସକ୍ରୀଡ଼ାରେ ସଙ୍ଘଟିତ ଅଦୂର ପ୍ରବାସଜନିତ ସୋଦ୍ଦେଶ୍ୟ ବିରହ ବା ବିପ୍ରଲମ୍ଭରୁ ସ୍ପଷ୍ଟ ହୋଇଉଠେ । ଶରତର ଚନ୍ଦ୍ରମଲ୍ଲିକା ରାତ୍ରିରେ ବଂଶୀଧ୍ୱନିଦ୍ୱାରା ଆକର୍ଷିତକରି ଗୋପୀମାନଙ୍କ ସହ ବୃନ୍ଦାବନରେ ରାସନୃତ୍ୟ ସଂରଚନା କରିଥିବା ଶ୍ରୀକୃଷ୍ଣ ଏକ ବିଶେଷ କାରଣରୁ ସେ ସ୍ଥାନରୁ ଅନ୍ତର୍ହିତ ହୋଇଯାଇଛନ୍ତି । ଦୀନକୃଷ୍ଣଙ୍କ ଲେଖନୀରେ ଏହି କାରଣଟି ହେଉଛି ଗୋପୀମାନଙ୍କର ମନୋଭାବ ପରୀକ୍ଷାକରିବା ଏବଂ ଏହି ଅନ୍ତର୍ଦ୍ଧାନ ଘଟଣାଟି ହେଉଛି କୃଷ୍ଣଙ୍କ ପାଇଁ ଏକ 'କଉତୁକ କର୍ମ' (ର.କ ୧୯।୭) । ପ୍ରେମ ପଞ୍ଚାମୃତକାର ଭୂପତି ପଣ୍ଡିତ ମଧ୍ୟ ଏହି କାରଣଟିକୁ ଗ୍ରହଣକରିଛନ୍ତି ଏବଂ ଏହା ସହିତ ଶ୍ରୀକୃଷ୍ଣଙ୍କ ମନରେ 'କରୁଣା ରସ ଆସ୍ୱାଦନ' କରିବାର ଆଗ୍ରହ ହୋଇଛି ବୋଲି ପ୍ରକାଶ କରିଛନ୍ତି (ପ୍ରେ.ପ. ୬।୩୭) । 'ବ୍ରଜବିହାର'ର କବି ଦାଶରଥି ଏହି କାରଣକୁ ଅଧିକ ସ୍ପଷ୍ଟ କରିଦେଇଛନ୍ତି । ଗୋପୀମାନେ ଶ୍ରୀକୃଷ୍ଣଙ୍କ ସହ ମିଳିତ ହେବା ପରେ ଏହାଠାରୁ ଅଧିକ କିଛି ପ୍ରେମଲୀଳା ରସ ନାହିଁ ଏବଂ ଉଜ୍ଜ୍ୱଳ ଶୃଙ୍ଗାରରସର ସେମାନେ ଅଧିକାରିଣୀ ହୋଇଛନ୍ତି ବୋଲି ଗର୍ବ କରିଛନ୍ତି । ତାଙ୍କର ଭ୍ରମକୁ ଦୂର କରିବାପାଇଁ ଶ୍ରୀକୃଷ୍ଣ ପ୍ରଥମେ ଶୃଙ୍ଗାରର ଦୁଇଟି ବିଭାଗର ସଂକ୍ଷିପ୍ତ ବର୍ଣ୍ଣନାକରି ବିପ୍ରଲମ୍ଭ ଶୃଙ୍ଗାରର ମାହାତ୍ମ୍ୟ ବର୍ଣ୍ଣନା କରିଛନ୍ତି ଏବଂ ତାହାର ପରୀକ୍ଷାପାଇଁ ରାଧାଙ୍କ ସହ ଅନ୍ତର୍ହିତ ହୋଇଯାଇଛନ୍ତି । ଶ୍ରୀକୃଷ୍ଣଙ୍କ କହିଛନ୍ତି—"କୃଷ୍ଣ କହନ୍ତି ମଧୁର ହାସରେ/ଶୃଙ୍ଗାରର ଉଜ୍ଜ୍ୱଳ ସର୍ବ ରସରେ/ଇକ୍ଷୁ ଦୁଗ୍ଧବତ ଏହୁ ରସ/ପୀଡ଼ ମନ୍ଥନରେ ରସ ସରସ/ବେଳୁ

Digitized by srujanika@gmail.com

ବେଳ ପାକ ସ୍ୱାଦକୁ ଲଭେ 'ଶୃଙ୍ଗାର ସେହିରୂପେ ବିପ୍ରଲମ୍ଭେ ।'' (ବ୍ର.ବି. ୧୦ମ ବୋଲି) ପ୍ରାପ୍ତ ସମସ୍ତ କୃଷ୍ଣକାବ୍ୟରେ ଗୋପୀମାନଙ୍କ ଗର୍ବଭଞ୍ଜନ ଏବଂ ବିପ୍ରଲମ୍ଭର ପ୍ରତିଷ୍ଠା ପ୍ରଖ୍ୟାପନ ପାଇଁ କୃଷ୍ଣ ଗୋପୀମଣ୍ଡଳୀରୁ ଅନ୍ତର୍ହିତ ହୋଇଛନ୍ତି ବୋଲି ବର୍ଣ୍ଣିତ ହୋଇଅଛି । କୃଷ୍ଣଙ୍କ ସହ ଅନ୍ତର୍ହିତା ହୋଇଥିବା ଗୋପୀଟିର ନାମ ଓଡ଼ିଆ କୃଷ୍ଣ-କାବ୍ୟମାନଙ୍କରେ ଏକ ନୁହେଁ, ସେ 'ରାଧା' ଓ ବୃନ୍ଦା ଉଭୟ ପରିଚିତ ହୋଇଛି । ମାତ୍ର ସେ ମଧ୍ୟ କୃଷ୍ଣଙ୍କ ସହ ଚିର ମିଳନାନନ୍ଦ ଲଭ କରିପାରିନାହିଁ । ଚାଲି ନ ପାରିବାରୁ ଅଥବା ଆଦରରେ ଗୋପୀଟିର ପାଦରେ କୃଷ୍ଣ ଲେଖିଦେଇଥିବା ଅଳତା ଶୁଖି ନଥିବାରୁ (''ଅଳତା ଚିତ୍ର ଶୁଖିନାହିଁ ବାଳ/ଅବଶ୍ୟ ଗମନେ ଲଗିବ ଧୂଳି/ଆସ କନ୍ଧେ ବସ ବିଜନେ ଯାଇ''—ଶ୍ୟାମ : ଅନୂ. କଲ୍ଲ ୮।୪।୧।୨୨। ଶ୍ରୀକୃଷ୍ଣ ତାକୁ କାନ୍ଧରେ ବସିବାକୁ ଅନୁରୋଧ କରିଛନ୍ତି । ଗୋପୀକି କୃଷ୍ଣଙ୍କ କାନ୍ଧରେ ବସିବା ପରେ ଶ୍ରୀକୃଷ୍ଣ ଧୀରେ ଧୀରେ ବନପଥରେ ଅଗ୍ରସର ହୋଇଛନ୍ତି । ଓଡ଼ିଆ କୃଷ୍ଣକାବ୍ୟରେ ଏହି ବିଶେଷ ଦୃଶ୍ୟର ବର୍ଣ୍ଣନା ଅତି ଚମତ୍କାର । ବିଶେଷକରି ଭୂପତିଙ୍କ ପ୍ରେମପଞ୍ଚାମୃତ (୨।୨୧୯-୩୦୨, ଏବଂ ବ୍ରଜନାଥଙ୍କ ଶ୍ୟାମ ରାସୋତ୍ସବ ୬।୨୨-୨୫ ରେ ଏହାର ସାର୍ଥକତା ଅନୁଭବ କରାଯାଇପାରେ । ମାତ୍ର ଶ୍ରୀକୃଷ୍ଣଙ୍କ କାନ୍ଧରେ ବସିଥିବାରୁ ଗୋପୀଟିର ଗର୍ବଭାବ ହେତୁ ସେ ମଧ୍ୟ ଶ୍ରୀକୃଷ୍ଣଙ୍କଦ୍ୱାରା ପରିତ୍ୟକ୍ତା ହୋଇଛି ।

୨ :୧:୨—ମୋହିଦେଶ୍ୟ ବିରହର ଏହି ମନୋହର ଲଗ୍ନରେ ଗୋପୀମାନଙ୍କର କୃଷ୍ଣ ବିହୀନ ବିପ୍ରଲମ୍ଭ ସ୍ଥିତିର ଚିତ୍ର ଓଡ଼ିଆ କୃଷ୍ଣକାବ୍ୟମାନଙ୍କରେ ଅତି ସାର୍ଥକଭାବେ ଚର୍ଚ୍ଚିତହୋଇଛି । ପ୍ରଥମେ ଗୋପୀମାନେ ଶ୍ରୀକୃଷ୍ଣ କୁଆଡ଼େ ଗଲେ ବୋଲି ଖୋଜି-ବସନ୍ତେ ଏକ ବାଲିବନ୍ତରେ କୃଷ୍ଣଙ୍କ ଅଷ୍ଟାଦଶ ଚିହ୍ନ ଭୂଷିତ ପାଦ ଦେଖିଛନ୍ତି । ମାତ୍ର କୃଷ୍ଣଙ୍କ ପଦଚିହ୍ନର ମଝିରେ ମଝିରେ ଅନ୍ୟଏକ ପଦଚିହ୍ନ ଦେଖି ସେହି ଅନାମିକା ନାରୀଟିର ସୌଭାଗ୍ୟ ପ୍ରତି ପ୍ରଥମ ପର୍ଯ୍ୟାୟରେ ଗୋପୀମାନଙ୍କ ମନରେ ଆସିଛି ଶ୍ରଦ୍ଧା ଓ ସମ୍ମାନ (ଦୀନ : ବ୍ର ବି. ୧୦ମ ବୋଲି) । ମାତ୍ର ଏହାପରେ ଏହି ଶ୍ରଦ୍ଧା ଓ ସ୍ନେହଭାବ ବେଶୀ ସମୟ ରହିପାରିନାହିଁ । ହୃଦୟରେ ସେମାନଙ୍କର କ୍ରମେ ଦେଖାଦେଇଛି ବିହ୍ୱଳ, କ୍ରୋଧ, ଅସ୍ଥିରତା, ଈର୍ଷା ଏବଂ କାରୁଣ୍ୟର ଏକ ମିଶ୍ରିତଭାବ । ମୁହୂର୍ତ୍ତିକପାଇଁ ହେଲେ ମଧ୍ୟ କୃଷ୍ଣଙ୍କ ସାନ୍ନିଧ୍ୟ ପ୍ରଥମେ ସେମାନଙ୍କୁ ବିହ୍ୱଳିତ କରିଛି । କୌଣସି ସନ୍ଦେଶ ନଦେଇ କୃଷ୍ଣ ତାଙ୍କୁ ଛାଡ଼ିଯାଇଥିବାରୁ ମନରେ କ୍ରୋଧଭାବ ସୃଷ୍ଟିହୋଇଛି । ଏହି କ୍ରୋଧ ପୁଣି ପ୍ରିୟତମଙ୍କ ଅବର୍ତ୍ତମାନରେ ପ୍ରଥମେ ଅସ୍ଥିରତା ଏବଂ ପରବର୍ତ୍ତୀ କାଳରେ କାରୁଣ୍ୟରେ ରୂପାନ୍ତରିତ ହୋଇଛି । କୃଷ୍ଣଙ୍କ ସହ ଏକାକୀ ସଙ୍ଗସୁଖ ଲଭକରିଥିବା ସେହି ବିଶେଷ ଗୋପିକାଟି ପ୍ରତି ଗୋପୀମାନଙ୍କ ହୃଦୟରେ ସୃଷ୍ଟିହୋଇଛି ମଧ୍ୟ ଈର୍ଷ୍ୟା । ଅପର-ପକ୍ଷରେ ଗୋପିକା ପଂକ୍ତିରୁ ଏକାକିନୀ ହୋଇ ଶ୍ରୀକୃଷ୍ଣଙ୍କ ସହ ବିଶେଷ ସୁଖ ଲଭକରିବାକୁ ଆସିଥିବା ଗୋପୀଟିର ବିପ୍ରଲମ୍ଭର ଚିତ୍ର ଓଡ଼ିଆ କୃଷ୍ଣ କାବ୍ୟମାନଙ୍କରେ ଅତି

Digitized by srujanika@gmail.com

ମନୋଜ୍ଞଭାବେ ଅଙ୍କିତ ହୋଇଅଛି । ନିଜର ପ୍ରିୟତମ ପୁରୁଷଜଣକ ଅନ୍ତର୍ହିତ ହେବାର କାରଣକୁ ସେ ବିଭିନ୍ନ ଦୃଷ୍ଟିକୋଣରୁ ବିଚାର କରିବସୁଛି । ପ୍ରଥମେ ସେ ପ୍ରିୟତମଙ୍କ ଶଠ ପଣକୁ ନିନ୍ଦା କରିବସୁଚ । ନିଜର ଅବୋଧପଣ ଏବଂ ସରଳତାର ପରିଚୟ ଦେଲାପରେ କୃଷ୍ଣଙ୍କର ତାକୁ ତାଙ୍କଆଣି ବିନା ଦୋଷରେ ଛାଡ଼ିଦେଇଯିବା କାର୍ଯ୍ୟକୁ ସେ ଉପସ୍ଥାପନକରି କୃଷ୍ଣଙ୍କୁ ହିଁ ଦୋଷୀବୋଲି ସାବ୍ୟସ୍ତ କରିଛି । ଏ ପର୍ଯ୍ୟାୟରେ ନିଜର ସରଳ ପଣର ଚିତ୍ର ଏବଂ କୃଷ୍ଣଙ୍କ ଶୃଙ୍ଖଳାଯୁକ୍ତ କୌଶଳର ଚିତ୍ର ଅତି ଜୀବନ୍ତଭାବେ ଅଙ୍କିତ ।

"ଅବୋଧ ଅବଳା କୁମାରୀ/ମୁଁ ତ ନୁହଇ ତୋ ବଇରୀ ସେନେହ
ସରୋବର ଜଳେ/ମୁଁ ଥିଲି ଗୋପୀ ମୀନ ମେଳେ/ଚୁମ୍ବନସ୍ୱାଦ ମୁଖେ ଦେଲୁ /
କଟାକ୍ଷ କଣ୍ଟା ଲଖାଇଲୁ/ବାଉଁଶୀ ମୀନ ପ୍ରାୟକରି । ମୋଭେଦ ତୁ ଆଣିଲୁ ଓଟାରି ।"
(ଭୂପ. ପ : ପ୍ରେମ. ପଞ୍ଚା : ୩୧୯-୨୬) ।

ବିନା ଅପରାଧରେ ଏଡ଼େବଡ଼ ଦଣ୍ଡ ଦେଇଥିବା ହେତୁ ଗୋପୀଟି ଦୁଃଖରେ ଶ୍ରୀକୃଷ୍ଣଙ୍କୁ ଦୋଷୀବୋଲି ସାବ୍ୟସ୍ତ କରିବସିଚ ଏବଂ ଏହି 'ଅବଳା ବଧ' କାର୍ଯ୍ୟକୁ ଅନ୍ତଃକରଣରେ ସେ ଅନୁଚିତ ବୋଲି ବିବେଚନା କରିଛି ଶ୍ୟାମ. ଅନୁ. କଳ୍ପ ୮।୪୮।୨୯। । ମାନସିକତାର ଅନ୍ୟଏକ ଭୂମିରେ ଗୋପୀଟି ପହଞ୍ଚିଗଲା ପରେ ସେ ତାର ଦୋଷ ହେତୁ ଶ୍ରୀକୃଷ୍ଣ ତାକୁ ଛାଡ଼ିଗଲେ ବୋଲି ବିଚାର କରିବସିଛି । ବକ୍ଷୋଜର ନିବିଡ଼ତା ତଥା ଟାଣପଣ କିମ୍ବା ନିତମ୍ବର ଆଘାତ କାଳେ ଶ୍ରୀକୃଷ୍ଣଙ୍କୁ କଷ୍ଟ ଦେଇଥିବ ଏବଂ ଏଥିପାଇଁ ସେ ଅନ୍ତର୍ହିତ ହୋଇଥିବେ ଏ ଭାବନା ଦେଖାଦେଇଛି ତା' ମନରେ । ଏଥିପାଇଁ ସେ ଶ୍ରୀକୃଷ୍ଣ ତାକୁ ଛାଡ଼ି ଚାଲିଗଲେ ଏହା କିନ୍ତୁ ସେ ଠିକ୍ ବୋଲି ବିବେଚନା କରିପାରିନି । ବରଂ 'ଆଶ୍ଳେ ଉରଜ'ର ଦୋଷ ଥିଲେ ତାକୁ 'ଅଧିକ ମର୍ଦ୍ଦନ ଓ କରଜ ପୀଡ଼ା' ମାଧ୍ୟମରେ ଦଣ୍ଡଦେବାକୁ ଏବଂ ନିତମ୍ବର ଦୋଷକୁ 'ଆଘାତ' ମାଧ୍ୟମରେ ଦଣ୍ଡଦେବାକୁ ସେ ବିବେଚନା କରିବସିଛି (ଶ୍ୟାମ: ଅନୁ କଳ୍ପ: ୮।୪୮।୬୦) । ଗୋପୀଟିର ଏ ମନୋସ୍ଥିତି ବି ସ୍ଥାୟୀହୋଇ ପାରିନାହିଁ । ଆପଣାର ସୌନ୍ଦର୍ଯ୍ୟ ପ୍ରତି ଥିବା ତାର ଅନନ୍ତ ଅଭିମାନ ଶେଷରେ ଶ୍ରୀକୃଷ୍ଣଙ୍କ ମୂଲ୍ୟାୟନକରି ବସି ତାଙ୍କୁ ଏକ ରୂପ ଓ ଗୁଣ ଚିହ୍ନି ଜାଣି ନଥିବା ପଶୁସହ ସମାନ କରିଦେଇଛି । ତାକୁ କୋଳ କରିବାର ସୌଭାଗ୍ୟ ଯେ ବିନ୍ଦୁଖ ଭାଲି ଏବଂ ଏ ରସକୁ ଅସ୍ୱୀକାର କରିଥିବାରୁ ଶ୍ରୀକୃଷ୍ଣ •ଯେ ପୁରୁଷ ନୁହନ୍ତି ଏହା ସେ ବାରମ୍ବାର 'ଛଳବାଣୀ' ମାଧ୍ୟମରେ କହିଚାଲିଛି (ଭୂପ ପ୍ରେମ ପଞ୍ଚା: ୩୬୦-୬୧) । ଏଥିପାଇଁ ସେ ଶ୍ରୀକୃଷ୍ଣଙ୍କୁ 'ଚଣ୍ଡାଳ', 'ଶୁଦ୍ଧ ମୂର୍ଖ', ଶାସ୍ତ୍ର ବିଚାର ବିହୀନ, ନାରୀହନ୍ତା ବୋଲି ଅନେକ ଗାଳିଦେଲା ପରେ ଆପଣା ସହିତ ଶ୍ରୀକୃଷ୍ଣଙ୍କ ସମ୍ପର୍କକୁ ନେଇ ତାଙ୍କୁ ବିନୋଦ ମାଧ୍ୟମରେ ବ୍ୟଙ୍ଗ୍ୟ କରିବାକୁ ଭୁଲିନାହିଁ । ଶ୍ରୀକୃଷ୍ଣଙ୍କୁ ଶିମିଳିଫୁଲ ପ୍ରତି ଅଭିଳାଷ ରଖିଥିବା ବ୍ୟକ୍ତି ଏବଂ ଆପଣାକୁ ଚମ୍ପକ,

Digitized by srujanika@gmail.com

ଶ୍ରୀକୃଷ୍ଣଙ୍କୁ ଶୃଗାଳମାନଙ୍କର ପାଳକ ଏବଂ ଆପଣାକୁ ହସ୍ତୀ ବୋଲି ତୁଳନାକରି ସେ ଶ୍ରୀକୃଷ୍ଣଙ୍କ ଅବିବେକୀ ପଣକୁ ବହୁ ଭାବରେ ବ୍ୟଙ୍ଗ କରିବସିଛି । ବ୍ରଜ: ଶ୍ୟାମ. ରାସୋ. ୮।୧୯-୧୦ । ମାତ୍ର ଶେଷରେ ଏ ସମସ୍ତ ଛଳୋକ୍ତି କିନ୍ତୁ ଶୃଙ୍ଗାର ଚନ୍ଦନରେ ପରିଣତ ହୋଇଯାଇଛି । ମାତ୍ର ଏଥିରେ ଆପଣାକୁ ଯେତିକି ଭାବରେ ନୁହେଁ, ସେବ୍ୟ ଭାବରେ ହିଁ ଗୋପୀଟି ଉପସ୍ଥାପନ କରିବସିଛି—

"ଶ୍ରଦ୍ଧା ଅଛନ୍ତି ଏବେ ହେ ଆପ/ଶାନ୍ତ ହୋଇ କ୍ଷମାକଲି ଦୋଷ
ଶିରକୁ ତୋହର ଚରଣେ ମୋହର ଘୋଷି ବିନସୁ ବଚନ ଭାଷ ହେ ।"
(ବ୍ରଜ: ଶ୍ୟାମ. ରାସୋ. ୮।୧୪)

ଲକ୍ଷ୍ୟକରିବାର କଥା କୃଷ୍ଣ ପରିତ୍ୟକ୍ତା ଏକାକିନୀ ଗୋପୀକାର ମନସ୍ତତ୍ତ୍ୱ ବିବେଚନାରେ ଓଡ଼ିଆ କୃଷ୍ଣ କାବ୍ୟକାରଗଣ ଅତି ସଫଳଭାବେ ପ୍ରୟାସୀ ହୋଇଛନ୍ତି । ପ୍ରଥମେ ଅଶ୍ରୁ, ତାପରେ ଅନ୍ତର୍ଦ୍ଧାନର କାରଣ ନିରୂପଣ, ଏହି ଅବସ୍ଥାରେ ଉଭୟ ତରଫର ମୂଲ୍ୟାୟନ ପରେ ଦୋଷ ଥାଉ ବା ନଥାଉ ପ୍ରତିଶୋଧ ଆଶିବାପରେ ଏକାକୀ ରାସରେ ଗ୍ଲାନ୍ତ- ଯାଇଥିବାରୁ ଶ୍ରୀକୃଷ୍ଣଙ୍କୁ ଗାଳି, ମାତ୍ର ଶେଷରେ ଶୃଙ୍ଗାର ଚନ୍ଦନରେ ସେ ସମସ୍ତ ଗାଳିକୁ ଆତ୍ମସାତ୍‌କରି ପୁନର୍ବାର ଶ୍ରୀକୃଷ୍ଣଙ୍କୁ ସ୍ୱୀକାର କରିନେବାର ଚିନ୍ତା ମନୋବୈଜ୍ଞାନିକ ଦୃଷ୍ଟିକୋଣରୁ ଯେ କେତେ ଉପଯୁକ୍ତ ଏହା ପ୍ରତ୍ୟେକ ଅବଗାହୀ ସହୃଦୟ ହିଁ ଉପଲବ୍ଧି କରିପାରନ୍ତି ।

୨ । ୧ । ୩—ଏକାକିନୀ କୃଷ୍ଣ ସୁଖ ଆସ୍ୱାଦନପାଇଁ ମଣ୍ଡଳୀ ଭିତରୁ ବାହାରିଯାଇ- ଥିବା ସେହି ବିଶେଷ ଗୋପୀଟି ପାଇଁ ଗୋପୀମାନଙ୍କର ଯୁଗପତ୍ ଈର୍ଷା ଓ କ୍ରୋଧଭାବ ଜାଗ୍ରତ ହୋଇଛି । ଏହି ଅବସ୍ଥାରେ ଗୋପୀମାନଙ୍କର ମନୋବିଶ୍ଳେଷଣ ଅତି ସାର୍ଥକ- ଭାବେ ଉତ୍କୀର୍ଣ୍ଣ ହୋଇଥିବାର ଲକ୍ଷ୍ୟକରାଯାଏ । ଏକାକିନୀ ସେହି ବିଶେଷ ଗୋପୀକାର ବିକଳ ଧ୍ୱନି ଶୁଣିପାରିବା ପରେ ଗୋପୀମାନେ ତା' ପାଖକୁ ଯାଇଛନ୍ତି ଏବଂ ତାକୁ ବାଲିରୁ ଉଠାଇ ତା ଦେହ ହାତ ଝାଡ଼ିଦେଇ 'କୁଟିଳ ଭ୍ରମର' ଶ୍ରୀକୃଷ୍ଣଙ୍କର ଶଠ ପଣକୁ ଧିକ୍‌କାର କରିଛନ୍ତି ଦାଶ: ବ୍ରଜ ବି. ୧୦ମ ବୋଲି) । ଗୋପୀଟି ପ୍ରତି ଏହି ଈର୍ଷାଭାବ ସହିତ ସେମାନଙ୍କ ମନରେ ସୃଷ୍ଟି ହୋଇଛି ମଧ୍ୟ ବ୍ୟଙ୍ଗ । ଏକା ଏକା କୃଷ୍ଣଙ୍କୁ ଭୋଗକରିବାର ଫଳ ଯେ ଗୋପୀଟି ପାଇଯାଇଛି ଏଥିପାଇଁ ସେମାନେ କମ୍ ଆନନ୍ଦିତ ବି ନୁହନ୍ତି । ତନ୍ତ୍ରା ଯେତେବେଳେ ସେହି ବିଶେଷ ଗୋପୀ (ଏଠାରେ ବିଶେଷ ଗୋପୀଟି ବୃନ୍ଦା)କୁ କହୁଛି । ସମସ୍ତଙ୍କ ସମ୍ପତ୍ତିକୁ ଏକା ଏକା ଭୋଗକରିବାର ଫଳ ହିଁ ସ୍ୱରଭଙ୍ଗ, ରକ୍ତକ୍ଷରଣ, ଅଶ୍ରୁପାତ ପତନାବସ୍ଥା । ସେତେବେଳେ ସମବେତ ସକଳ ଗୋପୀ ନ ହସି ରହିପାରିନାହାନ୍ତି (ଭୂପ. ପ୍ରେ. ପ. ୨।୧୧-୧୦୨) । ଈର୍ଷା ସହିତ ଏହି ବ୍ୟଙ୍ଗର ମିଶ୍ରଣ ହିଁ ଗୋପୀମାନଙ୍କ ତାତ୍କାଳିକ ମନୋଦଶାର ଯଥାର୍ଥ ଚିତ୍ର ପ୍ରଦାନକରିବା

Digitized by srujanika@gmail.com

ସଙ୍ଗେ ସଙ୍ଗେ ପ୍ରସଙ୍ଗଟିକୁ ପୌରାଣିକ ଶୁଷ୍କ ପ୍ରବାହରୁ ମୁକ୍ତକରି ମାନବିକ ଭାବାନୁଭୂତିର ଏକ ଜୀବନ୍ତ ରୂପ ପ୍ରଦାନକରିଛି ।

୬ :୧:୪—ଉଦ୍ଦେଶ୍ୟ ପ୍ରଣୋଦିତ ଅଦ୍ଭୁତ ପ୍ରତୀକଜନିତ ବିପ୍ରଲମ୍ଭର ପରବର୍ତ୍ତୀ ଅବସ୍ଥା ହେଉଛି ଗୋପୀମାନଙ୍କର କୃଷ୍ଣାନୁସରଣ । କୃଷ୍ଣଙ୍କର ଏହି ରହସ୍ୟଜନକ ଅନ୍ତର୍ଦ୍ଧାନ ତାଙ୍କୁ ନାନା ଆଶଙ୍କାରେ ପକାଇଛି । ଏହାର ହେତୁ ଜାଣିବା ପାଇଁ ସେମାନେ ଯତ୍ନପରାୟଣାଙ୍ଗି ଚେଷ୍ଟାକରିଛନ୍ତି । ପ୍ରଥମରେ ବିଭିନ୍ନ ଅଶୁଭ ଚିନ୍ତା ସେମାନଙ୍କୁ ବିଚଳିତ କରିଦେଇଛି । ପିଲାଦିନରୁ ଏପର୍ଯ୍ୟନ୍ତ ଶ୍ରୀକୃଷ୍ଣଙ୍କ ଉପରେ ପଡ଼ିଥିବା ଗୋଟିକ ପରେ ଗୋଟିଏ ଶଙ୍କା ସେମାନଙ୍କର ମନେପଡ଼ିଯାଇଛି । 'ଉଣାପ୍ରାଣିଆ' ଏହି ପରମ ପ୍ରିୟତମଟି ପାଇଁ ତେଣୁ ଗୋପୀଙ୍କ ହୃଦୟରେ ଦୁଃଖର ଅନ୍ତ ନାହିଁ । ଶ୍ରୀକୃଷ୍ଣ ଆପେ ଆପେ ଅରଣ୍ୟରେ ହଜିଯାଉଛନ୍ତି କି ତାଙ୍କୁ ଅସୁର ହରଣ କରିନେଇଛି, ଅଥବା ରାତିରେ ଜଙ୍ଗଲରେ ତାଙ୍କୁ ଭୂତ ଛୁଇଁଛି—ଏହା ନେଇ ସେମାନେ କୌଣସି ସିଦ୍ଧାନ୍ତରେ ପହଞ୍ଚିପାରିନାହାନ୍ତି । ଏହାର ପ୍ରତିକାରପାଇଁ ସେମାନେ ପ୍ରଥମେ ଅମ୍ବିକା ଓ ଶୀତଳାଙ୍କ ପୂଜା ମନାସିଛନ୍ତି (ଭୂପ. ପ୍ରେମ. ୮।୨୪-୨୫), କାଳେ ଜଙ୍ଗଲରେ ହଜିଯାଇଥିବେ ଏଣୁ ଦୁଲାଜାଲି ଖୋଜିବାର ବ୍ୟବସ୍ଥା କରିଛନ୍ତି (ତତ୍ରୈବ ୮।୩୧-୩୪) ଏବଂ ବାଟବଣା ହୋଇଥିବା ଆଶଙ୍କାରେ ଶ୍ରୀକୃଷ୍ଣଙ୍କୁ ବଡ଼ପାଟିରେ ଡାକିଛନ୍ତି (ତତ୍ରୈବ ୮।୬୨-୮୭ । ଏହି ନାମ ଉଚ୍ଚାରଣ ବେଳେ ସେମାନେ ମୁଖ୍ୟତଃ ଶ୍ରୀକୃଷ୍ଣଙ୍କ ବ୍ରଜବାସ ସମ୍ପର୍କିତ ଘଟଣାର ସଂଯୋଗାତ୍ମକ ନାମ ଯଥା—କଦମ୍ବମୂଳିଆ, ମୟୂର ଚନ୍ଦ୍ରିକାଚୂଳିଆ, ଗୁଞ୍ଜମାଳିଆ, କୁଞ୍ଜକେଳୀ, ଦାବାନଳପାନକାରୀ, ଗ୍ରାସସବିନାଶକ, ନାଦନାୟକ, ବାନ୍ଧ-ଭୁଲଣ ବିଦ୍ୟାଗୁରୁ, ମଣିଚୂଡ଼ ମୋକ୍ଷଦାତା, ମୃତ୍ତିକାଭକ୍ଷଣକାରୀ, କାଳୀୟଦଳନକାରୀ ତଥା ବସ୍ତ୍ରଚୋର ଆଦି ଉଚ୍ଚାରଣ କରିଛନ୍ତି । ଉଚ୍ଚାରଣରେ ସୃଷ୍ଟି ହେଉଛି ସେମାନଙ୍କର ସ୍ୱରଭଙ୍ଗ । ତେଣୁ ଉଚ୍ଚରେ ଉଚ୍ଚାରଣ କରୁଥିବା ନାମ ଅର୍ଦ୍ଧସ୍ଫୁଟ ହୋଇ ଏକ ଅସମ୍ପୂର୍ଣ୍ଣ ଶବ୍ଦ ମାତ୍ର ସୃଷ୍ଟିକରୁଛି ପରିବେଶରେ ।

"ଗୋପାଳେ ପାଳ ଲୋପହୋଇ/ଗୋବିନ୍ଦେ ବିନ୍ଦନ ଶୁଭଇ/
କର୍ଣ୍ଣରେ କୃମାନ୍ତାକୁ ଶୁଣି/ଏ ଭାବେ ଡାକନ୍ତି ଗୋପିନୀ"

(ତତ୍ରୈବ ୮।୮୮-୮୯)

ଆଉ କେତେବେଳେ ବା ଗୋପୀମାନେ ଏହି ଅଭାବିତ ବିପଦରୁ ଉଦ୍ଧାର ପାଇବାପାଇଁ ଚିନ୍ତାକରୁଥିବା ବେଳେ ସେମାନଙ୍କୁ ଅଗ୍ରନେକ ଏକ ମୃଗ ପ୍ରଦକ୍ଷିଣ କରିଯାଇଛି । ଏହାକୁ 'ଶୁଭସୂଚକ ଲକ୍ଷଣ' ଭାବି ସେମାନେ ଆନନ୍ଦିତ ହୋଇଯାଇଛନ୍ତି ଶ୍ୟାମ : (ଅ.କ.ଲ. : ୮।୪।୧।୪୫) । ଗୋପୀମାନଙ୍କର ଏହି ମାନସିକ ସ୍ଥିତି ବର୍ଣ୍ଣନ କରିବା-ବେଳେ କୃଷ୍ଣ କାବ୍ୟକାରଗଣ ନାଟକୀୟ ଦ୍ୱନ୍ଦ୍ୱପ୍ରତି ଅତି ସଜାଗ ସଚେତନ ଅଛନ୍ତି ଏବଂ

Digitized by srujanika@gmail.com

କୌଣସି ସ୍ଥାନରେ ଏ ସମୟରେ କୃଷ୍ଣଙ୍କର ତତ୍କାଳୀନ ସ୍ଥିତିର ନାମମାତ୍ର ସୂଚନା ମଧ୍ୟ ଦେଇନାହାନ୍ତି । ଉତ୍କଣ୍ଠାକୁ ଅଧିକ ତୀବ୍ର ଏବଂ ବିରହୋନ୍ମୁଖ କରିବାପାଇଁ ଏମାନେ ଗୋପୀଙ୍କର ଏକାଧିକ ମର୍ମିକ ବିଭିନ୍ନ ମାନସିକ ସ୍ଥିତିର ଚିତ୍ର ପର୍ଯ୍ୟାୟକ୍ରମେ ପ୍ରଦାନକରିଛନ୍ତି ।

୨ : ୧ : ୪—ଅନ୍ୱେଷଣର ଏହି ପ୍ରାଥମିକ ମୁହୂର୍ତ୍ତରେ ଗୋପୀମାନଙ୍କର ମନଭିତରକୁ ଆସିଛି ଏକ ବିଚିତ୍ର ଧାରଣା । କାଳେ କୃଷ୍ଣ ତାଙ୍କ ସହ ବିନୋଦ-କରିବାକୁ ଲୁଚିଥିବେ ତେଣୁ ସେମାନେ ତାଙ୍କୁ ଡରାଇବାପାଇଁ ଚେଷ୍ଟାକରିଛନ୍ତି । ଡରାଇକରି ଡାକିଲେ କାଳେ ସେ ଆସିବେ ଏଥିପାଇଁ ସେମାନେ ତାଙ୍କର ବିଭିନ୍ନ ଦୋଷକର୍ମ ଯଥା ଲବଣୀଚୋରି ଓ ନଷ୍ଟଚୋରି ଆଦିକୁ ଉଚ୍ଚ କଣ୍ଠରେ ଉଚ୍ଚାରଣ କରିଛନ୍ତି (ଭୂପ. ପ୍ରେ.ପ. ୮।୩୮-୪୭) । ଏହି ଗାଳିରେ ମଧ୍ୟ ଅଜ୍ଞାତସାରରେ ପ୍ରକଟିତ ହୋଇ-ଯାଇଛି ଶ୍ରୀକୃଷ୍ଣଙ୍କ ପ୍ରତି ଅପରିସୀମ ଶ୍ରଦ୍ଧା, ଅନନ୍ତ ସ୍ନେହ ଏବଂ ଅନନ୍ୟ ଭକ୍ତି । ବାଳକବେଳେ ମଧ୍ୟ ତାଙ୍କର ଅଦ୍ଭୁତ ଶୃଙ୍ଗାର ବିମୋହନ ରୂପ ସମ୍ପର୍କରେ ଗୋପୀଟିଏ ଟିପ୍ପଣୀ ଦେଇଛି ।

"ବାଳ ରୂପରେ ଥାଇ କୋଳେ/ଯୁବତୀ ଦେଖିଲେ ନିରୋଳେ/ତକ୍ଷଣେ ହୁଅଇ ତରୁଣ ; ଅଶେଷ ମଦନମୋହନ : ଶୃଙ୍ଗାର ରସେ ବଶକରି : ନିଅଇ ପ୍ରାଣ ମନ ହରି ।" (ଭୂପ ପ୍ରେ.ପ. : ୨।୧୮୦-୧୮୨ ।

ଆଉଜଣେ ଶ୍ରୀକୃଷ୍ଣଙ୍କ ବିଶ୍ୱରୂପଧାରଣ ପ୍ରସଙ୍ଗ ମଧ୍ୟ ଆଲୋଚନା କରିବସିଛି 'ତନ୍ତୈବ ୨।୨୦୨-୨୦୫) । ବିପ୍ରଲମ୍ଭର ଏହି ବିଶେଷ ଅବସ୍ଥାରେ ଗୋପୀମାନେ ଆପଣାକୁ ଅନ୍ତଃକରଣରେ ଶ୍ରୀକୃଷ୍ଣଙ୍କଠାରୁ ଭିନ୍ନ ବୋଲି ବିବେଚନା କରିପାରିନାହାନ୍ତି । ଜନ୍ମାବଧି ଶ୍ରୀକୃଷ୍ଣଙ୍କ ପ୍ରତି ସେମାନଙ୍କର ଅନନ୍ତ ସ୍ନେହ ଶେଷରେ କଳାନ୍ତର ପ୍ରୁ କ୍ତହୋଇ ଅନନ୍ତ ଦୁଃଖରେ ମଧ୍ୟ ଗୁଣକୀର୍ତ୍ତନରେ ରୂପାନ୍ତରିତ ହୋଇଯାଇଛି । ସେମାନଙ୍କ ଅବଚେତନ ସ୍ତରରେ ମଞ୍ଜିଷ୍ଠା ଅନୁରାଗଭଳି ସ୍ଥାୟୀଭାବେ ବସା ବାନ୍ଧିଥିବା ଶ୍ୟାମସୁନ୍ଦରଙ୍କ ଲଳିତ-ବିଗ୍ରହ ଏବଂ ଅଲୌକିକ ଲୀଳାପଟଳ ସେମାନଙ୍କ କୃଷ୍ଣୈକପ୍ରାଣତାର ଏକ ଯଥାର୍ଥ ଚିତ୍ର ହିଁ ଆଙ୍କିଦେଇଛି ।

୨ : ୧ : ୫—ବିଦ୍ୟାନୁଭୂତିର ଏହି ଉପର ଭୂମିରେ ଅନାବିଳ ରୂପ ନେଇଛି ପର ଗୋପୀମାନଙ୍କ ହୃଦୟରେ ସୃଷ୍ଟିହୋଇଛି ବିଭିନ୍ନ ଉପାଦାନକୁ ଦୋଷଦେବାର ପ୍ରୟାସ । ପ୍ରଥମେ ସେମାନେ ଆପଣାର ଏହି ଅବସ୍ଥାପାଇଁ ଶ୍ରୀକୃଷ୍ଣଙ୍କୁ ଦୋଷ ଦେଇଛନ୍ତି । ପରେ ସେମାନେ ନିଜକୁ, ନିଜର ଯୌବନ ଏବଂ ଶେଷରେ କର୍ମଫଳକୁ ଦୋଷ ଦେଇଛନ୍ତି । ଦୋଷ ଦର୍ଶନ ଅବସ୍ଥା ଅବଶ୍ୟ ବିପ୍ରଲମ୍ଭର ପରିଣତି ନୁହେଁ, କେବଳ ଭାବାବେଗକୁ ପ୍ରକାଶ କରିବାର ମାଧ୍ୟମିକ ପ୍ରୟାସଟିଏ ମାତ୍ର, ଯାହାର ପରବର୍ତ୍ତୀ

Digitized by srujanika@gmail.com

ସ୍ଥିତ ହେଉଛି ବିଭିନ୍ନ ପ୍ରାକୃତିକ ଓ ଜାଗତିକ ଉପାଦାନକୁ ନେଇ କୃଷ୍ଣ ଚରିତ୍ରକୁ କେନ୍ଦ୍ରକରି ସେମାନଙ୍କ ପ୍ରତି ବ୍ୟଙ୍ଗ ବିନୋଦ । ତେଣୁ ଏ ପର୍ଯ୍ୟାୟରେ ଗୋପୀମାନେ ପ୍ରଥମେ ଆପଣାର ଅବସ୍ଥା ଶ୍ରୀକୃଷ୍ଣଙ୍କୁ ଦୋଷ ଦେଇଛନ୍ତି । କରୁଣା ବୃକ୍ଷରେ ନିର୍ଘଣ ଫଳ ଫଳାଇବା, ସମୁଦ୍ର ଜଳ କୃପାସିନ୍ଧୁ କୂଳରେ କଣ୍ଠରୁଦେବା, ସୁପୁରି ଭଳି କାମନାର ଲତାକୁ ଡାଳିଦେବା, ଭ୍ରମରଭଳି କୁସୁମରୁ ମଧୁପାନକରି ତାକୁ ପରିତ୍ୟାଗ କରିବା (ଗୀନ. ର.କ. ୨୧।୪-୫) ଆଦି ଉପମାନ ମାଧ୍ୟମରେ ଗୋପୀମାନେ କୃଷ୍ଣଙ୍କ ଅବିବେକତାକୁ ସ୍ମରଣ କରିଛନ୍ତି । ଆପଣାକୁ ମଧ୍ୟ ପରଖିବାରେ ସେମାନେ ତ୍ରୁଟି କରିନାହାନ୍ତି ('କରି ନାହୁଁ ତ ଆମ୍ଭେ କିଛି ଦୋଷ କାହିଁପାଇଁ କଲେ ଏଡ଼େ ନିର୍ଘଣ' ର.କ. ୨୧।୮) । ଶ୍ରୀକୃଷ୍ଣଙ୍କ ଏହି ଅବିବେକତାର କାରଣ ସେମାନେ ଅନୁସନ୍ଧାନ କରି-ଛନ୍ତି । ଏଥିପାଇଁ ସେମାନେ ପ୍ରଥମେ କଳାବର୍ଣ୍ଣକୁ ହିଁ ଦୋଷ ଦେଇଛନ୍ତି । ଉଦାହରଣ ପାଇଁ ସେମାନେ ମଧୁପାନ ପରେ ଫୁଲକୁ ପରିତ୍ୟାଗ କରୁଥିବା ଭ୍ରମର, କୁଆ ଦ୍ୱାରା ପ୍ରତିପାଳିତ ହୋଇ ପରେ ତା' ପାଖକୁ ନ ଆସୁଥିବା କୋଇଲି ଏବଂ କ୍ଷୀର ପାନକଲେ ମଧ୍ୟ ତାର ବିଷଗୁଣକୁ ଗ୍ରହଣ ପାରୁନଥିବା କଳାନାଗ (ର.କ. ୨୧।୯-୧୦) କୁ ଏକତ୍ରିତ କରିଛନ୍ତି । ପରବର୍ତ୍ତୀ ପର୍ଯ୍ୟାୟରେ ଗୋପୀମାନେ କୃଷ୍ଣଙ୍କର ଆଚରଣ ପାଇଁ ପଛଦିନକୁ ମନେପକେଇଛନ୍ତି ଏବଂ ତାଙ୍କର ଘାତକ ଗୁଣଟିକୁ ସିଦ୍ଧ କରିଛନ୍ତି । ଏଥିପାଇଁ ଶ୍ରୀକୃଷ୍ଣଙ୍କୁ ସେମାନେ ପୂତନାକେଶୀ ପ୍ରାଣଘେନା, ଗଛ ଉପୁଡ଼ା, କାଳୀଯଉଡ଼ା, ଅଘାସୁରଫୋଡ଼ା, ତୃଣା ଚଣ୍ଡିଚପା ଏବଂ ବକାରି ଆଦି ଶବ୍ଦରେ ତାକୁ ସମ୍ବୋଧନ କରିଛନ୍ତି । ଏ ସମସ୍ତ ଗାଳି ମଧ୍ୟରେ ଶ୍ରୀକୃଷ୍ଣଙ୍କ ମଙ୍ଗଳମୟ ରୂପଟି ବ୍ୟଙ୍ଗାତ୍ମକ ଭାବରେ ପ୍ରଥମ ଏବଂ ପ୍ରତ୍ୟକ୍ଷ ଭାବରେ ପରେ ସ୍ପଷ୍ଟ ହୋଇଯାଇଛି । ଶେଷବେଳକୁ ଆତ୍ମସମର୍ପଣ ଭଙ୍ଗୀରେ ସେମାନେ କହିବସିଛନ୍ତି ।

> "କେତେ କେତେ କଷ୍ଟରୁ ଉଦ୍ଧରିଲ/କଥାକେ ହେଁ ସବୁ ଟେକ ହରିଲ/
> କରିବର ମ୍ଳାନ କୃପଣଙ୍କ ଧନ ପ୍ରାୟେ ପ୍ରଶଂସା ବାରିଲ ହେ/ମୋହନ ।"
>
> (ଗୀନ. : ର.କ. : ୨୧।୨୦)

'ପ୍ରେମପଞ୍ଚାମୃତ'ର ଗୋପୀମାନେ ଶ୍ରୀକୃଷ୍ଣଙ୍କୁ ଯେଉଁ ଦୋଷ ଦେଇଛନ୍ତି, ତାହା ମଧ୍ୟ ଅତୀତ ଅନୁଭୂତିସିଦ୍ଧ । ପୂତନାବଧଠାରୁ ଆରମ୍ଭକରି ବସ୍ତ୍ରହରଣ ପର୍ଯ୍ୟନ୍ତ ଲୀଳାର ସ୍ମୃତିଚାରଣ ଭିତରେ ସେମାନେ କୃଷ୍ଣଙ୍କ ଅବିବେକପଣ 'ନିନ୍ଦିତ କର୍ମ'ର ଉଚ୍ଚାରଣ କରିବସିଛନ୍ତି । 'ଭୂପ. ପ୍ରେ.ପ. ୨।୧୪୩-୧୫୦) । ଅଭିମନ୍ୟୁଙ୍କ ଗୋପୀମାନେ ବିଶେଷ-କରି ରାଧା ଶ୍ରୀକୃଷ୍ଣଙ୍କର ଏ ହଟ ପଣରେ ଦୁଃଖିତା ହେଲେ ମଧ୍ୟ ତାଙ୍କପ୍ରତି କୌଣସି କ୍ରୋଧଭାବ ପ୍ରକାଶ ନକରି ଏପ୍ରକାର ଦୋଷ ଯେ ତାଙ୍କଦ୍ୱାରା ଆଚରିତ ହେବା ସ୍ପୃହଣୀୟ ନୁହେଁ, ଏଥିପାଇଁ ତାଙ୍କୁ ସମ୍ମାନର ସହ ସତର୍କ କରିଦେଉଛନ୍ତି ତାଙ୍କର ଅବର୍ତ୍ତମାନରେ,

Digitized by srujanika@gmail.com

"କର ବସୁର ଏ କଳାକର/କ-ର ଭୂଷଣ କଲେ ଶଙ୍କର/କରତାଉଅଛୁ
ଅନୁଗତ ଜନେ ପୁଣି ଏ କ ଘାତ ଶ୍ରେଷ୍ଠଙ୍କର ହେ ସୁନ୍ଦର ।" (ବ.ଚ. ୧୧୭)

ଶ୍ରୀକୃଷ୍ଣଙ୍କଠାରୁ ଦୃଷ୍ଟି ହଟାଇଆଣି ଗୋପୀମାନେ ପୁଣିଥରେ ଆପଣା ଆପଣାକୁ ଧିକ୍କାରଛନ୍ତି । ସେମାନଙ୍କ 'ନିର୍ମଳ ମନ'କୁ 'କାଳିଆକୁଣ୍ଡ' (ଶ୍ରୀକୃଷ୍ଣ ରେ ପକାଇବା-ମାନେ ତାହା କଳାବର୍ଣ୍ଣ ଧାରଣକଲା ଏବଂ ଇନ୍ଦ୍ରିୟମାନଙ୍କୁ କବଳିତକରି ସେମାନଙ୍କ ଦୁଃଖର କାରଣ ହେଲା ବୋଲି ଗୋପୀମାନଙ୍କର ଦୃଢ଼ ଧାରଣା ହୋଇଛି (ଭୂପ. ପ୍ରେ.ପ. ୬।୧୦୧-୧୦୪) । ଆପଣାର କୃତକର୍ମର ଉପମାନ ଭାବେ ସେମାନେ ପ୍ରତିବିମ୍ବକୁ ଲକ୍ଷ୍ୟକରି କୂପରେ ପଡ଼ିଥିବା ସିଂହ, ଗଗନ ଚନ୍ଦ୍ରକୁ କୁମ୍ଭସ୍ଥ ଜଳରେ ଧରିବାକୁ ଚେଷ୍ଟାକରୁଥିବା ବାତୁଳ ଏବଂ ମୃଗତୃଷ୍ଣାକୁ ଜଳମଣି ତୃଷାରେ ମୃତ୍ୟୁବରଣ କରିଥିବା ହରିଣ (ତତ୍ରୈବ-୬।୧୩୮-୧୪୧) ଆଦିକୁ ଗ୍ରହଣକରିଛନ୍ତି ଏବଂ ଦୋଷ ଦେଇଛନ୍ତି ଆପଣାର ଯୌବନକୁ । ଯଦି ସେମାନେ ଯୁବତୀ ପୁଣି ସୁନ୍ଦରୀ ନ ହୋଇଥାନ୍ତେ, ତେବେ ଶ୍ରୀକୃଷ୍ଣ ତାଙ୍କପ୍ରତି ଆକର୍ଷିତ ହୋଇ ନଥାନ୍ତେ । ସେମାନେ ବରଂ ବୁଢ଼ୀ ହୋଇଥିଲେ ଭଲହୋଇଥାନ୍ତା, କାରଣ ଚିହ୍ନାକରିବାକୁ ସେତେବେଳେ କୃଷ୍ଣ ଆଉ ଆଗ୍ରହୀ ହୋଇ ନଥାନ୍ତେ ଏ ଧାରଣା ମଧ୍ୟ ସେମାନଙ୍କ ମନ ମଧ୍ୟରେ ଆସିଛି (ତତ୍ରୈବ ୬।୫୭-୫୮) । ମାତ୍ର ଏ ଯୌବନ ଧନକୁ ଧାରଣକରିବା ପରେ ଯଦି ଶ୍ରୀକୃଷ୍ଣଙ୍କଦ୍ୱାରା ଏହା ଲୁଣ୍ଠିତ ହେଲନାହିଁ । ତେବେ ତାହା ଯେ ଏକାନ୍ତ ମୂଲ୍ୟହୀନ ଏହା ଗୋପୀମାନଙ୍କର ଧାରଣା ହୋଇଯାଇଛି । ଶ୍ରୀକୃଷ୍ଣଙ୍କର ସେମାନଙ୍କପ୍ରତି ଉପେକ୍ଷାଭାବ ପାଇଁ ସେମାନେ ଆପଣା ଯୌବନକୁ ନିରର୍ଥକ ମଣିଛନ୍ତି (ଦାନ. ର.କ. ୬୬।୧୭-୧୮) । ଏହି ସମସ୍ତ ଅନର୍ଥର ମୂଳରେ ଯେ କୁଳଛଡ଼ା ବଂଶୀଟି ଅଛି ଏକଥା ବେଳେବେଳେ ଯେ ସେମାନଙ୍କର ମନେପଡ଼ିଯାଇନାହିଁ ନୁହେଁ (ର.କ. ୬୧।୧୧) ମାତ୍ର ସେମାନେ ମୁଖ୍ୟତଃ ଆପଣା କର୍ମଫଳ ଉପରେ ହିଁ ଗୁରୁତ୍ୱ ଦେଇଛନ୍ତି ।

୬ : ୧ : ୭—ଦୋଷ ଦର୍ଶନ ପ୍ରୟାସ ପରବର୍ତ୍ତୀ ପର୍ଯ୍ୟାୟରେ ଅନ୍ୱେଷଣ ଉନ୍ମୁଖୀ ହୋଇ ପରେ ପରେ ବ୍ୟଙ୍ଗ ବିନୋଦରେ ସମାହିତ ହୋଇଯାଇଛି । ବିରହିଣୀ ଗୋପୀମାନେ ଆଉ କାହାକୁ ଦୋଷ ନ ଦେଇ ଉତ୍କଣ୍ଠିତଭାବେ କୃଷ୍ଣଙ୍କୁ ଖୋଜି-ବୁଲିଛନ୍ତି । ହରିଣୀର 'ନିର୍ମଳ ଲୋଚନ' ଦେଖି ସେ ଯେ କୃଷ୍ଣଙ୍କୁ ଦର୍ଶନକରିଛି ଏ ଧାରଣା ତାଙ୍କ ଭିତରେ ଦୃଢ଼ହୋଇଛି (ଭୂପ. ପ୍ରେ.ପ. ୮।୩୧୫-୩୧୭) । ମୟୂରକୁ ନୃତ୍ୟରତ ଅବସ୍ଥାରେ ଦେଖି ସେ ଯେ କୃଷ୍ଣ ରୂପକ ମେଘଙ୍କ ଦର୍ଶନ କରିଥିବ ଏହା ସେମାନଙ୍କର ବିଶ୍ୱାସ ହୋଇଛି (ତତ୍ରୈବ : ୮।୩୧୭-୩୨୧) । କେବଳ ପଶୁପକ୍ଷୀଙ୍କ ପ୍ରତି ନୁହେଁ ବୃକ୍ଷମାନଙ୍କ ପ୍ରତି ମଧ୍ୟ ସେମାନଙ୍କର ଆହ୍ୱାନର ଅନ୍ତ ନାହିଁ । କୃଷ୍ଣଙ୍କ କଥା ଜାଣିବାପାଇଁ ସେମାନେ କଦମ୍ବ, ତମାଳ, ଅଶୋକ, କରୁଣା, କେତକୀ, କୁନ୍ଦ, ପଦ୍ମ, ଗେଣ୍ଡୁ, କରମଙ୍ଗା ଏବଂ ଆମ୍ବକୁ ନିଜର ଦୁଃଖ ଜଣାଇବସିଛନ୍ତି । କଦମ୍ବଫୁଲର

Digitized by srujanika@gmail.com

ପ୍ରେମାହୃତ ବିକାଶ ଦେଖି ଗୋପୀମାନେ ଶ୍ରୀକୃଷ୍ଣଙ୍କ ଦର୍ଶନରେ ତାର ସାତ୍ତ୍ୱିକଭାବ ଦେଖାଦେଇଛି ବୋଲି ବିବେଚନା କରିବସିଛନ୍ତି (ଭୂପ.ପ୍ରେ ପ. ୮।୩୦୨-୩୦୪)। ସେହିପରି କେତକୀର ଧୂଳିଧୂସରିତ ରୂପ ଦେଖି ସେ ଶ୍ରୀକୃଷ୍ଣଙ୍କ ପାଦତଳେ ପଡ଼ିଥିବା ଭାବନା (ତତ୍ରୈବ: ୮।୩୦୫-୩୦୭) ଅଶୋକ ଓ କରୁଣାଗଛର ନାମକୁ ନେଇ ତା ସହ ବ୍ୟଙ୍ଗାତ୍ମକ ବିନୋଦଭାବ (ଦୀନ-ର.କ. ୨୦।୧୫-୧୭) ଓ କରମଙ୍ଗା ଗଛକୁ ଦେଖି କରମକୁ ସାକ୍ଷୀକରିବାର କର୍ମ (କେଶ. ଗୋ ବି. ୩୯।୪୪) ଭିତରେ ଗୋପୀମାନଙ୍କ କୃଷ୍ଣୈବ ପ୍ରାଣତା ସ୍ପଷ୍ଟହେବା ସଙ୍ଗେ ସଙ୍ଗେ ସେମାନଙ୍କ କୋଧ ହେଉଛି କ୍ରମେ ବ୍ୟଙ୍ଗ ମଧ୍ୟଦେଇ ବିନୋଦରେ ସମାହିତ ହୋଇଯାଇଛି । ଏପରି ଏକ ପ୍ରଶ୍ନରେ ପଦ୍ମ ପ୍ରଥମେ ଲଜେଇଯାଇଛି ଏବଂ ତା'ର ଏ ନୀରବ ବ୍ରୀଡ଼ାନତ ଅବସ୍ଥା ଗୋପୀମାନଙ୍କୁ ଯୁଗପତ୍ ମୁଗ୍ଧ ଓ ବିଷାଦିତ କରିଦେଇଛି । ଚଉତି ଭୂପତିଙ୍କ ଲେଖାରେ ଏଇପରି—

"ମୁଦ୍ରିତ ପଦ୍ମକୁ ଅନାଇଁ/ବୋଲନ୍ତି ଦେଖିଲୁ କହ୍ନାଇ/
ଭ୍ରମର କୋଳେ ଧରିଥିଲ/କୃଷ୍ଣଙ୍କୁ ଦେଖି ଲାଜକଲ ।"

(ପ୍ରେ ପ. ୮।୩୧୦-୩୧୧)

ଆକାଶରେ ଉଦୟ ହୋଇଥିବା ଚନ୍ଦ୍ର ପ୍ରତି ଗୋପୀଙ୍କର କୋଧଭାବର ମଧ୍ୟ ଅନ୍ତ ନାହିଁ । ଯେତେବେଳେ ଚନ୍ଦ୍ରକୁ ସେମାନେ ଶ୍ରୀକୃଷ୍ଣଙ୍କ ସମ୍ପର୍କରେ ପଚାରିଛନ୍ତି ମାତ୍ର ତାଠାରୁ କିଛି ଉତ୍ତର ପାଇନାହାନ୍ତି, ସେତେବେଳେ ଗୋପୀମାନଙ୍କ କୋଧ ବହୁଗୁଣିତ ହୋଇଛି । ଏ ଅବସ୍ଥାରେ ସେମାନେ ଚନ୍ଦ୍ରକୁ ଗାଳିଦେବାକୁ ପଛାଇଯାଇନାହାନ୍ତି । ପୁଣି ବିରହିଣୀ ଗୋପୀମାନଙ୍କର ଶରୀର ସେ ଶୀତକର ହୋଇ ମଧ୍ୟ ପୋଡ଼ିପକାଉଛି । ତାକୁ 'ନିଶିପ୍ରିୟା' ଭାବେ ସମ୍ବୋଧନକରି ଗୋପୀମାନେ ପ୍ରତିଶାକ ପ୍ରତିଶ୍ରୀ କରନ୍ତି ସୁଦସ୍ୱା' (ଦାଶ. ବ୍ର.ବି. ୧୦ମ ବୋଲି) ଏହି ସମ୍ବେଦନାର ଭାବଟି ତା'ଠାରୁ ଆଶାକରିଛନ୍ତି, ମାତ୍ର ବିପରୀତରେ ସେ ସେମାନଙ୍କୁ ଦୁଃଖ ଏବଂ ଯନ୍ତ୍ରଣା ଦେଉଛି । ଏହାର କାରଣ ନିରୂପଣରେ ସେମାନେ ଯେଉଁ ସମସ୍ତ ସିଦ୍ଧାନ୍ତରେ ଉପନୀତ ହୋଇଛନ୍ତି ସେ ସମସ୍ତ, ମୁଖ୍ୟତଃ ବ୍ୟଙ୍ଗାତ୍ମକ ସିଦ୍ଧାନ୍ତ । ପ୍ରଥମତଃ ଚନ୍ଦ୍ର ଏପରି କରିବାର କାରଣ ହେଉଛି ଗରଳର ଭାଇ । ସମୁଦ୍ରମନ୍ଥନରୁ ଗରଳ ଏବଂ ସେ ଉଭୟ ଜନ୍ମହୋଇଥିବାରୁ ଚନ୍ଦ୍ର ଗରଳର ଗୁଣକୁ ପରିହାର କରିପାରିନାହିଁ । ଦ୍ୱିତୀୟତଃ ଚନ୍ଦ୍ର କଳଙ୍କିତ । ତୃତୀୟତଃ ସେ 'ପଦ୍ମିନୀ' (ପଦ୍ମ ଓ ପଦ୍ମିନୀ ଜାତୀୟା ନାରୀ)କୁ ଦୁଃଖଦେଇ 'ବାରୁଣୀ' (ପଶ୍ଚିମ-ଦିଗ ଏବଂ ମଦ୍ୟ)କୁ ଗମନକରେ ଏବଂ 'ଦ୍ୱିଜରାଜ' ନାମରେ ନାମିତ ହୁଏ । ଚତୁର୍ଥତଃ ସେ 'ଓଷଧୀଶ' ହୋଇ ମଧ୍ୟ ବିରହ ବ୍ୟାଧି ନାଶକରିବାକୁ ସମର୍ଥ ହୁଏନା । ପଞ୍ଚମତଃ ସେମାନଙ୍କ କର୍ମବଳରୁ ବିଧାତା 'ଅମୃତକର' ରୁ 'ଅ' କାଟି ତାକୁ 'ମୃତକର' କରିଦେଇଛି । ଷଷ୍ଠତଃ କେଉଁ ଗୋପୀ ବ୍ୟଙ୍ଗକରି କହୁଛି ସେ 'ରୁକ୍ଷପତି' (ତାରାଙ୍କର

Digitized by srujanika@gmail.com

ପଡ଼) 'ଋକ୍ଷ' (ଅଗ୍ନି) ବର୍ଣ୍ଣିଛନ୍ତି ମାତ୍ର କପଟରେ 'ହିମ ଦଧିତ' ନାମ ଧାରଣ କରିଛନ୍ତି । ସପ୍ତମତଃ କେହି ଗୋପୀ ତାଙ୍କ ଚରିତ୍ର ପହାରକରି ତାଙ୍କୁ କାମବଶ ଏବଂ ଗୁରୁପତ୍ନୀ ଅପହାରକ ବୋଲି ଗାଳି ମଧ୍ୟ ଦେଇଛନ୍ତି । ଅଷ୍ଟମତଃ ତାର 'ଦୋଷାକର' ନାମକୁ ବିଶ୍ଳେଷଣ କରି ସେ ଯେ ସମସ୍ତ ଅବଗୁଣର ଖଣି ଏକଥା କବି ପ୍ରତିପନ୍ନ କରିଛନ୍ତି (ସ୍ୱାନ. ର.କ. ୨୨।୩୦-୩୮) । ଚନ୍ଦ୍ର ପ୍ରତି ଗୋପୀମାନଙ୍କର ବ୍ୟଙ୍ଗ ବିନୋଦ ଶେଷହୋଇଛି ଏବଂ ପରବର୍ତ୍ତୀ ପର୍ଯ୍ୟାୟରେ ଏହା କ୍ରୋଧର ରୂପ ନେଇଛି । ଚନ୍ଦ୍ରର ବିନାଶ ଚିନ୍ତାକରି ଏମାନେ ବିଭିନ୍ନ ସମ୍ଭାବନା ମନଭିତରକୁ ଆଣିଛନ୍ତି । ରାହୁ ପୂର୍ଣ୍ଣ ଥିଲେ ଅର୍ଥାତ୍ ଦ୍ୱିଖଣ୍ଡିତ ହୋଇନଥିଲେ ଚନ୍ଦ୍ର ବଞ୍ଚି ନଥାନ୍ତା'', ସମୁଦ୍ରରେ ଥିଲାବେଳେ ବାଡ଼ବାନଳ ଅଥବା କୁମ୍ଭୀର ଓ ମକର ଖାଇଯାଇଥିଲେ'' କିମ୍ବା ଅଗସ୍ତି ସମୁଦ୍ରପାନ,ସମୟରେ ଶୋଷିଦେଇଥିଲେ ଆଉ ଏ ଚନ୍ଦ୍ର ନଥାନ୍ତା । ''ରୁଦ୍ରଙ୍କ ମସ୍ତକରେ ଥିବାବେଳେ ତାଙ୍କ ବିଷଜ୍ୱାଳାରେ ଚନ୍ଦ୍ର ମୃତ୍ୟୁବରଣ କରିଥିଲେ ଭଲହୋଇଥାନ୍ତା ତତ୍ରୈବ ୨୨।୩୯-୪୪ ବୋଲି ସେମାନେ ପ୍ରକାଶକରିଛନ୍ତି । ମାତ୍ର ଅନ୍ୟଜଣେ ଗୋପୀ ଚନ୍ଦ୍ରକୁ ଦୋଷ ନଦେବା ପାଇଁ, କାରଣମାନ ଥୋଇଛି । କହୁଛି—

> ''କେ ବୋଲେ ଆମ୍ଭ ଗୋବିନ୍ଦ/କଲେ ଆମ୍ଭଠାରେ ଛଳ/
> କାହିଁକି ଏହାକୁ ନିନ୍ଦ/ ଏକଥା ମନ୍ଦ'' (ତତ୍ରୈବ ୨୨।୪୮)

ଚନ୍ଦ୍ରଙ୍କ ବ୍ୟତୀତ ଗୋପୀମାନେ କ୍ରମେ ପୁରୁଷଜାତିଙ୍କୁ ଦୋଷଦେଇବସିଛନ୍ତି । କେବଳ ଶ୍ରୀକୃଷ୍ଣ ନୁହନ୍ତି ସମଗ୍ର ପୁରୁଷଜାତି ଯେ ପ୍ରବଞ୍ଚକ ଏହା ସେମାନଙ୍କର ଧାରଣା ଆସିଛି । ସତିହାଣ୍ଡିରୁ ଗୋଟିଏ ଟିପିଲାପରି ଶିବଙ୍କର ଉଦାହରଣ ଦେଇ 'କେତେଟି ରଖିଅଛନ୍ତି' ବୋଲି ଆପଣା ଆପଣା ଭିତରେ ପ୍ରଶ୍ନ ପଚାରିପଚାରି ହୋଇଛନ୍ତି ଏବଂ ସିଦ୍ଧାନ୍ତରେ ଉପନୀତ ହୋଇଛନ୍ତି ଯେ କ୍ଷୀରସାଗର ପରି ପୁରୁଷଙ୍କ ହୃଦୟ ସ୍ଥିର ନୁହେଁ ଏବଂ ଜୁଆଖେଳର କଉଡ଼ିପରି ସେମାନଙ୍କ ସନ୍ତୋଷ ଅଥବା ବରଷ ଦାନ ମଧ୍ୟ ସ୍ଥିର ନୁହେ (ତତ୍ରୈବ. ୨୨।୧୧-୧୩) । କ୍ରମେ ଦୃଶ୍ୟମାନ ଜଗତରୁ କ୍ରୋଧ ଅପସାରିତହୋଇ ଶେଷରେ ଆସି ସେ ଅଦୃଶ୍ୟ ଦେବତାଟି ନିକଟରେ ପହଞ୍ଚିଛି, ଯେ ପ୍ରୀତିର ଈଶ୍ୱରଭାବରେ ଭାରତୀୟ ସାହିତ୍ୟରେ ପ୍ରତିଷ୍ଠିତ ହୋଇଛି । ସେହି ବିରହହୀନ କନ୍ଦର୍ପପ୍ରତି ଗୋପୀମାନଙ୍କର କ୍ରୋଧଭାବର ଅନ୍ତ ନାହିଁ । ତାଙ୍କ କ୍ରୋଧର ପ୍ରଥମ କାରଣ ହେଉଛି ସେମାନଙ୍କ ହୃଦୟରେ କୃଷ୍ଣଙ୍କପ୍ରତି ପ୍ରେମଭାବ ସୃଷ୍ଟି କଲାପରି କୃଷ୍ଣଙ୍କ ହୃଦୟରେ ଯଦି ସେମାନଙ୍କ ପ୍ରତି ପ୍ରେମଭାବ ସୃଷ୍ଟିକରନ୍ତା ତେବେ ଆଉ କୌଣସି ଅସୁବିଧା ନଥାନ୍ତା (ଦାଶ. ବ୍ର.ବି.-୧୦ମ ବୋଲି) ମାତ୍ର ତାହା ନ କରୁଥିବାରୁ ଗୋପୀମାନେ ତାର ବିନାଶ ଚିନ୍ତାକରିଛନ୍ତି । ଏକାକିନୀ କରି ଶ୍ରୀକୃଷ୍ଣ ଶୃଙ୍ଖଳପାଇଥିବା ଗୋପୀଟି ଏହି ଅବସରରେ ଚିନ୍ତାକରି କହେ ଯେ ଶିବଙ୍କ ଦ୍ୱାରା ଦଗ୍ଧ ହୋଇ ମଧ୍ୟ କାମର ପ୍ରଭାବ ପ୍ରଶମିତ ହୋଇପାରିନି (ଯାନ-ର.କ. ୨୧।୬) ମାତ୍ର ଗୋପୀପଂକ୍ତିଙ୍କର

Digitized by srujanika@gmail.com

ଚନ୍ଦ୍ରା ଟିକେ ଭିନ୍ନ ପ୍ରକାର । ସେମାନେ ବିଗ୍ରହକରନ୍ତି, ଶିବ କନ୍ଦର୍ପକୁ ମାରି ଭସ୍ମୀଭୂତ କଲେ । କାରଣ ବିଗ୍ରହସ୍ଥାନ ହେବାପରେ ସେ ଅଦୃଶ୍ୟରେ ହିଁ ବାଦ ସାଧିଲା । ସେହି ଦେହସ୍ଥାନ ଯନ୍ତ୍ରଣାବର୍ଷୀ ଦେବକୁ ଟିକିଏ ଗୋପୀମାନେ 'କଲେବରପୋଡ଼ା' ଓ 'ମହୀଧରପୋଡ଼ା' ସମ୍ବୋଧନ କରିବସିଛନ୍ତି । ତାର ସମସ୍ତ ଅସ୍ତ୍ରଶସ୍ତ୍ର ଏବଂ ଏମାନଂକର ସୃଷ୍ଟିକର୍ତ୍ତା ବ୍ରହ୍ମାଙ୍କ ସୃଜପଣକୁ ନିନ୍ଦାକରିବାକୁଯାଇ ଗୋପୀଟିଏ ଏହି ସାମଗ୍ରିକତାକୁ ବ୍ୟଙ୍ଗ କରିବସିଛି,

> "କେ ଉନ୍‌ମାଦକ କେ ଖେଦଦାୟକ କେ ଦାହକ କେହି ଶୋଷଣ/କେ ଉଦ୍ଦୀପନ କରଣେ ନିପୁଣ/କୁସୁମ ହେଲେ ହେଁ ଏ ପଞ୍ଚବାଣେ ହେ ଯେଉନ୍ତି ପଞ୍ଚ ସଗୁଣ ଗୋ/ସଜନି/କାହିଁ ଧରିଥାଇ ସଖି ଏମାନ/କରିନୋହଇ ମନେ ଅନୁମାନ/ନିସ୍ପୃହିକି ପଣ ଜଗତେ ଭୂଷଣ କରାଇ ଗୃହିବଦନ ଗୋ ।" ଭଟ୍ଟୈବ. ୬୧।୬୮) ।

ମୁରଲୀପ୍ରତି ଗୋପୀମାନଂକର ମଧ୍ୟ କ୍ରୋଧଭାବ କମ୍ ନାହିଁ । ମୁରଲୀର ଅଦୃଶ୍ୟ ସ୍ୱର ହିଁ ସେମାନଂକ ଦୁଃଖର ଯେ ଅନ୍ୟତମ କାରଣ ଏହା ବିଗ୍ରହ କରିସାରିଲାପରେ ଗୋପୀମାନେ ତାହାକୁ ଆପଣାର 'ସପତ୍ନୀ' ବୋଲି ବିଗ୍ରହିଛନ୍ତି । କୃଷ୍ଣଙ୍କ ଅଧରର ସମସ୍ତ ମଧୁ ଏକା ଏକା ପାନକରି 'ଅତି ହିଁ ମତ୍ତେ ଗରଜୁଥିବା' ଏହି ମୁରଲୀ ସେମାନଙ୍କୁ ଆପଣା ଆପଣା ଭାଗ (କୃଷ୍ଣଙ୍କ ଅଧରାମୃତ) ନେବାକୁ ଆହ୍ୱାନ କରିଛନ୍ତି ଏବଂ ବନ୍ଧୁ ଭାଗୀଦାର ଆସିଥିବାର ଜାଣି ଏକାକିନୀ ରସ ଭୋଗପାଇଁ କୃଷ୍ଣଙ୍କୁ ନେଇ ଶେଷରେ ଅନ୍ତର୍ହିତ ହୋଇଯାଇଛି । ଏହି ପରିବେଶରେ ଗୋପୀମାନଂକର ମୁରଲୀପ୍ରତି ଯେଉଁ କ୍ରୋଧ ହୋଇଛି, ତାକୁ ସେମାନେ ପ୍ରଥମେ ଯଦ୍ୟପି ଫେଡ଼ି ନ କହିବୁ ବଚନେ' ବୋଲି କହିଛନ୍ତି, ପରେ କିନ୍ତୁ ପ୍ରକାଶକରିଦେଇଛନ୍ତି । "ସେମାନେ ପ୍ରଥମେ ବାଉଁଶବଣ ପୋଡ଼ିଦେବେ । ମୁରଲୀ ବାଧହୋଇ ଶ୍ରୀକୃଷ୍ଣଙ୍କ 'କାଚ୍ଛଞ୍ଚଳ' ରେ ଲୁଚିବ । ମାତ୍ର ସେଠି ମଧ୍ୟ ତାର ନିସ୍ତାର ନଥିବ । ଶ୍ରୀକୃଷ୍ଣ ସେମାନଙ୍କର ଆସ୍ତୁତିକୁ ଆସିଲାପରେ 'ବିପତ୍ନୀତ' ସମୟରେ ବଂଶୀକୁ କାଚ୍ଛଞ୍ଚଳରୁ ବାହାରକରି ନଦୀଧାରରେ ପକାଇଦେବେ ଏବଂ ନଦୀରେ ଭାସି ଭାସି ଯାଇ ସମୁଦ୍ରରେ ପଡ଼ିବ । ସମୁଦ୍ରରେ ଲକ୍ଷ୍ମୀଙ୍କ ହାତରେ ପଡ଼ିଲେ ଲକ୍ଷ୍ମୀ ତାଙ୍କ ଦୁଃଖକଥା ସୁରିଣକରି ମୁରଲୀର 'ବାଇପଣ' ଛଡ଼ାଇଦେବେ (ଭୂପ. ପ୍ରେ.ପ. ୬୧୯:୧-୧୩୫)" । ଏକ ଦୀର୍ଘ ତଥା ଜଟିଳ କଳ୍ପନାରେ ଓଡ଼ିଆ କୃଷ୍ଣ କାବ୍ୟକାରମାନେ ଗୋପୀମାନଙ୍କର ଅଦୂର ପ୍ରବାସଜନିତ ବିପ୍ରଲମ୍ଭରେ ମୁରଲୀପ୍ରତି ବ୍ୟଙ୍ଗାତ୍ମକ କ୍ରୋଧଭାବକୁ ସ୍ପଷ୍ଟକରିଦେଇଛନ୍ତି ।

୬ : ୯ : ୭—ଓଡ଼ିଆ କୃଷ୍ଣକାବ୍ୟମାନଙ୍କରେ ବିପ୍ରଲମ୍ଭକାଳୀନ ବିରହର ଚନ୍ଦ୍ର ମଧ୍ୟ ଅତ୍ୟନ୍ତ ଆକର୍ଷଣୀୟ । ଏହି ଚନ୍ଦ୍ର ପ୍ରଦାନରେ ପ୍ରାୟ ଅଧିକାଂଶ କୃଷ୍ଣ କାବ୍ୟକାରଗଣ ଗୋଟିଏ ଚନ୍ଦ୍ରାକୁ ଭିନ୍ନ ଭିନ୍ନ ମାର୍ଗରେ ପ୍ରକାଶକରିଛନ୍ତି । ଏ ବିରହ ଚନ୍ଦ୍ର ଦେଲାବେଳେ ପ୍ରଥମେ ସେମାନେ ଗୋପୀମାନଙ୍କର କୃଷ୍ଣୈକପ୍ରାଣତାର କଥା

Digitized by srujanika@gmail.com

କହିଛନ୍ତି । ପ୍ରତ୍ୟେକ ସ୍ଥାନରେ ଗୋପୀମାନେ କୃଷ୍ଣଙ୍କୁ ହିଁ ଅନୁଭବ କରିଛନ୍ତି । ଜଳରେ ଫୁଟିଥିବା ପଦ୍ମକୁ ଦେଖି ଗୋପୀମାନେ ଶ୍ରୀକୃଷ୍ଣ ଜଳ ଭିତରେ ଲୁଚିରହି କେବଳ ମୁଖମାତ୍ର ଦେଖାଉଛନ୍ତି ବୋଲି ଅନୁମାନକରିଛନ୍ତି । ଆଉ କେଉଁ ଗୋପୀର ଅଞ୍ଚଳ କଣ୍ଟାରେ ଲାଗିଯିବାରୁ ସେ ଶ୍ରୀକୃଷ୍ଣ ତାର ପଣତ ଧରିଛନ୍ତି ବୋଲି ଅନୁମାନକରିଛି ଏବଂ 'ଯା ଯା ହରି ଯାହା ସଙ୍ଗେ ଲମ୍ପଟି' କହି ଶ୍ରୀକୃଷ୍ଣଙ୍କୁ ମୋହଗ୍ରସ୍ତ ହୋଇ ପ୍ରତ୍ୟାଖ୍ୟାନ-କରିଛି ଦାଶ. ବ୍ର.ବ. ୧୦ମ ବୋଲି) । ବିରହର ଚରମୋତ୍କର୍ଷତ ସ୍ଥିତ ହେଉଛି ଗୋପୀମାନଙ୍କର କୃଷ୍ଣ ବେଶ ଏବଂ ଲୀଳାଧାରଣ । ବିରହ ବିହ୍ୱଳତାର ଏହା ଏକ ଉନ୍ମାଦକ ଅବସ୍ଥା । ଏ ଅବସ୍ଥାରେ ଗୋପୀମାନେ ମୁଖ୍ୟତଃ ଶ୍ରୀକୃଷ୍ଣଙ୍କ ରୂପ ଓ ଲୀଳା ଉଭୟକୁ ଅନୁକରଣ କରିଛନ୍ତି । ଅନୁରାଗ କଳ୍ପଲତା, ଶ୍ୟାମ ରାସୋତ୍ସବ ଏବଂ ପ୍ରେମପଞ୍ଚାମୃତ ପ୍ରଭୃତି କାବ୍ୟରେ ଏହାର ଚିତ୍ର ଅତ୍ୟନ୍ତ ହୃଦୟସ୍ପର୍ଶୀ । ଅରଣ୍ୟର କୃଷ୍ଣସାର ଏବଂ ଆକାଶର କଳାବନ୍ତ କଳାକରଙ୍କୁ ଏମାନେ କେବଳ କୃଷ୍ଣ ବୋଲି ମଣିନାହାନ୍ତି କୃଷ୍ଣଙ୍କ ରୂପ ଓ ଗୁଣକୁ ଏମାନେ ଅନୁକରଣ କରିବସିଛନ୍ତି । କେଉଁ ଗୋପୀ ଶିରରେ ମୟୂରଚନ୍ଦ୍ର କାଟିଏ ଖୋସି ଶ୍ରୀକୃଷ୍ଣ ହୋଇଯାଇଛି, ଆଉ କେହି ଆପଣାର 'ପଦ୍ମମୁଖ' ଓ 'ଶ୍ୟାମସୁନ୍ଦର ତନୁ' ପ୍ରଦର୍ଶନ କରିଛି, ଆଉ କେହି ତ୍ରିଭଙ୍ଗ ଛନ୍ଦରେ ଠିଆହୋଇ ପଦ୍ମନାଭ କମ୍ପା ଡାଳଟିକୁ ମୁରଲି କରି ଆପଣାକୁ 'ପୀତବାସ' ବୋଲି ଘୋଷଣାକରିଛି । କେହି ବା ସୁପକ୍ୱ ଟଭ ଅଥବା ଅନ୍ୟ ଗୋପୀର ସ୍ତନକୁ ମୁଖରେ ରଖି ଆପଣାକୁ 'ପୂତନାମାରକ' ବୋଲି ଘୋଷଣାକରିଛି । ଆଉ କେହି କଆଫୁଲ, ଅଞ୍ଚଳ, ଲତା ଅଥବା ବକ ପୁଷ୍ପଗୁଚ୍ଛକୁ ବେକନଫାଳ କରି ଚିରି 'ବକାରି' ବୋଲି ଆପଣାକୁ ସାବ୍ୟସ୍ତ କରିଛି । ସେହିପରି କେହି 'ରମ୍ଭାଓଧ'କୁ ଭାଙ୍ଗି ଶ୍ରୀକୃଷ୍ଣଙ୍କ ଯାମଳାର୍ଜ୍ଜୁନ ଭଞ୍ଜନଲୀଳା, ପରିସ, ଉପରିଣବାସ, ଉର୍ଦ୍ଧ୍ୱ ସ୍ଥିତ ଲତା ଅଥବା ଜଳମଧ୍ୟସ୍ଥ କୌଣସି ଗୋପୀର ବକ୍ଷୋଜକୁ ଉପରକୁ ଉଠାଇ ଶ୍ରୀକୃଷ୍ଣଙ୍କ ଗୋବର୍ଦ୍ଧନଧାରଣ ଲୀଳା, ଗୋପୀଙ୍କ ସ୍ରସ୍ଥା ଚୂଳ ହୋଇଥିବା ସ୍ଥାନ ଅତ୍ୟନ୍ତ ଉଚ୍ଚଭୂମି, ଅନ୍ୟ ନାରୀର ବେଣୀକୁ ଧରି ଅଥବା 'ଶିଶୁଲତା' ଉପରେ ଉଠି ନୃତ୍ୟକରୁଥିବା ଭଙ୍ଗୀରେ ଶ୍ରୀକୃଷ୍ଣଙ୍କ କାଳୀୟଦଳନ ଲୀଳା ଆଦି ପ୍ରକାଶକରିଛନ୍ତି । ଗୋପୀମାନଙ୍କର ଏହି ବିରହ ବିହ୍ୱଳିତ ଭାବକୁ ଓଡ଼ିଆ କୃଷ୍ଣକାବ୍ୟକାରଗଣ ସେମାନଙ୍କ ସାରୂପ୍ୟ ମୁକ୍ତିପ୍ରାପ୍ତି ବୋଲି ସ୍ଥାନେ ସ୍ଥାନେ ସ୍ୱୀକାର କରିଛନ୍ତି ।

> "ଏ ରୂପେ କୃଷ୍ଣ ଭାବେ ଭୋଳ/ଗୋପୀଏ ବିରହ ବାଉଳ/ସହଜେ ସାଲୋକ୍ୟ ସାମୀପ୍ୟ/ବିରହେ ହୋଇଲେ ସାରୂପ୍ୟ ।"
>
> (ଭୂପ. ପ୍ରେ.ପ. ୮।୩୬।୮-୩୬୯)

ଅଥବା ଅନ୍ୟ କେହି ଏହାକୁ ବିରହ ବିହ୍ୱଳିତ 'ବାଲ୍ମତମତ' ଭାବରେ ମଧ୍ୟ ଗ୍ରହଣ କରିଛନ୍ତି (ଦାଶ. ବ୍ର. ବ. ୧୦ ବୋଲି) । ଏହି ସାତ୍ତ୍ୱିକ ମାନସିକତାର ଅନୁରୂପ ଅବସ୍ଥା,

Digitized by srujanika@gmail.com

ଯେତେବେଳେ ଆପଣାର ପ୍ରିୟତମଙ୍କ ସହ ଗୋପୀମାନେ ତଦାତ୍ମ ହୋଇଯାଇଛନ୍ତି । କୃଷ୍ଣଙ୍କ ଅନ୍ୱେଷଣ କରିବାର ପ୍ରାଥମିକ ଅବସ୍ଥାରେ ଗୋପୀମାନଙ୍କ ଭିତରେ ଯେଉଁ ସାତ୍ତ୍ୱିକ ବିକାରର ଉଦୟ ହୋଇଥିଲା (ମ. ର. କ. ୨୧।୮) ତାହା ଏହି ପର୍ଯ୍ୟାୟରେ ପୂର୍ଣ୍ଣତା ଲଭିଛି ଏବଂ ସ୍ତମ୍ଭ, ସ୍ୱେଦ, ରୋମାଞ୍ଚ, ସ୍ୱରଭଙ୍ଗ, ବେପଥୁ, ବୈବର୍ଣ୍ଣ ଓ ଅଶ୍ରୁ ପରି ସପ୍ତବିକାର ଦ୍ୱାରା ଅଭିଭୂତ ହୋଇ ଅଷ୍ଟମଭାବ ଅର୍ଥାତ୍ ପ୍ରଳୟ ପ୍ରତି ଧାବମାନ ହୋଇଛି (ତତ୍ରୈବ ୨୨।୨୩-୨୭) । ଏହି 'ବିରହ ବ୍ୟାଧି' ର ପ୍ରଶମନପାଇଁ ଉପଯୁକ୍ତ ବୈଦ୍ୟର ସନ୍ଧାନ ଯେ କୃଷ୍ଣକାବ୍ୟକାରଗଣ କରିନାହାନ୍ତି ତାହା ନୁହେଁ,'ବେଣୁଧର' ଯେ ଏହି ବିଶେଷ ବ୍ୟାଧିର ଏକମାତ୍ର ବୈଦ୍ୟ ତାହା ସେମାନେ ସ୍ପଷ୍ଟ ପ୍ରକାଶ ମଧ୍ୟ କରିଛନ୍ତି (ଭୂପ. ପ୍ରେ ପ. ୭।୩୩ । ବିରହର ଏହି ବିଶେଷ ସ୍ତରରେ ଗୋପୀମାନଙ୍କ ହୃଦୟରେ ଏକ ଶୈଶବୋଚିତ ଭାବନା ମଧ୍ୟ ଉର୍ଙ୍କି ମାରିଛି । ତାହା ହେଉଛି ଶ୍ରୀକୃଷ୍ଣଙ୍କର ତାଙ୍କୁ ଖାଇଯିବାର ଡର । ପିଲାଦିନେ ଦୁଧସର, ଲହୁଣୀ, ମାଟି ଏବଂ ଅଗ୍ନିକୁ ଖାଇ ତଥାପି ସନ୍ତୁଷ୍ଟ ହୋଇନଥିବା ଶ୍ରୀକୃଷ୍ଣ ଯେ ଶେଷରେ ତାଙ୍କୁ ଖାଇ ପୂର୍ଣ୍ଣକାମ ହୋଇଥାନ୍ତେ ଏ ଭାବନା ସେମାନଙ୍କ ମନକୁ ଆସିଛି । ଆଉ କେହି କହୁଛି ଯେ ଏକ ଉତ୍ତମ ଭୋଜନ-ପାଇଁ ସେ ଲହୁଣୀ ଆଣିବାକୁ ଯାଇଛନ୍ତି । ଏଭଳି ଏକ ଭୟତ୍ରସ୍ତ ଅବସ୍ଥାରେ ଆଉ ଜଣେ ଗୋପୀ କହୁଛି, ଶ୍ରୀକୃଷ୍ଣ ସମସ୍ତଙ୍କୁ ଏକାବେଳକେ ଖାଆନ୍ତୁ । କେହି କାହା ବିକଳ ଦେଖିବାକୁ ଅବଶେଷ ନ ରହନ୍ତୁ । ଏଠାରେ କୌଣସି ତାତ୍ତ୍ୱିକ ମୀମାଂସା ନାହିଁ, କେବଳ ସରଳ ମନର ନିର୍ଭେଳ ଭୟଭାବନା ହିଁ ପ୍ରକାଶିତ ହୋଇଛି (ଭୂପ, ପ୍ରେ.ପ. ୨।୨୧୭-୨୨୪) ।

୨ : ୧ : ୮ ବିପ୍ରଲମ୍ଭର ଏହି ବିଚ୍ଛେଦଶଂସୀ ଅମାରାତ୍ରିର ଅବସାନ ଘଟିଛି ଶ୍ରୀକୃଷ୍ଣଙ୍କ ଆଗମନ ପରେ । ମାତ୍ର ଏହି ଆଗମନ ଗୋପୀମାନଙ୍କର ବିରହ ବିହ୍ୱଳିତ ପାଗଳାମିଦ୍ୱାରା ହୋଇନାହିଁ । ହୋଇଛି ଏକ ସର୍ବସ୍ୱ ସମର୍ପିତ ଆହ୍ୱାନ ଦ୍ୱାରା । ଗୋପୀ-ମାନେ ଯେତେବେଳେ ନିରୁପାୟ ଏବଂ ଏକାନ୍ତ ନିଃସହାୟ ହୋଇଯାଇଛନ୍ତି, ସେମାନଙ୍କ ସମସ୍ତ ଗର୍ବ, ଦମ୍ଭ, କ୍ରୋଧ ଏବଂ ଅଭିମାନ ଯେତେବେଳେ ନିଃଶେଷିତ ହୋଇଯାଇଛି, ସେତେବେଳେ ସେମାନେ ନିଷ୍କଳ ହୃଦୟରେ ଶ୍ରୀକୃଷ୍ଣଙ୍କୁ ଆହ୍ୱାନ କରିଛନ୍ତି । ସେମାନଙ୍କର ଧାରଣା ଦୃଢ଼ ହୋଇଯାଇଛି ଯେ ଶ୍ରୀକୃଷ୍ଣ ଅଖିଳଜନଙ୍କ ଦ୍ୱାରା ବନ୍ଦନୀୟ । ସେ କେବେହେଲେ କୌଣସି ବନ୍ଧନରେ ଆବଦ୍ଧ ନ ହେଲେ ମଧ୍ୟ କେବଳ ପ୍ରେମ ରଜ୍ଜୁ ଦ୍ୱାରା ହିଁ ବନ୍ଧନ ହୋଇପାରନ୍ତି । ପୃଥିବୀର ଭାର ହରଣପାଇଁ ତାଙ୍କର ଏହି ଭୁବନମଙ୍ଗଳ ଅବତାର ହିଁ ସମ୍ଭବ ହୋଇଛି । ତାଙ୍କର ଅମୃତୋପମ ପବିତ୍ର କଥାମୃତ ହିଁ ପ୍ରତ୍ୟେକ ତାପିତ ହୃଦୟର ଶୀତଳ ହରିଚନ୍ଦନ ତୁଲ୍ୟ । ତେଣୁ ଗୋପୀମାନେ ସେହି ଭୁବନମଙ୍ଗଳ ପୁରୁଷଙ୍କୁ ପୁଣିଥରେ ତାଙ୍କ ଗହଣରେ ଆବିର୍ଭୂତ ହେବାକୁ ବ୍ୟାକୁଳ

Digitized by srujanika@gmail.com

ଅନୁରୋଧ ନାହିଁଛନ୍ତି । ସେମାନେ ଯେ ବ୍ରହ୍ମା ଅଥବା ଶିବ ବାଞ୍ଛିତ ବ୍ରହ୍ମଙ୍କୁ ଖୋଜୁ-ନାହାନ୍ତି, ବୃନ୍ଦାବନରେ ଧେନୁରକ୍ଷକ ଶ୍ରୀକୃଷ୍ଣଙ୍କୁ ଖୋଜୁଛନ୍ତି ଏହା ପ୍ରଥମେ ସ୍ପଷ୍ଟ କରିଦେଲାପରେ 'ବ୍ରଜ. ଶ୍ୟା.ସ ୭୮) ପୂର୍ଣ୍ଣ ଶରଣାଗତ ହୋଇ ତାଙ୍କ କୃପାକଣିକା ଆଶାକରି ବସିଛନ୍ତି,

"ଶ୍ୟାମ ଚନ୍ଦ୍ର/ଶତ ଶତ କଲେ ପୁଣି ଦୋଷ/
ଶିଶୁକୁ କି କରେ ଜନନୀ ନିରାଶ ହେ" (ତତ୍ରୈବ. ୭୯)

ଏକ ମାଦକତ ଅବସ୍ଥାରେ କୃଷ୍ଣ ଆସିଛନ୍ତି ଗୋପୀମଣ୍ଡଳୀ ମଧ୍ୟକୁ ସେ ଆସିବାପରେ ଗୋପୀମାନେ ଆନନ୍ଦିତ ହୋଇଯାଇଛନ୍ତି । ତାଙ୍କ ଅନ୍ତର୍ଦ୍ଧାନର କାରଣ—ପ୍ରଥମେ ବାଟବଣା ହେବା ବୋଲି କହିଲେ ମଧ୍ୟ (ଜ. ର କ. ୨୨।୧୫) ପରେ ପ୍ରକୃତ କଥା ପ୍ରକାଶକରିଛନ୍ତି । ତାହା ହେଉଛି କରୁଣରସକୁ ଆସ୍ୱାଦନ କରିବାର ଇଚ୍ଛା (ଭୂପ. ପ୍ରେ.ପ. ୯୧୭) ଏବଂ ଗୋପୀମାନଙ୍କର ବିଚ୍ଛେଦକାଳରେ ତାଙ୍କପ୍ରତି ଥିବା ସ୍ନେହଭାବର ପରୀକ୍ଷା ।

("ପ୍ରତ୍ୟକ୍ଷେ ନାମ ତାରେ ବଇରାଗ/ବିଚ୍ଛେଦେ ଜାଣିବା କି ଅନୁରାଗ/
ଏଥିପାଇଁ ସଖୀ ଅନ୍ତର ହେଲୁ/ଯେଉଁଣେ ଯାଅ ତେଣେ ଗୋଡ଼ାଇଥିଲୁ ।"
(ଦୀଣ. ବୃ. ବି. ୧୦ମ ବୋଲି)

ଶ୍ରୀକୃଷ୍ଣଙ୍କ ଅନ୍ତର୍ଦ୍ଧାନ ହେବାର ମୁଖ୍ୟ କାରଣ ଥିଲା ଗୋପୀମାନଙ୍କ ହୃଦୟରୁ ଗର୍ବଭାବର ଦୂରୀକରଣ । ଆପଣାକୁ କୃଷ୍ଣବଲ୍ଲଭ ବୋଲି ଗର୍ବ କରୁଥିବା ଏହି ଗୋପୀମାନଙ୍କ ହୃଦୟରେ ନିଷ୍କଳୁଷ ପ୍ରୀତିଭାବ ସୃଷ୍ଟି କରିବାପାଇଁ ଶ୍ରୀକୃଷ୍ଣ ଏହି ବିରହ ନାଟକର ସୃଷ୍ଟି କରିଥିଲେ । ଅବଶ୍ୟ ଏକଥା ସତ ଯେ ଉଦ୍ଦେଶ୍ୟ ପ୍ରଣୋଦିତ ହେଲେ ବିରହର ଶୁଦ୍ଧତା ନଷ୍ଟ ହୋଇଯାଏ । ଶ୍ରୀକୃଷ୍ଣ ପ୍ରଥମେ ତେଣୁ ବିରହର ପ୍ରକୃତ ଉଦ୍ଦେଶ୍ୟ କହିସାରିବା (କରୁଣରସ ଆସ୍ୱାଦନ ପରେ ତାହାକୁ ଘନୀଭୂତ କରିବାପାଇଁ ରାତିରେ ଗୋପୀମାନଙ୍କପାଇଁ ଫୁଲ ତୋଳିବାକୁ ଯିବା ଏବଂ ବାଟରେ ଭରମାଡ଼ିବାରୁ ଏକ ବିଶେଷ ଗୋପୀ 'ବୃନ୍ଦା)ଙ୍କୁ ସାଙ୍ଗରେ ନେବା ଘଟଣାର ଉଲ୍ଲେଖ କରିଛନ୍ତି (ଭୂପ. ପ୍ରେ.ପ. ୯୮୭-୧୦୦) । ଶ୍ରୀମଦ୍ ଭାଗବତର ଏହି ଯୋଦ୍ଦେଶ୍ୟ ବିରହକୁ ଓଡ଼ିଆ କୃଷ୍ଣକାବ୍ୟକାରମାନେ ସାମାନ୍ୟ ପରିବର୍ତ୍ତିତକରି ବିରହର ଏକ ତୀବ୍ର, ମାର୍ମିକ ଏବଂ ଉଚ୍ଚାଙ୍ଗ ରୂପ ଦେବାକୁ ପ୍ରୟାସ କରିଛନ୍ତି ।

୨ : ୨ : ୧ ଓଡ଼ିଆ କୃଷ୍ଣକାବ୍ୟରେ ଅଦୂର ପ୍ରବାସଜନିତ ବିପ୍ରଲମ୍ଭର ଅନ୍ୟ କେତେକ ସ୍ଥିତି ମଧ୍ୟ ଲକ୍ଷ୍ୟକରାଯାଏ । ଏଠାରେ ନାୟିକା ସମସ୍ତ ଗୋପୀପଂକ୍ତି ନ ହୋଇ ରାଧା ହୋଇଛନ୍ତି ଏବଂ ସେ ଶ୍ରୀକୃଷ୍ଣଙ୍କର ଆସିବାର ବିଳମ୍ବ, ଅନ୍ୟ ନାରୀସହ ମିଳନ ସମ୍ବାଦ ଶ୍ରବଣ ବା ଅନ୍ୟ କୌଣସି କାରଣରୁ ଅଭିମାନିନୀମାନେ ବିରହ

Digitized by srujanika@gmail.com

ଯନ୍ତ୍ରଣାରେ ଉତ୍ପୀଡ଼ିତା ହୋଇଛନ୍ତି । ବିରହ ରାଧାଙ୍କର କୃଷ୍ଣା ଶକ୍ତିକୁ ହିଁ ତୀବ୍ର କରିଛି । ମାତ୍ର ଦୁର୍ଜ୍ଞୟମାନର ସ୍ଥିତି ହିଁ ରାଧାଙ୍କ ଶରୀରକୁ କୃଶ ଶୀର୍ଣ୍ଣ କରିଛି । ଏଥିରେ କାମର ଦଶଗୋଟି ଦଶା ପର୍ଯ୍ୟାୟକ୍ରମେ ଅଭିନୀତ ହୋଇଛି । ପ୍ରଥମେ ଶ୍ରୀକୃଷ୍ଣଙ୍କ ଚିନ୍ତାରେ ରାଧାଙ୍କ ହୃଦୟରେ କାମର ପ୍ରଥମ ଦଶା ଅଭିଳାଷ ଜନ୍ମନେଇଛି । ପରେ 'ଶ୍ରୀକୃଷ୍ଣଙ୍କୁ ସେ ପାଇବେ ତ ?' ଏହି ଚିନ୍ତାରେ ଅହରହ ସେ ବିହ୍ୱଳନୀ ହୋଇଛନ୍ତି । 'ଅପ୍ରାପତ କଥା' ପ୍ରାଣଡ଼ଇ ପୁନଃ କରିବନୋ ଅଙ୍ଗ' (ଶ୍ୟାମ୦ ଅ.କ.ଲ. ୪।୨।୪୭) ଚିନ୍ତା ହିଁ ତାଙ୍କୁ ଅତ୍ୟନ୍ତ ମାନସିକ ସଂକଟରେ ପକାଇଛି । ତୃତୀୟ ଅତୀତରେ ଶ୍ରୀକୃଷ୍ଣଙ୍କ ସହ ବିତାଇଥିବା ଅନେକ ମିଳନ ମଧୁର ମୁହୂର୍ତ୍ତର ସ୍ମୃତି ତାଙ୍କ ହୃଦୟ ମଧ୍ୟରେ କ୍ରମେ ତୀବ୍ର ହୋଇଛି । ଚତୁର୍ଥ ସଖୀମାନଙ୍କ ନିକଟରେ ବା ଅନ୍ୟକୌଣସି ଇତର ପ୍ରାଣୀ ଅଥବା ଜୀବସ୍ତାନ ବସ୍ତୁମାନଙ୍କ ନିକଟରେ ସେ କୃଷ୍ଣଙ୍କ ଗୁଣ କୀର୍ତ୍ତନ କରିଛନ୍ତି । ପଞ୍ଚମ ଶ୍ରୀକୃଷ୍ଣଙ୍କ ସହ ମିଳନ ପାଇଁ ମନରେ ଏକାଗ୍ରତା ପ୍ରକାଶ କରିଛନ୍ତି । ଷଷ୍ଠ ପର୍ଣ୍ଣ ବାଚକ ବିଚଳନ ପ୍ରକାଶ ପାଇଛି । ଏହାର ପରବର୍ତ୍ତୀ ଲୋତକଭରା ମୁହଁରେ ତାଙ୍କର ଦେଖାଦେଇଛି କମ୍ପନ । ବସୁଧାରେ ସତେଯେପରି କ'ଣ ସେ ଅବିରତ ଲେଖି-ଚାଲିଛନ୍ତି । ଦୁଃଖରେ ଅଭିଭୂତ ହୋଇଛନ୍ତି । ଦେହରେ ପର୍ଣ୍ଣହୁଏ ଉତ୍ତାପ । ସେ—

> "ଅନଙ୍ଗ ଜର ବ୍ୟାଧିରେ ଆଧିଜାତ ତନୁ ଅତି କ୍ଷୀଣ/ଆଭରଣ ତେଜି
> ଭାର ମଣେ ଏବେ କୁଚ ଭୂଧାରଣ/ଅତନୁ ଅନଳ ପ୍ରଜ୍ୱଳିତକରେ
> ଶ୍ୱାସ ସମୀରଣ/ଅଙ୍ଗେ ସ୍ଫୋଟକ ଜାତକଲେ ଲେପିଲେ ଚନ୍ଦନ
> ମସୃଣ ।" (ଶ୍ୟାମ. ଅ.କ.ଲ. ୪।୭।୧୫)

ତାଂକୁ ଜଡ଼ତା ଘାରିଛି । ବିରହିଣୀ ରାଧା ନୀଳାଭ ଶଯ୍ୟାରେ ସ୍ୱର୍ଣ୍ଣରେଖାଟିଏ ପରି ଅଥବା ଚନ୍ଦ୍ରରେଖାଟିଏ ପରି ଶୀର୍ଣଶୀର୍ଣ୍ଣ ହୋଇ ନୀରବଯାଇଛନ୍ତି । ଦେହରେ ଜୀବନ ଯେପରି ଚାଲିଯାଇଛି । ମୃତ୍ୟୁ ହିଁ ଶେଷ ଇଚ୍ଛା ବୋଲି ସ୍ୱୀକାର କରିଛନ୍ତି । ମାତ୍ର ଏଠାରେ ରାଧାଙ୍କର ମୃତ୍ୟୁର ସ୍ୱୀତ କେବଳ ପ୍ରକାଶିତ ହୋଇଛି । ଏହି ଦଶଗୋଟି ଦଶାର ଚିତ୍ର ଓଡ଼ିଆ କୃଷ୍ଣ କାବ୍ୟକାରମାନେ ଦେଇବେଳେ ନାୟକ ଶ୍ରୀକୃଷ୍ଣଙ୍କୁ ମଧ୍ୟ ଏହି ଦଶ ଦଶାରୁ ମୁକ୍ତ କରିନାହାନ୍ତି । ବିରହୀ କୃଷ୍ଣ ଯେଉଁ ଦଶଗୋଟି ଦଶା ଭୋଗ-କରିଛନ୍ତି—ସେମାନେ ହେଉଛନ୍ତି ଅସୌଷ୍ଠବ, ତାପ, ପାଣ୍ଡୁ, କୃଶ, ଅରୁଚି, ଅଧୃତି, ଅନାଲମ୍ବନ, ତନ୍ମୟ, ଉନ୍ମାଦ ଓ ମୂର୍ଚ୍ଛନା (ଶ୍ୟାମ. ଅ.କ.ଲ. ୪।୭।୨୧-୩୦) । ମାତ୍ର ରାଧା ଅଥବା ତାଙ୍କର ପ୍ରତିଯୋଗିନୀ ନାୟିକା ଚନ୍ଦ୍ରାବଳୀଙ୍କ ବିରହ ବର୍ଣ୍ଣନା-କରିବାରେ କୃଷ୍ଣକାବ୍ୟକାରଗଣ ଯେତେ ନିଷ୍ଠା ପ୍ରଦର୍ଶନ କରିଛନ୍ତି ଶ୍ରୀକୃଷ୍ଣଙ୍କର ବିରହ ଚିତ୍ର ଦେବାବେଳେ ତାହା ସେତେ ଜୀବନ୍ତ ହୋଇପାରିନାହିଁ ।

୨ : ୨ : ୨ : ଶାରୀରିକ ଏବଂ ମାନସିକ ଉଭୟ ସ୍ତରରେ ଦୁର୍ବଳ ହୋଇ-ଯାଇଥିବା ନାୟିକା ରାଧାଙ୍କ ବିରହ ପ୍ରଶମନ ପାଇଁ ଓଡ଼ିଆ କୃଷ୍ଣକାବ୍ୟମାନଂକରେ

Digitized by srujanika@gmail.com

କମ୍ ବିରହ ଉତ୍କଣ୍ଠାର ସଖୀମାନଙ୍କ ଦ୍ୱାରା ପ୍ରସ୍ତୁତ ହୋଇନାହିଁ । ବିରହ ତାପ ପ୍ରଶମନ ପାଇଁ ସଖୀମାନେ ଚନ୍ଦନ ଓ କର୍ପୂର ଗୋଳି ହୃଦରେ ଲେପି ଦେଉଛନ୍ତି, ପଦ୍ମମାଳାକୁ ରାଧାଙ୍କ ଗଳାରେ ଲମ୍ବାଇଦେଇ ପଦ୍ମପତ୍ରର ଶେଯରେ ଶୁଆଇ ଦେଇଛନ୍ତି । ଉଶୀର (ବେଣାଚେର) ବାଟି ତାର ଶୀତଳ ଦ୍ରବକୁ ତାଙ୍କ ଦେହରେ ଲେପଦେଇଛନ୍ତି ଏବଂ ତା'ଦ୍ୱାରା ବାତାୟନର ପଥକୁ ନିରୁଦ୍ଧ ମଧ୍ୟ କରିଛନ୍ତି, ଦକ୍ଷିଣା ପବନ ଆସି ରାଧାଙ୍କୁ ଦୁଃଖ ନ ଦେବା ପାଇଁ ପବନ ଚଳପ୍ରଚଳ ହେଉଥିବା ମାର୍ଗରେ ସର୍ପର ଚିତ୍ର କରିଛନ୍ତି । ସର୍ପ ପବନକୁ ଆହାରକରିବା କଥା ପୁରାଣରେ ଥିବାରୁ ସେମାନେ ଏପରି ପଦକ୍ଷେପ ନେଇଛନ୍ତି । କନ୍ଦର୍ପ ତାପ ବିନାଶପାଇଁ ସଖୀମାନେ ଶିବଙ୍କୁ ମଧ୍ୟ ସେବାକରିଛନ୍ତି (ଅଭି.ବି.ଚ ୨୪।୨-୫ । ମାତ୍ର ଏହି ଉପଚାର ଯେତେ-ବେଳେ ବିଫଳ ହୋଇଯାଇନ୍ତି ଏବଂ ରାଧାଙ୍କ ବିରହ ବହୁଗୁଣିତ ହୋଇଛି ସେତେବେଳେ ସଖୀମାନେ ଭାଗ୍ୟ ଉପରେ ନିର୍ଭରକରିବା ଛଡ଼ା ଅନ୍ୟ କୌଣସି ଉପାୟ ପାଇନାହାନ୍ତି (ତତ୍ରୈବ. ୪୯।୨୪) । ବିରହିଣୀ ରାଧାଙ୍କ ଚିତ୍ର ପ୍ରଦାନରେ କୃଷ୍ଣକାବ୍ୟକାରମାନେ ମଧ୍ୟ କମ୍ ପାରଦର୍ଶିତା ଦେଖାଇନାହାନ୍ତି । ଅଭିମନ୍ୟୁଙ୍କ ଭାଷାରେ—

> "ଉପଚ୍ଚର ପ୍ରଚ୍ଚର ସଜନୀ କରୁଛନ୍ତି/ଶତଦଳ ଦଳେ ଗୁଣମଣି ଶୋଇଛନ୍ତି/
> ବ୍ୟସ୍ତ ହେଉଛି ଏସନା'ମାଳ ମଣ୍ଡରେ ଦ୍ୱିତୀୟା ଶଶୀକି ପାଏନ ।" (ବି. ଚି.)

ଆକାଶରେ ଚନ୍ଦ୍ର ଉଦୟ ହୋଇଥିବାର ଦେଖି ରାଧାଙ୍କ ବିରହ ତାପ ଯେତେବେଳେ ବହୁଗୁଣିତ ହୋଇଛି ସେତେବେଳେ ସଖୀମାନେ ଚନ୍ଦ୍ରକୁ ବ୍ୟଙ୍ଗକରିବାକୁ ଭୁଲି ନାହାନ୍ତି । ସେମାନଙ୍କ ମନରେ ଧାରଣା ସୃଷ୍ଟି ହୋଇଛି ଯେ ଚନ୍ଦ୍ର ପଦ୍ମର ଶତ୍ରୁ ହୋଇଥିବାରୁ ପଦ୍ମନାଭାଶ୍ରିତା ନାରୀ ରାଧାଙ୍କ ପାଇଁ ସେ ଉପକାରୀ ହୋଇପାରୁନାହିଁ । ଦ୍ୱିଜସୁତଃ ଗୁରୁବାମାକୁ ଅପହରଣକରି ଜଗତରେ 'କଳଙ୍କୀ ନାମକୁ ପ୍ରସାରକରିଥିବା ପୁଣି ଏକାଧାରରେ ତାମସୀ' (ରାତ୍ରି) ଓ କୁମୁଦନୀକୁ ସନ୍ତୁଷ୍ଟ କରୁଥିବା ଏବଂ 'ବାରୁଣୀ' (ମଦ୍ୟ ଓ ପଶ୍ଚିମ ଦିଗ ପ୍ରତି ଆସକ୍ତ ଥିବା ଏହି ଚନ୍ଦ୍ର 'ଯଥାଜାତ' ଅର୍ଥାତ୍ ଜନ୍ମରୁ ସେହିଭଳି । ତେଣୁ ତାର ପରିବର୍ତ୍ତନ ଆଶାକରିବା ବୃଥା । କେଉଁ ସଖୀ ରାହୁକୁ ସ୍ତୁତିକରିବାକୁ ପରାମର୍ଶ ଦିଅନ୍ତେ, ଅନ୍ୟଜଣେ ସେ ଚଳଧ୍ୱନ ହେବାର କଥା କହୁଛି । ଫଳରେ ସଖୀଟି ସୁଦର୍ଶନଚକ୍ରକୁ ନିନ୍ଦାକରିବସିଛି । ଆଉ କେହି ସଖୀ ଚନ୍ଦ୍ରରେ ଆସନ ପାତିଥିବା ଶଶକୁ ଦୋଷୀ ବୋଲି ସାବ୍ୟସ୍ତ କଲାବେଳେ କେହି ଚନ୍ଦ୍ରର ବିନାଶପାଇଁ ସର୍ବାନ୍ତକରଣରେ 'କୁହୁ' (ଅମାବାସ୍ୟା ତିଥି)କୁ ଖୋଜିବସିଛି ଏବଂ ଅନ୍ୟକେହି 'କୁମ୍ଭଜ' (ଅଗସ୍ତି ଯେ ସମୁଦ୍ର ଚଳୁ କରିଦେଇଥିଲେ)ଙ୍କୁ ନିନ୍ଦା କରି-ବସିଛି । ଅର୍ଥାତ୍ ସମୁଦ୍ର ପାନକରିବାବେଳେ ଚନ୍ଦ୍ରଙ୍କୁ କାହିଁକି ପରିହାରକଲେ

Digitized by srujanika@gmail.com

ଏକଥା ସେ ଚନ୍ଦ୍ରାକରିଛ । ଅନ୍ୟ ସଖୀଟିଏ ଚନ୍ଦ୍ରକୁ ବ୍ୟଙ୍ଗକରି ତାକୁ ସ୍ୱର୍ଗର ବଗ ସହ ସମାନ କରିବସିଛି ଏବଂ ଏହି ଧଳା ବଗର ବିନାଶପାଇଁ ଶ୍ୟାମଳ ପୋଷିବାକୁ ପରାମର୍ଶ ଦେଇଛି—

"ଶୁକ୍ଳ ସ୍ୱରୂପ ବେଦପକ୍ଷେ ରାଜେ/ଶୂନ୍ୟଚର ସ୍ଥାଣୁ ଶିଖରେ ବଜେ/ଶୁଭେ ମୀନାଦି ଭୋଗକୁ କରଇ/ସୁରଲୋକ ବକ ପ୍ରତେ ହୁଅଇ/ ସୁମରଣ ନାଶ ଶୁଭହେବ ଆଣି ଶ୍ୟାମଳ ପୋଷ ।" (ଅଭି. ବି. ଚି. ୪୯।୧୨) ।

କେବଳ ଚନ୍ଦ୍ର ନୁହେଁ ଦକ୍ଷିଣଦିଗରୁ ବହୁଥିବା ମଳୟପବନ ପ୍ରତି ସଖୀମାନଙ୍କର କ୍ରୋଧର ଅନ୍ତ ନାହିଁ । ଦକ୍ଷିଣାପବନର ଏ ଅଭିନବ ଦହନସ୍ୱଭାବ ହେତୁ ନିରୂପଣକରି ପ୍ରଥମେ ସଖୀମାନେ ସ୍ଥିର କରିଛନ୍ତି ଯେ 'ଦୈତମାତ' ଠାରୁ ଜନ୍ମଗ୍ରହଣ କରିଥିବାରୁ ପବନ ଏ ଆସୁରିକ ଗୁଣଲାଭକରିଛି । ଦ୍ୱିତୀୟତଃ ସଂସର୍ଗ ଗୁଣ ମନୁଷ୍ୟକୁ ଅନୁରୂପକରେ । ସେ 'ଦବ' (ଦାବାଗ୍ନି) ଏବଂ 'ବାଡ଼ବ' (ସମୁଦ୍ରର ଅଗ୍ନି) ର ସଂସ୍ପର୍ଶରେ ଆସି ସେମାନଙ୍କଠାରୁ ଦହନଗୁଣ ଶିଖି ତାଙ୍କର ପ୍ରିୟ ସଖୀ ରାଧାଙ୍କୁ କଷ୍ଟଦେଉଛି । ଏହାପରେ ସଖୀମାନେ ବ୍ୟଙ୍ଗରେ ହନୁମାନ ଓ ଚନ୍ଦ୍ରକୁ ନିନ୍ଦା କରିବା ସହ ସାପକୁ ମରିଯିବାପାଇଁ ଗାଳିଦେଇଛନ୍ତି (ତତ୍ରୈବ ୪୯।୯) । କବିମାନଙ୍କର ପୁରାଣଜ୍ଞାନ ଓ ଗଭୀର ପର୍ଯ୍ୟବେକ୍ଷଣ ଶକ୍ତି ହିଁ ବିପ୍ରଲମ୍ଭର ଏହି ପର୍ଯ୍ୟାୟକୁ ଅଧିକ ରସାନ୍ୱିତ କରିପାରିଛି । କେବଳ ମଳୟ ଅଥବା ଚନ୍ଦ୍ରନୁହେଁ ବସନ୍ତ ପ୍ରତି ମଧ୍ୟ ସଖୀମାନଙ୍କର କମ୍ କ୍ରୋଧ ନାହିଁ । ବସନ୍ତରେ କାମଦଶା ବୃଦ୍ଧି ହେଉଥିବାର ଜାଣିପାରି ସଖୀମାନେ ରାଧାଙ୍କୁ 'ଅମ୍ବୁ ଯନ୍ତ୍ର ପୁର' ରେ ରଖି ତାଙ୍କ ହୃଦୟରେ ଚିରୂଭ୍ରମ କରାଇବାର ଅଭିଳାଷ ରଖିଛନ୍ତି ତତ୍ରୈବ ୪୯।୭) । ଏହା ସହ ସଖୀମାନଙ୍କର କୋକିଳ ପ୍ରତି ମଧ୍ୟ କମ୍ କ୍ରୋଧ ନାହିଁ । କୋକିଳର ବିଭିନ୍ନ ଦୋଷ ପ୍ରକାଶକରିବାକୁ ସେମାନେ ଯେପରି ଶତଜିହ୍ୱ ହୋଇ-ଉଠିଛନ୍ତି । କୁଆ ତାକୁ ପାଳିଥିବାରୁ ସମ୍ଭବତଃ ତାର ଗୁଣ ଏପରି ହୋଇଛି ବୋଲି ସେମାନେ ସ୍ଥିରକରିଛନ୍ତି । ଦ୍ୱିତୀୟତଃ କାମର ଚରର ହୋଇଥିବାରୁ ସେ ଏପରି ଦୁଷ୍ଟ ହେବାକଥା ସେମାନେ ସ୍ଥିରକରିନେଇଛନ୍ତି । ତୃତୀୟତଃ ସଦାସର୍ବଦା ଆମ୍ର-ବଉଳ ମଧ୍ୟରେ ଥିବା 'ଆସବ' (ମଦ୍ୟ) ଭକ୍ଷଣ କରୁଥିବାରୁ ତାର ସ୍ୱଭାବ ଏପରି ପ୍ରୀତହେବା ସେମାନେ ବିବେଚନା କରିଛନ୍ତି । ତାର ବଧପାଇଁ ଏମାନେ ମଧ୍ୟ କ୍ଷେତ୍ର ପ୍ରସ୍ତୁତକରିଛନ୍ତି । ବ୍ୟାଧକୁ ଡାକି ତାକୁ ବଧ କରିବାକୁ ଏମାନେ ସ୍ଥିରକରିଛନ୍ତି (ତତ୍ରୈବ ୪୯।୧୪-୧୫) ବିରହ ବ୍ୟାଧିର ବର୍ଦ୍ଧକ ଭ୍ରମରର ଧ୍ୱନି ଶୁଣି ସଖୀମାନଙ୍କର ଭ୍ରମର ପ୍ରତି ମଧ୍ୟ ଅସୀମ କ୍ରୋଧ ସୃଷ୍ଟିହୋଇଛି । ସେମାନେ ଭ୍ରମରର ଧ୍ୱନି ଶୁଣି ତାକୁ 'ମର ମର ବୋଲି ଗାଳିଦେଇ ତାର 'ଶଠ' ସ୍ୱଭାବକୁ ନିନ୍ଦାକରିଛନ୍ତି ଏବଂ ତାର ସମସ୍ତ ଚେତକୁ ଉପାୟ ଚନ୍ଦ୍ରାକରି ବିନାଶ କରିବାକୁ ମସୁଧା କରିଛନ୍ତି । ଭ୍ରମରର ମୃତ୍ୟୁଚିନ୍ତା କରିବସିଛନ୍ତି ।

Digitized by srujanika@gmail.com

"ଚନ୍ଦ୍ରକୁ ପଦ୍ମବନେ ରଖାଇବୁ/ଚନ୍ଦ୍ରରେ କେତକୀ ଆଣି ଲୁଚିବୁ/
ଚଞ୍ଚରୀକମାର ଗଛଲଗାଇ 'ଚଞ୍ଚଳ ସ୍ୱଭବ ଦେବୁ ଛଡ଼ାଇ/
ଚୁତ ଛେଦାଇବୁ/ଚରି ନ ପାରି ଅବଶ୍ୟ ମରିବୁ ।"

(ତତ୍ରୈବ ୪୯।୧୭)

ସଖୀମାନଙ୍କର ଏହି ବ୍ୟଙ୍ଗ ନମେ ବିଦେଶୀ କନ୍ଦର୍ପ ପ୍ରତି ଟିପ୍ପଣିର ହୋଇଛି । ନେତ୍ରାଗ୍ନିରେ ଭସ୍ମ ହୋଇ ପୁନର୍ବାର ପ୍ରେତ ରୂପରେ ମନରେ ଶଙ୍କା ସୃଷ୍ଟିକରୁଥିବା ଏହି କନ୍ଦର୍ପକୁ ସଖୀମାନେ ଗାଳିଦେବା ସହ ଗୁଣିଆ ଡକାଇ ତାକୁ ନକଳଦେବାକୁ ବିଚାରକରିଛନ୍ତି । (ତତ୍ରୈବ ୪୯।୬) । ସେମାନଙ୍କର ଚିନ୍ତା ମଧ୍ୟରେ ରାଧା କଳ୍ପ କଳାରଙ୍ଗର ବସ୍ତୁପ୍ରତି ଦୁର୍ବସ୍ତମାନ ପ୍ରକାଶ କରିବସିଛନ୍ତି । ଶ୍ୟାମବର୍ଣ୍ଣର କୌଣସି ଚନ୍ଦ ସେ ଦେଖିବାକୁ ଚାହିଁନାହାନ୍ତି ବରଂ ତା ଦେହରେ ଚନ୍ଦନ ଓ କୁଙ୍କୁମ ଲେପି ତାର କଳାବର୍ଣ୍ଣ ଦୂରେଇ ଦେଇଛନ୍ତି । ଏହା ବ୍ୟତୀତ ମୃଗମଦ, ନୀଳରଙ୍ଗର ବସ୍ତ୍ର ଓ ଫୁଲ । ପୁନା ପଦକରେ ଖଞ୍ଜାହୋଇଥିବା ନୀଳା ଏବଂ ଆଖିରେ କଜ୍ଜଳ ଏ ସମସ୍ତ ପରିତ୍ୟାଗ କରିବସିଛନ୍ତି । ଶ୍ୟାମରଙ୍ଗ ପ୍ରକାଶିତ ହେବା ଭୟରେ ବଡ଼ଆପାନରେ ଖଇରକୁ ମଧ୍ୟ ବ୍ୟବହାର କରନାହାନ୍ତି । ନୀଳବର୍ଣ୍ଣ ହେତୁ ଯମୁନାରେ ସ୍ନାନ କରନାହାନ୍ତି ଏବଂ 'କୃଷ୍ଣ' ଶବ୍ଦର 'କୃ' ମାତ୍ର ଉଚ୍ଚାରଣ କରନ୍ତେ କର୍ଣ୍ଣ ବୁଜିଦେଇଛନ୍ତି (ଦାଣ ବ୍ରଜ. ୮ମ ବୋଲି) ଏହି ସମସ୍ତ ବିଶେଷ ମନୋଦଶାରେ ଆଚ୍ଛନ୍ନଥିବା ରାଧାଙ୍କ ଦୁଃଖଦ ସ୍ଥିତି ଦେଖି ସଖୀମାନେ ଶେଷରେ ଭାଗ୍ୟର ଦୋଷକୁ ହିଁ ସ୍ୱୀକାରକରିଛନ୍ତି । ବିଧିଲିପି ନିକଟରେ ମନୁଷ୍ୟର ସମସ୍ତ ପ୍ରୟାସ ଯେ ବିଫଳ ଏହାକୁ ଶେଷରେ ସଖୀମାନେ ହିଁ ସ୍ପଷ୍ଟ କରିଦେଇଛନ୍ତି ;

"ଭାବ କେବଳ ଆମ୍ଭେ ମରୁଥାଉଁ/ଭାବନୀ ଏହା ଆଣିଛୁ ଲେଖାଇ/
ଭାଲ ଅକ୍ଷର କେ କରିବ ଆନ/ଭାବନା ସମୁଦ୍ରେ ହେଲୁ ମଜ୍ଜନ/
ଭାବନ୍ତି ମନରେ/ଭାଗ୍ୟକୁ ବଳିକେ ଅଛୁ ସଂସାରେ ।"

(ଅଭି. ବି.ଚ. ୪୯।୨୪)

ରାଧାଙ୍କର ଦୁର୍ବସ୍ଥ ବିଚ୍ଛେଦକୁ ଦୂରକରିବାପାଇଁ ସଖୀମାନେ ଏତିକରେ ନିରସ୍ତ ହୋଇନାହାନ୍ତି । କେତେକ ଓଡ଼ିଆ କୃଷ୍ଣକାବ୍ୟରେ ଏହି ବିଚ୍ଛେଦ ଯନ୍ତ୍ରଣା ଦୂରହେବାର ଏକ ନୂତନମାର୍ଗ କବି ବାହାରକରିଛନ୍ତି । ତାହା ହେଲା ଅଭିମାନିନୀ, ବିରହପୀଡ଼ିତା ରାଧାଙ୍କୁ ସଖୀମାନେ ପାଳିକରି ପ୍ରତିପ୍ରହରରେ ଗୋଟିଏ ଗପ ଶୁଣାଇଛନ୍ତି ଏବଂ ଏହି ଗପ ଶୁଣିବାପରେ ରାଧାଙ୍କର ଦୁର୍ବସ୍ଥ ମାନର ଭଙ୍ଗହୋଇଛି । ଦାଶରଥିଙ୍କ ବ୍ରଜବିହାର ଏବଂ ପଣ୍ଡିତ ଶ୍ରୀଚନ୍ଦନଙ୍କ ବଙ୍ଗଳାପସ୍ୱାର ମିଶ୍ରିତ 'ବସନ୍ତରାସ'ରେ ଏହି ପ୍ରସଙ୍ଗ ମିଳେ । ଉଭୟ ଗ୍ରନ୍ଥର କଥାବସ୍ତୁ ଏକ ମାତ୍ର ପାତ୍ରପାତ୍ରୀ ଭିନ୍ନ ଭିନ୍ନ । ଏହି ଗଳ୍ପମାନଙ୍କରେ

Digitized by srujanika@gmail.com

ଏକାଧାରରେ ପରକୀୟା ରତିର ମାହାତ୍ମ୍ୟ ଏବଂ ସ୍ୱାମୀର ଶୃଙ୍ଗାର ତୃପ୍ତିପାଇଁ ସ୍ତ୍ରୀର ତ୍ୟାଗ ହିଁ ମୁଖ୍ୟଭାବରେ ବର୍ଣ୍ଣିତ । ପ୍ରସିଦ୍ଧ 'ଯଃ କୌମାର ହରଃ' ଶ୍ଲୋକର ଅବତାରଣା କରାଯାଇ ପରକୀୟା ପ୍ରେମର ମାହାତ୍ମ୍ୟ ପ୍ରଖ୍ୟାପନ କରାଯାଇଥିବା ବେଳେ ଭିନ୍ନ ମାର୍ଗରେ ସତୀ ଅନସୂୟାଙ୍କ ପ୍ରସଙ୍ଗକୁ ଉପସ୍ଥାପନ କରାଯାଇ ପତ୍ନୀର ପତିଭକ୍ତିର ଚିତ୍ର ପ୍ରଦାନ କରାଯାଇଛି । ଗୃହଜନ ସଖୀ ଗୃହପଦ୍ଧତିରେ କାହାଣୀ ଗୁପ୍ତେଇ କହିବାପରେ ପ୍ରଭାତର ଅବ୍ୟବହିତ ପୂର୍ବରୁ ରାଧା ନିଜ ଭୁଲ ବୁଝିପାରିଛନ୍ତି ଏବଂ ମନରୁ ଦୁର୍ଜୟ ମାନ ପରିହାର-କରି ଆପଣାର ବିଚ୍ଛେଦାବସ୍ଥାର ପରିସମାପ୍ତି ଘଟାଇଛନ୍ତି ।

"ପୁରାଣ କଥା/ଭୃଟିଲି ବ୍ୟଥା/ସଙ୍କୋଚେ ଜେମା ନ ତୋଳନ୍ତି ମଥା/
ବିଗ୍ରହେ ମନ/କୃଷ୍ଣରେ ମାନ/ଅପରାଧେ ହେଲି ଗର୍ବଗଞ୍ଜନ/କାଲି କେମନ୍ତେ/
କୃଷ୍ଣ ସଙ୍ଗତେ/ମିଳିବି ବସନ୍ତ ଉତ୍ସବ କାତେ/ଏମନ୍ତ ଚିନ୍ତେ/ଚନ୍ଦ୍ରିଲି ମାନ୍ତେ/
ଜାଣିଲେ ସଜନୀ ପ୍ରସନ୍ନ ଗାନ୍ତେ ।" (ଦୀନ. ବ୍ର.ବି. ୮ମବୋଲି)

୨ : ୩ ଅଦୂର ପ୍ରବାସଜନିତ ବିପ୍ରଲମ୍ଭ କେବଳ ନାୟିକା ଗୋପୀପଂକ୍ତି ଏବଂ ରାଧା) ର ଶାରୀରିକ ଏବଂ ମାନସିକ ସ୍ଥିତିର ଚିତ୍ର ଦାନକରିନାହିଁ, ନାୟକ (ଶ୍ରୀକୃଷ୍ଣ) ର ବିକଳ ମନୋସ୍ଥିତିର ଚିତ୍ର ମଧ୍ୟ ପ୍ରଦାନକରିଛି । ଶ୍ରୀରାଧାଙ୍କ ବିଚ୍ଛେଦରେ ଶ୍ରୀକୃଷ୍ଣଙ୍କର ମନୋଦଶା ଏବଂ ବିରହଭାବନାର ଚିତ୍ର ଓଡ଼ିଆ କୃଷ୍ଣକାବ୍ୟକାରଗଣ ଅତି ସଫଳତାର ସହ ଚିତ୍ରଣକରିଛନ୍ତି । ଅଭିମନ୍ୟୁଙ୍କ ପ୍ରେମଚିନ୍ତାମଣି ଏବଂ ବିଦଗ୍ଧଚିନ୍ତାମଣିରେ ଏହାର ଭୂରି ଭୂରି ପ୍ରମାଣ ରହିଅଛି । ଏତଦ୍ବ୍ୟତୀତ ସଦାନନ୍ଦ କବିସୂର୍ଯ୍ୟ ବ୍ରହ୍ମାଙ୍କ ଯୁଗଳ ରସାମୃତ ଲହରୀ ଏବଂ ପୁରୁଷୋତ୍ତମ ଅନଙ୍ଗଭୀମଙ୍କର କୃଷ୍ଣକେଳି ତରଙ୍ଗିଣୀରେ ଏହାର ଚିତ୍ର ସୁସ୍ପଷ୍ଟ । ରାଧାଙ୍କ ବିରହରେ ବ୍ୟଥିତ ଶ୍ରୀକୃଷ୍ଣ ମଦନପ୍ରତି ନିଜର ବ୍ୟଙ୍ଗ ପ୍ରକାଶକରିବାକୁ ଭୁଲିନାହାନ୍ତି । ବିଷ୍ଣୁଙ୍କର ପୁତ୍ରହୋଇ କନ୍ଦର୍ପ ସେହି ବିଷ୍ଣୁଙ୍କର ଏକ ବିଶେଷ ସ୍ୱରୂପ ଶ୍ରୀକୃଷ୍ଣଙ୍କ ପ୍ରତି ଏତାଦୃଶ ଆଚରଣ ହେତୁ ପ୍ରଥମେ ବିସ୍ମିତ ଏବଂ ପରେ ଏହାର କାରଣ ମଧ୍ୟ ବୁଝିପାରିଛନ୍ତି । ରାଧାଙ୍କ ସହ 'ରତି' ରେ ଲାଳସୀ ଶ୍ରୀକୃଷ୍ଣଙ୍କ ଚିନ୍ତାକୁ କନ୍ଦର୍ପ ଭୁଲିବଶତଃ ତାର ପତ୍ନୀ 'ରତି' ବୋଲି ବୁଝିନେଇ ଏପ୍ରକାର ବାଦ ସାଧୁଛି ବୋଲି ସେ ବିଗ୍ରହକରିଛନ୍ତି (ଅଭି. ବି.ଚି. ୭୯।୧୭-୧୮) । ଅନ୍ୟଏକ ସ୍ଥାନରେ ଶ୍ରୀକୃଷ୍ଣଙ୍କର କ୍ରୋଧ କନ୍ଦର୍ପ ପ୍ରତି ବହିର୍ଗତ ହୋଇଛି ଏବଂ ତାର ଏ ଅପଯଶ କର୍ମପାଇଁ ସେ ତାର ମୁଖଚିନ୍ତା କରିବାକୁ ପଛାଇନାହାନ୍ତି ଅଭି. ପ୍ରେ.ଚି. ୨୩।୭) କେହି କେହି ଶ୍ରୀକୃଷ୍ଣଙ୍କ ସହ ଶିବଙ୍କ ତାଦାତ୍ମ୍ୟର ଚିତ୍ର ଦେଇ କନ୍ଦର୍ପର ଏପ୍ରକାର ପ୍ରତିଶୋଧ-ପ୍ରବଣତାକୁ ସମର୍ଥନ ମଧ୍ୟ କରିବସିଛନ୍ତି (ସଦା. ଯୁ.ର.ଲ. ୩୧।୪-୮) । କେବଳ କନ୍ଦର୍ପ ନୁହେଁ ବସନ୍ତ ପ୍ରତି ଶ୍ରୀକୃଷ୍ଣଙ୍କର ମଧ୍ୟ ଖେଦଭାବର ଅନ୍ତ ନାହିଁ । 'ଋତୁରାଜ ହୋଇ ଏପ୍ରକାର' ଅନୀତି ଆଚରଣ'କୁ ସେ ଠିକ୍‌ଭାବେ ଗ୍ରହଣ

Digitized by srujanika@gmail.com

କରପାରନାହାନ୍ତି (ଅଭି. ପ୍ରେ.ଚ. ୨୩।୧୬) । ଦକ୍ଷିଣା ପବନପ୍ରତି ମଧ୍ୟ ଶ୍ରୀକୃଷ୍ଣଙ୍କ କୋଧର ଅନ୍ତନାହିଁ । ପ୍ରଥମେ ବିଭିନ୍ନ ପୌରାଣିକ ଉକ୍ତି ମାଧ୍ୟମରେ ବସନ୍ତକୁ ଗାଳିଦେଲାପରେ ଯେତେବେଳେ ବିରହ ସନ୍ତାପ ପ୍ରଶମିତ ହୋଇନାହିଁ, ସେତେବେଳେ ସ୍ତୁତି କଥନ ମାଧ୍ୟମରେ ତା ସହ ମୈତ୍ରୀସ୍ଥାପନ କରିବାକୁ ଶ୍ରୀକୃଷ୍ଣ ଚେଷ୍ଟାକରିଛନ୍ତି, ଏ କ୍ଷେତ୍ରରେ କୃଷ୍ଣକାବ୍ୟକାରଗଣଙ୍କ ବିଚକ୍ଷଣତା ସହଜରେ ଲକ୍ଷଣୀୟ,

'ତୁ ତ ମାଧବ ମୁଁ ତ ମାଧବ ମିତ୍ର ସାଧବ ମତେ/
ରହି ଦକ୍ଷିଣ ମୁହିଁ ଦକ୍ଷିଣ ବସ୍ତୁରୁ କ୍ଷୀଣ କୁତେ ।'' (ଅଭି. ବି.ଚ. ୭୪। ୪)

ମାତ୍ର ଏହି ସ୍ତୁତି ସଫଳ ନହେବା ପରେ ପୁନରାୟ ଦ୍ୱନ୍ଦ୍ୱର ଆହ୍ୱାନ କୃଷ୍ଣକାବ୍ୟକାରମାନେ ଶ୍ରୀକୃଷ୍ଣଙ୍କ ମୁଖରେ କରିଛନ୍ତି । ଏହି ପର୍ଯ୍ୟାୟରେ କବି ଏକ ଚମତ୍କାର ଉପମା ପ୍ରୟୋଗ-କରିବାକୁ ଭୁଲିନାହାନ୍ତି,

"ଆରେ ଦକ୍ଷିଣ ବାମ ହେଉ ସତେ 'ଅପ୍ ପରଂପର ବୋଲନ୍ତି ମୋତେ/
ଆକୃତ ନଗରର ଛନ୍ଦ ବ୍ୟବସ୍ଥା/ଆଜି ସ୍ଥାପେ କ୍ଷେତ୍ରେ ହାଳିକ ଯଥା/
ଅପ୍ରାପ ହୋଇ ରୁ ତଥା ଅମର/ଆଜ ବୁଝିବା ଆରମ୍ଭି ସମର ।"
(ଶ୍ୟାମ : ଅ କ.ଲ. ୪।୩।୨୨୪-୨୨୬)

ଚନ୍ଦ୍ରପ୍ରତି ମଧ୍ୟ ଅନୁରୂପ ଚିନ୍ତା ଶ୍ରୀକୃଷ୍ଣଙ୍କର । ପ୍ରଥମ ପର୍ଯ୍ୟାୟରେ କୋଧ ଏବଂ ପରେ ପରେ ମିତ୍ରଭାବର ପ୍ରତିଷ୍ଠା (ବି.ଚ ୭୪।୧୨) ପିକ ପ୍ରସଙ୍ଗରେ ମଧ୍ୟ ସେହି ଏକ ସ୍ୱର । ପ୍ରଥମରେ ତା ପ୍ରତି କୋଧ ଏବଂ ପରେ 'ବନପ୍ରିୟ' ନାମ ହେତୁ ଉଭୟଙ୍କ ମଧ୍ୟରେ ବନ୍ଧୁତାପାଇଁ ପ୍ରସ୍ତାବ ଆନୟନ (ବି.ଚ. ୭୪।୨୭) । ମାତ୍ର ଏହି ମୈତ୍ରୀର ସ୍ୱର କିନ୍ତୁ ଅତି କ୍ଷୀଣ, କୋଧ ହିଁ ଏଠି ମୁଖ୍ୟଭୂମିକା ଗ୍ରହଣକରିଛି । ବେଳେବେଳେ ମୈତ୍ରୀ ବ୍ୟତୀତ ଏହି କୋଧ ହିଁ ପିକପ୍ରତି ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ଉଦ୍ଦିଷ୍ଟ ହୋଇଛି (ପ୍ରେ.ଚ. ୨୩।‾-୧୦) । ଭ୍ରମର ପ୍ରତି ଶ୍ରୀକୃଷ୍ଣଙ୍କ ଭାବନା ମୁଖ୍ୟତଃ ବିରୋଧୀ ହେଲେ ମଧ୍ୟ ଏଠି ବନ୍ଧୁତ୍ୱ ମାଧ୍ୟମରେ ଶରଣାପନ୍ନର ପ୍ରଶ୍ନ ଉଠିନାହିଁ । ପରନ୍ତୁ ଯେକୌଣସି ଉପାୟରେ ଭ୍ରମରକୁ ପରାଜିତ କରିବାର ଚିନ୍ତା କୃଷ୍ଣଙ୍କ ଭିତରେ ଦେଖାଦେଇଛି, "ରଞ୍ଜି ବନ୍ଧୁମନ ଝଞ୍ଜି ପଦେ ବଳା ଗଞ୍ଜିବ ରତେ ତୋର ଟେକ/ଭ୍ରମର, କୁଟିଳ ଭୋଗୀହୋଇ ଘୂର/ ବାଦ ସମ୍ବାଦ ବିଷାଦ ପ୍ରମାଦର କାଳେଧିଧିକ ମରମର ।" (ପ୍ରେ ଚ. ୨୩।୧) । ଅନ୍ତିମ ବ୍ୟଙ୍ଗଟି ବିଧାତାକୁ ନେଇ ଗୋପୀ କମ୍ପା ରାଧା କେହି ବିଧାତା (ଭାଗ୍ୟକୁ କିନ୍ତୁ ଦୋଷ ଦେଇଛନ୍ତି) କୁ ଦୋଷ ଦେଇ ନଥିଲା ବେଳେ ଶ୍ରୀକୃଷ୍ଣ ଓ ତାଙ୍କ ସଖାମାନେ ବିରହପାଇଁ ବିଧାତାଙ୍କୁ ଦୋଷଦେଇ ବସିଛନ୍ତି । ସଖାମାନେ ବିଧାତାଙ୍କୁ ଦୋଷଦେଇ ଶ୍ରୀକୃଷ୍ଣଙ୍କ ମହିମା ପ୍ରଥମେ ପ୍ରକାଶକରି ପରେ ବିଧାତାଙ୍କ ଅବିବେକପଣର ଏକ ତାଲିକା ପ୍ରସ୍ତୁତକରିଛନ୍ତି (ବି.ଚ. ୫୬।୧୨-୧୪) । ଶ୍ରୀକୃଷ୍ଣ ଏହି ଚିନ୍ତା ସହିତ ଅନ୍ୟଏକ ଚିନ୍ତା-

Digitized by srujanika@gmail.com

ଯୋଡ଼ିଦେଇଛନ୍ତି, ତାହା ହେଉଛି ବିଧାତାର ଏହି ଅବିବେକପଣ ପାଇଁ ତାଙ୍କୁ କଳିଯୁଗରେ ପୂଜା ମିଳିନାହିଁ (ପ୍ରେ.ଚ. ୬୩।୧୮) । ଯେତେବେଳେ ବିଭିନ୍ନ ବସ୍ତୁର ଦୋଷ ଦର୍ଶନରେ ବିରହ ପ୍ରଶମିତ ହୋଇପାରିନାହିଁ, ସେତେବେଳେ ଶ୍ରୀକୃଷ୍ଣ ଆପଣା ଉପରେ ଏବଂ ଜଗତ ଉପରେ ଅଭିମାନ କରିବସିଛନ୍ତି । ଦେବତାଙ୍କ କାର୍ଯ୍ୟଲାଗି ମର୍ତ୍ତ୍ୟରେ ନାନା ଦୁଃଖ କ୍ଳେଶ ସହି ମାନବ ତନୁପରି ଗ୍ରହଣ କରିଥିବା ସେ ଆଉ ଅସୁରମାରଣ କର୍ମ କରିବେନାହିଁ ବୋଲି ପ୍ରତିଜ୍ଞା କରିବସିଛନ୍ତି,

"ନ ମାରିବି କଂସ ମୁଁ ଯେ ନ ରଖିବି ମଣ୍ଡ/ନ ରହିବି ଗୋପପୁରେ ନ ଚରାଇ ଗାଈ/
ଫଟାଇ ବ୍ରହ୍ମାଣ୍ଡ ଯେ କରିବି ନଷ୍ଟେ ଧୂଳି କରିବି ନୂଆ ବ୍ରହ୍ମା ବ୍ରହ୍ମାଣ୍ଡ ଏଥୁ ବଳି/
ନ କରିବି ନାରୀଙ୍କି ପୁରୁଷ ହେବେ ସର୍ବ/ଯେମନ୍ତ ଭାଙ୍ଗିବି ଯେ ରାଧାର ଏ ଗରବ ।"
(ସଦା. ଯୁ.ର.ଲ. ୩୧।୨୪-୨୬) ।

୬ : ୪ ମଧ୍ୟକାଳୀନ ଓଡ଼ିଆ କୃଷ୍ଣକାବ୍ୟମାନଙ୍କରେ ଅଦୂର ପ୍ରବାସ ଜନିତ ବିପ୍ରଲମ୍ଭ ଶୃଙ୍ଗାରର କ୍ଷେତ୍ର ଅତ୍ୟନ୍ତ ବ୍ୟାପକ । ମାତ୍ର ଏହାର ସାର୍ଥକତା ସୁଦୂର ପ୍ରବାସ ଜନିତ ବିପ୍ରଲମ୍ଭ ଶୃଙ୍ଗାରରେ ହିଁ ପ୍ରତିପାଦିତ ହୋଇଥାଏ । ମାନବ ମନର ମୂଳିଭୂତ ପ୍ରେମ ଭାବନାର ଅଭିବ୍ୟକ୍ତି ସଂଯୋଗ ଅପେକ୍ଷା ବିୟୋଗ ବା ବିପ୍ରଲମ୍ଭରେ ଅଧିକ ଭାବେ ପ୍ରତିଫଳିତ ହେଉଥିବାରୁ ପୁଣି ପ୍ରେମର ତୀବ୍ରତାର ଅଭିବ୍ୟକ୍ତି ଏବଂ ପ୍ରେମର ଶୁଦ୍ଧତାର ପରୀକ୍ଷା ନିମିତ୍ତ ବିରହ ଅପେକ୍ଷିତ ଥିବାରୁ ଓଡ଼ିଆ କୃଷ୍ଣକାବ୍ୟର କବିମାନେ ସଂଯୋଗ ଅପେକ୍ଷା ବିପ୍ରଲମ୍ଭ ଶୃଙ୍ଗାରରେ ଅଧିକ ଗୁରୁତ୍ୱ ଦେଇଛନ୍ତି । ବିରହ ଅବସ୍ଥା ହିଁ ଯଥାର୍ଥରେ ପ୍ରେମର ଗାଢ଼ତା ତଥା ସାନ୍ଦ୍ରତା ସମ୍ପର୍କରେ ଉଭୟ ନାୟକ-ନାୟିକାଙ୍କୁ ସଚେତନ କରିଦିଏ । ଶ୍ରଦ୍ଧା ଓ ପ୍ରେମର ମଧୁର ସମନ୍ୱୟର ନାମ ହିଁ ଭକ୍ତି । ବିପ୍ରଲମ୍ଭ ପ୍ରସଙ୍ଗ ହିଁ ଭକ୍ତିର ମୂଳ ତତ୍ତ୍ୱକୁ ସ୍ପଷ୍ଟ କରିଦିଏ । ତେଣୁ ଭାରତୀୟ ଭକ୍ତି-କାବ୍ୟମାନଙ୍କରେ ଏହି ବିପ୍ରଲମ୍ଭ ଶୃଙ୍ଗାରକୁ ଅଧିକ ଗୁରୁତ୍ୱ ପ୍ରଦର୍ଶନ କରାଯାଇଛି । ବିଶେଷକରି ଚୈତନ୍ୟଙ୍କ ଅନୁକାରୀ ବଙ୍ଗୀୟ ବୈଷ୍ଣବ ଭକ୍ତିସାହିତ୍ୟରେ ଏହି ବିରହ ଭାବନାର ସ୍ୱର ଅଧିକ ପ୍ରବଳ ଏବଂ ତୀବ୍ର । ମଧ୍ୟକାଳୀନ ଓଡ଼ିଆ କୃଷ୍ଣକାବ୍ୟମାନଙ୍କରେ ଏହି ବିରହ ଚିତ୍ର ଏକ ଗୁରୁତ୍ୱପୂର୍ଣ୍ଣ ସ୍ଥାନ ଯେ ଅଧିକାର କରିବସିଛି ଏଥିରେ ଦ୍ୱିମତ ହେବାର ଆବଶ୍ୟକ ନାହିଁ । ଯଦିଚ ଅଦୂର ପ୍ରବାସ ଅପେକ୍ଷା ସୁଦୂର ପ୍ରବାସରେ ଏହି ବିରହର ଚିତ୍ର ଅଧିକ ଗାଢ଼ ଏବଂ ପ୍ରଭାବଶାଳୀ ତଥାପି ଅଦୂର ପ୍ରବାସରେ ମିଳନର ଆଶା ନିଶ୍ଚିତ ଥିବାବେଳେ ସୁଦୂର ପ୍ରବାସରେ ତାହା ସମ୍ଭବ ହୋଇପାରିନାହିଁ । ମଥୁରାଯାତ୍ରା ପରେ କୃଷ୍ଣ ବିଚ୍ଛେଦୀ ଗୋପୀ ତଥା ରାଧା ସତେଯେପରି ଏକ ବିଗଳିତ କରୁଣାର ପ୍ରତିମୂର୍ତ୍ତି ପାଲଟିଯାଇଛନ୍ତି । କେବଳ ଅଶ୍ରୁ, ଅଭିମାନ ଏବଂ ଶ୍ରୀକୃଷ୍ଣଙ୍କ ପ୍ରତି ଅନନ୍ତ ଶୁଭକାମନା ବ୍ୟତୀତ ତାଙ୍କ ଜୀବନରେ ଆଉ କିଛି ନାହିଁ । ମାନବିକ

Digitized by srujanika@gmail.com

ଦୃଷ୍ଟିକୋଣରୁ ଦେଖିବାକୁ ଗଲେ ଏହା ଏକ ସୁସ୍ଥ ମାନସିକତାର ଲକ୍ଷଣ ନୁହେଁ, ବରଂ ଏକ ବ୍ୟାଧିଗ୍ରସ୍ତ ତଥା ଉନ୍ମାଦତ ମାନସିକତାର ଲକ୍ଷଣ । ଅବଶ୍ୟ ରହସ୍ୟ-ମଞ୍ଜରୀ ଭଳି କେତେକ କୃଷ୍ଣକାବ୍ୟରେ ରାଧା ତଥା ଗୋପିକାମାନଙ୍କ ସହ କୃଷ୍ଣଙ୍କର ପୁନର୍ବାର ମିଳନର ଚିତ୍ର ବର୍ଣ୍ଣିତ ହୋଇଥିଲେ ମଧ୍ୟ ତାହା କିନ୍ତୁ ଅସ୍ୱାଭାବିକ, ଅପ୍ରାକୃତିକ ଏବଂ ବିଶେଷକରି ନିଷ୍ପ୍ରାଣ ଲାଗେ । ରାସକ୍ରୀଡ଼ାରେ ବା ଗୋପଲୀଳାରେ ଶ୍ରୀକୃଷ୍ଣ ଓ ଗୋପାଙ୍ଗନାଙ୍କ ମଧ୍ୟରେ ଥିବା ମଧୁର ପ୍ରେମ ସେଠାରେ ଯେପରି ମଗାଯନ୍ତ୍ରର ଏକପାକ୍ଷିକ ପ୍ରେମରେ ରୂପାନ୍ତରିତ ହୋଇଯାଏ । ଏହିଦୃଷ୍ଟିରୁ ଓଡ଼ିଆ କୃଷ୍ଣକାବ୍ୟ-ମାନଙ୍କରେ ଅକ୍ରୂର ପ୍ରବାସ ଜନିତ ବିପ୍ରଲମ୍ଭ ପ୍ରସଙ୍ଗ ଏତେ ଆକର୍ଷକ ଏବଂ ହୃଦୟ ଆହ୍ଲାଦକ ହୋଇପାରିଛି ।

*

Digitized by srujanika@gmail.com

ଆଧୁନିକ ଓଡ଼ିଆ କାବ୍ୟରେ
କରୁଣରସ-ପ୍ରବାହ

ଡକ୍ଟର ନିଗମାନନ୍ଦ ବେହେରା

ମନୁଷ୍ୟ ଜୀବନରେ ଅନେକ ଭାବ, ବିଭାବ ସହିତ ଅଭାବ ମଧ୍ୟ ରହିଥାଏ । ଜୀବନବୀଣାର କେଉଁ ତାରରେ କେଉଁ ଧ୍ୱନି କେତେବେଳେ ଝଙ୍କୃତହେବ ତାହା ସେ ଜାଣେନା । ସ୍ଥାନ କାଳ ପାତ୍ର ଭେଦରେ ଏହି ଭାବମାନଙ୍କର ଲୀଳା ଭାବଭୋଳା ମଣିଷ ହୃଦୟରେ ତାର ବାସ । ଗୋଟିଏ ସ୍ୱତନ୍ତ୍ର ଭାବ ଯେତେବେଳେ ବିଭିନ୍ନ ପରିବେଶ ଦେଇ ସ୍ୱୟଂସଂପୂର୍ଣ୍ଣ ହୋଇଯାଏ, ସେତେବେଳେ ତାହା ହୁଏ ରସ । ଏହି ରସ ଅନ୍ୟ ହୃଦୟରେ ରସ ରଚନାକରେ । ଏମିତି ଭାବବିହ୍ୱଳ ମଣିଷଟିକୁ ସମାଜ କହେ କବି । ଆଉ ତାର ସୃଷ୍ଟି ହେଉଛି କାବ୍ୟ ।

ମନୁଷ୍ୟ ସୁଖ ସଂସାର ମଧ୍ୟରେ ବିଚରଣ କଲାବେଳେ ଦୁଃଖର ଦରଜାକୁ ବନ୍ଦକରିଦିଏ । ସତେଯେପରି ସେ ଅବାଞ୍ଛିତ, ଅନାହୂତ । ତଥାପି ସେ ତା ବାଟରେ ଜୀବନ ଭିତରକୁ ପ୍ରବେଶକରେ । ଜୀବନର ସଞ୍ଚିତ ରସଗୁଡ଼ିକୁ ଚିପୁଡ଼ିପକାଏ । ଆଉ ଝରାଇଦିଏ ଆଖିରନ୍ଧ୍ର ଦେଇ । ଏହି ହୃଦୟଚିପୁଡ଼ା ରସକୁ ଆମେ କହୁ ଅଶ୍ରୁ । ମାତ୍ର କବି ଭାଷାରେ ତାହା କରୁଣରସ । ଏହାର ସ୍ଥାୟୀଭାବ ଶୋକ । ସଚେତନ ଭାବରେ ସେ ଏହା ସଂଯୋଜନା କରେନାହିଁ । ଲେଖନୀର ଚଲାପଥରେ ଏହା ଆପେ ଆପେ ଆସିଯାଏ । ଏହି କରୁଣରସର ସମଭାଗିତା ଓ ସମ୍ବେଦନଶୀଳତା ହିଁ କରୁଣା ।

ମହର୍ଷି ବାଲ୍ମୀକିଙ୍କ ହୃଦୟରୁ ଏମିତି ଏକ ଅବେଳରେ ଶୋକର ଝଙ୍କାର ଉଠିଥିଲା ଯେତେବେଳେ କ୍ରୌଞ୍ଚ ଦମ୍ପତି ମଧ୍ୟରୁ ପ୍ରଣୟ ମୋହିତ କ୍ରୌଞ୍ଚପକ୍ଷୀ ନିଷାଦ କର୍ତ୍ତୃକ ଶରବିଦ୍ଧ ହୋଇ ମୃତ୍ୟୁବରଣ କରିଥିଲା । କ୍ରୌଞ୍ଚୀର କରୁଣ କ୍ରନ୍ଦନଧ୍ୱନିରେ କରୁଣା ବିଗଳିତ ମୁନି କଣ୍ଠରୁ ଝରିପଡ଼ିଥିଲା—

ମା ନିଷାଦ ପ୍ରତିଷ୍ଠାଂ ତ୍ୱମଗମଃ ଶାଶ୍ୱତୀଃ ସମାଃ
ଯତ୍ କ୍ରୌଞ୍ଚ-ମିଥୁନାଦେକମବଧୀଃ କାମମୋହିତମ୍ ।''

Digitized by srujanika@gmail.com

ଏହି କାରୁଣ୍ୟ ବିଜଡ଼ିତ ଶ୍ଳୋକଟି ଥିଲା ଭାରତୀୟ କାବ୍ୟ ସାହିତ୍ୟର ଆଦିଶୋକ ଶ୍ଳୋକ । ବାଲ୍ମୀକି ସ୍ୱୟଂ ଏହାକୁ "ଶୋକଃ ଶ୍ଳୋକତ୍ୱମାଗତଃ" ବୋଲି ସୂଚନା ଦେଇଛନ୍ତି । ରାମାୟଣ ମହାକାବ୍ୟ କାରୁଣ୍ୟର ମହାନ୍ ଉତ୍ସ । ପୁନଶ୍ଚ ସଂସ୍କୃତ ସାହିତ୍ୟରେ କରୁଣ ରସର ପ୍ରାଚୁର୍ଯ୍ୟ ପରିଲକ୍ଷିତ । ପରବର୍ତ୍ତୀ କାଳରେ ବିଭିନ୍ନ ପ୍ରାନ୍ତୀୟ ସାହିତ୍ୟରେ ସଂସ୍କୃତ କାବ୍ୟର ଗ୍ରନ୍ଥପାତ ଘଟିଛି । ଅନୁବାଦ ଓ ଅନୁକରଣ ମାଧ୍ୟମରେ ସଂସ୍କୃତର ପ୍ରଭୁତ୍ୱକୁ ଶ୍ରଦ୍ଧାର ସହିତ ସ୍ୱୀକାର କରାଯାଇଛି ।

ପାଶ୍ଚାତ୍ୟ ସାହିତ୍ୟର ଗ୍ରନ୍ଥିମୋଚନ କଲେ, ତହିଁରେ ମଧ୍ୟ ଏହି କାରୁଣ୍ୟ-ପ୍ରବାହ ପରିଲକ୍ଷିତ ହୁଏ । ବିଶେଷତଃ ଗ୍ରୀକ୍, ଇଂରାଜୀ କାବ୍ୟ ଓ ନାଟକଗୁଡ଼ିକ କରୁଣ ରସାପ୍ଳୁତ । ପାଶ୍ଚାତ୍ୟ ଟ୍ରାଜିକ ନାଟକର ଭାବଧାରା ଅନୁବନ୍ଧିତ ହୃଦୟରେ ଯେଉଁ କରୁଣ ରୂପମୂର୍ତ୍ତି ସୃଷ୍ଟି କରେ । ତାହା ଭାରତୀୟ ସାହିତ୍ୟର କରୁଣ ପ୍ରବାହଠାରୁ କୌଣସି ଗୁଣରେ କମ୍ ନୁହେଁ । ତେବେ ଭାରତୀୟ ସାହିତ୍ୟର ଆଧୁନିକକାଳରେ କାବ୍ୟର ବିଭବ-ଗୁଡ଼ିକ ଅଧିକମାତ୍ରାରେ ପଶ୍ଚିମାଭିମୁଖୀ । ଏହି ବିଭବଗୁଡ଼ିକ ଊନବିଂଶ ଶତକରେ ଭାରତରେ ଇଂରାଜୀ ଶିକ୍ଷାର ପ୍ରଚଳନ ପରେ ଦେଖାଯାଇଛି । ପାଶ୍ଚାତ୍ୟ ସଭ୍ୟତା ଓ ସଂସ୍କୃତି ସହିତ ସାହିତ୍ୟର ପ୍ରଭାବ ମଧ୍ୟ ଭାରତୀୟ ସାହିତ୍ୟରେ ଅନୁଭୂତ ହୋଇଛି ।

ଊନବିଂଶ ଶତକ ଆଧୁନିକ ଓଡ଼ିଆ ସାହିତ୍ୟର ଅଭ୍ୟୁଦୟକାଳ । ଉକ୍ତ ଶତକର ଦ୍ୱିତୀୟାର୍ଦ୍ଧରେ ଓଡ଼ିଆ ସାହିତ୍ୟରେ ଯେଉଁ କବିମାନେ ଲେଖନୀ ଧାରଣକରିଛନ୍ତି, ସେମାନଙ୍କ ମଧ୍ୟରେ ରାଧାନାଥ ଅନ୍ୟତମ । ପାଶ୍ଚାତ୍ୟ ସାହିତ୍ୟର ବିଷୟବସ୍ତୁ ଓ ଭାବଧାରାକୁ ଆହରଣକରି ଓଡ଼ିଶା ମାଟିରେ କାବ୍ୟ-ବୀଜ ବପନକରିଛନ୍ତି । ଗୋଟିଏ ମୁଦ୍ରାର ଦୁଇପାର୍ଶ୍ୱ ଭଳି ମାନବ ଜୀବନର ସୁଖ-ଦୁଃଖ ସହିତ ପ୍ରେମ ପ୍ରଣୟ ଓ ପ୍ରାପ୍ତି-ଅପ୍ରାପ୍ତିର କଥା ସଂଯୋଜନା କରିଛନ୍ତି । ଶ୍ରୀସପେଗ୍ଗୀର ଭାଗ୍ୟ ଓ ବିଷାଦବୋଧ ମଧ୍ୟ ତାଙ୍କ ଲେଖନୀକୁ ଆକ୍ରାନ୍ତକରିଛି ।

ମହାକବି କାଳିଦାସଙ୍କ 'ମେଘଦୂତ'ର ଅନନୁଭୂତ ବିରହବିରାଗିଣୀ-ଉଦ୍ଦୀପ୍ତ ବ୍ୟଥାମୟୀ ବାଣୀ ରାଧାନାଥଙ୍କ ଲେଖନୀକୁ ଆକୃଷ୍ଟକରିଛି । ତେଣୁ ତାହା ଉତ୍କଳ-ଭାଷାରେ ପ୍ରକାଶ କରିବାକୁ ସେ କୁଣ୍ଠିତ ହୋଇନାହାନ୍ତି । ରାମଗିରି ଶିଖରରୁ ଯକ୍ଷର ଶୃଙ୍ଗାର-ବିରହର ବ୍ୟଥାତୁର ହୃଦୟବାଣୀ ଯକ୍ଷବଧୂ ନିକଟକୁ ପ୍ରେରଣ କରିଛି ମେଘ ଦ୍ୱାରାରେ । ବ୍ୟଥା ଓ ବେଦନାର ସ୍ୱର ଜୀବନ୍ତ ହୋଇଛି ରାଧାନାଥଙ୍କ ଭାଷାରେ । କେବଳ ମେଘଦୂତର ଅନୁବାଦରେ ନୁହେଁ, ତାଙ୍କ ରଚିତ ପାଶ୍ଚାତ୍ୟ ପ୍ରଭାବିତ କାବ୍ୟଗୁଡ଼ିକ ମଧ୍ୟରେ ସେହି କାରୁଣ୍ୟ ସ୍ରୋତ ପ୍ରବାହିତ । ଶ୍ରୀଢ଼ପାବଣୀ ତରୁଣ ତରୁଣୀଙ୍କ ଉନ୍ମୀଳନର ବାଧକ ହୋଇଛି କାହିଁ । ବାଧ୍ୟହୋଇ ଶୋକୋଚ୍ଛ୍ୱାସ ଆପ୍ଳୁତ ବଦନରେ ଚନ୍ଦ୍ରମୁଖରେ ପ୍ରଦାନକରିଛନ୍ତି ଚୁମ୍ବନ । ଶେଷରେ ନଗର ପ୍ରାନ୍ତରେ କଣ୍ଟକ-ବନ ବେଷ୍ଟିତ ନିର୍ମଳ ଝରି

Digitized by srujanika@gmail.com

ନିକଟରେ ମିଳନ ସଙ୍କେତସ୍ଥଳ ସ୍ଥିରକରିଛନ୍ତି । ପ୍ରୀତବାଉଲୀ ତରୁଣୀ ଯଥାପୂର୍ବରୁ ସଙ୍କେତସ୍ଥଳରେ ପ୍ରବେଶକରିଛି । ମାତ୍ର ସହସା ଶାର୍ଦ୍ଦୁଳ ଗର୍ଜନରେ ଡରତର ହୋଇ ଅଭିସୃ ଆତ୍ମସୁସ୍ଥଳକୁ ଧାଇଁଗଲବେଳେ ଖସିପଡ଼ିଛି ଉତ୍ତରୀୟ । ଝର ଜଳପାନ ପରେ ରକ୍ତମୁଖା ଶାର୍ଦ୍ଦୁଳ ଫେରନ୍ତା ବାଟରେ ଉତ୍ତରୀୟ ଦେଖି ରକ୍ତାକ୍ତ ଦାନ୍ତରେ ତାକୁ ଖଣ୍ଡବିଖଣ୍ଡ କରିଛି । ଏହାପରେ ତରୁଣ ସେ ସ୍ଥଳରେ ପ୍ରବେଶକରି ରକ୍ତାକ୍ତ ଉତ୍ତରୀୟ ଦେଖି ପ୍ରେମିକାର ମୃତ୍ୟୁ ଜାଣି ନିଜକୁ କୃପାଣବିଦ୍ଧ କରିଛି । ପ୍ରେମିକର ଆର୍ତ୍ତଚିତ୍କାର ଶୁଣି ପ୍ରେମିକା ସେ ସ୍ଥଳକୁ ଆସି ଦେଖିଛି ମୁମୂର୍ଷୁ ପ୍ରିୟତମର ଦେହରେ ତାର ରକ୍ତାକ୍ତ ଉତ୍ତରୀୟ । ତେଣୁ ମୃତ୍ୟୁପରେ ମିଳନ-ପିପାସୀ ତରୁଣୀ ଆତ୍ମହନନରେ ନିଷ୍କୃତି ଲଭିଛି । ଏହି ତରୁଣ ତରୁଣୀ ହେଲେ କେଦାର ଓ ଗୌରୀ । ତାଙ୍କରି ନାମରେ ରଚିତହୋଇଛି କେଦାରଗୌରୀ କାବ୍ୟ । ଏହାର ପରିଣତି ମଧ୍ୟ କାରୁଣ୍ୟ ବିଜଡ଼ିତ । ଏହି କାରୁଣ୍ୟ ସ୍ରୋତର ଧାରା କ୍ରମଶଃ ପ୍ରବାହିତ ହୋଇଛି ଚନ୍ଦ୍ରଭାଗା, ନନ୍ଦକେଶରୀ, ଉଷା, ପାର୍ବତୀ ଓ ଯଯାତିକେଶରୀ ପ୍ରଭୃତିର ଅନ୍ତସ୍ଥଳକୁ । ଅଭିମନ୍ୟୁ ସାମନ୍ତସିଂହାରଙ୍କ "ପ୍ରୀତି କଲି ଯେ ମଲି ଗୋ" ର ପ୍ରତିଧ୍ୱନି ସୁରକ୍ଷିତ ହୋଇଛି ରାଧାନାଥଙ୍କ କାବ୍ୟରେ । କେଦାରଗୌରୀଙ୍କର ନିଧନ ପରେ ଚନ୍ଦ୍ରଭାଗାର ପ୍ରାଣ ବିସର୍ଜନ ନିଶ୍ଚିତଭାବରେ କାରୁଣ୍ୟ ରସାପ୍ଲୁତ, ଅନୁରାଗ ଓ ବିରାଗର ସଂଘର୍ଷ ମଧ୍ୟରେ ଶିରୀଷକୋମଳା ପିରୁଲା 'ଚନ୍ଦ୍ରଭାଗା'ର ସାଗରଗର୍ଭରେ ବିଲୀନ ହେବା ଘଟଣା ପାଠକ ପ୍ରାଣରେ ସମବେଦନାର "ଆହା" ଉଚ୍ଚାରଣ କରେ । ପୁନଶ୍ଚ ଉତ୍କଳର ଉତ୍କର୍ଷ କଳାର କାରିଗରୀ 'କୋଣାର୍କ' ର ଅଧଃପତନ ଉତ୍କଳୀୟ ପ୍ରାଣରେ କମ୍ ଆଘାତ ଦିଏନାହିଁ ।

ଅନୁରୂପ ଭାବରେ ଉତ୍କଳର କେଶରୀ ବଂଶର ଶେଷରାଜା ସୁବର୍ଣ୍ଣକେଶରୀଙ୍କ ହୃଦୟରେ କନ୍ୟା ବିଚ୍ଛେଦଜନିତ ଯନ୍ତ୍ରଣାର ଶୋକୋଚ୍ଛ୍ୱାସ ଦେଖାଯାଇଛି । ଗୋପନ ଅଭିସାର, ପ୍ରୀତି ପ୍ରତ୍ୟାଖ୍ୟାତା ନାୟିକା ଜୀବନର-ପରିସମାପ୍ତି ଘଟିଛି ଶିବିକା ମଧ୍ୟରେ । ଯେବରଗଙ୍କ ପ୍ରେମ ଭିଖାରିଣୀ ନାୟିକା ପ୍ରେମପାଇଁ ଦେଶଦ୍ରୋହୀ, ରାଜଦ୍ରୋହୀ ଓ ପିତୃଦ୍ରୋହୀ ହୋଇ ମଧ୍ୟ ସୁଖ-ବଞ୍ଚିତା । ଅପମାନ ଓ ଅନୁଶୋଚନାର ବହ୍ନିରେ ପ୍ରଜ୍ୱଳିତ ନାୟିକାର ଦେହ ମନ ଶିବିକା ଭିତରେ ଆବଦ୍ଧହୋଇ ଫେରିଆସିଛି ରାଜ-ଅନ୍ତଃପୁରକୁ । ସ୍ୱୟଂ ନୃପତି ଯାନ ନିକଟରେ ଉପସ୍ଥିତ ହୋଇ—

ଦେଖିଲେ ତନୁଜା ଦେହେ ପ୍ରାଣ ନାହିଁ
ଅବଶେ ସ୍ତମ୍ଭିତ ହେଲେ ନରସାଇଁ
ଭିତରେ ଶୋଇଛି ଦୁଃଖିନୀ ନାୟିକା
ପର୍ଯ୍ୟୁଷିତ ପଦ୍ମ ପ୍ରାୟେ ତନୁ ଫିକା ।

ପଢିଛନ୍ତି ନାୟିକାର ଶେଷଲିପି । ସ୍ଥିରଚିତ୍ତରେ ଚିନ୍ତାକରିଛନ୍ତି । ମାତ୍ର—

Digitized by srujanika@gmail.com

ନ ହେଲା ନୟନ ଅଶ୍ରୁ ବିଗଳିତ
ଏ ଯାତନା ସିନା ଅନ୍ତର ଅଗାଧ ।
ଚଉଦିଗେ ପଡ଼ିଗଲା ହା ହା କାର
ଭାସିଲେ ଲୋତକେ ରାଜପରିବାର,
କାନ୍ଦିଲେ ସଖୀଏ ମହା ଶୋକାତୁରେ
କାନ୍ଦିଲେ ରାଣୀଏ ଉଚ୍ଚେ ଅନ୍ତଃପୁରେ
ନିଶାମୁଖେ ଯହିଁ ହାସ୍ୟର କଲ୍ଲୋଳ
ନିଶା ଶେଷେ ତହିଁ ରୋଦନର ରୋଳ,

ଏହାହିଁ ଥିଲା ପ୍ରୀତିପାର୍ବଣର ଶେଷ ପରିଣତି—କାରୁଣ କଳଙ୍କିତ ବାତ୍ସଲ୍ୟରସ' ।

'ଉଷା' କାବ୍ୟରେ ରାଧାନାଥ ସୌନ୍ଦର୍ଯ୍ୟ ଓ ଶୌର୍ଯ୍ୟର ମିଳନ କରିଛନ୍ତି । ବୀର ରମଣୀ ସହିତ ବୀର ପୁରୁଷର ସାର୍ଥକ ମିଳନବେଦୀରେ ସୃଷ୍ଟି ହୋଇଛି କାରୁଣ୍ୟର ଶଙ୍ଖଧ୍ୱନି ।' ପରିଣୟ ବେଦୀରେ ପୁରୋଧାଗଣ କୁଶରେ ବର ଓ ବଧୂଙ୍କର ହସ୍ତଗ୍ରନ୍ଥି ବନ୍ଧନ କରିଛନ୍ତି । ସେହି ସ୍ପର୍ଶରେ ପରସ୍ପରଠାରେ ସାତ୍ତ୍ୱିକଭାବ ଉଦ୍ରେକ ହୋଇଛି । କ୍ରମେ ତାହା ସମଗ୍ର ଶରୀରକୁ ଆଚ୍ଛାଦନ କରିଛି । ମୁଖମଣ୍ଡଳରୁ ନିର୍ଗତ ହୋଇଛି ଝାଳବିନ୍ଦୁ । ତତ୍ପରେ ଉଭୟେ ବେଦୀ ଉପରେ ଧରାଶାୟୀ ହୋଇଛନ୍ତି । ଅନୁଚରମାନଙ୍କ ବ୍ୟଜନ, ସିଞ୍ଚନ ପ୍ରଭୃତି ଉପଚାର ସତ୍ତ୍ୱେ—

ଲବେ ହୋଇଗଲା ବିବର୍ଣ୍ଣ ବେନିଙ୍କ ଲାବଣ୍ୟ ପ୍ରଭା
କରକା ପରସ୍ପେ ପରଶେ ଶୀତଳ ଲାଗିଲା କାୟା ;
ଲକ୍ଷଣୁଁ ଜାଣିଲେ ପ୍ରାଣ-ବିହଙ୍ଗମ ଗଲାଣି ଚାଲି
ଚିରପାଇଁ କରି ଏ ମୃଣ୍ମୟ-ଦେହ-ପଞ୍ଜର ଖାଲି,
ସୁଖେ ପଡ଼େ ପୁଣି ଏଭଳି ବିପାକ ଏଡ଼େ ବେଗରେ !
କେ କହିବ କାହୁଁ ଏ ବଜ୍ର ପଡ଼ିଲା ବିନା ମେଘରେ
କି ହେଲା ! କି ହେଲା ! ବୋଲି ପଡ଼ିଗଲା ଚୌଦିଗେ ଗୋଳ,
ଆକୁଳ ଜନତା-ଅର୍ଣ୍ଣବେ ଉଠିଲା ଶୋକ କଲ୍ଲୋଳ ;
ଶୋକାଘାତେ ହେଲେ ଅଚେତନ ନୃପ-ନଗର ସାଇଁ
ରାଜସୁଖ ସଙ୍ଗେ ରାଜ-ଶୋକ ଭାଗ୍ୟ ଦେଲା ଭଙ୍ଗାଇ ;

ମୂର୍ଚ୍ଛିତ ଅବସ୍ଥାରେ ନୃପତିଙ୍କୁ ମା' କାଳୀ ଉଷା ଓ ଜୟନ୍ତଙ୍କ ପୂର୍ବଜନ୍ମର ବିବରଣୀ ପ୍ରଦାନକରିଛନ୍ତି । ପରସ୍ପରର ସ୍ପର୍ଶ ହିଁ ଶାପମୁକ୍ତିର ବେଳ । ଶୋକସାଗରରେ ନିମଜ୍ଜିତ ରାଜା ହରାଇବା ଶୋକରେ ସନ୍ତପ୍ତ ହୋଇଥିବାବେଳେ ପୂର୍ବ ଶାପର ମୁକ୍ତି ସମ୍ବାଦରେ ବିଭୋର ହୋଇନାହାନ୍ତି । ସାଂସାରିକ ଜୀବନର କ୍ଷୀଣ ସୂତ୍ରଟିକୁ ମନୁଷ୍ୟ ସହଜରେ

Digitized by srujanika@gmail.com

ଏଡ଼ାଇଦେଇପାରେନା । ମୃତ୍ୟୁର ହିମଶୀତଳ ସ୍ପର୍ଶରେ ତା ପ୍ରାଣତନ୍ତ୍ରୀ ଉଦ୍‌ବେଳିତ ହୁଏ । ହୃଦୟର କୋହ ଲୁହ ହୋଇ ବହିଯାଏ କାରୁଣ୍ୟ ସାଗରକୁ ।

ଅଶ୍ରୁମୁକ୍ତାମାଳର ଅନ୍ୟତମ ମୁକ୍ତା ହେଉଛି ରାଧାନାଥଙ୍କ ଅସମ୍ପୂର୍ଣ୍ଣ କାବ୍ୟ 'ପାର୍ବତୀ' । ଏହାର ପ୍ରତ୍ୟେକ ଚିନ୍ତା ଓ ଚେତନାରେ କରୁଣ ମୂର୍ତ୍ତି ସ୍ପଷ୍ଟତର ହୋଇ-ଉଠେ । ସଫୋକ୍ଲିସଙ୍କ 'ଓଡ଼ିପସ୍' ନାଟକରେ ମାତାପୁତ୍ର, ଓଭିଡ଼ଙ୍କ ମୀରା କାହାଣୀରେ ପିତା କନ୍ୟା, ଶେଲିଙ୍କ ସେନ୍‌ସି ନାଟକରେ ପିତା କନ୍ୟା, ବାଇରନ୍‌ଙ୍କ ପରିସିନା କବିତାରେ ମାତା ପୁତ୍ରର ଅସାମାଜିକ ପ୍ରଣୟ ବର୍ଣ୍ଣନା ପରି ରାଧାନାଥଙ୍କ 'ପାର୍ବତୀ' କାବ୍ୟରେ ପିତା ପୁତ୍ରୀର ପ୍ରଣୟ ଆଖ୍ୟାନ କାବ୍ୟକୁ କରୁଣରୁ କରୁଣତର କରିଛି । କରୁଣରସ ରାଧାନାଥଙ୍କ ପାଞ୍ଚଗୋଟି କାବ୍ୟରେ ଅଭିନବ ଧାରା ସୃଷ୍ଟି କରିଛି ଏବଂ ତାହା ମହାଯାତ୍ରା ମହାକାବ୍ୟରେ ଚୂଡ଼ାସ୍ପର୍ଶୀ ହୋଇଛି ।

ପ୍ରାଚୀନ ଭାରତୀୟ ସାହିତ୍ୟ ଓ ସଂସ୍କୃତିର ଏକନିଷ୍ଠ ଅନୁରାଗୀ ଗଙ୍ଗାଧର-ମେହେରଙ୍କ ଲେଖନୀରେ ମହାଭାରତୀୟ କାରୁଣ୍ୟ ସ୍ରୋତ ନିର୍ଝରିତ । ଭବଭୂତିଙ୍କର ଉତ୍ତର ରାମଚରିତର ସୀତା, କାଳିଦାସଙ୍କ ଶକୁନ୍ତଳା, ମହାଭାରତର ଦ୍ରୌପଦୀ, ରଘୁବଂଶର ଇନ୍ଦୁମତୀ ପ୍ରଭୃତି ଚରିତ୍ରଙ୍କ ଜୀବନ ଓ ଆଚରଣ ପାଠକ ଚେତନାରେ କାରୁଣ୍ୟର ଉଦ୍‌ବେଳନ ସୃଷ୍ଟି କରିଛି । ସୀତାଙ୍କ ନିର୍ବାସନକାଳୀନ ଦୁଃଖ ଦୈନ୍ୟ, କାରୁଣ୍ୟକୁ କବି 'ତପସ୍ୱିନୀ' କାବ୍ୟରେ ପ୍ରକଟକରିଛନ୍ତି । ଅନ୍ତର୍ବେଦନା ଓ ଭାବନାର ବହିଃପ୍ରକାଶରେ କବି ଲେଖନୀ ନିପୁଣତା ଲାଭକରିଛି । ଲକ୍ଷ୍ମଣଙ୍କ ପରିତ୍ୟାଗ ପରେ ଗହନକାନନ ମଧ୍ୟରେ ସୀତା ଅସହାୟତା ପ୍ରକାଶକରିବାକୁଯାଇ ଅନବରତ ନୟନରୁ ଅଶ୍ରୁପାତ କରିଛନ୍ତି । ନିର୍ଜନ କାନନରେ ପ୍ରକୃତି ତାଙ୍କୁ ସମବେଦନାଜ୍ଞାପନ କରିଛି । ସତେ ଯେପରି ସମଗ୍ର ବନସ୍ଥଳୀରେ କାରୁଣ୍ୟ ଲହରୀ ପ୍ରବାହିତ । ଦଶଦିଗ ଶୋକ ଶବ୍ଦରେ ଶବ୍ଦାୟିତ । ସେହି କରୁଣ ଧ୍ୱନିରେ ଆକୃଷ୍ଟହୋଇ ଆସିଛନ୍ତି ମୁନିକନ୍ୟା ସମେତ ମହର୍ଷି ବାଲ୍ମୀକି । ପ୍ରବୋଧନା, ଆଶ୍ୱାସନା ଓ ସାନ୍ତ୍ୱନାର ଶାନ୍ତବାଣୀ ମଧ୍ୟରେ ସୀତା ହୋଇଛନ୍ତି ଆଶ୍ରମବାସିନୀ ତପସ୍ୱିନୀ । ଅନ୍ୟପକ୍ଷରେ ରାମଚନ୍ଦ୍ର ସୀତାଙ୍କୁ ତ୍ୟାଗକରି ଶୋକ-ସାଗର କୂଳରେ ନୀରବରେ ଅଶ୍ରୁବର୍ଷଣ କରିଛନ୍ତି । ରାଜା ରାମ ଓ ସୀତାପତି ରାମ ମଧ୍ୟରେ ପାର୍ଥକ୍ୟର ସୂକ୍ଷ୍ମ ସୂତ୍ରଟିକୁ ଧାରଣକରିଛନ୍ତି । ଅନୁତାପାନଳ ଓ ଦୁଃଖର ଦ୍ରାବଣ ମଧ୍ୟରେ ରାଜା ରାମଙ୍କର ପ୍ରତିଷ୍ଠାହୋଇଛି, ଅଥଚ ଦୁଃଖର କାଳିମା ସୀତାଙ୍କ ବଦନ କମଳରୁ ଅପସୃତ ହୋଇନାହିଁ । ଶ୍ରୀରାମମୂର୍ତ୍ତି ଚିନ୍ତା-ଚେତନା-ଚୈତନ୍ୟ ମଧ୍ୟରେ ଆଶ୍ରମ ଜୀବନର ନିଷ୍ଠାସହ ସନ୍ତାନଦ୍ୱୟଙ୍କ ଲାଳନପାଳନ ପର୍ଯ୍ୟନ୍ତ ଦୃଶ୍ୟାବଳୀ କାବ୍ୟରେ ଅନ୍ତଃସଲିଳା ଫଲ୍‌ଗୁପରି ପ୍ରବାହିତ ।

କାଳିଦାସଙ୍କ ଅମୃତ ନିସ୍ୟନ୍ଦିନୀ 'ଅଭିଜ୍ଞାନ ଶାକୁନ୍ତଳମ୍' ନାଟକର ମହୀୟସୀ ଚରିତ୍ର ଶକୁନ୍ତଳାଙ୍କ ଭାଗ୍ୟାକାଶରେ ମଧ୍ୟ ଦୁଃଖର କଳା ବାଦଲ ଦେଖାଦେଇଛି ।

Digitized by srujanika@gmail.com

ଶିଙ୍ଗାଧର ସେହି ଚରିତକୁ ଓଡ଼ିଆଭାଷାରେ ପ୍ରସ୍ଫୁଟିତ କରିବାକୁ ସଚେଷ୍ଟ ହୋଇଛନ୍ତି । ଶକୁନ୍ତଳାଙ୍କ ପ୍ରୀତି ସାଗରରେ ସୃଷ୍ଟିହୋଇଛି ଦୁଃଖୋର୍ମି । ମିଳନ ପରେ ବିରହବ୍ୟଥା ସକଳ ସୁଖ ସ୍ୱପ୍ନକୁ ଧୂଳିସାତ୍ କରିଛି । ପୁନଶ୍ଚ ପତିଗୃହକୁ ଯାତ୍ରାପରେ ଦୁର୍ବାସାଙ୍କ ଅଭିଶାପ ଫଳବତୀ ହୋଇଛି । ଦୁଷ୍ମନ୍ତ ଶକୁନ୍ତଳାଙ୍କ ପରିଚୟକୁ ଅସ୍ୱୀକାର କରିଛନ୍ତି । ଦୁଃଖ ଜର୍ଜ୍ଜରିତ ତାପସୀ ହୃଦୟସ୍ଥ ରାଜରାଣୀର ସୁଖ ସ୍ୱପ୍ନରେ ବିଭୋରଥିବା କାଳରେ ସହସା ଅଭିଶାପର ଅଶନିପାତ ଘଟିଛି । ଦୁଃଖ ପାରାବାରରେ ପୁନଶ୍ଚ କାରୁଣ୍ୟ-ଲହରୀ ଉଠିଛି ।

'ଇନ୍ଦୁମତୀ' କାବ୍ୟରେ ଅଜଙ୍କ ବିଳାପ କାରୁଣ୍ୟ-ବିଗଳିତ ହୃଦୟର ଅପୂର୍ବ ପ୍ରକାଶ । ତପସ୍ୱୀମାନେ ଶ୍ରୀରାମଙ୍କ ବିଷାଦଯୋଗ, ପ୍ରଣୟବନ୍ଧନରେ ମୁଦ୍ରିକା ପ୍ରାପ୍ତି ପରେ ଦୁଷ୍ମନ୍ତଙ୍କ ଅନୁଶୋଚନା, ଇନ୍ଦୁମତୀଙ୍କ ସ୍ୱର୍ଗୀୟ ସୁମନମାଳ ସ୍ପର୍ଶରେ ମୃତ୍ୟୁପରେ ଅଜଙ୍କର ଦୁଃଖାଭିଭୂତ ଚିନ୍ତା ଓ କଳ୍ପନା କାରୁଣ୍ୟ-ସାଗରର ଏକ ଏକ ଦୁଃଖଦ ଢେଉ । କବି ଲେଖନୀ ତାହାକୁ କାବ୍ୟରୁ ପାଠକ ହୃଦୟ ପର୍ଯ୍ୟନ୍ତ ପ୍ରସାରିତ କରିବାରେ କ୍ଷମ ହୋଇଛି ।

'ଅଯୋଧ୍ୟାରଣ୍ୟ' ରେ ସୁଖ ଓ ଦୁଃଖର ସମାହାର ଘଟିଛି । ସିଂହାସନ ଆରୋହଣର ସୁଖପର୍ବ ଆରମ୍ଭରେ ବନବାସର ଦୁଃଖଦ ପର୍ବର ପ୍ରାରମ୍ଭ । ପୁର ପ୍ରାନ୍ତରେ ଆନନ୍ଦର କଳଧ୍ୱନି ମଧ୍ୟରେ ଦୁଃଖର ରୋଳଧ୍ୱନି—

କାନ୍ଦ କାନ୍ଦ ରାଣୀବୃନ୍ଦ ଅଟ୍ଟାଳି ଉପରେ
ଉଠି ଦୃଷ୍ଟି ଦେଲେ ରାମ ଯୋଗୀନ୍ଦ୍ର ରୂପରେ ।
ନୟନୁ ନୟନୁ ତାଙ୍କ ହୋଇ ଅଶ୍ରୁ ବୃଷ୍ଟି
ବାରମ୍ବାର ରୋଧକରି ଦେଉଥାଏ ଦୃଷ୍ଟି ।
ରାଜାପୁରୁଁ ବାହାରିଲା ଦାରୁଣ ନିଃସ୍ୱନ
ରାଜ୍ୟ ତେଜି ରାମଚନ୍ଦ୍ର ଯାଉଛନ୍ତି ବନ ।
ସଞ୍ଚରିଲା ସେ ଶବଦ ବଦନେ ବଦନେ
ସ୍ଥାନେ ସ୍ଥାନେ ପଥେ ପଥେ ସଦନେ ସଦନେ ।
ସଙ୍ଗେ ସଙ୍ଗେ ଉଠିଗଲା ମହା ହାହାକାର
ଗଣ୍ଡେ ଗଣ୍ଡେ ପ୍ଲାବିଗଲା ନେତ୍ର ନୀର ଧାର ।
ଉଠିଲା କ୍ରନ୍ଦନଧ୍ୱନି-ଲହରୀ-ପଟଳ
ଶୋକ ସିନ୍ଧୁବକ୍ଷେ ପୁର ହେଲା ଟଳମଳ''

କେବଳ ସେତିକି ନୁହେଁ, ରାମଚନ୍ଦ୍ରଙ୍କ ବନବାସ ପରେ ମାତା କୌଶଲ୍ୟାଙ୍କ ହୃଦୟରେ ମଧ୍ୟ ଦାରୁଣ ଶୋକର କରୁଣରାବ ଫୁଟିଉଠିଛି । ଚଉଦବର୍ଷ ବନବାସ ପରେ ରାମ

Digitized by srujanika@gmail.com

ପ୍ରତ୍ୟାବର୍ତ୍ତନ କରିଛନ୍ତି ଅଯୋଧ୍ୟାକୁ । ରାଜ୍ୟଭାର ଗ୍ରହଣ ପରେ ଦୁଃଖର ଉର୍ମି ଘୂର୍ଣ୍ଣିଥରେ କଡ଼ ଲେଉଟାଇଛି ସୁଖସାଗର ଆଡ଼କୁ ।

ବ୍ୟାସକବି ଫକୀରମୋହନଙ୍କ ଏକମାତ୍ର କାବ୍ୟ ‘ବୌଦ୍ଧାବତାର କାବ୍ୟ’ ଇତିହାସର ପୃଷ୍ଠଭୂମିରେ ରଚିତ । ଦୁଃଖର ରକ୍ତାକ୍ତ ଜିହ୍ୱା ଏ ଜଗତର ସକଳ ପ୍ରାଣୀକୁ ଗ୍ରାସିପକାଏ । ତେଣୁ ସଂସାରର ଦୁଃଖ ଶୋକରୁ ଉଦ୍ଧାରପାଇବା ନିମିତ୍ତ ଗୌତମ ଏକ ମୋହମୁକ୍ତ ମୁକ୍ତି ମାର୍ଗର ଅନ୍ୱେଷଣ କରିଛନ୍ତି । ହୃଦୟରେ ଥିଲା ଅହିଂସା, ସତ୍ୟ ଭାବନା । ତେଣୁ ଦେବଦତ୍ତ ଦ୍ୱାରା ଶରବିଦ୍ଧ ମରାଳକୁ ଦେଖି କହିଛନ୍ତି—

ଅସ୍ତ୍ର ଆଘାତରେ କେତେ କଷ୍ଟପାଏ ପ୍ରାଣୀ
ଦେଖି ଏ ମରାଳେ ତଥ୍ୟ ନ ପାରିଲି ଜାଣି ।’
କି କଷ୍ଟ ଲଭିଛି ହଂସ ବୁଝ ଅନୁମାନେ
ହୁଅନ୍ତା ଯେ କଷ୍ଟ ଅସ୍ତ୍ରାଘାତେ ତୁମ୍ଭ ପ୍ରାଣେ ।’

ରାଜପୁତ୍ର ଗୌତମ ଜଗତର ଜରା, ବ୍ୟାଧି, ମୃତ୍ୟୁର କରାଳ କବଳରୁ ମନୁଷ୍ୟକୁ ରକ୍ଷା କରିବାପାଇଁ ବ୍ୟତିବ୍ୟସ୍ତ ହୋଇଛନ୍ତି । ରାଜପୁତ୍ରର ରାଜୋଚିତ କର୍ମ ବଦଳରେ ତପସ୍ୱୀର ବୈରାଗୀ ଗୁଣ ପ୍ରକାଶପାଇଛି । ପରିଶେଷରେ ଶିଶୁ ସନ୍ତାନ, ସୁନ୍ଦରୀ ସ୍ତ୍ରୀ ଗୋପା, ପିତାରାଜ୍ୟ ଓ ରାଜ୍ୟବାସୀଙ୍କୁ ଶୋକସାଗରରେ ଭସାଇ ଗୌତମ ହୋଇଛନ୍ତି ସନ୍ନ୍ୟାସୀ । ରାଜ୍ୟବାସୀ ଓ ରାଜପୁରବାସୀଙ୍କ—

ନ ଯାଅ ସକଳେ ଶୋକ ସାଗରେ ଭସାଇ
ନ ଯାଅ ଆଶ୍ରିତ ଜନେ କନ୍ଦାଇ କନ୍ଦାଇ—ବାଣୀ ମଧ୍ୟ ତାଙ୍କ

ହୃଦୟକୁ ବିଚଳିତ କରିପାରିନାହିଁ । ରାଜ୍ୟ ସୀମାରେ ଯେତେବେଳେ ଛନ୍ଦକ ଓ କଣ୍ଟକକୁ ବିଦାୟ ଦେଇଛନ୍ତି ସେତେବେଳେ ଉଭୟଙ୍କ ଚକ୍ଷୁରୁ ଶ୍ରାବଣର ଅଶ୍ରୁଧାରା ନିର୍ଗତ ହୋଇଛି । ପ୍ରାତଃରେ ଗୌତମଙ୍କୁ ନ ଦେଖି ଗୋପା କ୍ରନ୍ଦନ କରିଛନ୍ତି । ସେହି କ୍ରନ୍ଦନରୋଳ ରାଜ୍ୟ ଓ ରାଜପୁରୀକୁ ନିନାଦିତ କରିଛି । କବିଙ୍କ ଭାଷାରେ—

କାନ୍ଦିଲେ ବିକଳେ ସତୀ ଶିରେ ତାଡ଼ି ହାତ
ଅଧୀନୀକୁ ତେଜି କାହିଁଗଲ ପ୍ରାଣନାଥ
ଉଠିଲେ ଦାସୀଏ ଶୁଣି କ୍ରନ୍ଦନର ଧ୍ୱନି
ଅକସ୍ମାତେ କି ଘଟିଲା ନ ପାରିଲେ ଜାଣି,
କାନ୍ଦୁଛନ୍ତି ଗୋପା—କାହିଁ ଗଲେ ପ୍ରାଣନାଥ
ସଖୀଗଣ ମୁଣ୍ଡେ କିବା ହେଲା ବଜ୍ରାଘାତ ।

Digitized by srujanika@gmail.com

ବାଣବଦଗର୍ଜନ ସଦୃଶ କପିଳବାସ୍ତୁରେ ରୋଦନ ଧ୍ୱନି ଉଠିଲେ ହେଁ, ସକଳ ନେତ୍ରରୁ ଶୋକାଶ୍ରୁ ନିର୍ଝରିତ ହେଲେ ହେଁ, ଗୋପା ହୃଦୟର ସକଳ ସନ୍ତାପକୁ ସ୍ୱୀକାରକରି କାମନା କରିଛନ୍ତି ।

ପୁତ୍ରଶୋକଠାରୁ ବଳି ଦୁଃଖ ବୋଧହୁଏ ସଂସାରରେ ଆଉ କିଛି ନାହିଁ । ଏହି ଶୋକର ବାସ୍ତବରୂପ (ଗୌତମୀଙ୍କୁ ଦେଖି) ଗୌତମ ଅନୁଭବ କରିଛନ୍ତି । ମୃତ ପୁତ୍ରର ଜୀବନପାଇଁ ଗୌତମୀ ଦ୍ୱାର ଦ୍ୱାର ବୁଲିଛନ୍ତି । ପରିଶେଷରେ ଆସିଛନ୍ତି ଗୌତମଙ୍କ ନିକଟକୁ । ଗୌତମ ତାଙ୍କୁ ମୁଠାଏ ସୋରିଷ ଆଣିବାକୁ କହିଛନ୍ତି । ଗୌତମୀ ମୁଖରେ ହର୍ଷର ଚିହ୍ନ । ମାତ୍ର ଯେଉଁ ଘରେ କେହି କେବେହେଲେ ମରିନାହିଁ ସେହିଁ ଘରରୁ ସୋରିଷ ଆଣିବାକୁ ପଡ଼ିବ । ପୁତ୍ରର ଜୀବନ୍ୟାସ ଆଶାରେ ଗୌତମୀ ବହୁଦ୍ୱାର ବୁଲି ମଧ୍ୟ ସୋରିଷ ପାଇନାହିଁ । ସର୍ବତ୍ର ମୃତ୍ୟୁର ଅବାଧ ପ୍ରବେଶ । ଏହି ଦୃଶ୍ୟ—

ଦେଖିଲେ ଗୌତମ କରୁଣ ନୟନେ
କି କଷ୍ଟ ଯେ ଜାତ ସନ୍ତାନ ମରଣେ
ପୁତ୍ର ଶୋକୁଁ ବଳି ଶୋକୁ କିଛି ନାହିଁ
ତେଜିପାରେ ଲୋକ ସର୍ବ ପୁତ୍ର ପାଇ ।'

ତେବେ ଏହି କାରୁଣ୍ୟରୁ ନିଷ୍କ୍ରାନ୍ତି ପାଇଁ ପଥ ଖୋଜି ଖୋଜି ପରିଶେଷରେ ଗୌତମ ହୋଇଗଲେ ପରମ କାରୁଣିକ ବୁଦ୍ଧ—ଅହିଂସା ଓ ସତ୍ୟର ପ୍ରତୀକ ।

ଫକୀରମୋହନ, ରାଧାନାଥ, ଗଙ୍ଗାଧରଙ୍କ କାବ୍ୟ ଚେତନାର ଉନ୍ମେଷଣ କାଳରେ ଦେଖାଦେଇଛନ୍ତି ନନ୍ଦକିଶୋର ବଳ । କବି ଗୀତ କବିତା ରଚନା ସହିତ ସୀତାବନବାସ, ଶର୍ମିଷ୍ଠା, କୃଷ୍ଣକୁମାରୀ ପ୍ରଭୃତି କାବ୍ୟର ସ୍ରଷ୍ଟା ମଧ୍ୟ । ମହାକାବ୍ୟ ରାମାୟଣର ଉତ୍ତର ଭାଗରେ ଥିବା 'ସୀତା ବନବାସ' ପ୍ରସଙ୍ଗ କବି ଲେଖନୀକୁ ଆକୃଷ୍ଟ କରିଛି । କାରଣ ଦୁଃଖପୂର୍ଣ୍ଣ ଭବନାରାଶି ହିଁ ମାନବ ଜୀବନର ମଧୁର ସଙ୍ଗୀତ । ସେହି ସଙ୍ଗୀତର ମଧୁମୂର୍ଚ୍ଛନାରେ ବିମୋହିତହୋଇ ଗଙ୍ଗାଧର ସୃଷ୍ଟିକରିଛନ୍ତି 'ତପସ୍ୱିନୀ', ନନ୍ଦକିଶୋର ରଚନା କରିଛନ୍ତି 'ସୀତା ବନବାସ', ମଧୁସୂଦନ ରାଓ କରିଛନ୍ତି 'ଉତ୍ତର ରାମଚରିତ'ର ଓଡ଼ିଆ ଅନୁବାଦ । ମର୍ମଦାହୀ କାରୁଣ୍ୟ ସ୍ରୋତ ଲେଖନୀରୁ ସଂକ୍ରମିତ ହୋଇଛି । ସୀତାଙ୍କ ମୁନିଆଶ୍ରମ ଦର୍ଶନ ଓ ମୁନିକନ୍ୟାଙ୍କ ସହ ମଧୁର ସୌହାର୍ଦ୍ଦ୍ୟ ସ୍ଥାପନ ଇଚ୍ଛା ହିଁ ପରିଶେଷରେ ବନବାସରେ ପରିଣତ ହୋଇଛି ।

ଶୁଣି ଗୁପ୍ତଚର ମୁଖୁ ସୀତା ଅପଯଶ
ସର୍ବାଙ୍ଗ ରାମଙ୍କ ହେଲା ଅଚଳ ଅବଶ
ଦୁଃଖେ ସୁଖେ ଧୀର ସଦା ଅଟଳ ଅଚଳ
ହିମାଦ୍ରି ପ୍ରତିମ ରାମ ହୋଇଲେ ବିକଳ ।

Digitized by srujanika@gmail.com

ଆହା ସୀତେ ! ବୋଲି ଶୋକେ ଶ୍ରୀରଘୁନନ୍ଦନ
ନିଜର୍ନେ ବର୍ଷିଣ କଲେ ବିକଳ କ୍ରନ୍ଦନ ।

ପିତୃସତ୍ୟ ପାଳନପାଇଁ ଚଉଦବର୍ଷ ବନବାସୀ ହେବାପରେ ପୁନଶ୍ଚ ସୀତାଙ୍କ ପରିତ୍ୟାଗ କରିବା ରାମଙ୍କ ପକ୍ଷେ ଅସହ୍ୟ ହେଲେ ମଧ୍ୟ ରାଜକାର୍ଯ୍ୟ ରଜ୍ଜୁରେ ଆବଦ୍ଧହୋଇ ହୃଦୟ ହାହାକାର କରୁଛି । ଅପବାଦ ନାଗରୀ ଭୟରେ ଶ୍ରୀରାମ ସୀତାଙ୍କୁ ବନରେ ତ୍ୟାଗ କରିଛନ୍ତି ଜାଣିବା ପରେ ସୀତା ଚେତନା ହରାଇ ଭୂପତିତା ହୋଇଛନ୍ତି ।

କ୍ଷଣ ପରେ ସୀତା ନେତ୍ର ପ୍ରବଳ ବେଗରେ
ବହିଲା ଲୋତକ, ଶ୍ୱାସ ଚଳିଲା ପ୍ରଖରେ ।

ସେତେବେଳେ ସତୀ ଶିରୋମଣି ଚିନ୍ତାକରିଛନ୍ତି—

ଏହି ମୁହୂର୍ତ୍ତିରେ ତେଜି ଏ ଦଗ୍ଧ ପରାଣ
ଏ ଦୁଃସହ ଲଜ୍ଜା ଦୁଃଖ କରନ୍ତି ନିର୍ବାଣ
ଆଉ ଏ ଜୀବନେ ମୋର କିବା ପ୍ରୟୋଜନ
ଉଚିତ କି ଏ ଦଶାରେ ରଖିବା ଜୀବନ ?

ଅଥଚ ନିଜ ଦୁଃଖରେ ଅଧୀରହେବା ଅପେକ୍ଷା ଶ୍ରୀରାମଙ୍କ ଦୁଃଖରେ ଅଧିକ ଚିନ୍ତିତ ହୋଇଛନ୍ତି । ଭାଗୀରଥି ତୀର କାନନରେ ସୀତାଙ୍କୁ ପରିତ୍ୟାଗ କଲାବେଳେ ଲକ୍ଷ୍ମଣଙ୍କ ହୃଦୟ ମଧ୍ୟ ଶୋକାତୁର ହୋଇଛି । ଦୁଃଖ ଅନୁଭବ କରିଛନ୍ତି ମହାନୁଭବ ଶ୍ରୀରାମ । ତେଣୁ—

କାନ୍ଦୁଛନ୍ତି ମହାଶୋକେ ସୀତା ଗୁଣ ଗୁଣି
ପାଷାଣ ତରଳିଯିବ ଯେ ବିଳାପ ଶୁଣି

ରାମାୟଣର ଏହି କରୁଣ ରସ ସକଳ ଭାରତୀୟଙ୍କ ହୃଦୟକୁ ଆର୍ଦ୍ର କରିଛି ।

ଇତିହାସର ପୃଷ୍ଠଭୂମିରେ ରଚିତ ନନ୍ଦକିଶୋରଙ୍କ 'କୃଷ୍ଣକୁମାରୀ' କରୁଣ ରସର ଅନ୍ୟ ଏକ ଆଲେଖ୍ୟ । ରାଣା ଭୀମସିଂହଙ୍କ ଅପୂର୍ବସୁନ୍ଦରୀ କନ୍ୟା କୃଷ୍ଣକୁମାରୀଙ୍କ ବିଷପାନ ଥିଲା ପିତାର ମହତ୍ତ୍ୱ ଓ ଜାତିର ଇଜ୍ଜତରକ୍ଷା ପାଇଁ ଏକମାତ୍ର ଉପାୟ । ଶତ୍ରୁ ହସ୍ତରେ ରାଜ୍ୟ ଓ ଇଜ୍ଜତ ଅର୍ପଣକରିବା ଅପେକ୍ଷା ସ୍ୱହସ୍ତରେ ଲାବଣ୍ୟ ପିତୁଳା କନ୍ୟାକୁ ହତ୍ୟାକରି ରାଜ୍ୟକୁ ନିଷ୍କଣ୍ଟକ କରିବା ପରମ ଶ୍ରେୟ ବୋଲି ରାଣା ଭାବିଛନ୍ତି । ପରିଶେଷରେ କୃଷ୍ଣକୁମାରୀଙ୍କୁ ବିଷପାନ କରିବାକୁ ପଡ଼ିଛି । ରାଜ୍ୟବାସୀ କ୍ରନ୍ଦନ କରିଛନ୍ତି । କ୍ରନ୍ଦନ କରିଛନ୍ତି ଜନନୀ—

ଦଶମାସ ତୋତେ ଗରଭେ ଧରିଣ
ସହିଲି ଅସହ୍ୟ ଯାତନା ଘୋର

Digitized by srujanika@gmail.com

ଆଶା କରିଥିଲି ସୁଖ ଦେଖି ତୋର
ପାସୋରି ଯିବ ସେ କଷଣ ମୋର
ଆହା ମୋର କୃଷ୍ଣା ହା କ୍ରୂର ଅଜ୍ଞାତ
ହା କନ୍ଦର୍ପ ମ୍ଲେଚ୍ଛ ହୋଇ ରେ ବଦ୍ଧ
ଦୁଃଖିନୀ ପରାଣ ତନସ୍ଥାର ସ୍ଥଳେ
ଏ ଦାରୁଣ ଦୁଃଖ ଥିଲୁ ରୁ ଲବ୍ଧ ?

ପୁନଶ୍ଚ ମହାଭାରତର ବିଷୟବସ୍ତୁ ଆଧାରରେ କବି ରତନାକରଚନ୍ଦ୍ର 'ଶର୍ମିଷ୍ଠା'କାବ୍ୟ । ଏହି କାବ୍ୟର ଅନ୍ତଃସ୍ରୋତ ହିଁ 'କାରୁଣ୍ୟ' । ମୁହୂର୍ତ୍ତିକର ଭୁଲରେ ସାରା ଜୀବନ ଦାସତ୍ୱ ରଜ୍ଜୁରେ ବନ୍ଧାହୋଇଛି ଶର୍ମିଷ୍ଠାର, ଗୁରୁକନ୍ୟା ସଖୀ ଦେବଯାନୀ ନିକଟରେ । ବୃଷପର୍ବା ରାଜକନ୍ୟା ଶର୍ମିଷ୍ଠା । ଜାତିପାଇଁ, ରାଜ୍ୟପାଇଁ ଶୁକ୍ରକନ୍ୟା ଦେବଯାନୀଙ୍କ ଦାସୀତ୍ୱ ବରଣକରି ଜୀବନର ସକଳ ସୁଖ ସୌଭାଗ୍ୟକୁ ବଳିଦେବା ତଥା ଅଭିଳଷିତ ପୁରୁଷକୁ ପାଇ ହୃଦୟର ବ୍ୟଥା ନିବେଦନକରି ନ ପାରିବାର ଯନ୍ତ୍ରଣାରେ ଅତିଷ୍ଠହେବା କମ୍ ବ୍ୟଥାଦାୟୀ ନୁହେଁ । କାରଣ—

ବନ ପୋଡ଼ିଗଲେ ଜାଣନ୍ତି ସକଳେ
ନୀରବରେ ପୋଡ଼େ ମନ
ମନ ପୋଡ଼ିଗଲେ ସଙ୍ଗେ ସଙ୍ଗେ ହୁଏ
ଦଗଧ ବିଶ୍ୱ ଭୁବନ ।

ଶର୍ମିଷ୍ଠା ହୃଦୟରେ ଜାତ ହୋଇଥିବା ଦୁଃଖର ଢେଉ କୂଳ ଲଙ୍ଘନ କରିନାହିଁ । ମନ ମଧ୍ୟରେ ସୁଖ-ଦୁଃଖର ଅନୁମାନ ଅନୁଭବ କରିଛି ସେ । ତେଣୁ ମୁଖପାଇଁ ମନ ବଳାଇ ନାହିଁ କି ସୁଖ ପାଇଁ ବ୍ୟାକୁଳ ହୋଇନାହିଁ । ବରଂ ସତ୍ୟ ଓ କର୍ତ୍ତବ୍ୟ ପ୍ରତି ଅଧିକ ଧ୍ୟାନ ଦେଇଛି । ତେଣୁ—

ନିଜ ଦୁଃଖ ଦଶା ବିସୋରି ଚାଲନ୍ତି
ଦୁଃଖିଜନ ଦଶା ସ୍ମରି
ପଙ୍କଜ ପଳାଶ- ଲୋଚନୁଁ ଲୋତକ
ଝର ଝର ପଡ଼େ ଝରି ।

ଗୋପବନ୍ଧୁ ଦାସଙ୍କ ଗାଥାକାବ୍ୟ 'ଧର୍ମପଦ' ନିଶ୍ଚିତ ଭାବରେ କରୁଣ ରସାପ୍ଲୁତ । ପିତା ପୁତ୍ରର ମିଳନ ଓ ବିଚ୍ଛେଦ ଏକ ମର୍ମନ୍ତୁଦ ଘଟଣା । ଗୋଟିଏ ଜାତିର ରକ୍ଷା ପାଇଁ ଏକମାତ୍ର ପୁତ୍ରକୁ ବିସର୍ଜନ ଦେବାରେ ପିତାର ମନ କୁଣ୍ଠିତ ହେଲେ ମଧ୍ୟ ପୁତ୍ର ଅକୁଣ୍ଠିତ ଚିତ୍ତରେ ତାହା ସମାପନ କରିଛି ।

Digitized by srujanika@gmail.com

ପଣ୍ଡିତ ନୀଳକଣ୍ଠ ଦାସଙ୍କ 'କୋଣାର୍କେ' ଓ 'ଦାସ ନାୟକ'ରେ କରୁଣରସ ନିହିତ । 'କୋଣାର୍କେ'ର ପ୍ରଥମ ଭାଗରେ ଗଭୀର ଘୂର୍ଣ୍ଣି-ଝଡ଼ ବର୍ଷାର ଚିତ୍ରରେ ଭୟ ସହିତ କରୁଣ ମିଶ୍ରିତ । ପୁନଶ୍ଚ ଏହାର ଦ୍ୱିତୀୟ ଭାଗ 'ମାୟାଦେବୀ'ର ପରିଣତିରେ 'ମୃତ୍ୟୁ' ହିଁ ଶୋକର କାରଣ ହୋଇଛି । 'ଦାସ ନାୟକ'ରେ 'ଦାରିଦ୍ର୍ୟ' ଦୁଃଖ ଶୋକର କାରଣ ହୋଇଥିଲେ ହେଁ ଶେଷାଂଶରେ ଦାସର କରୁଣ ପରିଣତି ପାଠକ ହୃଦୟକୁ ଶୋକ ବିମୋହିତ କରେ ।

ଊନବିଂଶ ଶତକର ଆଦ୍ୟପାଦରେ ବିପୁଳ କାବ୍ୟ କବିତାର ରଚୟିତା କବି ଚିନ୍ତାମଣି ମହାନ୍ତି ମୁଖ୍ୟତଃ ବର୍ଣ୍ଣନାତ୍ମକ-ପ୍ରକୃତିକବି ହେଲେ ମଧ୍ୟ, ସ୍ଥଳ ବିଶେଷରେ କରୁଣରସକୁ ମୂର୍ତ୍ତିମନ୍ତ କରିଛନ୍ତି । ପୌରାଣିକ, ଐତିହାସିକ ଓ କାଳ୍ପନିକ କାବ୍ୟ-ଗୁଡ଼ିକରେ ଏହି କରୁଣ ଆବେଦନ ନିହିତ । ସ୍ୱୀୟ ଜୀବନରେ ଦୁଃଖର କଷାଘାତ ଅନୁଭବ କରିଛନ୍ତି, ତେଣୁ—

ବୁଝିଲି ଏ ଭବ ନୁହେଁ ସୁଖର ଆଳୟ
ଅଟେ ନିଶ୍ଚେ ଏହା ଦୁଃଖ-ଶାର୍ଦ୍ଦୁଳ ଦଳର
ଶାଶ୍ୱତ ଗହନ-ଗୁହା, ଆବର ବିବିଧ
ଆପଦ-ଆବାସ, ଯଥା ଚନ୍ଦନ ସର୍ପର—ବୋଲି କହିଛନ୍ତି ।

ରାଧାନାଥଙ୍କର "ଚିର ହାହାମୟ ଏ ସ୍ଥିର ଜୀବନ, ଜୀବନ ନୁହଁଇ ଜୀବନ୍ତ ମରଣ"ର ପ୍ରତିଧ୍ୱନି ତାଙ୍କ ରଚିତ ବହୁ କାବ୍ୟ କବିତା ମଧ୍ୟରେ ଅନୁରଣିତ । ପୁନଶ୍ଚ ରାଧାନାଥଙ୍କ ପ୍ରତ୍ୟକ୍ଷ ସାହଚର୍ଯ୍ୟ ଲାଭ ହେତୁ କବିଙ୍କ ରଚନାରେ ତାଙ୍କ ପ୍ରଭାବ ସ୍ୱତଃ ଅନୁମିତ । ଏପରିକି ରାଧାନାଥଙ୍କ ସମାଧି ଦର୍ଶନକରି କବି ରଚନାକରିଛନ୍ତି 'ସମାଧି କ୍ଷେତ୍ର' । ତହିଁରେ ଲିପିବଦ୍ଧ ହୋଇଥିବା ରାଧାନାଥଙ୍କ ବିଷାଦବାଦୀ କବିତାର ପଙ୍‌କ୍ତି ପାଠ କରୁ କରୁ କହିଛନ୍ତି—

ପଢ଼ିଲି ସ୍ୱାକ୍ଷର ଶେଷେ ରାଧାନାଥ
ଅସମ୍ଭାଳେ ନେତ୍ରୁ ହେଲା ଅଶ୍ରୁପାତ ।

ଏ ଅଶ୍ରୁ ଦୁର୍ଦ୍ଦଶାର, ସମବେଦନାର ଓ ଅସହାୟତାର ଅଶ୍ରୁ । ଉତ୍କଳ ସାହିତ୍ୟର ଅପୂରଣୀୟ କ୍ଷତି ଓ କ୍ଷତିର ଅଶ୍ରୁ । ଏଣୁ—

ତୁମ୍ଭ ଅଭାବେ ସେ ହୃଦେ ତାଡ଼ି ହାତ
ବିଳପୁଛି କହି ହା ହା ରାଧାନାଥ
ଥିଲ ତୁମ୍ଭେ ତାର ଯୋଗ୍ୟତମ ପୁଅ
ଦେଉଥିଲ ପୋଛି ତା ନୟନୁ ଲୁହ

Digitized by srujanika@gmail.com

ଅର୍ପିଲ ଯେ ଶୋକ ତାଙ୍କୁ କବି ନାହିଁ
ସେ କ୍ଷତ ତାହାର ନ ଶୁଖିବ ଆହା
ରୁମ୍ନ ବିଚ୍ଛେଦରେ ଉତ୍କଳ ଭାରତୀ
ହୋଇଛନ୍ତି ଶୋକେ ଉଦାସୀନ ଅତି ।

"ଉତ୍କଳ-କମଳା" କାବ୍ୟରେ ଉତ୍କଳର ଅତୀତ କୀର୍ତ୍ତି ସହିତ ଆଧୁନିକ ଯୁଗ-ଯନ୍ତ୍ରଣାର ସାର୍ଥକ କାରୁଣ୍ୟ ଚିତ୍ର ଉପସ୍ଥାପିତ ହୋଇଛି । ନଅଙ୍କ ଦୁର୍ଭିକ୍ଷର ମର୍ମବିଦାରୀ ଦୃଶ୍ୟ ସହିତ ଉତ୍କଳ ଜନନୀର ମଳିନ ବେଶ ଅଙ୍କିତ । ଦୁର୍ଭିକ୍ଷ କାଳରେ ଅନାହାରକ୍ଳିଷ୍ଟ ଦୁଇଟି ବାଳକଙ୍କ ଶାରୀରିକ ଓ ମାନସିକ ବିକଳ ଦୃଶ୍ୟ ଦେଖି କହନ୍ତି—

ଦେଖି ଏ କରୁଣ ଦୃଶ୍ୟ, ଅସହ୍ୟ ନେତ୍ରର
ଦହିହେଲା ହୃଦ ମୋର ଘୋର ଦୁଃଖାନଳେ
ଘନ ଘନ, ରକ୍ତ ମାଂସ ଦେହଧରି ଆହା,
ଦେଖିଣ ଶୋଣିତ ମାଂସ ଦେହୀର ଦୁର୍ଗତି
ନ ହୁଏ ତରଳ କେଉଁ ପାଷାଣ ହୃଦୟ ?

ପ୍ରକୃତିରୂପିଣୀ 'ଉତ୍କଳ-କମଳା' ମୁଖରେ ଉତ୍କଳର ଦୁର୍ଦ୍ଦଶା ବର୍ଣ୍ଣିତ । ସ୍ୱପ୍ନରୂଢ଼ କବି ନେତ୍ରରେ ତାହା ପ୍ରତ୍ୟକ୍ଷୀଭୂତ । ଉତ୍କଳ ଜନନୀର ଯୋଗ୍ୟତମ ସୁତ ଶ୍ରୀରାମଚନ୍ଦ୍ର ଭଞ୍ଜଙ୍କର ଅକାଳ ବିୟୋଗ ସ୍ମୃତିରେ ଉତ୍କଳ ପ୍ରକୃତି କହନ୍ତି—

ହାୟ ! କି ଦାରୁଣ ସ୍ମୃତି ଉଠିଲା ମାନସେ
ଆସି ବତ୍ସ ! କେମନ୍ତେ ବା କହିବି ମୁଁ ତାହା ?
କହିବାର ଦୂରେ ଥାଉ, ସ୍ମରଣେ ଯେ କଥା
ହୁଏ ନେତ୍ର ଅଶ୍ରୁପୂର୍ଣ୍ଣ, ବାକ୍ ଶକ୍ତି ଶିଥିଳ
ଉତ୍କଳ ମହିମଣି ଭଞ୍ଜ ଭୂମି ପତି
ରାମଚନ୍ଦ୍ର ରବିକୁଳ ପ୍ରଗୌରବ-ରବି
ହେଲା ଅସ୍ତ ଜନ୍ମଭୂମି ଦୁର୍ଭାଗ୍ୟେ ଅକାଳେ ॥

ଉତ୍କଳ ପ୍ରକୃତି କବିଙ୍କ ସହିତ ଗମନ କରିଛନ୍ତି । ଉତ୍କଳର ବିଭିନ୍ନ ପ୍ରାନ୍ତରରେ ସଂଘଟିତ ଦୁଃଖଦ କାହାଣୀ ଓ କୀର୍ତ୍ତିର ବିବରଣୀ ସହ ଦୁର୍ଭିକ୍ଷର କରାଳ ରୂପ ପ୍ରଦର୍ଶନ କରିଛନ୍ତି । ଶେଷରେ ଭ୍ରମଣ କରୁ କରୁ କ୍ଳାନ୍ତହୋଇ ଏକ ସୁବିଶାଳ ବଟବୃକ୍ଷ ମୂଳରେ ବସିପଡ଼ିଛନ୍ତି । ଠିକ୍ ସେହି ସ୍ଥାନରେ—

ସେ ତରୁକୁ ଆଉଜିଣ ନାରୀ ମୂର୍ତ୍ତି ଏକ
(ଦୁର୍ଦ୍ଦିନ ନଳିନ ପ୍ରାୟ ମଳିନ ବଦନା)

Digitized by srujanika@gmail.com

ଉପବିଷ୍ଟା, ରୁକ୍ଷକେଶୀ, ମଳିନ ବସନା,
ବଙ୍କିମ ଠାଣିରେ ଭଙ୍ଗି ଗ୍ରୀବା, ଅଛନ୍ତି ସେ
ନିବେଶିଣ ଅଶ୍ରୁସିକ୍ତ—ଗଣ୍ଡଦେଶେ କର ?

× × × × ×

କି ଅଜ୍ଞାତ ଗୁରୁଶୋକେ ହୋଇଛି ତାଙ୍କର
ନେତ୍ର ଅପଲକ, ଅଙ୍ଗ, ପ୍ରତ୍ୟଙ୍ଗ ଅବଶ,
ଦିଶୁଛନ୍ତି ସେହୁ ଯଥା କରୁଣ ରସର
ଜୀବନ୍ତ ପ୍ରତିମା ।

କବି ଏହି ବିଷର୍ଣ୍ଣା ନାରୀର ରୂପ ବର୍ଣ୍ଣନା କରିବାକୁ ଯାଇ ଶେଷରେ "କରୁଣରସର ଜୀବନ୍ତ ପ୍ରତିମା" ବୋଲି କହିଛନ୍ତି । ଏ ନାରୀ ଅନ୍ୟ କେହି ନୁହେଁ—'ଉତ୍କଳ ଜନନୀ' । ତେଣୁ କବି ପ୍ରାଣରେ ବ୍ୟଥାର ଢେଉ ଖେଳିବା ସ୍ୱାଭାବିକ । ହୃଦୟରେ ମର୍ମଦହନକାରୀ ବ୍ୟଥା ଓ ବେଦନାର ଆର୍ତ୍ତସ୍ୱର । ସମ୍ମୁଖରେ ଉତ୍କଳର ବିବର୍ଣ୍ଣ ରୂପ । ପୁନଶ୍ଚ ଜନଜୀବନର ଅଶାନ୍ତି, ବୁଭୁକ୍ଷା, ଦାରିଦ୍ର୍ୟର ତାଡ଼ନ । ଉତ୍ପୀଡ଼ିତ ଜନତାର କରୁଣ କାହାଣୀ । କବିର ପିଞ୍ଜରା ଭିତରେ ହୃଦୟ କେତେ ସମୟ ବା ନୀରବରେ ରହିଥାନ୍ତା । ଶତଧା ବିଦୀର୍ଣ୍ଣ ହୃଦୟର ଭାବକୁ କଲମରେ କବି ପ୍ରକାଶ କରିବାକୁ ଯାଇ ଲେଖିଛନ୍ତି—

କେହି କହେ ଆଗୁଁ ବିକି ଖାଇଥିଲି ସବୁ
ବାକି ଥିଲା କଂସା ବଲା ପଟେ, ଦେଇ ତାହା
ଆଣିଲି ଚାଉଳ ମାଣେ କାଲି ସଞ୍ଜବେଳେ
କିନ୍ତୁ ଥିଲା ନାହିଁ ଲୁଣ, କି ରାନ୍ଧିବି ଆଜ
ପିଇଦେଇ ପାଣି ପେଟେ ପଡ଼ିଲି ମୁଁ ଶୋଇ ।

ପୌରାଣିକ କାବ୍ୟ "ସପ୍ତରଥୀ"ର ଦୁଃଖଦ ଘଟଣା ହେଉଛି ଅଭିମନ୍ୟୁ ବଧ । ଅନ୍ୟାୟ ଯୁଦ୍ଧରେ ବୀର ବାଳକର ନିଧନ ଘଟଣାକୁ କବି କରୁଣର ଅରୁଣ ରଙ୍ଗରେ ରଞ୍ଜିତ କରିଛନ୍ତି । ମହାଭାରତର ଏହି ମହାନ୍ ଘଟଣା ଦ୍ରୋଣଙ୍କ ସେନାପତିତ୍ୱରେ ସଂଘଟିତ ହୋଇଥିଲା । ତେଣୁ ଦ୍ରୋଣଙ୍କ ଚରିତ୍ର ଚିତ୍ରଣ କାଳରେ କହିଛନ୍ତି—

ଅସହାୟ ନିରସ୍ତ୍ର ସେ ବିରଥ ବାଳକ
ହତ ହେଲା ଯେବେ ରଣେ ପଶୁ-ବ୍ୟବହାରେ
ସେକାଳେ ପୃଥିବୀ ପାଇ ମହାପାପ ଭାର
ଟଳିଲା ସଘନେ, ଦେବେ କଲେ ହାହାକାର

× × × × ×

କାନ୍ଦିଲେ ସକଳ ସୈନ୍ୟ ମହାଗୁରୁ ଶୋକେ
ଶତ୍ରୁ ମିତ୍ର ନିର୍ବିଶେଷେ, ସେ ଲୋତକ ଧାର

Digitized by srujanika@gmail.com

ପଡ଼ିଣ ସମର ଭୂମେ ମିଶିଣ ଶୋଣିତେ
ବସୁନ୍ଧରା ସରସ୍ୱତୀ ସ୍ରୋତସ୍ୱତୀ ତହିଁ ।

ଐତିହାସିକ କାବ୍ୟ 'ଭାରତ ଲଳନା' ନନ୍ଦକିଶୋର ବଳଙ୍କ 'କୃଷ୍ଣକୁମାରୀ'ର ଅନୁରୂପ । କୃଷ୍ଣକୁମାରୀ ଆତ୍ମହତ୍ୟା କଲାବେଳେ 'ଭାରତ-ଲଳନା'ର ପ୍ରଭାବତୀ ପରିସ୍ଥିତିର ସମ୍ମୁଖୀନ ହୋଇଛି । ଯବନରାଜର ବିବାହପତ୍ର ଓ ଧମକର ଉଚିତ ମୁକାବିଲା ପାଇଁ ମିବାର ରାଜାଙ୍କୁ ଆହ୍ୱାନ କରିଛି । ରୂପବତୀ ପ୍ରଭାବତୀର ରୂପାଗ୍ନିରେ ପ୍ରଲୋଭିତ ହୋଇ ଯବନ ରାଜ ଯେତେବେଳେ ପତ୍ର ପ୍ରେରଣକରିଛି ସେତେବେଳେ ରାଜ୍ୟରେ ବିଷାଦ ଲହରୀ ଖେଳିଯାଇଛି । ତେଣେ—

ଦାରୁଣ ଦୁର୍ବାର୍ତ୍ତା ବାଳା ଶୁଣିଲା ବେଳରୁ
ବସିଛି ନିସ୍ତବ୍ଧେ, ହୋଇ ବିସ୍ମୟେ ଅବଶା
ମହାବାତ୍ୟା ପରେ ଯଥା ପ୍ରଶାନ୍ତ ପ୍ରକୃତି
ଲଭୁଛି ସେ କି ଯନ୍ତ୍ରଣା ଅନ୍ତରେ ଅନ୍ତରେ ।

ପରେ କିନ୍ତୁ ଦୁଃଖର କଳା ବାଦଲ ଅପସୃତ ହୋଇ ସୁଖ ସୂର୍ଯ୍ୟ ଉଦିତ ହୋଇଛି । "ଶଶିପ୍ରଭା" କାବ୍ୟରେ ସତୀତ୍ୱର ଅମର କାହାଣୀ ଗୁମ୍ଫିତ ହୋଇଛି ଆତ୍ମବଳିର ଚିତାଗ୍ନିରେ । ସର୍ବଗୁଣସମ୍ପନ୍ନ ପତିପତ୍ନୀଙ୍କ ମଧ୍ୟରେ ସନ୍ତାନଲାଭର ଆନନ୍ଦ ପରେ ପତିର ମୃତ୍ୟୁ ହେତୁ ପତ୍ନୀ ଶଶିପ୍ରଭାର ବିଳାପ ଅନୁଭବୀ ହୃଦୟକୁ ବିଗଳିତକରେ—

ଏହିପରି କାନ୍ଦି ଲୋଟୁଥିଲା ବାଳା
ଯେସନେ ଲୋଟଣି ପାରା
ପ୍ରସ୍ରବଣ ପ୍ରାୟ ଝରୁଥାଏ ନେତ୍ରୁ
ଅବିରଳ ଅଶ୍ରୁଧାରା ।

ମାତ୍ର ପତିର ଚିତାଗ୍ନିରେ ଝାସଦେଇ ସତୀ ହେବାପରେ ଉପସ୍ଥିତ ସମସ୍ତ ଦର୍ଶକଙ୍କର ହୃଦୟର କୋହ ଅଶ୍ରୁହୋଇ ଝରିଯାଇଛି ।

ଓଡ଼ିଆ ସାହିତ୍ୟରେ ଆଧୁନିକ କାଳରେ ଗୀତ ଯୁଗୀୟ କବିତାର ସ୍ୱଭାବ ସୁଲଭ ଭାବଧାରାରେ ରଚିତ କାଳ୍ପନିକ କାବ୍ୟ "କଳ୍ପଲତା'ରେ ମଧ୍ୟ କରୁଣରସ ବ୍ୟକ୍ତିତ ହୋଇଛି । ପଦ୍ମପୁର ରାଜପୁତ୍ର ପୁଷ୍ପାକର ଓ ରତ୍ନଗଡ଼ ରାଜକନ୍ୟା କଳ୍ପଲତାର ବିବାହ ପ୍ରସଙ୍ଗ ଆନନ୍ଦମୁଖର ପଦ୍ମପୁର ଖଳଲୋକଙ୍କ କୁମନ୍ତ୍ରଣାରେ କନ୍ୟା ପିତାଙ୍କ ଅସମ୍ମତି ବାର୍ତ୍ତା ପ୍ରେରଣରେ ବିଷାଦଗ୍ରସ୍ତ ହୋଇଛି । ବିବାହ ଆୟୋଜନ ବେଦୀ ମହାଶ୍ମଶାନରେ ପରିଣତହୋଇଛି । ରାଜା ରାଣୀ ତଥା ରାଜ୍ୟବାସୀଙ୍କ ହୃଦୟର ଶୋକ ସୁଦୂର ପରିବ୍ୟାପ୍ତ । ପୁନଶ୍ଚ କାବ୍ୟର ଶେଷଭାଗରେ ସ୍ୱର୍ଗୀୟ ସୁମନ ସ୍ପର୍ଶରେ ଇନ୍ଦ୍ରମନ୍ତ୍ରୀଙ୍କ ମୃତ୍ୟୁପରେ ପୁଷ୍ପାକରର ପ୍ରେରିତ ହାର ସ୍ପର୍ଶରେ କଳ୍ପଲତାର ଜୀବନଦୀପ ନିର୍ବାପିତ ହେବା

Digitized by srujanika@gmail.com

ଘଟଣା ସଂଯୋଜିତ । ଅପୂର୍ବ ରୂପବତୀ ଓ ରୂପବାନ ଯୁବକ ଯୁବତୀଙ୍କ ସାଂସାରିକ ମିଳନ କାଳରେ 'ମୃତ୍ୟୁ'ହିଁ ମହାକାଳର ମିଳନପୀଠ ହୋଇଛି । କବି ଚନ୍ଦ୍ରାମଣି ଉକ୍ତ କାବ୍ୟର ଉପସଂହାରରେ ହସ କାନ୍ଦର ସଂସାରରେ ଶୋକର ଗୁରୁତ୍ୱ ପ୍ରକାଶକରି କହିଛନ୍ତି—

ହସିବା କେବଳ କ୍ଷଣସ୍ଥାୟୀ, ତେବେ
ହସିବାରେ କେଉଁ ସୁଖ
ଆଜୀବନ ବସି କାନ୍ଦୁଥିଲେ ଅବା
ଖଣ୍ଡିପାରେ ଭବ-ଦୁଃଖ ।
ଆସିବା ସମୟେ କାନ୍ଦେ ଜୀବ ପୁଣି
ଯିବାବେଳେ ଯାଏ କାନ୍ଦି
ସ୍ଥିତି କାଳେ କାନ୍ଦେ ସଂସାର ଜଞ୍ଜାଳ-
ଜାଲେ ହୋଇ ଆପେ ବାନ୍ଧି ।
କାନ୍ଦଣା ଜୀବର ଜୀବନ ସମ୍ବଳ
ସାଧନାର ମୁଖ୍ୟ ସ୍ୱାହା
କାନ୍ଦିଲେ ଜନମି ଅନ୍ୟ ଦ୍ରବ୍ୟ ହିଏ
ହସିଲେ କି ହିଏ ତାହା ?

କ୍ରନ୍ଦନ ମାନବ ହୃଦୟର ବ୍ୟଥାକୁ ହାଲକାକରେ । ନୟନ କୋଣରୁ ଦୁଇବିନ୍ଦୁ ଅଶ୍ରୁ ଝରିଗଲେ ଦୁଃଖରେ ଭାଙ୍ଗିପଡ଼ୁଥିବା ହୃଦୟ ହାଲୁକା ହୋଇଯାଏ । ତେଣୁ ମାନବ ହୃଦୟର ଭାରସାମ୍ୟ ରକ୍ଷାକାରୀ ଏହି କାରୁଣ୍ୟ ସ୍ରୋତର ସ୍ୱଚ୍ଛଳ ପ୍ରବାହ ଆଧୁନିକ ଓଡ଼ିଆ କାବ୍ୟ ଚେତନାରେ ମଧ୍ୟ ସୁନ୍ଦରଭାବରେ ସୁରକ୍ଷିତ ।

—o—

Digitized by srujanika@gmail.com

କବିତା ଓ ନୈରାଶ୍ୟବାଦ

ପୁରୁଷୋତ୍ତମ ନାୟକ

ବାହ୍ୟ ଓ ଅନ୍ତରର ପ୍ରତିକ୍ରିୟା ସବୁ ସାମିଲ ହୋଇ ଯଦି ସାହିତ୍ୟ ସୃଷ୍ଟି କରୁଥାନ୍ତି, ତେବେ ମଣିଷ ଭଳି ଏକ ସଚେତନ, ସୃଷ୍ଟିଧର୍ମୀ ପ୍ରାଣୀର କଳାତ୍ମକ ପ୍ରକାଶ (ସାହିତ୍ୟ) ଆଶା ଓ ନିରାଶା ଉଭୟର ରୂପ ବହନକରିବାକୁ ବାଧ୍ୟ । କେଉଁ କେଉଁ ପରିସ୍ଥିତିରେ ସାହିତ୍ୟ ଆଶାବାଦୀ ଓ ନୈରାଶ୍ୟବାଦୀ ହୋଇଛି ଏହାର ଉତ୍ତର ତଦାନିନ୍ତନ ସମାଜ, ବ୍ୟକ୍ତି ବିଶେଷଙ୍କର ଦୃଷ୍ଟି ଏବଂ ପ୍ରଚଳିତ ମୂଲ୍ୟବୋଧ ଉପରେ ମୁଖ୍ୟତଃ ନିର୍ଭର କରିଥାଏ । ପ୍ରଫେସର ଗୁନାର ମିର୍ଡାଲଙ୍କ ଭଳି ସମୀକ୍ଷକ ଆଶାବାଦକୁ ନୈରାଶ୍ୟବାଦ ଭଳି ଏକ ପକ୍ଷପାତ ବିଗ୍ରହ ବୋଲି ମଧ୍ୟ କହିଥିଲେ । ଏ ଦୃଷ୍ଟିରୁ ବାସ୍ତବତା ସମକ୍ଷରେ ଆଶାବାଦ ଓ ନୈରାଶ୍ୟବାଦ ଉଭୟ ହତପ୍ରଭ ବୋଲି ଜଣାଯିବା ସ୍ୱାଭାବିକ । ମାତ୍ର ବାସ୍ତବତା ସମ୍ବନ୍ଧରେ ବ୍ୟକ୍ତିର ଜ୍ଞାନ କେଉଁ କୋଟିର ? ତଦ୍ଦ୍ୱାରା ଆଶା ଓ ନୈରାଶ୍ୟର ପକ୍ଷପାତିତାରୁ ବ୍ୟକ୍ତି ନିଜକୁ ବଞ୍ଚାଇପାରିବାର କ୍ଷମତା ସବୁବେଳେ ରଖିପାରି ନ ଥାଏ । ତା'ଛଡ଼ା ବାସ୍ତବବାଦୀର ଦୃଷ୍ଟିରେ ଥିବା "ବାସ୍ତବିକତା"ଟି ଏଭଳି ବେଳେ ବେଳେ ପ୍ରଚ୍ଛନ୍ନ ଥାଏ ଯେ ଖାଣ୍ଟି ବାସ୍ତବିକତା ସମ୍ବନ୍ଧରେ ଅନେକ ତତ୍ତ୍ୱ ଅବଗାହୀ ମଧ୍ୟ ଏକମତ ହୋଇପାରି ନ ଥାନ୍ତି । ଏଠାରେ ପ୍ରଫେସର ମିର୍ଡାଲ୍‌ଙ୍କ ଉକ୍ତିକୁ ଖଣ୍ଡନ ନ କଲେ ମଧ୍ୟ ଆମେ ଆଶାବାଦର କଥା କହିଲାବେଳେ ନୈରାଶ୍ୟବାଦ ଗୁରୁତ୍ୱକୁ ଗ୍ରହଣକରିଥାଉ । ବାସ୍ତବତା ସମ୍ବନ୍ଧରେ ଆମର ଅପୂର୍ଣ୍ଣ ଜ୍ଞାନକୁ ଏହାର କାରଣ ବୋଲି କୁହାଯାଇପାରେ ।

ବହୁଚର୍ଚ୍ଚିତ ଜର୍ମାନ ଦାର୍ଶନିକ ହେଗେଲ ଡାଇଲେକ୍‌ଟିସରେ ମୌଳିକ ଦ୍ୱନ୍ଦ୍ୱାତ୍ମକ ସୃଷ୍ଟି ସଂକ୍ରାନ୍ତରେ ବହୁ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଉତ୍‌ଥାପନ କରିଛନ୍ତି । ଜୀବନ-ମୃତ୍ୟୁ, ଆଲୋକ-ଅନ୍ଧାର, ପାପ-ପୁଣ୍ୟ, ଏପରି ନାନାପ୍ରକାର ବୁଦ୍ଧିବୋଧଗମ୍ୟ ତତ୍ତ୍ୱ (କନ୍‌ସେପ୍‌ଟ) ଦ୍ୱନ୍ଦ୍ୱାତ୍ମିକତାର ପର୍ଯ୍ୟାୟଭୁକ୍ତ । ଆଶା ନିରାଶାର ଅବବୋଧ ହିଁ ଏହିପରି ଏକ ଦ୍ୱନ୍ଦ୍ୱାତ୍ମକ ଅନୁଭୂତି । ସୁତରାଂ ସାଧାରଣ ସମସ୍ତ ପ୍ରାଣୀ ଏଭଳି ଅନୁଭବ ପାଇଥିବା ସ୍ୱାଭାବିକ । ଭାରତୀୟ ଦର୍ଶନ ପରମ୍ପରାରେ ବର୍ଣ୍ଣିତ ବ୍ରାହ୍ମୀସ୍ଥିତି (ଯୋଗ,

Digitized by srujanika@gmail.com

ବେଦାନ୍ତ ଅନ୍ତର୍ଗତ। ଏହି ଦ୍ୱନ୍ଦ୍ୱର ଊର୍ଦ୍ଧ୍ୱରେ ଏକ ଦ୍ୱନ୍ଦ୍ୱାତୀତ ଅବସ୍ଥା, ଯେଉଁଥିରେ ସୁଖ, ଦୁଃଖର ଊର୍ଦ୍ଧ୍ୱରେ ଥିବା ଏକ 'ବିମଳ ଆନନ୍ଦ', ଆତ୍ମାରେ ସ୍ଥାୟିତ୍ୱ ଲାଭକରେ । କିନ୍ତୁ ଭାରତୀୟ ଦାର୍ଶନିକମାନେ ଦ୍ୱନ୍ଦ୍ୱାତ୍ମକତା ଉପରେ ଅଧିକ ଗୁରୁତ୍ୱ ଦେଇନାହାନ୍ତି । ଏହାଦ୍ୱାରା ଆଶା ଓ ନିରାଶା ବିଷୟର ସମାଧାନ ହୋଇପାରିଛି ବୋଲି ମନେହୁଏ-ନାହିଁ । ଜଗତରେ ବଞ୍ଚୁଥିବା ସାଧାରଣ ମଣିଷ ବିଭିନ୍ନ ଅବସ୍ଥା ବିଶେଷରେ ଆଶାବାଦୀ ଓ ନୈରାଶ୍ୟବାଦୀ ହୋଇଛି ଏହାର ଅନେକ ପ୍ରମାଣ ପ୍ରତ୍ୟକ୍ଷ ଅନୁଭୂତିର ବିଷୟ । ଏହାକୁ ବରଂ ମନସ୍ତାତ୍ତ୍ୱିକ ପୃଷ୍ଠଭୂମିରେ ବିଚାରକରିବା ଅଧିକ ସମୀଚୀନ ବୋଲି ମନେହୁଏ ।

ସାହିତ୍ୟର ସଂଜ୍ଞା ପ୍ରାଚ୍ୟ ପରମ୍ପରା ଓ ପାଶ୍ଚାତ୍ୟ ପରମ୍ପରାରେ ଭିନ୍ନ ହେଲେ ବି ବସ୍ତୁତଃ କେତେଗୋଟି ମୌଳିକ ଦିଗ ପ୍ରତି ପ୍ରତ୍ୟେକ ସମବିଚାର ପ୍ରକାଶକରିଛନ୍ତି । "ମାନ ପାଠକ ମାନଙ୍କେ ସାହିତ୍ୟକୁ ଚହ୍ନନ୍ତି"ରେ ବିଶ୍ୱାସ କରୁଥିବା ଲୋକଙ୍କ ପାଇଁ ସଂଜ୍ଞା ନିର୍ବିଶେଷରେ ପାଠକର ଅନୁଭବରେ ରହିଥିବା ଦିଗଟି ହିଁ ସାହିତ୍ୟ । ଗ୍ରୀକ୍ ଦାର୍ଶନିକମାନଙ୍କ ଦୃଷ୍ଟିରେ ସାହିତ୍ୟ ଯାହା, ଭାରତୀୟ ବିଶାରଦଙ୍କ ଦୃଷ୍ଟିରେ ତାହା ଅନ୍ୟ କିଛି । ଏହିଭଳି ବହୁଧା ବିଭକ୍ତ ଦୃଷ୍ଟି ବିଷୟରେ ଆଲୋଚନା ନକରି ନିଜର ସୁବିଧାପାଇଁ ଶ୍ରେଷ୍ଠ ସଂଜ୍ଞାଟିଏ ଦିଆଯାଇପାରେ । ସାହିତ୍ୟ ବ୍ୟକ୍ତିର ଏକ କଳାତ୍ମକ ଆତ୍ମପ୍ରକାଶ । ଏଥିରେ ଶବ୍ଦ, ଅର୍ଥ, ଭାବ, କଳ୍ପନା, ଶୈଳୀ ଏବଂ ଆହୁରି ଅନେକ ଉପାଦାନ ରହିଛି । ସଂଜ୍ଞା ଦୃଷ୍ଟିରୁ କଳାତ୍ମକ ଆତ୍ମପ୍ରକାଶ ସମସ୍ତ ତତ୍ତ୍ୱକୁ ଏକାଧାରରେ ଗ୍ରହଣକରେ । ସାହିତ୍ୟ ଭିତରେ କବିତାରେ ସ୍ଥାନ ସ୍ୱତନ୍ତ୍ର । ଏହା ସାହିତ୍ୟର ଅନ୍ୟାନ୍ୟ ଦିଗଠାରୁ ବହୁଦିଗରୁ ଭିନ୍ନ । ଏଣୁ କବିତାକୁ ସୂକ୍ଷ୍ମ କଳାତ୍ମକ ଆତ୍ମପ୍ରକାଶ ବୋଲି କୁହାଯାଇଛି । 'ସୂକ୍ଷ୍ମ' ବିଶେଷଣଟି କବିତାର କେତୋଟି ମୌଳିକ ଧର୍ମର ହିଁ ସୂଚକ ।

ମଣିଷର ଅନୁଭବରେ ବାରମ୍ବାର ଆସୁଥିବା ଆଶା ଓ ନୈରାଶ୍ୟ କବିତା ପରି ଏକ ସୂକ୍ଷ୍ମ କଳାରେ କିପରି ରୂପାନ୍ତରିତ ହେଉଛି ? ଆଶା ଓ ନୈରାଶ୍ୟର ପ୍ରଭାବ କିପରି ଓ କେତେ ପରିମାଣରେ ସାହିତ୍ୟକୁ ଓ ସର୍ବୋପରି କବିତାକୁ ପ୍ରଭାବିତ କରିଛି, ତାହା ହିଁ ମୁଖ୍ୟ ବିଷୟ । ଜଣେ ତନ୍ତୀର ସମସ୍ତ ନୈପୁଣ୍ୟ ଓ ଦକ୍ଷତା ଲୁଗା ତିଆରିରେ ଆମେ ଦେଖୁ । ତିଆରିର କାରୁକାର୍ଯ୍ୟତା ଓ ଶିଳ୍ପନୈପୁଣ୍ୟ ଯଦି ତାର ପ୍ରତିଭା ହୁଏ, ଏହାର ପ୍ରକାଶର ମାଧ୍ୟମ ଏଠାରେ କାର୍ପାସ । କାର୍ପାସ ଶିଳ୍ପୀ ଦ୍ୱାରା ସୃଷ୍ଟି ନ ହୋଇ ପ୍ରକୃତିଦତ୍ତ ବା ଶିଳ୍ପୀନିରପେକ୍ଷ, ଯାହାକୁ ବ୍ୟବହାରକଲେ ଶିଳ୍ପୀ ନିଜର କଳାନୈପୁଣ୍ୟ ପ୍ରଦର୍ଶନକରେ । ସେହିପରି ସ୍ରଷ୍ଟାର ପ୍ରତିଭା ଓ ମୌଳିକତା ଯାହା ହେଉନା କାହିଁକି, ତାର ଉପାଦାନ ବା କାରଣ ହିଁ ବସ୍ତୁଜଗତ ବା ସମାଜ । ସମାଜ ପରିପ୍ରେକ୍ଷିରେ ବର୍ଣ୍ଣିତ ହୋଇନଥିବା ସାହିତ୍ୟ ଅଗ୍ରାହ୍ୟ

Digitized by srujanika@gmail.com

ସମାଜ ଓ ବସ୍ତୁଜଗତର ବର୍ତ୍ତମାନତା ଯୋଗୁ କବତା ଗ୍ରହଣଯୋଗ୍ୟ ହୋଇଥାଏ । କଳ୍ପନା (ଇମାଜିନେସନ୍ ଯାହା ଓ ଯେଉଁଳି ହୋଇଥାଉନା କାହିଁକି ଏହାର ମୂଳ ସମାଜରେ ଅନ୍ତର୍ନିହିତ ଥାଏ । ସୁତରାଂ ଆଶା ଓ ନୈରାଶ୍ୟର ପୃଷ୍ଠଭୂମିକୁ ସମାଜ ଭିତରେ ହିଁ ପ୍ରଥମେ ଉପଲବ୍ଧି କରିବା ଜରୁରୀ ମନେହୁଏ ।

ସାମାଜିକ ଭିତ୍ତିଭୂମିରେ ନୈରାଶ୍ୟ ଓ ଆଶା ବିଭିନ୍ନ ଅବସ୍ଥାରେ ବିଭିନ୍ନ ରୂପରେ ପ୍ରକାଶିତ ହୋଇଥାଏ । ବିଭିନ୍ନ ସମୟର ସାହିତ୍ୟ ତାର ସାମସମୟିକ ଆଶା ଓ ନୈରାଶ୍ୟର ସ୍ୱାକ୍ଷର ବହନ କରିଥାଏ । ତେଣୁ ଏଠାରେ ନୈରାଶ୍ୟର ସ୍ୱରୂପ ସଂକ୍ଷେପରେ ସମ୍ୟକ ଆଲୋକପାତ କରାଯାଇପାରେ । ନୈରାଶ୍ୟବାଦୀ କିଏ ? ଏବଂ ନୈରାଶ୍ୟବାଦ କଣ ? ଏ ପ୍ରସଂଗରେ କୌଣସି ସନ୍ତୋଷଜନକ ଉତ୍ତରଟିଏ ଦେବା ଅସମ୍ଭବ । ପ୍ରତ୍ୟେକ ଲୋକ ନିଜକୁ ଅବସ୍ଥା ବିଶେଷରେ ନୈରାଶ୍ୟବାଦୀ ବୋଲି କହିଥାନ୍ତି । ମାତ୍ର ତା' ବୋଲି ପ୍ରତ୍ୟେକ ବ୍ୟକ୍ତି କ'ଣ ନୈରାଶ୍ୟବାଦୀ ? ମୋଟେ ନୁହେଁ । ଏହା ଏକ ସ୍ୱତନ୍ତ୍ର ମାନସିକତା ଓ ଦୃଷ୍ଟିକୋଣର ସୂଚକ ।

ଜଗତକୁ ଦୁଃଖପୂର୍ଣ୍ଣ ଭାବେ ଦେଖୁଥିବା ସମସ୍ତ ଦୃଷ୍ଟିକୋଣ ଓ ଦର୍ଶନ ନୈରାଶ୍ୟବାଦର ପରିସରଭୁକ୍ତ ବୋଲି ସାଧାରଣତଃ ଧରାଯାଏ । ମାତ୍ର ଅନେକ ଦର୍ଶନ ଜଗତକୁ ଦୁଃଖର ସ୍ଥାନ ଭାବେ ଚିତ୍ରିତ କରି, ଚରମରେ ମୋକ୍ଷକୁ ଗ୍ରହଣକରିଥାନ୍ତି । ଏଠାରେ ଦୁଃଖର ବର୍ଣ୍ଣନା ମାଧ୍ୟମରେ ସେମାନେ 'ମୋକ୍ଷ' କଳ୍ପନା କିମ୍ବା ଦୁଃଖାତୀତ ଅବସ୍ଥାର ସନ୍ଧାନ ଦେଇଥାନ୍ତି । ଏ କ୍ଷେତ୍ରରେ ସେମାନଙ୍କ ଦୃଷ୍ଟିକୁ "ବିଶିଷ୍ଟ ନୈରାଶ୍ୟବାଦ" (କ୍ୱାଲିଫାଏଡ୍ ପେସିମିଜିମ୍) ବୋଲି କୁହାଯାଏ । ଏଇଭଳି ଉଦ୍ଦେଶ୍ୟମୂଳକ ଭାବରେ ଜଗତର ଦୁଃଖ କ୍ଳେଶର ବର୍ଣ୍ଣନା ହିଁ ଦୁଃଖ ବିବୃତ ପାଇଁ ଉଦ୍ଦିଷ୍ଟ ହୋଇଥାଏ । ତଥାପି ସଂସାର ପ୍ରତି ଏହି ଅନାସ୍ଥାଭାବ ପୋଷଣ କରୁଥିବା ସମସ୍ତ ନୈରାଶ୍ୟବାଦୀ ଦାର୍ଶନିକ ଜଗତକୁ ମାୟା ଭାବରେ ବିଚାରୁଥିବା ବେଦାନ୍ତ ଓ ସାହିତ୍ୟ କ'ଣ ନୈରାଶ୍ୟବାଦୀ ? ଅବଶ୍ୟ ମାତ୍ରାଧିକ ଦୁଃଖବର୍ଣ୍ଣନାର ଲକ୍ଷ୍ୟ ହିଁ କୈବଲ୍ୟ । ଏହା ପୁନଶ୍ଚ ଏକ ବିରାଟ ଆଶାବାଦର ଦ୍ୟୋତକ । ବାସ୍ତବବାଦୀ ଦୃଷ୍ଟିରେ ଜଗତ ଓ ଜଗତରେ ବିଶ୍ୱବା ସତ୍ୟ ଏବଂ ଏହା ଏକ ବିରାଟ ସତ୍ୟ 'ସୃଷ୍ଟି'ର ଅଂଶ-ବିଶେଷ । ଏଠାରେ ଜଗତକୁ ଦୁଃଖପୂର୍ଣ୍ଣ କହି ଫାଙ୍କିଦେବା ଯୁଦ୍ଧ ଭୂମିରେ ପୃଷ୍ଠଭଙ୍ଗ ସଙ୍ଗେ ସମାନ । ଏଣୁ ସମାଜର ଯେଉଁ ଅବସ୍ଥାରେ ବ୍ୟକ୍ତିଗତ ଜୀବନ ବିପନ୍ନ, ସେହି ସାମାଜିକ ପରିବେଶ ହିଁ ନୈରାଶ୍ୟବାଦର ଜନକ । ଏହା ଉଭୟ ସାମାଜିକ ଓ ମନସ୍ତାତ୍ତ୍ୱିକ । କିନ୍ତୁ 'ହନ୍ତା ବା ପ୍ରାପ୍ସ୍ୟସେ ସ୍ୱର୍ଗଂ ଜିତ୍ୱା ବା ମୋକ୍ଷସେ ମହୀ' କହୁଥିବା ଦର୍ଶନ ସଂସାରକୁ ଦୁଃଖପୂର୍ଣ୍ଣ ବୋଲି କହିନାହିଁ । ଏ ସମସ୍ତ ଶକ୍ତିଶାଳୀ ଦାର୍ଶନିକ ପରମ୍ପରା ପାଇଁ ତଦାନନ୍ତନ ସାମାଜିକ ପୃଷ୍ଠଭୂମି ଗୁରୁତର ଭାବରେ ଦାୟୀ ବୋଲି

Digitized by srujanika@gmail.com

ଆମେ ବିଶ୍ୱାସ କରୁ । ଏପରିକି ଗଭୀର କଳ୍ପନା ବିଳାସୀ ରୋମାଣ୍ଟିକ୍ କବିମାନଙ୍କୁ ବାସ୍ତବତାଠାରୁ ପଳାୟନ ବୋଲି ମାର୍କା ଦେବାରେ ଆମେ ଦ୍ୱିଧା କରିନଥାଉ । ପରୋକ୍ଷରେ ଏମାନେ ମଧ୍ୟ ଜଗତକୁ ଦୁଃଖପୂର୍ଣ୍ଣ ଭାବୁଥିବା ବିଶ୍ୱାସ ମଧ୍ୟ ମନକୁ ଆସେ ।

ତେବେ ଅସଲ ନୈରାଶ୍ୟବାଦୀ କିଏ ? ବର୍ଟ୍ରାଣ୍ଡ ରସେଲ ତାଙ୍କର ଆତ୍ମ-ଜୀବନୀରେ ଏହି ପ୍ରସଙ୍ଗଟି ଉଠେଇଛନ୍ତି । ତାଙ୍କର ପରୀକ୍ଷାଟି ଏହିପରି "ଯଦି ପୃଥିବୀକୁ ସମୂଳେ ଧ୍ୱଂସ କରିଦେବାର ଶକ୍ତି ତୁମକୁ ଦିଆଯାଆନ୍ତା ଏବଂ ତାପରେ ପ୍ରଶ୍ନ ହୁଅନ୍ତା ଯେ ତୁମେ ଧ୍ୱଂସ ଚାହଁ କି ନାହିଁ ।" ଏହାର ଉତ୍ତର ଯଦି 'ହଁ' ତେବେ ନୈରାଶ୍ୟ-ବାଦୀ କିବା "ନାହିଁ" ବୋଲି କହିବ । ରସେଲ୍ ଯେ କାହିଁକି ଏତେବଡ଼ ପରୀକ୍ଷାର ଉଦାହରଣ ଦେଇଛନ୍ତି, ତାହା ବୁଝି ହୁଏନି । ମାତ୍ର ଏଠାରେ ଗୋଟିଏ କଥା ସ୍ପଷ୍ଟ ଯେ, ଆଟମ୍ ବମ୍ ପଡ଼ି ପୃଥିବୀ ଧ୍ୱଂସ ହେଉ ବୋଲି ବିରକ୍ତିରେ କହୁଥିଲେ ବି, ଆମେ ବାସ୍ତବିକ ଏ ସୁନ୍ଦର ପୃଥିବୀର ଧ୍ୱଂସ ଚାହିଁ ନଥାଉ । "ଯମ ନେଇଯାନ୍ତାକି" କହୁଥିବା ଲୋକ ମୃତ୍ୟୁକୁ ଚାହଁ ନଥିବା ଭଳି, ଏହା ଖୁବ୍ ତାତ୍ପର୍ଯ୍ୟପୂର୍ଣ୍ଣ । ମାତ୍ର ଏହାଦ୍ୱାରା ନୈରାଶ୍ୟବାଦୀର ସଂଜ୍ଞା ପୂର୍ଣ୍ଣାଙ୍ଗପ୍ରାପ୍ତ ହେଲା ବୋଲି ମନେହେଉନି । ଏଣୁ ସାହିତ୍ୟ କ୍ଷେତ୍ରରେ ବ୍ୟବହାର ପାଇଁ ସଂସାରକୁ ଏକ ଯନ୍ତ୍ରଣାପୀଠ, ଦୁଃଖର ସ୍ଥାନ ଭାବେ ଗ୍ରହଣ କରିଥିବା ଦର୍ଶନ ଓ ସାହିତ୍ୟକୁ ନୈରାଶ୍ୟବାଦୀର ଦୃଷ୍ଟିକୋଣରୁ ବିଚାର କରାଯାଇ-ପାରେ ।

'କେତେଦିନକୁ ମନ ବାନ୍ଧିଛୁ ଆଣ୍ଠ' ଭଳି କବିତାର ଅନ୍ତଃସ୍ୱର ଗଭୀରଭାବେ ନୈରାଶବାଦୀ । ଏହା ମରଣ ସଚେତନତା ଏତେ ମାତ୍ରାରେ ବୃଦ୍ଧିକରେ ଯେ, ସଂସାରର ଅନିତ୍ୟତା ଓ ଦୁଃଖପୂର୍ଣ୍ଣତା ଖୁବ୍ ସ୍ପଷ୍ଟ ହୋଇଉଠେ । "କାମନାର ବିନାଶରେ ଦୁଃଖର ବିନାଶ" ବୋଲି ଗ୍ରହଣକରୁଥିବା ଏକ ବିଶିଷ୍ଟ ଦର୍ଶନ (ବୌଦ୍ଧ-ଦର୍ଶନ: ଜୀବନପ୍ରତି ପରାଙ୍ମୁଖ ହୋଇ ସଂସାରକୁ ଏକ ଜଞ୍ଜାଳର ପାରାବାର ବୋଲି ଗ୍ରହଣ କରିଛୁ । ହାଇଡ଼ଗାରଙ୍କ ନୈରାଶ୍ୟବାଦ ବୌଦ୍ଧ ଦର୍ଶନର ପ୍ରାୟ ଅନୁରୂପ । ମାତ୍ର ମୂଲ୍ୟବୋଧ ଦୃଷ୍ଟିରୁ ନୈରାଶ୍ୟକୁ ଏକ ଭଗବତ୍ ସମ୍ପଦ ଭାବେ ବିବେଚନା କରାଯାଏ । ଭକ୍ତି ଶାସ୍ତ୍ରରେ ଭକ୍ତ ଈଶ୍ୱରଙ୍କୁ ଜଗତ୍‌ବ୍ୟାପି ଦେଖି ସଂସାର ପ୍ରତି ବିମୁଖ ହେଲେ ବି, ସଂସାରକୁ ତାଙ୍କର ଆଧାରଭାବେ ଗ୍ରହଣକରେ । ତେଣୁ ଏହା ସଂପୂର୍ଣ୍ଣ ଭାବେ ଜଗତ ବିରୋଧୀ ନୁହେଁ । ଯେଉଁଭଳି ଖ୍ରୀଷ୍ଟିଆନ୍‌ମାନେ ଜନସେବାକୁ ବ୍ରତ ଭାବରେ ସ୍ୱୀକାର କରିଥାନ୍ତି । ମାତ୍ର ସେମାନେ ସମ୍ପୂର୍ଣ୍ଣ ଜଗତ ବିରୋଧୀ ନୁହନ୍ତି । 'ବିସ୍ତାର ସର୍ବ ଭୂତେଷୁ ବିଷ୍ଣୁର୍ବିଶ୍ୱମିଦଂ ଜଗତ୍' କହୁଥିବା ହିନ୍ଦୁ ଭକ୍ତଶାସ୍ତ୍ର ଜଗତକୁ ବିଷ୍ଣୁମୟ ଦେଖି ଦୁଃଖ ଭୁଲିଯାଏ । ଏଠାରେ ଅମୂର୍ତ୍ତ ଉପାସନା ହୁଏ, ମାତ୍ର ଏହା ବସ୍ତୁ ଜଗତକୁ ବାଦ ଦିଏନାହିଁ । ଏଣୁ ଏହା ସର୍ବୋତ୍କୃଷ୍ଟ ବୋଲି ମନୀଷୀମାନେ

Digitized by srujanika@gmail.com

କହିଥାନ୍ତି । ଏଣୁ ଧର୍ମର ଜଗତ ଭିତରେ ବଞ୍ଚିଥିବା ଅନେକ କବି ସମସ୍ତ ବିଶେଷରେ 'ବିଶିଷ୍ଟ ନୈରାଶ୍ୟବାଦ'କୁ ଗ୍ରହଣକରିଥାନ୍ତି । ଭକ୍ତର ଆବେଦନ, ରୋମାଣ୍ଟିକ୍‌ମାନଙ୍କ ପଳାୟନଠାରୁ ଭିନ୍ନ ହେଲେ ବି କେତେକ ଦୃଷ୍ଟିରୁ ଏହା ନୈରାଶ୍ୟ ସମ୍ଭୂତ ବୋଲି ହୃଦବୋଧ ହୋଇଥାଏ ।

ବ୍ୟକ୍ତିର ଅବସ୍ଥା ବିଶେଷରେ ନୈରାଶ୍ୟ ଉଦ୍ଦୀପିତ ହୋଇ ସାହିତ୍ୟ ମାଧ୍ୟମରେ ପ୍ରକାଶପାଏ । କିନ୍ତୁ ଚିନ୍ତା ସ୍ତରରେ ବ୍ୟକ୍ତିମାନସର କ୍ରିୟାଶୀଳତା ଏଠାରେ ଅଧିକ ଗୁରୁତ୍ୱପୂର୍ଣ୍ଣ । ଅଙ୍ଗ ବିକୃତ ହେତୁ ଆଲେକ୍‌ଜାଣ୍ଡାର୍ ପୋପଙ୍କ ବିଦ୍ରୂପ (ସାଟାୟାର) ଓ ସଂସାରର ଦାରୁଣ ଚିତ୍ରଟି ବେଶ୍ ହୃଦ୍ୟ । ବ୍ୟକ୍ତିକ ଦୁଃଖରେ ଭାଙ୍ଗିପଡୁଥିବା ରାଧାନାଥ 'ପଞ୍ଚଶିଷ୍ୟ ମୂର୍ତ୍ତି ଦୁଃଖ ଗୁରୁଙ୍କର' ଅଥବା କାନ୍ତକବି କୁଷ୍ଠରୋଗାକ୍ରାନ୍ତ ହେବା ପରେ 'ସକଳ ଭରସା ଯାର ତୁଟିଲାଣି କିସ ବୋଲି ତାକୁ ଡରାଇବ ହେ' ବୋଲି ଲେଖିଥିଲେ । ଯକ୍ଷ୍ମାରୋଗ ଭୋଗି ମଧ୍ୟ କୀଟ୍ସ ଉନ୍ନତ କବିତା ଲେଖିପାରି-ଥିଲେ । ଅବଶ୍ୟ ସେ ଚିନ୍ତା ସ୍ତରରେ ବ୍ୟକ୍ତିକ ଦୁଃଖଠାରୁ ଦୂରରେ ଥିଲେ । ଅପର ପକ୍ଷରେ ସେ ମଧ୍ୟ ଥିଲେ ରୋମାଣ୍ଟିକ ଓ ପଳାୟନବାଦୀ । ପ୍ରଚ୍ଛନ୍ନଭାବରେ ଏହା ନୈରାଶ୍ୟବାଦର ପ୍ରଭାବ । ଏଣୁ ସଙ୍କେତ ହିସାବରେ ବ୍ୟକ୍ତିକ ଦୁଃଖ ଓ ନିରାଶା ସାହିତ୍ୟରେ ଅନୁରୂପ ବା ଉତ୍ତରିତ ଅବସ୍ଥା ଦେଇ ରୂପାନ୍ତରିତ ହୋଇଆସିଥାଏ ବୋଲି ଧରିନେବାକୁ ହେବ ।

ପରବର୍ତ୍ତୀ ସମୟରେ ଖାଲି ସଂସାରର ଦୁଃଖ ନୁହେଁ, କାରଣ ବୁଝି ହେଉ ନ ଥିବା ଅନେକ (ଯଥା—ଭାଗ୍ୟର ବିଡ଼ମ୍ବନା) ଅହେତୁକ କଷ୍ଟ ସାହିତ୍ୟର ବିଶିଷ୍ଟ ଉପାଦାନ ହେଲା । କ୍ଷେତ୍ର ବିଶେଷରେ ସ୍ଥିତିବାଦୀ ଦର୍ଶନରେ ବିଶ୍ୱାସ କରୁଥିବା ଦାର୍ଶନିକ ଓ ସାହିତ୍ୟିକମାନେ ଜୀବନର ଏହି କରୁଣ ପରିସ୍ଥିତିକୁ ଚିତ୍ର କଲେ । ଧର୍ମ ଓ ପରମେଶ୍ୱର ପରି ଏହା ବିଶିଷ୍ଟ ନୈରାଶ୍ୟବାଦ ନୁହେଁ । କାରଣ ଏଥିରେ ମୋକ୍ଷ ପ୍ରସଙ୍ଗ ନାହିଁ । ଏଣୁ ବିଶୁଦ୍ଧ କରୁଣ ଓ ଅସହାୟତାର ଚିତ୍ର ଏଥିରେ ପ୍ରକାଶ ପାଇଲା । ପରିବର୍ତ୍ତିତ ସମାଜରେ ଦେଖାଦେଇଥିବା ଅନେକ ବୈଲକ୍ଷଣ ଶିଳ୍ପା-ୟନ ପରେ ବୃଦ୍ଧିପାଇଛି ବୋଲି ଅନେକ ବିଶ୍ୱାସ କରନ୍ତି । ସମାଲୋଚନା କ୍ଷେତ୍ରରେ ରେମଣ୍ଡ ଉଇଲିଅମ୍‌ସଙ୍କ ଲେଖାରେ ତାହା ବେଶ୍ ସୁସ୍ପଷ୍ଟ । ଟି.ଏସ୍. ଏଲିଅଟ୍ 'ସ୍ଥିତିବାଦ'ରେ ବିଶ୍ୱାସୀ କବି । ତାଙ୍କ ରଚିତ 'ଓ୍ୱେଷ୍ଟଲ୍ୟାଣ୍ଡ୍' ଗଭୀର ବୈରାଗ୍ୟ ବୋଧର ପରିଚୟ । ସାଙ୍କେତିକ ଭାବରେ ମଣିଷର ଅସହାୟତାର ଏହା ଏକ ଭାବ-ରୂପ । ହେଲେମ୍ୟାନ୍ ମଧ୍ୟ ନିଚ୍ଛକ ଫର୍ମା ମଣିଷର ମଡ଼େଲରେ ଅନ୍ତଃସାରଶୂନ୍ୟ ଅନେକ ଗଭୀର ବିଡ଼ମ୍ବନାପୂର୍ଣ୍ଣ ମଣିଷର ଚିତ୍ର ପ୍ରଦାନକରେ । କବିତା କ୍ଷେତ୍ରରେ ଏପର୍ଯ୍ୟନ୍ତ ଏଲିଅଟ୍‌ଙ୍କ ଦ୍ୱାରା ପ୍ରଭାବିତ କବିମାନେ ନୈରାଶ୍ୟବାଦକୁ ପରମ୍ପରାର ପରିବର୍ତ୍ତିତ ରୂପ

Digitized by srujanika@gmail.com

ଭାବେ ଗ୍ରହଣକଲେ । ଏହି ନୈରାଶ୍ୟ ମୂଲ୍ୟବୋଧ ଓ ବସ୍ତୁଜଗତରେ ମଣିଷର ସ୍ଥିତିକୁ ନେଇ ବ୍ୟାପୃତ ।

ଓଡ଼ିଆ କବିତା ମଧ୍ୟ ଅନୁରୂପ ପ୍ରଭାବରୁ ମୁକ୍ତ ନୁହେଁ । ବିଷାଦବାଦୀ ରାଧାନାଥ, ରୋମାଂଟିକ୍ ଓ ପଳାୟନବାଦୀ ସବୁଜମାନଙ୍କ ସମୟରେ ଆଧୁନିକତାର ଛାପ ନେଇ କବିତା ଆସିଲା । ମୁଖ୍ୟତଃ ଏଲିଅଟ୍‌ଙ୍କ ପ୍ରଭାବ ହେତୁ ଶୈଳୀ ପରିବର୍ତ୍ତିତ ହେଲା । ଅହେତୁକୀ ଆକସ୍ମିକ ପ୍ରସଙ୍ଗ ଆଦୃତହେଲା । ଏହାପରେ ଆଧୁନିକ କବିତା ସହୃଦୟ ପାଠକଠାରୁ ବିଚ୍ଛିନ୍ନ ହୋଇପଡ଼ିଲା । ଏପରି ହେବାର କାରଣ ଉକ୍ତ ପ୍ରବନ୍ଧର ବିଚାର୍ଯ୍ୟ ବିଷୟ ନୁହେଁ । ସଂକ୍ଷେପରେ କହିଲେ, ଅନେକ କ୍ଷେତ୍ରରେ ଆତ୍ମବିଚ୍ଛିନ୍ନତା ସୂକ୍ଷ୍ମ ଓ ସ୍ଥୂଳଭାବରେ କ୍ରିୟାଶୀଳ ହୋଇ କବି ଓ ପାଠକଙ୍କ ମଧ୍ୟରେ ପ୍ରତିବନ୍ଧକ ହେଲା ।

"କୂଳରେ ଆଉ ଅଛି କିଏ ? ଆ' ଡେଇଁପଡ଼ିବା ପାଣିକି," (ନଈ ପହଁରା, ସୌଭାଗ୍ୟ କୁମାର ମିଶ୍ର) ଭଳି ପଦଟିଏ କବିତା, କି ଭୟଙ୍କର ନୈରାଶ୍ୟବାଦର ବାର୍ତ୍ତାବହ ? ପ୍ରଚ୍ଛନ୍ନଭାବେ ଏହା ଅନେକ କବିଙ୍କର ଅନୁପ୍ରେରକ ହୋଇଥିଲେ ବି ଯେଉଁ ଗଭୀର ଆତ୍ମଗ୍ଲାନି ଓ ହତାଶାରେ ମଣିଷଟି କୂଳ ଛାଡ଼ି ଅଥଳ ପାଣିକି ଡେଇଁ ପଡ଼ିବାର ଆତ୍ମଜିଜ୍ଞାସା କରେ, ତାହା କମ୍ କରୁଣ ନୁହେଁ । 'ଇଗନ୍‌ର ନାସ୍‌ପାତି ବନରେ ଗୁଲ୍‌ଚ୍ରାନ୍, କିଏ ନିଜକୁ ଚିହ୍ନିପାରେ ସାହାରାରେ ? (ପାଣ୍ଡୁଲିପି, ସଚ୍ଚି ରାଉତରାୟ ପୃ-୨୦୦) କିମ୍ବା 'ମଣିଷର ଲହୁ ଲୁହେ କବିତା ମୋ ନୀଳ ଜୀବନର ସୁବର୍ଣ୍ଣ ଦଲିଲ୍' (ପାଣ୍ଡୁଲିପି ପୃ-୨୩୩ ସଚ୍ଚି ରାଉତରାୟ) ଇତ୍ୟାଦି ରଚନାରେ ଶ୍ରୀଯୁକ୍ତ ରାଉତରାୟ ଆଧୁନିକତାରେ ଅନୁପ୍ରବିଷ୍ଟ ନୈରାଶ୍ୟକୁ ଚିହ୍ନିତ କରିଛନ୍ତି । 'ମତେ ହିଁ ଦେଖାଇ କହେ, ଏଇ ଅଟେ ରମାକାନ୍ତ ରଥ, ନିଜ ହାତେ ମାରିଅଛି ମୂଲ୍ୟବାନ ଜୀବନ ତାହାର ।" (କେତେଦିନର ପୃ-୭ ରମାକାନ୍ତ ରଥ) । ଫାଟିଗଲା ହେଲେ ଏ ଭୂଇଁ, ତା ଭିତରେ ପଶି ମୁଁ କହନ୍ତି, ତମେ ମତେ କ୍ଷମାଦିଅ; ମୁଁ ନିଜକୁ ବିକିଛି ହାଟରେ ।" (କେତେଦିନର ପୃ-୨୩) କିମ୍ବା ଏଣିକି ଏଣିକି ଡର ମାଡ଼ିଲାଣି, ଏଣିକି ଏଣିକି ଭାବିବାକୁ ଇଚ୍ଛା ହୁଏନାହିଁ । ଯେତେ ଯୁଦ୍ଧ ଜିତିଥିଲି ଚମତ୍କାର ରଣ କୌଶଳରେ । (ସଚିତ୍ର ଅନ୍ଧାର, ପୃ-୩୪)," ଆଜି କିନ୍ତୁ ଆରୋଗ୍ୟର ଡଳେ ମାତ୍ର ଆଶା, ନଥିବା ଏ ଅଯୁକ୍ତତା ବେଳେ, ମୁଁ ଲୁଚିପଡ଼ିବି × × × କ୍ଷଣିକ ହତାଶା-ମାନଙ୍କର ଆଢ଼ୁଆଳେ ।" (ସଚିତ୍ର ଅନ୍ଧାର ପୃ-୧୫୬) ଏହା କେବଳ ରମାକାନ୍ତ ରଥ କାହିଁକି ଅନେକ ଆଧୁନିକ କବିଙ୍କର ରଚନାରୁ ଲକ୍ଷ୍ୟକରାଯାଇ ପାରିବ । ଅବଶ୍ୟ ସମସ୍ତ ଆଧୁନିକ କବିତାରେ ଅନ୍ତଃସ୍ରୋତ ନୈରାଶ୍ୟବାଦ ନୁହେଁ । କିନ୍ତୁ ମଣିଷର

Digitized by srujanika@gmail.com

ବିଚ୍ଛିନ୍ନତା ସମ୍ପର୍କୀୟ ଶଙ୍କର ସମସ୍ତ ଆତ୍ମସ୍ଥ ନୈରାଶ୍ୟବାଦର ପଥିକ ହୋଇପଡ଼ନ୍ତି । "କାରଣ ସକାଳ ହେଲେ, ମୁଁ ଚଢ଼େ ଫାଶୀର ଅର୍ଗଳ । ପ୍ରଥମର ନୂଆ ଉପାୟରେ ।" ନୃସିଂହ ତ୍ରିପାଠୀ ପୂର୍ବଦିଗ, ପୃ-୧୪) ରୁ ରହିବୁ ନିରବ, ପଥରପରି ମୌନ, ପାଟି ଖୋଲିଲେ ତୋର ସର୍ବନାଶ ଜାଣିଥା ।" (ପ୍ରସନ୍ନ ପାଟ୍ଟଶାଣୀ, ଝଙ୍କାର ୮୨ ଜାନୁଆରୀ) । "ଯେଉଁଠି ଖାଲି ଦହନ ଜ୍ୱାଳାରେ, ଆବର୍ତ୍ତିମୟୀ ଏ ମହାପୃଥିବୀ" (ସତ୍ୟସ୍ତୂପ, ବିନୋଦ ନାୟକ ପୃ-୭୮ ।

"କଳଙ୍କିତ ବିମ୍ବବରେଖା ଆଦର୍ଶର ବୃତ୍ତ ହଜିଗଲା, ହଜିଗଲା ଅନ୍ଧାର ଲହରି" (ମନୋରମା ମହାପାତ୍ର ଝଙ୍କାର ପୃ-୧୦,୯୦,୮୨ "ଚୁଲିରେ ଭାତ ବସିଛୁ, ଉତୁରୁଛି ଇତିହାସ ଗବ୍ ଗବ୍ ଦୁଃଖ ଆଉ ସପନର ସତେଜ ସ୍ଫୁରଣ" ସୀତାକାନ୍ତ ମହାପାତ୍ର, ଝଙ୍କାର ପୃ-୫୮, ୧୯୮୨) "ଦୁଃଖ କୋକେଇରେ ମୋ ଯନ୍ତ୍ରଣାର ଶୋକ" (ଦୀପକ ମିଶ୍ର ଝଙ୍କାର, ଏପ୍ରିଲ ୧୯୮୧) "ମୁଁ ନିଜକୁ ଚୋଟ ମାରେ ମୋ ବିଷ ଫଣାରେ" (କ୍ଳୀବ କୈବଲ୍ୟ, ଦୁର୍ଯ୍ୟୋଧନ ଦାସ, ପୃ-୧୬) ମୋ ହାତରେ କାଲିପାଇଁ କିଛି ନାହିଁ" (ହାତରେ କିଛିନାହିଁ ପୃ-୧୦୭ "ଲଉଠାଣି ସବୁବେଳେ ନିର୍ବାସନରୁ ନିର୍ବାସନକୁ" ଚୌକାଠରେ ରାଜେନ୍ଦ୍ର କିଶୋର ପଣ୍ଡା, (ଶରକାଳ, ପୃ-୧୮) ଦୁଃଖର କୁବେରପୁରୀ ଶୋକର ଭଣ୍ଡାର (ସରୋଜ ରଞ୍ଜନ ମହାନ୍ତି ବାଇଗେଣୀ ବୃନ୍ତ, ପୃ ୪୭) "ପୃଥିବୀଟିଏ ହେଲେ ନାହିଁ, ଶେଥା ଶେଥା ଶସ୍ୟ, ଘାସ (ପ୍ରତିଭା ଶତପଥି, ଝଙ୍କାର, ଏପ୍ରିଲ ୧୯୮୧) ଏହିପରି ଅଜସ୍ର ଶ୍ଲୋକରେ ଜୀବନର କାରୁଣ୍ୟ ହିଁ ପ୍ରତିଫଳିତ ।

ଏଠାରେ ଆଧୁନିକତାର "ଆତ୍ମବିଚ୍ଛିନ୍ନତା" ବେଳେ ବେଳେ ଭାରତୀୟ ଦର୍ଶନର 'ବିଶିଷ୍ଟ ନୈରାଶ୍ୟବାଦ'ର କଥା କହୁଛି । ସମସ୍ତ କବିତା ବା ସବୁ କବି ଆଧୁନିକ ଯୁଗରେ ମଧ୍ୟ ନୈରାଶ୍ୟବାଦୀ ନୁହନ୍ତି । ତଥାପି ନୂତନ ସଙ୍କଳ୍ପ କିମ୍ବା ପୁନର୍ଗଠନର ସ୍ୱପ୍ନ ନଥିବା ସ୍ଥାନରେ ହତାଶା ଓ ଅବକ୍ଷୟବୋଧ ଉଙ୍କିମାରୁଛି । ଏଣୁ ଆଧୁନିକ କବିତା ମଧ୍ୟରେ ନୈରାଶ୍ୟବାଦ ଏକ ବିଶିଷ୍ଟ ଅନ୍ତଃସ୍ୱର । ପୂର୍ବରୁ ଯେପରି 'ଜୀବନ ନୁହେଁ ଜୀବନ୍ତ ମରଣ' (ରାଧାନାଥ, ଜଣେ କହିବାବେଳେ ଅନ୍ୟଜଣେ ବିଶ୍ୱ ଦେଖି ମଧୁମୟ (ଗଙ୍ଗାଧର) କହିପାରିଥିଲେ, ଏହା ବ୍ୟକ୍ତିକ ଆଭିମୁଖ୍ୟର ଫଳ ।

ମଣିଷର ଆଶା ବିଶ୍ୱାସ ଯେତେବେଳେ ବିପର୍ଯ୍ୟସ୍ତ, ବଞ୍ଚିବାର ସମସ୍ୟା ଯେତେବେଳେ କରୁଣ ସାହିତ୍ୟର ଅନ୍ତଃସ୍ୱର, ସେହି ଅନିଶ୍ଚିତ ଅବସ୍ଥାର ଭବରୂପ ହୋଇ

Digitized by srujanika@gmail.com

ଠିଆହୁଏ । ତେଣୁ ବିଭିନ୍ନ କାରଣରୁ କବିତାରେ ନୈରାଶ୍ୟବାଦର ଲକ୍ଷଣ ପ୍ରକାଶପାଏ । "ଆଉ କ'ଣ ହେବ ? କିଛି ବୋଲି କିଛି ହୋଇପାରିବନାହିଁ" ଆଜି ଅବସାଦବୋଧ ତାର ଭିତରୁ ଜନ୍ମଦେଇ ସ୍ୱତଃ ବ୍ୟଞ୍ଜିତହୁଏ ସୃଷ୍ଟିର ପ୍ରତି ଛନ୍ଦରେ । ଅନେକ ଆଶାନେଇ ବଞ୍ଚିଥିବା ସମାଜରେ, ବାରମ୍ବାର ଆଘାତ ପାଇଥିବା ତାର ବିବେକ ସତ୍ତା ବିଷାଦବାଦୀ ହେବାକୁ ବାଧ୍ୟ ହୁଏ । ତେଣୁ କେବଳ ଓଡ଼ିଆ ନୁହେଁ, ଆଧୁନିକ ପୃଥିବୀରେ ସକଳ ଭାଷାର କାବ୍ୟ କବିତାର ଆତ୍ମା ନୈରାଶ୍ୟ ଜର୍ଜରିତ ବୋଲି ଉଲ୍ଲେଖକଲେ ସତ୍ୟର ଅପଲାପ ହେବନାହିଁ ।

—*—

Digitized by srujanika@gmail.com

ପୃଷ୍ଠବଂଧ

ଶୋକ ସିଂଦୁକର କୁଞ୍ଚି

ଏକ ନିରାପଦ ଓ ନିରାମୟ ଭବିଷ୍ୟତର ସ୍ୱପ୍ନ ଦେଖୁଥିବା ଶୁଦ୍ଧୋଦନମାନେ ସବୁକାଳରେ ସଦା ଉତ୍ସୁକ ଏବଂ ବ୍ୟସ୍ତ । ନିଜ ପାପର ହାତରେ ସତ୍ୟକୁ ଯାବଚ୍ଚ-ଚଂଦ୍ରାର୍କେ ବାନ୍ଧିରଖିବାପାଇଁ ସେମାନେ କେତେ ଫିସାଦ କରୁଥା'ନ୍ତି । ସ୍ୱପ୍ନପେଣ୍ଡାଟିକୁ ହାତରେଧରି, ଛୁଡ଼ିଆଙ୍କ ପରି ସମସ୍ତ ସମ୍ରାଟଙ୍କ ଆଗରେ ଗୁଳ୍ଚାଟାରେ ହଲେଇଥା'ନ୍ତି । ବାହାସ୍ଫୋଟ ମାରୁଥା'ନ୍ତି । ଅଥଚ ସେମାନଙ୍କ ଅଜ୍ଞାତରେ ବଡ଼ ରହସ୍ୟଜନକ ଭାବରେ ଘର ଭିତରର ସାଇତା ବିଭବସବୁ ଯେ ଉଭେଇଯାଉଥାଏ, ବିଚରା ନିର୍ବୋଧମାନେ ଏହାର ଗୂଢ଼ତାକୁ ଭେଦ ପାରନ୍ତିନାହିଁ । ତାହା ଖୋଲିଗଲା ପରେ ଶୂନ୍ୟତାର ଭୟଙ୍କର ଭୂତମାନେ ସେମାନଙ୍କୁ ଏମିତି ଆକ୍ରାନ୍ତ କରନ୍ତି ଯେ, ମୁକ୍ତି ପାଇବାପାଇଁ ଚଉଦଭୁବନ ଘୁରିବୁଲନ୍ତି । କେଉଁଠି ଠାବ ଟିକିଏ ପା'ନ୍ତିନାହିଁ । ଅନ୍ତରର ଅସନ୍ତୋଷ, ଅସହାୟତା ସେମାନଙ୍କୁ ଯେମିତି ବିବ୍ରତ କରୁଥାଏ । ଆଉ କାହାର କରୁଣା କଣିକା ଟିକିଏ ପାଇଁ ଉପରକୁ ହାତ ଟେକିଦିଅନ୍ତି । ଅପହୃତ ହୋଇଯିବାର ଭୟରେ ବିଭବଗୁଡ଼ିକୁ ଶିକୁଳିବନ୍ଧ କଲାବେଳେ, କରୁଣସ୍ୱରକୁ ସୃଷ୍ଟି ଯେଉଁ ଅହଂକାର-ସର୍ବସ୍ୱ ମାନସିକତା ସେମାନଙ୍କ ଭୟବିଜଡ଼ିତ ଚେତନାକୁ ଆଚ୍ଛନ୍ନକରି ରଖିଥାଏ, ତାହା ଉଗୁରିବାକୁ ଆରମ୍ଭ କଲାମାତ୍ରେ ହିଁ ସେମାନେ ସୀମାସରହଦକୁ ପାସୋରିପକାନ୍ତି ଏବଂ କରୁଣା ଭିକାରୀ ହୁଅନ୍ତି ।

ସେଦିନ ଅପହୃତ ସ୍ୱପ୍ନପାଇଁ ଶୁଦ୍ଧୋଦନଙ୍କର ଚେତନାରେ ହୁଏତ ଲୁହ ଥିଲା; ମାତ୍ର ସେ କାନ୍ଦି ନଥିଲେ । ସେ ରାଜା ଥିଲେ । ରାଜାମାନଙ୍କ କାନ୍ଦ କାଳେ ଟିକିଏ ଶାସ୍ତ୍ରୀୟ । ସେମାନେ ଆମପରି ଆଉ କେତେ ସାଧାରଣ ନୁହଁନ୍ତି । ମାତ୍ର ତାଙ୍କ ଚେତନାରେ କୋହର ପ୍ରଥମ ନାଦ ସୃଷ୍ଟି ହୋଇଥିଲା, ଯେଉଁଦିନ ସେ ଗଣକଠାରୁ ଜାଣିଥିଲେ—ତାଙ୍କର ପ୍ରିୟପୁତ୍ର ବୈରାଗୀ ହେବ । ତେଣୁ କୋହକୁ ଆଉ ଅଧିକ ବଢ଼ିବାର ସୁଯୋଗ ନ ଦେଇ ଗୌତମଙ୍କୁ ବନ୍ଦୀକରି ରଖିଥିଲେ ମନୋରମ ପ୍ରାସାଦ, ତରୁ ଶ୍ୟାମାୟିତ ପୁଷ୍ପିତ ଉପବନ, ଅପରୂପା ଗୋପା ଏବଂ ସୁଦର୍ଶନ ପରିଚାରିକାମାନଙ୍କ ଗହଣରେ । ମାତ୍ର ସେ ଆପଣାର ଚକ୍ରାନ୍ତକୁ ଫଳପ୍ରସୂ କରିବାରେ ସମର୍ଥ ହୋଇ ପାରିଲେ କି ? ପାରିଲେ ନା । ବଡ଼ ଦୟନୀୟ ଭାବରେ ହାରିଗଲେ । ତାଙ୍କ ଚକ୍ରାନ୍ତର ଶିକାର ହେଲେ ଅନ୍ୟ ନିରୀହମାନେ ।

Digitized by srujanika@gmail.com

ଗୋପା, ରାହୁଲ, ଛନ୍ଦକ, ପ୍ରଜାବତୀ, ପ୍ରିୟଜନ ସମସ୍ତେ । ସମସ୍ତେ ଅବ୍ୟକ୍ତ ବିଷାଦବୋଧରେ ଘାରିହେଲେ । ଘାରିହେଲେ ଜୀବନର ଶେଷ ମୁହୂର୍ତ୍ତ ପର୍ଯ୍ୟନ୍ତ ।

ମାତ୍ର ଦୁଃଖର କାରଣ ଖୋଜୁଥିବା ମଣିଷଟିଏ ସୁଖାନ୍ୱେଷୀ ନିର୍ବୋଧମାନଙ୍କଠାରୁ କ'ଣ କମ୍ ଅଧିକ ଦୁଃଖ ପାଉଥିଲା ? ଏମାନଙ୍କଠାରୁ ସେ ତ ଥିଲା ଅଧିକ ଦୁଃଖୀ, ମହାଦୁଃଖୀ । ଭୋଗସର୍ବସ୍ୱ-ଜଗତ ଭିତରେ ଗୋଟାପଣେ ବୁଡ଼ିରହିଥିବା ସେଇ ମୁକ୍ତିପ୍ରୟାସୀ ମଣିଷଟି ରୋଗ ଦେଖିଲା—ରୋଗୀ ବି ଦେଖିଲା । ବାର୍ଦ୍ଧକ୍ୟ ଦେଖିଲା—ବୃଦ୍ଧ ବି ଦେଖିଲା । ମୃତ୍ୟୁ ଦେଖିଲା—ମୃତ ବି ଦେଖିଲା । ଶେଷରେ ଦେଖିଲା ସନ୍ନ୍ୟାସ ଏବଂ ସନ୍ନ୍ୟାସୀ । ବିଚରା ନିର୍ବୋଧ ଛନ୍ଦକକୁ ସେମାନଙ୍କ ପରିଚୟ ବି ପଚାରିଲା । ଉତ୍ତର ପାଇଲା । ଯାହା ଦେଖିଲା, ଶୁଣିଲା, ସେଗୁଡ଼ିକୁ ନିଜ ଚେତନାରେ ଅନୁଭବ କଲା । ଉତାରିଦେଲା ଆପଣା ଦେହରୁ ରାଜକୀୟ ଆଭୂଷଣ । ରଥ ଉପରୁ ତଳକୁ ଓହ୍ଲେଇଲା । ମାଟିକୁ କୋଳେଇଲା । ନିଜପାଇଁ ବାଟଟିଏ ବାଛିନେଲା । ସତ୍ୟ ଅନ୍ୱେଷଣରେ ପ୍ରୟାସୀ ହେଲା । ନିରଞ୍ଜନା ନଈକୂଳରେ, ବୋଧିଦ୍ରୁମର ଛାଇରେ ଦୀର୍ଘକାଳ ତପସ୍ୟାକରି ସତ୍ୟର ସନ୍ଧାନ ପାଇଲା । ଗୌତମ ସିଦ୍ଧାର୍ଥ ହେଲା । ହେଲା ବୁଦ୍ଧ । ତା'ର ଜାଗତିକ ଅନୁଭବ ଆଉ ଏକ ଭିନ୍ନ ଆଲୋକର ସ୍ପର୍ଶ ପାଇଲା । କହିଲା—"କାମନା ହିଁ ଦୁଃଖର କାରଣ ଏବଂ କାମନାର ବିନାଶରେ ଦୁଃଖର ବିନାଶ" ଏବଂ କାମ ଓ କାମନାର ମାର୍ଗ ମାର୍ଜନରେ ବିହାରି ହେଲା । ସେଇ ମହାଦୁଃଖୀଟି ଆପଣା ଭିତରେ ପ୍ରସ୍ତରୀଭୂତ ଦୁଃଖର କାରଣଗୁଡ଼ିକୁ ଚିନ୍ତାରସହ ପରିଶୀଳନ କରୁଥିଲା, ଅନୁଭବୁଥିଲା ଏବଂ ତା'ର ଅନ୍ଧାରି ଜଠର ଭିତରକୁ ଟାଣି ହୋଇ-ଯାଉଥିଲା । ବିଳାପ କରୁଥିଲା ଏବଂ ତା'ର ଏ ବିଳାପ ଥିଲା ନିହାତି ଅନ୍ତର୍ଗତ । ମାତ୍ର ଏଇଠି ପ୍ରଶ୍ନଉଠେ—ତା'ର ବେଦନାବୋଧକୁ ଅନ୍ୟ ଅନୁଗାମୀମାନେ ସତରେ କ'ଣ ଅନୁଭବି-ଥିଲେ ? ଅନୁଭବିଥିଲେ, ସେମାନେ ସଂସାର ଭିତରେ ଥାଇ ଅସଂସାରୀପରି ବଞ୍ଚିଥିବା ସେଇ ଏକାନ୍ତ ଦୁଃଖୀଟିକୁ ତା'ର ଜୀବଦ୍ଦଶାରେ ଏତେ ଦାରୁଣ ଆଘାତ ଦାନର କାରଣ ହୋଇ ନଥାନ୍ତେ । ତା'ର ପ୍ରିୟତମ ଅନୁଗତ ଓ ସ୍ତାବକ ସାଜି ତାକୁ ପ୍ରତିମୁହୂର୍ତ୍ତରେ ଯନ୍ତ୍ରଣାଜର୍ଜର କରି ନଥା'ନ୍ତେ । ସ୍ୱତପ୍ରବଣ, ସୁଖ ଓ ସତ୍ୟାନ୍ୱେଷୀ ଦୁଃଖୀଟିକୁ ବନ୍ଦୀ କରିନଥାନ୍ତେ ?

ମାତ୍ର ସେମାନେ ସତରେ କ'ଣ ବୁଦ୍ଧଙ୍କୁ ବନ୍ଦୀ କରିପାରିଥିଲେ ? ମୁକ୍ତ ଜୀବନକୁ କ'ଣ ବନ୍ଦୀ କରାଯାଇପାରେ ? ଏକ ମୋହମୁକ୍ତ ଜଗତରେ ବିଚରଣଶୀଳ ମୁକ୍ତିକାମୀମାନଙ୍କ ପକ୍ଷେ ଶିକୁଳି ତାଲା ଅର୍ଥହୀନ । ମାତ୍ର ଦେହ ଯେତେବେଳେ ସତ୍ୟ, ତା'ର ମୋହ ଓ ଆସକ୍ତିକୁ ଆମେ କ'ଣ ଅସତ୍ୟ ବୋଲି କହିପାରିବା ? ଦେହ ଭିତରେ ରୋଗ ରହିବ—ତାହା ରୋଗର ଧର୍ମ । ତା' ପାଇଁ ଜରା ଆସିବ । ଆସିବ ମୃତ୍ୟୁ । ଏ ମରଣଶୀଳ ଜଗତରେ ଜୀବ ଭିତରେ ଜୀବନର ଶେଷମୁହୂର୍ତ୍ତ ପର୍ଯ୍ୟନ୍ତ ଧକ୍‌ଧକ ହୋଇ ଜଳୁଥିବ କାମନାର

Digitized by srujanika@gmail.com

ଅନଜାଣି ନାହିଁ । ଏ ସମସ୍ତ ରହିବା ସହ ସତ୍ୟ, ତାକୁ ସ୍ୱପ୍ନ ପକେଇବାର ପ୍ରୟାସ ଏବଂ ଚନ୍ଦ୍ରଜନିତ ପରାଜୟ ଓ ବିଫଳତାବୋଧର ଯନ୍ତ୍ରଣାକୁ କଣ୍ଟକର ବୋଲି କହିବା, ଅଭିଜ୍ଞ-ମାନଙ୍କର ଅଲଣା ରସିକତା ନୁହେଁ ତ ଆଉ କ'ଣ ?

ମୁଁ ନୁହେଁ, ଆମେ ପ୍ରତ୍ୟେକେ ନିଜପାଇଁ ନବଜାତକଟିଏ ଖୋଜୁ । ଏକ ମୃତ୍ୟୁ ମାଧ୍ୟମରେ ଅନ୍ୟଏକ ଜନ୍ମର ପ୍ରତ୍ୟାଶୀ ହେଉ । ଅତେ ନୁହେଁ, ବାରମ୍ବାର ନିଜ ଭିତରେ ରୋଗକୁ ଭେଟୁ, ଭେଟଣା ହେଉ । ଏକ ପଣପୂର୍ଣ୍ଣ ସଂସାର ଭିତରେ ଯନ୍ତ୍ରଣାରେ ଛଟପଟ ହେଉଥିଲାବେଳେ ବାପା, ବୋଉ, ଭାଇ, ଭଉଣୀ, ସ୍ତ୍ରୀ, ପୁତ୍ର, କନ୍ୟା, ବନ୍ଧୁ, ଅସ୍ତ୍ରୀସ୍ୱମାନଙ୍କ ପାଖରୁ ସେବା ଓ ଶାନ୍ତ୍ୱନା ଦାବିକରୁ । କେବଳ ସେତିକି ନୁହେଁ, ଜୀବନର ନିଃସଙ୍ଗ ମୁହୂର୍ତ୍ତରେ ମଧ୍ୟ ସେହି ଅବ୍ୟକ୍ତ ଯନ୍ତ୍ରଣାର ତାପକୁ ସହିବାକୁ ବାଧ୍ୟ ହେଉ । ଜୀବନର ଶୂନ୍ୟଗର୍ଭତାକୁ ସ୍ୱୀକାର କରୁ । କେବଳ ସେତିକି ନୁହେଁ, ଅନ୍ୟର ଯନ୍ତ୍ରଣାକୁ ମଧ୍ୟ ଆତ୍ମସ୍ଥ କରୁ । ଦେଖୁ— ରୋଗ ରାକ୍ଷସର ନିର୍ମମ ଆଘାତରେ ଛଟପଡ଼ୁଥିବା ମଣିଷର ଅଙ୍ଗ-ପ୍ରତ୍ୟଙ୍ଗଗୁଡ଼ିକୁ । ଘା, ପୂଜ, ରକ୍ତରେ ସାଲୁବାଲୁ ହେଉଥିବା ତା'ର ସୁକୁମାର ଦେହକୁ; ସମରଭୂମିରେ ଶରଶଯ୍ୟାରେ ଶୋଇ ସ୍ୱପ୍ନ ଦେଖୁଥିବା ତା'ର ବିବ୍ରତ ମନକୁ ଏବଂ ଏକ ପରିପୂର୍ଣ୍ଣ ଐଶ୍ୱର୍ଯ୍ୟମୟ ସଂସାର ଭିତରେ ବନ୍ଦହୁଥିବା ମଣିଷଟିର ନିଦ ଓ ସପନ ଖୋଜା ହୃଦୟକୁ । କୋଉଠି ଲୁଚିରହିଥାନ୍ତି ଏତେ ରୋଗ, ଶୋକର ଭୂତାଣୁମାନେ ? ଅଗୋଚରରେ ଆମ ଚେତନାକୁ କୋରି କୋରି ଖାଇଯାଉଥାନ୍ତି । ଏଇ ଟିକକ ପୂର୍ବରୁ ଯାହା ନିଜର ଥିଲା ତାହା ହଠାତ୍ ନିଜଠାରୁ ବିଯୁକ୍ତ ହୋଇଯାଏ । ଆମେ ନିଜର ଉଲଗ୍ନ ଦଶାକୁ ଦେଖୁ । ଅଥଚ ନିଜର କହିବାର ଅଧିକାର ହରେଇବସିଥାଉ । ବୀଭତ୍ସ ଦୃଶ୍ୟ ଓ ଅବବୋଧକୁ ଆତ୍ମସ୍ଥକରୁ । ଆମରି ହାତରେ ପ୍ରିୟଜନମାନଙ୍କର ରକତ, ପୂଜ,ଯନ୍ତ୍ରଣା ଏବଂ ଶବ ଜୀବନର କଥା କହୁଥାଏ ।

କେତେ ଗମ୍ଭୀର ସତରେ ଅମ୍ଭମାନଙ୍କର ଦୁଃଖ, ଶେଷସ୍ଥାନ । ଆମ ଚେତନାର କୋଉ ସୁଗଭୀର ଭୂମିରେ ସେମାନେ କେତେ ରୂପରେ ଲୁଚିରହିଥା'ନ୍ତି । ମାତ୍ର ଆମେ ଜୀବନରେ କେତେ ସମସ୍ତ ବା ସେମାନଙ୍କ ସହ ଭେଟହେଉ ? ସେମାନଙ୍କ ସହ ଆଳାପ-ବକ୍ଷେର ହେଉ ? ଜୀବନରେ ଏକମାତ୍ର ସତ୍ୟକୁ ଜାଣି ବି, ନ ଜାଣିଲାପରି ଅଭିନୟକରୁ । ଅଥଚ ସମୟର ଯୂପକାଠ ନିକଟରେ ନିର୍ବୋଧ ମେଷ ବେଶରେ ସଜହୋଇ ଶେଷକାଳର ଅପେକ୍ଷା ରଖିଥାଉ ।

ଶେଷକାଳର ଅସ୍ତିତ୍ୱ ଆମ ପାଖରେ ଯେତିକି ସ୍ପଷ୍ଟ ହେଉଥାଏ, ଆମେ ସେତିକି ଅଧିକରୁ ଅଧିକ କାତର ହେଉ । ତାକୁ ଭୟ କରୁ । ତା'ର ବାଟ ଓଗାଳୁ । ଆମ ଭିତରର ଆତଙ୍କିତ ଓ ବ୍ୟାକୁଳିତ ପଶ୍ୱକ୍ଷେତମାନେ ତା'ର ଆସିବାର ସବୁ ବାଟ ରୁନ୍ଧ କରନ୍ତି । ତାକୁ

Digitized by srujanika@gmail.com

ପରଦ୍ୱାସ କରନ୍ତି । ଅଥଚ ସେ ତା ବାଟରେ ଅସେ । ପରଦ୍ୱାସପ୍ରିୟ, ଦର୍ପୀ ଓ ସମର୍ଥ ପୁରୁଷମାନେ ତା'ର ଭେଟଣା ହୁଅନ୍ତି । ସେମାନଙ୍କ ଜୀବନର ସକଳ କାତରତାର ଇତି ହୁଏ । ଯଥାସମୟରେ ସେ ତା'ର କାମ ହାସଲ କରିନେଇଥାଏ । ସମରଭୂମିରେ ଅର୍ଜୁନର କାରୁଣ୍ୟକୁ କଥାମୃତରୂପରେ ଲଭେଇଦେଇଥିବା ଚକ୍ରୀ—ସୁଦର୍ଶନଧାରୀ କୃଷ୍ଣ, କ୍ଷଣକୋପୀ ବଳରାମ, ଅକୁତୋଭୟୀ ଭୀଷ୍ମ, ମାନୀ ମାନଗୋବିନ୍ଦ, ଅଭିମାନୀ କର୍ଣ୍ଣ କିମ୍ବା ଧର୍ମରାଜ ଯୁଧିଷ୍ଠିରଙ୍କ ସକଳ ଜୀବନର ପରିସମାପ୍ତିରେ ସେଇ ଅସମାପ୍ତ କାରୁଣ୍ୟ ଯେମିତି କଥାକହୁଥାଏ । କାରୁଣ୍ୟରୁ ଜନ୍ମ ନେଇଥିବା କ୍ରୋଧ ଏକ ବିଷାଦନ୍ତ ଭୂମିରେ ଝୁଣ୍ଡିପଡ଼େ । ମାଟିରେ ମିଶିଗଲା ପରେ ତ ସବୁକିଛୁ ସରିଯାଏ । ମାତ୍ର ଅମରତାର-ଭୋଗୀ ଅଶ୍ୱତ୍ଥାମା, ବିଭୀଷଣ, ହନୁମାନଙ୍କପରି ବୀରମାନଙ୍କର ଦୁଃଖ ତ ଅପ୍ରମିତ, ଦୁଃସହ । ଜୀବନର ବର୍ତ୍ତମାନର ଭୂମି ଉପରେ ବିଚରଣ କରୁଥିଲାବେଳେ ସ୍ମୃତି ସେମାନଙ୍କୁ କେତେ ହଇରାଣ କରୁ ନ ଥିବ । ଜାତସ୍ମର, ମୋହମୁକ୍ତ ସାଧକମାନେ ଅତୀତର ସଂକ୍ରମଣରୁ ଆଦୌ ମୁକ୍ତ ରହିପାରୁ ନ ଥିବେ । କୃଷ୍ଣ ପ୍ରତ୍ୟାଶୀ ଗୋପାଙ୍ଗନାମାନଙ୍କ ପରି, ତଥାପି ସେମାନେ ପଞ୍ଚଭୂତରେ ବିହରୁଥିବେ । ଜୀବନର ସ୍ମୃତି-ସୂତ୍ରକୁ କେତେ ଶ୍ରଦ୍ଧାରେ ମାଜୁଥିବେ । ଗୋପରେ ଦୀପ ଜାଳୁଥିବେ । ଗୋପର ଦୀପାଲୋକରେ ସେମାନଙ୍କ ଜୀବନବୀଣା କାରୁଣ୍ୟର ସଙ୍ଗୀତ ସୃଜୁଥିବ । ତାହା ଅଶ୍ରୁତ, ଅବ୍ୟକ୍ତ, ଅଦୃଶ୍ୟ, ଅଥଚ ବର୍ତ୍ତମାନଠାରୁ ଅଧିକ ସତ୍ୟ, ଅଧିକ ସୁଖକର ଏବଂ ବେଦନାବିଧୁର ।

ଆମେ ଅଭେକାମାନେ କେତେ ଅଲଜୁକ । ଆମ ଭିତରେ ଜଣ ମୋହଗ୍ରସ୍ତଥିବା ଯଯାତିମାନେ ମଧ୍ୟ ପୁରୁ-ମାନଙ୍କର ଯୌବନ ନିଜପାଇଁ ମାଗିଆଣନ୍ତି । ଇନ୍ଦ୍ରମାନେ ସସ୍ତ୍ରୀକ ଭୋଗ ହୁଅନ୍ତି । ବାଜଶ୍ରବାମାନେ ନଚିକେତାମାନଙ୍କୁ ଯମଭବନକୁ ପଠେଇଦେଇପାରନ୍ତି । ଜରା, ବ୍ୟାଧି, ମରଣର ପଦପାତକୁ ଆମେ ଜମାରୁ ସ୍ୱୀକାର କରିପାରୁନା । ବରଂ ତାକୁ ବେଶି ଭୟକରୁ । ଭୟକରୁ ବୋଲି ନିର୍ଭିକତାର ଦେଖାଣିଆ ଭାବକୁ ଅଧିକ ତେଜଦେଉ । ଜଗତର ମହାର୍ଘ ବିଭବଗୁଡ଼ିକୁ ଟାଉ ଟାଉ ଟୋକଦେବା ପାଇଁ ସଜ ପାଞ୍ଝିଟାକୁ ପକେଇ ରଖିଥାଉ । ମାତ୍ର ଆମର କୌଣସି ପଦାର୍ଥ ପ୍ରତି ସାମାନ୍ୟତମ ଲୋଭ ବା ଆସକ୍ତି ନାହିଁ, ଏ କଥା ପ୍ରମାଣ କରିବାପାଇଁ କେତେ ଯୋଜନା ତିଆରି କରିଥାଉ । ରାଜାଙ୍କର କାଳ ହୋଇଗଲା ପରେ ଯୁବରାଜ ପିତାଙ୍କ ଶବ ସତ୍କାରପାଇଁ ଯେତିକ ନୁହେଁ, ତାଠାରୁ ଅଧିକ ବ୍ୟସ୍ତ ଥାନ୍ତି ସିଂହାସନ ଆରୋହଣର ଆୟୋଜନରେ । ରାଜ୍ୟ ରାଜାଶୂନ୍ୟ ହେବା ଅବିଧେୟ । ରାଣୀଙ୍କର ମଧ୍ୟ ଆଖି ଥାଏ ରାଜମାତାର ଖଟୁଲି ଉପରେ । ଖଟୁଲିଟି ପାଟରାଣୀ ହାତକୁ ଖସିଯିବାର ଦୁଃଖ ମରଣଠାରୁ ଯେମିତି ଅଧିକ ଯନ୍ତ୍ରଣାଦାୟକ । ଅଥଚ ଶବ ସୃଶାନଘାଟରେ ଭଡ଼ାଟିଆ ଓ ଭଡ଼ାଟିଆଣୀମାନଙ୍କ କାନ୍ଦଣାରେ ଖଣ୍ଡମଣ୍ଡଳ କମ୍ପୁଥାଏ । ରୂପରେ କନ୍ଦର୍ପର ଦର୍ପକୁ ଚୂର୍ଣ୍ଣ କରୁଥିବା ରସିକଶେଖର

Digitized by srujanika@gmail.com

ଗୁଣଗ୍ରାହୀ, ଦୟାଶୀଳ ମହାରାଜାଙ୍କର ସହସ୍ରାଧିକ କୁଳପାଳିକା କେତେ ଆକୁଳରେ ରୋଦନ କରୁଥାନ୍ତି । ଜୀବନରେ କେବେ ଥରଟିଏପାଇଁ ରାଜଅଙ୍ଗ-ସଙ୍ଗର ପ୍ରତିଦାନରେ ଅନ୍ତଃପୁର-ବାସିନୀ ହେବାର ସୌଭାଗ୍ୟଲାଭ ତ କମ୍ କଥା ନୁହେଁ । ଆପଣାର ଗଭୀର ଦୁଃଖକୁ ସଙ୍ଗୀତ-ପ୍ରବୀଣା, ନୃତ୍ୟନିପୁଣା ଲଳନାମାନେ କେତେ କରୁଣ ସ୍ୱରରେ ପ୍ରକାଶୁଥା'ନ୍ତି । ବିବେକୀ ରାଜାଙ୍କର ଗୁଣକୀର୍ତ୍ତନ କରୁଥା'ନ୍ତି । କହୁଥାନ୍ତି—"ହେ ନାଥ ! ତୁମର ଯେଉଁ ସୁଲମ୍ବିତ ଭୁଜ ନିବିଡ଼ ଆଲିଙ୍ଗନରେ ମତେ ବାନ୍ଧିରଖିଥିଲା, ଯେଉଁ ହସ୍ତ ମୋର ଉନ୍ନତ ବକ୍ଷୋଜକୁ ମନ୍ଥନ କରୁଥିଲା, ଯେଉଁ ସୁରମ୍ୟ ଅଧର, ତୀକ୍ଷ୍ଣ ଦନ୍ତ, ଅସଂଖ୍ୟ ଚୁମ୍ବନ ଓ ଦଂଶନରେ ମୋର କନ୍ଦର୍ପ ତାପକୁ କେତେ ଶ୍ରଦ୍ଧାରସହ ପ୍ରଶମନ କରୁଥିଲା, ସେ ସମସ୍ତକୁ କେଉଁ ଦୁର୍ମତି ହରଣକରିନେଲା ? କେଉଁ ପାଷାଣ୍ଡ ଆମକୁ ଅନାଥ କରି ତମକୁ ନେଇ ଚାଲିଗଲା ? ଆମେ ଲକ୍ଷେ ଯୁବତୀ ତୁମ୍ଭ ବିହୁନେ କେମିତି ବଞ୍ଚିବୁ ? ଧିକ୍, ଶତଧିକ୍ ସେ ଦଳବଳକୁ ଯିଏ ଯୁବାକାଳରେ ଆମ ମଥାରେ କୁଳିଶ ପ୍ରହାର କଲା ।"

ତରୁଣମାନେ କେତେ ସ୍ୱରରେ ବୃକ୍ଷମାନଙ୍କ ଉପରେ ଅଶ୍ରୁପାତ ବର୍ଷଣକରି ଚାଲିଥା'ନ୍ତି । କେବଳ ରାଜତନ୍ତ୍ର ନୁହେଁ, ଗଣତାନ୍ତ୍ରିକ ବ୍ୟବସ୍ଥା ଭିତରେ ରହିଥିବା ସେବାଦାସ ଏବଂ ଦାସୀମାନେ ମଧ୍ୟ କମ୍ ଜୀବନବିଳାସୀ ନୁହନ୍ତି । ଯୁବ ରାଷ୍ଟ୍ରନାୟକଙ୍କ ଆକସ୍ମିକ ମୃତ୍ୟୁର ଦାରୁଣ ଧକ୍କାକୁ ମଧ୍ୟ ସେମାନେ ସହଜରେ ସ୍ୱୀକାର କରିପାରନ୍ତିନାହିଁ । ବାଳ ମୁକୁଳାକରି, ଛାତିରେ ହାତ ପିଟି, ମଳିନ ପୋଷାକ ପିନ୍ଧି ରାଜରାସ୍ତାରେ କୋହ ଓ ଅଶ୍ରୁର ବନ୍ୟା ସୃଷ୍ଟିକରନ୍ତି । ସେମାନଙ୍କ ସୁଖ ଓ ସୌଭାଗ୍ୟ ଲାଭରୁ ବଞ୍ଚିତ କରିଥିବା ଅନ୍ୟମାନଙ୍କ ଉପରେ କ୍ରୋଧର ବୋମା ଫିଙ୍ଗନ୍ତି । ରାଷ୍ଟ୍ରୀୟ ଶୋକ ପାଳନକରାଯାଏ । ଗଣମାଧ୍ୟମଗୁଡ଼ିକରେ କେବଳ କରୁଣ ସୁରର ରାଗିଣୀ ଶୁଭେ । ଅନୁଗତ ଭକ୍ତପ୍ରବର-ମାନେ ଯେପରି ଅନ୍ତଃପୁରବାସିନୀମାନଙ୍କପରି କହୁଥାନ୍ତି— "ଆପଣଙ୍କପରି ଗୁଣଗ୍ରାହୀ, ବିବେକୀ, ବିଚକ୍ଷଣ, କୂଟନୀତି-ବିଶାରଦ, ପ୍ରଜାନୁରଞ୍ଜକ, ଦରିଦ୍ରମାନଙ୍କର ମୁକ୍ତିଦାତା ଏବଂ ସଚ୍ଚା ଗଣତାନ୍ତ୍ରିକଙ୍କ ଯୋଗୁଁ ଏ ରାଷ୍ଟ୍ର ଉନ୍ନତିର ଯେଉଁ ଚରମ ଶିଖର ଆଡ଼କୁ ମୁହାଁଉଥିଲା, ଆନ୍ତର୍ଜାତିକ ସ୍ତରରେ ଯେଉଁ ସୁଖ୍ୟାତି ଲାଭକରିଥିଲା, ତାହା ଆଉ ସମ୍ଭବ ହେବନାହିଁ । ବିରୋଧୀଦଳମାନେ ଆମ ଭବିଷ୍ୟତର ସ୍ୱପ୍ନକୁ ନଷ୍ଟ କରିଦେଲେ । ଏ ରାଷ୍ଟ୍ର କେତେ ଶତାବ୍ଦୀର ପଛକୁ ଘୁଞ୍ଚିଗଲା । ଆପଣ ଆମମାନଙ୍କୁ ଅନାଥକରି କେଉଁ ଆଡ଼େ ଚାଲିଗଲେ ? କିଏ ବା ବୁଝିବ ଏ ଦେଶବାସୀଙ୍କର ଦୁଃଖ । ତମେ ସ୍ୱର୍ଗବାସୀ ହୁଅ । ଜଗତର ହିତପାଇଁ ଧରାପୃଷ୍ଠରେ ପୁଣି ଅବତାର ଗ୍ରହଣକର ।"

ମାତ୍ର ଶୋକପାଳନ ପକ୍ଷ ପୂରୁଣୁ ନ ପୂରୁଣୁ ହାରେମ ଅବା ଅନ୍ତଃପୁରବାସିନୀ ଏବଂ ଗଣତନ୍ତ୍ରୀ-ବାସିନୀମାନେ ବିଜିତ ବୃଷଭମାନଙ୍କର ପ୍ରଶସ୍ତ ବକ୍ଷ, ସୁବିପୁଳ ଭୁଜ,

Digitized by srujanika@gmail.com

ସୁତୀକ୍ଷ୍ଣ ଦନ୍ତ, ସୁନ୍ଦରୀଙ୍କ ଅଧର ଓ ସୁଦୃଶ୍ୟ ମୁଣ୍ଡ ସେବାରେ ବ୍ୟସ୍ତ ରୁହନ୍ତି । ତାପ ପ୍ରଶମନ ପାଇଁ ପ୍ରତାପୀମାନଙ୍କର ଉତ୍ତମ ଓ ଅଧମ ଅଙ୍ଗଗୁଡ଼ିକର ଶାସ୍ତ୍ରୀୟ ପରିଚର୍ଯ୍ୟାରେ ବୁଡ଼ିରୁହନ୍ତି । ଆକାଶର ଛାତରେ ଟୋଳା ଝୁଲୁଥିବା କଳା ମେଘମାନଙ୍କର କାରୁଣ୍ୟ ହଠାତ୍ ଅଭିଷେକ ବାଷ୍ପରେ ରୂପାନ୍ତରିତ ହୋଇଯା'ନ୍ତି । ଆମ "କାନ୍ଦଣାଳହସ୍ତ"ର ପୋଥିଗୁଡ଼ିକ ପେଟରି-ଭିତରେ କେଉଁ ଶାନ୍ତିରେ ଶୋଇପଡ଼ନ୍ତି । ପୁଣି କେବେ ଚେଇଁବାର ସୁଯୋଗକୁ ଅପେକ୍ଷା କରିଥା'ନ୍ତି । ଯେଉଁ କାରୁଣ୍ୟ ସହିତ ଆମ ପ୍ରକୃତ ଜୀବନର ସମ୍ପର୍କ ନାହିଁ, ତା'ର ସହିତ ଆମର ଅନ୍ତରଙ୍ଗ ସମ୍ବନ୍ଧ । ସେଇ ଭେଟେରନା କାରୁଣ୍ୟ ହିଁ ଯେମିତି ଆମର ଅସଲ ଜୀବନ । ଅସଲ କାରୁଣ୍ୟକୁ ଆମେ ଦର୍ପର ସହିତ ଏକ ନିରାପଦ ଦୂରତାରେ ଅଟକେଇ ରଖିଥାଉ । ତା'ର ବାଟ ଓଗାଳିବସିଥାଉ । ସେ ହଠକୁ ସତ ଆସିଗଲେ, ଆମ ସୁଖଭୋଗୀ ମନର ସକଳ ସମ୍ଭ୍ରମ ଯେମିତି ତୁଟିଯିବ । କାନ୍ଦଣାଳହସ୍ତ ସତ ହୋଇଗଲେ ଆଉ ଏକ ନୂଆ ପ୍ରକାରର ଲହସ୍ତ ଲେଖାହେବ । ଅନ୍ତଃପୁର କାମୁକ ମହୀପାଳ ଦ୍ୱାରା ଧର୍ଷିତା ହେବାର ସ୍ମୃତିକୁ ଅଧିକ ବେଦନା ବିଧୁର କରୁଥିବ । ଦସ୍ତାବିଜ୍ ଜୀବନଚର୍ଯ୍ୟାରୁ ଆମେ ମୁକ୍ତି ଖୋଜୁଥାଉ । ଅଥଚ ଅସତ୍ୟ ଅସ୍ତ୍ରର ଧାର ସୃଷ୍ଟି ପାଇଁ ଆଦୌ କୁଣ୍ଠା ପ୍ରକାଶ କରୁନା ।

ମଣିଷ ବୃଦ୍ଧମନସ୍କ ଜୀବନ ନ ବଞ୍ଚିଲେ, ଏ ଭୟଙ୍କର ସତ୍ୟକୁ ସହଜରେ ସ୍ୱୀକାର କରିପାରିବ ନାହିଁ । ବୃଦ୍ଧମନସ୍କତାର ଅନ୍ୟତମ ହିଁ ଦୁଃଖ । ସକ୍ରେଟିସ୍, ଲାଓସି, ଯୀଶୁ, ମହମ୍ମଦ, ଦାନ୍ତେ, ସ୍ପିନୋଜା ମାର୍କସ, ନିତ୍ସେ, ଟଲଷ୍ଟୟ, ଗାନ୍ଧି, ଲିଙ୍କନ, ମାର୍ଟିନ୍ ଲୁଥରକିଙ୍ଗ୍ ଏମାନେ ସମସ୍ତେ ଥିଲେ ମହାଦୁଃଖୀ । ଏମାନେ ଜୀବନ ଓ ଜଗତର ଦ୍ୱୈତ ରୂପକୁ ଅନୁଭବ କରିଥିଲେ । ଦୈତ୍ୟମାନଙ୍କର ପ୍ରକୃତ ଠିକଣା ଠାବ କରିପାରିଥିଲେ । ସେମାନଙ୍କ ଅହଙ୍କାର ହାତରେ ଝଡ଼ରେ ବଳିପଡ଼ୁଥିବା ଶ୍ରଦ୍ଧା, ପ୍ରେମ, ତ୍ୟାଗ ମୂଲ୍ୟବୋଧର ବର୍ତ୍ତମାନତାକୁ ଅନୁଭବୁଥିଲେ । ସେମାନେ ହୁଏତ ଦେଖିଥିଲେ — ବଧ ଭୂମିରେ ବନ୍ଧା ହରିଣୀ ପାଖରେ ଠିଆହୋଇଛି ଅବୋଧ ଶାବକ । କାମୀ ପ୍ରଶାସକର କରୁଣା ଭିକ୍ଷା କରୁଛି ଧର୍ଷିତା ଅବଳା । କଂସର ଖଣ୍ଡାରେ ଲୁଣ୍ଠିପଡ଼ୁଛି ସ୍ୱାଭିମାନୀ ବୀରମାନଙ୍କର ଦର୍ପିତ ମଥା । ଚକ୍ରପାଣୀ ସମ୍ମୁଖରେ ଭିକ୍ଷାଥାଳ ଧରି ଠିଆହୋଇଛି କ୍ଷୁଧା । ସମ୍ରାଟଙ୍କ ସିଂହାସନ ପାଖରେ ବସିଛି ଅଧ୍ୟାତ୍ମ-ଚେତନା-ଚିହ୍ନିତ-ଧର୍ମ । ବେଶ୍ୟାର ଅର୍ଥ ଓଟାରିନେଉଛି ମା' କୋଳରୁ ସନ୍ତାନକୁ ସବୁଦିନପାଇଁ । ପ୍ରପଞ୍ଚର ଦୁଷ୍ଟରୂପୀ ଭୂତମାନେ ବାଟଓଗାଳି ବସିଛନ୍ତି ଜୀବନର । କଳିଟି ନ ଫୁଟୁଣୁ, ଶିଶୁଟି ନ ବଢୁଣୁ, ବୟସ କୁସୁମିତ ଓ ଫଳପ୍ରସୂ ନ ହେଉଣୁ ସେମାନଙ୍କୁ ଖାଇଯାଉଛି ରୋଗ ଓ ସମସ୍ୟା । ଜୀବନ ଅଣନିଃଶ୍ୱାସୀ ହେଉଛି ଅର୍ଥ, କ୍ଷମତା ଓ ସଙ୍କୀର୍ଣ୍ଣ-ମାନସିକତାର ବନ୍ଦୀଶାଳାରେ । ଅଥଚ ବନ୍ଦୀଶାଳାର ବାହାରେ ଉଦ୍‌ଘୋଷିତ ହେଉଛି ଦୟା, କ୍ଷମା, ତ୍ୟାଗ, ପ୍ରେମ ଓ ମୂଲ୍ୟବୋଧର ସଙ୍ଗୀତ । କ'ଣ ପାଇଁ ତା' ହେଲେ ଏ ନାଟକର ସର୍ଜନା, ଜୀବନକୁ ନେଇ ଖେଳିବାର ଏତେ ଚତୁର ଅଭିନୟ ? ଯେଉଁମାନଙ୍କ

Digitized by srujanika@gmail.com

ଚେତନାରେ ଏ ପ୍ରଶ୍ନର ଭ୍ରୂଣ ସଞ୍ଚରିଛି; ସେମାନେ କେବଳ ଦୁଃଖ ପାଇଛନ୍ତି ଏବଂ ଦୁଃଖ ବିମୋଚନର ନିଦାନ ଖୋଜିଛନ୍ତି ।

ଏ ଜଗତରେ ଆମେ ସମସ୍ତେ ଦୁଃଖୀ । ଆମସବୁ ଶୁଦ୍ଧୋଦନ, ଗୋପା, ରାହୁଳ, ବିମ୍ବିସାର, ଜୀବକ, ମଧୁମନ୍ତ୍ରୀ, ରୂପଶ୍ରୀ-ମନସ୍ତମାନଙ୍କର ଦୁଃଖର କାରଣ ହୁଏତ ଭିନ୍ନ ଭିନ୍ନ ହୋଇପାରେ । ମାତ୍ର ସେମାନଙ୍କ ଅନ୍ତର୍ଗତ ବିଷାଦ ଯେମିତି ଏକ ହୋଇଯାଇଛନ୍ତି ଗୌତମଙ୍କ ଚେତନାରେ । ମହାବୀର, ସ୍ବଟାକ, ସ୍ବଙ୍କେ୍ୟଙ୍କଠାରୁ ଆରମ୍ଭକରି ନିତ୍ସେ ଓ ଶ୍ରୀ ଅରବିନ୍ଦଙ୍କ ପର୍ଯ୍ୟନ୍ତ ସାଧକମାନଙ୍କର ଅବବୋଧର ସୂତ୍ରଗ୍ରନ୍ଥିତାକୁ ମଧ୍ୟ ସ୍ମରଣ କରା-ଯାଇପାରେ । ଏମାନେ କେହି ଜୀବନବିମୁଖ ନୁହନ୍ତି; ଜୀବନବାଦୀ । ଏମାନେ କେହି ପଳାୟନବାଦୀ, ଖ୍ରୀଷ୍ଟ, ଈଶ୍ୱର ଅବିଶ୍ୱାସୀ ବାସ୍ତବାସ୍ତ ନୁହନ୍ତି; ଭୂମି-ସର୍ବସ୍ୱ ଏବଂ ସନ୍ତ-ମନସ୍କ । ସେତିକିବେଳେ ନଚିକେତାର ଗ୍ରନ୍ଥ ଫୁଲିଉଠେ, ସେତିକିବେଳେ ବୋଧିଦ୍ରୁମ ଗଗନ-ବ୍ୟାପୀ ହୁଏ, ଗରଳପାତ୍ର ହାତରେ ଧରେ ସକ୍ରେଟିସ, ଈଶ୍ୱରଙ୍କର ଅସ୍ତିତ୍ୱ ଖୋଜୁଥାଏ ନିତ୍ସେ ଏବଂ ଶ୍ରୀ ଅରବିନ୍ଦ ସାବିତ୍ରୀଙ୍କ ଚେତନାରେ ଅତିମାନସ ଶକ୍ତିର ବିଚିତ୍ର ବିସ୍ତରେ ଅଭିଭୂତ ହେଉଥାନ୍ତି, ସେତେବେଳେ ସେମାନଙ୍କ ଅନ୍ତର୍ଗତ କାରୁଣ୍ୟ ରୂପାନ୍ତରିତ ହୋଇଯାଏ ସନ୍ତମନସ୍କ-ଜୀବନବୋଧରେ । ସେଠି କ୍ଷେତ୍ରରେଖା କାରୁଣ୍ୟ ନଥାଏ, ଥାଏ କରୁଣାର ସମୁଦ୍ର । ସେ କାରୁଣ୍ୟ ସମୁଦ୍ରରେ ଥରେମାତ୍ର ସ୍ନାନକଲେ, ଆଖିରୁ ଆଉ ଲୁହ ଝରେନା । ଲୁହ-ମାନେ ଆଉ କୋଉଠି ଲୁଚିଯାନ୍ତି । ଚେତନାର ସୁନୀଳ ଆକାଶରେ ଡ଼େଣା ଖେଳୁଥାନ୍ତି ଏବଂ ଡ଼େଣା ଖେଳୁଥାନ୍ତି ଆକାଶ ଖେଳିପଡ଼ିବା ପର୍ଯ୍ୟନ୍ତ ।

ସେହିଭଳି ଏମିତି ଏକ କାରୁଣ୍ୟ ବାଲ୍ମୀକିଙ୍କ ଚେତନାକୁ ଚହଲେଇ ଦେଇଥିଲା । ତାହା କୌଣସି ଧର୍ମବିତ୍ତଙ୍କ ଜୀବନର ବୈକଲ୍ୟରୁ ଜନ୍ମ ନେଇ ନ ଥିଲା । ଜନ୍ମନେଇଥିଲା ପରିତ୍ୟକ୍ତା ସୀତାଙ୍କ ସ୍ୱାଭିମାନବୋଧରୁ । କେଉଁ ନିର୍ବୋଧ ପ୍ରଜାର ଅଭିଯୋଗକୁ ମିଥ୍ୟା ବୋଲି ପ୍ରମାଣ ନ କରି ଜଣେ ରାଜା ସ୍ୱାମୀଙ୍କପରି ଆପଣାର ପତ୍ନୀକୁ ନିର୍ବାସନପାଇଁ ପାଖରୁ ଦୂରେଇଦେଲା ପରେ, ସେଇ ନାରୀ ନିହାତି ରାଜ ଅନୁଗତ ଦେବରଙ୍କୁ କହୁଛନ୍ତି—"ଲକ୍ଷ୍ମଣ, ମୁଁ ଜାଣେ, ମୋର ସ୍ୱାମୀ ନିଜର ନିଷ୍କଳଙ୍କତା ଓ ମୋହମୁକ୍ତ ମାନସିକତାକୁ ପ୍ରମାଣ କରିବାପାଇଁ ବହୁ ପରୀକ୍ଷିତା ତାଙ୍କର ପତ୍ନୀକୁ ପରିତ୍ୟାଗ କରିଛନ୍ତି । ତମେ ଯାଅ, ମୋ ରାଜାଙ୍କୁ କହିଦେବ, ସେ ଯାହା କରିଛନ୍ତି ତା'ର ଉଚିତ ଅନୁଚିତତା ସଂକ୍ରାନ୍ତରେ ଅଧିକ ବିଚାର କରିବାର ଥିଲା ।" ବାଲ୍ମୀକିଙ୍କ ସୀତା ଜମାରୁ ଗଳାଫଟେଇ କାନ୍ଦିନାହାନ୍ତି । ଲକ୍ଷ୍ମଣଙ୍କୁ କହିନାହାନ୍ତି—"ଯାଅ, ମୋର ଅସାଧ ପତି ଦେବତାଙ୍କୁ କହିବ—ମୋର ଦେହର ପାଉଁଶରେ ପରିପୁଷ୍ଟ ଗଛର କାଠରେ ତିଆରି ପାଦୁକା ପିନ୍ଧି ମୋତେ ଧନ୍ୟ କରନ୍ତୁ" ବୋଲି । ବରଂ ଗମ୍ଭୀର କାରୁଣ୍ୟ ତାଙ୍କ ହୃଦୟକୁ

Digitized by srujanika@gmail.com

ବ୍ୟଥିତ କରିଛି । ସେଠି କୈବଲ୍ୟ ଉଦ୍ଭାସିତ ହୋଇଛି । ବିଫଳତାର କାଳିମା ତାଙ୍କୁ କାବୁକରି ପାରିନି । ସକଳଙ୍କ ଚେତନାରେ ତାଙ୍କ ଅଦୃଶ୍ୟ ଅଶ୍ରୁରେଖା ଅଲିଭାଦାଗ ସୃଷ୍ଟି କରିଛି । ତାହା ଅଶ୍ରୁ ଓ ସ୍ୱାଭିମାନର ଏକ ବିଚିତ୍ର ପରିପାକ—କରୁଣାର ଲେଖ ।

କାରୁଣ୍ୟ ସେତିକିବେଳେ ମୂର୍ତ୍ତିମନ୍ତହୁଏ, ଯେତେବେଳେ ତାହା ସ୍ୱପ୍ନର ନୂତନ ସୂର୍ଯ୍ୟକୁ ସିଂହାସନାରୂଢ଼କରେ । ମାତ୍ର ସେତିକିବେଳେ ବିଫଳହୁଏ, ଯେତେବେଳେ ସ୍ୱପ୍ନଦ୍ରଷ୍ଟାମାନେ ରକ୍ତନଦୀ ସୃଷ୍ଟିର କାରଣ ହୁଅନ୍ତି । କରୁଣାର୍ଦ୍ରମାନେ ତେତେବେଳେ ସ୍ୱପ୍ନର ଲୋହିତ ତରଙ୍ଗକୁ ହାତଠାରି ଡାକନାହାନ୍ତି । ସେମାନଙ୍କ ସ୍ୱପ୍ନ ହୋଇଛି ଶାନ୍ତି, ସୁନୀଳ, ଅହିଂସା ଓ ତ୍ୟାଗ ଭାବରେ ରମ୍ୟୋଜ୍ଜ୍ୱଳ । ମହାବୀର ଓ ବୁଦ୍ଧଙ୍କଠାରୁ ମହାତ୍ମାଙ୍କ ପର୍ଯ୍ୟନ୍ତ ସନ୍ଥ ଓ ସନ୍ଥମନସ୍କମାନେ ତାହାହିଁ ଆଚରଣ କରିଆସିଛନ୍ତି । ବିନା ରକ୍ତପାତରେ ବିପ୍ଳବ ଓ ପରିବର୍ତ୍ତନର ସ୍ୱପ୍ନ ଦେଖିଛନ୍ତି । ଅନାତ୍ମକ ଆନପଥମାନଙ୍କର ଚକ୍ରାନ୍ତରେ ବାରୁଦମୟ ଓ ବିବର୍ଣ୍ଣ ପୃଥିବୀକୁ ମୁକ୍ତକରିବା ପାଇଁ ସମରଭୂମିକୁ ଆସିଛନ୍ତି । କୁନି କୁନି କଣ୍ଢେଇରେ ହାତ ମୁଣ୍ଡରେ ବାଡ଼ିଧରି ନୃତ୍ୟକରୁଥିବା ମହା ମହା ବୀରମାନଙ୍କ ମାଦଳ-ଚେତନାକୁ ଶାନ୍ତକରିବା ଲାଗି ତପସ୍ୟା କରିଛନ୍ତି । ମାତ୍ର ସୁବିଧାବାଦୀ ବୀରମାନେ କମ୍ ତତ୍ତ୍ୱର ସ୍ୱାଦରେ ତାମସା ଭୁଆଇନାହାନ୍ତି ? ସେମାନଙ୍କ କୋଳରେ ବସି, ସେମାନଙ୍କ ପବିତ୍ର ପ୍ରାଣସତ୍ତାକୁ ବିଦାରିବାରେ ଏତେଟିକିଏ ବି କିଛୁ ଭାବିନାହାନ୍ତି । ମାତ୍ର ଜୀବନବାଦୀମାନେ ସବୁ ଜାଣି ବି, ସକଳ ସନ୍ତାପର ତାପକୁ ଶ୍ରଦ୍ଧାରସହ ସ୍ୱୀକାର କରିଛନ୍ତି । ଦୁଃଖରୁ ମୁକ୍ତିପାଇଁ ମହୌଷଧ ବିତରଣ କରିଛନ୍ତି । ମରମଣିକୁ ବରଣ କରିବାରେ ସାମାନ୍ୟ କୁଣ୍ଠା ପ୍ରକାଶକରିନାହାନ୍ତି ।

ଆମେ, ଏ ଆକମସ୍ତ ବ୍ୟବସ୍ଥାର ସୁସଜ୍ଜିତ ଖଟୁଲିରେ କେତେ ବେଶରେ ବସିଥିବା ସମାଜପତି, ଶାସନପତି, ଅର୍ଥପତି, ଧର୍ମପତି, ନ୍ୟାୟପତି, କଳାପତି ଓ ପତ୍ନୀମାନେ ଆମ ପତିତ୍ୱ ଓ ପତ୍ନୀତ୍ୱ ମୁକ୍ତିର ଦୁଃଖମାନଙ୍କୁ ଚହଲିଛୁ । ସେମାନଙ୍କ ସହ ଏକାନ୍ତ ସମ୍ଭୋଗ କାଳରେ ଅସନ୍ତୋଷର ଅନିର୍ବାଣ ତାପରେ ସନ୍ତାପିତ ହୋଇଛୁ, ବୈରାଗ୍ୟର ପାଞ୍ଜି ଲେଖିଛୁ । ଅବଶିଷ୍ଟମାନଙ୍କ ଆଗରେ କେତେ ପ୍ରବଚନ ମଣ୍ଡପର ଆୟୋଜନ କରିଛୁ । ତାପ କବଳରୁ ମୁକୁଳିବାର ନିଦାନ ଜାଣିଛୁ ଏବଂ ନିଦାନ ଆବିଷ୍କର୍ତ୍ତାମାନଙ୍କ ଜୀବନର ଭାବରୁ ଅନୁଭବିଛୁ । ଆମ କଥା, ଗୀତ, କବିତା, ଚିତ୍ର, ଦର୍ଶନ, ଭାଷଣ, ଆଚରଣରେ ଦାରୁଣ-ଦୁଃଖର କେତେ ଛବି ଦେଖେଇଛୁ । ନିଜ ଭିତରୁ ଜଗତ-ବୃତ୍ତକୁ ଡେଇଁଚି ଏବଂ ସେଠୁ ଫେରିଛୁ ନିଜ ଭିତରକୁ । ଘଡ଼ି ଘଡ଼ିକେ ବେଶ ବଦଳିଛୁ । "ହା କଷ୍ଟମ୍ ଖଳୁ ଜୀବାନାମ୍ କଳିଯୁଗେ" ବୋଲି ଚିତ୍କାର କରୁଛୁ । ଧର୍ଷିତା ଧରିତ୍ରୀକୁ ସାନ୍ତ୍ୱନା ଦେଉଛୁ । ମାତ୍ର ଏ ଆଚରଣ ସହିତ ଆମ ଅନ୍ତରର କିଛି ସମ୍ପର୍କ ଅଛି

Digitized by srujanika@gmail.com

କି ? ଏ ଧରଣୀ ହୃଦୟର ଦାରୁଣ କ୍ଷତ, କଂକାଳସାର ତାର ସନ୍ତାନମାନଙ୍କର ଭୀତସ୍ୱରୂପ, ଅହଂକାରୀ ଦୈତ୍ୟମାନଙ୍କର କ୍ଷମତା ଖେଳ, ଧର୍ମର ଖୋଳଭିତରେ ବିଧର୍ମୀମାନଙ୍କର କଳକଳା ରବ ସତରେ ଆମକୁ ସନ୍ତାପିତ କରିଛି କି ? ଦୁର୍ଯୋଧନର କାରୁଣ୍ୟକୁ ଆମେ ଅନୁଭବ କରିପାରିଛେ କି ? ନିଜେ ବଂଚୁଥିବା ଜୀବନ ଓ ଜଗତ ଭିତରେ ନିଜକୁ ସମାହିତ କରିପାରିଲେ, ନିରଞ୍ଜନା, ବୋଧିଦ୍ରୁମ, ସାବରମତି ଆମପାଇଁ ଅପହଞ୍ଚ ହୋଇ ରହିବନାହିଁ । ଆମ ଭିତରେ କେତେ ଶେଲ୍ଫରେ ବନ୍ଦିଥିବା ସୁକୁମାରିଆ ବିଷାଦମାନେ ଭାରି ଏକୁଟିଆ ଅନୁଭବକରିବେ । ସତରେ ବିଳାପକରିବେ । ଆଉ ଖେଚଡ଼ାମି କରିବେନି । ଆମ ଅହଂ ଘରଟି ଆପେ ଆପେ ଖୋଲିଯିବ । ବିଷାଦ-ମାନେ ବିନା ଡାକରାରେ ପଦାକୁ ଆସିବେ । ହସିବେ ଖେଳିବେ, ବିଚିତ୍ର ବେଶଗୁଡ଼ିକୁ ହକାଳିଦେବେ ଏବଂ କରୁଣା ଭାବରେ ଉଚ୍ଛୁଳିଉଠିବେ । ସେମାନଙ୍କ ଭିତରେ ଭେଦରେଖା କାରୁଣ୍ୟ ଆଉ ନ ଥିବ । ଦୁଃଖୀ, ଦୁଃଖିନୀ, ତାପିନୀମାନଙ୍କପାଇଁ ଆଉ କାହିଁଣୀକାହାଣୀ ଲେଖାଯିବନାହିଁ । ମୋହରମରି ବୃଷଭପ୍ରତିମ ସେବକମାନଙ୍କପାଇଁ ସ୍ୱାଗୀମାନଙ୍କ ଦ୍ୱାରା ଶୋକସଭାର ଆୟୋଜନ କରାଯିବନାହିଁ । ଶୋକ ତା ଭୂମିରେ କୋଉଠି ଥିବ । ଏ ପ୍ରପଞ୍ଚରୁ ତାକୁ କେହି ନିର୍ବାସିତ କରିପାରିବେନାହିଁ । ତାହା ସମ୍ଭବ ନୁହେଁ । ମାତ୍ର ଲୁହ ବିନ୍ଦୁ ଭିତରେ ଝଲସିଉଠୁଥିବ ପବିତ୍ର ହସର ବାଳ-ସୂର୍ଯ୍ୟ, ପ୍ରଚଣ୍ଡ ଜ୍ୱଳନ ଏବଂ ଜୀବନଦାନ ଯାହାର ଧର୍ମ ।

ମାତ୍ର ଯନ୍ତ୍ରଣା ଜଠରରୁ ଜନ୍ମନେଉଥିବା ମୁକ୍ତ ଅରୁଣାଭର ତେଜକୁ ଆମେ ସହିପାରିବୁ ତ ? ସହିପାରୁଥିଲେ ଏ ଅପଦଶା ତ୍ୱରିତ ବାରମ୍ବାର ହେଜ ନଥାନ୍ତା କି, ଅଣ୍ଟାରେ, କାନରେ ଶୋଭା ପାଉ ନଥାନ୍ତା । ଭିତରେ ଥାନ ଜମେଇଥିବା ବିଭବ-ମାନେ ଆମପର ଅଶ୍ରୁମୁଖ ଏବଂ ମୁଖୀମାନଙ୍କର ବିହ୍ୱଳତାକୁ ଛୁଗୁଲେଉ ନ ଥାନ୍ତେ । ଏବଂ ଆମେ ଅଲଜ୍ଜୁକ ଓ ଅଲଜ୍ଜୁକୀମାନେ ତା ଚଉପାଖରେ ଏତେ ରଙ୍ଗଚଙ୍ଗ, ଏତେ କୋଳାହଳ, ଏତେ ଛତରାମି କରୁନଥାନ୍ତୁ । ପତି କମ୍ବା ପତ୍ନୀ ବଞ୍ଚିବାପାଇଁ ନାଟ କରୁନଥାନ୍ତୁ ।

ବ୍ୟକ୍ତିକ କମ୍ବା ଜାଗତିକ ଦୁଃଖ ପ୍ରତ୍ୟକ୍ଷୀଭୂତ ନ ହେବା ପର୍ଯ୍ୟନ୍ତ ନାଟ ସେମିତି ଚାଲୁଥାଏ । ଗୃହ ଭାଙ୍ଗୁଥାଏ, ମିଳୁଥାଏ । ଜୀବନ ସରିଯାଉଥାଏ । ଆମେ ଯାହା କହିବାକୁ ଚାହୁଁ ହୁଏତ ତାହା କହିବାର ଶକ୍ତି ହରେଇଥାଉ । ମାତ୍ର ସେଇମାନେ କହିବାରେ ସମର୍ଥହୁଅନ୍ତି, ଯେଉଁମାନଙ୍କ ଜୀବନର ଦରଜାରେ ତାଲା ଝୁଲୁନଥାଏ, ଗବାକ୍ଷଗୁଡ଼ିକ ଥାଏ ମୁକ୍ତ । ସଭାରେ ଶୋକ ରଚିବାର ଆତୁରତା ସେମାନଙ୍କ ଭିତରେ ନ ଥାଏ । ଅଥଚ ଏ ପ୍ରପଞ୍ଚରେ ବଂଚୁଥିବାମାନଙ୍କ ମଧ୍ୟରେ ସେମାନେ ଜଣେ ଜଣେ ।

ଡକ୍‌ଟର ଗୌରାଙ୍ଗ ଚରଣ ଦାଶ

Digitized by srujanika@gmail.com

କରୁଣ ରସ ସଂକ୍ରାନ୍ତରେ କେତୋଟି ପ୍ରକାଶିତ ଆଲୋଚନା

ଉଦ୍‌ଗାତା ଗୋବିନ୍ଦଚନ୍ଦ୍ର : ଉତ୍ତରକାଣ୍ଡରେ କରୁଣରସ-ଭବଭୂତି ଓ ଗଙ୍ଗାଧର
ଝଂକାର—ସେପ୍‌ଟେମ୍ବର-୧୯୯୬

ନାୟକ କ୍ଷେତ୍ରବାସୀ : ଗଙ୍ଗାଧରଙ୍କ କାବ୍ୟ କବିତାରେ ବିରହ ଚେତନା
ନବରବି ନଭେମ୍ବର-୧୯୭୬

ଏଲିଜି ଚେମାକ ଶ୍ଲୋକ—ଆଧୁନିକ ଓଡ଼ିଆ କାବ୍ୟ

ସାହିତ୍ୟରେ ପାଶ୍ଚାତ୍ୟ ପ୍ରଭାବ—ପୁସ୍ତକଭଣ୍ଡାର, କଟକ-୨, ୧୯୭୭

ପଣ୍ଡା ଡକ୍‌ଟର ହୃଷୀକେଶ : ବିଷାଦବାଦୀ କାବ୍ୟଚେତନାର କବି ଫକୀରମୋହନ,
ଝଂକାର, ଜାନୁଆରି-୧୯୯୩

ପ୍ରଧାନ ନଗେନ୍ଦ୍ର ନାଥ : ଗଙ୍ଗାଧରଙ୍କ ରସପିପାସା—ମେହେର ସାହିତ୍ୟର ଭୂମିକା—
ଫ୍ରେଣ୍ଡସ୍ ପବ୍ଲିସର୍ସ, କଟକ-୨, ୧୯୬୭

ବିଶ୍ୱାଳ ଭଗୀରଥି : ସାମ୍ପ୍ରତିକ କବିତାରେ ବ୍ୟର୍ଥତା ଓ ନିଃସଙ୍ଗତାର ସ୍ୱର
ଝଂକାର—ଜାନୁଆରି-୧୯୭୫

ମହାପାତ୍ର ସଦାଶିବ : ନୈରାଶ୍ୟର ସୃଷ୍ଟି—ଝଂକାର, ଏପ୍ରିଲ-୧୯୭୫

ମହାନ୍ତି ଜାନକୀବଲ୍ଲଭ : ଓଡ଼ିଆରେ ଶୋକଗୀତିକା—ଝଂକାର, ଅକ୍ଟୋବର-୧୯୭୫

ଶତପଥୀ ନିତ୍ୟାନନ୍ଦ : ବିଷାଦବାଦୀ କାବ୍ୟନାୟକ ଗୁରୁପ୍ରସାଦ
ଝଂକାର—ଜାନୁଆରି-୧୯୭୭

ସୁଆର ସରୋଜ କୁମାର : ଶୋକଗୀତିକାର ସ୍ୱରୂପ, ସପ୍ତର୍ଷି—ଏପ୍ରିଲ-୧୯୭୭

ସାହୁ ଆନନ୍ଦ : କମଳାକାନ୍ତଙ୍କ କବିତାରେ ବୌଦ୍ଧିକ ଦୁଃଖବାଦ
ଝଂକାର—ମେ-୧୯୯୬

—*—

Digitized by srujanika@gmail.com